ଓଡ଼ିଆ ସାହିତ୍ୟ ଜ୍ଞାନକୋଷ

(ବୃତ୍ତିଗତ ପରୀକ୍ଷା ପାଇଁ ଏକ ସାମର୍ଥ୍ୟବର୍ଦ୍ଧକ ପୁସ୍ତକ)

Bapi

ସଂକଳକ

ଅଧ୍ୟାପକ ତାପସ କୁମାର ଜେନା

ଅଧ୍ୟାପିକା ବବିତା ମହାପାତ୍ର

ଝରଣା ସାହୁ

ପ୍ରିୟଦର୍ଶିନୀ ପଲେଇ

ନାଳନ୍ଦା

Scanned w

ଓଡ଼ିଆ BOOKS
Telegram Channel

ବିଷୟସୂଚୀ

- ପ୍ରସଙ୍ଗ ବିଶ୍ଳେଷଣ ୯
- ଭାଷା ୧୮
- ଲିପି ୨୩
- ବ୍ୟାକରଣ, ଅଳଙ୍କାର ଓ ଛନ୍ଦ ୨୮
- ଲୋକସାହିତ୍ୟ ୫୨
- ଶ୍ରୀଜଗନ୍ନାଥ ସାହିତ୍ୟ ୬୭
- ଚର୍ଯ୍ୟାଗୀତିକା ୮୩
- ଅଭିଲେଖ ୯୦
- ନାଥ ସାହିତ୍ୟ ଓ ଶୈବ ସାହିତ୍ୟ ୯୩
- ମାଦଳାପାଞ୍ଜି ୯୮
- ସାରଳା ସାହିତ୍ୟ ୧୦୪
- ପଞ୍ଚସଖା ସାହିତ୍ୟ ୧୧୬
- ପ୍ରାକ୍ ରୀତି ୧୨୯
- ରୀତି ସାହିତ୍ୟ ୧୩୫
- ପ୍ରାଚୀନ ଗୀତିକବିତା (କୋଇଲି, ଚଉତିଶା) ୧୬୨
- ପ୍ରାଚ୍ୟ ସାହିତ୍ୟତତ୍ତ୍ୱ ୧୭୧
- ପାଶ୍ଚାତ୍ୟ ସାହିତ୍ୟତତ୍ତ୍ୱ ୧୮୦
- ଆଧୁନିକ ଗୀତିକବିତା ୨୦୦
- ପତ୍ରପତ୍ରିକା ୨୦୪
- ରଙ୍ଗମଞ୍ଚ ୨୧୬
- ନାଟକ ୨୨୦

Scanned with CamScanner

- ଏକାଙ୍କିକା ୨୫୭
- ଗଳ୍ପ ୨୫୯
- ଉପନ୍ୟାସ ୨୮୦
- କବିତା ୩୦୪
- ଚରିତ ଓ ଜୀବନୀ ସାହିତ୍ୟ ୩୪୧
- ଭ୍ରମଣ ସାହିତ୍ୟ ୩୫୩
- ଅନୁବାଦ ସାହିତ୍ୟ ୩୬୦
- ଶିଶୁସାହିତ୍ୟ ୩୬୭
- ପ୍ରବନ୍ଧ ଓ ସମାଲୋଚନା ସାହିତ୍ୟ ୩୭୫
- ତୁଳନାତ୍ମକ ସାହିତ୍ୟ ୪୦୦
- ଗବେଷଣା ପ୍ରବିଧି ୪୦୨
- ସାହିତ୍ୟିକଙ୍କ ଛଦ୍ମନାମ ୪୦୪
- ସାରସ୍ୱତ ସମ୍ମାନ ଓ ପୁରସ୍କାର ୪୦୭
- ଉପାଧି ୪୩୫
- ଓଡ଼ିଆ ସାହିତ୍ୟର ପ୍ରଥମ ୪୩୬
- ବିଶେଷ ସୂଚନା ୪୩୯
  - ଉତ୍କଳ ସାହିତ୍ୟ ସମାଜ
  - ସାହିତ୍ୟ ଅକାଦେମି ଓଡ଼ିଆ ଭାଷା ପରାମର୍ଶଦାତା ପରିଷଦ
  - ଓଡ଼ିଶା ସାହିତ୍ୟ ଏକାଡେମୀ
  - ଓଡ଼ିଶାର ଅଗ୍ରଣୀ ସଂଗଠନର ବିବରଣୀ
  - ବ୍ୟାକରଣକାରଙ୍କ ତାଲିକା
  - ଅଭିଧାନ ରଚୟିତାଙ୍କ ତାଲିକା
  - କେତେଗୁଡ଼ିଏ ଓଡ଼ିଆ ଶବ୍ଦର ଇଂରାଜୀ ଭାବପ୍ରକାଶକ ଶବ୍ଦ

●

ପ୍ରସଙ୍ଗ ବିଶ୍ଳେଷଣ

ଅଳଙ୍କାର :

କାବ୍ୟ, କବିତାକୁ ସୁନ୍ଦର ଓ ଅର୍ଥମୟ କରିବା ପାଇଁ କବିମାନେ ଅଳଙ୍କାରର ବ୍ୟବହାର କରନ୍ତି । ନାରୀ ଯେପରି ଅଳଙ୍କାର ପିନ୍ଧିଲେ ସୁନ୍ଦର ଦିଶେ କାବ୍ୟକୁ ସେପରି ଅଳଙ୍କାର ପିନ୍ଧାଇ ଅର୍ଥମୟ କରିବାକୁ କବି ଇଚ୍ଛା କରିଥାଏ । ଅର୍ଥ ଅଳଙ୍କାର ଓ ଶବ୍ଦ ଅଳଙ୍କାର ଭିତ୍ତିରେ ଅଳଙ୍କାର ଦୁଇ ଭାଗରେ ବିଭକ୍ତ । ଓଡ଼ିଆ ରୀତି କାବ୍ୟମାନଙ୍କରେ ଅଳଙ୍କାରର ବ୍ୟାପକ ପ୍ରୟୋଗ ଘଟିଛି ।

ଅକ୍ଷର :

ଗୋଟିଏ ଭାଷାକୁ ଲେଖିବା ପାଇଁ ଯେଉଁ ବର୍ଣ୍ଣର ଆବଶ୍ୟକତା ପଡ଼େ, ତାହାକୁ ଅକ୍ଷର କୁହାଯାଏ । ଧ୍ୱନିର ଲିଖିତ ରୂପ ହିଁ ବର୍ଣ୍ଣ । ଧ୍ୱନି ସେଥିରେ ବର୍ଣ୍ଣିତ ହୁଏ ବୋଲି ଏହାକୁ ବର୍ଣ୍ଣ କୁହାଯାଏ । ବର୍ଣ୍ଣଗୁଡ଼ିକର କ୍ଷୟ ନ ଥିବାରୁ ଏହା ଅକ୍ଷର ରୂପେ ମଧ୍ୟ ପରିଚିତ । ଓଡ଼ିଆରେ ୪୯ଟି ବର୍ଣ୍ଣର ବ୍ୟବହାର ରହିଛି । ଏହି ୪୯ଟି ବର୍ଣ୍ଣର ଧ୍ୱନି କିନ୍ତୁ ୪୯ ନୁହେଁ । ଓଡ଼ିଆରେ ୧୧ଟି ସ୍ୱରବର୍ଣ୍ଣ ଓ ୩୫ଟି ବ୍ୟଞ୍ଜନବର୍ଣ୍ଣ ଓ ୩ଟି ଅଯୋଗବାହ (ଂ, ଁ, ଃ) ବର୍ଣ୍ଣ ରହିଛି ।

ଆର୍କିଟାଇପ୍ :

ସୃଷ୍ଟିର ପ୍ରାରମ୍ଭ କାଳରୁ ଏପରି କିଛି ଶକ୍ତି ରହିଛି, ଯାହାର କ୍ଷୟ ନାହିଁ । ଏହା ସବୁ ସମୟରେ ମାନବ ସଭ୍ୟତା ଓ ବିଶ୍ୱ ବ୍ରହ୍ମାଣ୍ଡକୁ ପ୍ରେରିତ କରି ଆସୁଛନ୍ତି । ସମୟ ପରିବର୍ତ୍ତନଶୀଳ ଅଥଚ ଏମାନେ ଅପରିବର୍ତ୍ତନୀୟ । ମାଟି, ପାଣି, ଅଗ୍ନି, ଆକାଶ, ମାଟି, ସୂର୍ଯ୍ୟ, ଚନ୍ଦ୍ର, ତାରାପୁଞ୍ଜ ଆର୍କିଟାଇପ୍ ଭାବରେ ସ୍ୱୀକୃତ । ଓଡ଼ିଆରେ ଏସବୁକୁ ଆଦିକଳ୍ପ ବୋଲି କୁହାଯାଏ । ଆଦିକଳ୍ପଗୁଡ଼ିକ ଆମର ନିରନ୍ତର ଶାଶ୍ୱତ ମୂଲ୍ୟବୋଧ ଓ ଉଜ୍ଜୀବନ ଶକ୍ତିର ବାହକ ।

Scanned with CamScanner

ଉପନ୍ୟାସ :

ଉପନ୍ୟାସର ପରିସର ବ୍ୟାପକ । ଏଥିରେ ଏକାଧିକ ଚରିତ୍ର ଓ କାହାଣୀର ଅବତାରଣା କରାଯାଇଥାଏ । ଗୋଟିଏ ମୁଖ୍ୟ କାହାଣୀ ସହ ଏକାଧିକ ଉପକାହାଣୀ ଏଥିରେ ଥାଏ । ଏହାକୁ ଚରିତ୍ରର ଚିତ୍ରଶାଳା କୁହାଯାଏ । କଥାକାର ଏକ ନିର୍ଦ୍ଦିଷ୍ଟ ସମୟଖଣ୍ଡ, ଘଟଣା ପ୍ରବାହକୁ ଉପନ୍ୟାସ ଭାବରେ ଚିତ୍ରଣ କରିଥାଆନ୍ତି । ଉପନ୍ୟାସ ଜୀବନର ମହାକାବ୍ୟ । ଏହା ମହାକାଳର ପ୍ରତିନିଧିତ୍ୱ କରିଥାଏ । ଗଳ୍ପ ବର୍ଷାବୁନ୍ଦା ହେଲେ ଉପନ୍ୟାସ ସେହି ବୁନ୍ଦା ବୁନ୍ଦା ପାଣିରୁ ପ୍ରବାହିତ ନଦୀ ସଦୃଶ ।

ଉପଭାଷା :

ଉପଭାଷାକୁ ଆଞ୍ଚଳିକ ଭାଷା ଓ ବିଭାଷା ବୋଲି କୁହାଯାଉଥିଲେ ମଧ୍ୟ ଏହାର ସ୍ୱତନ୍ତ୍ରତା ରହିଛି । ଏକ ବୃହତ୍ ଭାଷା ବ୍ୟବହାରକାରୀ ଗୋଷ୍ଠୀ ମଧ୍ୟରେ ଅଞ୍ଚଳ ଓ ଜାତି ଆଧାରରେ ପ୍ରଚଳିତ ସ୍ୱତନ୍ତ୍ର ଭାଷାକୁ ଉପଭାଷା କୁହାଯାଏ । ମୂଳଭାଷା ସହ ଏହାର ସମ୍ପର୍କ ଥିଲେ ମଧ୍ୟ କେତେକ କ୍ଷେତ୍ରରେ ଏଥିରେ ସ୍ୱତନ୍ତ୍ରତା ଥାଏ ।

ଏକାଙ୍କିକା :

ପାଞ୍ଚଅଙ୍କର ନାଟକ ବଦଳରେ ଏକ ଅଙ୍କର ନାଟକକୁ ଏକାଙ୍କିକା କୁହାଯାଏ। ଏକାଙ୍କିକାର ପରିବେଷଣ ସମୟ ସଂକ୍ଷିପ୍ତ । ଏଥିପାଇଁ ଏଥିରେ ଗୋଟିଏ କାହାଣୀ ଓ ଅଳ୍ପ ଚରିତ୍ର ଥାଆନ୍ତି । ସ୍ୱଳ୍ପ ସମୟ ଭିତରେ ମାତ୍ରାଧିକ ମନୋରଞ୍ଜନ କରିବା ଏକାଙ୍କିକାର ଉଦ୍ଦେଶ୍ୟ ।

କବିତା :

ଛନ୍ଦୋବଦ୍ଧ ରଚନାକୁ କବିତା କୁହାଯାଇଥାଏ । କବିତା କବି ହୃଦୟର ସ୍ୱତଃସ୍ଫୂର୍ତ୍ତ ଉଦ୍‌ବେଳନ । କବିତା ସାହିତ୍ୟର ସବୁଠାରୁ ମନୋରମ ଓ ସୂକ୍ଷ୍ମବିଭାଗ । କବି ସଚେତନ ଭାବରେ ସୀମିତ ଶବ୍ଦ ମଧ୍ୟରେ ନିଜର ଭାବବ୍ୟକ୍ତ କରିଥାଏ । ବିନ୍ଦୁ ମାଧ୍ୟମରେ ସିନ୍ଧୁର ଦର୍ଶନ କରାଇବା କବିତାର ଉଦ୍ଦେଶ୍ୟ । ବାସ୍ତବତା ଓ କଳ୍ପନାର ସମନ୍ୱୟରେ କବିତାର ଶରୀର ନିର୍ମାଣ କରାଯାଏ ।

କୋଇଲି :

କୋଇଲି କବିତାକୁ 'ଦୂତକାବ୍ୟ' ଓ 'ସନ୍ଦେଶକାବ୍ୟ' କୁହାଯାଏ । କୋଇଲିକୁ ମାଧ୍ୟମ କରି ନିଜ ହୃଦୟର ଭାବବ୍ୟକ୍ତ କରିଥାଏ । ପ୍ରତି ପାଦର ଶେଷରେ ବା ଆଦ୍ୟରେ କୋଇଲିକୁ ସମ୍ବୋଧନ କରାଯାଇଥାଏ । 'କୋଇଲି' କବିତା ଓଡ଼ିଆ ସାହିତ୍ୟର ନିଜସ୍ୱ ପ୍ରାଚୀନ ସମ୍ବୋଧନମୂଳକ କବିତା ରୂପେ ଗ୍ରହଣୀୟ ।

ଗଳ୍ପ :

ଲୋକକାହାଣୀ ପରମ୍ପରାରୁ କାଳକ୍ରମେ ଆଧୁନିକ ଗଳ୍ପର ସୃଷ୍ଟି । ଗୋଟିଏ କାହାଣୀକୁ ଅଭିନବ ଶୈଳୀରେ ଉପସ୍ଥାପନା କରାଯାଇ ଗଳ୍ପ ଶେଷରେ ଉତ୍କଣ୍ଠା ସୃଷ୍ଟି କରାଯାଇ ପାଠକକୁ ଆକୃଷ୍ଟ କରାଯାଇଥାଏ । କାହାଣୀ, ଚରିତ୍ରର ସହଭାଗିତାରେ ଗଳ୍ପ ସୃଷ୍ଟି ହୋଇଥାଏ । ଗଳ୍ପର ପରିସର ସୀମିତ ।

ଗାଥାକବିତା :

ଗାଥା କବିତା ଗାନଧର୍ମୀ । ଏଥିରେ ଗୋଟିଏ ବ୍ୟକ୍ତି ବା ଜାତିର କାହାଣୀ ଅବତାରଣା କରାଯାଇଥାଏ । ଜାତୀୟଭାବନା, ରାଷ୍ଟ୍ରପ୍ରୀତି ସହ କାରୁଣ୍ୟ ଓ ଶୃଙ୍ଗାର ଭାବ ମଧ୍ୟ ଗାଥାକବିତା ମାଧ୍ୟମରେ ପ୍ରକାଶ ପାଇଥାଏ । ଏପରି କବିତାରେ କାହାଣୀ ଭାଗ ବଳିଷ୍ଠ ହୋଇଥାଏ । ଅନ୍ୟ କବିତାମାନଙ୍କ ଅପେକ୍ଷା ଏହା ଆକାରରେ ଦୀର୍ଘ ହୋଇଥାଏ ।

ଚଉତିଶା :

'କ'ଠାରୁ 'କ୍ଷ' ପର୍ଯ୍ୟନ୍ତ ଚଉତିରିଶି ଗୋଟି ବ୍ୟଞ୍ଜନବର୍ଣ୍ଣକୁ କ୍ରମାନ୍ୱୟରେ ଆଦ୍ୟରେ ରଖି କବିତା ରଚନା କରିବାକୁ ଚଉତିଶା କୁହାଯାଏ । କ୍ଷ ଠାରୁ କ ପର୍ଯ୍ୟନ୍ତ ଓଲଟ ରୀତିରେ ଚଉତିଶା ରଚନାକୁ ଓଲଟ ଚଉତିଶା କୁହାଯାଏ । ସେହିପରି ଉପରୁ ଗୋଟିଏ ଓ ନିମ୍ନରୁ ଗୋଟିଏ (କ+କ୍ଷ) ବର୍ଣ୍ଣକୁ କ୍ରମାନ୍ୱୟରେ ରଖି ଚଉତିଶା ରଚନାକୁ ମେଷଯୁଦ୍ଧ ଚଉତିଶା କୁହାଯାଏ ।

ଚଉପଦୀ :

କ୍ଷୁଦ୍ର ଓଡ଼ିଆ ଗୀତିକାଗୁଡ଼ିକୁ ସ୍ୱରରେ ଗାନ କରିବାକୁ ଚଉପଦୀ କୁହାଯାଏ । ଏସବୁ ଗୀତିକାଗୁଡ଼ିକ ଗାନ ପାଇଁ ଉଦ୍ଦିଷ୍ଟ ଅଟେ । ଏହି ଚଉପଦୀରୁ କାଳକ୍ରମେ ଓଡ଼ିଶୀ ସଙ୍ଗୀତର ବିକାଶ ଘଟିଛି ।

ଚତୁର୍ଦ୍ଦଶପାଦୀ କବିତା :

ଚତୁର୍ଦ୍ଦଶପାଦୀ କବିତା ଇଂରାଜୀ ଗୀତି କବିତାର ଏକ ପ୍ରତିଷ୍ଠିତ କଳା ପ୍ରକରଣ । ୧୪ ଧାଡ଼ି ଭିତରେ କବି ନିଜର ଭାବବ୍ୟକ୍ତ କରିଥାଏ । ଏହାର ପ୍ରଥମ ଆଠଧାଡ଼ିକୁ

ଅଷ୍ଟକ ଓ ଶେଷ ଛଅଧାଡ଼ିକୁ ଷଷ୍ଟକ କୁହାଯାଏ । ଏହାର ଗଠନରୀତିରେ ସଂହତି ଓ ପଦଶେଷର ଅକ୍ଷରର ଯତିପାତ ଯୋଗୁ ଏହା ଅଧିକ ପାଠକପ୍ରିୟ । ପରିମିତ ପରିସରରେ ଗୀତିମୟତା ସହ ଏହି କବିତାକୁ ରଚନା କରିବାକୁ ପଡ଼ିଥାଏ ।

ଚମ୍ପୂ :

ଗଦ୍ୟ ଓ ପଦ୍ୟର ସମନ୍ୱୟାତ୍ମକ ରଚନାକୁ ଚମ୍ପୂ କୁହାଯାଏ । ଓଡ଼ିଆ ଚମ୍ପୂରେ ଚଉତିରିଶି ବ୍ୟଞ୍ଜନ ବର୍ଣ୍ଣକୁ କ୍ରମାନ୍ୱୟରେ ରଖି ଚମ୍ପୂ ରଚନା କରାଯାଇଛି । ପ୍ରତି ବ୍ୟଞ୍ଜନବର୍ଣ୍ଣର ଆରମ୍ଭରେ ଦୁଇ ଧାଡ଼ିର କାବ୍ୟିକ ଶବ୍ଦ ପ୍ରୟୋଗ କରାଯିବା ଓଡ଼ିଆ ଚମ୍ପୂରେ ଲକ୍ଷ୍ୟ କରାଯାଏ ।

ଚିଟାଉ :

ପତ୍ର ଆକାରରେ ପ୍ରିୟଜନଙ୍କ ପାଖକୁ ରଚନା କରାଯାଉଥିବା କ୍ଷୁଦ୍ର କବିତାକୁ ଚିଟାଉ କୁହାଯାଏ । କବିର ଭାବନା ଓ ଆବେଗର ଏହା ଏକ ମଧୁର ମିଶ୍ରକଳା। ରୀତିଯୁଗୀୟ କାବ୍ୟରେ ଅନେକ ଉତ୍କୃଷ୍ଟ ଚିଟାଉ ଦେଖିବାକୁ ମିଳେ ।

ଚିତ୍ରକଳ୍ପ :

କଳ୍ପନାରେ ଏକ ଶବ୍ଦ ଚିତ୍ର ଆଙ୍କି ତାହାକୁ ଶବ୍ଦରେ ଅଙ୍କା ଯାଉଥିବା ସାହିତ୍ୟ ଭିତରେ ପ୍ରକାଶ କରିବାକୁ ଚିତ୍ରକଳ୍ପ କୁହାଯାଏ । ଲେଖକ ଯେଉଁଠି ନିଜର ଭାବନାକୁ ଶବ୍ଦରେ ପ୍ରକାଶ କରିବାକୁ ଅସମର୍ଥ ହୁଏ, ସେଇଠି ଚିତ୍ରକଳ୍ପ ପ୍ରୟୋଗ କରି ନିଜର ଭାବବୋଧ ବ୍ୟକ୍ତ କରିଥାଏ । ଚିତ୍ରକଳ୍ପର ସଂଯୋଜନା ଯୋଗୁ ସର୍ଜନଶୀଳ ସାହିତ୍ୟ ଅଧିକ ପ୍ରାଣବନ୍ତ ହୋଇଥାଏ ।

ଜଣାଣ :

ଭଗବାନଙ୍କ ନିକଟରେ ଭକ୍ତ ନିଜର ମନକଥା, ଅପ୍ରାପ୍ତି, ଅସନ୍ତୋଷ ଓ ଇଚ୍ଛାକୁ ଜଣାଇବା ଉଦ୍ଦେଶ୍ୟରେ ଯେଉଁସବୁ ଗୀତଗୁଡ଼ିକ ରଚନା କରାଯାଇଥାଏ ତାହାକୁ ଜଣାଣ କୁହାଯାଏ । ଭକ୍ତ ନିଜର ମନବାଞ୍ଛା ଗୀତ ମାଧ୍ୟମରେ ଈଶ୍ୱରଙ୍କ ନିକଟରେ ଉପସ୍ଥାପନ କରିଥାଏ ।

ଟାଇପ୍ :

ଲୋକକଥାର ଗଳ୍ପଭାଗଟି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଗଳ୍ପକଥକଙ୍କଦ୍ୱାରା ପରିବର୍ତ୍ତିତ ହୋଇଥାଏ । ଉପସ୍ଥାପନା ଶୈଳୀରେ ସର୍ଜନଶୀଳତା ଓ ସ୍ୱତନ୍ତ୍ରତା ଯୋଗୁ

ଏପରି ଘଟିଥାଏ । ଲୋକକଥାର ଏହି ଆଙ୍ଗିକ ସ୍ତରର ପରିବର୍ତ୍ତିତ ବ୍ୟବହାରକୁ କଥାରୂପ ବା Type କୁହାଯାଏ ।

ତତ୍ସମ :

ସଂସ୍କୃତ ଭାଷାରୁ ଯେଉଁ ଶବ୍ଦ ସିଧାସଳଖ ଭାବରେ ଓଡ଼ିଆ ଭାଷାରେ ବ୍ୟବହୃତ ହେଉଛି ତାହାକୁ ତତ୍ସମ ଶବ୍ଦ କୁହାଯାଏ । (ପିତା, ମୁଦ୍ରା, ବିଦ୍ୟା, ଶ୍ରୀମତୀ) । ତଦ୍ଭବ ଶବ୍ଦ : ସଂସ୍କୃତ ଭାଷାରେ ଓଡ଼ିଆ ଭାଷାକୁ ଆସିବା ବେଳେ ଯେଉଁ ସଂସ୍କୃତ ଶବ୍ଦ ଅପଭ୍ରଂଶ ହୋଇ ଓଡ଼ିଆ ଭାଷାରୁ ବ୍ୟବହୃତ ହେଉଛି ତାହାକୁ ତଦ୍ଭବ ଶବ୍ଦ କୁହାଯାଏ । (ଅଦ୍ୟ-ଆଜି, କର୍ମକାର-କମାର)

ଦେଶଜ ଶବ୍ଦ :

ଯେଉଁ ଶବ୍ଦଗୁଡ଼ିକ ସଂସ୍କୃତରୁ ଆସି ନାହିଁ କି ତା'ର କୌଣସି ବିଦେଶୀ ଭାଷା ସହ ସମ୍ପର୍କ ନାହିଁ, ସେପରି ଶବ୍ଦକୁ ଦେଶଜ ଶବ୍ଦ ବୋଲି କୁହାଯାଏ । ଏହା ଗୋଟିଏ ଭାଷାର ମୌଳିକ ଶବ୍ଦ ରୂପେ ପରିଚିତ । (ତନ୍ତି, ତାଟି, ପୁଆଣି)

ଧ୍ୱନିଗ୍ରାମ ବିଜ୍ଞାନ :

ଧ୍ୱନିଗ୍ରାମ ବିଜ୍ଞାନରେ ଉଚ୍ଚାରିତ ଧ୍ୱନିଗୁଡ଼ିକୁ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରାଯାଇ ଧ୍ୱନିଗ୍ରାମ (Phonemie)ଗୁଡ଼ିକର ନିର୍ଣ୍ଣୟ କରାଯାଇଥାଏ । ଲିପି ଓ ବର୍ଣ୍ଣ ପାଇଁ ଧ୍ୱନିଗ୍ରାମଗୁଡ଼ିକର ଚିହ୍ନଟ ପ୍ରକ୍ରିୟା ଧ୍ୱନିଗ୍ରାମ ବିଜ୍ଞାନଦ୍ୱାରା କରାଯାଇଥାଏ ।

ଧ୍ୱନିବିଜ୍ଞାନ :

ଧ୍ୱନିବିଜ୍ଞାନରେ ଏକ ନିର୍ଦ୍ଦିଷ୍ଟ ଭାଷାର ଧ୍ୱନିମାନଙ୍କର ସ୍ୱରୂପ ଓ ଅବସ୍ଥିତି ସମ୍ପର୍କରେ ଅଧ୍ୟୟନ କରାଯାଇଥାଏ । ଭାଷଣଧ୍ୱନି (Speech Sound)ଗୁଡ଼ିକର ସ୍ୱରୂପ ସମ୍ପର୍କରେ ଏଥିରେ ଅଧ୍ୟୟନ କରାଯାଇଥାଏ ।

ନାଟକ :

ନାଟକକୁ ଦୃଶ୍ୟକାବ୍ୟ କୁହାଯାଏ । ଅଭିନୟ ଏହାର ପ୍ରଧାନ ଅଙ୍ଗ । ନାଟକରେ ଏକ ମୁଖ୍ୟ କାହାଣୀ ସହ ଏକାଧିକ କାହାଣୀର ଏକମୁଖୀନତା ଥାଏ । ଏହା ପାଞ୍ଚଅଙ୍କ ବା ତିନିଅଙ୍କ ବିଶିଷ୍ଟ ହୋଇପାରେ । ଏକ କାହାଣୀକୁ ଅଭିନୟ ମାଧ୍ୟମରେ ଉପସ୍ଥାପନ କରିବା ନାଟକର ଉଦ୍ଦେଶ୍ୟ ।

Scanned with CamScanner

ପୋଇ :

ପୋଇ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାବାଚକ ଗୀତିକା । ସୀମିତ ପଦ ମଧ୍ୟରେ ହୃଦୟାବେଗ ବର୍ଣ୍ଣନା କରିବା ପାଇଁ ଏହା ଏକ ଉତ୍କୃଷ୍ଟ କାବ୍ୟ ପ୍ରକରଣ । ଓଡ଼ିଆ କବିତାରେ 'ଦଶପୋଇ', 'ଷୋଳପୋଇ', 'ବାରପୋଇ', 'ସପ୍ତପୋଇ' ଆଦି ରଚନା କରାଯାଇଛି ।

ପ୍ରକୃତି କବିତା :

ପ୍ରାକୃତିକ ଦୃଶ୍ୟରାଜିକୁ କେନ୍ଦ୍ର କରି ଏପରି କବିତା ରଚନା କରାଯାଇଥାଏ । ଗୋଟିଏ ପ୍ରାକୃତିକ ସ୍ଥାନର ଶୋଭାରାଜି ସହ ତା'ର ଐତିହ୍ୟ ଓ ଇତିହାସକୁ ମଧ୍ୟ ଏଥିରେ ଆକଳନ କରାଯାଇଥାଏ । ରାଧାନାଥଙ୍କ 'ଚିଲିକା' ଏହି ଧରଣର ରଚନା ।

ପ୍ରତୀକ :

ପ୍ରତୀକ ଏକ କାବ୍ୟାସ୍ତ୍ର ଯାହାଦ୍ୱାରା ପାଠକକୁ ଏକ ରହସ୍ୟମୟ ଜଗତକୁ ଯାତ୍ରା କରିବାର ସୁଯୋଗ ମିଳିଥାଏ । ପ୍ରତୀକର ଅର୍ଥ ସୂଚନା । କବିତାରେ ପ୍ରତୀକ ପ୍ରୟୋଗଦ୍ୱାରା ଏହାର ଭାବନାକୁ ବିସ୍ତାର ମିଳିଥାଏ । ବ୍ୟଞ୍ଜନା, ରହସ୍ୟମୟତାର ପ୍ରୟୋଗ ଘଟିଥାଏ । କବିତା ମୂଳପାଠରୁ ଆଉ ଏକ ଭାବରାଜ୍ୟକୁ ଗତି କରିଥାଏ । ଦୃଶ୍ୟ ଜଗତ ସହ ଅଦୃଶ୍ୟ ଜଗତର ସମନ୍ୱୟ ପ୍ରତୀକଦ୍ୱାରା ସମ୍ଭବ ହୋଇଥାଏ ।

ପ୍ରବନ୍ଧ :

ପ୍ରକୃଷ୍ଟ ବନ୍ଧନକୁ ପ୍ରବନ୍ଧ ବୋଲି କୁହାଯାଏ । ଗଦ୍ୟ ରଚନାର ଏହା ଏକ ଉତ୍କୃଷ୍ଟ ବିଭାଗ । ସମାଜରେ ଘଟୁଥିବା ବିଭିନ୍ନ ଘଟଣାବଳୀକୁ ପ୍ରବନ୍ଧ ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ । ପ୍ରବନ୍ଧକୁ ମନ୍ମୟ ଓ ତନ୍ମୟ ଭେଦରେ ବିଭକ୍ତ କରାଯାଇଥାଏ ।

ପ୍ରେମ କବିତା :

ପ୍ରେମ ହୃଦୟର ସମ୍ପତ୍ତି । ହୃଦୟକୁ ଆନ୍ଦୋଳିତ କରୁଥିବା ପ୍ରିୟ ବା ପ୍ରିୟାର ଉଦ୍ଦେଶ୍ୟରେ ଯେଉଁ କବିତା ରଚନା କରାଯାଏ ତାକୁ ପ୍ରେମ କବିତା କହନ୍ତି । ଏଥିରେ ସୌନ୍ଦର୍ଯ୍ୟ, କଳ୍ପନା, ଆବେଗ ଓ ଭାବପ୍ରବଣତାର ସମନ୍ୱୟ ଘଟିଥାଏ ।

ବୈଦେଶିକ ଶବ୍ଦ :

ଭାରତରେ ବିଭିନ୍ନ ସମୟରେ ମୋଗଲ, ଇଂରେଜ, ଡଚ୍, ଓଲନ୍ଦାଜମାନେ ଶାସନ କରୁଥିବାରୁ ସେମାନଙ୍କ ଭାଷାର କେତେକ ଶବ୍ଦ ଓଡ଼ିଆ ଶବ୍ଦ ଭଣ୍ଡାରରେ ଦେଖିବାକୁ ମିଳେ । ଏହିସବୁ ଶବ୍ଦଗୁଡ଼ିକୁ ବୈଦେଶିକ ଶବ୍ଦ କୁହାଯାଏ ।

ଆରବୀ ଶବ୍ଦ	– ଅଦାଲତ, ଆଇନା, ସବାରି, ଓଜନ
ପାରସିକ ଶବ୍ଦ	– ଅମିନ, କଲମ, ଖଜଣା, ଖବର
ତୁର୍କୀ ଶବ୍ଦ	– ବାରୁଦ, ବିବି, କୁଲି, ତୋପ
ପର୍ତ୍ତୁଗୀଜ ଶବ୍ଦ	– ଆଲକାତରା, ଗିର୍ଜା, କଫି, ବୋତାମ
ଇଂରାଜୀ ଶବ୍ଦ	– କପ୍, ଅଫିସ୍, ଅର୍ଡ଼ର, ଜଜ୍ ।

ଭଜନ :

ଭଗବାନ ବା ନିଜ ନିଜର ଇଷ୍ଟଦେବ ଦେବୀଙ୍କ ଗୁଣ କୀର୍ତ୍ତନ କରିବାକୁ ଭଜନ କୁହାଯାଏ । ଭକ୍ତର ନିଃସର୍ତ୍ତ ସମର୍ପଣ ଏହିସବୁ ଗୀତାରେ ପ୍ରକାଶ ପାଇଥାଏ । ଭକ୍ତର ନିଷ୍କାମ ଭକ୍ତିକୁ ଆଧାର କରି ରଚିତ ଗୀତଗୁଡ଼ିକୁ ଭଜନ କୁହାଯାଏ ।

ମନାସ :

ମନାସ ଏକ ପ୍ରଶ୍ନ-ଉତ୍ତରଭିତ୍ତିକ କବିତା ରଚନାର ପ୍ରକରଣ । ଏଥିରେ କବି ଓ ପାଠକ ପ୍ରଶ୍ନକର୍ତ୍ତା ଓ ପାଠକ ଭାବରେ ଉପସ୍ଥିତ ରୁହନ୍ତି । କବି ପାଠକର ଉତ୍କଣ୍ଠାକୁ ପ୍ରଶମିତ କରିବାକୁ ଭିନ୍ନ ଭିନ୍ନ ସଂଖ୍ୟାଭିତ୍ତିକ, ପୁଷ୍ପଭିତ୍ତିକ, ପଶୁପକ୍ଷୀ ଭିତ୍ତିକ ପ୍ରଶ୍ନ ପଚାରି ଯାହା ଉତ୍ତର ପାଏ, ସେହି ଉତ୍ତର ଆଧାରରେ ପାଠକର ମନସ୍ତାତ୍ତ୍ୱିକ ପ୍ରଶ୍ନର ଉତ୍ତର କବିତା ମାଧ୍ୟମରେ ଦେଇଥାଏ । ପାଠକର ମାନସିକ ସ୍ଥିତିର ବିଶ୍ଳେଷଣ ଏଥିରେ କରାଯାଉଥିବାରୁ ଏହାକୁ ମନାସ କୁହାଯାଏ ।

ମାନକ ଭାଷା :

ଗୋଟିଏ ଭାଷାକୁ କେନ୍ଦ୍ରକରି ସେହି ଭାଷାର ଲିଖିତ ରୂପକୁ ମାନକ ଭାଷା କୁହାଯାଏ । ଶହ ଶହ ବର୍ଷ ଧରି କଥିତ ଭାଷା ପରିମାର୍ଜିତ ହୋଇ ମାନକ ଭାଷାରେ ପରିଣତ ହୋଇଥାଏ । ଏହି ଭାଷାରେ ସାହିତ୍ୟ, ଶିକ୍ଷାଦାନ ଓ ଲିଖନ ପ୍ରକ୍ରିୟା ସମ୍ପନ୍ନ ହୋଇଥାଏ । ଭାଷାଭାଷୀମାନେ ରହୁଥିବା ଭୌଗୋଳିକ ପରିସରରେ ସମସ୍ତେ ଏହି ଭାଷାକୁ ବୁଝୁଥିବାରୁ ଏହାକୁ ମାନକ ଭାଷା (Standard Language) କୁହାଯାଏ ।

ମିଥ୍ :

ମିଥ୍‌କୁ ଓଡ଼ିଆରେ ପୁରାକଳ୍ପ କୁହାଯାଏ । ପ୍ରାଚୀନ ଇତିହାସ, ପୁରାଣ, ପରମ୍ପରା, ଘଟଣା, ଚରିତ୍ର ଓ ଲୋକବିଶ୍ୱାସଗୁଡ଼ିକୁ ବର୍ତ୍ତମାନ ସମୟର ପାଣିପାଗରେ ସମନ୍ୱିତ କରି ପ୍ରକାଶ କରିବାକୁ ମିଥ୍ କୁହାଯାଏ । ମିଥ୍‌ର ପ୍ରୟୋଗ ଯୋଗୁ ସମକାଳ ପ୍ରାଣବନ୍ତ ମନେ ହୋଇଥାଏ ।

Scanned with CamScanner

ମୋଟିଫ୍ :

ମୋଟିଫ୍‌କୁ ଲୋକକଥାର ମୂଳସତ୍ତା ଭାବରେ ଗ୍ରହଣ କରାଯାଏ । ହଜାର ହଜାର ବର୍ଷ ଧରି ଲୋକକଥା ଲୋକମୁଖରେଗତି କରୁଥିବା ବେଳେ ଏହାର ବାହ୍ୟସତ୍ତା ପରିବର୍ତ୍ତିତ ହେଉଥାଏ । ମୋଟିଫ୍ ବା କଥାଣୁ ସବୁକାଳରେ ସେମିତି ଅପରିବର୍ତ୍ତିତ ଥାଏ । ଗୋଟିଏ ମାନବ ସଭ୍ୟତାର ସଂସ୍କୃତି, ପରମ୍ପରା, ଲୋକକଥା ଓ ବିଶ୍ୱାସ କାଳକ୍ରମେ ମୋଟିଫ୍‌ରେ ରୂପାନ୍ତରିତ ହୋଇଯାଏ । ସଭ୍ୟତାରେ ଯେତେ ପରିବର୍ତ୍ତନ ଆସିଲେ ମଧ୍ୟ ତା'ର ମୂଳାଧାର ଅତୁଟ ରହିଥାଏ । ମୋଟିଫ୍ ଲୋକକଥା ଓ ଲୋକସମାଜର ସେହିପରି ଏକ ଅବସ୍ଥା ।

ଯୁକ୍ତବର୍ଣ୍ଣ :

ଦୁଇ ବା ଏକାଧିକ ବର୍ଣ୍ଣ ମିଶି ଗୋଟିଏ ବର୍ଣ୍ଣ ଗଠିତ ହେଲେ ତାକୁ ଯୁକ୍ତବର୍ଣ୍ଣ ବୋଲି କୁହାଯାଏ ।

ରସ :

ଯାହାକୁ ଆସ୍ୱାଦନ କରାଯାଏ ତାହାକୁ ରସ ବୋଲି କୁହାଯାଏ । କାବ୍ୟରେ ରସ ପ୍ରୟୋଗ ଯୋଗୁ ପାଠକ ଭିତରେ ରୋମାଞ୍ଚ ସୃଷ୍ଟି ହୋଇଥାଏ । ରସ ଭାବକମ୍ପନ ସୃଷ୍ଟି କରିଥାଏ । ରସ ଆସ୍ୱାଦନକୁ ବ୍ରହ୍ମାନନ୍ଦ ଅନୁଭବ ବୋଲି କୁହାଯାଏ । ଭରତମୁନି ଆଠଟି ରସର ଅବତାରଣା କରିଥିବା ବେଳେ ପରବର୍ତ୍ତୀ ସମୟରେ ଦଶଟି ରସ ସମ୍ପର୍କରେ ଅବତାରଣା କରାଯାଇଛି ।

ଲିପି :

ଏକ ନିର୍ଦ୍ଦିଷ୍ଟ ଭାଷାଭାଷୀ ଅଞ୍ଚଳର ଉଚ୍ଚାରିତ ଧ୍ୱନି ସମୂହର ଲିଖିତ ରୂପକୁ ଲିପି କୁହାଯାଏ । ଧ୍ୱନିସଙ୍କେତଗୁଡ଼ିକୁ ଲିପି ମାଧ୍ୟମରେ ଲିପିବଦ୍ଧ କରାଯାଏ । ଏହି ଲିପିକୁ ମଧ୍ୟ ଅକ୍ଷର ବା ବର୍ଣ୍ଣ କୁହାଯାଇଥାଏ ।

ଲୋକସାହିତ୍ୟ :

ଲୋକ ସାହିତ୍ୟର ଅନ୍ୟ ନାମ ମୌଖିକ ସାହିତ୍ୟ । ଲିଖିତ ସାହିତ୍ୟ ସୃଷ୍ଟି ହେବାର ପୂର୍ବ ଅବସ୍ଥାରେ ଲୋକସାହିତ୍ୟ ଥିଲା ଏକ ଜାତିର ଜୀବନଚର୍ଯ୍ୟା ଓ ମନୋରଞ୍ଜନର ପ୍ରତୀକ । ଯାହା ଲୋକମାନଙ୍କଦ୍ୱାରା ଲୋକମାନଙ୍କ ପାଇଁ ଓ ଲୋକମାନଙ୍କର ତାହାକୁ ଲୋକସାହିତ୍ୟ କୁହାଯାଏ ।

ଶବ୍ଦ :

ଏକାଧିକ ବର୍ଣ୍ଣ ମିଳିତ ହୋଇ ଅର୍ଥ ପ୍ରକାଶ କଲେ ତାହାକୁ ଶବ୍ଦ କୁହାଯାଏ । ଅର୍ଥପ୍ରକାଶ କରୁ ନ ଥିବା ଅକ୍ଷରଗୁଡ଼ିକୁ ଶବ୍ଦ କୁହାଯାଇପାରିବ ନାହିଁ ।

ଶୋକକବିତା :

ଆଧୁନିକ ଗୀତି କବିତାର ଏହା ଏକ ଅଂଶ । କୌଣସି ପ୍ରିୟଜନ ବା ବିଶିଷ୍ଟ ବ୍ୟକ୍ତିଙ୍କ ମୃତ୍ୟୁର ଯେଉଁ କବିତା ରଚନା କରାଯାଇଥାଏ, ତାହାକୁ ଶୋକକବିତା କୁହାଯାଏ ।

ଷୋଡ଼ଶା :

ଷୋଳଟି ସ୍ୱରବର୍ଣ୍ଣକୁ ଆଦ୍ୟରେ ରଖି କ୍ରମାନ୍ୱୟରେ ଯେଉଁ କବିତା ରଚନା କରାଯାଏ ତାହାକୁ ଷୋଡ଼ଶା କୁହାଯାଏ । ଉପେନ୍ଦ୍ର ଭଞ୍ଜଙ୍କ 'ଷୋଡ଼ଶେନ୍ଦୁ' ଏହାର ଉଦାହରଣ ।

ସଂକୀର୍ତ୍ତନ :

ଏକାଧିକ ଭକ୍ତ ଏକାଠି ହୋଇ ସମବେତ କଣ୍ଠରେ ଈଶ୍ୱରଙ୍କ ଗୁଣ କୀର୍ତ୍ତନ କରିବା ସହ ନୃତ୍ୟଗୀତ ପରିବେଷଣ କରିବାକୁ ସଂକୀର୍ତ୍ତନ କୁହାଯାଏ । ଏଥିରେ ବାଦ୍ୟଯନ୍ତ୍ରର ବ୍ୟବହାର କରାଯାଇଥାଏ । ଭକ୍ତମାନେ ହାତଟେକି ଦାସ୍ୟ ଭାବରେ ନୃତ୍ୟ କରିବା ସହ ଅଭିନୟ କରିବା ସଂକୀର୍ତ୍ତନର ଲକ୍ଷଣ । ଶ୍ରୀଚୈତନ୍ୟ ଓଡ଼ିଶା ଆସିବା ପରେ ସଂକୀର୍ତ୍ତନର ବିକାଶ ଘଟିଛି ।

ସମ୍ବୋଧନମୂଳକ କବିତା :

କୌଣସି ବସ୍ତୁ, ବ୍ୟକ୍ତି, ପଶୁପକ୍ଷୀ, ପ୍ରକୃତିକୁ ଲକ୍ଷ୍ୟ କରି ଯେଉଁ କବିତା ରଚନା କରାଯାଏ, ତାହାକୁ ସମ୍ବୋଧନ ଗୀତିକା କୁହାଯାଏ ।

ସାହିତ୍ୟ :

ଯାହା ଆମର ସମ୍ୟକ୍ ହିତ ସାଧନ କରେ ତାକୁ ସାହିତ୍ୟ କୁହାଯାଏ । କେହି କେହି କହନ୍ତି ଯେ ସାହିତ୍ୟ ଅଧ୍ୟୟନ କଲେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଆଦି ଫଳପ୍ରାପ୍ତି ହୋଇଥାଏ । ସାହିତ୍ୟ ଏକ ସର୍ଜନଶୀଳ ପ୍ରକ୍ରିୟାରୁ ସୃଷ୍ଟି ହୋଇଥାଏ । ସମାଜ, ସମୟ ଓ ବ୍ୟକ୍ତି ଏହାର ତିନୋଟି ମୁଖ୍ୟ ଅଙ୍ଗ । ସାହିତ୍ୟକୁ ସମାଜର ଦର୍ପଣ ବୋଲି କୁହାଯାଏ । ସାହିତ୍ୟ ଅଧ୍ୟୟନ କଲେ ମନୋରଞ୍ଜନ ଓ ନୀତିଶିକ୍ଷା ପ୍ରାପ୍ତ ହୋଇଥାଏ । ସାହିତ୍ୟ ସମାଜ ଓ ବ୍ୟକ୍ତି ଜୀବନକୁ ନିୟନ୍ତ୍ରଣ କରେ । ପାପରୁ ପୁଣ୍ୟ ଆଡ଼କୁ ରାସ୍ତା ନିରୂପଣ କରେ । ସାହିତ୍ୟ ସମାଜର ଜାଗ୍ରତ ପ୍ରହରୀ । ମଣିଷର ଦରଦୀ ବନ୍ଧୁ । ସାହିତ୍ୟ ମହତ୍ତର ଜୀବନବୋଧର କଥା କହେ । ଆମ ଭିତରେ ଶାଶ୍ୱତ ମୂଲ୍ୟବୋଧର ଉଦ୍ରେକ କରାଏ । ବାଉଁଶକୁ ବଇଁଶୀରେ ରୂପାନ୍ତରିତ କରିପାରେ ସାହିତ୍ୟ ।

•

Scanned with CamScanner

ଭାଷା

୧। ଭାଷା କାହାକୁ କୁହାଯାଏ ?
ଉ : ମଣିଷର ମୁଖ ନିସୃତ ଅର୍ଥଯୁକ୍ତ ଧ୍ୱନିକୁ ଭାଷା କୁହାଯାଏ ।

୨। ଓଡ଼ିଆ ଭାଷା କେଉଁ ଭାଷାରୁ ସୃଷ୍ଟି ?
ଉ : ମାଗଧୀ ଅପଭ୍ରଂଶ ।

୩। ଭାରତୀୟ ଆଧୁନିକ ଭାଷାର ଜନନୀ ଭାବରେ କାହାକୁ ଗ୍ରହଣ କରାଯାଏ ?
ଉ : ସଂସ୍କୃତ ଭାଷା ।

୪। ସଂସ୍କୃତ ଭାଷାର କେତୋଟି ସ୍ତର ଦେଖିବାକୁ ମିଳେ ?
ଉ : ୨ଟି, ବୈଦିକ୍ ସଂସ୍କୃତ ଓ ଲୌକିକ ସଂସ୍କୃତ ।

୫। ବୈଦିକ ସଂସ୍କୃତର ସମୟ ଓ ଲୌକିକ ସଂସ୍କୃତର ସମୟ କେତେ ?
ଉ : ଖ୍ରୀ.ପୂ. ୧୫୦୦-୮୦୦ ଓ ଖ୍ରୀ.ପୂ. ୮୦୦-୫୦୦ ।

୬। ମଧ୍ୟ ଭାରତୀୟ ଆର୍ଯ୍ୟଭାଷାର ସମୟ କେତେ ?
ଉ : ଖ୍ରୀ.ପୂ. ୫୦୦ - ଖ୍ରୀ.ଅ ୧୦୦୦ ।

୭। ମଧ୍ୟ ଭାରତୀୟ ଆର୍ଯ୍ୟଭାଷା କେତୋଟି ସ୍ତର ଦେଇ ଗତି କରିଛି ଓ କ'ଣ କ'ଣ ?
ଉ : ୩ଟି ସ୍ତର, ପାଲି, ପ୍ରାକୃତ ଓ ଅପଭ୍ରଂଶ ।

୮। ପ୍ରାକୃତ ଭାଷାର ସମୟ କେତେ ?
ଉ : ଖ୍ରୀ.ଅ. ୧୦୦-୫୦୦ ।

୯। ପ୍ରାକୃତ ଭାଷା କେତୋଟି ସ୍ତର ଦେଇ ଗତି କରିଛି ଓ କ'ଣ କ'ଣ ?
ଉ : ୫ଟି, ମହାରାଷ୍ଟ୍ରୀ, ସୌରସେନୀ, ମାଗଧୀ, ଅର୍ଦ୍ଧମାଗଧୀ, ପୈଶାଚୀ ।

୧୦। ଆଧୁନିକ ଭାରତୀୟ ଆର୍ଯ୍ୟଭାଷା କେଉଁ ଭାଷା ପରିବାରର ଅନ୍ତର୍ଭୁକ୍ତ ?
ଉ : ଇଣ୍ଡୋ ଇଉରୋପୀୟ ବା ଇଣ୍ଡୋ ଇରାନୀୟାନ୍ ଭାଷା ।

୧୧। ଅନୁରଣନ ସିଦ୍ଧାନ୍ତ ବା ଧାତୁ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Ding-Dong Theory)
ଉ : ଗ୍ରୀକ୍ ଦାର୍ଶନିକ ପ୍ଲାଟୋ ।

୧୨। ସଙ୍କେତ ବା ନିର୍ଣ୍ଣୟ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Symbolic Theory)
ଉ : ଫରାସୀ ଦାର୍ଶନିକ ରଷୋ ।

୧୩। ଅନୁକରଣ ସିଦ୍ଧାନ୍ତର ଇଂରାଜୀ ପ୍ରତିଶବ୍ଦ କ'ଣ ?
ଉ : Imitative Theory

୧୪। ଆବେଗ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Pooh - Pooh Theory)
ଉ : କର୍ଡଲିଫ୍

୧୫। ଶ୍ରମ ପରିହାରମୂଳକ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Ye he ho Theory)
ଉ : ନୟେର୍ ।

୧୬। ଇଙ୍ଗିତ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Gestural Theory)
ଉ : ଡ. ରାୟ ।

୧୭। ସଙ୍ଗୀତ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Sing song Theory)
ଉ : ଅଟୋ ଜେସଫେରସନ୍ ।

୧୮। ପ୍ରେମ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Woo Woo Theory)
ଉ : ହଡ୍‌ସନ୍ ।

୧୯। ସଂପର୍କ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Contact Theory)
ଉ : ଜି. ରେଭେଜ ।

୨୦। ସମନ୍ୱିତ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Theory of Unification)
ଉ : ହେନେରୀ ସ୍ୱୀଟ ।

୨୧। ପ୍ରତିବିମ୍ବ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Theory of Reflection)
ଉ : ସ୍ଲେଗେଲ ।

୨୨। ବିବର୍ତ୍ତନ ସିଦ୍ଧାନ୍ତର ପ୍ରବର୍ତ୍ତକ କିଏ ? (Theory of Evolution)
ଉ : ଡାରଉଇନ୍ ।

୨୩। କୌଣସି ଭୂଖଣ୍ଡରେ ପ୍ରଚଳିତ ସରକାରୀ ସ୍ତରୀୟ ଭାଷାକୁ କେଉଁ ଭାଷା କୁହାଯାଏ ?
ଉ : ମାନକ ଭାଷା ।

୨୪। କୌଣସି ଏକ ଭୂଖଣ୍ଡର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରଚଳିତ ଭାଷାକୁ କ'ଣ କୁହାଯାଏ ?
ଉ : ଆଞ୍ଚଳିକ ଭାଷା ।

୨୫। ଏକ ଭାଷା ଅନ୍ତର୍ଗତ ଛୋଟ ଛୋଟ ଭାଷାକୁ କ'ଣ କୁହାଯାଏ ?
ଉ : ଉପଭାଷା ।

Scanned with CamScanner

୨୬ । କୌଣସି ବ୍ୟକ୍ତି ବିଶେଷ ବା ପରିବାର ବିଶେଷରେ ବ୍ୟବହୃତ ଭାଷାକୁ କେଉଁ ଭାଷା କୁହାଯାଏ ?

ଉ : ବ୍ୟକ୍ତି ବୋଲି ।

୨୭ । ଓଡ଼ିଶାରେ ସରକାରୀ ସ୍ତରରେ ପ୍ରଚଳିତ ଭାଷାର ନାମ କ'ଣ ?

ଉ : ଓଡ଼ିଆ ।

୨୮ । ଓଡ଼ିଆ ଭାଷାର କେତୋଟି ଉପଭାଷା ରହିଛି ଓ କ'ଣ କ'ଣ ?

ଉ : ୩ଟି, ପଶ୍ଚିମୀ (ସମ୍ବଲପୁରୀ), ଉତ୍ତରୀ ଓ ଦକ୍ଷିଣୀ ଭାଷା ।

୨୯ । ସିଦ୍ଧେଶ୍ୱର ମହାପାତ୍ରଙ୍କଦ୍ୱାରା ରଚିତ 'ପୁରୀ ବୋଲି'ରେ କେଉଁ ଆଞ୍ଚଳିକ ଭାଷାର ପ୍ରୟୋଗ ରହିଛି ?

ଉ : ପୂର୍ବୀ ଆଞ୍ଚଳିକ ଭାଷା ।

୩୦ । ଗୋଟିଏ ଭାଷା ପରିବର୍ତ୍ତନରେ ମୁଖ୍ୟତଃ କେତୋଟି କାରଣ ଦାୟୀ ଓ କ'ଣ କ'ଣ ?

ଉ : ୨ଟି, ଧ୍ୱନିପରିବର୍ତ୍ତନ ଓ ଅର୍ଥପରିବର୍ତ୍ତନ ।

୩୧ । ଧ୍ୱନି ପରିବର୍ତ୍ତନର କେତୋଟି କାରଣ ଲେଖ ?

ଉ : ୧) ଶ୍ରବଣେନ୍ଦ୍ରିୟରେ ବିଭିନ୍ନତା ୩) ବଳାଘାତ
୨) ଦ୍ରୁତ ଉଚ୍ଚାରଣ ୪) ଭୌଗୋଳିକ ପ୍ରଭାବ ।

୩୨ । ଧ୍ୱନି ପରିବର୍ତ୍ତନର କେତୋଟି ଦିଗ ଲେଖ ?

ଉ : ଲୋପ, ଆଗମ, ବିପର୍ଯ୍ୟୟ, ସମୀଭବନ, ବିଷମୀଭବନ ।

୩୩ । "A Comparative Grammer of the modern Aryan languages of India" ର ରଚୟିତା କିଏ ?

ଉ : ଜନ୍ ବୀମ୍ସ ।

୩୪ । "Outline of Indian Philology" ଗ୍ରନ୍ଥର ସ୍ରଷ୍ଟା କିଏ ?

ଉ : ଜନ୍ ବୀମ୍ସ ।

୩୫ । 'ଓଡ଼ିଆ ଭାଷା ଓ ଲିପିର ବିବର୍ତ୍ତନ' ପୁସ୍ତକର ରଚୟିତା କିଏ ?

ଉ : କୁଞ୍ଜବିହାରୀ ତ୍ରିପାଠୀ ।

୩୬ । ପ୍ରାଚୀନ ଓଡ଼ିଆ ଅଭିଲେଖ କାହାର ରଚନା ?

ଉ : କୁଞ୍ଜବିହାରୀ ତ୍ରିପାଠୀ ।

୩୭ । "The Evolition of Oriya language of Script" ର ରଚୟିତା କିଏ ?

ଉ : କୁଞ୍ଜବିହାରୀ ତ୍ରିପାଠୀ ।

୩୮ । ଓଡ଼ିଆ ଲିପି ଓ ଭାଷା ପୁସ୍ତକର ରଚୟିତା କିଏ ?

ଉ : ଖଗେଶ୍ୱର ମହାପାତ୍ର ।

୩୯ । ଓଡ଼ିଆ ଲିପିର କ୍ରମବିକାଶର ରଚୟିତା କିଏ ?

ଉ : ସତ୍ୟନାରାୟଣ ରାଜଗୁରୁ ।

୪୦ । 'ପ୍ରାଚୀନ ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ'ର ସ୍ରଷ୍ଟା କିଏ ?

ଉ : ନୀଳମଣି ମିଶ୍ର ।

୪୧ । ଓଡ଼ିଆ ଭାଷାର ରୂପତତ୍ତ୍ୱ ଗ୍ରନ୍ଥର ସ୍ରଷ୍ଟା କିଏ ?

ଉ : ବେଣୀମାଧବ ପାଢ଼ୀ ।

୪୨ । 'ଭାଷା ବିଜ୍ଞାନ ଓ ଭାଷା ବିଜ୍ଞାନୀ' ଗ୍ରନ୍ଥର ସ୍ରଷ୍ଟା କିଏ ?

ଉ : ବାସୁଦେବ ସାହୁ ।

୪୩ । 'ଆଧୁନିକ ଓଡିଆ ବ୍ୟାକରଣ'ର ସ୍ରଷ୍ଟା କିଏ ?

ଉ : ଧନେଶ୍ୱର ମହାପାତ୍ର ।

୪୪ । ଭାରତୀୟ ଆର୍ଯ୍ୟଭାଷା ଇଣ୍ଡୋୟୁରୋପୀୟ ଭାଷା ପରିବାରର କେଉଁ ଶାଖାର ଅନ୍ତର୍ଭୁକ୍ତ ?

ଉ : ସତମ୍ ।

୪୫ । କେଉଁ ଭାଷା ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷାର ଏକ ଶାଖା ?

ଉ : ସଂସ୍କୃତ ।

୪୬ । କାହା ମତରେ 'ପାଟଳ' ଶବ୍ଦରୁ ପାଲି ଶବ୍ଦ ସୃଷ୍ଟି ହୋଇଛି ?

ଉ : ଡ. ଓ୍ୱେଲସର ।

୪୭ । ସାନ୍ତାଳୀ ଭାଷା କେଉଁ ପରିବାରର ଅନ୍ତର୍ଭୁକ୍ତ ?

ଉ : ଅଷ୍ଟ୍ରୋ ଏସିୟାଟିକ୍ ।

୪୮ । ଭାରତୀୟ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ କେତୋଟି ଭାଷାକୁ ସ୍ୱୀକୃତି ଦିଆଯାଇଛି ?

ଉ : ୨୨ ।

୪୯ । ମାଗଧି ଅପଭ୍ରଂଶରୁ ସୃଷ୍ଟ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଅଗ୍ରଣୀ – ଏ ମତଟି କିଏ ଦେଇଥିଲେ ?

ଉ : ସୁନୀତି କୁମାର ଚାଟାର୍ଜୀ ।

Scanned with CamScanner

୫୦ । 'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଆମସ ସଟନ	An Introductory grammar of Oriya language
ବି.ସି. ମଜୁମଦାର	Typical Selections from Oriya Literature
ଜନ୍ ବିମ୍ସ	Outlines of Indian Philology
ଗ୍ରୀୟରସନ୍	Liguistic Survey of India

୫୧ । ଓଡ଼ିଆ ଭାଷା କେବେ ଶାସ୍ତ୍ରୀୟ ମାନ୍ୟତା ପାଇଲା ?
ଉ : ୧୧ ମାର୍ଚ୍ଚ ୨୦୧୪ ।

୫୨ । ଓଡ଼ିଶାରେ କେଉଁ ଭାଷା ପରିବାରର ଭାଷା ବ୍ୟବହୃତ ହୁଏ ନାହିଁ ?
ଉ : ସିନ୍ନୋତିବ୍ବତାନ ।

୫୩ । "ଶକରାଭୀର ଚାଣ୍ଡାଳ ସବର ଦ୍ରାବିଡ଼ୋଡ୍ରାଜାଃ ହୀନ ବନେଚରଣାଂଚ ବିଭାଷା ନାଟକ ସ୍ମୃତା" ଏହି ପଦରେ ଓଡ଼ିଆ ଭାଷାର ପ୍ରାଚୀନ ନାମ 'ଉଡ୍ରଜାଂ' ବୋଲି ସୂଚିତ ହୋଇଛି । ଏହା କେଉଁ ଗ୍ରନ୍ଥରୁ ଗୃହୀତ ?
ଉ : ଭରତ ମୁନି – ନାଟ୍ୟଶାସ୍ତ୍ରମ୍ ।

୫୪ । ସାନ୍ତାଳୀ ଭାଷା କେଉଁ ଲିପିରେ ଲେଖାଯାଏ ?
ଉ : ଅଲଚିକ୍ ।

୫୫ । ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡ଼ିଆ ଭାଷାର ସ୍ଥାନ କେତେ ?
ଉ : ଷଷ୍ଠ ।

ଲିପି

୧ । ଲିପି ଶବ୍ଦଟି କେଉଁଥିରୁ ଆସିଛି ?
ଉ : ଲିପ୍ୟତେ ।

୨ । ଲିପିର ଅନ୍ୟ ନାମ କ'ଣ ?
ଉ : ବର୍ଣ୍ଣ ବା ଅକ୍ଷର ।

୩ । ମୌଳିକ ଧ୍ୱନିକୁ କିଏ ସ୍ଥାୟିତ୍ୱ କରେ ?
ଉ : ଲିପି ।

୪ । ପ୍ରତ୍ନତତ୍ତ୍ୱବିଦ୍‌ମାନଙ୍କ ମତରେ କେଉଁ ସମୟରେ ଲିପିର ଉଦ୍ଭାବନ ହୋଇଥିଲା ?
ଉ : ଖ୍ରୀ.ପୂ. ୨୦୦୦ ।

୫ । ସର୍ବପ୍ରଥମେ ଭାରତର କେଉଁ ସ୍ଥାନରୁ ଲିପିର ସନ୍ଧାନ ମିଳିଥିଲା ?
ଉ : ସିନ୍ଧୁ ଉପତ୍ୟକା ।

୬ । ପ୍ରାଚୀନ କାଳରେ କେଉଁ ଲିପି ବ୍ୟବହୃତ ହେଉଥିଲା ?
ଉ : ଚିତ୍ରଲିପି ।

୭ । ଭାରତର ସର୍ବପ୍ରଥମ ପଠିତ ଲିପି ଭାବରେ କେଉଁ ଲିପିକୁ ଗ୍ରହଣ କରାଯାଏ ?
ଉ : ବ୍ରାହ୍ମୀଲିପି ।

୮ । ଇଜିପ୍ଟ ଚିତ୍ରାକ୍ଷର ଲିପିକୁ କେଉଁ ଲିପି କୁହାଯାଏ ?
ଉ : ହିଏରୋଗ୍ଲିଫ୍ ।

୯ । ସୁମେରୀୟଙ୍କ ଲିପିକୁ କ'ଣ କୁହାଯାଏ ?
ଉ : କ୍ୟୁନିଫର୍ମ ।

୧୦ । ବ୍ରାହ୍ମୀଲିପିର ନିଦର୍ଶନ କେଉଁ ସମୟରେ ଦେଖିବାକୁ ମିଳୁଥିଲା ?
ଉ : ଖ୍ରୀଷ୍ଟପୂର୍ବ ତୃତୀୟ ଶତକରୁ ଖ୍ରୀଷ୍ଟାବ୍ଦ ତୃତୀୟ ଶତକ ।

୧୧ । କେଉଁ ଲିପିରେ ପ୍ରତ୍ୟେକ ଉଚ୍ଚାରିତ ଧ୍ୱନି ପାଇଁ ଏକ ନିର୍ଦ୍ଦିଷ୍ଟ ଚିହ୍ନ ରହିଛି ?
ଉ : ବ୍ରାହ୍ମୀଲିପି ।

Scanned with CamScanner

୧୨ । ଅଶୋକଙ୍କ ଅନୁଶାସନରେ ଖୋଦିତ ଲିପିର ନାମ କ'ଣ ?
ଉ : ବ୍ରାହ୍ମୀଲିପି ।

୧୩ । ପ୍ରାଚୀନ ବ୍ରାହ୍ମୀଲିପି ସମୟରେ କେଉଁ ରାଜବଂଶର ପ୍ରଚଳନ ଥିଲା ?
ଉ : ମୌର୍ଯ୍ୟକାଳୀନ ।

୧୪ । କେଉଁ ଲିପିର ଅକ୍ଷର ଶେଷରେ ଚୂଳ ପ୍ରଚଳିତ ଥିଲା ?
ଉ : ବ୍ରାହ୍ମୀଲିପି ।

୧୫ । ପାଣିନିଙ୍କ 'ଅଷ୍ଟାଧ୍ୟାୟୀ'ରେ କେଉଁ ଲିପିର ଉଲ୍ଲେଖ ରହିଛି ?
ଉ : ଯବନାନି ।

୧୬ । ପ୍ରାଚୀନ ବ୍ରାହ୍ମୀଲିପି ଓ ପରବର୍ତ୍ତୀ ବ୍ରାହ୍ମୀଲିପି ମଧ୍ୟରେ ପାର୍ଥକ୍ୟ କ'ଣ ?
ଉ : ଚୂଳ ସଂଯୋଗ ।

୧୭ । ଗୁପ୍ତଲିପି କେଉଁ ଲିପିର ପରବର୍ତ୍ତୀ ବିକଶିତ ସ୍ତର ?
ଉ : ବ୍ରାହ୍ମୀଲିପି ।

୧୮ । ଗୁପ୍ତଲିପିର ନିଦର୍ଶନ କେଉଁ ସମୟରେ ଦେଖିବାକୁ ମିଳିଥିଲା ?
ଉ : ତୃତୀୟ ଶତାବ୍ଦୀଠାରୁ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ।

୧୯ । ଧର୍ମରାଜ ସୁମଣ୍ଡଳ ଦେବଙ୍କ ସମୟରେ କେଉଁ ଲିପିର ପ୍ରଚଳନ ଥିଲା ?
ଉ : ଗୁପ୍ତଲିପି ।

୨୦ । ଓଡ଼ିଆ ବର୍ଣ୍ଣମାଳାରେ ପ୍ରଚଳିତ ଖ, ଗ, ଲ, ଷ, ହ କେଉଁ ଲିପିରୁ ଉଦ୍ଧାର କରାଯାଇଛି ?
ଉ : ଗୁପ୍ତଲିପି ।

୨୧ । ଖାରବେଳଙ୍କ ଅନୁଶାସନ କେଉଁ ଗୁମ୍ଫାରେ କେଉଁ ଲିପିରେ ଖୋଦିତ ହୋଇଥିଲା ?
ଉ : ହାତୀଗୁମ୍ଫା - ବ୍ରାହ୍ମୀଲିପି ।

୨୨ । କଳିଙ୍ଗ ଲିପିର ନିଦର୍ଶନ କେଉଁ ସମୟରେ ଦେଖିବାକୁ ମିଳୁଥିଲା ?
ଉ : ସପ୍ତମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ।

୨୩ । ଉତ୍ତର ଭାରତୀୟ ଲିପି ଓ ଦକ୍ଷିଣ ଭାରତୀୟ ଲିପିର ସମନ୍ୱୟରେ କେଉଁ ଲିପି ସୃଷ୍ଟି ହୋଇଥିଲା ?
ଉ : କଳିଙ୍ଗ ଲିପି ।

୨୪ । କଳିଙ୍ଗ ଲିପିକୁ କେଉଁ ବଂଶର ରାଜାମାନେ ପ୍ରଚଳିତ କରୁଥିଲେ ?
ଉ : ଗଙ୍ଗବଂଶ ।

୨୫ । ଅଶୋକଙ୍କ ମାନସେରା ଓ ସାହାବାଜଗଡ଼ ଅଭିଲେଖରେ କେଉଁ ଲିପିର ସନ୍ଧାନ ମିଳେ ?
ଉ : ଖରୋଷ୍ଠୀ ।

୨୬ । ଅଶୋକଙ୍କ ଧଉଳିଗିରି ଓ ଜଉଗଡ଼ରେ କେଉଁ ଲିପିର ନିଦର୍ଶନ ମିଳେ ?
ଉ : ବ୍ରାହ୍ମୀଲିପି ।

୨୭ । କେଉଁ ଲିପିର ବିପରୀତ ଲିଖନ ପ୍ରଣାଳୀ ରହିଛି ?
ଉ : ଖରୋଷ୍ଠୀ

୨୮ । ଓଡ଼ିଆ ଲିପିର 'ଖ', 'ଚ', 'ଟ', 'ଶ', 'ହ' ବର୍ଣ୍ଣର କେଉଁ ଲିପି ସହ ସାମଞ୍ଜସ୍ୟ ଦେଖାଯାଏ ?
ଉ : କୁଟିଳ ଲିପି ।

୨୯ । କୁଟିଳ ଲିପି କେଉଁ ଲିପିର ଏକ ଶାଖା ?
ଉ : ବ୍ରାହ୍ମୀଲିପି ।

୩୦ । ମୁଣ୍ଡୁଳି କେଉଁ ଲିପିରେ ପ୍ରଚଳିତ ଥିଲା ?
ଉ : ତାମିଲ ବଟେଲରୁ ।

୩୧ । ଉତ୍ତର ଭାରତୀୟ ଲିପିକୁ କେଉଁ ଲିପି କୁହାଯାଏ ?
ଉ : ନାଗରୀ ଲିପି ।

୩୨ । ଦକ୍ଷିଣ ଭାରତୀୟ ଲିପିକୁ କେଉଁ ଲିପି କୁହାଯାଏ ?
ଉ : କଳିଙ୍ଗ ଲିପି ।

୩୩ । ପେଟିକା-ଶୀର୍ଷକ ଲିପିର ସ୍ପଷ୍ଟ ନିଦର୍ଶନ କେଉଁଥିରେ ଦେଖିବାକୁ ମିଳେ ?
ଉ : ବାକାଟକ୍ ବଂଶର ମହାରାଜା ପ୍ରବରସେନ୍ ।

୩୪ । ଭାରତୀୟ ଲିପିତତ୍ତ୍ୱର ପ୍ରବର୍ତ୍ତକ କିଏ ?
ଉ : ବ୍ୟୁହଲର ।

୩୫ । ମାଗଧୀ ଲିପିର ସମୟ କେତେ ?
ଉ : ଏକାଦଶ ଶତାବ୍ଦୀ ପରଠାରୁ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ।

୩୬ ।. ଗଙ୍ଗରାଜାମାନଙ୍କ ଶିଳାଲେଖ ଓ ତାମ୍ରଫଳକରେ କେଉଁ ଲିପିର ନିଦର୍ଶନ ଦେଖିବାକୁ ମିଳେ ?
ଉ : ପ୍ରତ୍ନବଙ୍ଗଳା ଲିପି ।

୩୭ । ଓଡ଼ିଆ ଲିପି ବଙ୍ଗଳା ଲିପିରୁ ସୃଷ୍ଟି ହୋଇଛି ବୋଲି କିଏ କହିଥିଲେ ?
ଉ : ରାଖାଲ ଦାସ ବାନାର୍ଜୀ ।

Scanned with CamScanner

୩୮ । ଉରଜାମ ଶିଳାଲେଖାରେ କେଉଁ ଲିପି ଦେଖିବାକୁ ମିଳେ ?

ଉ : ମାଗଧୀ ଲିପି ।

୩୯ । ଚତୁର୍ଥ ନରସିଂହ ଦେବଙ୍କର ତ୍ରିମାଳୀ ମଠ ତାମ୍ରଶାସନରେ କେଉଁ ଲିପି ଦେଖିବାକୁ ମିଳେ ?

ଉ : ମାଗଧୀ ଲିପି ।

୪୦ । ପ୍ରାଚୀନ ଓଡ଼ିଆ ଲିପି କେଉଁ ସମୟରେ ବିକଶିତ ହୋଇଥିଲା ?

ଉ : ଚତୁର୍ଦ୍ଦଶ ଶତାବ୍ଦୀ ପରବର୍ତ୍ତୀ - ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ।

୪୧ । ପୁରୀର ଜୟବିଜୟ ଶିଳାଲେଖରେ କେଉଁ ଲିପି ଦେଖିବାକୁ ମିଳେ ?

ଉ : ପ୍ରାଚୀନ ଓଡ଼ିଆ ଲିପି ।

୪୨ । ଯାଜପୁରର ସିଦ୍ଧେଶ୍ୱର ଶିଳାଲେଖରେ କେଉଁ ଲିପିର ନିଦର୍ଶନ ମିଳେ ?

ଉ : ପ୍ରାଚୀନ ଓଡ଼ିଆ ଲିପି ।

୪୩ । ଆଧୁନିକ ଓଡ଼ିଆ ଲିପିକୁ ମୁଖ୍ୟତଃ କେତେ ଭାଗରେ ବିଭକ୍ତ କରାଯାଇଛି ଓ କ'ଣ କ'ଣ ?

ଉ : ୨ ଭାଗରେ । କରଣୀ ଲିପି ଓ ପାଠଶାଳାରେ ବ୍ୟବହୃତ ଲିପି ।

୪୪ । କରଣୀ ଲିପି କେଉଁଠି ବ୍ୟବହୃତ ହୁଏ ?

ଉ : କଚେରୀରେ ମୋହରିରମାନେ ଏଇ କରଣୀ ଲିପିରେ ଦଲିଲ ଓ ଜମିବାଡ଼ି ସମ୍ବନ୍ଧୀୟ କାଗଜ ପ୍ରସ୍ତୁତ କରନ୍ତି ।

୪୫ । ଓଡ଼ିଆ ଲିପିର ସ୍ୱାତନ୍ତ୍ର୍ୟ କ'ଣ ?

ଉ : ପୁଢ଼ା, ପୁଚ୍ଛ, ବକ୍ରରେଖା, ଅର୍ଦ୍ଧବୃତ୍ତାକାର ମୁଣ୍ଡଳୀ ।

୪୬ । ଡକ୍ଟର ଖଗେଶ୍ୱର ମହାପାତ୍ର ଓଡ଼ିଆ ବର୍ତ୍ତୁଳ ଲିପିର କେଉଁ ଲିପି ସହ ସାମଞ୍ଜସ୍ୟ ଥିବା କହିଛନ୍ତି ?

ଉ : ତିବତୀୟ ଓ୍ୱାର୍ତ୍ତୁଲିପି ।

୪୭ । ଓଡ଼ିଆ ଲିପିର ପରିବର୍ତ୍ତିତ ଲିପି କ'ଣ ଥିଲା ?

ଉ : କରଣୀ ଲିପି ।

୪୮ । 'ଓଡ଼ିଆ ଭାଷା ଓ ଲିପିର ବିବର୍ତ୍ତନ' ପୁସ୍ତକର ସ୍ରଷ୍ଟା କିଏ ?

ଉ : ଡ. କୁଞ୍ଜବିହାରୀ ତ୍ରିପାଠୀ ।

୪୯ । ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଓଡ଼ିଆରେ ବ୍ୟବହୃତ 'ଅ', 'ଆ' ବର୍ଣ୍ଣ ଦୁଇଟି କେଉଁ ଲିପି ଅନ୍ତର୍ଗତ ?

ଉ : ତାମିଲ ବଟେଲତ୍ତୁ ଲିପି ।

୫୦ । "A Comparative Grammer of the modern Aryan languages of India" ର ରଚୟିତା କିଏ ?

ଉ : ଜନ୍ ବୀମ୍ସ ।

୫୧ । "Outline of Indian Philology" ର ରଚୟିତା କିଏ ?

ଉ : ଜନ୍ ବୀମ୍ସ ।

୫୨ । "The Evolition of Oriya language and Script" ର ରଚୟିତା କିଏ ?

ଉ : କୁଞ୍ଜବିହାରୀ ତ୍ରିପାଠୀ ।

୫୩ । ପ୍ରାଚୀନ ଓଡ଼ିଆ ଅଭିଲେଖର ରଚୟିତା କିଏ ?

ଉ : କୁଞ୍ଜବିହାରୀ ତ୍ରିପାଠୀ ।

୫୪ । ଓଡ଼ିଆ ଲିପି ଓ ଭାଷାର ରଚୟିତା କିଏ ?

ଉ : ଖଗେଶ୍ୱର ମହାପାତ୍ର ।

୫୫ । ଓଡ଼ିଆ ଭାଷାର ରୂପତତ୍ତ୍ୱର ରଚୟିତା କିଏ ?

ଉ : ବେଣୀମାଧବ ପାଢ଼ୀ ।

୫୬ । 'ଓଡ଼ିଆ ଲିପିର କ୍ରମବିକାଶ' କାହାର ରଚନା ?

ଉ : ସତ୍ୟନାରାୟଣ ରାଜଗୁରୁ ।

୫୭ । 'ଓଡ଼ିଆ ଲିପି, ଭାଷା ଓ ସାହିତ୍ୟ'ର ରଚୟିତା କିଏ ?

ଉ : ନୀଳମଣି ମିଶ୍ର ।

Scanned with CamScanner

ବ୍ୟାକରଣ, ଅଳଙ୍କାର ଓ ଛନ୍ଦ

୧ । ଓଡ଼ିଆ ଭାଷାରେ ବ୍ୟବହୃତ ବର୍ଣ୍ଣ ସଂଖ୍ୟା କେତେ ?
ଉ : ୪୯ ।

୨ । ଓଡ଼ିଆ ଭାଷାରେ ବ୍ୟବହୃତ ଧ୍ୱନି ସଂଖ୍ୟା କେତେ ?
ଉ : ୪୧ ।

୩ । ଓଡ଼ିଆ ବର୍ଣ୍ଣମାଳାକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
ଉ : ସ୍ୱରବର୍ଣ୍ଣ, ବ୍ୟଞ୍ଜନବର୍ଣ୍ଣ, ଅଯୋଗବାହ ।

୪ । ସ୍ୱରବର୍ଣ୍ଣର ସଂଖ୍ୟା କେତେ ?
ଉ : ୧୧ ।

୫ । ବ୍ୟଞ୍ଜନ ବର୍ଣ୍ଣର ସଂଖ୍ୟା କେତେ ?
ଉ : ୩୫ ।

୬ । ଓଡ଼ିଆ ବର୍ଣ୍ଣମାଳାରେ ବ୍ୟବହୃତ ଖଣ୍ଡ ଧ୍ୱନିଗ୍ରାମ ସଂଖ୍ୟା କେତେ ?
ଉ : ୩୯ ।

୭ । ଓଡ଼ିଆ ବର୍ଣ୍ଣମାଳାରେ ବ୍ୟବହୃତ ଖଣ୍ଡେତର ଧ୍ୱନି ସଂଖ୍ୟା କେତେ ?
ଉ : ୨, (ଂ) ଅନୁସାର, (ଁ) ଚନ୍ଦ୍ରବିନ୍ଦୁ

୮ । 'ଃ'(ବିସର୍ଗ)କୁ କେଉଁ ବ୍ୟଞ୍ଜନ ବର୍ଣ୍ଣର ଅନୁରୂପ ଭାବରେ ବ୍ୟବହୃତ କରାଯାଏ ?
ଉ : ହ ।

୯ । ଓଡ଼ିଆ ଭାଷାରେ ବ୍ୟବହୃତ ଶୁଦ୍ଧ ସ୍ୱର ଧ୍ୱନି ସଂଖ୍ୟା କେତେ ?
ଉ : ୬ (ଅ, ଆ, ଇ, ଉ, ଏ, ଓ)

୧୦ । ଓଡ଼ିଆ ଭାଷାରେ ଉଚ୍ଚାରିତ ସ୍ୱରଧ୍ୱନି ସଂଖ୍ୟା କେତେ ?
ଉ : ୮ (ଅ, ଆ, ଇ, ଉ, ଏ, ଓ, ଐ, ଔ)

୧୧ । ଓଡ଼ିଆ ଭାଷାରେ ବ୍ୟବହୃତ ଯୌଗିକ ସ୍ୱରଧ୍ୱନି ସଂଖ୍ୟା କେତେ ?
ଉ : ୨(ଐ, ଔ)

୧୨ । ଜିହ୍ୱାର ବିଭାଗ ଦୃଷ୍ଟିରୁ ଓଡ଼ିଆ ସ୍ୱରଧ୍ୱନିକୁ କେତେ ଭାଗରେ ବିଭକ୍ତ କରାଯାଇଛି ଓ କ'ଣ କ'ଣ ?
ଉ : ୩ (ଅଗ୍ର, ପଶ୍ଚାତ, କେନ୍ଦ୍ରୀୟ)

୧୩ । ଜିହ୍ୱାର ବିଭାଗ ଦୃଷ୍ଟିରୁ 'ଇ', 'ଏ' ବର୍ଣ୍ଣଦ୍ୱୟ କେଉଁ ଶ୍ରେଣୀର ଅଟନ୍ତି ?
ଉ : ଅଗ୍ର

୧୪ । ଅ, ଉ, ଓ ବର୍ଣ୍ଣ ତ୍ରୟ ଜିହ୍ୱାର ବିଭାଗ ଦୃଷ୍ଟିରୁ କେଉଁ ଶ୍ରେଣୀର ଅଟନ୍ତି ?
ଉ : ପଶ୍ଚାତ

୧୫ । 'ଆ' ଅକ୍ଷରଟି କେଉଁ ଶ୍ରେଣୀର ଅଟେ ?
ଉ : କେନ୍ଦ୍ରୀୟ

୧୬ । ଜିହ୍ୱାର ଉଚ୍ଚତା ଦୃଷ୍ଟିରୁ ସ୍ୱରବର୍ଣ୍ଣକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
ଉ : ୪ (ସଂବୃତ, ଅର୍ଦ୍ଧସଂବୃତ, ବିବୃତ ଓ ଅର୍ଦ୍ଧବିବୃତ)

୧୭ । ଜିହ୍ୱାର ଉଚ୍ଚତା ଦୃଷ୍ଟିରୁ 'ଅ' ଏବଂ 'ଆ' କେଉଁ ଶ୍ରେଣୀର ଅଟନ୍ତି ?
ଉ : ଅର୍ଦ୍ଧ ବିବୃତ ଓ ବିବୃତ

୧୮ । କେଉଁ ସ୍ୱର ଧ୍ୱନିକୁ ସଂବୃତ ଧ୍ୱନି କୁହାଯାଏ ?
ଉ : ଇ, ଉ

୧୯ । ଅର୍ଦ୍ଧ ସଂବୃତ ଧ୍ୱନି ଭାବରେ କାହାକୁ ଗ୍ରହଣ କରାଯାଏ ?
ଉ : ଏ, ଓ

୨୦ । ଓଷ୍ଠର ଅବସ୍ଥିତି ଦୃଷ୍ଟିରୁ ମୌଳିକ ସ୍ୱର ଧ୍ୱନିକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
ଉ : ୨ ଭାଗରେ

୨୧ । ଓଷ୍ଠର ଅବସ୍ଥିତି ଦୃଷ୍ଟିରୁ ଅ, ଉ ଓ କୁ କେଉଁ ଧ୍ୱନି କୁହାଯାଏ ?
ଉ : ଗୋଲାକୃତ

୨୨ । ଅଗୋଲାକୃତ ଧ୍ୱନି ଭାବରେ କେଉଁ ବର୍ଣ୍ଣକୁ ଗ୍ରହଣ କରାଯାଏ ?
ଉ : ଆ, ଇ, ଏ

୨୩ । ବର୍ଗ ଭିତ୍ତିରେ ବ୍ୟଞ୍ଜନ ବର୍ଣ୍ଣକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
ଉ : ୨ (ବର୍ଗ୍ୟ ଓ ଅବର୍ଗ୍ୟ)

୨୪ । ବର୍ଗ୍ୟ ବ୍ୟଞ୍ଜନ କେତେ ପ୍ରକାର ?
ଉ : ୫ ପ୍ରକାର(କଚଟତପ)

୨୫ । ପ୍ରାଣତ୍ୱ ଦୃଷ୍ଟିରୁ ବର୍ଗ୍ୟ ବ୍ୟଞ୍ଜନକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
ଉ : ୨ ଭାଗରେ (ଅଳ୍ପପ୍ରାଣ ଓ ମହାପ୍ରାଣ)

Scanned with CamScanner

୨୬ । ପ୍ରତ୍ୟେକ ବର୍ଗର ପ୍ରଥମ ଓ ତୃତୀୟ ବର୍ଣ୍ଣକୁ ପ୍ରାଣତ୍ୱ ଦୃଷ୍ଟିରୁ କ'ଣ କୁହାଯାଏ ?
ଉ : ଅଳ୍ପପ୍ରାଣ ଧ୍ୱନି

୨୭ । ପ୍ରତ୍ୟେକ ବର୍ଗର ୨ୟ ଓ ୪ର୍ଥ ବର୍ଣ୍ଣକୁ ପ୍ରାଣତ୍ୱ ଦୃଷ୍ଟିରୁ କ'ଣ କୁହାଯାଏ ?
ଉ : ମହାପ୍ରାଣ ଧ୍ୱନି

୨୮ । ଘୋଷତ୍ୱ ଦୃଷ୍ଟିରୁ ବର୍ଗ୍ୟ ବ୍ୟଞ୍ଜନକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
ଉ : ୨ (ଅଘୋଷ ଓ ସଘୋଷ)

୨୯ । ବର୍ଗର ପ୍ରଥମ ଓ ଦ୍ୱିତୀୟ ବର୍ଣ୍ଣକୁ ଘୋଷତ୍ୱ ଅନୁଯାୟୀ କେଉଁ ବ୍ୟଞ୍ଜନ ଧ୍ୱନି କୁହାଯାଏ ?
ଉ : ଅଘୋଷ ଧ୍ୱନି

୩୦ । ପ୍ରତି ବର୍ଗର ପଞ୍ଚମ ବ୍ୟଞ୍ଜନକୁ କେଉଁ ଧ୍ୱନି କୁହାଯାଏ ?
ଉ : ଅନୁନାସିକ ଧ୍ୱନି

୩୧ । ବର୍ଗ ଅନ୍ତର୍ଗତ ବ୍ୟଞ୍ଜନର ୩ୟ ଓ ୪ର୍ଥ ବ୍ୟଞ୍ଜନ ଧ୍ୱନିକୁ କ'ଣ କୁହାଯାଏ ?
ଉ : ସଘୋଷ ଧ୍ୱନି

୩୨ । ଉଚ୍ଚାରଣର ସ୍ଥାନ ଓ ପ୍ରକୃତି ଦୃଷ୍ଟିରୁ ନିମ୍ନରେ ବ୍ୟଞ୍ଜନ ବର୍ଣ୍ଣଗୁଡ଼ିକର ସାରଣୀ ଦିଆଗଲା-

	ଓଷ୍ଠ	ଦନ୍ତ୍ୟ	ବର୍ତ୍ସ	ମୂର୍ଦ୍ଧଣ୍ୟ	ତାଳବ୍ୟ	କଣ୍ଠ	କାକଲ୍ୟ
ସ୍ପର୍ଶ	ପ, ଫ, ବ, ଭ	ତ, ଥ, ଦ, ଧ		ଟ, ଠ, ଡ, ଢ		କ,ଖ, ଗ,ଘ	
ସ୍ପର୍ଶସଂଘର୍ଷୀ					ଚ,ଛ, ଜ,ଝ		
ନାସିକ୍ୟ	ମ		ନ	ଣ		ଙ	
ସଂଘର୍ଷୀ			ସ				ହ
ପାର୍ଶ୍ୱିକ			ଲ	ଳ			
ଲୋଡ଼ିତ			ର				
ପ୍ରବାହ	ୱ				ୟ		

୩୩ । 'ଅ' ଭିନ୍ନ ଅନ୍ୟ ୧୦ଟି ସ୍ୱରବର୍ଣ୍ଣର ସାଙ୍କେତିକ ରୂପକୁ କ'ଣ କୁହାଯାଏ ?
ଉ : ମାତ୍ରା ।

୩୪ । କେଉଁ ସ୍ୱର ଧ୍ୱନିର ଦୁଇଗୋଟି ମାତ୍ରା ରହିଛି ?
ଉ : 'ଓ' (' େ', 'ା')

୩୫ । ଗୋଟିଏ ବ୍ୟଞ୍ଜନ ବର୍ଣ୍ଣ ଆଉ ଏକ ଭିନ୍ନ ବ୍ୟଞ୍ଜନ ସହ ମିଶି ଯେଉଁ ସାଙ୍କେତିକ ରୂପ ପ୍ରଦାନ କରିଥାନ୍ତି ତାହାକୁ କ'ଣ କୁହାଯାଏ ?
ଉ : ଫଳା ।

୩୬ । କେଉଁ ଫଳା ତଳେ ବ୍ୟବହୃତ ହୋଇନଥାଏ ?
ଉ : ଯ'ଫଳା (ୟ)

୩୭ । କେଉଁ ଚିହ୍ନଟି ଦୁଇଟି ଫଳା ପାଇଁ ବ୍ୟବହୃତ ହୋଇଥାଏ ?
ଉ : ୨ ('ତ' ଫଳା, 'ତ' ଫଳା)

୩୮ । ସାଧାରଣ ଭାବରେ ଓଡ଼ିଆ ଭାଷାର ଶବ୍ଦ ଭଣ୍ଡାରକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
ଉ : ୪ ତତ୍ସମ, ତଦ୍ଭବ, ଦେଶଜ, ବୈଦେଶିକ ।

୩୯ । ସଂସ୍କୃତରୁ ଅବିକଳ ଭାବରେ ଓଡ଼ିଆରେ ବ୍ୟବହୃତ ଶବ୍ଦକୁ କ'ଣ କୁହାଯାଏ ?
ଉ : ତତ୍ସମ ।

୪୦ । ଅମୃତ, ଜାତି, ପତିତା, ପ୍ରତିବେଶୀ, ପାଦ, ମାତୁଳ, ଲବଣ ଆଦି କେଉଁ ଶବ୍ଦ ?
ଉ : ତତ୍ସମ ।

୪୧ । ଯେଉଁ ଶବ୍ଦଗୁଡ଼ିକର ମୂଳ ସଂସ୍କୃତ, ସେହି ଓଡ଼ିଆ ଶବ୍ଦ କେଉଁ ଶ୍ରେଣୀର ଅଟନ୍ତି ?
ଉ : ତଦ୍ଭବ ।

୪୨ । କାଠ, ଅନ୍ଧାର, ଆଳୁଅ, ପିମ୍ପୁଡ଼ି, ଖଣତି ଆଦି ଶବ୍ଦ କେଉଁ ଶ୍ରେଣୀର ?
ଉ : ତଦ୍ଭବ ।

୪୩ । ଅଗାଡ଼ି, ଆଟିକା, ଆରିସା, ଗିନା, ତୋଟା, ପିଲା, ପେଟ ଆଦି କେଉଁ ଶବ୍ଦର ଅଂଶ ବିଶେଷ ?
ଉ : ଦ୍ରାବିଡ଼(ଦେଶଜ) ।

୪୪ । ଓରା, କୁଣ୍ଢେଇ, ଗଳ, ଚାଉଳ ଆଦି କେଉଁ ଶବ୍ଦ ?
ଉ : ଅଷ୍ଟ୍ରିକ (ଦେଶଜ) ।

୪୫ । ଅଦାଲତ, ଆଇନ, ଇସାରା, କାଗଜ, ତହସିଲ, ତାରିଖ, ଦଲିଲ୍, ଦୋକାନ ଫକୀର, ମକଦ୍ଦମା ଆଦି କେଉଁ ଶବ୍ଦ ?
ଉ : ଆରବୀ ।

Scanned with CamScanner

୪୬ । ଅଙ୍ଗୁର, ଆଚାର, କଲମ, ପୋଷାକ, ବଜାର, ମସଲା ଆଦି କେଉଁ ଶବ୍ଦ ?
ଉ : ପାର୍ସୀ ।

୪୭ । କଇଁଚି, କୁଲି, ତୋପ, ଦାରୋଗା, ବନ୍ଧୁକ, ବାରୁଦ ଆଦି କେଉଁ ଶବ୍ଦ ?
ଉ : ତୁର୍କୀ ।

୪୮ । ଆତ, ଆଲକାତରା, ଆଲପିନ୍, ଆଲମାରି, ବୋତଲ, ବୋତାମ, ସାବୁନ, ସାଲ୍‌ସା ଆଦି କେଉଁ ଶବ୍ଦ ?
ଉ : ପର୍ତ୍ତୁଗୀଜ ।

୪୯ । ଡ୍ରେସ୍, ପାଉଡ଼ର୍, ଫାଇଲ୍, ରେଡ଼ିଓ, ଲାଇବ୍ରେରି, ଲିପ୍‌ଷ୍ଟିକ ଆଦି କେଉଁ ଶବ୍ଦ ?
ଉ : ଇଂରାଜୀ ।

୫୦ । କମେଡ଼ି ଓ ଟ୍ରାଜେଡ଼ି କେଉଁ ଶବ୍ଦ ?
ଉ : ଗ୍ରୀକ୍ ।

୫୧ । ଭାଷା ବା ବାକ୍ୟରେ ବ୍ୟବହୃତ ହେଉଥିବା ସର୍ବନିମ୍ନ ଅର୍ଥଯୁକ୍ତ ଏକକକୁ କ'ଣ କୁହାଯାଏ ?
ଉ : ରୂପିମ ।

୫୨ । ଓଡ଼ିଆ ଭାଷାରେ ବ୍ୟବହୃତ ହେଉଥିବା 'ରୂପିମ'କୁ କେତେ ଭାଗରେ ବିଭକ୍ତ କରାଯାଇଛି ?
ଉ : ୨ (ମୁକ୍ତରୂପିମ ଓ ବଦ୍ଧ ରୂପିମ)

୫୩ । ଯେଉଁ ରୂପିମ ବିନା ସହାୟତାରେ ଭାଷାରେ ବ୍ୟବହୃତ ହୁଏ ତାହାକୁ କେଉଁ ରୂପିମ କୁହାଯାଏ ? (ଗଛ, ଘର, ଛାତ....)
ଉ : ମୁକ୍ତରୂପିମ ।

୫୪ । ବିଭକ୍ତି ଚିହ୍ନଗୁଡ଼ିକ କେଉଁ ରୂପିମର ଅନ୍ତର୍ଭୁକ୍ତ ?
ଉ : ବଦ୍ଧରୂପିମ ।

୫୫ । ପୂର୍ବେ ଗୋଟିଏ ଶବ୍ଦର ଅର୍ଥ ଯେତିକି ପରିମାଣକୁ ବୁଝାଉଥିଲା ବର୍ତ୍ତମାନ ଯଦି କମ୍ ପଦାର୍ଥକୁ ନିର୍ଦ୍ଦେଶ କରେ ତେବେ ଶବ୍ଦଟିର ଅର୍ଥରେ କ'ଣ ଘଟିଛି ବୋଲି ଜାଣିବାକୁ ହେବ ?
ଉ : ଅର୍ଥ ସଂକୋଚନ ।

୫୬ । 'ଗନ୍ଧ' ଶବ୍ଦରେ ଅର୍ଥ ପରିବର୍ତ୍ତନ କ୍ଷେତ୍ରରେ କ'ଣ ଘଟିଛି ?
ଉ : ଅର୍ଥ ସଂକୋଚନ ।

୫୭ । ପୂର୍ବେ ଗୋଟିଏ ଶବ୍ଦ ଯେତିକି ପରିମାଣକୁ ବୁଝାଉଥିଲା ତାହା ବର୍ତ୍ତମାନ ଅଧିକ ପରିମାଣକୁ ବୁଝାଇଲେ ତେବେ ସେ ଶବ୍ଦରେ କ'ଣ ହୋଇଛି ବୋଲି ଜାଣିବାକୁ ହେବ ?
ଉ : ଅର୍ଥବିସ୍ତାର ।

୫୮ । 'ତେଲ' ଶବ୍ଦର ଅର୍ଥରେ କ'ଣ ପରିବର୍ତ୍ତନ ଘଟିଛି ?
ଉ : ଅର୍ଥବିସ୍ତାର ।

୫୯ । ଗୋଟିଏ ଶବ୍ଦ ପୂର୍ବ ମୌଳିକ ଅର୍ଥକୁ ପରିତ୍ୟାଗ କରି ଅନ୍ୟ ଏକ ପୃଥକ ଅର୍ଥକୁ ଗ୍ରହଣ କଲେ ଶବ୍ଦଟିରେ କେଉଁ ପରିବର୍ତ୍ତନ ହୋଇଥିବା ଜଣାପଡ଼େ ?
ଉ : ଅର୍ଥାଦେଶ ।

୬୦ । 'ରାଗ' ଓ 'ବର' ଶବ୍ଦରେ କେଉଁ ପରିବର୍ତ୍ତନ' ଘଟିଛି ?
ଉ : ଅର୍ଥାଦେଶ ।

୬୧ । ପୂର୍ବେ ଯେଉଁ ଶବ୍ଦ ଖରାପ ଅର୍ଥକୁ ବୁଝାଉଥିଲା ତାହା ଯଦି ଭଲ ଅର୍ଥକୁ ପ୍ରକାଶ କରେ ତେବେ ସେ ଶବ୍ଦରେ କେଉଁ ପରିବର୍ତ୍ତନ ଘଟିଛି ବୋଲି କୁହାଯିବ ?
ଉ : ଅର୍ଥ ଉନ୍ନୟନ ।

୬୨ । 'ଅପରୂପ' ଶବ୍ଦରେ କେଉଁ ପରିବର୍ତ୍ତନ ଘଟିଛି ?
ଉ : ଅର୍ଥ ଉନ୍ନୟନ ।

୬୩ । ପୂର୍ବେ ଭଲ ଅର୍ଥ ମାତ୍ର ଏବେ ଖରାପ ଅର୍ଥରେ ବ୍ୟବହୃତ ହେଲେ ସେ ଶବ୍ଦରେ କେଉଁ ପରିବର୍ତ୍ତନ ଘଟିଥିବା ଜଣାଯାଏ ?
ଉ : ଅର୍ଥ ଅବନମନ/ ଅର୍ଥୋପକର୍ଷ ।

୬୪ । 'ନାଗର' ଶବ୍ଦରେ କେଉଁ ପରିବର୍ତ୍ତନ ଘଟିଛି ?
ଉ : ଅର୍ଥ ଅବନମନ ।

୬୫ । ହସକାନ୍ଦ, ଭଲମନ୍ଦ, ପାପପୁଣ୍ୟ ଆଦି କେଉଁ ପର୍ଯ୍ୟାୟର ଶବ୍ଦ ?
ଉ : ଯୁଗ୍ମଶବ୍ଦ ।

୬୬ । କଳକଳ, ଠକ୍‌ଠକ୍, ସରସର ଆଦି କେଉଁ ଶବ୍ଦ ?
ଉ : ଧ୍ୱନ୍ୟାତ୍ମକ ଶବ୍ଦ ।

୬୭ । ବିଶେଷ୍ୟପଦ କେତେ ପ୍ରକାର ଓ କ'ଣ କ'ଣ ?
ଉ : ୫ ପ୍ରକାର (ନାମ, ଜାତି, ବସ୍ତୁ, ଗୁଣ, କ୍ରିୟା)

୬୮ । ଯେଉଁ ପଦ ବିଶେଷ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣକୁ ବୁଝାଏ ତାହାକୁ କେଉଁ ପଦ କୁହନ୍ତି ?
ଉ : ବିଶେଷଣ ।

Scanned with CamScanner

୬୯ । ନାମ ବାଚକ ବିଶେଷ୍ୟ ପଦ ବଦଳରେ ଯେଉଁ ଶବ୍ଦ ବ୍ୟବହୃତ ହୁଏ ତାହାକୁ କ'ଣ କୁହାଯାଏ ?
ଉ : ସର୍ବନାମ ।

୭୦ । 'ଆପଣ' କେଉଁ ସର୍ବନାମ ?
ଉ : ସମ୍ମାନ ବାଚକ ।

୭୧ । 'ପ୍ରତ୍ୟେକ', ଅନ୍ୟ କେଉ ସର୍ବନାମ ?
ଉ : ନିର୍ଣ୍ଣାୟକ ।

୭୨ । ଯେଉଁ ପଦର କାରକ, ବିଭକ୍ତି, ଲିଙ୍ଗ ଆଦି ଭେଦରେ କୌଣସି ପରିବର୍ତ୍ତନ ଘଟେ ନାହିଁ, ତାହାକୁ କେଉଁ ପଦ କୁହାଯାଏ ?
ଉ : ଅବ୍ୟୟ ।

୭୩ । ଓ, ଏବଂ, ଆହୁରି, ପୁଣି, ମଧ୍ୟ ଆଦି କେଉଁ ଅବ୍ୟୟ ?
ଉ : ସଂଯୋଜକ ।

୭୪ । ତଥାପି, ନତୁବା, କିନ୍ତୁ, ମାତ୍ର ଆଦି କେଉଁ ଅବ୍ୟୟ ?
ଉ : ବିଯୋଜକ ।

୭୫ । 'ବାରମ୍ବାର' କେଉଁ ଅବ୍ୟୟ ?
ଉ : ବୀପସାର୍ଥକ ।

୭୬ । ହେ, ଆଲୋ କେଉଁ ଅବ୍ୟୟ ?
ଉ : ସମ୍ବୋଧନ ।

୭୭ । ସୁତରାଂ, ତେଣୁ କେଉଁ ଅବ୍ୟୟ ?
ଉ : ହେତୁ ।

୭୮ । ଧାତୁ ସହ ବିଭକ୍ତି ଯୋଗ ହୋଇ ଯେଉଁ ପଦ ଗଠନ କରନ୍ତି ତାହାକୁ କେଉଁ ପଦ କୁହାଯାଏ ?
ଉ : କ୍ରିୟାପଦ ।

୭୯ । ଓଡ଼ିଆ କ୍ରିୟା ପଦକୁ କେତେ ଭାଗରେ ବିଭକ୍ତ କରାଯାଇଛି ?
ଉ : ୨ (ସମାପିକା ଓ ଅସମାପିକା କ୍ରିୟା)

୮୦ । ଧାତୁ ବା ଶବ୍ଦ ପୂର୍ବରୁ ଯେଉଁ ପ୍ରତ୍ୟୟ ଯୋଗ ହୋଇ ନୂତନ ପଦ ଗଠନ କରନ୍ତି ସେହି ପ୍ରତ୍ୟୟକୁ କ'ଣ କୁହାଯାଏ ?
ଉ : ଉପସର୍ଗ ।

୮୧ । ଓଡ଼ିଆରେ ସଂସ୍କୃତରୁ ଗୃହୀତ ଉପସର୍ଗର ସଂଖ୍ୟା କେତେ ?
ଉ : ୨୦ ।

୮୨ । ଧାତୁରେ ପ୍ରତ୍ୟୟ ଯୋଗହୋଇ ଯେଉଁ ନୂତନ ଶବ୍ଦ ଗଠିତ ହୁଏ ତାହାକୁ କ'ଣ କୁହାଯାଏ ?
ଉ : କୃଦନ୍ତ ।

୮୩ । ଶବ୍ଦରେ ପ୍ରତ୍ୟୟ ଯୋଗ ହୋଇ ଯେଉଁ ନୂତନ ଶବ୍ଦ ଗଠିତ ହୁଏ ତାହାକୁ କ'ଣ କୁହାଯାଏ ?
ଉ : ତଦ୍ଧିତ ।

୮୪ । କ୍ରିୟାର ମୂଳ ପିଣ୍ଡକୁ କ'ଣ କୁହାଯାଏ ?
ଉ : ଧାତୁ ।

୮୫ । ଜୀବନ୍ତ କେଉଁ ଶବ୍ଦ ?
ଉ : କୃଦନ୍ତ ।

୮୬ । 'ତାର୍କିକ' କେଉଁ ଶବ୍ଦ ?
ଉ : ତଦ୍ଧିତ ।

୮୭ । ବାକ୍ୟ ମଧ୍ୟରେ ପରସ୍ପର ସମ୍ବନ୍ଧ ଥିବା ଦୁଇ ବା ତତୋଽଧିକ ପଦକୁ ଏକ ପଦରେ ପରିଣତ କରିବା ପ୍ରକ୍ରିୟାକୁ କ'ଣ କୁହାଯାଏ ?
ଉ : ସମାସ ।

୮୮ । ସମାସ ପ୍ରକ୍ରିୟାରେ ଯେଉଁ ପଦଗୁଡ଼ିକୁ ଏକ ପଦରେ ପରିଣତ କରାଯାଏ ସେହି ପଦକୁ କ'ଣ କୁହାଯାଏ ?
ଉ : ସମସ୍ୟମାନ ପଦ ।

୮୯ । ଯେଉଁ ବାକ୍ୟ ଦ୍ୱାରା ସମାସ ଅନ୍ତର୍ଭୁକ୍ତ ସମସ୍ୟମାନ ପଦଗୁଡ଼ିକ ମଧ୍ୟରେ ଥିବା ସମ୍ବନ୍ଧ ପ୍ରକାଶ ପାଏ ତାହାକୁ କେଉଁ ପଦ କୁହାଯାଏ ?
ଉ : ବିଗ୍ରହ ବାକ୍ୟ ।

୯୦ । ସାଧାରଣ ଭାବରେ ସମାସ କେତେ ପ୍ରକାର ?
ଉ : ୬ ପ୍ରକାର ।

୧୦୦ । ପ୍ରଥମ ପଦଟି ପର ପଦ ଦ୍ୱାରା ପ୍ରକାଶିତ ଅର୍ଥକୁ ନିୟନ୍ତ୍ରିତ କଲେ ତାହାକୁ କେଉଁ ସମାସ କୁହାଯାଏ ?
ଉ : ତତ୍ପୁରୁଷ ସମାସ ।

୧୦୧ । ପୂର୍ବପଦ ସଂଖ୍ୟାବାଚକ ବିଶେଷଣ ସହିତ ପରପଦ ବିଶେଷ୍ୟ ମିଶି ଯେଉଁ ସମାସ ଗଠନ କରନ୍ତି ତାହାକୁ କ'ଣ କୁହାଯାଏ ?
ଉ : ଦ୍ୱିଗୁ ସମାସ ।

Scanned with CamScanner

୧୦୨ । ପୂର୍ବପଦ ପ୍ରଥମା ବିଭକ୍ତ ଯୁକ୍ତ ହୋଇଥାଏ ଏବଂ ପରପଦର ଅର୍ଥଗତ ପ୍ରାଧାନ୍ୟ ରହିଥାଏ ତାହାକୁ କେଉଁ ସମାସ କୁହାଯାଏ ?

ଉ : କର୍ମଧାରୟ ।

୧୦୩ । ଯେଉଁ ସମାସରେ ପୂର୍ବପଦ ଅବ୍ୟୟ ରହି ପରପଦ ଅନ୍ୟ ପଦ ହୁଏ ତାହାକୁ କେଉଁ ସମାସ କୁହାଯାଏ ?

ଉ : ଅବ୍ୟୟୀଭାବ ସମାସ ।

୧୦୪ । ଯେଉଁ ସମାସରେ ଉଭୟ ପଦର ଅର୍ଥଗତ ପ୍ରାଧାନ୍ୟ ରହିଥାଏ ତାହାକୁ କେଉଁ ସମାସ କୁହାଯାଏ ?

ଉ : ଦ୍ୱନ୍ଦ୍ୱ ।

୧୦୫ । ଯେଉଁ ସମାସ ସମସ୍ୟମାନ ପଦର ଅର୍ଥକୁ ନ ବୁଝାଇ ଏକ ଅନ୍ୟ ଅର୍ଥକୁ ବୁଝାଏ ତାହାକୁ କେଉଁ ସମାସ କୁହାଯାଏ ?

ଉ : ବହୁବ୍ରୀହି ।

୧୦୬ । ଯେଉଁ ସମାସର ବ୍ୟାସବାକ୍ୟ କରାଯାଇପାରେ ନାହିଁ ତାହାକୁ କେଉଁ ସମାସ କୁହାଯାଏ ?

ଉ : ନିତ୍ୟ ସମାସ ।

୧୦୭ । 'ହଂସଡିମ୍ବ', ମଝିନଈ, କୂପମଣ୍ଡୁକ ଆଦି କେଉଁ ସମାସ ?

ଉ : ତତ୍ପୁରୁଷ ।

୧୦୮ । 'ଅଣ ଓସାରଆ', ନାତିଦୀର୍ଘ' କେଉଁ ସମାସ ?

ଉ : ନଞ୍ ତତ୍ପୁରୁଷ ।

୧୦୯ । 'କୁମ୍ଭକାର', 'ମିଥ୍ୟାବାଦୀ' କେଉଁ ସମାସ ?

ଉ : ଉପପଦ ତତ୍ପୁରୁଷ ।

୧୧୦ । 'ଶତାବ୍ଦୀ' କେଉଁ ସମାସ ?

ଉ : ଦ୍ୱିଗୁ ।

୧୧୧ । ପୂର୍ଣ୍ଣଚନ୍ଦ୍ର, ଭୀମକାନ୍ତ, ତୁଷାର ଧବଳ ଆଦି କେଉଁ ସମାସ ?

ଉ : କର୍ମଧାରୟ ।

୧୧୨ । ଯଥାଶକ୍ତି, ଦୁର୍ଭିକ୍ଷ କେଉଁ ସମାସ ?

ଉ : ଅବ୍ୟୟୀ ଭାବ ।

୧୧୩ । ଫୁଲଫଳ, ଦମ୍ପତି କେଉଁ ସମାସ ?

ଉ : ଦ୍ୱନ୍ଦ୍ୱ ସମାସ ।

୧୧୪ । ଘୋଡ଼ାମୁହାଁ, ଊର୍ଣ୍ଣନାଭ, ସପରିବାର ଆଦି କେଉଁ ସମାସ ?

ଉ : ବହୁବ୍ରୀହି ।

୧୧୫ । କୃଷ୍ଣସର୍ପ, ହୀରାକୁଦ, ଛାରପୋକ, ମନାନ୍ତର, ଯୋକଶୁଙ୍ଘା ଆଦି କେଉଁ ସମାସ ?

ଉ : ନିତ୍ୟ ସମାସ ।

୧୧୬ । ପରସ୍ପର ସନ୍ନିହିତ ପ୍ରଥମ ପଦର ଶେଷଧ୍ୱନି ସହ ଦ୍ୱିତୀୟ ପଦର ପ୍ରଥମ ଧ୍ୱନିର ମିଳନକୁ କ'ଣ କୁହାଯାଏ ?

ଉ : ସନ୍ଧି ।

୧୧୭ । ସନ୍ଧି କେତେ ପ୍ରକାର ଓ କ'ଣ କ'ଣ ?

ଉ : ୩, ସ୍ୱରସନ୍ଧି, ବିସର୍ଗ ସନ୍ଧି ଓ ବ୍ୟଞ୍ଜନ ସନ୍ଧି ।

୧୧୮ । ପରସ୍ପର ସନ୍ନିହିତ ଦୁଇଗୋଟି ସ୍ୱରଧ୍ୱନିର ମିଳନକୁ କେଉଁ ସନ୍ଧି କୁହାଯାଏ ?

ଉ : ସ୍ୱରସନ୍ଧି ।

୧୧୯ । ଦୁଇଟି ବ୍ୟଞ୍ଜନବର୍ଣ୍ଣ ବା ବ୍ୟଞ୍ଜନ ବର୍ଣ୍ଣ ସହ ସ୍ୱରବର୍ଣ୍ଣର ମିଳନକୁ କେଉଁ ସନ୍ଧି କୁହାଯାଏ ?

ଉ : ବ୍ୟଞ୍ଜନ ସନ୍ଧି ।

୧୨୦ । ପ୍ରଥମ ପଦର ଶେଷରେ ଥିବା ବିସର୍ଗ ସହ ପରପଦର ମିଳନକୁ କ'ଣ କୁହାଯାଏ ?

ଉ : ବିସର୍ଗ ସନ୍ଧି ।

୧୨୧ । 'ସଂସ୍କାର' ଶବ୍ଦରେ କେଉଁ ସନ୍ଧି ହୋଇଛି ?

ଉ : ବ୍ୟଞ୍ଜନ ସନ୍ଧି ।

୧୨୨ । 'ଗଣେଶ' ଶବ୍ଦ କେଉଁ ସନ୍ଧି ହୋଇଛି ?

ଉ : ସ୍ୱରସନ୍ଧି ।

୧୨୩ । 'ନିରୀକ୍ଷଣ' ଶବ୍ଦରେ କେଉଁ ସନ୍ଧି ହୋଇଛି ?

ଉ : ବିସର୍ଗ ସନ୍ଧି ।

୧୨୪ । 'ଉଲ୍ଲାସ' କେଉଁ ସନ୍ଧି ?

ଉ : ବ୍ୟଞ୍ଜନ ସନ୍ଧି ।

୧୨୫ । ଓଡ଼ିଆ ଭାଷାରେ ବ୍ୟବହୃତ ଲିଙ୍ଗ ସଂଖ୍ୟା କେତେ ?

ଉ : ୩, ପୁଲିଙ୍ଗ, ସ୍ତ୍ରୀଲିଙ୍ଗ, କ୍ଲୀବଲିଙ୍ଗ ।

Scanned with CamScanner

୧୨୬ । 'କର୍ମା' କେଉଁ ଲିଙ୍ଗ ?

ଉ : କ୍ଲୀବ ।

୧୨୭ । 'ମେଧାବୀ' କେଉଁ ଲିଙ୍ଗ ?

ଉ : କ୍ଲୀବ ।

୧୨୮ । 'ମେଣ୍ଢା' କେଉଁ ଲିଙ୍ଗ ?

ଉ : କ୍ଲୀବ ।

୧୨୯ । ଓଡ଼ିଆ ଭାଷାରେ କେଉଁ ପଦରେ 'ପୁରୁଷ' ବିଚାର କରାଯାଏ ?

ଉ : ସର୍ବନାମ ।

୧୩୦ । ଓଡ଼ିଆ ଭଷାରେ କେତୋଟି ପୁରୁଷ ରହିଥାଏ ?

ଉ : ୩, ୧ମ, ୨ୟ ଓ ତୃତୀୟ ପୁରୁଷ ।

୧୩୧ । ବାକ୍ୟରେ କ୍ରିୟାପଦ ସହିତ ଅନ୍ୟ ପଦଗୁଡ଼ିକର ଯେଉଁ ସମ୍ବନ୍ଧ ରହିଥାଏ ତାହାକୁ କ'ଣ କୁହାଯାଏ ?

ଉ : କାରକ ।

୧୩୨ । କାରକ କେତେ ପ୍ରକାର ?

ଉ : ୬ ।

୧୩୩ । ସମ୍ବନ୍ଧ ପଦକୁ କାହିଁକି କାରକ କୁହାଯାଏ ନାହିଁ ?

ଉ : ସମ୍ବନ୍ଧ ପଦରେ କ୍ରିୟା ନ ଥାଏ, ତେଣୁ ତାକୁ କାରକ କୁହାଯାଏ ନାହିଁ ।

୧୩୪ । ବୀପ୍ସା ଓ ବ୍ୟାପ୍ତି ଅର୍ଥରେ କେଉଁ ବିଭକ୍ତି ହୋଇଥାଏ ?

ଉ : ୨ୟା ।

୧୩୫ । ନିମିତ୍ତାର୍ଥେ- କେଉଁ ବିଭକ୍ତି ହୁଏ ?

ଉ : ୪ର୍ଥୀ ।

୧୩୬ । ନିବାରଣ ଅର୍ଥରେ କେଉଁ ବିଭକ୍ତି ହୁଏ ?

ଉ : ୪ର୍ଥୀ ।

୧୩୭ । ଅ, ଆ, ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଏବଂ 'କ' ଓ 'ର' ପରେ 'ସ'ଟି 'ଷ'ରେ ପରିଣତ ହେବାକୁ କ'ଣ କୁହାଯାଏ ?

ଉ : ଷତ୍ୱ ବିଧି ।

୧୩୮ । ଯେଉଁ ଚିହ୍ନ ବାକ୍ୟ ଅନ୍ତର୍ଗତ ବିଭିନ୍ନ ପଦର ବଚନ, କାରକ, ସମ୍ବନ୍ଧ ପଦକୁ ଯଥାର୍ଥ ଭାବେ ସୂଚୀତ କରାଇବାରେ ସହାୟକ ହୋଇଥାନ୍ତି ତାହାକୁ କ'ଣ କୁହାଯାଏ ?

ଉ : ବିଭକ୍ତି ।

୧୩୯ । ବିଭକ୍ତି କେତେ ପ୍ରକାର ?

ଉ : ୭ ।

୧୪୦ । କେଉଁ ବିଭକ୍ତିରେ କେଉଁ କାରକ ଅନୁଯାୟୀ ବିଭକ୍ତିକୁ ଚିହ୍ନିବା ପାଇଁ ନିମ୍ନରେ ସାରଣୀ ଦିଆଗଲା-

କାରକ	ବିଭକ୍ତି	ଏକବଚନ ଚିହ୍ନ	ବହୁବଚନ ଚିହ୍ନ
କର୍ତ୍ତା	୧ମା		ଏ, ମାନେ, ଗୁଡ଼ିକ, ଗୁଡ଼ିଏ
କର୍ମ	୨ୟା	କୁ, ଙ୍କୁ, ଠାକୁ	ମାନଙ୍କୁ, ମାନଙ୍କଠାକୁ
କରଣ	୩ୟା	ରେ, ଦ୍ୱାରା, ଦେଇ, କର୍ତ୍ତୃକ	ମାନଙ୍କରେ, ମାନଙ୍କଦେଇ, ମାନଙ୍କଦ୍ୱାରା
ସମ୍ପ୍ରଦାନ	୪ର୍ଥୀ	କୁ, ଙ୍କୁ, କି, ପାଇଁ, ସକାଶେ, ନିମିତ୍ତ	ମାନଙ୍କୁ, ମାନଙ୍କ ପାଇଁ, ମାନଙ୍କ ସକାଶେ, ଗୁଡ଼ିକ ପାଇଁ
ଅପାଦାନ	୫ମୀ	ରୁ, ଠାରୁ, ଠୁଁ, ତହୁଁ	ମାନଙ୍କଠୁ, ମାନଙ୍କଠାରୁ
	୬ଷ୍ଠୀ	ର, ଙ୍କ, ଙ୍କର	ଙ୍କର, ମାନଙ୍କ, ମାନଙ୍କର
ଅଧିକରଣ	୭ମୀ	ଏ, ରେ, ଠାରେ, ଠି, ଠେଇଁ	ମାନଙ୍କଠି, ମାନଙ୍କଠାରେ, ଗୁଡ଼ିକଠି.....

୧୪୧ । ବାକ୍ୟଟିରେ ଗୋଟିଏ କର୍ତ୍ତା ଓ ଗୋଟିଏ ସମାପିକା କ୍ରିୟା ଥିଲେ ସେ ବାକ୍ୟକୁ କ'ଣ କୁହାଯାଏ ?

ଉ : ସରଳ ।

୧୪୨ । ଯେଉଁ ବାକ୍ୟରେ ଓ, ଏବଂ, କିନ୍ତୁ ଆଦିର ବ୍ୟବହାର ଥାଏ ତାକୁ କେଉଁ ବାକ୍ୟ କୁହାଯାଏ ?

ଉ : ଯୌଗିକ ।

୧୪୩ । ଦୁଇ ବା ତତୋଽଧିକ ଖଣ୍ଡବାକ୍ୟର ମିଳନକୁ କ'ଣ କୁହାଯାଏ ?

ଉ : ଜଟିଳ ।

୧୪୪ । ବାକ୍ୟ ଗଠନ ଦୃଷ୍ଟିରୁ କେତେ ପ୍ରକାର ?

ଉ : ୩ ।

Scanned with CamScanner

୧୪୫ । ବାକ୍ୟର ଅର୍ଥ ଓ ଭାବ ଦୃଷ୍ଟିରୁ କେତେ ପ୍ରକାର ?
ଉ : ୪ (ବିବୃତି, ଆଦେଶ, ପ୍ରଶ୍ନ, ବିସ୍ମୟ) ।

୧୪୬ । ବାକ୍ୟ ଲେଖିଲା ବେଳେ ଯେଉଁ ଚିହ୍ନର ଆବଶ୍ୟକତା ହୁଏ ତାହାକୁ କ'ଣ କୁହାଯାଏ ?
ଉ : ବିରାମ ଚିହ୍ନ ।

୧୪୭ । ବିରାମ ଚିହ୍ନ କେତେ ପ୍ରକାର ?
ଉ : ୧୦ ।

୧୪୬ । ବୃତ୍ତି କେତେ ପ୍ରକାର ?
ଉ : ୩ ।

୧୪୭ । ଛନ୍ଦ କେତେ ପ୍ରକାର ?
ଉ : ୨ ।

୧୪୮ । ଆଷାଢ଼ ଶୁକ୍ଳ କେତେ ପାଦ ବିଶିଷ୍ଟ ?
ଉ : ୬ ।

୧୪୯ । କଳହଂସ କେଦାର କେତେ ପାଦ ବିଶିଷ୍ଟ ?
ଉ : ୪ ।

୧୫୦ । କଂଳହସଂ କେଦାରର ପ୍ରତ୍ୟେକ ପାଦର ଅକ୍ଷର ସଂଖ୍ୟା କେତେ ?
ଉ : ୧୨(୭+୫) ।

୧୫୧ । ଗୁଜରୀର ପ୍ରତିପାଦର ଅକ୍ଷର ସଂଖ୍ୟା ଓ ପାଦ ସଂଖ୍ୟା କେତେ ?
ଉ : ୯, ୨ ପାଦ ।

୧୫୨ । ଚକ୍ରକେଳିର ଅକ୍ଷର ସଂଖ୍ୟା କେତେ, ପାଦ ସଂଖ୍ୟା କେତେ ?
ଉ : ୧୧, ୨ ।

୧୫୩ । ଚୋଖୀ ବୃତ୍ତର ପ୍ରଥମ ଦୁଇପାଦର ଅକ୍ଷର ସଂଖ୍ୟା କେତେ ?
ଉ : ୨୯ ।

୧୫୪ । ଦାଣ୍ଡୀବୃତ୍ତର ଜନକ କିଏ ?
ଉ : ସାରଳା ଦାସ ।

୧୫୫ । ଦାଣ୍ଡୀବୃତ୍ତର ସର୍ବାଧିକ ଓ ସର୍ବନିମ୍ନ ଅକ୍ଷର ସଂଖ୍ୟା କେତେ ?
ଉ : ୩୨-୯ ।

୧୫୬ । ଦେଶାକ୍ଷ ବୃତ୍ତ କେତେ ପାଦରେ ଏକପଦ ହୁଏ ?
ଉ : ୬ ।

୧୫୭ । ନଟବାଣୀ ବା ବିଭାସ କେଦାରର ପାଦସଂଖ୍ୟା ଓ ଅକ୍ଷର ସଂଖ୍ୟା କେତେ ?
ଉ : ୨, ୧୨(୩+୩+୩+୩) ।

୧୫୮ । ବଙ୍ଗଳାଶ୍ରୀ ବୃତ୍ତର ପାଦ ଓ ଅକ୍ଷର ସଂଖ୍ୟା କେତେ ?
ଉ : ୨, ୨୦ ଅକ୍ଷର ।

୧୫୯ । ରାମକେରୀ ବୃତ୍ତର ଅକ୍ଷର ସଂଖ୍ୟା କେତେ ?
ଉ : ୧୬ ।

୧୬୦ । ଅଳଂ କରୋତି ଇତି ଅଳଙ୍କାର କିଏ କହିଥିଲେ ?
ଉ : ଭାମହ ।

୧୬୧ । ଅଳଙ୍କାର ଶବ୍ଦର ସନ୍ଧି ବିଚ୍ଛେଦ କର ?
ଉ : ଅଳଂ+କୃ+ଅ ।

୧୬୨ । ଅଳଙ୍କାର କେତେ ପ୍ରକାର ଓ କ'ଣ କ'ଣ ?
ଉ : ୨, ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ।

୧୬୩ । ଶବ୍ଦାଳଙ୍କାର କେତେ ପ୍ରକାର ? କ'ଣ କ'ଣ ?
ଉ : ୩ ଅନୁପ୍ରାସ, ଯମକ ଓ ଶ୍ଳେଷ ।

୧୬୪ । ପାଦ ମଧ୍ୟରେ ଏକ ବା ଏକାଧିକ ବ୍ୟଞ୍ଜନବର୍ଣ୍ଣର ବାରମ୍ବାର ପ୍ରୟୋଗ ହେଲେ କେଉଁ ଅଳଙ୍କାର ହୋଇଥାଏ ?
ଉ : ଅନୁପ୍ରାସ ।

୧୬୫ । ପଦ ମଧ୍ୟରେ ଗୋଟିଏ ଶବ୍ଦ ବାରମ୍ବାର ପ୍ରୟୋଗ ହୋଇ ଭିନ୍ନ ଅର୍ଥ ପ୍ରକାଶ କଲେ କେଉଁ ଅଳଙ୍କାର ହୋଇଥାଏ ?
ଉ : ଯମକ ।

୧୬୬ । ପଦ ମଧ୍ୟରେ ଗୋଟିଏ ଶବ୍ଦ ଥରେ ମାତ୍ର ପ୍ରୟୋଗ ହୋଇ ବିଭିନ୍ନ ଅର୍ଥ ପ୍ରକାଶ କଲେ କେଉଁ ଅଳଙ୍କାର ହୋଇଥାଏ ?
ଉ : ଶ୍ଳେଷ ।

୧୬୭ । 'ଅନୁପ୍ରାସ' ଅଳଙ୍କାର କେତେ ପ୍ରକାର ?
ଉ : ୫ ।

୧୬୮ । 'ଯମକ' ଅଳଙ୍କାର କେତେ ପ୍ରକାର ?
ଉ : ୫ ।

୧୬୯ । ଶ୍ଳେଷ ଅଳଙ୍କାର କେତେ ପ୍ରକାର ?
ଉ : ୩ ।

Scanned with CamScanner

୧୭୦ । 'ଉତ୍କଳ-କମଳା-ବିଳାସୀ ଦୀର୍ଘିକା
ମରାଳ-ମାଳିନୀ-ନୀଳାମ୍ବୁ-ଚିଲିକା' -କେଉଁ ଅଳଙ୍କାର ପ୍ରୟୋଗ ହୋଇଛି ?
ଉ : ଅନୁପ୍ରାସ ।

୧୭୧ । 'ବରଜୀବରସେ ଦେଇ ମାନସ
ବରଜିବରଷେ ଅମେଧ ଗ୍ରାସ' କେଉଁ ଅଳଙ୍କାର ହୋଇଛି ?
ଉ : ଯମକ ।

୧୭୨ । 'ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ
ବିହର କାନନ କରି ଆଲିଙ୍ଗନକୁ' କେଉଁ ଅଳଙ୍କାର ହୋଇଛି ?
ଉ : ଶ୍ଳେଷ ।

୧୭୩ । ଦୁଇଟି ସମାନ ଧର୍ମ ବିଶିଷ୍ଟ ପଦର ସାଦୃଶ କଥିତ ହେଲେ ତାହାକୁ କେଉଁ ଅଳଙ୍କାର କୁହାଯାଏ ?
ଉ : ଉପମା ।

୧୭୪ । ପଦରେ ଯାହାକୁ ତୁଳନା କରାଯାଏ ତାହାକୁ କେଉଁ ଅଳଙ୍କାର କୁହାଯାଏ ?
ଉ : ଉପମେୟ ।

୧୭୫ । ଦୁଇଟି ସମାନଧର୍ମ ବିଶିଷ୍ଟ ପଦରେ ଯାହା ସହିତ ତୁଳନା କରାଯାଏ ତାହାକୁ କ'ଣ କହନ୍ତି ?
ଉ : ଉପମାନ ।

୧୭୬ । ପ୍ରକୃତ ବସ୍ତୁରେ ଅପ୍ରକୃତ ବସ୍ତୁର ଅଭେଦ କଥିତ ହେଲେ କେଉଁ ଅଳଙ୍କାର ହୋଇଥାଏ ?
ଉ : ଉତ୍ପ୍ରେକ୍ଷା ।

୧୭୭ ।. ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଥିତ ହେଲେ କେଉଁ ଅଳଙ୍କାର ହୁଏ ?
ଉ : ରୂପକ ।

୧୭୮ । ଉପମାନ ଅପେକ୍ଷା ଉପମେୟର ଆଧିକ୍ୟ କଥିତ ହେଲେ କେଉଁ ଅଳଙ୍କାର ହୁଏ ?
ଉ : ବ୍ୟତିରେକ ।

୧୭୯ । କାରଣ ବିନା କାର୍ଯ୍ୟର ଉତ୍ପତ୍ତି ହେଲେ କେଉଁ ଅଳଙ୍କାର ହୁଏ ?
ଉ : ବିଭାବନା ।

୧୮୦ । କାରଣ ଥାଇ ମଧ୍ୟ କାର୍ଯ୍ୟର ଉତ୍ପତ୍ତି ନ ହେଲେ କେଉଁ ଅଳଙ୍କାର ହୁଏ ?
ଉ : ବିଶେଷୋକ୍ତି ।

୧୮୧ । ଉପମେୟ ଓ ଉପମାନ ମଧ୍ୟରେ ଥିବା ସାଦୃଶ୍ୟକୁ ଯଦି ଦୁଇଟି ବାକ୍ୟରେ ଦୁଇଟି ଭିନ୍ନ ଧର୍ମ ଦ୍ୱାରା ବ୍ୟକ୍ତ କରାଯାଏ ତେବେ ସେଠାରେ କେଉଁ ଅଳଙ୍କାର ହୋଇଥାଏ ?
ଉ : ଦୃଷ୍ଟାନ୍ତ ।

୧୮୨ । ଉପମେୟ ବିନା ଉପମାନକୁ ବ୍ୟକ୍ତ କରାଗଲେ ତାହାକୁ କେଉଁ ଅଳଙ୍କାର କୁହାଯାଏ ?
ଉ : ଅତିଶୟୋକ୍ତି ।

୧୮୩ । ଗୋଟିଏ ଉକ୍ତିକୁ ଆଉ ଗୋଟିଏ ଉକ୍ତି ଦ୍ୱାରା ସମର୍ଥନ କରାଗଲେ ତାହାକୁ କ'ଣ କୁହାଯାଏ ?
ଉ : ଅର୍ଥାନ୍ତରନ୍ୟାସ ।

୧୮୪ । ଯେଉଁଠାରେ ଦୁଇଟି ଉକ୍ତି ବାସ୍ତବରେ ଅସଙ୍ଗତ, କିନ୍ତୁ ସାଦୃଶ ଦ୍ୱାରା ସଙ୍ଗତ ହେଲେ କେଉଁ ଅଳଙ୍କାର ହୁଏ ?
ଉ : ନିଦର୍ଶନା ।

୧୮୫ । ବସ୍ତୁ, ବ୍ୟକ୍ତି, ପ୍ରକୃତି ପ୍ରଭୃତିର ଯଥାଯଥ ଚମତ୍କାର ବର୍ଣ୍ଣନାକୁ କେଉଁ ଅଳଙ୍କାର କୁହାଯାଏ ?
ଉ : ସ୍ୱଭାବୋକ୍ତି ।

୧୮୬ । ପ୍ରକୃତ ବସ୍ତୁକୁ ପରିହାର କରି ଅପ୍ରକୃତ ବସ୍ତୁକୁ ସ୍ଥାପନ କରାଗଲେ କେଉଁ ଅଳଙ୍କାର ହୁଏ ?
ଉ : ଅପହ୍ନୁତି ।

୧୮୭ । ଉପମା ଅଳଙ୍କାର କେତେ ପ୍ରକାର ?
ଉ : ୩ ।

୧୮୮ । ରୂପକ ଅଳଙ୍କାର କେତେ ପ୍ରକାର ?
ଉ : ୩ ।

୧୮୯ । ଉତ୍ପ୍ରେକ୍ଷା ଅଳଙ୍କାର କେତେ ପ୍ରକାର ?
ଉ : ୨ ।

୧୯୦ । ନିନ୍ଦା ଛଳରେ ସ୍ତୁତି ବା ସ୍ତୁତି ଛଳରେ ନିନ୍ଦା କରାଗଲେ କେଉଁ ଅଳଙ୍କାର ହୁଏ ?
ଉ : ବ୍ୟାଜସ୍ତୁତି ।

Scanned with CamScanner

୧୯୧ । ଆସନ ସକାଶେ ବୃନ୍ଦେ ଏଡ଼େ ବାଇ ।
ବାଳକ ଯେସନେ କ୍ରୀଡ଼ନକ ପାଇଁ !! ଏହା କେଉଁ ଅଳଙ୍କାର ?
ଉ : ଉପମା ।

୧୯୨ । ଆଶା- ପାରିଜାତ ଫୁଟିବ ହୃଦ-ନନ୍ଦନ- ବନେ
ଜ୍ଞାନ ଭକ୍ତି କର୍ମ ସୌରଭ ବ୍ୟାପିଯିବ ଭୁବନେ । ଏଠାରେ କେଉଁ ଅଳଙ୍କାର
ହୋଇଛି ?
ଉ : ରୂପକ ।

୧୯୩ । 'ଶ୍ୱେତାଙ୍ଗ ଚଢ଼େଇଗୁହା ସମୁଦ୍ରଗତ
ନୀରଭେଦି କିବା ଉଠେ ଐରାବତ ।' ଏଠାରେ କେଉଁ ଅଳଙ୍କାର ହୋଇଛି ?
ଉ: ଉତ୍‌ପ୍ରେକ୍ଷା ।

୧୯୪ । 'ନୀଳିମାରେ ବାମା ଚାରୁ କେଶପାଶ
ତୋ ନୀଳ ବୀଚିକା କଲା ଉପହାସ ।' ଏଠାରେ କେଉଁ ଅଳଙ୍କାର
ହୋଇଛି ?
ଉ : ବ୍ୟତିରେକ ।

୧୯୫ । 'ଅନଳ ନୁହଇ ଦେହ ଦହଇ
ଅସ୍ତ୍ର ନୁହଇ ମରମେ ଭେଦଇ-' ଏଠାରେ କେଉଁ ଅଳଙ୍କାର ହୋଇଛି?
ଉ : ବିଭାବନା ।

୧୯୬ । ଖାଉଥିଲେ ଦ୍ରବ୍ୟ ସ୍ୱାଦୁ ନ ଜାଣେ
ଗନ୍ଧ ଘେନଇ ଉଦାସୀନ ଗୁଣେ । ଏଠାରେ କେଉଁ ଅଳଙ୍କାର ହୋଇଛି ?
ଉ : ବିଶେଷୋକ୍ତି ।

୧୯୭ । 'ବସ୍ତୁ ନୁହେଁଇ ସେ ଅଟଇଟି ଧୂମ
ଅନ୍ୟନାମ ତା'ର ଆକାଶ କୁସୁମ ।' ଏଠାରେ କେଉଁ ଅଳଙ୍କାର ହୋଇଛି ?
ଉ : ଅପହ୍ନୁତି ।

୧୯୮ । କୌଣସି ପଦରେ ଗୋଟିଏ ପଦାର୍ଥ ଉଭୟ ଉପମେୟ ଓ ଉପମାନ ଭାବେ
କଳ୍ପିତ ହେଲେ ସେଠାରେ କେଉଁ ଅଳଙ୍କାର ହୁଏ ?
ଉ : ଭ୍ରାନ୍ତିମାନ ।

୧୯୯ । 'ତହିଁ ସିଂହାସନେ ସୁନ୍ଦରୀ ଆସିନା
ଜଗତେ ତୁଳନା ସେହି ତା'ର ସିନା ।' ଏଠାରେ କେଉଁ ଅଳଙ୍କାର
ହୋଇଛି ?
ଉ : ଅନନ୍ୱୟ ।

୨୦୦ । 'ଆନିତମ୍ବ ଲମ୍ବୀ କେଶଗୁଚ୍ଛେ ଶୋଭଥାଉ ଚରମ
ଦର୍ଶକ ହୃଦୟେ ଉପୁଜାଇ ନୀଳ ଭୁଜଙ୍ଗୀ ଭ୍ରମ ।' ଏଠାରେ କେଉଁ ଅଳଙ୍କାର
ହୋଇଛି ?
ଉ : ଭ୍ରାନ୍ତିମାନ ।

୨୦୧ । ବଳାଘାତ ଦ୍ୱାରା ଶବ୍ଦର କ'ଣ ପରିବର୍ତ୍ତନ ଘଟେ ?
ଉ : ଧ୍ୱନି ପରିବର୍ତ୍ତନ ।

୨୦୨ । ସୁଭାଷଣ ଦ୍ୱାରା ଭାଷାର କେଉଁ ଦିଗରେ ପରିବର୍ତ୍ତନ ଘଟେ ?
ଉ : ଅର୍ଥ ପରିବର୍ତ୍ତନ ।

୨୦୩ । ଶବ୍ଦ ଉଚ୍ଚାରଣ ବେଳେ କେତେକ ଧ୍ୱନିର ଲୋପ ହେଲେ ତାକୁ କ'ଣ
କୁହାଯାଏ ?
ଉ : ଲୋପ ।

୨୦୪ । ଶବ୍ଦ ମଧ୍ୟରେ ନୂତନ ଧ୍ୱନି ଆସିଲେ ତାକୁ କ'ଣ କୁହାଯାଏ ?
ଉ : ଆଗମ ।

୨୦୫ । 'ପଇତା' ଓ 'ମଶାଣୀ' ଶବ୍ଦରେ ମୂଳ ଶବ୍ଦର କେଉଁ ପ୍ରକାର ଧ୍ୱନି ପରିବର୍ତ୍ତନ
ଘଟିଛି ?
ଉ : ଆଦି ସ୍ୱରଲୋପ ।

୨୦୬ । 'ସ୍ୱର୍ଣ୍ଣ' ଓ 'କୋଇଲି' ଶବ୍ଦରେ ମୂଳ ଶବ୍ଦର କେଉଁ ପ୍ରକାର ଧ୍ୱନି ପରିବର୍ତ୍ତନ
ଘଟିଛି ?
ଉ : ମଧ୍ୟ ସ୍ୱରଲୋପ ।

୨୦୭ । 'ଭାଇନା' ଶବ୍ଦରେ ମୂଳ ଶବ୍ଦର କେଉଁ ପ୍ରକାର ଧ୍ୱନି ପରିବର୍ତ୍ତନ ଘଟିଛି ?
ଉ : ସମାକ୍ଷର ଲୋପ ।

୨୦୮ । 'ଜିଲା' ଶବ୍ଦରେ ମୂଳ ଶବ୍ଦର କେଉଁ ପ୍ରକାର ଧ୍ୱନି ପରିବର୍ତ୍ତନ ଘଟିଛି ?
ଉ : ଆଦ୍ୟାକ୍ଷର ଲୋପ ।

୨୦୯ । 'ସକାଳ' ଓ 'କେଳା' ଶବ୍ଦରେ ମୂଳ ଶବ୍ଦର କେଉଁ ପ୍ରକାର ଧ୍ୱନି ପରିବର୍ତ୍ତନ
ଘଟିଛି ?
ଉ : ମଧ୍ୟାକ୍ଷର ଲୋପ ।

୨୧୦ । 'କୁରାଢ଼ି' ଓ 'କପା' ଶବ୍ଦରେ ମୂଳ ଶବ୍ଦର କେଉଁ ପ୍ରକାର ଧ୍ୱନି ପରିବର୍ତ୍ତନ
ଘଟିଛି ?
ଉ : ଅନ୍ତାକ୍ଷର ଲୋପ ।

Scanned with CamScanner

... 'ଇସ୍କୁଲ' ଭାବରେ ଉଚ୍ଚାରିତ ହେଲେ ଶବ୍ଦଟିରେ କେଉଁ ପ୍ରକାର ପରିବର୍ତ୍ତନ ଘଟିଥିବା ଜଣାଯାଏ ?

ଉ : ଆଦି ସ୍ୱରାଗମ ।

୨୧୨ । ମଧ୍ୟ ସ୍ୱରାଗମ କେତେ ଭାଗରେ ବିଭକ୍ତ ଓ କ'ଣ ?

ଉ : ୨, ସ୍ୱରଭକ୍ତି ଓ ଅପନିହିତ ।

୨୧୩ । 'ଯତ୍ନ' ଶବ୍ଦଟି 'ଯତନ' ରୂପେ ଉଚ୍ଚାରଣ କରାଗଲେ ଶବ୍ଦଟିରେ କେଉଁ ପରିବର୍ତ୍ତନ ଘଟିବ ?

ଉ : ସ୍ୱରଭକ୍ତି ।

୨୧୪ । ପଦ ମଧ୍ୟରେ 'ଇ' କିମ୍ବା' 'ଉ'ର ଆଗମ ଘଟିଲେ ଧ୍ୱନିରେ କେଉଁ ପ୍ରକାର ପରିବର୍ତ୍ତନ ହୋଇଥିବା ଜଣାଯାଏ ?

ଉ : ଅପନିହିତ ।

୨୧୫ । 'ବେଇଗି', 'ପାଉଁଶ' ଶବ୍ଦରେ କେଉଁ ପ୍ରକାର ଧ୍ୱନି ପରିବର୍ତ୍ତନ ଘଟିଛି ?

ଉ : ଅପନିହିତ ।

୨୧୬ । 'ଅସ୍ଥି' ଶବ୍ଦଟି 'ହାଡ଼' ରୂପେ ଉଚ୍ଚାରିତ ହେଲେ କେଉଁ ପ୍ରକାର ଧ୍ୱନି ପରିବର୍ତ୍ତନ ଘଟିଥିବା ଜଣାପଡ଼େ ?

ଉ : ଆଦ୍ୟ ବ୍ୟଞ୍ଜନାଗମ ।

୨୧୭ । 'ଅଗ୍ର' ଶବ୍ଦଟି 'ଆଗ' ଭାବରେ ଉଚ୍ଚାରିତ ହେବାକୁ କ'ଣ କୁହାଯାଏ ?

ଉ : ସମୀଭବନ ।

୨୧୮ । 'ବୃଦ୍ଧି' ଶବ୍ଦଟି 'ବଢ଼ି' ଭାବରେ ଉଚ୍ଚାରିତ ହେଲେ ଶବ୍ଦଟିରେ କେଉଁ ପ୍ରକାର ଧ୍ୱନି ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ?

ଉ : ମୂର୍ଦ୍ଧଣୀ ଭବନ ।

୨୧୯ । 'ଆଦ୍ୟ' ଶବ୍ଦଟି 'ଆଜ' ଶବ୍ଦରେ ଉଚ୍ଚାରଣ ହେବାକୁ କ'ଣ କୁହାଯାଏ ?

ଉ : ତାଲବ୍ୟୀ ଭବନ ।

୨୨୦ । 'ପଞ୍ଚଦଶ', 'ପନ୍ଦର' ରୂପେ ଉଚ୍ଚାରିତ ହେବାକୁ ଧ୍ୱନି ପରିବର୍ତ୍ତନର କ'ଣ କୁହାଯାଏ ?

ଉ : 'ର' କାରୀ ଭବନ ।

୨୨୧ । ସଂସ୍କୃତ ବ୍ୟାକରଣର ମୁନିତ୍ରୟ କିଏ ?

ଉ : ପାଣିନି, କାତ୍ୟାୟନ ଓ ପତଞ୍ଜଳି ।

୨୨୨ । 'ଲାଙ୍ଗୁଳ' ଶବ୍ଦଟି 'ଲାଙ୍ଗୁଡ଼' ଶବ୍ଦରେ ପରିବର୍ତ୍ତନ ଘଟିଲେ ଧ୍ୱନି ପରିବର୍ତ୍ତନର କ'ଣ ଘଟିଛି ବୋଲି ଜାଣିବାକୁ ହେବ ?

ଉ : ବିଷମୀ ଭବନ ।

୨୨୩ । ମୁଖ୍ୟ ଅର୍ଥର ଉପଯୋଗୀ ନହୋଇ ଯଦି କୌଣସି ଶବ୍ଦ ପ୍ରୟୋଗ ହୁଏ ସେଠାରେ କ'ଣ ହୁଏ ?

ଉ : ଅର୍ଥଦୋଷ ।

୨୨୪ । ଅଳ୍ପପ୍ରାଣୀ ଭବନ କାହାକୁ କୁହାଯାଏ ?

ଉ : ପଦ ବା ଶବ୍ଦ ଅନ୍ତର୍ଗତ ମହାପ୍ରାଣ ବ୍ୟଞ୍ଜନ ବର୍ଣ୍ଣର ଅଳ୍ପପ୍ରାଣ ବ୍ୟଞ୍ଜନ ବର୍ଣ୍ଣର ପରିଣତିକୁ ଅଳ୍ପପ୍ରାଣୀ ଭବନ କୁହାଯାଏ ।

୨୨୫ । ମହାପ୍ରାଣୀ ଭବନ କାହାକୁ କୁହାଯାଏ ?

ଉ : ଅଳ୍ପପ୍ରାଣ ବ୍ୟଞ୍ଜନ ବର୍ଣ୍ଣର ମହାପ୍ରାଣ ବ୍ୟଞ୍ଜନ ବର୍ଣ୍ଣରେ ପରିଣତିକୁ ମହାପ୍ରାଣୀ ଭବନ କୁହାଯାଏ ।

୨୨୬ । ଗରିଷ୍ଠ- ଗରିଷ୍ଟ, ଏଠାରେ କେଉଁ ପ୍ରାଣୀ ଭବନ ହୋଇଛି ?

ଉ : ଅଳ୍ପପ୍ରାଣୀ ଭବନ ।

୨୨୭ । ବେଶ-ଭେଶ, ଏଠାରେ କେଉଁ ପ୍ରାଣୀଭବନ ହୋଇଛି ?

ଉ : ମହାପ୍ରାଣୀ ଭବନ ।

୨୨୮ । ପଦ ବା ଶବ୍ଦ ଅନ୍ତର୍ଗତ ନାସିକ୍ୟ ବ୍ୟଞ୍ଜନ ଧ୍ୱନିଲୁପ୍ତ ହୋଇ ଯଦି ପୂର୍ବବର୍ତ୍ତ ବ୍ୟଞ୍ଜନ ଧ୍ୱନିକୁ ଅନୁନାସିକ କରିଦିଏ ତେବେ ସେଠାରେ କେଉଁ ଭବନ ହୋଇଥାଏ ?

ଉ : ନାସିକ୍ୟୀଭବନ ।

୨୨୯ । 'ଗ୍ରାମ', 'ଗାଁ'ରେ ପରିଣତ ହେବା କେଉଁ ଭବନ ?

ଉ : ନାସିକ୍ୟୀ ଭବନ ।

୨୩୦ । ମୂର୍ଦ୍ଧଣ୍ୟୀଭବନ କାହାକୁ କୁହାଯାଏ ?

ଉ : ପଦ ଅନ୍ତର୍ଗତ 'ର', 'ର', 'ଷ' ପ୍ରଭୃତି ମୂର୍ଦ୍ଧଣ୍ୟ ଧ୍ୱନିର ସମ୍ପର୍କରେ ଆସି ଦନ୍ତ୍ୟ ବ୍ୟଞ୍ଜନ ଧ୍ୱନି ମୂର୍ଦ୍ଧଣ୍ୟ ଧ୍ୱନିରେ ପରିଣତ ହେଲେ, ଏହି ଧ୍ୱନି ପରିବର୍ତ୍ତନକୁ ମୂର୍ଦ୍ଧଣ୍ୟୀ ଭବନ କୁହାଯାଏ ।

୨୩୧ । କଥା କହିବା ବେଳେ ସ୍ୱରର ଉତ୍ଥାନ ଓ ପତନକୁ କ'ଣ କୁହାଯାଏ ?

ଉ : ସ୍ୱରଲହର ।

୨୩୨ । ବୃଦ୍ଧି > ବଢ଼ି, ମୃତ୍ତିକା > ମାଟି, ଗ୍ରନ୍ଥି > ଗଣ୍ଠି, ଅସ୍ଥି > ହାଡ଼ ଏଥିରେ କେଉଁ ପ୍ରକାର ଧ୍ୱନି ପରିବର୍ତ୍ତନ ଘଟିଛି ?

ଉ : ମୂର୍ଦ୍ଧଣ୍ୟୀଭବନ ।

Scanned with CamScanner

୨୩୩ । କୌଣସି ପଦ ବା ଶବ୍ଦର ଦ୍ରୁତ ଉଚ୍ଚାରଣ ବେଳେ ପଦ ଅନ୍ତର୍ଗତ ସ୍ପୃଷ୍ଟ ଧ୍ୱନି, ଉଷ୍ମ ଧ୍ୱନିରେ ପରିଣତ ହେଲେ, ତାହାକୁ କେଉଁ ଭବନ କୁହାଯାଏ ?

ଉ : ଉଷ୍ମୀଭବନ (କାଗଜ > କାଗଜ) ।

୨୩୪ । ସାଧାରଣତଃ ପଦ ମଧ୍ୟସ୍ଥ ବ୍ୟଞ୍ଜନ ଧ୍ୱନିରେ କୌଣସି ପରିବର୍ତ୍ତନ ନ ଘଟି କେବଳ ତଦନ୍ତର୍ଗତ ସ୍ୱରର ପରିବର୍ତ୍ତନ ଘଟିଲେ, ତାହାକୁ କ'ଣ କୁହାଯାଏ ?

ଉ : ଅପଶ୍ରୁତି (କରଣ > କାରଣ) ।

୨୩୫ । କୌଣସି ଅପରିଚିତ ବା କଷ୍ଟୋଚାରିତ ବୈଦେଶିକ ଶବ୍ଦ ଅଜ୍ଞାଧିକ ଧ୍ୱନି ସାମ୍ୟ ଫଳରେ ଅତୀବ ପରିଚିତ ଦେଶୀ ଶବ୍ଦର ସାଦୃଶ୍ୟ ଲାଭ କଲେ, ତାହାକୁ କ'ଣ କୁହାଯାଏ ?

ଉ : ଲୋକ ନିରୁକ୍ତି (folk-etymoligy), (Hospital- ହଂସପାତାଳ, Arm Chair ଆରାମ ଚେୟାର

୨୩୬ । ଯଦି ଗୋଟିଏ ଶବ୍ଦର ଅଂଶ ସହିତ ଅନ୍ୟ ଗୋଟିଏ ଶବ୍ଦ ବା ଦୁଇ ଗୋଟି ଭିନ୍ନ ଶବ୍ଦର ମିଳନ ଘଟି ନୂତନ ଶବ୍ଦ ସୃଷ୍ଟି ହୁଏ, ତେବେ ସେହି ଶବ୍ଦକୁ କ'ଣ କୁହାଯାଏ ?

ଉ : ଯୋଡ଼କଲମ (ଅଭି+ବୈରି > ଐରିଅଇରି)

ନିମ୍ନଲିଖିତ କବିତାଗୁଡ଼ିକରେ କେଉଁ ଅଳଙ୍କାରର ପ୍ରୟୋଗ ଘଟିଛି ?

୨୩୭ । ଉତ୍କଳ-କମଳା-ବିଳାସ-ଦୀର୍ଘିକା
ମରାଳ-ମାଳିନୀ-ନୀଳାମ୍ବୁ- ଚିଲିକା !
ଉ : ଅନୁପ୍ରାସ ଅଳଙ୍କାର, ଚିଲିକା : ରାଧାନାଥ ରାୟ

୨୩୮ । ଦେଖରେ ନଳିନି ନଳିନୀ ନଳିନୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଏ ଶୋଭିତ ।
ଉ : ମଧ୍ୟ ଯମକ ଅଳଙ୍କାର, ଲାବଣ୍ୟବତୀ : ଉପେନ୍ଦ୍ରଭଞ୍ଜ

୨୩୯ । ବାବୁ ନାକ ଶିରୀ ଦାନ ଯୋଗ୍ୟ ଯୋଷାକୁ
ବିହର କାନନ କର ଆଲିଙ୍ଗନକୁ ।
ଉ : ଶ୍ଳେଷ ଅଳଙ୍କାର, ବୈଦେହୀଶ ବିଳାସ : ଉପେନ୍ଦ୍ରଭଞ୍ଜ

୨୪୦ । ନୀଳ ନୀରଦମାଳେ ଖେଳେ ଚପଳା
ଖଳ ପୀରତି ପ୍ରାୟେ ସଦା ଚପଳା ।
ଉ : ଯମକ ଅଳଙ୍କାର, ତୁଳସୀ ସ୍ତବକ- ରାଧାନାଥ ରାୟ

୨୪୧ । ଖଣ୍ଡ ଖଣ୍ଡ ଧଳା ମେଘ ସୁନୀଳ ଅମ୍ବରେ
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ ।
ଉ : ଉପମା ଅଳଙ୍କାର, ଚିଲିକା

୨୪୨ । ଦରିଦ୍ରତା ପଙ୍କ ପୂର୍ଣ୍ଣ ମୋ ଜୀବନ ସର
ଜଞ୍ଜାଳ ଜଳଦ ଜଳେ ଆବିଳ ଉଦର ।
ଉ : ରୂପକ ଅଳଙ୍କାର, ତପସ୍ୱିନୀ : ଗଙ୍ଗାଧର ମେହେର

୨୪୩ । ଶ୍ୱେତାଙ୍ଗ ଚଢ଼ାଇଗୁହା ସମୁଦ୍‌ଗତ
ନୀର ଭେଦି କିବା ଉଠେ ଐରାବତ ।
ଉ : ଉତ୍ପ୍ରେକ୍ଷା ଅଳଙ୍କାର, ଚିଲିକା

୨୪୪ । ନୀଳିମାରେ ବାମା ତାରୁ କେଶପାଶ
ତୋ ନୀଳ ବୀଚିକି କଲା ଉପହାସ ।
ଉ : ବ୍ୟତିରେକ ଅଳଙ୍କାର, ଚିଲିକା

୨୪୫ । ଅନଳ ନୁହଇ ଦେହ ଦହଇ
ଅସ୍ତ୍ର ନୁହଇ ମରମେ ଭେଦଇ ।
ଉ : ବିଭାବନା ଅଳଙ୍କାର, ବିଦଗ୍ଧ ଚିନ୍ତାମଣି : ଅଭିମନ୍ୟୁ **ସାମନ୍ତସିଂହାର**

୨୪୬ । ଖାଉଥିଲେ ଦ୍ରବ୍ୟ ସ୍ୱାଦୁ ନ ଜାଣେ
ଗନ୍ଧ ଘେନଇ ଉଦାସୀନ ଗୁଣେ ।
ଉ : ବିଶେଷୋକ୍ତି ଅଳଙ୍କାର, ବିଦଗ୍ଧ ଚିନ୍ତାମଣି

୨୪୭ । ବାଧିଲା ଜାଣି କ୍ଷମା କର
ନୋହିଲେ ରମାରମଣ ଦଣ୍ଡେ ଦିଅଟାଳି
ତୁମ୍ଭକୁ ଜଗନ୍ନାଥ; ଆଜ ମୋ ମନୋରଥ
ଭରତି କରି ଦେବି ଗାଳିହୋ ।
ଉ : ବ୍ୟାଜ ସ୍ତୁତି, ସର୍ଜ୍ଜଣାଣ : ବଳଦେବ ରଥ

୨୪୮ । ତୋ ପଶ୍ଚିମତୀର ଶୋଭାର ନିଳୟ
ଦେଖି ନ ରହିବ ଲାଖି କା-ହୃଦୟ !
ଉ : ସ୍ୱଭାବୋକ୍ତି, ଚିଲିକା

୨୪୯ । ବସ୍ତୁ ନୁହଁଇ ସେ ଅଟଇଟି ଧୂମ
ଅନ୍ୟ ନାମ ତା'ର ଆକାଶ କୁସୁମ ।
ଉ : ଅପହ୍ନୁତି, ଚିଲିକା

Scanned with CamScanner

୨୫୦। ରାଧା ପରି ରାଧା ସିନାରେ ସଙ୍ଗିନୀ
ରାଧା ପରି ରାଧା ସିନା
ସ୍ତିରୀ ମାତରକ ଅଛନ୍ତି ଯେତକ
ସର୍ବେ ପିତଳ ସେ ସୁନା ।
ଉ : ଅନନ୍ୱୟ, ଗୋପାଳକୃଷ୍ଣ ପଦାବଳୀ : ଗୋପାଳକୃଷ୍ଣ ପଟ୍ଟନାୟକ

ନିମ୍ନଲିଖିତ କବିତାଗୁଡ଼ିକରେ କେଉଁ ଛନ୍ଦର ପ୍ରୟୋଗ ଘଟିଛି ?

୨୫୧। ମର୍ତ୍ତ୍ୟ ମଣ୍ଡଳେ ଦେହ ବହି
ଦେବତା ହୋଇଲେ ମରଇ ।
ଉ : ଗୁଜ୍ଜରୀ

୨୫୨। ସତ କହିବାକୁ କିଆଁ ଡରିବି
ସତ କହି ପଛେ ମଲେ ମରିବି ।
ଉ : ଚକ୍ରକେଳି

୨୫୩। କଳାକଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ
କରନ୍ତି ମଥୁରା ବିଜୟେ ଦାଣ୍ଡେ ଦେଖ ସଙ୍ଗାତ ।
ଉ : ରାମକେରୀ

୨୫୪। ଉତ୍କଳ କମଳା ବିଳାସ ଦୀର୍ଘିକା
ମରାଳ ମାଳିନୀ ନିଳାମ୍ବୁ ଚିଲିକା ।
ଉ : ନଟବାଣୀ, ବିଭାସ କେଦାର

୨୫୫। ମାଆ ମାଆ ବୋଲି କେତେ ମୁଁ ଡାକିଲି
ମାଆକୁ ପାଇଲି ନାହିଁ
ଭାଇ ଭାଇ ବୋଲି କେତେ ମୁଁ ଡାକିଲି
ନ ଦେଲେ ଉତ୍ତର କେହି ।
ଉ : ବଙ୍ଗଳାଶ୍ରୀ

୨୫୬। ବରଜୀ ବରଷେ ଦେଇ ମାନସ
ବରଜି ବରଷେ ଅମେଧ ଗ୍ରାସ
ଦେହେ ମନ୍ଦାକିନୀ ରଜ ଲଗାଇ
ଗ୍ରାମ ଶୂକରୀ କି ହୋଇ ଗାଇ

ଜଗତେ କେବଳ ଜନେ ହସିବେ
ଏ ତହୁଁ ଫଳ ।
ଉ : ଆଷାଢ଼ ଶୁକ୍ଳ

୨୫୭। ଝଳ ଝଳ ସୁନୀଳ, ସରସୀ ଜଳ,
ଝଳ ଝଳ ଶ୍ୟାମଳ, ନଳିନୀ ଦଳ
ଝଳ ଝଳ ଭାସ୍କର, ରଶ୍ମି ଉଜ୍ଜ୍ୱଳ,
ତା' ମଧ୍ୟେ ଝଳ ଝଳ, ତୁହି କମଳ ।
ଉ : କଳହଂସ କେଦାର

୨୫୮। ବିଭୂଷଣ ପୁଷ୍ପେ, ଯା କାନ୍ତି ଜାଣ
ବିଭୂଷଣ କରି, କନ୍ୟାକୁ ଆଣ
ବାରଣ ଶିରେ, ପାଦ ଦେଇ ଆସୁ,
ବରଣ କରି ରାମା ମନ ତୋଷୁ, ସେ
ବୋଲି ଦେଲେ, କଉଶିକ ଯେ
ଉ : ରସକୂଲ୍ୟା

୨୫୯। ମୁନି-ମୁଖ ବେଦ-ସ୍ୱନ ପୂର୍ଣ୍ଣକଲା ଶ୍ୟାମ ବନ'
ଉଠିଲା ଭେଦି ଗଗନ ଉଚ୍ଚ ଓଁ କାର,
ବୈକୁଣ୍ଠେ ଦେଇ ତୃପତି ଅନନ୍ତ ଶ୍ରୁତିକି ଗତି'
ବିହିଲା କି ସରସ୍ୱତୀ, ବୀଣା ଝଙ୍କାର
ଉ : ଚୋଖି

୨୬୦। ଦୂରେ ଥିଲେ ପାଶେ ଅଛି, ଏହା ଥିବୁ ଘେନି
କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ
ପ୍ରୀତି ଅଭେଦ ତା'ଙ୍କର
ଯେତେ ଦୂରେ ଥିଲେ, ଯେ 'ଯା'ହାର ସେ ତା'ହାର'
ଉ : ଶଙ୍କରାଭରଣ

•

Scanned with CamScanner

ଲୋକସାହିତ୍ୟ

୧। ଗ୍ରାମ୍ୟ ସାହିତ୍ୟ, ପଲ୍ଲୀ ସାହିତ୍ୟ, କଥିତ ସାହିତ୍ୟ, ଲଘୁ ସାହିତ୍ୟ ଆଦି କେଉଁ ସାହିତ୍ୟର ଅନ୍ତର୍ଭୁକ୍ତ ?

ଉ : ଲୋକସାହିତ୍ୟ ।

୨। ଲୋକସାହିତ୍ୟ କାହାର ଅଂଶବିଶେଷ ?

ଉ : ଲୋକସଂସ୍କୃତି ।

୩। ଲୋକସାହିତ୍ୟ କେଉଁଥିରେ ନିହିତ ?

ଉ : ଲୋକଜୀବନ ।

୪। ଲୋକ ସାହିତ୍ୟ କେଉଁ ସାହିତ୍ୟର ଜନକ ଅଟେ ?

ଉ : ଶିଷ୍ଟ ସାହିତ୍ୟ ବି ବିଦଗ୍ଧ ସାହିତ୍ୟ ।

୫। ଲୋକସାହିତ୍ୟର ପ୍ରଥମ ସଙ୍କଳନ କିଏ ଓ କେବେ କରିଥିଲେ ?

ଉ : ଶ୍ରୀ କପିଳେଶ୍ୱର ବିଦ୍ୟାଭୂଷଣ ନନ୍ଦଶର୍ମା, ୧୮୭୬ ।

୬। ଲୋକସାହିତ୍ୟର ବୈଶିଷ୍ଟ୍ୟଗୁଡ଼ିକ ଲେଖ ?

ଉ : ସଂକ୍ଷିପ୍ତତା, ପଲ୍ଲୀପ୍ରାଣତା, ମୌଖିକତା, ସ୍ରଷ୍ଟାହୀନତା ।

୭। Flok Lore ଓଡ଼ିଆ ରୂପାନ୍ତର କ'ଣ ?

ଉ : ଲୋକବିଦ୍ୟା, ଲୋକଜ୍ଞାନ, ଲୋକବାର୍ତ୍ତା ।

୮। Flok Lore କୁ କିଏ ଲୋକସଂସ୍କୃତି ଭାବରେ ଗ୍ରହଣ କରିଛନ୍ତି ?

ଉ : ଡକ୍ଟର କୃଷ୍ଣଦେବ ଉପାଧ୍ୟାୟ ।

୯। ଲୋକବିଦ୍ୟା କେତେଭାଗରେ ବିଭକ୍ତ ।

ଉ : ୨ ଭାଗରେ । ମୌଖିକ ଲୋକବିଦ୍ୟା ଓ କ୍ରିୟାତ୍ମକ ଲୋକବିଦ୍ୟା ।

୧୦। ମୁକ୍ତପଦ୍ଧତି (Open System) କ'ଣ ?

ଉ : ଲୋକବିଦ୍ୟା ସଂଗ୍ରାହକ ନିଜେ ସଂଗ୍ରହରେ ସମ୍ପୃକ୍ତ ନ ହୋଇ ବିଭିନ୍ନ ଉତ୍ସ ମାଧ୍ୟମରେ ତଥ୍ୟ ସଂଗ୍ରହ କରିଥାଆନ୍ତି । ଏହାକୁ ମୁକ୍ତପଦ୍ଧତି କୁହାଯାଏ ।

୧୧। ଅବରୁଦ୍ଧ ପଦ୍ଧତି (Close System) କ'ଣ ?

ଉ : ସଂଗ୍ରାହକ ପ୍ରତ୍ୟକ୍ଷ ଭାବରେ ସଂପୃକ୍ତ ହୋଇ ଏହି ପଦ୍ଧତିରେ ତଥ୍ୟ ସଂଗ୍ରହ କରିଥାନ୍ତି ।

୧୨। 'ଫୋକ୍ ଏଟିମୋଲଜି' କ'ଣ ?

ଉ : ଦେବାଦେବୀ ସ୍ଥାନ ଓ ନାମକୁ ବିଶ୍ଳେଷଣ କରି ଗବେଷଣାର ସୂତ୍ର ସନ୍ଧାନ କରିବାକୁ ଫୋକ୍ ଏଟିମୋଲଜି କୁହାଯାଏ ।

୧୩। ସୌର-ପୁରାଣତାତ୍ତ୍ୱିକ ମତବାଦ (Theory of Solar Mythology କ'ଣ ?

ଉ : ଲୋକକଥାର ମୂଳଉତ୍ସ ହେଉଛି ଧର୍ମଗାଥା ଓ ମିଥ୍ । ଲୋକକଥାଗୁଡ଼ିକ ଭାରତୀୟ ମିଥ୍ ଅବଲମ୍ବନରେ ସୃଷ୍ଟ ଓ ସୂର୍ଯ୍ୟଙ୍କୁ ଆଧାର କରି ଅନେକ ଲୋକକଥାର ସୃଷ୍ଟି । ଏହାର ଅଧ୍ୟୟନକୁ ସୌର-ପୁରାଣତାତ୍ତ୍ୱିକ ମତବାଦ କୁହାଯାଏ ।

୧୪। ସୌର-ପୁରାଣତାତ୍ତ୍ୱିକ ମତବାଦର ପ୍ରବକ୍ତା କିଏ ?

ଉ : ମାକ୍ସମୁଲାର ।

୧୫। ଫିନିକ୍ସ ପଦ୍ଧତି କ'ଣ ?

ଉ : ଇତିହାସର ପ୍ରାଣ ଲୋକକଥା ଭିତରେ ଆତ୍ମଗୋପନ କରିଥାଏ । ଲୋକକଥାର ମୌଳିକ ଉପାଦାନ କଥାରୂପ (Type) ଓ ଗଳ୍ପାଣୁ (Motif) କୁ ଅଧ୍ୟୟନ କରି ଲୋକକଥାର ମୂଳ ନିରୂପଣ କରିବା ଏହି ପଦ୍ଧତିର ଲକ୍ଷ୍ୟ । ଆଣ୍ଟିଆର୍ଣ୍ଣେଙ୍କଦ୍ୱାରା ପ୍ରସ୍ତୁତ ଏହି ପଦ୍ଧତିକୁ ଫିନିକ୍ସ ପଦ୍ଧତି କୁହାଯାଏ ।

୧୬। ପ୍ରଥମେ Flok Lore ଶବ୍ଦ କିଏ ପ୍ରୟୋଗ କରିଥିଲେ ?

ଉ : ଅଷ୍ଟ୍ରିଆର ଗବେଷକ Johonn Felix Von Knaffl, ୧୮୦୩ ମସିହା ।

୧୭। Flok Lore Society କେବେ ଓ କେଉଁଠି ପ୍ରତିଷ୍ଠା ହୋଇଥିଲା ?

ଉ : ୧୮୭୭ ମସିହା, ଲଣ୍ଡନ ।

୧୮। International Flok Lore Congress କେବେ ଓ କେଉଁଠି ଅନୁଷ୍ଠିତ ହୋଇଥିଲା ?

ଉ : ୧୮୯୧ ମସିହା, ଲଣ୍ଡନ ।

୧୯। ପ୍ରକାର୍ଯ୍ୟବାଦୀ ତତ୍ତ୍ୱ (Functional Theory) ର ସ୍ଥାପକ କିଏ ?

ଉ : ଥମ୍ପସନ୍ ।

୨୦। ପୁରାଣର ତୁଳନାତ୍ମକ ପଦ୍ଧତି (Comparative Mythology) ର ପ୍ରବକ୍ତା କିଏ ?

ଉ : ଜେମ୍ସ ଫେଜର ।

Scanned with CamScanner

୨୧ । ସଂରଚନା ପଦ୍ଧତି (Structural Theory) ର ପ୍ରବକ୍ତା କିଏ ?
ଉ : ଲେଭିଷ୍ଟ୍ରସ୍ ।

୨୨ । ସଞ୍ଚରଣ ମତବାଦ (Migrational Theory) ର ପ୍ରବକ୍ତା କିଏ ?
ଉ : ଥିଓଡେର ବେନ୍‌ଫି ।

୨୩ । Indian Antiquary Journal କେବେ ପ୍ରକାଶ ପାଇଲା ?
ଉ : ୧୮୭୪ ମସିହା ।

୨୪ । 'କବିତା କୌମୁଦୀ' କିଏ ରଚନା କରିଛନ୍ତି ?
ଉ : ରାମନରେଶ ତ୍ରିପାଠୀ, ୧୯୨୯ ମସିହା ।

୨୫ । କଥାରୂପ (Type) କାହାକୁ କୁହାଯାଏ ?
ଉ : ଲୋକକାହାଣୀର ଏହା ଏକ ବାହ୍ୟିକ ସତ୍ତା । ମୂଳ କାହାଣୀଟି ବାରମ୍ବାର ଗଳ୍ପକଥକଦ୍ୱାରା ପରିବର୍ତ୍ତିତ ହୋଇ ଚାଲିଥାଏ । ଗଳ୍ପ କଥକ ତା' ନିଜ ସର୍ଜନଶୀଳତାରେ ଏହାକୁ ଉପସ୍ଥାପନ କରିଥାଏ । ଲୋକକଥା ମୌଖିକ ରୂପରେ ଥିବାରୁ ଗଳ୍ପକଥକ ନିଜର ସ୍ୱାଧୀନତା ଓ ସର୍ଜନଶୀଳତାରେ କାହାଣୀକୁ ରୂପ ଦେଇଥାଏ । ଗଳ୍ପ କଥକ ଉପରେ ଲୋକକଥାର ବ୍ୟବହାର ଓ ପ୍ରୟୋଗ ନିର୍ଭର କରୁଥିବାରୁ ଏହା ଏକ ସ୍ୱତନ୍ତ୍ର କଳାର ମାନ୍ୟତା ପାଇଥାଏ । ଲୋକକଥାର ଏହି ପରିବର୍ତ୍ତିତ ଓ ସମ୍ପ୍ରସାରିତ ସ୍ୱରୂପକୁ କଥାରୂପ ବା Type କୁହାଯାଏ ।

୨୬ । Type Index କଥାରୂପ ସୂଚୀର ନିର୍ମାତା କିଏ ?
ଉ : ଆଣ୍ଟିଆର୍ନେ ।

୨୭ । Type Index ଗ୍ରନ୍ଥରେ କେତେପ୍ରକାର କଥାରୂପର ସୂଚନା ଅଛି ?
ଉ : ୮ଟି ।

୨୮ । 'ଆର୍ନେ-ଥମ୍ପସନ୍' କଥାରୂପ ସୂଚୀ (Type Index) କ'ଣ ?
ଉ : ଆଣ୍ଟିଆର୍ନେଙ୍କ କଥାରୂପ ସୂଚୀକୁ ନୂତନ ଗବେଷଣାଦ୍ୱାରା ଥମ୍ପସନ ସମ୍ପ୍ରସାରିତ କରି ଯେଉଁ ନୂତନ ସୂଚୀ ପ୍ରଣୟନ କଲେ ତା'ର ନାମ 'ଆର୍ନେ-ଥମ୍ପସନ' କଥାରୂପ ସୂଚୀ ।

୨୯ । ମୋଟିଫ୍ (Motif) କହିଲେ କ'ଣ ବୁଝ ?
ଉ : ଲୋକକଥାର ଏହା ଆତ୍ମା । ନାଭିକେନ୍ଦ୍ର ରୂପେ ପ୍ରତିଷ୍ଠିତ । ହଜାର ହଜାର ବର୍ଷ ଧରି ଲୋକକଥାର ବାହ୍ୟ ରୂପ ପରିବର୍ତ୍ତନ ହେଉଥିଲେ ମଧ୍ୟ ଏହାର ମୂଳ ଲକ୍ଷ, ମୂଳାଧାର, ଉଦ୍ଦେଶ୍ୟ, ଗଳ୍ପବନ୍ଧନର ଆଭିମୁଖ୍ୟ, କାଳ

ଉପଯୋଗିତା ବଦଳେ ନାହିଁ । ସମୟ, ପରମ୍ପରା, ଜୀବନଧାରା ବଦଳିଯାଏ । ଅଥଚ ଏସବୁ ସୂକ୍ଷ୍ମତମ ନିଦର୍ଶନ ମୋଟିଫ ଭିତରେ ସୁରକ୍ଷିତ ରହିଥାଏ । ମୋଟିଫ୍ ଅପରିବର୍ତ୍ତନୀୟ-ଟାଇମ୍ ପରିବର୍ତ୍ତନଶୀଳ । ଟାଇମ୍ ବାରମ୍ବାର ବଦଳୁଥିବା ବେଳେ ମୋଟିଫ୍ ଲୋକକଥାର ଆତ୍ମା ରୂପେ ବିରାଜମାନ କରୁଥାଏ । ମୋଟିଫ୍‌କୁ ଜଗନ୍ନାଥଙ୍କ 'ବ୍ରହ୍ମ' ଓ ଟାଇମ୍‌କୁ ନବକଳେବର ସମୟର ନୂତନ 'ପିଣ୍ଡ' ଭାବରେ ବିଚାର କରାଯାଇପାରିବ ।

୩୦ । ଲୋକକଥାର ଆତ୍ମା ଓ ଅଙ୍ଗ କାହାକୁ କୁହାଯାଏ ?
ଉ : ମୋଟିଫ୍ - ଆତ୍ମା ଓ ଟାଇପ୍ - ଅଙ୍ଗ ।

୩୧ । ରୂପତାତ୍ତ୍ୱିକ ଅଧ୍ୟୟନ (Morpholosycal study) ର ପ୍ରବକ୍ତା କିଏ ?
ଉ : ଭ୍ଲାଡ଼ିମିର ପ୍ରପ୍ ।

୩୨ । The Morphology of Flok Tales ଗ୍ରନ୍ଥର ସ୍ରଷ୍ଟା କିଏ ?
ଉ : ଭ୍ଲାଡ଼ିମିର ପ୍ରପ୍, ୧୮୬୮ ।

୩୩ । 'The Structural study of Myth' ପୁସ୍ତକର ରଚୟିତା କିଏ ?
ଉ : ଲେଭିଷ୍ଟ୍ରସ୍, ୧୯୫୫ ।

୩୪ । ଲୋକସାହିତ୍ୟ କେତେ ଭାଗରେ ବିଭକ୍ତ ଓ କ'ଣ କ'ଣ ?
ଉ : ୫, ପଲ୍ଲୀସାହିତ୍ୟ/ଲୋକଗୀତ, ଲୋକକାହାଣୀ, ଲୋକନାଟକ, ପ୍ରବାଦ ଓ ପ୍ରବଚନ ।

୩୫ । ଲୋକ (Folk) ଏକ କେଉଁ ଶବ୍ଦ ?
ଉ : ଲକ୍ଷଣାର୍ଥକ ପଦ ।

୩୬ । ଓଡ଼ିଆ ପଲ୍ଲୀ ସାହିତ୍ୟରେ ଡ. ନଟବର ସାମନ୍ତରାୟ ପଲ୍ଲୀର କେତୋଟି ବୈଶିଷ୍ଟ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି ?
ଉ : ୭ ।

୩୭ । ଲୋକସାହିତ୍ୟ ଅନୁଶୀଳନରେ 'ପ୍ରକାର୍ଯ୍ୟ' ପଦ୍ଧତି କିଏ ପ୍ରଚଳନ କରିଥିଲେ ?
ଉ : ଥମ୍ପସନ୍ ।

୩୮ । ଲୋକସାହିତ୍ୟ ସଂଗ୍ରହ କ୍ଷେତ୍ରରେ କେଉଁ ଇଂରାଜୀ ସଂଗ୍ରାହକ ପ୍ରଥମେ ପଦକ୍ଷେପ ନେଇଥିଲେ ?
ଉ : ଜନ୍ ବାମ୍ସ ।

୩୯ । ଲୋକାଚାର କହିଲେ କ'ଣ ବୁଝ ?
ଉ : ଲୋକମାନଙ୍କର ଆଚାର ବା ଆଚରଣ ।

Scanned with CamScanner

୪୦ । 'ଲୋକ ସାହିତ୍ୟର ସାଂସ୍କୃତିକ ବିକାଶଧାରା' ପୁସ୍ତକର ରଚୟିତା କିଏ ?
ଉ : ଚିତ୍ତରଞ୍ଜନ ଦାସ ।

୪୧ । 'ଲୋକ ସାହିତ୍ୟର ଉନ୍ମେଷ ଓ ଉତ୍ତରଣ' ପୁସ୍ତକ କାହାର ଅଟେ ?
ଉ : ଦେବେନ୍ଦ୍ର ମହାନ୍ତି

୪୨ । 'ସାହିତ୍ୟର ରୂପରେଖ' ପୁସ୍ତକର ଲେଖକ କିଏ ?
ଉ : ନିଳାଦ୍ରୀ ଭୂଷଣ ହରିଚନ୍ଦନ ।

୪୩ । 'ସାହିତ୍ୟ : ଲୋକ ସାହିତ୍ୟ'ର ଲେଖକ କିଏ ?
ଉ : ମହେନ୍ଦ୍ର କୁମାର ମିଶ୍ର ।

୪୪ । ଲୋକରତ୍ନର ଉପାଧି କିଏ ପାଇଛନ୍ତି ?
ଉ : ଡ. କୁଞ୍ଜବିହାରୀ ଦାଶ ।

୪୫ । "ଯେଉଁ ସାହିତ୍ୟକୁ ମହାନ ପଣ୍ଡିତଠାରୁ ଗଣ୍ଡମୂର୍ଖ ପର୍ଯ୍ୟନ୍ତ ସମସ୍ତେ ବୁଝିପାରନ୍ତି ତାକୁ ଲୋକସାହିତ୍ୟ କୁହାଯାଏ" – ଉକ୍ତିଟି କାହାର ?
ଉ : ଡ. କୁଞ୍ଜବିହାରୀ ଦାଶ ।

୪୬ । "ପଲ୍ଲୀପୁଷ୍ପ ଓ ପଲ୍ଲୀଝରଣା" କାହାର ଦୁଇଟି ଅମ୍ଳାନ କୃତି ?
ଉ : ଡ. କୁଞ୍ଜବିହାର ଦାଶ ।

୪୭ । "ପଲ୍ଲୀପୁଷ୍ପ ଓ ପଲ୍ଲୀଝରଣା" କେତେ ଖ୍ରୀଷ୍ଟାବ୍ଦରେ ପ୍ରକାଶ ପାଇଥିଲା ?
ଉ : ୧୯୪୮ ଓ ୧୯୫୦ ।

୪୮ । "A Study of Orissa Flok-Lore" ପୁସ୍ତକର ରଚୟିତା କିଏ ?
ଉ : ଡ. କୁଞ୍ଜବିହାରୀ ଦାଶ (୧୯୩୫)

୪୯ । କୁଞ୍ଜବିହାରୀ ଦାଶଙ୍କ ପି.ଏଚ୍.ଡ଼ି. ଥେସିସ୍‌ର ନାମ କ'ଣ ଥିଲା ?
ଉ : ଓଡ଼ିଆ ଲୋକଗୀତ ଓ କାହାଣୀ ।

୫୦ । "ସାହିତ୍ୟ ତତ୍ତ୍ୱ ପ୍ରାଚ୍ୟ-ପାଶ୍ଚାତ୍ୟ" ପୁସ୍ତକର ରଚୟିତା ?
ଉ : ଜ୍ୟୋତ୍ସ୍ନାମୟୀ ପ୍ରଧାନ ।

୫୧ । "ଓଡ଼ିଆ ସାହିତ୍ୟ ଓ ସମାଲୋଚନା ବିକାଶଧାରା" ପୁସ୍ତକଟିର ରଚୟିତା କିଏ ?
ଉ : ଅଧ୍ୟାପକ ବୈରାଗୀ ଚରଣ ଜେନା ।

୫୨ । ଓଡ଼ିଆ ଲୋକଗୀତକୁ ସଂଗ୍ରହ କରିବା ପାଇଁ କିଏ ଓ କେବେ ଓଡ଼ିଶା ଆସିଥିଲେ ?
ଉ : ଦେବେନ୍ଦ୍ର ଶତ୍ୟାର୍ଥୀ, ୧୯୩୧ ।

୫୩ । ଲୋକଗୀତକୁ 'ଲୋକବେଦ' ନାମରେ କିଏ ନାମିତ କରିଛନ୍ତି ?
ଉ : ଡ. କୁଞ୍ଜବିହାରୀ ଦାଶ ।

୫୪ । ଲୋକଗୀତର ଅନ୍ୟ ନାମ କ'ଣ ?
ଉ : ଗ୍ରାମ୍ୟ ଗୀତ ବା ପଲ୍ଲୀ ଗୀତ ।

୫୫ । "ଓଡ଼ିଆ ଲୋକଗୀତ ଓ ଗାଉଁଲି ଗୀତର ସଞ୍ଚୟନ" କାହାର ଅଟେ ?
ଉ : ଡ. ଚକ୍ରଧର ମହାପାତ୍ର ।

୫୬ । କିଏ ଓ କେବେ ଏହି ଗାଉଁଲୀ ଗୀତକୁ "ଉତ୍କଳ ଗାଉଁଲି ଗୀତ ଚୁମ୍ବକ" ନାମରେ ପ୍ରକାଶିତ କରିଥିଲେ ?
ଉ : ୧୯୩୯- ଡ. ଚକ୍ରଧର ମହାପାତ୍ର ।

୫୭ । 'ଉତ୍କଳ ଗାଉଁଲୀ ଗୀତ'ର ରଚୟିତା କିଏ ଏବଂ କେତେ ମସିହାରେ ପ୍ରକାଶିତ ହୋଇଥିଲା ?
ଉ : ଡ. ଚକ୍ରଧର ମହାପାତ୍ର, ୧୯୫୪ ।

୫୮ । 'ଖୁଲଣା ସୁନ୍ଦରୀ'ର ରଚକ କିଏ ?
ଉ : ଭିକାରୀ ଧୀବର

୫୯ । 'Foklor' ଶବ୍ଦର ଆକ୍ଷରିକ ଅର୍ଥ କ'ଣ ?
ଉ : ଲୋକଜ୍ଞାନ ।

୬୦ । ଲୋକଗୀତକୁ କେତେ ଭାଗରେ ବିଭକ୍ତ କରାଯାଇଛି ଓ କ'ଣ କ'ଣ ?
ଉ : ୪ଟି – ନାରୀଗୀତ, ପୁରୁଷଗୀତ, ନାରୀ-ପୁରୁଷଗୀତ, ଶିଶୁଗୀତ ।

୬୧ । 'ବୋହୂଙ୍କ ସୁଖ ଦୁଃଖ ଗୀତିକା' କେବେ ପ୍ରକାଶ ପାଇଥିଲା ?
ଉ : ୧୯୪୬ ।

୬୨ । ବୈଦିକ ଯୁଗରେ ଲୋକଗୀତ ପ୍ରଚଳନ ଥିବାର ପ୍ରମାଣ କେଉଁଥିରୁ ଦେଖିବାକୁ ମିଳେ ?
ଉ : ଋକ୍‌ବେଦରେ ଉପଲବ୍ଧ 'ଗାଥା' ଶବ୍ଦରୁ ।

୬୩ । 'ଓଡ଼ିଆ ଲୋକଗାଥାରେ ଉପମା ଓ ରୂପକ' ପୁସ୍ତକଟି କାହାର କୃତି ?
ଉ : ଡ. ଶ୍ୟାମସୁନ୍ଦର ମହାପାତ୍ର ।

୬୪ । ଲୋକଗୀତର ବିକାଶରୁ କ'ଣ ସୃଷ୍ଟି ହୋଇଛି ?
ଉ : କବିତା ।

୬୫ । କେଉଁଥିରୁ ଶାସ୍ତ୍ରୀୟ ସଙ୍ଗୀତ ଜନ୍ମଲାଭ କରିଛି ବୋଲି ବିଶ୍ୱାସ ରହିଆସିଛି ?
ଉ : ଲୋକଗୀତରୁ ।

Scanned with CamScanner

୬୬ । ଇଂରାଜୀରେ ନାନାବାୟା ଗୀତକୁ କ'ଣ କୁହାଯାଏ ?

ଉ : Nursery Rhymes.

୬୭ । ଶିଶୁକୁ ଶୁଆଇବା ପାଇଁ କେଉଁ ଗୀତ ବୋଲାଯାଏ ?

ଉ : ଧୋରେ ବାୟା ଧୋ ।

୬୮ । ଖେଳେଇବା ପାଇଁ ଶିଶୁଙ୍କୁ କେଉଁ ଗୀତ ବୋଲାଯାଏ ?

ଉ : କାଳିଆ ବଳଦ ଗଲାରେ ...

୬୯ । "ମୀନ ଖେଳୁଥାଏ ଜଳ ଭିତରେ ଲୋ, ବୋଉ
ମୁହିଁ ଖେଳୁଥାଏ ତୋର କୋଳରେ ଲୋ ବୋଉ" – ଏହି ଗୀତଟି କେଉଁ ଗୀତରେ ଅନ୍ତର୍ଭୁକ୍ତ ?

ଉ : କାନ୍ଦଣା ଗୀତ ।

୭୦ । 'ଲଉଡ଼ି ଗୀତ' କେଉଁମାନେ ଗାନ କରନ୍ତି ?

ଉ : ଗୋପାଳମାନେ ।

୭୧ । 'ଲହଡ଼ି ଗୀତ' କେଉଁ ଶୈଳୀରେ ଗାନ କରାଯାଏ ?

ଉ : ଆଗୁର ଉତ୍ତାର ଶୈଳୀ ।

୭୨ । ଯୋଗୀଗୀତ ମଧ୍ୟରେ କେଉଁ କେଉଁ ଗୀତ ଅନ୍ତର୍ଭୁକ୍ତ ?

ଉ : ଟୀକା ଗୋବିନ୍ଦ ଚନ୍ଦ୍ର, ବିଶିକେଶନ, ବଉଳା ଗୀତ ।

୭୩ । ସାପୁଆ କେଳା ସାପ ଖେଳେଇବା ସମୟରେ କେଉଁ ବାଦ୍ୟ ବଜାଇଥାଏ ?

ଉ : ନାଗେଶ୍ୱର ।

୭୪ । କିଏ ଲୋକଗୀତକୁ ସଂଘର୍ଷ ବୋଲି କହିଛନ୍ତି ?

ଉ : ଡ. କୃଷ୍ଣଚନ୍ଦ୍ର ପ୍ରଧାନ ।

୭୫ । କୃଷ୍ଣଚନ୍ଦ୍ର ପ୍ରଧାନ ଲୋକଗୀତକୁ କେତେ ଭାଗରେ ବିଭକ୍ତ କରିଛନ୍ତି ଓ କ'ଣ କ'ଣ ?

ଉ : ୨ (ବ୍ୟକ୍ତିଗତ ଓ ଗୋଷ୍ଠୀଗତ)

୭୬ । କିଏ କେନ୍ଦରା ବଜାଇ ଗୀତ ଗାଏ, ସେ ଗୀତର ନାମ କ'ଣ ?

ଉ : ଯୋଗୀ, ଯୋଗୀ ଗୀତ ।

୭୭ । ଗୋବିନ୍ଦ ମୁଷା ଗୀତ କେଉଁ ଗୀତ ମଧ୍ୟରେ ଥାଏ ?

ଉ : ସାପୁଆ କେଳା ।

୭୮ । ମାଆଟି ଝାମ୍ପୁରି ମୁଣ୍ଡି ଝିଅଟି ରକତ ତୁଣ୍ଡି – ଉକ୍ତିଟି କେଉଁ ଗୀତ ସମ୍ବଳିତ ?

ଉ : ନାଁ ଦିଆ ।

୭୯ । ନାଁ ଦିଆର ଅନ୍ୟ ନାମ କ'ଣ ?

ଉ : ମାନସାଙ୍କ ।

୮୦ । ଚକୁଳିଆ ପଣ୍ଡାମାନେ କେଉଁ କେଉଁ ତିଥିରେ ଗୀତ ଗାଇ ଦାଣ୍ଡରେ ଭିକ୍ଷା କରିଛନ୍ତି ?

ଉ : ପୂର୍ଣ୍ଣିମା, ଅମାବାସ୍ୟା, ସଂକ୍ରାନ୍ତି ।

୮୧ । ଲୋକଗୀତରେ ସଂଶ୍ଳିଷ୍ଟ ଥିବା ଜଗନ୍ନାଥଙ୍କୁ ନେଇ ଗୋଟିଏ ଗୀତ ଲେଖ ?

ଉ : ଏ... ଆଷାଢ଼ ମାସରେ ରଖି ମେଘ ଘଡ଼ଘଡ଼ି
ବାହାରିଲେ ପ୍ରଭୁ ଯେ ନନ୍ଦିଘୋଷ ଚଢ଼ି
ନନ୍ଦିଘୋଷ ରଥେ ନନ୍ଦର ନନ୍ଦନ
ତାଳଧ୍ୱଜ ରଥେ ଭାଇ ଯେ ବଳରାମ
ଦେବୀ ରଥେ ସୁଭଦ୍ରା
ଚଢ଼ି ତା ଗୁଣ୍ଡିଚା ଗମନ ଗୋ...

୮୨ । 'କ' ସ୍ତମ୍ଭ 'ଖ' ସ୍ତମ୍ଭ

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ସୋମଦେବ	କଥାସରିତ ସାଗର
ବିଷ୍ଣୁଶର୍ମା	ପଞ୍ଚତନ୍ତ୍ର
ଦଣ୍ଡୀ	ଦଶକୁମାର ଚରିତ
ନାରାୟଣ	ହିତୋପଦେଶ

୮୩ । 'Folk Lore of Orissa, Indian Antiquary ର ରଚୟିତା କିଏ ?

ଉ : ୧୮୭୨, ଜନ୍ ବିମ୍ସ ।

୮୪ । 'ଓଷା' କହିଲେ କ'ଣ ବୁଝ ?

ଉ : ମନୋବାଞ୍ଛା ପୂରଣ ପାଇଁ ଏକ ନିର୍ଦ୍ଦିଷ୍ଟ ତିଥିରେ ଭଗବାନଙ୍କୁ ସ୍ମରଣ କରି କାଙ୍କ୍ଷାର ସହ ମାନସିକ ପାଳନ କରିବା ।

୮୫ । କେଉଁମାନେ ଓଷା କରିଥାନ୍ତି ?

ଉ : ନାରୀ ।

୮୬ । ଖୁଦୁରୁକୁଣୀ ଓଷାର ଇଷ୍ଟଦେବୀ କିଏ ?

ଉ : ମା' ମଙ୍ଗଳା ।

୮୭ । ଚୈତ୍ର ମଙ୍ଗଳବାର ଓଷା ପ୍ରଥମେ କିଏ ମର୍ତ୍ତ୍ୟରେ ଆରମ୍ଭ କରିଥିଲା ?

ଉ : ଚୈତ୍ରୀ ହାଡ଼ିଆଣୀ (ଚୈତ୍ର ମାସର ପ୍ରଥମ ମଙ୍ଗଳବାର)

୮୮ । କାଞ୍ଜିଅଁଳା ଓଷାର ଲେଖକ କିଏ ?

ଉ : ଦ୍ୱିଜ ରଘୁନାଥ ଦାସ ।

Scanned with CamScanner

୮୯ । ବାଟଓଷାରେ କେଉଁ ଦେବତାଙ୍କୁ ପୂଜା କରାଯାଏ ?
ଉ : ଯମ ।
୯୦ । ଭୋଦେଇ ଓଷା କେବେ ପାଳନ କରାଯାଏ ଓ କାହିଁକି ?
ଉ : ଭାଦ୍ରବ ମାସ – ସ୍ୱାମୀମାନଙ୍କର ମଙ୍ଗଳ ପାଇଁ ।
୯୧ । ଷଷ୍ଠୀ ଓଷା କେବେ ପାଳନ କରାଯାଏ ?
ଉ : ଭାଦ୍ରବ ଶୁକ୍ଳ ଷଷ୍ଠୀ ।
୯୨ । ଭାଇ ଜିଉଁତିଆ ଓଷା କେଉଁ ବେଦରୁ ଆସିଛି ?
ଉ : ଋକ୍‌ବେଦ (କାର୍ତ୍ତିକ ଶୁକ୍ଳ ଦ୍ୱିତୀୟା) ।
୯୩ । ସୋମନାଥ ବ୍ରତକଥା କେଉଁଠୁ ଆସିଛି ?
ଉ : ସାମବେଦ ।
୯୪ । ସୁଦଶା ବ୍ରତ କେବେ ପାଳନ କରାଯାଏ ?
ଉ : ଶୁକ୍ଳପକ୍ଷ ଦଶମୀରେ ଗୁରୁବାର ପଡ଼ିଲେ ।
୯୫ । ରବିନାରାୟଣ ବ୍ରତ କେଉଁଦିନ ପଡ଼େ ?
ଉ : ମାସର ପ୍ରଥମ ରବିବାର ପଡ଼ିଲେ ।
୯୬ । ସାବିତ୍ରୀ ବ୍ରତ କେବେ ଓ କ'ଣ ପାଇଁ ପାଳନ କରାଯାଏ ?
ଉ : ଜ୍ୟେଷ୍ଠ ଅମାବାସ୍ୟା, ପତିମାନଙ୍କ ଦୀର୍ଘଜୀବନ କାମନା ପାଇଁ ।
୯୭ । ଶାମ୍ବଦଶମୀ କେଉଁ ମାସରେ ପଡ଼େ ?
ଉ : ପୌଷ ଶୁକ୍ଳ ଦଶମୀ ।
୯୮ । ମାଣଓଷା କେବେ ହୋଇଥାଏ ?
ଉ : ମାର୍ଗଶୀର ଗୁରୁବାର ।
୯୯ । ବ୍ରତକୁ କେତେ ଭାଗରେ ବିଭକ୍ତ କରାଯାଇଛି ଓ କ'ଣ କ'ଣ ?
ଉ : ୨ ଭାଗରେ । (୧) ଘୋଷିତ ପ୍ରଚଳିତ ବ୍ରତ (୨) ନାରୀ ଓ କୁମାରୀମାନଙ୍କ ଦ୍ୱାରା ପାଳିତ ବ୍ରତ ।
୧୦୦ । ବାଲିତୃତୀୟା ବ୍ରତ କାହିଁକି ପାଳନ କରିଥାନ୍ତି ?
ଉ : ଉପଯୁକ୍ତ ସ୍ୱାମୀ ପାଇବା ନିମନ୍ତେ (ଭାଦ୍ରବ ଶୁକ୍ଳ ତୃତୀୟା)
୧୦୧ । ଲୋକକାହାଣୀର ବୈଶିଷ୍ଟ୍ୟ ଲେଖ ?
ଉ : ସଂକ୍ଷିପ୍ତତା, ମୌଖିକତା, ମନୋରଞ୍ଜନଧର୍ମୀ ।
୧୦୨ । ବିଶ୍ୱ ସାହିତ୍ୟରେ ପ୍ରଥମ ଲୋକକାହାଣୀ ସଂଗ୍ରାହକ କିଏ ?
ଉ : ଜ୍ୟାକବ୍‌ଗ୍ରୀମ୍ ଓ ଉଇଲ ହେଲ୍ମଗ୍ରୀମ୍ (ଦୁଇ ଭାଇ) ।

୧୦୩ । ଉତ୍କଳ କାହାଣୀର ରଚୟିତା କିଏ ?
ଉ : ଗୋପାଳଚନ୍ଦ୍ର ପ୍ରହରାଜ ।
୧୦୪ । 'କଥାଲହରୀ'କୁ ଜନୈକା କରଣ ମହିଳା ୨୫ଟି ଲୋକକଥାକୁ ନେଇ କେବେ ପ୍ରକାଶ କରିଥିଲେ ?
ଉ : ୧୯୦୧ ।
୧୦୫ । 'ଉତ୍କଳ କାହାଣୀ ଦର୍ପଣ'ର ରଚୟିତା କିଏ ଓ କେବେ ଏହା ପ୍ରକାଶିତ ?
ଉ : ରାଧାଚରଣ ମହାପାତ୍ର, ୧୯୨୧ ।
୧୦୬ । 'ଉତ୍କଳ ଦେଶର କାହାଣୀ' ପ୍ରବନ୍ଧର ରଚୟିତା କିଏ ?
ଉ : ଗୋପାଳଚନ୍ଦ୍ର ପ୍ରହରାଜ ।
୧୦୭ । 'ଲୋକଜୀବନ ଧାରା' କାହାର ରଚନା ?
ଉ : ଡ. ଲକ୍ଷ୍ମଣ କୁମାର ପଣ୍ଡା ।
୧୦୮ । 'ଓଡ଼ିଆ ପଲ୍ଲୀ ସାହିତ୍ୟ' କାହାର ରଚନା ?
ଉ : ନଟବର ସାମନ୍ତରାୟ ।
୧୦୯ । 'କଳା ଗୌରବ'ର ରଚୟିତା କିଏ ?
ଉ : ଆଦିକନ୍ଦ ସାହୁ ।
୧୧୦ । 'ଢଗମାଳିକା ତତ୍ତ୍ୱବୋଧିନୀ' କାହାର ରଚନା ?
ଉ : ଅପର୍ଣ୍ଣା ପଣ୍ଡା ।
୧୧୧ । 'ଓଡ଼ିଆ ଲୋକଗୀତର ଚିତ୍ର ଓ ଚରିତ୍ର'ର ରଚୟିତା କିଏ ?
ଉ : ଡ. ପ୍ରମୋଦ କୁମାର ସାମଲ ।
୧୧୨ । ଓଡ଼ିଶାର ପ୍ରଥମ କାହାଣୀ ସଂଗ୍ରହର ନାମ କ'ଣ ଓ ଏହାର ରଚୟିତା କିଏ ?
ଉ : ଉତ୍କଳ କାହାଣୀ, ଗୋପାଳ ଚନ୍ଦ୍ର ପ୍ରହରାଜ ।
୧୧୩ । Folk tales of Orissa ର ରଚୟିତା କିଏ ?
ଉ : ଉପେନ୍ଦ୍ର ନାରାୟଣ ଦତ୍ତ ।
୧୧୪ । 'ଉତ୍କଳ ଗାଉଁଲି ଗୀତ ଚୁମ୍ବକ' କାହାର ରଚନା ?
ଉ : ଡ. ଚକ୍ରଧର ମହାପାତ୍ର ।
୧୧୫ । 'ଓଡ଼ିଆ ଗ୍ରାମ୍ୟ ଗୀତି' କିଏ ରଚନା କରିଥିଲେ ?
ଉ : ଡ. ଚକ୍ରଧର ମହାପାତ୍ର ।
୧୧୬ । 'ଲୋକଗଳ୍ପ' ସଂଚୟନ କାହାର ରଚନା ?
ଉ : କୁଞ୍ଜବିହାରୀ ଦାଶ ।

Scanned with CamScanner

୧୧୭ । ଲୋକକାହାଣୀ ଅନ୍ୟ କେଉଁ ନାମରେ ପରିଚିତ ?
ଉ : ବିଶ୍ୱ ପର୍ଯ୍ୟଟକ ।

୧୧୮ । ସହଜ ଓ ସରଳ ଭାଷାରେ ରଚିତ ଜଗତ୍‌ମାଳିର ପ୍ରଧାନ ଉପାଦାନ କ'ଣ ?
ଉ : ସମାଜ ।

୧୧୯ । ଜଗ କୌତୁକ ସମ୍ପନ୍ନ ଓ ପରିହାସପୂର୍ଣ୍ଣ ହେଲେ କେଉଁ ନାମରେ ପରିଚିତ ହୋଇଥାଏ ?
ଉ : ଜମାଳି ।

୧୨୦ । ଲାଙ୍ଗୁଳା ନରସିଂହ ଦେବ ଚନ୍ଦ୍ରଭାଗା କୂଳସ୍ଥ କେଉଁ ବନରେ କୋଣାର୍କ ମନ୍ଦିର ପ୍ରତିଷ୍ଠା କରିଥିଲେ ?
ଉ : ମୈତ୍ରେୟ ବନ ।

୧୨୧ । 'ଲୋକକାହାଣୀର ସ୍ୱାତନ୍ତ୍ର' ପୁସ୍ତକର ରଚୟିତା ?
ଉ : ଡ. କଇଳାଶ ପଟ୍ଟନାୟକ ।

୧୨୨ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ସୁବନ୍ଧୁ	ବାସବଦତ୍ତ
ବାଣଭଟ୍ଟ	କାଦମ୍ବରୀ
ଗୁଣାଢ୍ୟ	ବୃହତ୍‌କଥା
କ୍ଷେମେନ୍ଦ୍ର	ବୃହତ୍ କଥାମଞ୍ଜରୀ
ହାଳ	ଗାଥା ସପ୍ତଶତୀ

୧୨୩ । 'ଲୋକ' ଶବ୍ଦର ଅର୍ଥ କ'ଣ ?
ଉ : ବ୍ୟାପକ, ଜନସାଧାରଣ, ସମଗ୍ର ଭୁବନ ଇତ୍ୟାଦି ।

୧୨୪ । ଓଡ଼ିଆ ଲୋକ ନାଟକକୁ କେତେ ଭାଗରେ ବିଭକ୍ତ କରାଯାଇଛି ଏବଂ କ'ଣ କ'ଣ ?
ଉ : ୪ (ଅଭିନୟ, ନୃତ୍ୟ, ସଙ୍ଗୀତ ଓ ବାଦ୍ୟ)

୧୨୫ । କିଏ ଅଭିନୟ କ୍ରିୟାକୁ ୪ ଭାଗରେ ବିଭକ୍ତ କରିଯାଇଛନ୍ତି ଓ କ'ଣ କ'ଣ ?
ଉ : ଭରତ ମୁନୀ (କାୟିକ, ବାଚିକ, ସାତ୍ତ୍ୱିକ, ଆହାର୍ଯ୍ୟ ।)

୧୨୬ । କିଏ ଭାରତଲୀଳା ଓ ରାଧାକୃଷ୍ଣ ପ୍ରେମଲୀଳାର ରଚୟିତା ?
ଉ : ଗଙ୍ଗାଧର ପ୍ରଧାନ ।

୧୨୭ । 'ଓଡ଼ିଆ ଲୋକ ନାଟକ'ର ରଚୟିତା କିଏ ?
ଉ : ଡ. ହେମନ୍ତ କୁମାର ଦାସ ।

୧୨୮ । 'ଲୀଳାର ଅର୍ଥ କ'ଣ ?
ଉ : କ୍ରୀଡ଼ା ।

୧୨୯ । ରାସର ଅର୍ଥ କ'ଣ ?
ଉ : ହାତ ଧରାଧରି ହୋଇ ନାଚିବା ।

୧୩୦ । କାହାକୁ ହଲ୍ଲୀଷକ କୁହାଯାଏ ?
ଉ : ରାସକୁ ।

୧୩୧ । ପ୍ରହସନ ବା ଫାର୍ସ – କହିଲେ କ'ଣ ବୁଝ ?
ଉ : ଲଘୁ କଳ୍ପନାଶ୍ରିତ ହାସ୍ୟ -କୌତୁକପୂର୍ଣ୍ଣ କ୍ଷୁଦ୍ର ନାଟକକୁ ବୁଝାଏ ।

୧୩୨ । 'ମହନ୍ତ ଓ ହାଡୁବାବୁ' ଆସି ଫାର୍ସର ରଚୟିତା କିଏ ?
ଉ : ଗୋବିନ୍ଦ ଶୂରଦେଓ ।

୧୩୩ । 'ସୁଆଙ୍ଗ' କହିଲେ କ'ଣ ବୁଝ ?
ଉ : ହାସ୍ୟ ରସପୂର୍ଣ୍ଣ ଲାଳିତ୍ୟମୟ ରଚନା ।

୧୩୪ । ଦଣ୍ଡ ଓ ସୁଆଙ୍ଗ କେଉଁ ଶ୍ରେଣୀର ନାଟକ ଅଟେ ?
ଉ : ଅଭିନୟ ।

୧୩୫ । ଗୋଟିପୁଅ, ରସରକେଲି, ଡାଲଖାଇ କେଉଁ ଧରଣର ନାଟକ ?
ଉ : ନୃତ୍ୟଭିତ୍ତିକ ।

୧୩୬ । ଡାଲଖାଇ ନୃତ୍ୟ କେଉଁଠି ପ୍ରସିଦ୍ଧି ଲାଭ କରିଛି ?
ଉ : ପଶ୍ଚିମ ଓଡ଼ିଶାରେ ।

୧୩୭ । 'ଗୋଟିପୁଅ ନୃତ୍ୟ' କାହାର, ପରବର୍ତ୍ତୀ ନାମରେ ଆତ୍ମପ୍ରକାଶ କରିଛି ?
ଉ : ମାହାରୀ ନୃତ୍ୟ ।

୧୩୮ । କିଏ ସତ୍ୟପୀର ପାଲା ରଚନା କରିଛନ୍ତି ?
ଉ : କବି କର୍ଣ୍ଣ ।

୧୩୯ । ଦଣ୍ଡ ନାଟରେ ନାୟକ ଓ ନାୟିକା ଭୂମିକାରେ କିଏ ଅବତୀର୍ଣ୍ଣ ହୁଅନ୍ତି ?
ଉ : ଶବର ଶବରୁଣୀ ।

୧୪୦ । ଦଣ୍ଡନାଟରେ କେତେଜଣ ଭୋକ୍ତା ଥାନ୍ତି ?
ଉ : ୧୩ ଜଣ ।

୧୪୧ । ଦଣ୍ଡନାଟରେ କେତେଜଣ ପାଟଭୋକ୍ତା ଥାନ୍ତି ?
ଉ : ୧ ଜଣ ।

Scanned with CamScanner

୧୪୨ । 'ଚଢ଼େଇଆ ଓ ଚଢ଼େଇଆଣୀ' କେଉଁ ଲୋକନାଟକରେ ଅଭିନୟ କରନ୍ତି?

ଉ : ଘୋଡ଼ା ନାଚ ।

୧୪୩ । ଚଇତି ଘୋଡ଼ାନାଚରେ କେଉଁ ବାଦ୍ୟ ବାଜିଥାଏ ?

ଉ : ଢେଲିଙ୍ଗି ବାଜା ।

୧୪୪ । 'ଘୋଡ଼ାନାଚ' କେଉଁମାନଙ୍କର ଏକ ସ୍ମରଣୀୟ ପର୍ବ ?

ଉ : କୈବର୍ତ୍ତ ।

୧୪୫ । 'କୈବର୍ତ୍ତ ଗୀତା'ର ରଚୟିତା କିଏ ?

ଉ : ଅଚ୍ୟୁତାନନ୍ଦ ଦାସ ।

୧୪୬ । 'ଦଣ୍ଡନାଟ'ରେ କେଉଁ ଦେବୀଙ୍କୁ ଆରାଧନା କରାଯାଏ ?

ଉ : ଦେବୀ କାଳୀକା ।

୧୪୭ । ଦଣ୍ଡ ନାଟରେ (ବାଡ଼ି)କୁ କାହାର ପ୍ରତୀକ ଭାବରେ ଗ୍ରହଣ କରାଯାଏ?

ଉ : ଶିବ-ଗୌରୀ ।

୧୪୮ । କେଉଁ ନୃତ୍ୟରେ ଅଭିଆଡ଼ୀ ଝିଅ ଅଂଶ ଗ୍ରହଣ କରନ୍ତି ?

ଉ : ଡାଲଖାଇ ନୃତ୍ୟରେ ।

୧୪୯ । ଝାମୁଯାତ୍ରା କେଉଁ ମାସରେ ଅନୁଷ୍ଠିତ ହୁଏ ଓ କେଉଁ ସ୍ଥାନଟି ପ୍ରସିଦ୍ଧ ଅଟେ?

ଉ : ଚୈତ୍ର ମାସ, ପାଟୁଆଫୋରା ।

୧୫୦ । କୈସାବାଡ଼ି ନୃତ୍ୟ କେଉଁମାନଙ୍କର ନୃତ୍ୟ ଅଟେ ?

ଉ : ଗୋପାଳ ।

୧୫୧ । କୈସାବାଡ଼ି ନୃତ୍ୟ କେଉଁଠାରେ ଦେଖାଯାଏ ?

ଉ : କେନ୍ଦ୍ରାପଡ଼ା ଜିଲ୍ଲାର ବରିଲୋପାଟଣା ଓ ଜଳପୋକ ଗ୍ରାମରେ ।

୧୫୨ । 'ଘୁମୁରା ନୃତ୍ୟ' ପାଇ କେଉଁ ଜିଲ୍ଲା ପ୍ରସିଦ୍ଧି ଅର୍ଜନ କରିଛି ?

ଉ : କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର ।

୧୫୩ । ପୁରୀ ଜିଲ୍ଲାର ପ୍ରସିଦ୍ଧ ନୃତ୍ୟ କ'ଣ ?

ଉ : ନାଗାନୃତ୍ୟ ଓ ସାହିଜାତ ।

୧୫୪ । ଛଉନାଚର ସୃଷ୍ଟି କେଉଁଠାରୁ ହୋଇଥିଲା ?

ଉ : ମୟୂରଭଞ୍ଜ ।

୧୫୫ । ଦକ୍ଷିଣ ଓଡ଼ିଶାରେ କେଉଁ ନାଟକ ଏକ ଲୋକପ୍ରିୟ ନାଟ୍ୟ ଭାବରେ ପରିଚିତ ?

ଉ : ଦାସକାଠିଆ ଓ ଦଣ୍ଡନାଟ ।

୧୫୬ । 'ଝୁମୁରା ନୃତ୍ୟ' କେଉଁ ଅଞ୍ଚଳର ଲୋକନାଟକ ?

ଉ : ସୁନ୍ଦରଗଡ଼ ।

୧୫୭ । ପାଲାରେ କେତେ ଜଣ ଦେବତାଙ୍କୁ ପୂଜା କରାଯାଏ ?

ଉ : ୫ ଜଣ (ଗଣେଶ, ଶିବ, ବିଷ୍ଣୁ, ସୂର୍ଯ୍ୟ, ଦୁର୍ଗା)

୧୫୮ । ପାଲା, ଫାର୍ସ ଓ ପ୍ରହସନ ଏ କେଉଁ ଶ୍ରେଣୀର ନାଟକ ?

ଉ : ସଙ୍ଗୀତ ।

୧୫୯ । ଗ୍ରାମଦେବୀ ଭାବରେ କେଉଁ ଦେବୀ ସର୍ବତ୍ର ପୂଜିତା ?

ଉ : ମା'ମଙ୍ଗଳା ।

୧୬୦ । ବାଲିଯାତ୍ରାର ଦେବତା ଭାବରେ କିଏ ପୂଜା ପାଆନ୍ତି ?

ଉ : ଶିବ ।

୧୬୧ ।

'କ' ସ୍ତମ୍ଭ	'ଖ'ସ୍ତମ୍ଭ
ଭୋକ୍ତା	ଦଣ୍ଡନାଟ
ବାୟକ	ପାଲା
ମୁଖା	ଛଉନାଚ
ଧୁଡୁକି	ବାଦ୍ୟପ୍ରଧାନ

୧୬୨ ।

'କ' ସ୍ତମ୍ଭ	'ଖ'ସ୍ତମ୍ଭ
ଠାକୁରାଣୀ ପର୍ବ	କୋରାପୁଟ
ମୋଗଲ ତାମସା	ଭଦ୍ରକ
ଦାସକାଠିଆ	ଗଞ୍ଜାମ
ଝୁମରା	ସୁନ୍ଦରଗଡ଼

୧୬୩ ।

'କ' ସ୍ତମ୍ଭ	'ଖ'ସ୍ତମ୍ଭ
କୃଷ୍ଣଲୀଳା	ଅଭିନୟ ପ୍ରଧାନ
ଛଉ ନୃତ୍ୟ	ନୃତ୍ୟପ୍ରଧାନ
ପାଲା	ସଙ୍ଗୀତପ୍ରଧାନ
ଚଇତି ଘୋଡ଼ା	ବାଦ୍ୟ ପ୍ରଧାନ

୧୬୪ । 'ସୁଲୋଚନା ହରଣ' ସୁଆଙ୍ଗର ଲେଖକ କିଏ ?

ଉ : ବନ୍ଧୁ ନାୟକ ।

୧୬୫ । ଆଦିମତମ ଲୋକନାଟକ ଭାବରେ କେଉଁ ନାଟକ ପରିଚିତ ?

ଉ : ସଖିନାଟ ।

୧୬୬ । 'ଉତ୍ତର ଓଡ଼ିଶାରେ' କେଉଁ ଲୋକନାଟକ ଏକ ଲୋକପ୍ରିୟ ନାଟକ ଅଟେ ?

ଉ : ପାଲାନାଟ ।

Scanned with CamScanner

୧୬୭ । ଭାରତଲୀଳା ଅନ୍ୟ କେଉଁ ନାମରେ ପରିଚିତ ?

ଉ : ଦୁଆରୀ ନାଟ

୧୬୮ । କୋରାପୁଟରେ ଏକ ପ୍ରସିଦ୍ଧ ଲୋକ ନାଟକର ନାମ କ'ଣ ?

ଉ : ଦେଶିଆ ନାଟ

୧୬୯ । ଧନୁଯାତ୍ରା ସମୟରେ ବରଗଡ଼ରେ କେଉଁ ଗ୍ରାମକୁ 'ଗୋପପୁର' ଭାବରେ ଗ୍ରହଣ କରାଯାଏ ?

ଉ : ଅମାପଲ୍ଲୀ

୧୭୦ । ଧନୁଯାତ୍ରା ସମୟରେ କେଉଁ ନଦୀରେ ଯମୁନା ନଦୀ ଭାବରେ ଗ୍ରହଣ କରାଯାଇଛି ?

ଉ : ଜିରା ନଦୀ

୧୭୧ । ଓଡ଼ିଶାର ସବୁଠାରୁ ବୃହତ ଖୋଲା ରଙ୍ଗମଞ୍ଚ ଭାବରେ କାହାକୁ ବଛାଯାଇଛି ?

ଉ : ବରଗଡ଼ର ଧନୁଯାତ୍ରାର ରଙ୍ଗମଞ୍ଚକୁ ।

୧୭୨ । ଗଞ୍ଜାମ ଜିଲ୍ଲାରେ ଗୋଟିପୁଅ ନାଚ କେଉଁ ନାମରେ ପରିଚିତ ?

ଉ : ସଖୀନାଚ

୧୭୩ । ହିନ୍ଦୁ-ମୁସଲମାନ ମୈତ୍ରୀ ବନ୍ଧନର ଏକ ଅଭିନବ ପ୍ରୟାସ କେଉଁଥିରେ ଦେଖିବାକୁ ମିଳେ ?

ଉ : ପାଲା

୧୭୪ । 'କୈବର୍ତ୍ତ ଗୀତା'ରେ କେଉଁ ନାଚର ବିସ୍ତୃତ ବର୍ଣ୍ଣନା ରହିଛି ?

ଉ : ଚଇତି ଘୋଡ଼ା ନାଚ

୧୭୫ । ଯେଉଁଥିରେ ସ୍ତ୍ରୀ ପୁରୁଷ ହାତ ଧରାଧରି ହୋଇ ଗୀତ ଗାନ କରିବା ସଙ୍ଗେ ସଙ୍ଗେ ମଣ୍ଡଳାକାରରେ ନୃତ୍ୟ କରିଥାନ୍ତି ତାକୁ କ'ଣ କୁହାଯାଏ ?

ଉ : ହଲ୍ଲୀଷକ

୧୭୬ । ମୋଗଲ ତାମସାରେ କେତୋଟି ବିଭାଗ ରହିଛି ?

ଉ : ୨ଟି

୧୭୭ । 'ଧନୁଯାତ୍ରା' କେବେ ଆରମ୍ଭ ହୁଏ ?

ଉ : ମକର ସଂକ୍ରାନ୍ତି

୧୭୮ । 'ବୃହତ ତଅପୋଇ' ବା 'ଖୁଦୁରୁକୁଣୀ ଓଷା'ର ଲେଖକ କିଏ ?

ଉ : ଗୋପୀନାଥ ଦାସ

ଶ୍ରୀଜଗନ୍ନାଥ ସାହିତ୍ୟ

୧ । ଓଡ଼ିଶାର ରାଷ୍ଟ୍ର ଦେବତା ଭାବରେ କାହାକୁ ଗ୍ରହଣ କରାଯାଏ ?

ଉ : ଶ୍ରୀଜଗନ୍ନାଥ ।

୨ । ଲୋକକଥା ଅନୁଯାୟୀ ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ କିଏ କରିଥିଲେ ?

ଉ : ଇନ୍ଦ୍ରଦ୍ୟୁମ୍ନ ।

୩ । ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀ କିପରି ସୃଷ୍ଟି ହୋଇଥିଲା ବୋଲି ବିଶ୍ୱାସ କରାଯାଏ ?

ଉ : ଗାଈଖୁରା ବାଜି ।

୪ । ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଶ୍ରୀକ୍ଷେତ୍ରରେ କେଉଁ ଦେବତାଙ୍କୁ ପୂଜା କରୁଥିଲେ ?

ଉ : ନୃସିଂହ ।

୫ । ଇନ୍ଦ୍ରଦ୍ୟୁମ୍ନଙ୍କ ରାଣୀଙ୍କ ନାମ କ'ଣ ?

ଉ : ଗୁଣ୍ଡିଚା ।

୬ । ଇତିହାସ ଅନୁଯାୟୀ ଶ୍ରୀଜଗନ୍ନାଥ ମନ୍ଦିରର ନିର୍ମାଣ କାର୍ଯ୍ୟ କେଉଁ ରାଜା ଆରମ୍ଭ କରିଥିଲେ ?

ଉ : ଚୋଡ଼ଗଙ୍ଗଦେବ (୧୧ଶ ଶତାବ୍ଦୀ) ।

୭ । କେଉଁ ରାଜାଙ୍କ ସମୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ?

ଉ : ତୃତୀୟ ଅନଙ୍ଗଭୀମଦେବ (୧୨୩୦) ।

୮ । ଶ୍ରୀଜଗନ୍ନାଥ ମନ୍ଦିରର ଉଚ୍ଚତା କେତେ ?

ଉ : ୨୧୪ ଫୁଟ / ୬୬ ମିଟର ।

୯ । ନୀଳଚକ୍ରର ଉଚ୍ଚତା କେତେ ?

ଉ : ୧୧ ଫୁଟ ୯ ଇଞ୍ଚ ।

୧୦ । ନୀଳଚକ୍ରରେ କେତୋଟି ଅର ଅଛି ?

ଉ : ୮ଟି ।

୧୧ । ଶ୍ରୀଜଗନ୍ନାଥ ମନ୍ଦିର କେଉଁ ପଥରରେ ନିର୍ମାଣ କରାଯାଇଛି ?

ଉ : ବଉଳମାଳିଆ ।

Scanned with CamScanner

୧୨ । ଶ୍ରୀଜଗନ୍ନାଥ ମନ୍ଦିର କେଉଁ କେଉଁ ଶୈଳୀରେ ନିର୍ମିତ ?
ଉ : ପଞ୍ଚରଥ, ଶ୍ରୀବତ୍ସ ଖଣ୍ଡଶାଳ, ରେଖଶୈଳୀ ।

୧୩ । ରତ୍ନସିଂହାସନରେ କେତୋଟି ମୂର୍ତ୍ତି ଉପାସିତ ହୋଇଥାନ୍ତି ? କିଏ କିଏ ?
ଉ : ୭ଟି । ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ, ଭୂଦେବୀ, ଶ୍ରୀଦେବୀ, ନୀଳମାଧବ ।

୧୪ । ଚତୁର୍ଦ୍ଧାମୂର୍ତ୍ତି କାହାକୁ କୁହାଯାଏ ?
ଉ : ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ସୁଦର୍ଶନ ।

୧୫ । ରତ୍ନସିଂହାସନର ଉଚ୍ଚତା, ଦୈର୍ଘ୍ୟ ଓ ପ୍ରସ୍ଥ କେତେ ?
ଉ : ୪ ଫୁଟ, ୧୬ ଫୁଟ ଓ ୧୩ ଫୁଟ ।

୧୬ । ରତ୍ନସିଂହାସନ କେଉଁ ଗୃହରେ ଅବସ୍ଥିତ ?
ଉ : ଗର୍ଭଗୃହ ।

୧୭ । ଶ୍ରୀଜଗନ୍ନାଥ ମନ୍ଦିରକୁ କେତୋଟି ଭାଗରେ ବିଭକ୍ତ କରାଯାଇଛି ?
ଉ : ୪ଟି । ଭୋଗମଣ୍ଡପ, ନାଟମଣ୍ଡପ, ଜଗମୋହନ ଅଣସର ପିଣ୍ଡି, ଗର୍ଭଗୃହ ।

୧୮ । ଶ୍ରୀଜଗନ୍ନାଥ ମନ୍ଦିରରେ ଥିବା ଶିଳାଲେଖଟିର ନାମ କ'ଣ ?
ଉ : ଜୟ ବିଜୟ ।

୧୯ । ଶ୍ରୀଜଗନ୍ନାଥ ମନ୍ଦିରକୁ ପ୍ରବେଶ କରିବା ପାଇଁ କେତୋଟି ଦ୍ୱାର ରହିଛି ?
ଉ : ୪ଟି ।

୨୦ । ପୂର୍ବଦ୍ୱାରକୁ କେଉଁ ଦ୍ୱାର କୁହାଯାଏ ?
ଉ : ସିଂହଦ୍ୱାର ବା ଧର୍ମଦ୍ୱାର ।

୨୧ । ପଶ୍ଚିମଦ୍ୱାରକୁ କେଉଁ ଦ୍ୱାର କୁହାଯାଏ ?
ଉ : ବାଘଦ୍ୱାର ବା କାମଦ୍ୱାର ।

୨୨ । ଉତ୍ତରଦ୍ୱାରକୁ କେଉଁ ଦ୍ୱାର କୁହାଯାଏ ?
ଉ : ହାତୀଦ୍ୱାର ବା ମୋକ୍ଷଦ୍ୱାର ।

୨୩ । ଦକ୍ଷିଣଦ୍ୱାରକୁ କେଉଁ ଦ୍ୱାର କୁହାଯାଏ ?
ଉ : ଘୋଡ଼ାଦ୍ୱାର ବା ଅର୍ଥଦ୍ୱାର ।

୨୪ । ୨୨ ପାହଚ କେଉଁ ଦ୍ୱାରରେ ରହିଛି ?
ଉ : ପୂର୍ବଦ୍ୱାର ।

୨୫ । ୨୨ ପାହାଚ କାହାର ନାମରେ ନାମିତ ହୋଇଛି ?
ଉ : ୨୨ ଜଣ ମୁନିଋଷି / ଜୈନ ତୀର୍ଥଙ୍କର ।

୨୬ । ଜଗନ୍ନାଥଙ୍କର ମୁଖ୍ୟ ମନ୍ଦିରରେ କେତୋଟି ଦ୍ୱାର ରହିଛି ।
ଉ : ୬ଟି ।

୨୭ । ପତିତପାବନ କେଉଁ ଦ୍ୱାରରେ ଅଛନ୍ତି ?
ଉ : ପୂର୍ବଦ୍ୱାର ।

୨୮ । ସିଂହଦ୍ୱାର ଉପରେ କେଉଁ ଦେବୀଙ୍କର ମୂର୍ତ୍ତି ରହିଛି ?
ଉ : ଲକ୍ଷ୍ମୀ ।

୨୯ । ଜଗନ୍ନାଥ ମନ୍ଦିରରେ ଯେଉଁ ପତାକା ଲାଗେ ସେ ପତାକାର ନାମ କ'ଣ ?
ଉ : ପତିତପାବନ ।

୩୦ । ଜଗନ୍ନାଥ ମନ୍ଦିରର ବାହାର ପାଚେରିର ନାମ କ'ଣ ?
ଉ : ମେଘନାଦ ।

୩୧ । ମେଘନାଦ ପାଚେରି କିଏ ନିର୍ମାଣ କରିଥିଲେ ?
ଉ : କପିଳେନ୍ଦ୍ର ଦେବ ।

୩୨ । ମେଘନାଦ ପାଚେରିର ଉଚ୍ଚତା ଓ ଦୈର୍ଘ୍ୟ ପ୍ରସ୍ଥ କେତେ ?
ଉ : ୨୨ ଫୁଟ ୬୫°-୬୮° ।

୩୩ । ଜଗନ୍ନାଥ ମନ୍ଦିରର ଭିତର ପାଚେରିର ନାମ କ'ଣ ?
ଉ : କୂର୍ମ ପାଚେରି ।

୩୪ । କୂର୍ମ ପାଚେରିରେ କେତୋଟି ଦ୍ୱାର ରହିଛି ?
ଉ : ୬ଟି ।

୩୫ । ବାହାର ବେଢ଼ା କାହାକୁ କୁହାଯାଏ ?
ଉ : ମେଘନାଦ ପାଚେରିଠାରୁ କୂର୍ମ ପାଚେରି ପର୍ଯ୍ୟନ୍ତ ।

୩୬ । ଭିତର ବେଢ଼ା କାହାକୁ କୁହାଯାଏ ?
ଉ : କୂର୍ମ ପାଚେରିଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ।

୩୭ । ଜଗନ୍ନାଥ ମନ୍ଦିର ଭିତରେ ଥିବା ବୃକ୍ଷଟିର ନାମ କ'ଣ ?
ଉ : କଳ୍ପବଟ ।

୩୮ । ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ମଧ୍ୟରୁ ଜଗନ୍ନାଥ ମନ୍ଦିର ଭିତରେ କେଉଁ ତୀର୍ଥଟି ରହିଛି ?
ଉ : ରୋହିଣୀ କୁଣ୍ଡ ।

୩୯ । ପୀଠ ଦେବୀ ଭାବରେ କେଉଁ ଦେବୀଙ୍କୁ ଜଣାଯାଏ ?
ଉ : ମା' ବିମଳା, ଭୈରବୀ ।

୪୦ । ମା' ବିମଳାଙ୍କ ପାଖରେ କେତେଥର ବଳି ଦିଆହୁଏ ?
ଉ : ୩ ଥର । (ଆଶ୍ୱିନ ମାସ ସପ୍ତମୀ, ଅଷ୍ଟମୀ, ନବମୀ)

Scanned with CamScanner

୪୧ । ଫତେ ହନୁମାନ କେଉଁ ଦ୍ୱାରରେ ଏବଂ କାନପାତା ହନୁମାନ କେଉଁ ଦ୍ୱାରରେ ଅଛନ୍ତି ?
ଉ : ପୂର୍ବ ଓ ପଶ୍ଚିମ ।

୪୨ । ନାଟମଣ୍ଡପରେ ଥିବା ଖମ୍ୱଟିର ନାମ କ'ଣ ?
ଉ : ଗରୁଡ଼ସ୍ତମ୍ଭ ।

୪୩ । ସିଂହଦ୍ୱାର ସମ୍ମୁଖରେ ଥିବା ଖମ୍ୱଟିର ନାମ କ'ଣ ?
ଉ : ଅରୁଣସ୍ତମ୍ଭ ।

୪୪ । ଅରୁଣଖମ୍ୱକୁ କେଉଁ ରାଜା କୋଣାର୍କ ମନ୍ଦିରରୁ ଆଣିଥିଲେ ?
ଉ : ଦିବ୍ୟସିଂହ ଦେବ (ଅଷ୍ଟାଦଶ ଶତାବ୍ଦୀ)

୪୫ । ଅରୁଣସ୍ତମ୍ଭ କେତେ କୋଣ ବିଶିଷ୍ଟ ? ଉଚ୍ଚତା କେତେ ?
ଉ : ୧୬, ୩୩ ଫୁଟ ୮ ଇଞ୍ଚ ।

୪୬ । ଗରୁଡ଼ସ୍ତମ୍ଭ କେଉଁଥିରେ ତିଆରି ?
ଉ : କାଠର ଜୀବାଶ୍ମ ।

୪୭ । ଜଗନ୍ନାଥ ମନ୍ଦିରରେ ଲାଗୁଥିବା ସବୁଠାରୁ ବଡ଼ ପତାକାର ନାମ କ'ଣ ?
ଉ : ପାଦୁକଖିଆ ବାନା ।

୪୮ । ନୀଳଚକ୍ରରେ କେତୋଟି ରଙ୍ଗର ପତାକା ଲାଗେ ଓ କ'ଣ କ'ଣ ?
ଉ : ୩ଟି । ଧଳା, ନାଲି ଓ ହଳଦିଆ ।

୪୯ । ଶ୍ରୀଜଗନ୍ନାଥ ମନ୍ଦିରରେ ଥିବା କାଞ୍ଚିଗଣେଶ ବା ଭଣ୍ଡ ଗଣେଶ କେଉଁ ରାଜାଙ୍କ ସମୟରେ ପ୍ରତିଷ୍ଠା ହୋଇଥିଲା ?
ଉ : ପୁରୁଷୋତ୍ତମ ଦେବ ।

୫୦ । କେଉଁ ଗଣେଶ ଜଣେ ନାରୀ ମୂର୍ତ୍ତିକୁ ଧରି ପୂଜା ପାଉଛନ୍ତି ?
ଉ : କାଞ୍ଚିଗଣେଶ ।

୫୧ । ମୁକ୍ତିମଣ୍ଡପ କେଉଁ ରାଜାଙ୍କ ସମୟରେ ନିର୍ମାଣ ହୋଇଥିଲା ?
ଉ : ପ୍ରତାପରୁଦ୍ର ଦେବ, (ମାଦଳାପାଞ୍ଜି ଅନୁଯାୟୀ ରାମଚନ୍ଦ୍ର ଦେବଙ୍କ ସ୍ତ୍ରୀ ଗୌରୀଦେବୀ ।

୫୨ । ମୁକ୍ତିମଣ୍ଡପରେ କେତୋଟି ସ୍ତମ୍ଭ ରହିଛି ?
ଉ : ୧୬ଟି ।

୫୩ । ଜଗନ୍ନାଥ ମନ୍ଦିର ସହ କେତୋଟି ମଣ୍ଡପର ସମ୍ପର୍କ ରହିଛି ?
ଉ : ୧୬ ।

୫୪ । ସ୍ନାନମଣ୍ଡପର ଆୟତନ କେତେ ?
ଉ : ୭୫ ଫୁଟ ।

୫୫ । ଚାହାଣୀମଣ୍ଡପ କେଉଁ ଦିଗରେ ଅବସ୍ଥିତ ?
ଉ : ପୂର୍ବ ।

୫୬ । ମୁକ୍ତିମଣ୍ଡପର ମୁଖ୍ୟ ସଭାପତି କିଏ ?
ଉ : ଶଙ୍କରାଚାର୍ଯ୍ୟ ।

୫୭ । ନିର୍ମାଲ୍ୟ ମଣ୍ଡପ କେଉଁ ଦିଗରେ ଅବସ୍ଥିତ ?
ଉ : ଦକ୍ଷିଣ ପଶ୍ଚିମ କୋଣରେ ।

୫୮ । ଜଗନ୍ନାଥ ମନ୍ଦିରରେ ଥିବା ବଜାର ନାମ କ'ଣ ?
ଉ : ଆନନ୍ଦବଜାର ।

୫୯ । ଜଗନ୍ନାଥଙ୍କ ସମାଧିସ୍ଥଳକୁ କ'ଣ କୁହାଯାଏ ?
ଉ : କୋଇଲି ବୈକୁଣ୍ଠ ।

୬୦ । ଜଗନ୍ନାଥଙ୍କର ରୋଷଶାଳାରେ କେତୋଟି ଚୁଲି ରହିଛି ?
ଉ : ୨୫୦ ।

୬୧ । ଜଗନ୍ନାଥଙ୍କର କେତୋଟି ମୁଖ୍ୟ ଯାତ୍ରା ଅନୁଷ୍ଠିତ ହୁଏ ।
ଉ : ୧୩ଟି ।

୬୨ । ତେରତମ (୧୩) ଯାତ୍ରାଟି କ'ଣ ?
ଉ : ନୀଳାଦ୍ରି ମହୋଦୟ ।

୬୩ । ଜଗନ୍ନାଥଙ୍କର ଜନ୍ମଦିନ ଭାବରେ କେଉଁ ଦିନକୁ ଗ୍ରହଣ କରାଯାଏ ?
ଉ : ସ୍ନାନପୂର୍ଣ୍ଣିମା ।

୬୪ । ଜଗନ୍ନାଥାଦି ଚତୁର୍ଦ୍ଧାବିଗ୍ରହ କେତେଥର ରତ୍ନବେଦିରୁ ବାହାରକୁ ଆସନ୍ତି ?
ଉ : ୨ ଥର ।

୬୫ । ଜଗନ୍ନାଥ କେଉଁ ଦାନ୍ତକାଠି ଘଷନ୍ତି ?
ଉ : ମୁତୁରି ।

୬୬ । ଜଗନ୍ନାଥଙ୍କ ନିକଟରେ କେତେଥର ଭୋଗଲାଗି ହୁଏ ?
ଉ : ୫ ଥର ।

୬୭ । ସଙ୍ଖୁଡ଼ି ଭୋଗ କେତେଥର ହୁଏ ?
ଉ : ୪ ଥର ।

୬୮ । ନିସଙ୍ଖୁଡ଼ି ଭୋଗ କେତେଥର ହୁଏ ?
ଉ : ୧ ଥର (ଗୋପାଳବଲ୍ଲଭ) ।

Scanned with CamScanner

୬୯। ପହିଲି ଭୋଗ କେଉଁ ମାସରେ ଲାଗିହୁଏ ?
ଉ : ପୌଷ ।

୭୦। ଜଗନ୍ନାଥଙ୍କ ନିକଟରେ କେତେପ୍ରକାର ଭୋଗଲାଗି ହୁଏ ?
ଉ : ୫୬ ।

୭୧। ବିଶ୍ୱାବସୁ ଶବରଙ୍କ ବଂଶଧର କିଏ ?
ଉ : ଦଇତା ।

୭୨। ବିଦ୍ୟାପତିଙ୍କ ବଂଶଧର କିଏ ?
ଉ : ପତିମହାପାତ୍ର ।

୭୩। ବିଦ୍ୟାପତି ଓ ଲଳିତାଙ୍କ ବଂଶଧରଙ୍କୁ କ'ଣ କୁହାଯାଏ ?
ଉ : ସୁଆର ।

୭୪। କେଉଁ ପୋଥିରେ ଶ୍ରୀମନ୍ଦିରର ଘଟଣାବଳୀ ଲିଖିତ ଅଛି ?
ଉ : ମାଦଳାପାଞ୍ଜି ।

୭୫। ମାଉସୀ ମାଆଙ୍କର ଅନ୍ୟ ନାମ କ'ଣ ?
ଉ : ଅର୍ଦ୍ଧାଶିନୀ ।

୭୬। ପୁରୀର ଶ୍ମଶାନକୁ କ'ଣ କୁହାଯାଏ ?
ଉ : ସ୍ୱର୍ଗଦ୍ୱାର ।

୭୭। ବ୍ରହ୍ମାଶନ କାହାର ଅନ୍ୟ ନାମ ?
ଉ : ମୁକ୍ତିମଣ୍ଡପ ।

୭୮। ଜଗନ୍ନାଥଙ୍କର ଚଳନ୍ତି ପ୍ରତିମା କିଏ ?
ଉ : ମଦନମୋହନ ।

୭୯। ଦେବୀ ଭାଗବତ ଅନୁଯାୟୀ ଜଗନ୍ନାଥ ଓ ବିମଳା କିଏ ?
ଉ : ଭୈରବ, ଭୈରବୀ ।

୮୦। ମହାଲକ୍ଷ୍ମୀ ମନ୍ଦିର କେଉଁ ରାଜା ନିର୍ମାଣ କରିଥିଲେ ?
ଉ : ଚୋଡ଼ଗଙ୍ଗଦେବ ।

୮୧। ଦ୍ରାବିଡ଼ ଶବ୍ଦ ଅନୁଯାୟୀ କୋଇଲିର ଅର୍ଥ କ'ଣ ?
ଉ : ଦେବଗୃହ ।

୮୨। ରୋଷଶାଳାର ଅଗ୍ନିକୁ କ'ଣ କୁହାଯାଏ ?
ଉ : ବୈଷ୍ଣବାଗ୍ନି ।

୮୩। ଶ୍ରୀମନ୍ଦିରରେ କେତୋଟି ପାକ ହୋଇଥାଏ ?
ଉ : ୪ଟି । (ଭୀମ, ନଳ, ସୌରୀ, ଗୌରୀ ପାକ)

୮୪। ତ୍ରିବୀଜ କ'ଣ ?
ଉ : ଶ୍ରାଁ - ବଳଭଦ୍ର, ହ୍ରାଁ - ସୁଭଦ୍ରା, କ୍ଳାଁ - ଜଗନ୍ନାଥ (ଶ୍ରାଁହ୍ରାଁକ୍ଳାଁ)

୮୫। ବଳଭଦ୍ର କେଉଁ ଯୋଗର ପ୍ରତୀକ ?
ଉ : ଜ୍ଞାନଯୋଗ ।

୮୬। ସୁଭଦ୍ରା କେଉଁ ଯୋଗର ପ୍ରତୀକ ?
ଉ : କର୍ମଯୋଗ ।

୮୭। ଜଗନ୍ନାଥ କେଉଁ ଯୋଗର ପ୍ରତୀକ ?
ଉ : ଭକ୍ତିଯୋଗ ।

୮୮। ସାରଳା ମହାଭାରତରେ ବଳଭଦ୍ର ଓ ସୁଭଦ୍ରାଙ୍କୁ କେଉଁ ରୂପରେ ବର୍ଣ୍ଣନା କରାଯାଇଛି ?
ଉ : ଶିବ, ବ୍ରହ୍ମା ।

୮୯। କେଉଁ ଗ୍ରନ୍ଥରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଚାରୋଟି ବେଦ ବୋଲି କୁହାଯାଇଛି ?
ଉ : ବଳରାମ ଦାସଙ୍କ ଗୁପ୍ତଗୀତା ।

୯୦। ଜଗନ୍ନାଥ ଓ ବଳଭଦ୍ର କେଉଁ ବେଦର ପ୍ରତୀକ ଅଟନ୍ତି ?
ଉ : ଯର୍ଜୁବେଦ ଓ ସାମବେଦ ।

୯୧। ସୁଭଦ୍ରା ଓ ସୁଦର୍ଶନ କେଉଁ ବେଦର ପ୍ରତୀକ ଅଟନ୍ତି ?
ଉ : ରକ୍‌ବେଦ ଓ ଅଥର୍ବ ବେଦ ।

୯୨। ଜଗନ୍ନାଥ - ମୁରବିପେନୁ, ବଳଭଦ୍ର - ଜାକିରପେନୁ ଓ ସୁଭଦ୍ରା - ତାନାପେନୁ ବୋଲି କେଉଁମାନେ ଗ୍ରହଣ କରନ୍ତି ?
ଉ : ଆଦିବାସୀ ।

୯୩। ଶାକ୍ତମାନଙ୍କ ମତରେ ଶ୍ରୀଜଗନ୍ନାଥ କିଏ ?
ଉ : ଦକ୍ଷିଣକାଳୀ / ମହାକାଳୀ ।

୯୪। ବୈଷ୍ଣବମାନଙ୍କ ମତରେ ଶ୍ରୀଜଗନ୍ନାଥ କିଏ ?
ଉ : ଭୈରବ ।

୯୫। ଶ୍ରୀଜଗନ୍ନାଥଙ୍କ ବାମଚକ୍ଷୁ ଓ ଦକ୍ଷିଣଚକ୍ଷୁକୁ କ'ଣ ବୋଲି ରୂପ ଦିଆଯାଇଛି ?
ଉ : ଚନ୍ଦ୍ର ଓ ସୂର୍ଯ୍ୟ ।

୯୬। କେଉଁ ଗ୍ରନ୍ଥରେ ରାଧା ଓ ଜଗନ୍ନାଥ ଏକ ଅଙ୍ଗ ବୋଲି ବର୍ଣ୍ଣନା ହୋଇଛି ?
ଉ : ଜଗନ୍ନାଥ ଚରିତାମୃତ ।

୯୭। ଶ୍ରୀମନ୍ଦିରେ କେତୋଟି ନୀତି ପାଳିତ ହୁଏ ଓ କ'ଣ କ'ଣ ?
ଉ : ୪ଟି । ଦୈନିକ ନୀତି, ସାମୟିକ ନୀତି, ଯାନିଯାତ୍ରା ନୀତି ଓ ଗୁପ୍ତନୀତି ।

Scanned with CamScanner

୯୮ । କେଉଁ ସେବକ ଜଗନ୍ନାଥ ମନ୍ଦିର ଦ୍ୱାର ଫିଟାନ୍ତି ?
ଉ : ଭିତରଛୁ ମହାପାତ୍ର ।

୯୯ । କେଉଁ ସେବକ ଜଗନ୍ନାଥ ମନ୍ଦିରର ଦ୍ୱାର ବନ୍ଦ କରନ୍ତି ?
ଉ : ତଳିଛ ମହାପାତ୍ର ।

୧୦୦ । ପୁଷ୍ୟାଭିଷେକ କେଉଁ ତିଥିରେ ପାଳନ ହୁଏ ?
ଉ : ପୌଷ ପୂର୍ଣ୍ଣିମା ।

୧୦୧ । ଶ୍ରୀମନ୍ଦିର ନୀତି ସହିତ କେତୋଟି ମୁଖ୍ୟ ମଠର ସମ୍ପୃକ୍ତି ରହିଛି ?
ଉ : ୭ଟି ।

୧୦୨ । ଶ୍ରୀଜଗନ୍ନାଥ ବଲ୍ଲଭ ମଠ ସହିତ ଶ୍ରୀମନ୍ଦିରର କି ସମ୍ପର୍କ ଅଛି ?
ଉ : ପ୍ରତ୍ୟେକ ଦିନ ତୁଳସୀମାଳ ଯୋଗାଇବା ।

୧୦୩ । ତ୍ରିମୁଣ୍ଡି ଚାନ୍ଦୁଆ, ପାଟକନା ଓ ଫୁଲୁରି ତେଲ କେଉଁ ମଠ ଯୋଗାଇଥାଏ ?
ଉ : ବଡ଼ଓଡ଼ିଆ ମଠ ।

୧୦୪ । ଟାହିଆ, ଅଧରପଣା କେଉଁ ମଠ ଯୋଗାଇଥାଏ ?
ଉ : ରାଘବଦାସ ମଠ ।

୧୦୫ । ମହାଷ୍ଟମୀ ଦିନ ବିମଳାଙ୍କ ପାଇଁ କେଉଁ ମଠରୁ କଳା ଶାଢ଼ୀ ଦିଆଯାଏ ?
ଉ : ରାଘବଦାସ ମଠ ।

୧୦୬ । କେଉଁ ମଠରେ ଶ୍ରୀଚୈତନ୍ୟ ୧୮ ବର୍ଷ କାଳ ଅବସ୍ଥାନ କରିଥିଲେ ?
ଉ : ରାଧାକାନ୍ତ ମଠ

୧୦୭ । ସଂକୀର୍ତ୍ତନ ସେବା କେଉଁ ମଠରୁ ହୋଇଥାଏ ?
ଉ : ରାଧାକାନ୍ତ ମଠ

୧୦୮ । ରଥଯାତ୍ରା ବେଳେ ସୋଲ ଚିତା କେଉଁ ମଠରୁ ଯୋଗାଇ ଦିଆଯାଏ ?
ଉ : ଛାଉଣୀ ମଠ

୧୦୯ । ଅଣସର ବେଳେ କେଉଁ ମଠରୁ ପଣା ଯୋଗାଇ ଦିଆଯାଏ ?
ଉ : ବଡ଼ଛତା ମଠ

୧୧୦ । ଜଗନ୍ନାଥଙ୍କର କେଉଁ ଭକ୍ତ ପ୍ରଥମେ ମାହାର୍ଘ କୂତୁଆରେ ମଠ ନିର୍ମାଣ କରିଥିଲେ ?
ଉ : ଜଗନ୍ନାଥ ଦାସ (ସାତଲହଡ଼ି ମଠ)

୧୧୧ । ସିଂହଦ୍ୱାର ଗୁମୁଟ ଭିତରେ ଥିବା ପତିତପାବନ ମୂର୍ତ୍ତିଙ୍କୁ କେଉଁ ରାଜା ନିର୍ମାଣ କରିଥିଲେ ?
ଉ : ରାମଚନ୍ଦ୍ର ଦେବ ।

୧୧୨ । ଶ୍ରୀଜଗନ୍ନାଥ ମନ୍ଦିରର ଦ୍ୱାରପାଳ କିଏ ?
ଉ : ଜୟ ବିଜୟ ।

୧୧୩ । ଶ୍ରୀଜଗନ୍ନାଥଙ୍କ ପ୍ରଥମ ଭୋଗ ଓ ଶେଷ ଭୋଗକୁ କ'ଣ କ'ଣ କହନ୍ତି ?
ଉ : ଗୋପାଳବଲ୍ଲଭ, ବଡ଼ସିଂହାର ଧୂପ ।

୧୧୪ । ଗଙ୍ଗା ଯମୁନା କୂଅ କେଉଁଠି ଅବସ୍ଥିତ ?
ଉ : ରୋଷଶାଳାରେ ।

୧୧୫ । ପ୍ରତ୍ୟେକ ଦିନ ଠାକୁରମାନଙ୍କର ଶେଷ ବେଶଟି କ'ଣ ?
ଉ : ବଡ଼ସିଂହାର ବେଶ ।

୧୧୬ । ପ୍ରତିବର୍ଷ କେତେଥର ଠାକୁରମାନଙ୍କର ସୁନାବେଶ ହୁଏ ?
ଉ : ପାଞ୍ଚଥର ।

୧୧୭ । ସ୍ନାନପୂର୍ଣ୍ଣିମାରେ କେଉଁ ବେଶ ହୁଅନ୍ତି ?
ଉ : ଗଜାନନ ବେଶ ।

୧୧୮ । କେତେ ଗରା ପାଣିରେ ଚତୁର୍ଦ୍ଧା ବିଗ୍ରହ ସ୍ନାନ କରନ୍ତି ?
ଉ : ୧୦୮ ।

୧୧୯ । ସ୍ନାନ ପୂର୍ଣ୍ଣିମା ଦିନ କେଉଁ କୂଅରୁ ପାଣି ଆସେ ?
ଉ : ସୁନାକୂଅ ।

୧୨୦ । ବନଭୋଜି ବେଶ କେବେ ହୁଏ ?
ଉ : ଭାଦ୍ରକୃଷ୍ଣ ଦଶମୀ ।

୧୨୧ । କାଳୀୟ ଦଳନ ବେଶ କେବେ ହୋଇଥାଏ ?
ଉ : ଭାଦ୍ରବ କୃଷ୍ଣ ଏକାଦଶୀ ।

୧୨୨ । ବାଙ୍କଚୂଡ଼ ବେଶ କେବେ ଅନୁଷ୍ଠିତ ହୁଏ ?
ଉ : କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ।

୧୨୩ । ନାଗାର୍ଜ୍ଜୁନ ବେଶ କେବେ ଅନୁଷ୍ଠିତ ହୋଇଥାଏ ?
ଉ : ପଞ୍ଚୁକ ଛଅଦିନ ପଡ଼ିଲେ ।

୧୨୪ । ଶ୍ରୀଜଗନ୍ନାଥଙ୍କର ପ୍ରଥମ ଓ ଶେଷ ନୀତି କ'ଣ ?
ଉ : ଦ୍ୱାରଫିଟା ଓ ପହୁଡ଼ ।

୧୨୫ । ମଇଲମ କ'ଣ ?
ଉ : ଶ୍ରୀଜୀଉଙ୍କ ଦେହରୁ ବାସି ସାଜ ଉତାରିବା ।

୧୨୬ । ଚାଚେରୀ ବେଶ କେବେହୁଏ ?
ଉ : ଫଗୁଣ ଦଶମୀରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ।

Scanned with CamScanner

୧୨୭ । ଠାକୁରଙ୍କର ମୁଖ୍ୟ ଦ୍ୱାଦଶ ଯାତ୍ରାର ନାମ କ'ଣ ?

ଉ : ଚନ୍ଦନ ଯାତ୍ରା – ବୈଶାଖଶୁକ୍ଳ ୩ୟାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ।
ସ୍ନାନଯାତ୍ରା – ଜ୍ୟେଷ୍ଠ ପୂର୍ଣ୍ଣମୀ ।
ରଥଯାତ୍ରା – ଆଷାଢ଼ ଶୁକ୍ଳ ଦ୍ୱିତୀୟା ।
ଶୟନଯାତ୍ରା – ଆଷାଢ଼ ଶୁକ୍ଳ ଏକାଦଶୀ ।
ଦକ୍ଷିଣାୟନ – କର୍କଟ ସଂକ୍ରାନ୍ତି ।
ପାର୍ଶ୍ୱ ପରିବର୍ତ୍ତନ – ଭାଦ୍ରବ ଶୁକ୍ଳ ଏକାଦଶୀ ।
ଦେବୋତ୍ଥାପନ – କାର୍ତ୍ତିକ ଶୁକ୍ଳ ଏକାଦଶୀ ।
ଉତ୍ତରାୟଣ – ମକର ସଂକ୍ରାନ୍ତି ।
ଓଢ଼ଣ ଷଷ୍ଠି / ପ୍ରାବରଣ ଷଷ୍ଠି – ମାର୍ଗଶୀର ଶୁକ୍ଳଷଷ୍ଠୀ ।
ପୁଷ୍ୟାଭିଷେକ – ପୌଷ ପୂର୍ଣ୍ଣମା ।
ଦୋଳ ଉତ୍ସବ – ଫଗୁ ଦଶମୀରୁ ପୂର୍ଣ୍ଣମା ।
ଦମନକ ଚତୁର୍ଦ୍ଦଶୀ – ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀ ।

୧୨୮ । ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବେ ଅନୁଷ୍ଠିତ ହୋଇଥାଏ ?

ଉ : ଆଷାଢ଼ ଶୁକ୍ଳ ଦ୍ୱିତୀୟା ।

୧୨୯ । ରଥଯାତ୍ରା କେତେଦିନ ଧରି ହୋଇଥାଏ ?

ଉ : ୯ ଦିନ ।

୧୩୦ । ରଥ ପାଇଁ କାଠ ଚିରା କାର୍ଯ୍ୟ କେବେଠାରୁ ହୋଇଥାଏ ?

ଉ : ମାଘ ଶୁକ୍ଳ ପଞ୍ଚମୀ (ବସନ୍ତ ପଞ୍ଚମୀ)

୧୩୧ । ରଥ ନିର୍ମାଣ କାର୍ଯ୍ୟ କେବେଠାରୁ ହୋଇଥାଏ ?

ଉ : ଅକ୍ଷୟ ତୃତୀୟା ।

୧୩୨ । ରଥକାଠ ରହୁଥିବା ବଡ଼ଦାଣ୍ଡର ସ୍ଥାନକୁ କ'ଣ କୁହାଯାଏ ?

ଉ : ମହାଖଳା ।

୧୩୩ । ରଥନିର୍ମାଣ କାର୍ଯ୍ୟ କେତେ ଦିନରେ ସମାପ୍ତ ହୁଏ ?

ଉ : ୫୮ ।

୧୩୪ । ରଥ ନିର୍ମାଣରେ କେତେ ପ୍ରକାର ସେବକ ନିଯୁକ୍ତ ଥାନ୍ତି ?

ଉ : ୭ ପ୍ରକାର ।

୧୩୫ । ରଥଟି ମୁଖ୍ୟତଃ କେତେ ଭାଗରେ ବିଭକ୍ତ ?

ଉ : ୩ (ପୋଖରିଆ, ଗର୍ଭଗୃହ, ପାରାଭାଡ଼ି)

୧୩୬ । କେଉଁ ରଥ ପ୍ରଥମେ ଟଣା ହୋଇଥାଏ ?

ଉ : ବଳଭଦ୍ର ।

୧୩୭ । ରଥଗୁଡ଼ିକୁ ସଂଯୋଗ କରୁଥିବା ଶିଡ଼ିକୁ କ'ଣ କୁହାଯାଏ ?

ଉ : ଚାର ।

୧୩୮ । ଧାଡ଼ି ପହଣ୍ଡି କାହାକୁ କୁହାଯାଏ ?

ଉ : ସିଂହାସନରୁ ବିଗ୍ରହମାନେ ଧାଡ଼ିରେ ପହଣ୍ଡି ହୋଇ ଯିବା ।

୧୩୯ । ଗୋଟି ପହଣ୍ଡି କାହାକୁ କୁହାଯାଏ ?

ଉ : ସିଂହାସନରୁ ରଥକୁ ଓ ରଥରୁ ସିଂହାସନକୁ ଜଣେ ପରେ ଜଣେ ପହଣ୍ଡିରେ ଯିବା ।

୧୪୦ । କେଉଁ ଦିନ ରଥ ଦକ୍ଷିଣମୋଡ଼ ହୁଏ ?

ଉ : ପଞ୍ଚମୀ ।

୧୪୧ । ସନ୍ଧ୍ୟା ଦର୍ଶନ କେଉଁଦିନ ହୋଇଥାଏ ?

ଉ : ନବମୀ ।

୧୪୨ । ବାହୁଡ଼ା କେଉଁ ତିଥିରେ ହୋଇଥାଏ ?

ଉ : ଦଶମୀ ।

୧୪୩ । ନୀଳାଦ୍ରିବିଜେ କାହାକୁ କୁହାଯାଏ ?

ଉ : ରଥରୁ ସିଂହାସନକୁ ଫେରିବାକୁ ।

୧୪୪ । ନବକଳେବର କେବେ ହୋଇଥାଏ ?

ଉ : ଯୋଡ଼ା ଆଷାଢ଼ ପଡ଼ିଲେ ।

୧୪୫ । ନବକଳେବର କାର୍ଯ୍ୟ କେବେଠାରୁ ହୋଇଥାଏ ?

ଉ : ଚୈତ୍ର ଶୁକ୍ଳ ଦଶମୀ ।

୧୪୬ । ବନଯାଗ ଦଳ କେଉଁ ଦେବୀଙ୍କ ନିକଟରେ ଦାରୁ ସନ୍ଧାନ ପାଇଁ ଅଧିଆ ପଡ଼ନ୍ତି ?

ଉ : ମା' ମଙ୍ଗଳା ।

୧୪୭ । କେଉଁ ନଦୀ କୂଳରେ ଦେଉଳି ମଠ ଅବସ୍ଥିତ ?

ଉ : ପ୍ରାଚୀ ନଦୀ ।

୧୪୮ । ଦାରୁ କେଉଁ ଦିନ ପୂର୍ବରୁ ଶ୍ରୀମନ୍ଦିରରେ ପହଞ୍ଚିଥାଏ ?

ଉ : ଜ୍ୟେଷ୍ଠ ପୂର୍ଣ୍ଣମା ।

୧୪୯ । ନୂତନ ବିଗ୍ରହ ନିର୍ମାଣ ପାଇଁ ଯେଉଁ ଗୃହ ନିର୍ମାଣ ହୁଏ ତାକୁ କ'ଣ କହନ୍ତି ?

ଉ : କାରୁଶାଳା ।

Scanned with CamScanner

୧୫୦। କେଉଁ ଦିନ ବ୍ରହ୍ମ ସ୍ଥାପନ ହୋଇଥାଏ ?
ଉ : ଆଷାଢ଼ ମଳମାସ ଅମାବାସ୍ୟା ।

୧୫୧। ଶ୍ରୀଜଗନ୍ନାଥଙ୍କ ରଥର ନାମ କ'ଣ ?
ଉ : ନନ୍ଦିଘୋଷ/କପିଧ୍ୱଜ ।

୧୫୨। ଶ୍ରୀଜଗନ୍ନାଥଙ୍କ ରଥର ପତାକା ନାମ କ'ଣ ?
ଉ : ତ୍ରୈଲୋକ୍ୟମୋହିନୀ ।

୧୫୩। ନନ୍ଦିଘୋଷ ରଥର ଦଉଡ଼ି ନାମ କ'ଣ ?
ଉ : ଶଙ୍ଖଚୂଡ଼

୧୫୪। ନନ୍ଦିଘୋଷ ରଥର ଉଚ୍ଚତା କେତେ ?
ଉ : ୪୫ ଫୁଟ ୬ ଇଞ୍ଚ

୧୫୫। ନନ୍ଦିଘୋଷ ରଥର ଚକ ସଂଖ୍ୟା କେତେ ?
ଉ : ୧୬

୧୫୬। ନନ୍ଦିଘୋଷ ରଥର ଅଶ୍ୱର ନାମ ?
ଉ : ସୁଗ୍ରୀବ, ମେଘ, ପୁଷ୍ପ, ବଳାହକ

୧୫୭। ନନ୍ଦିଘୋଷ ରଥର ସାରଥି କିଏ ?
ଉ : ଦାରୁକ

୧୫୮। ନନ୍ଦିଘୋଷ ରଥର ଦ୍ୱାରପାଳ କିଏ ?
ଉ : ଜୟ ବିଜୟ

୧୫୯। ନନ୍ଦିଘୋଷ ରଥର ରକ୍ଷକ ?
ଉ : ଗରୁଡ଼ ।

୧୬୦। ନନ୍ଦିଘୋଷ ରଥ ଆବୃତ କନାର ରଙ୍ଗ କ'ଣ ?
ଉ : ଲାଲ ଓ ହଳଦିଆ ।

୧୬୧। ନନ୍ଦିଘୋଷ ରଥର ଦେବୀ କିଏ ?
ଉ : ଯୋଗମାୟା ।

୧୬୨। ବଳଭଦ୍ରଙ୍କ ରଥର ନାମ କ'ଣ ?
ଉ : ତାଳଧ୍ୱଜ ।

୧୬୩। ତାଳଧ୍ୱଜ ରଥର ପତାକାର ନାମ କ'ଣ ?
ଉ : ଉନ୍ନନି ।

୧୬୪। ତାଳଧ୍ୱଜ ରଥ ଦଉଡ଼ିର ନାମ କ'ଣ ?
ଉ : ବାସୁକୀ ।

୧୬୫। ତାଳଧ୍ୱଜ ରଥର ଉଚ୍ଚତା କେତେ ?
ଉ : ୪୪ ଫୁଟ ।

୧୬୬। ତାଳଧ୍ୱଜ ରଥର ଚକ ସଂଖ୍ୟା କେତେ ?
ଉ : ୧୪ ।

୧୬୭। ତାଳଧ୍ୱଜ ରଥର ସାରଥି କିଏ ?
ଉ : ମାତଳୀ ।

୧୬୮। ତାଳଧ୍ୱଜ ରଥର ଅଶ୍ୱ ନାମ କ'ଣ ?
ଉ : ଶଙ୍ଖ,ସୁଚିତ, ଅଙ୍ଗଦ, ମେଘନାଦ

୧୬୯। ତାଳଧ୍ୱଜ ରଥର ଦ୍ୱାରପାଳ କିଏ ?
ଉ : ନନ୍ଦ ସୁନନ୍ଦ ।

୧୭୦। ତାଳଧ୍ୱଜ ରଥର ରକ୍ଷକ କିଏ ?
ଉ : ଭାସ୍କର ।

୧୭୧। ତାଳଧ୍ୱଜ ରଥର ଦେବୀ କିଏ ?
ଉ : ଜୟଦୁର୍ଗା ।

୧୭୨। ତାଳଧ୍ୱଜ ରଥ କନାର ରଙ୍ଗ କ'ଣ ?
ଉ : ଲାଲ ଓ ନୀଳ ।

୧୭୩। ସୁଭଦ୍ରାଙ୍କ ରଥର ନାମ କ'ଣ ?
ଉ : ଦର୍ପଦଳନ ।

୧୭୪। ଦର୍ପଦଳନ ରଥର ପତାକାର ନାମ କ'ଣ ?
ଉ : ନାଦମ୍ବିକା ।

୧୭୫। ଦର୍ପଦଳନ ରଥ ଦଉଡ଼ିର ନାମ କ'ଣ ?
ଉ : ସ୍ୱର୍ଣ୍ଣଚୂଡ଼ ।

୧୭୬। ଦର୍ପଦଳନ ରଥର ଉଚ୍ଚତା କେତେ ?
ଉ : ୪୪ ଫୁଟ ୬ ଇଞ୍ଚ ।

୧୭୭। ଦର୍ପଦଳନ ରଥର ଚକ ସଂଖ୍ୟା କେତେ ?
ଉ : ୧୨ ।

୧୭୮। ଦର୍ପଦଳନ ରଥର ସାରଥି କିଏ ?
ଉ : ଅର୍ଜୁନ ।

୧୭୯। ଦର୍ପଦଳନ ରଥର ଅଶ୍ୱ ନାମ କ'ଣ ?
ଉ : ରୋଚିକା, ମୋଚିକା, ଜିତା, ଅପରାଜିତା ।

Scanned with CamScanner

୧୮୦ । ଦର୍ପଦଳନ ରଥର ଦ୍ୱାରପାଳ କିଏ ?
ଉ : ଗଙ୍ଗା ଯମୁନା ।

୧୮୧ । ଦର୍ପଦଳନ ରଥର ରକ୍ଷକ କିଏ ?
ଉ : ଜୟଦୁର୍ଗା, ଉଗ୍ରଚଣ୍ଡୀ ।

୧୮୨ । ଦର୍ପଦଳନ ରଥର ଦେବୀ କିଏ ?
ଉ : ଶ୍ରୀଦେବୀ ଓ ଭୂଦେବୀ ।

୧୮୩ । ଦର୍ପଦଳନ ରଥ କନାର ରଙ୍ଗ କ'ଣ ?
ଉ : ଲାଲ ଓ କଳା ।

୧୮୪ । ସୁଦର୍ଶନ କେଉଁ ରଥରେ ଯାଇଥାନ୍ତି ?
ଉ : ଦର୍ପଦଳନ ।

୧୮୫ । ପ୍ରତି ରଥରେ କେତେଜଣ ଲେଖାଏଁ ପାର୍ଶ୍ୱଦେବତା ରହିଥା'ନ୍ତି ?
ଉ : ୯ ଜଣ ।

୧୮୬ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ କାଠ ସଂଖ୍ୟା କେତେ ?
ଉ : ୮୩୨, ୭୬୩, ୫୯୩ ।

୧୮୭ । ଜଗନ୍ନାଥଙ୍କ କେଉଁ ଭକ୍ତ ଜାତିରେ ଯବନ ଥିଲେ ?
ଉ : ସାଲବେଗ ।

୧୮୮ । ଜଗନ୍ନାଥଙ୍କ କେଉଁ ଭକ୍ତର ସମାଧି ପୀଠ ପୁରୀ ବଡ଼ଦାଣ୍ଡରେ ରହିଛି ?
ଉ : ସାଲବେଗ ।

୧୮୯ । ଶ୍ରୀଜଗନ୍ନାଥ କେଉଁ ଭକ୍ତକୁ ସ୍ୱର୍ଣ୍ଣଥାଳୀରେ ମହାପ୍ରସାଦ ଦେଇଥିଲେ ?
ଉ : ବନ୍ଧୁ ମହାନ୍ତି ।

୧୯୦ । ଜଗନ୍ନାଥଙ୍କ କେଉଁ ଭକ୍ତ ସର୍ବଦା ବେଶ୍ୟାସକ୍ତ ଥିଲେ ?
ଉ : ବଳରାମ ଦାସ ।

୧୯୧ । କେଉଁ ଭକ୍ତ ଜଗନ୍ନାଥଙ୍କୁ ବାଲିରଥରେ ଆହ୍ୱାନ କରିଥିଲେ ?
ଉ : ବଳରାମ ଦାସ ।

୧୯୨ । କେଉଁ ଭକ୍ତ ପାଇଁ ଶ୍ରୀଜଗନ୍ନାଥ ଗଜାନନ ବେଶ ହୋଇଥାନ୍ତି ?
ଉ : ଗଣପତି ଭଟ୍ଟ ।

୧୯୩ । କେଉଁ ଭକ୍ତର ନଡ଼ିଆକୁ ସ୍ୱୟଂ ଜଗନ୍ନାଥ ଗରୁଡ଼ ଖମ୍ବ ନିକଟରୁ ହାତ ବଢ଼ାଇ ନେଇଥିଲେ ?
ଉ : ଦାସିଆ ବାଉରୀ ।

୧୯୪ । କେଉଁ ଭକ୍ତର ପ୍ରାର୍ଥନାରେ ନନ୍ଦିଘୋଷ ରଥ ବଡ଼ଦାଣ୍ଡରେ ଅଟକି ଯାଇଥିଲା ?
ଉ : ସାଲବେଗ ।

୧୯୫ । କେଉଁ ଭକ୍ତକୁ ସ୍ୱୟଂ ଜଗନ୍ନାଥ ନାରୀ କରିଦେଇଥିଲେ ?
ଉ : ଜଗନ୍ନାଥ ଦାସ ।

୧୯୬ । କେଉଁ ଭକ୍ତର ହାତରୁ ଜଗନ୍ନାଥ ଦହି ଖାଇଥିଲେ ?
ଉ : ମାଣିକ ।

୧୯୭ । କେଉଁ ଭକ୍ତ ପ୍ରତ୍ୟେକ ଦିନ ୧୮ ଅଧ୍ୟାୟ ଗୀତା ପାଠ କରୁଥିଲେ ?
ଉ : ଗୀତା ପଣ୍ଡା ।

୧୯୮ । ପ୍ରତ୍ୟେକ ଦିନ କେଉଁ ଭକ୍ତଙ୍କ ରଚନା ରାତ୍ରିରେ ପାଠ କରାଯାଏ ?
ଉ : ଜୟଦେବଙ୍କ ଗୀତଗୋବିନ୍ଦ ।

୧୯୯ । କେଉଁ ଭକ୍ତ ଶ୍ରୀଜଗନ୍ନାଥଙ୍କଠାରେ ଲୀନ ହୋଇଯାଇଥିଲେ ?
ଉ : ଶ୍ରୀଚୈତନ୍ୟ ।

୨୦୦ । ଦୁର୍ଗାମାଧବ ଉପାସନା କେବେ ହୋଇଥାଏ ?
ଉ : ଆଶ୍ୱିନ କୃଷ୍ଣ ଅଷ୍ଟମୀ ତିଥିର ଶୁକ୍ଳ ନବମୀ ପର୍ଯ୍ୟନ୍ତ ।

୨୦୧ । କେତେବେଳେ ଓ କେଉଁ ତିଥିରେ କି ବେଶ ଅନୁଷ୍ଠିତ ହୁଏ ?

- ଅବକାଶ ବା ତଡ଼ପଉଲାଗି ବେଶ – ଏହା ପ୍ରତ୍ୟହ ସକାଳେ ହୁଏ ।
- ବଡ଼ସିଂହାର ବେଶ – ପ୍ରତ୍ୟହ ରାତିର ପହୁଡ଼ି ପୂର୍ବରୁ ।
- ଗଜାନନ ବେଶ – ଦେବସ୍ନାନ ପୂର୍ଣ୍ଣିମା ।
- ସୁନାବେଶ – ଏକବର୍ଷରେ ୫ଥର । ଆଷାଢ଼ ଶୁକ୍ଳ ଏକାଦଶୀ, ଦଶହରା, କାର୍ତ୍ତିକ ପୂର୍ଣ୍ଣିମା / ଦୋଳ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ।
- ବଣଭୋଜି ବେଶ – ଭାଦ୍ରବ କୃଷ୍ଣ ଦଶମୀ ।
- କାଳୀୟଦଳନ ବେଶ – ଭାଦ୍ରବ ଶୁକ୍ଳ ଏକାଦଶୀ ।
- ପ୍ରଳମ୍ବାସୁର ବଧ ବେଶ – ଭାଦ୍ରବ କୃଷ୍ଣ ଦ୍ୱାଦଶୀ ।
- କୃଷ୍ଣ ବଳରାମ ବେଶ – ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ।
- ବଳିବାମନ ବେଶ – ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ।
- ରାଧା ଦାମୋଦର ବେଶ – ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ।
- ବାଙ୍କଚୂଡ଼ା ବେଶ – କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ।
- ଆଡ଼କିଆ / ତ୍ରିବିକ୍ରମ ବେଶ – କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ।

Scanned with CamScanner

- ଡାଳେଶ୍ୱରୀ ବେଶ – କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ।
- ରାଜ ରାଜେଶ୍ୱର ବେଶ – କାର୍ତ୍ତିକ ପୂର୍ଣ୍ଣିମାରେ ।
- କାର୍ତ୍ତିକ ଶେଷ ପାଞ୍ଚଦିନ – ଏକାଦଶୀ - ଲକ୍ଷ୍ମୀନାଥ
  ଦ୍ୱାଦଶୀ - ବଳିମର୍ଦ୍ଦନ ବେଶ
  ତ୍ରୟୋଦଶୀ - ତ୍ରିବିକ୍ରମ
  ଚତୁର୍ଦ୍ଦଶୀ - ନୃକେଶ୍ୱରୀ
  ପୂର୍ଣ୍ଣିମା - ରାଜରାଜେଶ୍ୱର ବେଶ
- ନାଗାର୍ଜ୍ଜୁନ ବେଶ – କାର୍ତ୍ତିକ ପଞ୍ଚୁକ ୬ ଦିନ ହେଲେ ।
- ଘୋଡ଼ଲାଗି ବେଶ – ମାର୍ଗଶୀର ଶୁକ୍ଳ ଷଷ୍ଠୀରୁ ମାଘ ବସନ୍ତ ପଞ୍ଚମୀ ପର୍ଯ୍ୟନ୍ତ ।
- ପଦ୍ମବେଶ – ମାଘ ଅମାବାସ୍ୟା ପରେ ବସନ୍ତ ପଞ୍ଚମୀ ମଧ୍ୟରେ ବୁଧବାର ବା ଶନିବାରରେ ହୁଏ ।
- ଗଜ ଉଦ୍ଧାରଣ ବେଶ – ମାଘ ପୂର୍ଣ୍ଣିମା ତିଥି ।
- ଦୁର୍ଗାମାଧବ ଉପାସନା - ଆଶ୍ୱିନ କୃଷ୍ଣ ଅଷ୍ଟମୀ ତିଥିରେ ଶୁକ୍ଳ ନବମୀ ପର୍ଯ୍ୟନ୍ତ ।

ଚର୍ଯ୍ୟାଗୀତିକା

୧ । ଚର୍ଯ୍ୟାଗୀତିକାର ଭାଷା କିପରି ଥିଲା ?
ଉ : ପୂର୍ବୀ ଅପଭ୍ରଂଶ ।

୨ । ଚର୍ଯ୍ୟାଗୀତିକା କହିଲେ କ'ଣ ବୁଝାଯାଏ ?
ଉ : ବୌଦ୍ଧ ସିଦ୍ଧାଚାର୍ଯ୍ୟମାନଙ୍କଦ୍ୱାରା ରଚନା କରାଯାଇଥିବା ୫୦ଟି ଗୀତିକବିତାକୁ ଚର୍ଯ୍ୟାଗୀତିକା କୁହାଯାଏ ।

୩ । ଚର୍ଯ୍ୟା ଶବ୍ଦର ଅର୍ଥ କ'ଣ ?
ଉ : ଆଚାର ବା ଆଚରଣ ।

୪ । ଚର୍ଯ୍ୟା ସାହିତ୍ୟରେ ଥିବା ଆଚରଣର ପ୍ରକୃତ ଅର୍ଥ କ'ଣ ?
ଉ : ଯୋଗ ସାଧନ ପଦ୍ଧତି ସମ୍ପର୍କିତ ଆଚରଣ ।

୫ । ଚର୍ଯ୍ୟାଗୀତିକାକୁ କିଏ "Hidden Saying" ନାମରେ ନାମିତ କରିଛନ୍ତି ?
ଉ : ମ୍ୟାକ୍ସମୁଲାର ।

୬ । ଚର୍ଯ୍ୟାଗୀତିକାର ଟୀକା କିଏ କରିଥିଲେ ?
ଉ : ମୁନିଦତ୍ତ ।

୭ । ମୁନିଦତ୍ତ କରିଥିବା ଟୀକାର ନାମ କ'ଣ ଥିଲା ?
ଉ : ନିର୍ମଳଗିରା ଟୀକା ।

୮ । 'ଚର୍ଯ୍ୟାଗୀତି ପଦାବଳୀ'ର ରଚୟିତା କିଏ ?
ଉ : ଡ. ସୁକୁମାର ସେନ୍ ।

୯ । ସର୍ବପ୍ରଥମେ କିଏ ଚର୍ଯ୍ୟାଗୀତିକାକୁ ନେପାଳ ଦରବାରର ପୋଥିଶାଳାରୁ ସଂଗ୍ରହ କରିଥିଲେ ?
ଉ : ହରପ୍ରସାଦ ଶାସ୍ତ୍ରୀ (୧୯୦୭ ମସିହା)

୧୦ । ହରପ୍ରସାଦ ଶାସ୍ତ୍ରୀଙ୍କଦ୍ୱାରା ଉଦ୍ଧାର କରାଯାଇଥିବା ଗୀତିକାର ସଂଖ୍ୟା କେତୋଟି ଥିଲା ?
ଉ : ୫୦ଟି ।

Scanned with CamScanner

୧୧ । ହରପ୍ରସାଦ ଶାସ୍ତ୍ରୀ କେବେ ଓ କେଉଁ ନାମରେ ଚର୍ଯ୍ୟାଗୀତିକାର ନାମକରଣ କରିଥିଲେ ?
ଉ : ୧୯୧୬, ବୌଦ୍ଧଗାନ ଓ ଦୋହା ।

୧୨ । ପ୍ରଥମେ, ଚର୍ଯ୍ୟାଗୀତିକାର ନାମ କ'ଣ ଥିଲା ?
ଉ : ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ ।

୧୩ । ଚର୍ଯ୍ୟାଗୀତିକାର ଦ୍ୱିତୀୟ ପଦକୁ କେଉଁ ପଦ କୁହାଯାଏ ?
ଉ : ଧ୍ରୁବ ପଦ ।

୧୪ । ଚର୍ଯ୍ୟାଗୀତିକାଗୁଡ଼ିକରେ କେଉଁ ରାଗର ବହୁଳ ବ୍ୟବହାର ହୋଇଥାଏ ?
ଉ : ପଟ୍ଟମଞ୍ଜରୀ ।

୧୫ । ଶ୍ରୀ ମନୀନ୍ଦ୍ର ମୋହନ ବସୁ ଚର୍ଯ୍ୟାଗୀତିକାକୁ ନିଜ ସମ୍ପାଦନାରେ ସଂସ୍କରଣ କରି କେଉଁ ନାମ ରଖିଥିଲେ ?
ଉ : ଚର୍ଯ୍ୟାପଦ ।

୧୬ । ଚର୍ଯ୍ୟାଗୀତିକା ଉପରେ କେଉଁ ଓଡ଼ିଆ ପ୍ରଥମେ ଗବେଷଣା କରିଥିଲେ ?
ଉ : କରୁଣାକର କର । (୧୯୪୪)

୧୭ । ନେପାଳରେ ଚର୍ଯ୍ୟାଗୀତି ବର୍ତ୍ତମାନ କେଉଁ ନାମରେ ପରିଚିତ ?
ଉ : ଚଚା ଗୀତି ।

୧୮ । ଚର୍ଯ୍ୟାଗୀତିକାକୁ କିଏ 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ନାମରେ ଅଭିହିତ କରିଛନ୍ତି ?
ଉ : ଶ୍ରୀ ବିଧୁଶେଖର ଶାସ୍ତ୍ରୀ ।

୧୯ । କେଉଁ ଗ୍ରନ୍ଥ ଅନୁସାରେ ସମସ୍ତ ସିଦ୍ଧାଚାର୍ଯ୍ୟମାନଙ୍କ ଜନ୍ମବୃତ୍ତାନ୍ତ ଦେଖିବାକୁ ମିଳେ ?
ଉ : ତାରାନାଥଙ୍କ ପାଗ୍‌ସମ୍‌ଜୋନ୍‌ଜାନ୍ ।

୨୦ । ଡ. ପ୍ରବୋଧ ଚନ୍ଦ୍ର ବାଗ୍‌ଚୀ 'ଚର୍ଯ୍ୟାପଦ' ପରିବର୍ତ୍ତେ କେଉଁ ନାମଟିକୁ ଗ୍ରହଣ କରିଥିଲେ ?
ଉ : ଚର୍ଯ୍ୟାଗୀତି ।

୨୧ । ଆବିଷ୍କୃତ ହୋଇଥିବା ୫୦ଟି ଗୀତିକାକୁ କେତେଜଣ କବି ଲେଖିଥିଲେ ?
ଉ : ୨୩ ଜଣ ।

୨୨ । ଚର୍ଯ୍ୟାଗୀତିକାରେଥିବା ସାନ୍ଧ୍ୟଭାଷା କ'ଣ ?
ଉ : ସାଙ୍କେତିକ ଭାଷା ବା ଠାର ଭାଷା ।

୨୩ । ସିଦ୍ଧାଚାର୍ଯ୍ୟମାନେ କେଉଁ ପରମ୍ପରାରେ ଅନ୍ତର୍ଭୁକ୍ତ ଥିଲେ ?
ଉ : ଚୌରାଶୀ ସିଦ୍ଧ ।

୨୪ । ସିଦ୍ଧାଚାର୍ଯ୍ୟମାନଙ୍କ ସର୍ବମୋଟ ସଂଖ୍ୟା କେତେ ଥିଲା ?
ଉ : ୮୪ ଜଣ ।

୨୫ । 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ଗ୍ରନ୍ଥର ସ୍ରଷ୍ଟା କିଏ ?
ଉ : କରୁଣାକର କର ।

୨୬ । ଖଗେଶ୍ୱର ମହାପାତ୍ର ବୌଦ୍ଧଗାନ ଓ ଦୋହାକୁ କେଉଁ ନାମରେ ଆଲୋଚନା କରିଥିଲେ ?
ଉ : ଚର୍ଯ୍ୟାଗୀତିକା ।

୨୭ । 'ଚର୍ଯ୍ୟାଗୀତି'ର ରଚୟିତା କିଏ ?
ଉ : ସୁରେନ୍ଦ୍ର କୁମାର ମହାରଣା ।

୨୮ । ନୀତାର୍ଥ ଓ ନେୟାର୍ଥର ଅର୍ଥ କ'ଣ ?
ଉ : ନୀତାର୍ଥ – ଆକ୍ଷରିକ ଅର୍ଥ ଓ ନେୟାର୍ଥ – ଅର୍ନ୍ତନିହିତ ଅର୍ଥ ।

୨୯ । 'ପା' ଶବ୍ଦର ଅର୍ଥ କ'ଣ ?
ଉ : ସମ୍ମାନସୂଚକ ।

୩୦ । 'ଆଦିସିଦ୍ଧ' କାହାକୁ କୁହାଯାଏ ?
ଉ : ସରହପାଙ୍କୁ ।

୩୧ । ସରହ ପାଙ୍କ ଗ୍ରନ୍ଥର ନାମ କ'ଣ ଥିଲା ?
ଉ : ଦୋହାକୋଷ ।

୩୨ । ତାନ୍ତ୍ରିକ ବୌଦ୍ଧଧର୍ମର ପୃଷ୍ଠପୋଷକ କିଏ ?
ଉ : ସରହ ପା ।

୩୩ । ଚର୍ଯ୍ୟାଗୀତିକାର ପ୍ରଥମ ଗୀତଟି କ'ଣ ଓ କିଏ ଲେଖିଛନ୍ତି ?
ଉ : "କାଆ ତରୁ ବର ପଞ୍ଚ ବିଡ଼ାଳ" – ଲୁଇ ପା ।

୩୪ । 'ଅଭିସମୟ ବିଭଙ୍ଗ'ର ରଚୟିତା କିଏ ?
ଉ : ଲୁଇ ପା ।

୩୫ । 'ବୁଦ୍ଧୋଦୟ'ର ରଚୟିତା କିଏ ?
ଉ : ଲୁଇ ପା ।

୩୬ । "କାଆ ତରୁବର ପଞ୍ଚବିଡ଼ାଳ" କାହାର ଗୀତ ଥିଲା ?
ଉ : ଲୁଇ ପା (ରାଗ-ପଟ୍ଟମଞ୍ଜରୀ)

୩୭ । ଲୁଇ ପା କାହାଠାରୁ ଦୀକ୍ଷା ଗ୍ରହଣ କରି ଯୋଗୀ ହୋଇଥିଲେ ?
ଉ : ଶବରୀ ପା ।

Scanned with CamScanner

୩୮ । ଲୁଇ ପାଙ୍କ ଅନ୍ୟ ନାମ କ'ଣ ଥିଲା ?
ଉ : ମହାଯୋଗେଶ୍ୱର ।

୩୯ । କିଏ ସର୍ବାଧିକ ଗୀତର ରଚୟିତା ଓ ସେ କେତୋଟି ଗୀତ ରଚନା କରିଥିଲେ ?
ଉ : କାହ୍ନୁ ପା- ୧୩ (୭, ୯, ୧୦, ୧୧, ୧୩, ୧୯, ୨୪, ୩୬, ୪୦, ୪୨, ୪୫) ।

୪୦ । କାହ୍ନୁ ପା କାହାର ଶିଷ୍ୟ ଥିଲେ ?
ଉ : ଜାଳନ୍ଧରୀ ପା ।

୪୧ । କାହ୍ନୁ ପାଙ୍କ ଅନ୍ୟ ନାମ କ'ଣ ଥିଲା ?
ଉ : କୃଷ୍ଣପାଦ, କୃଷ୍ଣାଚାର୍ଯ୍ୟ, ମଣ୍ଡଣାଚାର୍ଯ୍ୟ ।

୪୨ । "ନଗର ବାହାରେ ଡୋମ୍ବୀ ତୋହରା କୁଡ଼ିଆ
ଛୋଇ ଛୋଇ ଯାଏ ସେ ବ୍ରାହ୍ମଣ ନାଡ଼ିଆ" ଗୀତଟି କାହାର ?
ଉ : କାହ୍ନୁ ପା (ରାଗ-ବୈଶାଖୀ)

୪୩ । "ମାରିଅ ସାସୁ ନଣନ୍ଦ ଘରେ ଶଳୀ
ମାଆ ମାରିଅ କାହ୍ନୁ ଭଇଲ କାପାଳୀ" ଏଠାରେ 'ମାଆ'ର ଅର୍ଥ କ'ଣ ?
ଉ : ମାୟା ।

୪୪ । 'ବଜ୍ର ପଞ୍ଜିକା ଯୋଗରତ୍ନ ମାଳା' କାହାଦ୍ୱାରା ରଚିତ ?
ଉ : କାହ୍ନୁ ପାଦ ।

୪୫ । 'ବଜ୍ରସତ୍ତ୍ୱ ସାଧନ' କାହାଦ୍ୱାରା ରଚିତ ?
ଉ : ଲୁଇ ପାଦ ।

୪୬ । କିଏ 'ବ୍ରଜବରାହୀ' ମନ୍ତ୍ର ଜପ କରିଥିଲେ ?
ଉ : ଲୁଇ ପା ।

୪୭ । 'ଚର୍ଯ୍ୟାଗୀତି କୋଷବୃତ୍ତି'ର ରଚୟିତା କିଏ ?
ଉ : ମୁନିଦତ୍ତ ।

୪୮ । "ଉଚ୍ଚା ଉଚ୍ଚା ପାବତ ତହିଁ ବସଇ ଶବରୀ ବାଳୀ" କାହାର ଗୀତ ଅଟେ ।
ଉ : ଶବରୀ ପା ।

୪୯ । ଶବରୀ ପାଙ୍କ ଗୁରୁ କିଏ ?
ଉ : ସରହ ପା ।

୫୦ । 'ଅଭିସମୟ ପଞ୍ଜିକା'ର ରଚୟିତା ?
ଉ : କମ୍ବଳ ପା ।

୫୧ । ଭୁସୁକୁ ପାଦଙ୍କ ଅନ୍ୟ ନାମ କ'ଣ ?
ଉ : ରାଉତ ଓ ଶାନ୍ତିଦେବ ।

୫୨ । ମଗଧ ରାଜାଙ୍କର ମନ୍ତ୍ରୀ ହେଲା ପରେ କାହାର ନାମ ଅଚଳସେନ ହେଲା ?
ଉ : ଭୁସୁକୁ ପା ବା ଶାନ୍ତି ପା ।

୫୩ । "ଆପଣା ମାଂସେ ହରିଣା ବଇରୀ"ର ରଚୟିତା କିଏ ?
ଉ : ଭୁସୁକୁ ପାଦ ।

୫୪ । "ଏବେ ମଇ ବୁଝିଲୁ ସଦ୍‌ଗୁରୁ ବୋହେଁ" କାହାର ପଦ ?
ଉ : ଭାଦେ ପା - (୩୫ ଚର୍ଯ୍ୟା) ।

୫୫ । ଦାରିକ ପାଦ କାହାର ଶିଷ୍ୟ ଥିଲେ ?
ଉ : ଲୁଇ ପା ।

୫୬ । 'ଶ୍ରୀ କାଳଚକ୍ର ତନ୍ତ୍ରରାଜ' ଏବଂ 'ସେକ ପ୍ରକ୍ରିୟା ବୃତ୍ତି' ନାମକ ଦୁଇଟି ଗ୍ରନ୍ଥ ରଚନା କିଏ କରିଥିଲେ ?
ଉ : ଦାରିକ ପାଦ ।

୫୭ । "ଦିବସଇ ବାହୁଡ଼ୀ କାଡ଼ଇ ଡରେ ଯାଅ
ରାତି ପାହିଲେ କାମରୁ ଜାଅ"ର ରଚୟିତା କିଏ ?
ଉ : କୁକୁରି ପା ।

୫୮ । ଚର୍ଯ୍ୟାଗୀତିକାର ଲେଖକମାନଙ୍କୁ କେଉଁ ଯାନର ଅନ୍ତର୍ଭୁକ୍ତ କରାଯାଇଛି ?
ଉ : ସହଜିଆ ବୌଦ୍ଧ ସାଧକ ।

୫୯ । 'ସହଜ' ଶବ୍ଦର ଅର୍ଥ କ'ଣ ?
ଉ : ସ୍ୱଭାବ ।

୬୦ । "ବର୍ଣ୍ଣରତ୍ନାକର ପୋଥି" କିଏ ରଚନା କରିଥିଲେ ?
ଉ : ଶଙ୍କରାଚାର୍ଯ୍ୟ ଜ୍ୟୋତିରୀଶ୍ୱର ।

୬୧ । କମ୍ବଳ ପାଙ୍କ ଶିଷ୍ୟ କିଏ ଥିଲେ ?
ଉ : ଇନ୍ଦ୍ରଭୂତି ।

୬୨ । ଇନ୍ଦ୍ରଭୂତିଙ୍କ ପୁତ୍ର କିଏ ଥିଲେ ?
ଉ : ପଦ୍ମସମ୍ଭବ ।

୬୩ । 'ଜ୍ଞାନସିଦ୍ଧି' ଗ୍ରନ୍ଥର ରଚୟିତା କିଏ ?
ଉ : ଇନ୍ଦ୍ରଭୂତି ।

୬୪ । ପ୍ରଥମେ କେଉଁ ଗ୍ରନ୍ଥରେ 'ଜଗନ୍ନାଥ' ଶବ୍ଦଟି ଦେଖିବାକୁ ମିଳେ ?
ଉ : ଇନ୍ଦ୍ରଭୂତିଙ୍କ 'ଜ୍ଞାନସିଦ୍ଧି' ଗ୍ରନ୍ଥରେ ।

Scanned with CamScanner

'ବଜ୍ରଯାନ' ର ପ୍ରବର୍ତ୍ତକ କିଏ ଥିଲେ ?

ଉ : ଇନ୍ଦ୍ରଭୂତି ।

୬୬ । ବଜ୍ରଯାନର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ?

ଉ : ତାନ୍ତ୍ରିକ ଦେବାଦେବୀଙ୍କ ଆରାଧନା ।

୬୭ । 'ସହଜଯାନ'ର ପ୍ରବର୍ତ୍ତକ କିଏ ?

ଉ : ଲକ୍ଷ୍ମୀଙ୍କରା ।

୬୮ । ସହଜଯାନର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ?

ଉ : କାୟା ସାଧନ ।

୬୯ । ବୌଦ୍ଧଗାନ ଓ ଦୋହା ଗୀତିକାରମାନେ କେଉଁ ପ୍ରକାରର ସାଧନାକୁ ସହଜାନନ୍ଦ ସହିତ ସମନ୍ୱୟ କରନ୍ତି ?

ଉ : ଯୌନ ଯୌଗିକା ସାଧନା ।

୭୦ । ବିରୁପା ପାଦ କାହାର ଶିଷ୍ୟ ଥିଲେ ?

ଉ : ଜାଳନ୍ଧରୀ ପା ।

୭୧ । 'ବଜ୍ରଗୀତି' କେଉଁ ଭାଷାରେ ରଚିତ ?

ଉ : ଆବହଟ୍ଠ ।

୭୨ । 'ବଜ୍ରଗୀତ'ର ଦେବତା କିଏ ?

ଉ : ହେରୁକ ।

୭୩ । 'ସିଦ୍ଧ ସାହିତ୍ୟ ଗ୍ରନ୍ଥର ରଚୟିତା କିଏ ?

ଉ : ଧର୍ମବୀର, ଭାରତୀ ।

୭୪ । 'ସିଦ୍ଧଧର୍ମପୁଣ୍ଡରୀକ' ଗ୍ରନ୍ଥର ଅନୁବାଦକ କିଏ ?

ଉ : Burnouf

୭୫ । ବାଇମନ ହୋ, ବସି ହଂସକୁ ଖେଳା
ହଂସ ଉଡ଼ିଗଲେ ବୁଡ଼ିବ ଭେଳା" ଏହି ପଦଟି କେଉଁଥିରୁ ଆସିଛି ?

ଉ : ଚର୍ଯ୍ୟାଗୀତିକା ।

୭୬ । "ଚିଅଉଡ଼ୀ ଚାଣି ଜୋଇନି ଦେ ଅଙ୍କ ବାଳୀ
କମଳ କୁଳିତା ଘାଣ୍ଟ କରନ୍ତୁ ବିଆଳୀ" କାହାର ଗୀତି ?

ଉ : ଗୁଣ୍ଡୁରି ପା ।

୭୭ । "ଟାଳତ ମୋର ଘର ନାହିଁ ପଡ଼ିବେଶୀ
ହାଡ଼ି ତ ହାତ ନାହିଁ ନିତି ଆବେଶୀ" କାହାର ଗୀତି ?

ଉ : ତେଣ୍ଟଣ ପା ।

୭୮ । ଚର୍ଯ୍ୟାଗୀତିକାର ଶେଷ ଗୀତଟିର ରଚୟିତା କିଏ ?

ଉ : ଢେଣ୍ଟଣପା ।

୭୯ । ଅନ୍ତିମ ସିଦ୍ଧ କିଏ ଥିଲେ ?

ଉ : କାଳପା ।

୮୦ । "ହଜାରେ ବଛେରେର୍ ପୁରାନୋ ବାଙ୍ଗାଲା ଭାଷାୟ ବୌଦ୍ଧଗାନ ଓ ଦୋହା" ନାମରେ କିଏ ନାମିତ କରିଛନ୍ତି ?

ଉ : ଡ. ହରପ୍ରସାଦ ଶାସ୍ତ୍ରୀ ।

୮୧ । ଚର୍ଯ୍ୟାର ସମୟ ଆନୁମାନିକ କେତେ ?

ଉ : ଅଷ୍ଟମ ନବମ ଶତାବ୍ଦୀ ।

୮୨ । ଚର୍ଯ୍ୟାଗୀତିକାର ଭାଷାକୁ କିଏ ପ୍ରଥମ ଓଡ଼ିଆ ଭାଷାର ମାନ୍ୟତା ଦେଇଛନ୍ତି ?

ଉ : ଡ. କରୁଣାକର କର ।

୮୩ । ଚର୍ଯ୍ୟାକୁ କିଏ ମୈଥିଳୀ ଭାଷା ବୋଲି କହିଛନ୍ତି ?

ଉ : ଅଧ୍ୟାପକ ଜୟକାନ୍ତ ମିଶ୍ର ।

। "ଗଙ୍ଗା ଯମୁନା ମାଝେରେ ବହଇ ନଈ
ତହିଁ ବୁଡ଼ିଲି ମାତଙ୍ଗୀ ପୋଇଆ ଲୀଳେ ପାରି କରଇ" କାହାର ଗୀତ ?

ଉ : ଡୋମ୍ବୀ ପା ।

ଅଭିଲେଖ

୧ । ଅଭିଲେଖ କହିଲେ କ'ଣ ବୁଝ ?
ଉ : ପ୍ରାଚୀନ କାଳରେ ରାଜା ବା ଶାସକମାନେ ସେମାନଙ୍କର ଆଦେଶ, ଘୋଷଣାକୁ ଶିଳା ବା ପଥର ଏବଂ ତାମ୍ରପତ୍ରରେ ଲିଖନ କରି ଜନସାଧାରଣଙ୍କୁ ଜଣାଉଥିଲେ ତାହାକୁ ଅଭିଲେଖ ଭାବରେ ଗ୍ରହଣ କରାଯାଏ ।

୨ । ଆଜି ପର୍ଯ୍ୟନ୍ତ ମୋଟ ଆବିଷ୍କୃତ ଅଭିଲେଖ ସଂଖ୍ୟା କେତେ ?
ଉ : ୮୧

୩ । ସବୁଠାରୁ ଅଧିକ ସଂଖ୍ୟକ ଅଭିଲେଖ କେଉଁ ବଂଶ ରାଜାମାନଙ୍କ ସମୟରେ ଖୋଦିତ ହୋଇଥିଲା ?
ଉ : ସୂର୍ଯ୍ୟବଂଶ (୫୦)

୪ । ଗଙ୍ଗବଂଶ ରାଜାଙ୍କ ସମୟରେ କେତୋଟି ଅଭିଲେଖ ଖୋଦିତ ?
ଉ : ୧୮

୫ । ସର୍ବପ୍ରଥମ ଓଡ଼ିଆ ଖୋଦିତ ଅଭିଲେଖ କ'ଣ ଏବଂ ଏହା କେଉଁ ରାଜାଙ୍କ ସମୟରେ ଖୋଦିତ ?
ଉ : ଉରଜାମ୍, ଦ୍ୱିତୀୟ ବଜ୍ରହସ୍ତଦେବ, ୧୦୫୧ ଖ୍ରୀଷ୍ଟାବ୍ଦ ।

୬ । ଖାରବେଳଙ୍କ ଶାସନ ତଥ୍ୟ ଓ ସମୟ କେଉଁ ଶିଳାଲେଖରୁ ଜଣାପଡ଼େ ?
ଉ : ହାତୀଗୁମ୍ଫା

୭ । ଅଶୋକଙ୍କ ରାଜତ୍ୱକାଳୀନ ତଥ୍ୟ କେଉଁଥିରୁ ଦେଖିବାକୁ ମିଳେ ?
ଉ : ଧଉଳୀ ଓ ଜଉଗଡ଼

୮ । ମାଧବ ବର୍ମାଙ୍କ ଖୋର୍ଦ୍ଧା ତାମ୍ରଲେଖରୁ କେଉଁ ଓଡ଼ିଆ ଶବ୍ଦ ଦେଖିବାକୁ ମିଳେ ?
ଉ : କୁମ୍ଭାର (୭୦୦ ଖ୍ରୀ.ଅ) (ନିବିନା)

୯ । ୯୯୧ ମସିହାରେ ଅନନ୍ତବର୍ମା ଦେବଙ୍କର 'ମାଣ୍ଡସା ତାମ୍ରାଭିଲେଖରୁ କେଉଁ ଓଡ଼ିଆ ଶବ୍ଦ ଦେଖିବାକୁ ମିଳେ ?
ଉ : ଭିତରୁ, ପନ୍ଦର ।

୧୦ । 'ମାଣ୍ଡସା ତାମ୍ରାଭିଲେଖ'ଟି କେଉଁ ଲିପିରେ ଖୋଦିତ ?
ଉ : ନାଗରୀ

୧୧ । ଉରଜାମ୍ ଶିଳାଲେଖରେ କେଉଁ କେଉଁ ଓଡ଼ିଆ ଶବ୍ଦ ଦେଖିବାକୁ ମିଳେ ?
ଉ : ଥିଲାଇ, ଧିଲା, ସଣିବାର ।

୧୨ । ଉରଜାମ୍ ଶିଳାଲେଖ ଗଞ୍ଜାମର ଚିକାକୋଲ(ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍)ରୁ ଉଦ୍ଧାର କରାଯାଇ କେଉଁ ମ୍ୟୁଜିୟମ୍‌ରେ ସଂରକ୍ଷିତ ହୋଇଛି ?
ଉ : ମାନ୍ଦ୍ରାଜ ମ୍ୟୁଜିୟମ୍ ।

୧୩ । ଦ୍ୱିତୀୟ ନରସିଂହ ଦେବଙ୍କ 'ଦ୍ୱୈଭାଷିକ ଶିଳାଲେଖ'ର ସମୟ କେତେ ?
ଉ : ୧୨୫୯, (ତ୍ରୟୋଦଶ ଶତାବ୍ଦୀ) ।

୧୪ । 'ଦ୍ୱୈଭାଷିକ ଶିଳାଲେଖ'ରେ କେଉଁ କେଉଁ ଭାଷାର ଖୋଦିତ ରୂପ ରହିଛି ?
ଉ : ପ୍ରତ୍ନ ଓଡ଼ିଆ ଓ ତାମିଲ ।

୧୫ । 'ଦ୍ୱୈଭାଷିକ ଶିଳାଲେଖ'ର ଉଦ୍ଧାର ସ୍ଥାନ କେଉଁଠି ?
ଉ : ଭୁବନେଶ୍ୱର ।

୧୬ । 'ଦ୍ୱୈଭାଷିକ ଶିଳାଲେଖ' କେଉଁଠାରେ ସଂରକ୍ଷିତ ଅଛି ?
ଉ : କଲିକତା ।

୧୭ । ଚତୁର୍ଥ ଭାନୁଦେବଙ୍କ ସମୟରେ କେଉଁ ଅଭିଲେଖଟି ଖୋଦିତ ? (୧୩୫୨-୭୮)
ଉ : କୂର୍ମେଶ୍ୱର ।

୧୮ । ତୃତୀୟ ଭାନୁଦେବଙ୍କ ସମୟରେ କେଉଁ କେଉଁ ଅଭିଲେଖ ଖୋଦିତ ?
ଉ : ତ୍ରିମାଳି ମଠ ।

୧୯ । ସୂର୍ଯ୍ୟବଂଶୀ ରାଜାମାନଙ୍କ ମଧ୍ୟରୁ କେଉଁ ରାଜାଙ୍କ ସମୟରେ ସର୍ବାଧିକ ଅଭିଲେଖ ଖୋଦିତ ?
ଉ : କପିଳେନ୍ଦ୍ର ଦେବ ।

୨୦ । ୧୪୩୬ରେ କପିଳେନ୍ଦ୍ର ଦେବ କେଉଁ ଅଭିଲେଖ ଖୋଦିତ କରିଥିଲେ ?
ଉ : ଲିଙ୍ଗରାଜ ମନ୍ଦିର ।

୨୧ । ଜଗନ୍ନାଥ ମନ୍ଦିରରେ ୧୪୫୧ରେ ଖୋଦିତ ଅଭିଲେଖଟିର ନାମ କ'ଣ ?
ଉ : ଜୟ ବିଜୟ ।

୨୨ । ପୁରୁଷୋତ୍ତମ ଦେବଙ୍କ ସମୟରେ କେତୋଟି ଅଭିଲେଖ ଖୋଦିତ ?
ଉ : ୧୫ ।

Scanned with CamScanner

୨୩ । 'ସ୍ୱସ୍ତି ସମର ମୁଖାନେକ ରିପୁ ଦର୍ପ ମର୍ଦ୍ଦନ ଭୁଜବଳ...' କେଉଁ ଅଭିଲେଖରେ ଖୋଦିତ ?
ଉ : ଉରଜାମ୍ ଶିଳାଲେଖ ।
୨୪ । 'ବାଘମରା ବାରବାଟୀ ଭୂମି ଏକାଦଶ ରୁଦ୍ର'... କେଉଁ ଅଭିଲେଖରେ ଖୋଦିତ ?
ଉ : ଦ୍ୱିଭାଷିକ ଶିଳାଲେଖ ।
୨୫ । 'ଦକ୍ଷିଣ ସୀମା ଭାଖର ସାହି ଗ୍ରାମର କେଳିଆ...' କେଉଁ ଅଭିଲେଖ ?
ଉ : ତ୍ରିମାଳୀ ମଠ ତମ୍ବାପଟା ୪ର୍ଥ ଭାନୁଦେବ ।
୨୬ । 'ବୀରଶ୍ରୀ ଗଜପତି ଗଉଡ଼େଶ୍ୱର ପ୍ରତାପ କପିଳେସର ଦେବ...' କେଉଁ ଅଭିଲେଖ ?
ଉ : ଜୟ ବିଜୟ ଶିଳାଲେଖ ।
୨୭ । 'ଗୋରୁ ସେୟକି ରଖୁୱାଳ...' କେଉଁ ଅଭିଲେଖ ?
ଉ : କୁର୍ମେଶ୍ୱର ମନ୍ଦିର, ୪ର୍ଥ ଭାନୁଦେବ ।
୨୮ । 'ଦେବ କହି ଭଗତି କରୁଣ
ଅଛନ୍ତି ଭୋ କୁମର ସେଣ ।' କେଉଁ ଶିଳାଲେଖରେ ଖୋଦିତ ?
ଉ : ଗଣ୍ଡିବେଡ଼ ।
୨୯ । କେଉଁ ରାଜାଙ୍କ ସମୟରେ ପୁରୀ ଶଙ୍କରାନନ୍ଦ ମଠରୁ ତାମ୍ରଫଳକ ଉଦ୍ଧାର ହୋଇଥିଲା ଓ କେବେ ?
ଉ : ଚତୁର୍ଥ ଭାନୁଦେବ, ୧୩୯୫ ।

ନାଥ ସାହିତ୍ୟ ଓ ଶୈବ ସାହିତ୍ୟ

୧ । ନାଥଧର୍ମ ଏକ କେଉଁ ଧର୍ମଭିତ୍ତିକ ଅଟେ ?
ଉ : ଯୋଗଭିତ୍ତିକ ଧର୍ମ ।
୨ । 'ନାଥ' ଶବ୍ଦର ଅର୍ଥ କ'ଣ ?
ଉ : ସ୍ୱାମୀ ବା ପ୍ରଭୁ ।
୩ । ବୌଦ୍ଧ ସହଜିୟା ସିଦ୍ଧ ସମ୍ପ୍ରଦାୟର ବିକଶିତ ରୂପ ଭାବରେ କାହାକୁ ଗ୍ରହଣ କରାଯାଇଛି ?
ଉ : ନାଥ ସାହିତ୍ୟ ।
୪ । ନାଥଧର୍ମ କେଉଁ ଧର୍ମର ଶାଖା ଥିଲା ?
ଉ : ଶୈବ ।
୫ । ନାଥଧର୍ମରେ କେଉଁ ଉପାସନା କରାଯାଏ ଓ ଉପାସ୍ୟ ଦେବତା କିଏ ?
ଉ : ଯୋଗସମ୍ବଳିତ ଉପାସନା ଓ ଉପାସ୍ୟ ଦେବତା ଶିବ ।
୬ । ନାଥଧର୍ମର ପ୍ରବର୍ତ୍ତକ କିଏ ?
ଉ : ଗୋରଖନାଥ ।
୭ । ମତ୍ସ୍ୟେନ୍ଦ୍ରନାଥଙ୍କ ଶିଷ୍ୟ କିଏ ଥିଲେ ?
ଉ : ଗୋରକ୍ଷ ନାଥ ।
୮ । ମତ୍ସ୍ୟେନ୍ଦ୍ରନାଥଙ୍କ ଅନ୍ୟ ନାମ କ'ଣ ?
ଉ : ମୀନ ନାଥ ।
୯ । ମତ୍ସ୍ୟେନ୍ଦ୍ରନାଥଙ୍କର ରଥଯାତ୍ରା କେଉଁଠାରେ ପାଳିତ ହେଉଛି ?
ଉ : ନେପାଳ ।
୧୦ । ମତ୍ସ୍ୟେନ୍ଦ୍ର ଗୀତା ଗ୍ରନ୍ଥଟିର ଆବିଷ୍କାରକ କିଏ ଥିଲେ ?
ଉ : ଶ୍ରୀ ବ୍ରହ୍ମାନନ୍ଦ ମିଶ୍ର ।
୧୧ । ନାଥଧର୍ମର କ୍ରମବିକାଶ ପୁସ୍ତକ କାହାର ?
ଉ : ଦୋଳଗୋବିନ୍ଦ ଶାସ୍ତ୍ରୀ ।

Scanned with CamScanner

୧୨ । ଗୋରକ୍ଷନାଥ ନେପାଳରେ କେଉଁ ନାମରେ ପରିଚିତ ?

ଉ : ନେପାଳ ସିଦ୍ଧ ।

୧୩ । ନାଥଧର୍ମର ପ୍ରଥମ ଗ୍ରନ୍ଥର ନାମ କ'ଣ ଥିଲା ?

ଉ : ସିଷ୍ଟୁବେଦ

୧୪ । ସିଦ୍ଧ ଗୋରଖନାଥ କେଉଁ ପୁସ୍ତକ ରଚନା କରିଛନ୍ତି ?

ଉ : ସିଦ୍ଧ-ସିଦ୍ଧାନ୍ତ-ପଦ୍ଧତି ଓ ସିଷ୍ଟୁବେଦ ।

୧୫ । 'ସର୍ବ ଚଳଇ ନ ଚଳଇ ଯେକେ
ନ ପଶଇ ନ ପୂରଇ ନ ରହଇ ଶେଷେ' କେଉଁ ଗ୍ରନ୍ଥରେ ରହିଛି ?

ଉ : ସିଷ୍ଟୁବେଦ ।

୧୬ । 'ଓଡ଼ିଶାର ନାଥ ସମ୍ପ୍ରଦାୟ ଓ ନାଥ ସାହିତ୍ୟ' ଗ୍ରନ୍ଥଟିର ଲେଖକ କିଏ ?

ଉ : ବଂଶୀଧର ମହାନ୍ତି ।

୧୭ । 'ଓଡ଼ିଆ ସାହିତ୍ୟରେ ସ୍ୱର ପରିବର୍ତ୍ତନ' ପୁସ୍ତକର ରଚୟିତା କିଏ ?

ଉ : ନଟବର ସାମନ୍ତରାୟ ।

୧୮ । କେଉଁ ଗ୍ରନ୍ଥରେ ଶିଷ୍ୟଙ୍କୁ 'ପୁତା' ଭାବରେ ସମ୍ବୋଧନ କରାଯାଏ ?

ଉ : ଅମର କୋଷ ଗୀତା ।

୧୯ । "ଶୂନ୍ୟେତା ଜାତ ପୁତା ଜନମ୍ କାଳ ହୁଁ ମଲା
କିଛି ମିଛ ଲିତାୟେ ଅଲିଖରଙ୍କ ଦେଖିଲା"... କେଉଁ ଗ୍ରନ୍ଥରେ ରହିଛି ?

ଉ : ଅମରକୋଷ ଗୀତା ।

୨୦ । ନାଥଧର୍ମ ଭିତ୍ତିକ ପୁସ୍ତକଗୁଡ଼ିକ କ'ଣ କ'ଣ ?

ଉ : ଗୋରକ୍ଷଗୀତା, ସପ୍ତାଙ୍ଗଯୋଗ ଧାରଣମ୍, ଅଷ୍ଟାଙ୍ଗଯୋଗଧାରଣାମ୍, ଅମର ପଟଳ, ଗୋରେଖ ମଲ୍ଲିକା ସମ୍ବାଦ ଆଦି ।

୨୧ । 'କଳସା ଚଉତିଶା' କେବେ ସର୍ବପ୍ରଥମେ ଲୋକଲୋଚନକୁ ଆସିଥିଲା ?

ଉ : ୧୯୩୧ ।

୨୨ । କଳସା ଚଉତିଶାର ଆବିଷ୍କର୍ତ୍ତା କିଏ ଥିଲେ ?

ଉ : ବିଚ୍ଛନ୍ଦ ଚରଣ ପଟ୍ଟନାୟକ ।

୨୩ । କଳସା ଚଉତିଶାର ରଚୟିତା କିଏ ?

ଉ : ବତ୍ସା ଦାସ ।

୨୪ । ଗୌରା କଳସାର ରଚୟିତା କିଏ ?

ଉ : ବଂଶୀ ଦାସ ।

୨୫ । 'ଓଡ଼ିଆ ସାହିତ୍ୟର ସଂକ୍ଷିପ୍ତ ପରିଚୟ' ପୁସ୍ତକର ରଚୟିତା କିଏ ?

ଉ : ଡ. ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ।

୨୬ । 'କଳସା ଚଉତିଶା'ର ବିଷୟ କ'ଣ ଥିଲା ?

ଉ : ଶିବ ପାର୍ବତୀଙ୍କ ବିବାହ ପ୍ରସଙ୍ଗ ।

୨୭ । 'କଳସା'ର ଅର୍ଥ କ'ଣ ?

ଉ : ମାଙ୍ଗଳିକ ଗାନ ।

୨୮ । 'କଳସା ଚଉତିଶା'ରେ ଥିବା 'ଟମ୍ବା' ଶବ୍ଦଟିକୁ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ତା'ର ଅର୍ଥ କ'ଣ କରିଛନ୍ତି ?

ଉ : ଆସନ ବିଶେଷ ।

୨୯ । 'କଳସା ଚଉତିଶା'କୁ ସାରଳାଙ୍କ ପୂର୍ବବର୍ତ୍ତୀ ରଚନା ବୋଲି କିଏ କହିଥିଲେ ?

ଉ : ଶ୍ରୀ ସୁରେନ୍ଦ୍ର ମହାନ୍ତି ।

୩୦ । "ଭିନ୍ନ ଅଙ୍ଗେ ଛିଣ୍ଡା ଗଣ୍ଠା ଲାଗିଛି ତାହାର
ଛାଇ ପାଉଁଶ ଲୋଟାଏ ଲେପିଛି ଶରୀର ।" କେଉଁ ଗ୍ରନ୍ଥର ପଦ ?

ଉ : କଳସା ଚଉତିଶା ।

୩୧ । କେବେ ଡ. କରୁଣାକରଙ୍କ ସମ୍ପାଦିତ ରୁଦ୍ର ସୁଧାନିଧି ପୁସ୍ତକ ଓଡ଼ିଶା ସାହିତ୍ୟ ଏକାଡେ଼ମୀ ତରଫରୁ ପ୍ରକାଶିତ ହୋଇଥିଲା ?

ଉ : ୧୯୬୫ ।

୩୨ । ରୁଦ୍ରସୁଧାନିଧିର ରଚୟିତା କିଏ ?

ଉ : ନାରାୟଣ ନନ୍ଦ ଅବଧୂତ ସ୍ୱାମୀ ।

୩୩ । 'ପ୍ରକୃତ ପିଙ୍ଗଳ' ଗ୍ରନ୍ଥର ରଚୟିତା କିଏ ?

ଉ : ପିଙ୍ଗଳାଚାର୍ଯ୍ୟ ।

୩୪ । ରୁଦ୍ରସୁଧାନିଧିରେ ଲିଙ୍ଗରାଜଙ୍କୁ କେଉଁ ରୂପେ ସ୍ତୁତି କରାଯାଇଛି ?

ଉ : ଭୁବନେଶ୍ୱର ।

୩୫ । 'କୌତୁକ ଚିନ୍ତାମଣି' ଗ୍ରନ୍ଥଟି କିଏ, କେବେ ରଚନା କରିଥିଲେ ?

ଉ : ପ୍ରତାପରୁଦ୍ର ଦେବ, ୧୫୦୯ ।

୩୬ । ରାମଚନ୍ଦ୍ରାଚାର୍ଯ୍ୟଙ୍କର ଗ୍ରନ୍ଥର ନାମ କ'ଣ ?

ଉ : ପକ୍ରିୟା କୌମୁଦୀ ।

୩୭ । 'ସିଦ୍ଧାନ୍ତ କୌମୁଦୀ' କାହାର ରଚନା ?

ଉ : ଭଟ୍ଟୋଜୀ ଦୀକ୍ଷିତ ।

Scanned with CamScanner

୩୮ । ରୁଦ୍ରସୁଧାନିଧିର ନାୟକ ଓ ନାୟିକାଙ୍କ ନାମ କ'ଣ ଥିଲା ?
ଉ : ଅଭିନବ ଚୈତନ୍ୟ, ମୋହିନୀ କନ୍ୟା ।

୩୯ । ରୁଦ୍ରସୁଧାନିଧିର ଖଳନାୟକ ଚରିତ୍ରର ନାମ କ'ଣ ?
ଉ : ଯୋଗୀ କାମାନନ୍ଦ ।

୪୦ । ରୁଦ୍ରସୁଧାନିଧିର ରଚନା କିପରି ଥିଲା ?
ଉ : ବେଣୀ ।

୪୧ । ଓଡ଼ିଶାରେ ବୌଦ୍ଧଧର୍ମ ଶୀର୍ଷକ ଗ୍ରନ୍ଥ କାହାଦ୍ୱାରା ରଚିତ ?
ଉ : ନବୀନ କୁମାର ସାହୁ ।

୪୨ । କେଉଁ ଗବେଷକ ନାଥ ଧର୍ମ ଉପରେ ଗବେଷଣା କରିଥିଲେ ?
ଉ : ଦୋଳଗୋବିନ୍ଦ ଶାସ୍ତ୍ରୀ ।

୪୩ । ନାଥ ଯୋଗୀମାନଙ୍କର ବାଦ୍ୟର ନାମ କ'ଣ ?
ଉ : କେନ୍ଦରା ।

୪୪ । "The Real Birth Place of Buddha" ଗ୍ରନ୍ଥର ଲେଖକ କିଏ ?
ଉ : ଚକ୍ରଧର ମହାପାତ୍ର ।

୪୫ । "ପୁଷ୍ପଶର, ଯୁଗତେ, କାମଦେବ ସଙ୍ଗତେ, ବସନ୍ତ ଋତୁ ଅଇଲା ମଇତ୍ରକୁ ସଂପକ୍ଷ ହୋଇବାକୁ କରି ଆକାଶେ ନିର୍ମଳ ଚନ୍ଦ୍ରମା ଉଇଁଲା" ଉକ୍ତିଟି କେଉଁ ଗ୍ରନ୍ଥର?
ଉ : ରୁଦ୍ର ସୁଧାନିଧି ।

୪୬ । ଓଡ଼ିଆ ସାହିତ୍ୟର ପ୍ରଥମ ଚଉତିଶା କ'ଣ ?
ଉ : କଳସା ଚଉତିଶା ।

୪୭ । 'ଗୋରକ୍ଷ ଗୀତା'ର ସ୍ରଷ୍ଟା କିଏ ?
ଉ : ଚନ୍ଦ୍ରଶେଖର ନାଥ ।

୪୮ । ଓଡ଼ିଆରେ ରଚିତ ଗୀତା- ସାହିତ୍ୟର ଆଦି ଗ୍ରନ୍ଥ କ'ଣ ?
ଉ : ଅମରକୋଷ ଗୀତା ।

୪୯ । ନାଥଧର୍ମର ବିଶିଷ୍ଟ ସ୍ୱରୂପ କ'ଣ ?
ଉ : ହଠଯୋଗ ଓ କାୟା ସାଧନା ।

୫୦ । ଶୈବଧର୍ମର ଗଦ୍ୟଗ୍ରନ୍ଥର ନାମ କ'ଣ ?
ଉ : ସୋମନାଥ ବ୍ରତକଥା ।

୫୧ । ସୋମନାଥ ବ୍ରତକଥାକୁ କିଏ ସମ୍ପୂର୍ଣ୍ଣ ରୂପେ ୧୯୬୮ରେ ପ୍ରକାଶ କରିଥିଲେ?
ଉ : ଜାନକୀ ବଲ୍ଲଭ ମହାନ୍ତି ।

୫୨ । ସୋମନାଥ ବ୍ରତକଥାକୁ କିଏ ଓ କେବେ ଲୋକଲୋଚନକୁ ଆଣିଥିଲେ ।
ଉ : ଆର୍ତ୍ତବଲ୍ଲଭ ମହାନ୍ତି, ୧୯୩୨ ।

୫୩ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଗୌତମବୁଦ୍ଧ	ଜାନକୀବଲ୍ଲଭ ପଟ୍ଟନାୟକ
ଗୌତମ ବୁଦ୍ଧ ଜୀବନ ଓ ଦର୍ଶନ	ଶରତ ଚନ୍ଦ୍ର ପାଣିଗ୍ରାହୀ
ମହାମାନବ ବୁଦ୍ଧ	ବ୍ରଜକିଶୋର ସାହୁ
ବୁଦ୍ଧବାଣୀ	ମାୟାଧର ମାନସିଂହ

Scanned with CamScanner

ମାଦଳାପାଞ୍ଜି

୧ । ମାଦଳାପାଞ୍ଜି କହିଲେ କ'ଣ ବୁଝ ?

ଉ : ମାଦଳାପାଞ୍ଜି ହେଉଛି ଏକ ପାଞ୍ଜି ବା Record ଯାହା ଓଡ଼ିଶାର ବିଭିନ୍ନ ରାଜବଂଶ ଏବଂ ଶ୍ରୀମନ୍ଦିରର ରୀତି, ନୀତି ଓ ଉପାସନାର ଏକ ସାର୍ଥକ ବିବରଣୀ ।

୨ । ମାଦଳାପାଞ୍ଜି କେଉଁଠାରେ ସଂରକ୍ଷିତ ହୋଇ ରହେ ?

ଉ : ରାଜନଅର, ଦେଉଳ କରଣଙ୍କ ଗୃହରେ ଏବଂ ଚଢ଼ାଉ କରଣଙ୍କ ଗୃହରେ ।

୩ । ଦେଉଳ କରଣ କ'ଣ ଲେଖନ୍ତି ?

ଉ : ଶ୍ରୀମନ୍ଦିରର ଇତିହାସ ଓ ପୂଜାବିଧି ଲେଖନ୍ତି ।

୪ । ମାଦଳାପାଞ୍ଜି ସହିତ କେତେପ୍ରକାର କରଣ ସମ୍ପୃକ୍ତ ଏବଂ କ'ଣ କ'ଣ ?

ଉ : ମାଦଳାପାଞ୍ଜି ସହିତ ୫ ପ୍ରକାରର କରଣ ସମ୍ପୃକ୍ତ । ସେଗୁଡ଼ିକ ହେଲା–

i) କୋଠକରଣ - Compiler

ii) ବଇଠିକରଣ - Asst. Compiler

iii) ତଡାଉକରଣ - Writer

iv) ଦେଉଳକରଣ - Enforcer

v) ପାଞ୍ଜିଆକରଣ - Preserver

୫ । ତଡାଉକରଣ କ'ଣ ଲେଖନ୍ତି ?

ଉ : ରାଜାମାନଙ୍କ ରାଜଭୋଗର ଇତିହାସ ।

୬ । କୋଠକରଣଙ୍କ କାର୍ଯ୍ୟ କ'ଣ ?

ଉ : ରାଜପ୍ରାସାଦରୁ ତଥ୍ୟ ସଂଗ୍ରହ କରିବା ସେମାନଙ୍କର କାର୍ଯ୍ୟ ।

୭ । ବଇଠିକରଣଙ୍କ କାର୍ଯ୍ୟ କ'ଣ ?

ଉ : କରାଯାଇଥିବା ତଥ୍ୟ ସଂଗ୍ରହ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ନିର୍ବାଚନ କରିବା ଏମାନଙ୍କର ଦାୟିତ୍ୱ ।

୮ । ତଡାଉକରଣଙ୍କର କାର୍ଯ୍ୟ କ'ଣ ?

ଉ : ସେହି ଗୁରୁତ୍ୱପୂର୍ଣ୍ଣ ତଥ୍ୟର ବିଭାଗୀକରଣ କରି ଲିପିବଦ୍ଧ କରନ୍ତି ।

୯ । ଦେଉଳକରଣଙ୍କର କାର୍ଯ୍ୟ କ'ଣ ?

ଉ : ପ୍ରତିଦିନ ପାଞ୍ଜି ପାଠ କରିବା ଏମାନଙ୍କର କାର୍ଯ୍ୟ ।

୧୦ । ପାଞ୍ଜିଆକରଣଙ୍କର କାର୍ଯ୍ୟ କ'ଣ ?

ଉ : ପାଞ୍ଜିର ନକଲ କରନ୍ତି ଏବଂ ସଂରକ୍ଷିତ କରି ରଖିଥାନ୍ତି ।

୧୧ । ମାଦଳାପାଞ୍ଜିରେ କେତୋଟି ବିଭାଗ ରହିଛି ଓ କ'ଣ କ'ଣ ?

ଉ : ମାଦଳାପାଞ୍ଜିରେ ୫ଟି ବିଭାଗ ରହିଛି । ସେଗୁଡ଼ିକ ହେଲା –

i) ଦେଶଖଞ୍ଜା, ii) ରାଜଖଞ୍ଜା, iii) କର୍ମାଙ୍ଗୀ, iv) ଦୀନପାଞ୍ଜି, v) ଚକଡ଼ା ।

୧୨ । ଦେଶଖଞ୍ଜା କାହା ପାଖରେ ରହୁଥିଲା ?

ଉ : କୋଠକରଣଙ୍କ ପାଖରେ ।

୧୩ । ରାଜଖଞ୍ଜା କାହା ପାଖରେ ରହୁଥିଲା ?

ଉ : ତଡାଉକରଣଙ୍କ ପାଖରେ ।

୧୪ । ଦେଶଖଞ୍ଜାର କାର୍ଯ୍ୟ କ'ଣ ?

ଉ : ଏହି ମାଦଳାରେ ଦାନ, ଦକ୍ଷିଣା, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଇତ୍ୟାଦିର ତାଲିକା କରାଯାଇ ରଖାଯାଉଥିଲା । ବିଭିନ୍ନ ଆକ୍ରମଣକାରୀଙ୍କଦ୍ୱାରା ଲୁଣ୍ଠିତ ହେଉଥିବା ଜଗନ୍ନାଥଙ୍କ ସମ୍ପତ୍ତିର ତାଲିକା ମଧ୍ୟ ଏଥିରେ ଲିପିବଦ୍ଧ ହେଉଥିଲା ।

୧୫ । ରାଜଖଞ୍ଜାର କାର୍ଯ୍ୟ କ'ଣ ?

ଉ : ଏହି ମାଦଳାରେ ରାଜାମାନଙ୍କର ବିଶେଷ ଘଟଣାବଳୀ ଲିପିବଦ୍ଧ ହେଉଥିଲା ଏବଂ ଏହା ପ୍ରତିବର୍ଷ ପୌଷ ପୂର୍ଣ୍ଣମୀରେ ରାଜାଙ୍କର ବାର୍ଷିକୋତ୍ସବରେ ପାଠ କରାଯାଉଥିଲା ।

୧୬ । କର୍ମାଙ୍ଗୀର କାର୍ଯ୍ୟ କ'ଣ ?

ଉ : ଏହି ମାଦଳାରେ ଜଗନ୍ନାଥ ମନ୍ଦିରର ପ୍ରତିଦିନର ରୀତି ନୀତି, ପର୍ବପର୍ବାଣୀ ଓ ଅନ୍ୟାନ୍ୟ ମୁଖ୍ୟ ଘଟଣାବଳୀ ଲିପିବଦ୍ଧ ହେଉଥିଲା । ପ୍ରତିଦିନ ଏହା ବେହରଣରେ ପଠିତ ହେଉଥିଲା ।

୧୭ । ଦିନପାଞ୍ଜିର ଲେଖା ପ୍ରତିବର୍ଷ କେଉଁଦିନଠାରୁ ଆରମ୍ଭ ହେଉଥିଲା ?

ଉ : ଏହି ମାଦଳାର ଲେଖା ପ୍ରତିବର୍ଷ ବିଷୁବ ସଂକ୍ରାନ୍ତି ଦିନଠାରୁ ଆରମ୍ଭ ହେଉଥିଲା ।

୧୮ । କେଉଁ ଉପାଧିଧାରୀ ଶ୍ରୀମନ୍ଦିରର ଗଣକ ଏହାକୁ ପ୍ରତ୍ୟହ ପ୍ରସ୍ତୁତ କରି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଅବକାଶ ସମୟରେ ପାଠ କରୁଥିଲେ ?

ଉ : ଦୈବଜ୍ଞ ।

Scanned with CamScanner

୧୯ । ମାଦଳାପାଞ୍ଜିର ରଚନା ଓ ଗଠନ କାର୍ଯ୍ୟ କାହାର ନିୟନ୍ତ୍ରଣାଧୀନ ବୋଲି ଜନଶ୍ରୁତି ରହିଛି ?

ଉ : ସୁଦର୍ଶନ ।

୨୦ । ମାଦଳାପାଞ୍ଜିକୁ ପ୍ରଥମେ ଆଲୋଚନା ପରିସରକୁ କିଏ ଆଣିଥିଲେ ?

ଉ : ଷ୍ଟର୍ଲିଂ ସାହେବ (୧୮୨୨) ।

୨୧ । ମାଦଳାର ଆଭିଧାନିକ ଅର୍ଥ କ'ଣ ?

ଉ : ହସ୍ତପଦବିହୀନ ଶରୀର ।

୨୨ । ମାଦଳାପାଞ୍ଜିକୁ ଏକ କିମ୍ବଦନ୍ତୀମୂଳକ ସଙ୍କଳନ ବୋଲି କିଏ କହିଛନ୍ତି ?

ଉ : କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ।

୨୩ । ମାଦଳାପାଞ୍ଜିର ସମଗୋତ୍ରୀୟ ରଚନା ବିଭିନ୍ନ ରାଷ୍ଟ୍ରରେ ଭିନ୍ନ ଭିନ୍ନ ନାମରେ ନାମିତ କରାଯାଇଛି, ସେଗୁଡ଼ିକ ଉଲ୍ଲେଖ କର ।

ଉ : ଆସାମ - ବୁରୁଞ୍ଜି
କାଶ୍ମୀର - ରାଜତରଙ୍ଗିଣୀ
ସିଂହଳ - ଜାଠାବଂଶ
ବଙ୍ଗଳା - କୁଳଜୀଗ୍ରନ୍ଥମାଳା
ଓଡ଼ିଆ - ମାଦଳାପାଞ୍ଜି

୨୪ । ମାଦଳାପାଞ୍ଜି ବର୍ଣ୍ଣିତ ବିଷୟବସ୍ତୁକୁ ଉପଜୀବ୍ୟ କରି ସପ୍ତଦଶ ଶତାବ୍ଦୀରେ ଯେଉଁ ସବୁ ପୁସ୍ତକ ରଚନା କରାଯାଇଛି ସେଗୁଡ଼ିକର ନାମ ଉଲ୍ଲେଖ କର ?

ଉ : ସୁରେନ୍ଦ୍ର ମହାନ୍ତି - ନୀଳଶୈଳ, ନୀଳାଦ୍ରି ବିଜୟ (ଉପନ୍ୟାସ)
ଗୋଦାବରୀଶ ମିଶ୍ର - ପୁରୁଷୋତ୍ତମ ଦେବ (ନାଟକ)
ରାମଶଙ୍କର ରାୟ - କାଞ୍ଚିକାବେରୀ (ନାଟକ)
କାଳିଚରଣ ପଟ୍ଟନାୟକ - ଅଭିଯାନ (ନାଟକ)
ରାଧାନାଥ ରାୟ - ପାର୍ବତୀ (କାବ୍ୟ)
ବୈଶ୍ଣଧର ରାଉତ - ଛତା (କବିତା)

୨୫ । ମାଦଳାପାଞ୍ଜି ପୁସ୍ତକ ପ୍ରାଚୀ ସମିତିଦ୍ୱାରା ସମ୍ପାଦିତ ହୋଇ କେତେ ମସିହାରେ କେଉଁ ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରକାଶିତ ହୋଇଥିଲା ?

ଉ : ୧୯୪୦, ଉତ୍କଳ ବିଶ୍ୱବିଦ୍ୟାଳୟ ।

୨୬ । ସତ୍ୟନାରାୟଣ ରାଜଗୁରୁଙ୍କ ମତାନୁଯାୟୀ ମାଦଳା ଶବ୍ଦଟି ତେଲୁଗୁ ମୋଦଳି ଓ ମୋଦଲୁଗାଁ ଶବ୍ଦରୁ ଆସିଛି । ତେବେ ଏହି ଦୁଇଟି ଶବ୍ଦର ଅର୍ଥ କ'ଣ ?

ଉ : ପ୍ରଥମ ଓ ଆରମ୍ଭରୁ ।

୨୭ । ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମତାନୁଯାୟୀ ମାଦଳା ପାଞ୍ଜି କେଉଁ ରାଜାଙ୍କ ରାଜତ୍ୱ କାଳରୁ ଆରମ୍ଭ ହୋଇଥିଲା ବୋଲି ଅନୁମାନ କରାଯାଏ ।

ଉ : ଯଯାତି କେଶରୀଙ୍କ ରାଜତ୍ୱ କାଳରୁ ।

୨୮ । ମାଦଳାପାଞ୍ଜି କାହାଦ୍ୱାରା ଏବଂ କେତେ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟଦ୍ୱାରା ପ୍ରକାଶିତ ହୋଇଥିଲା ?

ଉ : ୧୯୪୦ ମସିହା ଏବଂ ପ୍ରାଚୀ ସମିତିଦ୍ୱାରା ।

୨୯ । କେଶରୀ ବଂଶର ପ୍ରଥମ ରାଜାଙ୍କ ନାମ କ'ଣ ଏବଂ ମାଦଳାପାଞ୍ଜି ଅନୁଯାୟୀ ସେ କେତେ ବର୍ଷ ରାଜତ୍ୱ କରିଥିଲେ ?

ଉ : ଯଯାତି କେଶରୀ
୧ମ ପାଞ୍ଜି ମତେ ୫୭ ବର୍ଷ
୨ୟ ପାଞ୍ଜି ମତେ ୬୮ ବର୍ଷ
୩ୟ ପାଞ୍ଜି ମତେ ୫୨ ବର୍ଷ ୪୪୮ ଶକାବ୍ଦ ପର୍ଯ୍ୟନ୍ତ

୩୦ । କେଶରୀ ବଂଶର ଶେଷରାଜାଙ୍କ ନାମ କ'ଣ ଏବଂ ମାଦଳାପାଞ୍ଜି ଅନୁଯାୟୀ ସେ କେତେ ବର୍ଷ ରାଜତ୍ୱ କରିଥିଲେ ?

ଉ : ଶୂନ୍ୟ କେଶରୀ
୧ମ ପାଞ୍ଜି ମତେ ୩ ବର୍ଷ ୨ ମାସ ୧୧ ଦିନ
୩ୟ ପାଞ୍ଜି ମତେ ୯ ବର୍ଷ ୧୦୫୪ ଶକାବ୍ଦ ।

୩୧ । ଗଙ୍ଗବଂଶର ପ୍ରଥମ ରାଜାଙ୍କ ନାମ କ'ଣ ଏବଂ ମାଦଳାପାଞ୍ଜି ଅନୁଯାୟୀ ସେ କେତେ ବର୍ଷ ରାଜତ୍ୱ କରିଥିଲେ ?

ଉ : ଚୋଡ଼ଗଙ୍ଗ ଦେବ
୧ମ ପାଞ୍ଜି ମତେ ୬୨ ବର୍ଷ ୨ ମାସ ୨ ଦିନ
୨ୟ ପାଞ୍ଜି ମତେ ୨୪ ବର୍ଷ
୩ୟ ପାଞ୍ଜି ମତେ ୨୦ ବର୍ଷ - ୧୦୭୪ ଶକାବ୍ଦ

୩୨ । ଗଙ୍ଗବଂଶର ଶେଷ ରାଜାଙ୍କ ନାମ କ'ଣ ଏବଂ ମାଦଳାପାଞ୍ଜି ଅନୁଯାୟୀ ସେ କେତେ ବର୍ଷ ରାଜତ୍ୱ କରିଥିଲେ ?

ଉ : ମତ୍ତଭାନୁଦେବ
୧ମ ପାଞ୍ଜି ମତେ ୨୭ ବର୍ଷ ୬ ମାସ
୨ୟ ପାଞ୍ଜି ମତେ ୧୪ ବର୍ଷ
୩ୟ ପାଞ୍ଜି ମତେ ୨୩ ବର୍ଷ - ୧୩୭୪ ଶକାବ୍ଦ ପର୍ଯ୍ୟନ୍ତ

Scanned with CamScanner

୩୩ । ସୂର୍ଯ୍ୟବଂଶର ପ୍ରଥମ ରାଜାଙ୍କ ନାମ କ'ଣ ଏବଂ ମାଦଳାପାଞ୍ଜି ଅନୁଯାୟୀ ସେ କେତେ ବର୍ଷ ରାଜତ୍ୱ କରିଥିଲେ ?

ଉ : କପିଳେନ୍ଦ୍ର ଦେବ

୧ମ ପାଞ୍ଜି ମତେ ୩୨ ବର୍ଷ

୩ୟ ପାଞ୍ଜି ମତେ ୨୭ ବର୍ଷ - ୧୪୦୧ ଶକାବ୍ଦ

୩୪ । ସୂର୍ଯ୍ୟବଂଶର ଶେଷରାଜାଙ୍କ ନାମ କ'ଣ ଏବଂ ମାଦଳାପାଞ୍ଜି ଅନୁଯାୟୀ ସେ କେତେ ବର୍ଷ ରାଜତ୍ୱ କରିଥିଲେ ?

ଉ : ମୁକୁନ୍ଦଦେବ

୧ମ ପାଞ୍ଜି ମତେ ୮ ବର୍ଷ ୫ ମାସ

୩ୟ ପାଞ୍ଜି ମତେ ୮ ବର୍ଷ - ୧୪୮୧ ଶକାବ୍ଦ (ମୁକୁନ୍ଦଦେବ ଶେଷ ସ୍ୱାଧୀନ ରାଜା ହୋଇଥିଲେ ମଧ୍ୟ ଗଉଡ଼ିଆ ଗୋବିନ୍ଦ ଦେବ ରାୟ ଶେଷ ରାଜା ଅଟନ୍ତି)

ସେ•୨ ବର୍ଷ - ୧୪୮୩ ଶକାବ୍ଦ ରାଜତ୍ୱ କରିଥିଲେ

୩୫ । ଭୋଇବଂଶର ପ୍ରଥମ ରାଜାଙ୍କ ନାମ କ'ଣ ଏବଂ ସେ କେତେ ବର୍ଷ ରାଜତ୍ୱ କରିଥିଲେ ?

ଉ : ରାମଚନ୍ଦ୍ର ଦେବ

୧ମ ପାଞ୍ଜି ମତେ ୩୨ ବର୍ଷ

୩ୟ ପାଞ୍ଜି ମତେ ୨୯ ବର୍ଷ - ୧୫୩୧ ଶକାବ୍ଦ ।

୩୬ । କେଉଁ ରାଜା ଚୂଡ଼ଙ୍ଗ ସାହିରେ ପୋଖରୀ ଖନନ କରିଥିଲେ ?

ଉ : ଚୋଡ଼ଗଙ୍ଗ ଦେବ ।

୩୭ । କେଉଁ ରାଜା ଅଲାରନାଥ ମନ୍ଦିର ତୋଳାଇଥିଲେ ?

ଉ : ମଦନ ମହାଦେବ ।

୩୮ । ବୌଦ୍ଧ ଓ ବ୍ରାହ୍ମଣମାନଙ୍କ ପରୀକ୍ଷା କେଉଁ ରାଜାଙ୍କ ସମୟରେ ହୋଇଥିଲା ?

ଉ : ମଦନ ମହାଦେବ ।

୩୯ । କେଉଁ ରାଜାଙ୍କ ସମୟରୁ ଛତିଶା ନିଯୋଗ ଏବଂ ଷୋଳ ଶାସନ ପଦମାନ ଆରମ୍ଭ ହୋଇଥିଲା ।

ଉ : ଅନଙ୍ଗଭୀମ ଦେବ ।

୪୦ । ଦ୍ୱାଦଶ ଯାତ୍ରାର ଆରମ୍ଭ ଏବଂ ସୁନାକୂପର ଖନନ କେଉଁ ରାଜାଙ୍କ ସମୟରେ ହୋଇଥିଲା ?

ଉ : ଅନଙ୍ଗଭୀମ ଦେବ ।

୪୧ । ନରେନ୍ଦ୍ର ପୁଷ୍କରିଣୀର ଖନନ, ଅଠରନଳା ଏବଂ ବାଙ୍କିମୁହାଣ କେଉଁ ରାଜାଙ୍କ ସମୟରେ ହୋଇଥିଲା ?

ଉ : ବୀର ନରସିଂହ ଦେବ ।

୪୨ । କେଉଁ ରାଜାଙ୍କ ସମୟରେ ମାଳିନୀ ନଦୀ ପୋତା ହୋଇଥିଲା ?

ଉ : ବୀର ନରସିଂହ ଦେବ ।

୪୩ । ବାଲଭୋଗ କେଉଁ ରାଜାଙ୍କ ସମୟରେ ହୋଇଥିଲା ?

ଉ : ବୀର ନରସିଂହ ଦେବ ।

୪୪ । ମାଦଳାପାଞ୍ଜିର କେତୋଟି ନକଲ ଥିବାର ଜଣାଯାଏ ?

ଉ : ତିନି ।

୪୫ । ମାଦଳାପାଞ୍ଜି କେଉଁ ଗଜପତି ରାଜାଙ୍କ ସମୟରୁ ଆରମ୍ଭ ହେଲା ?

ଉ : ଚୋଡ଼ଗଙ୍ଗଦେବ ।

୪୬ । 'Epographia India' ପୁସ୍ତକର ସ୍ରଷ୍ଟା କିଏ ?

ଉ : ଫ୍ଲିଟ୍ ।

୪୭ । 'ଭକ୍ତି ଭାଗବତ' ଗ୍ରନ୍ଥର ସ୍ରଷ୍ଟା କିଏ ?

ଉ : ଡିଣ୍ଡିମ ଜୀବାଦେବାଚାର୍ଯ୍ୟ ।

୪୮ । 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ'ର ସଙ୍କଳକ ଗୋପାଳ ଚନ୍ଦ୍ର ପ୍ରହରାଜ କେଉଁ ଖ୍ରୀଷ୍ଟାବ୍ଦରେ ମାଦଳାପାଞ୍ଜି ଉପରେ ଆଲୋଚନା କରିଛନ୍ତି ?

ଉ : ୧୯୩୧ ।

୪୯ । 'ମର୍ଦ୍ଦଳାକାରରେ ପାଞ୍ଜି ବନ୍ଧା ହୋଇ ରହେ, ତେଣୁ ଏହାର ନାମ ମାଦଳାପାଞ୍ଜି' ଏହି ମତ କିଏ ଦେଇଛନ୍ତି ?

ଉ : ଜଗବନ୍ଧୁ ସିଂହ ।

୫୦ । ମାଦଳାପାଞ୍ଜି ସମ୍ପର୍କୀୟ ଷ୍ଟର୍ଲିଂ ତଥ୍ୟାବଳୀ ସହିତ ଆଉ କିଛି ତଥ୍ୟ ମିଶାଇ ଭବାନୀଚରଣ ବନ୍ଦୋପାଧ୍ୟାୟ ୧୮୪୩ ଖ୍ରୀଷ୍ଟାବ୍ଦରେ କେଉଁ ଗ୍ରନ୍ଥ ପ୍ରକାଶ କରିଥିଲେ ?

ଉ : ପୁରୁଷୋତ୍ତମ ଚନ୍ଦ୍ରିକା ।

୫୧ । ରାଜଖଣ୍ଡା ପ୍ରତିବର୍ଷ କେଉଁ ପୂର୍ଣ୍ଣମୀରେ ରାଜାଙ୍କର ବାର୍ଷିକୋତ୍ସବରେ ପାଠ କରାଯାଉଥିଲା ?

ଉ : ପୌଷପୂର୍ଣ୍ଣମୀ ।

୫୨ । ମାଦଳା ଶବ୍ଦର ସମଷ୍ଟି କିପରି ହୋଇଛି ?

ଉ : ମାଦ+ଳା ।

●

Scanned with CamScanner

ସାରଳା ସାହିତ୍ୟ

୧ । ଓଡ଼ିଆ ସାହିତ୍ୟରେ 'ସାରଳା ଯୁଗ' କାହା ନାମରେ ନାମିତ ହୋଇଛି ?
ଉ : ସାରଳା ଦାସ ।

୨ । ସାରଳା ଦାସ କେଉଁ ରାଜାଙ୍କ ସମୟର ସାମସମୟିକ ଥିଲେ ?
ଉ : କପିଳେନ୍ଦ୍ର ଦେବ

୩ । କପିଳେନ୍ଦ୍ର ଦେବ କେଉଁ ବଂଶର ସମ୍ରାଟ ?
ଉ : ସୂର୍ଯ୍ୟବଂଶ ।

୪ । "ପ୍ରଣିପତ୍ୟେ ଖଟଇ କପିଳେଶ୍ୱର ନାମେ ରାଜା
ତେତ୍ରିଶକୋଟି ଦେବ ଚରଣେ ଯାର ପୂଜା ।" ଏହି ଉକ୍ତିଟି କେଉଁ ଗ୍ରନ୍ଥରୁ ଆସିଛି ?
ଉ : ସାରଳା ମହାଭାରତ (ଆଦିପର୍ବ)

୫ । ସାରଳା ଦାସଙ୍କ ନାମ ସିଦ୍ଧେଶ୍ୱର ପରିଡ଼ା ବୋଲି କେଉଁ ଗ୍ରନ୍ଥରୁ ଜଣାପଡ଼େ ?
ଉ : ବିଲଙ୍କା ରାମାୟଣ ।

୬ । "ଜଗନ୍ନାଥ ଯହୁଁ ପ୍ରସନ୍ନ ମୋତେ ହେଲେ
ଶୂଦ୍ରମୁନି ସାରଳା ଦାସ ନାମ ଦେଲେ ।" ଏହି ଉକ୍ତିଟି କେଉଁ ଗ୍ରନ୍ଥରୁ ଆସିଛି ?
ଉ : ମହାଭାରତ (ଆଶ୍ରମିକ ପର୍ବ)

୭ । କେଉଁ ଗ୍ରନ୍ଥରେ ସାରଳା ଦାସ ନିଜକୁ ଦେବୀ ସାରଳାଙ୍କ ପୁତ୍ର ଭାବରେ ପରିଚିତ କରିଛନ୍ତି ?
ଉ : ମହାଭାରତ ।

୮ । 'କନକପୁର ପାଟଣା ଘର ପର୍ଶୁରାମ
ମୁହିଁ ତା'ର ଅନୁଜ ସାରଳା ଦାସ ନାମ' ମହାଭାରତର କେଉଁ ପର୍ବରେ ବର୍ଣ୍ଣିତ ?
ଉ : ମଧ୍ୟପର୍ବ ।

୯ । ସାରଳା ଦାସ ପୂର୍ବ ଜନ୍ମ ସମ୍ପର୍କରେ ମହାଭାରତରେ କେଉଁ ପର୍ବରେ ସୂଚନା ଦେଇଛନ୍ତି ?
ଉ : ସ୍ୱର୍ଗାରୋହଣ ପର୍ବ ।

୧୦ । ପୂର୍ବେ ଯେଉଁ ଶୂଦ୍ରମାନେ ଦେବୀମାନଙ୍କୁ ପୂଜାର୍ଚ୍ଚନା କରୁଥିଲେ ସେମାନଙ୍କୁ କ'ଣ କୁହାଯାଉଥିଲା ?
ଉ : ମୁନି ।

୧୧ । ସାରଳା ମହାଭାରତର ପ୍ରଥମ ସମୀକ୍ଷକ କିଏ ?
ଉ : ଗୋପୀନାଥ ନନ୍ଦଶର୍ମା ।

୧୨ । ଶ୍ରୀଭାରତ ଦର୍ପଣ କେଉଁ କେଉଁ ଗ୍ରନ୍ଥର ତୁଳନାତ୍ମକ ଅଧ୍ୟୟନ ?
ଉ : ସଂସ୍କୃତ ମହାଭାରତ ଓ ଓଡ଼ିଆ ମହାଭାରତ ।

୧୩ । 'ପଙ୍କଜବାସିନୀ ଦେବୀ ଉତ୍କଳ ଭାରତୀ
ସାରଳେ କି କଲେ କହ କୁରୁ ଚୂଡ଼ାମଣି ।' ପଦଟି କେଉଁଥିରୁ ଆସିଛି ?
ଉ : ମହାଯାତ୍ରା ।

୧୪ । ସାରଳା ଯୁଗକୁ କେଉଁ ସମାଲୋଚକ ଆଦିଯୁଗ ନାମରେ ନାମିତ କରିଛନ୍ତି ?
ଉ : ବଂଶୀଧର ମହାନ୍ତି ।

୧୫ । ଓଡ଼ିଆ ସାହିତ୍ୟରେ ସାରଳା ଯୁଗକୁ କେଉଁ ସମାଲୋଚକ ସ୍ୱର୍ଣ୍ଣଯୁଗରେ ନାମିତ କରିଛନ୍ତି ?
ଉ : ଦେବେନ୍ଦ୍ର ମହାନ୍ତି ।

୧୬ । ସାରଳା ଦାସ ଜଣେ ସୈନିକ – ଏ ମତଟି କାହାର ?
ଉ : କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ।

୧୭ । ସାରଳା ଦାସଙ୍କୁ ଆଦିକବି ଭାବରେ କିଏ କହିଛନ୍ତି ?
ଉ : ମୃତ୍ୟୁଞ୍ଜୟ ରଥ ।

୧୮ । ସାରଳା ଦାସଙ୍କୁ ବାଲ୍ମୀକିଙ୍କ ସହ କିଏ ତୁଳନା କରିଛନ୍ତି ?
ଉ : ମୃତ୍ୟୁଞ୍ଜୟ ରଥ ।

୧୯ । ଜନପ୍ରବାଦ ଅନୁଯାୟୀ ସାରଳା ଦାସଙ୍କ ଜନ୍ମସ୍ଥାନ କେଉଁଠି ?
ଉ : ଝଙ୍କଡ଼ ।

୨୦ । ସମାଲୋଚକମାନେ ସାରଳାଙ୍କ ଜନ୍ମସ୍ଥାନ ରୂପେ କାହାକୁ ଗ୍ରହଣ କରନ୍ତି ?
ଉ : ତେନ୍ତୁଳିଆ ପଦା ।

୨୧ । ସାରଳା ଦାସଙ୍କୁ ବ୍ୟାସଦେବଙ୍କ ସହ କିଏ ତୁଳନା କରିଛନ୍ତି ?
ଉ : ଗୋପୀନାଥ ନନ୍ଦଶର୍ମା ।

Scanned with CamScanner

ତାରଣୀ ଚରଣଙ୍କ ମତରେ ସାରଳା ଦାସ ଜାତିରେ କ'ଣ?
ଉ : ଶୂଦ୍ର ।

୨୩ । ସାରଳା ଦାସଙ୍କ ସମୟ ନିର୍ଣ୍ଣୟ ପରିପ୍ରେକ୍ଷୀରେ କେଉଁ ସମାଲୋଚକଙ୍କ ମ...
ଗ୍ରହଣ କରାଯାଏ?
ଉ : ଆର୍ତ୍ତବଲ୍ଲଭ ମହାନ୍ତି ।

୨୪ । ବିଲଙ୍କା ରାମାୟଣର ରଚୟିତା କିଏ?
ଉ : ସାରଳା ଦାସ ।

୨୫ । 'ବିଲଙ୍କା ରାମାୟଣ' କେଉଁ ଗ୍ରନ୍ଥ ଛାୟାରେ ରଚିତ?
ଉ : ଅଦ୍ଭୁତ ରାମାୟଣ ।

୨୬ । ବିଲଙ୍କା ରାମାୟଣରେ କାହାର ବଧ ହୋଇଥିଲା?
ଉ : ସହସ୍ରଶିରା ରାବଣର ।

୨୭ । ବିଲଙ୍କା ରାମାୟଣର ସୀତା କେଉଁ ରୂପ ଧାରଣ କରିଥିଲେ?
ଉ : ଚଣ୍ଡୀ ରୂପ / ବିବସନା ରୂପ ।

୨୮ । ବିଲଙ୍କା ରାମାୟଣ କେଉଁ ବୃତ୍ତରେ ରଚିତ?
ଉ : ଦାଣ୍ଡୀବୃତ୍ତ ।

୨୯ । 'ବିଲଙ୍କା ରାମାୟଣ' କାହାର କଥୋପକଥନରୁ ସୃଷ୍ଟି?
ଉ : ଶିବ-ପାର୍ବତୀ ।

୩୦ । ବ୍ୟବହୃତ ଭାଷା ଦୃଷ୍ଟିରୁ ବିଲଙ୍କା ରାମାୟଣ ସାରଳାଙ୍କ ରଚନା ନୁହେଁ ବୋଲି
କିଏ କହିଛନ୍ତି?
ଉ : ବଂଶୀଧର ମହାନ୍ତି ।

୩୧ । ସାରଳା ଦାସଙ୍କ ପ୍ରଥମ କୃତିଟି କ'ଣ?
ଉ : ବିଲଙ୍କା ରାମାୟଣ ।

୩୨ । ବିଲଙ୍କା ରାମାୟଣ ରଚନା ପଛରେ କବିଙ୍କ ମୂଳ ଉଦ୍ଦେଶ୍ୟ କ'ଣ?
ଉ : ନାରୀ ଶକ୍ତିର ମହତ୍ତ୍ୱ ପ୍ରତିଷ୍ଠା ।

୩୩ । ସହସ୍ରଶୀରା ରାବଣଙ୍କୁ ବଧ କରିବା ପାଇଁ କେଉଁ ଦୁଇଜଣଙ୍କୁ ରାମ ସୀତାଙ୍କ
ମଧ୍ୟରେ ଯୁଦ୍ଧ କରିବା ପାଇଁ ପଠାଇଥିଲେ?
ଉ : ଖଳ ଓ ଦୁର୍ବଳ ।

୩୪ । ବିଲଙ୍କା ରାମାୟଣର ବିଷୟବସ୍ତୁ କ'ଣ?
ଉ : ସହସ୍ରଶୀରା ରାବଣର ମୃତ୍ୟୁ ।

୩୫ । ସାରଳା ମହାଭାରତ କେତେ ପର୍ବ ବିଶିଷ୍ଟ?
ଉ : ୧୮ ।

୩୬ । ସାରଳା ମହାଭାରତର ଶ୍ଳୋକ ସଂଖ୍ୟା କେତେ?
ଉ : ୧,୪୦,୦୦୦ / ଏକଲକ୍ଷ ଚାଳିଶି ହଜାର ।

୩୭ । ବ୍ୟାସଦେବକୃତ ମହାଭାରତର ଶ୍ଳୋକ ସଂଖ୍ୟା କେତେ?
ଉ : ୧୦୦୦୦୦ ଏକଲକ୍ଷ ।

୩୮ । ସାରଳା ମହାଭାରତରେ ବର୍ଣ୍ଣିତ ଶ୍ରୀକୃଷ୍ଣ ଓ ସହଜ ସୁନ୍ଦରୀର ମିଳନରୁ କାହାର
ଜନ୍ମ?
ଉ : ଖନିକାର (ଖଲ୍ୟକାର)

୩୯ । ସହଜସୁନ୍ଦରୀ କିଏ?
ଉ : ଦୂତୀ ।

୪୦ । ଖନିକାର ଜନ୍ମବୃତ୍ତାନ୍ତ ସାରଳା ମହାଭାରତର କେଉଁ ପର୍ବରେ ବର୍ଣ୍ଣିତ ?
ଉ : ଆଦିପର୍ବ ।

୪୧ । ସାରଳା ମହାଭାରତର ଉପପର୍ବ ସଂଖ୍ୟା କେତେ ?
ଉ : ଉପପର୍ବ ନାହିଁ ।

୪୨ । ମୂଳ ମହାଭାରତ ଗ୍ରନ୍ଥର ଆଦିପର୍ବକୁ ସାରଳା ଦାସ କେତେ ଭାଗରେ ବିଭକ୍ତ
କରିଛନ୍ତି ଓ କ'ଣ କ'ଣ ?
ଉ : ୨ ଭାଗରେ, ଆଦିପର୍ବ ଓ ମଧ୍ୟପର୍ବ ।

୪୩ । ସାରଳା ଦାସଙ୍କ ମହାଭାରତର ଗଦାପର୍ବ ମୂଳ ମହାଭାରତର କେଉଁ ପର୍ବରୁ
ଆସିଛି ?
ଉ : ଶଲ୍ୟପର୍ବର ଶେଷ ଉପପର୍ବ ।

୪୪ । କାଇଁଶିକା ପର୍ବ ବା ଐଷିକ ପର୍ବ ମୂଳ ମହାଭାରତର କେଉଁ ପର୍ବର ଅନୁରୂପ?
ଉ : ସୌପ୍ତିକ ପର୍ବ ।

୪୫ । ସାରଳା ଦାସଙ୍କ ଶାନ୍ତିପର୍ବ ମୂଳ ମହାଭାରତର କେଉଁ କେଉଁ ପର୍ବର ସମ୍ମିଶ୍ରଣ?
ଉ : ଶାନ୍ତିପର୍ବ ଓ ଆଶ୍ରମିକ ପର୍ବ ।

୪୬ । ସ୍ତ୍ରୀ ପର୍ବ ବଦଳରେ ସାରଳା ଦାସ କେଉଁ ପର୍ବର ନାମକରଣ କରିଛନ୍ତି?
ଉ : ନାରୀ ପର୍ବ ।

୪୭ । ସାରଳା ଦାସଙ୍କ ସ୍ୱର୍ଗାରୋହଣ ପର୍ବ କେଉଁ କେଉଁ ପର୍ବର ମିଶ୍ରଣରେ ଗଠିତ?
ଉ : ମହାପ୍ରସ୍ଥାନିକ ଓ ସ୍ୱର୍ଗାରୋହଣ ପର୍ବ ।

Scanned with CamScanner

୪୮ । ଆଦିପର୍ବରେ କେଉଁ ବିଷୟ ବର୍ଣ୍ଣିତ ?
ଉ : ଅନୁକ୍ରମଣିକାଠାରୁ ପାଣ୍ଡବମାନଙ୍କର ରାଜ୍ୟପ୍ରାପ୍ତି ଏବଂ ଦ୍ରୋଣ ଓ କର୍ଣ୍ଣ
ଜନ୍ମ ଆଦି ।

୪୯ । ମଧ୍ୟପର୍ବରେ କ'ଣ ବର୍ଣ୍ଣନା ହୋଇଛି ?
ଉ : ପାଣ୍ଡବମାନେ ହସ୍ତିନାକୁ ଫେରିବା ।

୫୦ । ସୁଭଦ୍ରା ପରିଣୟ କେଉଁ ପର୍ବରୁ ଆସିଅଛି ?
ଉ : ମଧ୍ୟପର୍ବ ।

୫୧ । ନାଗକନ୍ୟା ଉଲୁପି ଓ ଅର୍ଜ୍ଜୁନଙ୍କ ବିବାହ କେଉଁ ପର୍ବରେ ରହିଛି ?
ଉ : ମଧ୍ୟପର୍ବ ।

୫୨ । ଶ୍ରୀକୃଷ୍ଣ ଓ ବଳରାମଙ୍କ ଗୁରୁ ସାନ୍ଦିପନୀଙ୍କ ନିକଟରେ ଶିକ୍ଷା ଗ୍ରହଣ କରିବା
କେଉଁ ପର୍ବରେ ରହିଛି ?
ଉ : ମଧ୍ୟପର୍ବ ।

୫୩ । ଜରାସନ୍ଧ ବଧ, ପାଣ୍ଡବଙ୍କ ଦିଗ୍‌ବିଜୟ, ଶିଶୁପାଳବଧ, ବସ୍ତ୍ରହରଣ, ନାଗାର୍ଜ୍ଜୁନ
ଓ ଅର୍ଜ୍ଜୁନ ଯୁଦ୍ଧ କେଉଁ ପର୍ବରେ ବର୍ଣ୍ଣିତ ।
ଉ : ସଭାପର୍ବ ।

୫୪ । ଶ୍ରୀକୃଷ୍ଣ ଗଧପାଦ ଧରିବା କେଉଁ ପ୍ରସଙ୍ଗରୁ ଆସିଛି ?
ଉ : ଜରାସନ୍ଧ ବଧ ।

୫୫ । ପାଣ୍ଡବମାନଙ୍କ ବନବାସ କେଉଁ ପର୍ବରେ ବର୍ଣ୍ଣିତ ?
ଉ : ବନପର୍ବ ।

୫୬ । 'ସତ୍ୟ ଆମ୍ବ ଉପାଖ୍ୟାନ' ପ୍ରସଙ୍ଗ କେଉଁ ପର୍ବରୁ ଆସିଛି ?
ଉ : ବନପର୍ବ ।

୫୭ । ସମୀବୃକ୍ଷ ପ୍ରସଙ୍ଗ କେଉଁ ପର୍ବରେ ବର୍ଣ୍ଣିତ ?
ଉ : ବିରାଟ ପର୍ବ ।

୫୮ । 'କୀଚକବଧ' କେଉଁ ପର୍ବରୁ ଆସିଛି ?
ଉ : ବିରାଟ ପର୍ବ ।

୫୯ । ପାଣ୍ଡବମାନେ ଅଜ୍ଞାତ ବନବାସ ସମୟରେ କେଉଁ ରାଜାଙ୍କ ନିକଟରେ
ଆତ୍ମଗୋପନ କରିଥିଲେ ?
ଉ : ବିରାଟ ରାଜା ।

୬୦ । ଉଦ୍‌ଯୋଗ ପର୍ବରେ କେଉଁ ବିଷୟ ବର୍ଣ୍ଣିତ ହୋଇଛି ?
ଉ : ପାଣ୍ଡବମାନଙ୍କ ଦାବି ପ୍ରାପ୍ତି, ବେଲାଳସେନ ମୃତ୍ୟୁ ।

୬୧ । ସଞ୍ଜୟଙ୍କୁ ଦିବ୍ୟଚକ୍ଷୁ ପ୍ରଦାନ କେଉଁ ପର୍ବରେ ବର୍ଣ୍ଣିତ ?
ଉ : ଉଦ୍‌ଯୋଗ

୬୨ । 'ନରେ ବା ଗୁଞ୍ଜରେ ଅଶ୍ୱତ୍‌ଥାମା ବଧ' – ଏ ଉକ୍ତିଟି କାହାର ?
ଉ : ଯୁଧିଷ୍ଠିର ।

୬୩ । ଦ୍ରୋଣାଚାର୍ଯ୍ୟ ବଧ କେଉଁ ପର୍ବରୁ ଆସିଛି ?
ଉ : ଦ୍ରୋଣପର୍ବ ।

୬୪ । ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ ପ୍ରସଙ୍ଗ କେଉଁ ପର୍ବରେ ବର୍ଣ୍ଣିତ ?
ଉ : ଶଲ୍ୟପର୍ବ ।

୬୫ । ଦୁର୍ଯ୍ୟୋଧନ କାହାର ଶବକୁ ଧରି ରକ୍ତନଦୀ ପାର ହୋଇଥିଲା ?
ଉ : ଲକ୍ଷ୍ମଣ କୁମାର (ପୁତ୍ର)

୬୬ । ବ୍ୟାସ-ସରୋବରରେ ଦୁର୍ଯ୍ୟୋଧନ ଲୁଚି ରହିବା କେଉଁ ପର୍ବରୁ ଆସିଛି ?
ଉ : ଗଦାପର୍ବ ।

୬୭ । ଅଶ୍ୱତ୍‌ଥାମା ପାଣ୍ଡବଙ୍କ ପଞ୍ଚପୁତ୍ରଙ୍କୁ ହତ୍ୟା କରିବା କେଉଁ ପର୍ବରୁ ଆସିଛି ?
ଉ : କାଇଁଶିକା ପର୍ବ ।

୬୮ । ଗାନ୍ଧାରୀ ଶ୍ରୀକୃଷ୍ଣଙ୍କୁ ଅଭିଶାପ ଦେବା, ଭୀମଙ୍କ ଲୌହ ମୂର୍ତ୍ତିକୁ ଚୂର୍ଣ୍ଣ କରିବା ଓ
ଗାନ୍ଧାରୀଙ୍କ ଶେଷପୁତ୍ର ଯୁଯୁତ୍ସୁ ଭସ୍ମ ହେଇଯିବା ଆଦି କେଉଁ ପର୍ବରେ ବର୍ଣ୍ଣିତ ?
ଉ : ସ୍ତ୍ରୀ ପର୍ବ ।

୬୯ । ଭୀଷ୍ମଙ୍କର ଦେହତ୍ୟାଗ କେଉଁ ପର୍ବରେ ବର୍ଣ୍ଣିତ ?
ଉ : ଶାନ୍ତିପର୍ବ ।

୭୦ । ଅଶ୍ୱମେଧ ଯଜ୍ଞ କେଉଁ ପର୍ବରେ ବର୍ଣ୍ଣିତ ?
ଉ : ଅଶ୍ୱମେଧ ପର୍ବ ।

୭୧ । ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ବାନପ୍ରସ୍ଥାଶ୍ରମ କଥା କେଉଁ ପର୍ବରେ ବର୍ଣ୍ଣିତ ?
ଉ : ଆଶ୍ରମିକ ପର୍ବ ।

୭୨ । ଯଦୁବଂଶ ନିଧନ ଓ ଶ୍ରୀକୃଷ୍ଣଙ୍କ ମହାପ୍ରୟାଣ କେଉଁ ପର୍ବରେ ବର୍ଣ୍ଣିତ ?
ଉ : ମୂଷଳୀ ପର୍ବ ।

୭୩ । ଜାରାଶବର ନୀଳଗିରିରେ ଶ୍ରୀଜଗନ୍ନାଥଙ୍କୁ ନୀଳମାଧବ ରୂପେ ପୂଜାର୍ଚ୍ଚନା
କରିବା କେଉଁ ପର୍ବରେ ବର୍ଣ୍ଣିତ ଅଛି ?
ଉ : ମୂଷଳୀ ପର୍ବ ।

Scanned with CamScanner

୭୪ । ପରୀକ୍ଷିତଙ୍କୁ ରାଜସିଂହାସନ ଓ ସ୍ୱର୍ଗାରୋହଣ ଉଦ୍ଦେଶ୍ୟରେ ହିମାଳୟକୁ ଯ...
ପ୍ରସଙ୍ଗ କେଉଁ ପର୍ବରେ ସୂଚିତ ?
ଉ : ସ୍ୱର୍ଗାରୋହଣ ପର୍ବ ।

୭୫ । 'ଭଗବତ ଗୀତା' ପ୍ରସଙ୍ଗ କେଉଁ ପର୍ବରେ ବର୍ଣ୍ଣିତ ?
ଉ : ଭୀଷ୍ମପର୍ବ ।

୭୬ । ଜତୁଗୃହ ଦାହ ଓ ଦ୍ରୌପଦୀଙ୍କ ସ୍ୱୟମ୍ବର କେଉଁ ପର୍ବରେ ବର୍ଣ୍ଣିତ ?
ଉ : ଆଦି ପର୍ବ ।

୭୭ । ଧୃତରାଷ୍ଟ୍ରଙ୍କ ପିତାମାତାଙ୍କ ନାମ କ'ଣ ?
ଉ : ବ୍ୟାସଦେବ ଓ ଅମ୍ବିକା ।

୭୮ । ପଣ୍ଡୁଙ୍କ ପିତାମାତାଙ୍କ ନାମ କ'ଣ ?
ଉ : ବ୍ୟାସଦେବ ଓ ଅମ୍ବାଳିକା ।

୭୯ । ବିଦୁର କାହାପୁତ୍ର ?
ଉ : ବ୍ୟାସଦେବ ଓ ଅମୃତବତୀ

୮୦ । ବ୍ୟାସଦେବଙ୍କ ପିତାମାତାଙ୍କ ନାମ କ'ଣ ?
ଉ : ପରାଶର ଓ ସତ୍ୟବତୀ ।

୮୧ । ସଂସ୍କୃତ ମହାଭାରତର ରଚୟିତା କିଏ ?
ଉ : ବ୍ୟାସଦେବ ।

୮୨ । 'ସାରଳା ମହାଭାରତ' ସଂସ୍କୃତ ମହାଭାରତର କେଉଁ ପ୍ରକାର ଅନୁବାଦ?
ଉ : ଭାବାନୁବାଦ ।

୮୩ । ଉଭୟ ମହାଭାରତ କେତେ ପର୍ବ ବିଶିଷ୍ଟ ?
ଉ : ୧୮ ।

୮୪ । ସଂସ୍କୃତ ମହାଭାରତର ଉପପର୍ବ ସଂଖ୍ୟା କେତେ ?
ଉ : ୧୦୦ ।

୮୫ । ସାରଳା ମହାଭାରତର ଉପପର୍ବ ସଂଖ୍ୟା କେତେ ?
ଉ : ଉପପର୍ବ ନାହିଁ ।

୮୬ । ସାରଳା ଦାସ ଓଡ଼ିଶାରେ ମହାଭାରତ ରଚନା କରିବା ପୂର୍ବରୁ ଆଉ କେଉଁ
କେଉଁ ଭାଷାରେ 'ମହାଭାରତ' ରଚନା ହୋଇଥିଲା ?
ଉ : କନ୍ନଡ଼ ଓ ତେଲୁଗୁ ।

୮୭ । କନ୍ନଡ଼ ଭାଷାରେ କେଉଁ କବି ମହାଭାରତ ରଚନା କରିଥିଲେ ?
ଉ : ପମ୍ପା (୯ମ ଶତାବ୍ଦୀ)

୮୮ । ତେଲୁଗୁ ଭାଷାରେ କିଏ 'ମହାଭାରତ' ରଚନା କରିଥିଲେ ?
ଉ : ନାନାୟା, ୧୧ଦଶ ଶତାବ୍ଦୀ ।

୮୯ । ସାରଳା ଚରିତ ମହାଭାରତ କେଉଁ ପ୍ରାନ୍ତୀୟ କବିଙ୍କୁ ପ୍ରଭାବିତ କରିଥିଲା ?
ଉ : ବଙ୍ଗଳା କବି କାଶୀରାମ ।

୯୦ । ସାରଳା ମହାଭାରତ କେଉଁ ଛନ୍ଦରେ ରଚିତ ?
ଉ : ମୁକ୍ତଛନ୍ଦ ।

୯୧ । ଅରୁଣୋଦୟ ପ୍ରେସରୁ ପ୍ରକାଶିତ ମହାଭାରତର ସଭାପର୍ବର ମୁଖବନ୍ଧ କିଏ ଲେଖିଥିଲେ ?
ଉ : ନାରାୟଣ ଚନ୍ଦ୍ର ଦାନ ।

୯୨ । ସାରଳା ମହାଭାରତର ବକ୍ତା ଓ ଶ୍ରୋତା କିଏ ?
ଉ : ଅଗସ୍ତି ମୁନି ଓ ବଇବସ୍ୱତ ମନୁ

୯୩ । ସାରଳା ଦାସ ମହାଭାରତର ଆରମ୍ଭରେ କେଉଁ ଦେବତାଙ୍କ ସ୍ତୁତି କରାଯାଇଛି ?
ଉ : ଶ୍ରୀଗଣେଶ ।

୯୪ । ସଂସ୍କୃତ ମହାଭାରତର ବକ୍ତା ଓ ଶ୍ରୋତା କିଏ ?
ଉ : ବ୍ୟାସଦେବ ଓ ଗଣେଶ ।

୯୫ । ସାରଳାଙ୍କ ରଚନା ଅନୁସାରେ କୌରବମାନେ କେଉଁଥିରୁ ଜନ୍ମ ନେଇଥିଲେ ?
ଉ : ମାଂସପିଣ୍ଡୁଳା ।

୯୬ । ଦାଣ୍ଡିବୃତ୍ତର ଜନକ କିଏ ?
ଉ : ସାରଳା ଦାସ ।

୯୭ । କପିଳେନ୍ଦ୍ର ଦେବଙ୍କ ଦୀର୍ଘ ଉପାଧିଟି କ'ଣ ?
ଉ : ବୀରଶ୍ରୀ ଗଜପତି ଗୌଡ଼େଶ୍ୱର ଶ୍ରୀ ଶ୍ରୀ ଶ୍ରୀ... ୧୦୮ଶ୍ରୀ ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ।

୯୮ । 'ଶାରଳା ଚରିତ' ଗ୍ରନ୍ଥର ରଚୟିତା କିଏ ?
ଉ : ମୃତ୍ୟୁଞ୍ଜୟ ରଥ ।

୯୯ । 'ମାଟିର ମହାକବି ସାରଳା ଦାସ' କାହାର ରଚନା ?
ଉ : ମାୟାଧର ମାନସିଂହ ।

୧୦୦ । ଦାଣ୍ଡିବୃତ୍ତର ସର୍ବାଧିକ ଓ ସର୍ବନିମ୍ନ ଅକ୍ଷର ସଂଖ୍ୟା ?
ଉ : ୩୨ ଓ ୯ ।

୧୦୧ । ଚଣ୍ଡୀପୁରାଣର ରଚୟିତା କିଏ ?
ଉ : ସାରଳା ଦାସ ।

୧୦୨ । 'ଚଣ୍ଡୀପୁରାଣ' କେଉଁ ବୃତ୍ତରେ ରଚିତ ?
ଉ : ଦାଣ୍ଡିବୃତ୍ତ ।

୧୦୩ । ଚଣ୍ଡୀପୁରାଣରେ କାହାର ନିଧନ ହୋଇଛି ?
ଉ : ମହିଷାସୁର ।

୧୦୪ । ସାରଳା ଦାସ ନିଜର ଶେଷ ଜୀବନ କେଉଁ ମଠରେ ବିତାଇଥିଲେ ?
ଉ : ମୁନି ଗୋସାଇଁ ମଠ ।

୧୦୫ । 'ଦେବୀ ଭାଗବତ' ବା ଶ୍ରୀ ଭାଗବତ' କେଉଁ ଗ୍ରନ୍ଥର ଅନ୍ୟ ନାମ ?
ଉ : ଚଣ୍ଡୀପୁରାଣ ।

୧୦୬ । ଓଡ଼ିଆ ଭାଷାର ପ୍ରଥମ ପୁରାଣ ନାମରେ କେଉଁ ଗ୍ରନ୍ଥଟି ରଚିତ ?
ଉ : ଚଣ୍ଡୀପୁରାଣ ।

୧୦୭ । ଚଣ୍ଡୀପୁରାଣକୁ ସାରଳା ଦାସ କେଉଁ ସଂସ୍କୃତ ଗ୍ରନ୍ଥର ଅବଲମ୍ବନରେ ରଚନା କରିଥିବା ଅନୁମାନ କରାଯାଏ ?
ଉ : ସପ୍ତସତୀ ଚଣ୍ଡୀ / ଶ୍ରୀଦେବୀ ଭାଗବତ / ମାର୍କଣ୍ଡେୟ ଚଣ୍ଡୀ

୧୦୮ । ଚଣ୍ଡୀପୁରାଣର ଦେବୀ କିଏ ?
ଉ : ସାରଳା ମା' ।

୧୦୯ । ଚଣ୍ଡୀପୁରାଣର ଆରମ୍ଭରୁ କେଉଁ ଦେବତାଙ୍କ ବନ୍ଦନା କରାଯାଇଛି ?
ଉ : ଶ୍ରୀଗଣେଶ ।

୧୧୦ । କୃତାନ୍ତ ଚରିତ୍ରଟି ଚଣ୍ଡୀପୁରାଣ ଅନୁଯାୟୀ କାହାକୁ ବୁଝାଏ ?
ଉ : ଯମରାଜଙ୍କ ବାହାନ ମଇଁଷି ।

୧୧୧ । ମହିଷାସୁର କାହାର ପୁତ୍ର ?
ଉ : କୃତାନ୍ତ ଓ ଧର୍ମରେଖା ।

୧୧୨ । ଚଣ୍ଡୀପୁରାଣରେ କେଉଁ ଉପାସନାକୁ ଗୁରୁତ୍ୱ ଦିଆଯାଇଛି ?
ଉ : ଶାକ୍ତ ।

୧୧୩ । ଅସ୍ପୃଶ୍ୟତା ବିରୁଦ୍ଧରେ ପ୍ରଥମେ କେଉଁ ଓଡ଼ିଆ କବି ସ୍ୱର ଉତ୍ତୋଳନ କରିଥିଲେ ?
ଉ : ସାରଳା ଦାସ ।

୧୧୪ । ଚଣ୍ଡୀପୁରାଣରେ କେଉଁ ସାମାଜିକ କୁସଂସ୍କାର କଥା ବର୍ଣ୍ଣିତ ?
ଉ : ଜୀବ ବଳିଦାନ ।

୧୧୫ । ଚଣ୍ଡୀପୁରାଣରେ କେଉଁ ପ୍ରସଙ୍ଗରେ ଅସ୍ପୃଶ୍ୟତା ବିରୁଦ୍ଧାଚରଣ ଘଟିଛି ?
ଉ : ବଶିଷ୍ଠ ଓ ଅରୁନ୍ଧତୀ ବିବାହ ।

୧୧୬ । 'ଚଣ୍ଡୀପୁରାଣ'ର ସମ୍ପାଦନା ଦାୟିତ୍ୱ କିଏ ଗ୍ରହଣ କରିଥିଲେ ?
ଉ : କୃଷ୍ଣଚରଣ ସାହୁ ।

୧୧୭ । ସମ୍ପାଦିତ ଚଣ୍ଡୀପୁରାଣର ମୁଖବନ୍ଧ କିଏ ଲେଖିଥିଲେ ?
ଉ : କୃଷ୍ଣଚରଣ ସାହୁ ।

୧୧୮ । 'ଲକ୍ଷ୍ମୀନାରାୟଣ ବଚନିକା'ର ସ୍ରଷ୍ଟା କିଏ ?
ଉ : ସାରଳା ଦାସ ।

୧୧୯ । ସାରଳା ଦାସଙ୍କ ଅପ୍ରକାଶିତ ଗ୍ରନ୍ଥ କେଉଁଟି ?
ଉ : ଲକ୍ଷ୍ମୀନାରାୟଣ ବଚନିକା ।

୧୨୦ । 'ଲକ୍ଷ୍ମୀନାରାୟଣ ବଚନିକା'ର ପତ୍ର ଓ ପଦସଂଖ୍ୟା କେତେ ?
ଉ : ୯, ୭୯ ।

୧୨୧ । 'ଲକ୍ଷ୍ମୀନାରାୟଣ ବଚନିକା' କେଉଁ ବୃତ୍ତରେ ରଚିତ ?
ଉ : ଦାଣ୍ଡି ।

୧୨୨ । 'ଲକ୍ଷ୍ମୀନାରାୟଣ ବଚନିକାକୁ କିଏ ସଂଗ୍ରହ କରିଥିଲେ ?
ଉ : ବଂଶୀଧର ମହାନ୍ତି ।

୧୨୩ । 'ଲକ୍ଷ୍ମୀନାରାୟଣ ବଚନିକା'ରେ କେଉଁ ଦେବୀଙ୍କ ଆଦ୍ୟ ବର୍ଣ୍ଣନା ରହିଛି ?
ଉ : ଲକ୍ଷ୍ମୀ ।

୧୨୪ । 'ଚଣ୍ଡୀପୁରାଣର ଶୁଦ୍ଧ ସଙ୍କଳନ କେବେ ହୋଇଥିଲା ?
ଉ : ୧୯୮୪ ।

୧୨୫ । ସାରଳା ମହାଭାରତର ଶୁଦ୍ଧ ସଙ୍କଳନ କେବେ ହୋଇଥିଲା ?
ଉ : ୧୯୬୫ ।

୧୨୬ । ସଂସ୍କୃତ ମହାଭାରତର ଓଡ଼ିଆ ଅନୁବାଦକ କିଏ ?
ଉ : କୃଷ୍ଣଚନ୍ଦ୍ର ସିଂହ ।

୧୨୭ । ଚଣ୍ଡୀପୁରାଣ ଓ ବିଲଙ୍କା ରାମାୟଣର ପ୍ରକାଶକ ?
ଉ : ଓଡ଼ିଶା ଜଗନ୍ନାଥ କମ୍ପାନୀ ।

୧୨୮ । ସାରଳା ମହାଭାରତ କେଉଁ ବିଭାଗ ଆନୁକୂଲ୍ୟରେ ସମ୍ପାଦିତ ?
ଉ : ସାଂସ୍କୃତିକ ବ୍ୟାପାର ବିଭାଗ ।

୧୨୯ । ସାରଳା ମହାଭାରତକୁ କିଏ ସମ୍ପାଦନା କରିଥିଲେ ?
ଉ : ଆର୍ତ୍ତବଲ୍ଲଭ ମହାନ୍ତି ।

Scanned with CamScanner

୧୩୦ । ସାରଳା ସ୍ମରଣିକା କିଏ କିଏ ପ୍ରକାଶ କରିଥିଲେ ?
ଉ : ପ୍ରଜାତନ୍ତ୍ର ପ୍ରଚାର ସମିତି ।

୧୩୧ । ସାରଳା ପୁରସ୍କାରର ପ୍ରତିଷ୍ଠାତା କିଏ ?
ଉ : ବଂଶୀଧର ପଣ୍ଡା

୧୩୨ । ସାରଳା ମହାଭାରତର ସତ୍ୟସନ୍ଧ କିଏ ?
ଉ : ଯୁଧିଷ୍ଠିର ।

୧୩୩ । ମହାଭାରତର ନାୟକ କିଏ ?
ଉ : ଶ୍ରୀକୃଷ୍ଣ ।

୧୩୪ । ମହାଭାରତର ନାୟିକା କିଏ ?
ଉ : ଦ୍ରୌପଦୀ ।

୧୩୫ । "ଦାନ୍ତେଣ ବିଦାରିଣ କାଢ଼ନ୍ତି ବାହାର ବୁକୁ
ଖଣ୍ଡେଣ କାମୋଡ଼ି ଖଣ୍ଡେ ଦିଅନ୍ତି ଆରେକକୁ" –ଏହା କେଉଁଥିରେ ବର୍ଣ୍ଣିତ ?
ଉ : ଚଣ୍ଡୀପୁରାଣ ।

୧୩୬ । ସପ୍ତକାଣ୍ଡ ରାମାୟଣ କାହାର ରଚନା ?
ଉ : ସାରଳା ଦାସ ।

୧୩୭ । "ପ୍ରଥମେ ଶ୍ରୀରାମାୟଣ ଦ୍ୱିତୀୟେ ଭାରତ
ତୃତୀୟେ ଲିଖନ କଲି ଶିରୀ ଭାଗବତ ।" ଏହି ଉକ୍ତିଟି କେଉଁଥିରୁ ଆସିଛି ?
ଉ : ଚଣ୍ଡୀପୁରାଣ ।

୧୩୮ । ମାଡୁଆ ମହାଦେବ ପ୍ରସଙ୍ଗ 'ମହାଭାରତ'ର କେଉଁ ପର୍ବରେ ବର୍ଣ୍ଣିତ ?
ଉ : ମଧ୍ୟପର୍ବ ।

୧୩୯ । ଶରୀରତତ୍ତ୍ୱ କେଉଁ ପର୍ବରେ ବର୍ଣ୍ଣିତ ?
ଉ : ବନପର୍ବ ।

୧୪୦ । ଜାତିସ୍ମରତ୍ୱ କେଉଁ ପର୍ବରେ ବର୍ଣ୍ଣିତ ହୋଇଛି ?
ଉ : ସ୍ୱର୍ଗାରୋହଣ ପର୍ବ ।

୧୪୧ । 'ସାରଳା ମହାଭାରତର ଭାଷା ତାତ୍ତ୍ୱିକ ଅନୁଶୀଳନ' ଗ୍ରନ୍ଥଟିର ରଚୟିତା କିଏ ?
ଉ : ଧନେଶ୍ୱର ମହାପାତ୍ର ।

୧୪୨ । 'ସାରଳା ସାହିତ୍ୟ ପରିକ୍ରମା' କାହାର ରଚନା ?
ଉ : ସୁରେନ୍ଦ୍ର ମହାରଣା ।

୧୪୩ । 'ସାରଳା ସାହିତ୍ୟ ଏକ ଅଧ୍ୟୟନ' କାହାର ସୃଷ୍ଟି ?
ଉ : ସୁରେନ୍ଦ୍ର ମହାରଣା ।

୧୪୪ । 'ସାରଳା ମହାଭାରତୀୟ ନାରୀ ଚରିତ୍ର'ର ସ୍ରଷ୍ଟା କିଏ ?
ଉ : ସରଳା ଦେବୀ ।

୧୪୫ । 'ସାରଳା ସାହିତ୍ୟରେ ଐତିହାସିକ ଚିତ୍ର'ର ସ୍ରଷ୍ଟା କିଏ ?
ଉ : କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ।

୧୪୬ । 'ମହାକବି ସାରଳା ଦାସ' ପୁସ୍ତକର ରଚୟିତା କିଏ ?
ଉ : ସର୍ବେଶ୍ୱର ଦାଶ ।

୧୪୭ । 'ସାରଳା ମହାଭାରତ ଚରିତ୍ରର ଚିତ୍ରଶାଳା' କାହାର ରଚନା ?
ଉ : ସାରଳା ସାହିତ୍ୟ ସମାଜ ।

୧୪୮ । 'ସାରଳା ମହାଭାରତର ପଟ୍ଟଭୂମି' କାହାର ରଚନା ?
ଉ : ସାରଳା ସାହିତ୍ୟ ସଂସଦ ।

୧୪୯ । 'ସାରଳା ମହାଭାରତରେ ସାମାଜିକ ଜୀବନ' କାହାର ସୃଷ୍ଟି ?
ଉ : ଦୀନବନ୍ଧୁ ରଥ ।

୧୫୦ । 'ପ୍ରାକ୍ ସାରଳା ଭାଷା ଓ ସାହିତ୍ୟ'ର ଲେଖକ କିଏ ?
ଉ : ଜାନକୀ ବଲ୍ଲଭ ମହାନ୍ତି ।

ପଞ୍ଚସଖା ସାହିତ୍ୟ

୧ । ପଞ୍ଚସଖା କେଉଁମାନଙ୍କୁ କୁହାଯାଏ ?
ଉ : ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଯଶୋବନ୍ତ ଦାସ ଓ ଅନନ୍ତ ଦାସ ।

୨ । ପଞ୍ଚସଖାଗଣ କେଉଁ ରାଜାଙ୍କର ସମସାମୟିକ ଥିଲେ ?
ଉ : ପ୍ରତାପରୁଦ୍ର ଦେବ ।

୩ । ପଞ୍ଚସଖାମାନଙ୍କର ତ୍ରିବେଣୀ ତତ୍ତ୍ୱ କ'ଣ ଥିଲା ?
ଉ : ଜଗନ୍ନାଥ, ଯୋଗ, ଜ୍ଞାନମିଶ୍ରା ।

୪ । ପଞ୍ଚସଖାମାନଙ୍କର ସମୟ କେତେ ?
ଉ : ୧୫୦୦-୧୬୫୦ ।

୫ । ପଞ୍ଚସଖା କେଉଁ ସଂଜ୍ଞାଧାରୀ ଥିଲେ ?
ଉ : ଦାସ ।

୬ । କିଏ ପଞ୍ଚସଖା ବୋଲି ନାମିତ କରିଥିଲେ ?
ଉ : ଶ୍ରୀଚୈତନ୍ୟ ।

୭ । ଶ୍ରୀଚୈତନ୍ୟ କେତେ ମସିହାରେ ଓଡ଼ିଶା ଆସିଥିଲେ ?
ଉ : ୧୫୧୦ ।

୮ । ଓଡ଼ିଶାରେ 'ଶୁଦ୍ଧାଭକ୍ତି' ଧର୍ମ ପ୍ରଚାର ପାଇଁ କିଏ ପ୍ରବର୍ତ୍ତାଇଥିଲେ ?
ଉ : ଚୈତନ୍ୟ ।

୯ । 'ଜ୍ଞାନମିଶ୍ରା' ଭକ୍ତିର ପ୍ରଚାରକ କିଏ ଥିଲେ ?
ଉ : ପଞ୍ଚସଖା ।

୧୦ । ରାଗାନୁଗା ଧର୍ମର ପ୍ରଚାରକ କିଏ ?
ଉ : ଚୈତନ୍ୟ ।

୧୧ । ପଞ୍ଚସଖା କେଉଁ ଧର୍ମରେ ଦୀକ୍ଷିତ ଥିଲେ ?
ଉ : ଉତ୍କଳୀୟ ବୈଷ୍ଣବ ।

୧୨ । ଶ୍ରୀଚୈତନ୍ୟ କେଉଁ ଧର୍ମରେ ଦୀକ୍ଷିତ ଥିଲେ ?
ଉ : ଗୌଡ଼ୀୟ ବୈଷ୍ଣବ ।

୧୩ । ପଞ୍ଚସଖାମାନଙ୍କର ଶୂନ୍ୟବାଦ ପରିକଳ୍ପନା ମୂଳରେ କାହାର ପ୍ରଭାବ ଅନୁସୃତ ହୁଏ ?
ଉ : ବୌଦ୍ଧ ମହାଯାନ ।

୧୪ । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱର ଉପାସକ କୋଉମାନେ ଥିଲେ ?
ଉ : ପଞ୍ଚସଖା ।

୧୫ । ଧର୍ମ ଦୃଷ୍ଟିରୁ ପଞ୍ଚସଖାମାନେ କେଉଁ ଉପାସନା କରୁଥିଲେ ?
ଉ : ସଗୁଣ ଓ ନିର୍ଗୁଣ / ସାକାର ଓ ନିରାକାର ।

୧୬ । ପଞ୍ଚସଖାମାନଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ କିଏ ଥିଲେ ?
ଉ : ବଳରାମ ଦାସ ।

୧୭ । ବଳରାମ ଦାସଙ୍କ ପିତା ଓ ମାତାଙ୍କ ନାମ କ'ଣ ?
ଉ : ସୋମନାଥ ମହାପାତ୍ର ଓ ଯମୁନା ଦେବୀ ।

୧୮ । ବଳରାମ ଦାସଙ୍କ ଗୁରୁ କିଏ ?
ଉ : ଚୈତନ୍ୟ ଦାସ ।

୧୯ । ବଳରାମ ଦାସଙ୍କ ସାଧନାପୀଠ କେଉଁଠି ଅବସ୍ଥିତ ?
ଉ : ଗନ୍ଧର୍ବ ମଠ ।

୨୦ । ବଳରାମ ଦାସଙ୍କ ସର୍ବଶ୍ରେଷ୍ଠ କୃତିଟି କ'ଣ ?
ଉ : ଜଗମୋହନ ରାମାୟଣ ।

୨୧ । ଜଗମୋହନ ରାମାୟଣ ଆଉ କେଉଁ ନାମରେ ପରିଚିତ ?
ଉ : ଦାଣ୍ଡି ରାମାୟଣ ।

୨୨ । ଜଗମୋହନ ରାମାୟଣର ପଦସଂଖ୍ୟା କେତେ ?
ଉ : ଏକଲକ୍ଷ ।

୨୩ । ଜଗମୋହନ ରାମାୟଣ କେଉଁ ବୃତ୍ତରେ ରଚିତ ?
ଉ : ଦାଣ୍ଡିବୃତ୍ତ ।

୨୪ । ଜଗମୋହନ ରାମାୟଣର ୭ଟି କାଣ୍ଡ କ'ଣ କ'ଣ ?
ଉ : ଆଦିକାଣ୍ଡ, ଅଯୋଧ୍ୟାକାଣ୍ଡ, ଆରଣ୍ୟକ, କିଷ୍କିନ୍ଧ୍ୟା, ସୁନ୍ଦରା, ଯୁଦ୍ଧ, ଉତ୍ତରାକାଣ୍ଡ ।

୨୫ । ଆଦିକାଣ୍ଡରେ ମୌଳିକତା କ'ଣ ରହିଛି ?
ଉ : ଜରତା, ହରିଶ୍ଚନ୍ଦ୍ର ଉପାଖ୍ୟାନ ।

Scanned with CamScanner

୨୬ । ଗୁହକ ଗୃହରେ ଆତିଥ୍ୟ ଗ୍ରହଣ କେଉଁ କାଣ୍ଡରେ ରହିଛି ?
ଉ : ଅଯୋଧ୍ୟା କାଣ୍ଡ ।

୨୭ । ଶବରୀଠାରୁ କୋଳି ଗ୍ରହଣ କେଉଁ କାଣ୍ଡରେ ବର୍ଣ୍ଣିତ ?
ଉ : ଆରଣ୍ୟକ କାଣ୍ଡ ।

୨୮ । ବକ ପକ୍ଷୀର କାର୍ତ୍ତିକ ପଞ୍ଚକ ଉପବାସ କେଉଁ କାଣ୍ଡରେ ବର୍ଣ୍ଣିତ ?
ଉ : କିଷ୍କିନ୍ଧ୍ୟା କାଣ୍ଡ ।

୨୯ । ଗୁଣ୍ଡୁଚି ମୂଷା ପ୍ରସଙ୍ଗ କେଉଁ କାଣ୍ଡରେ ବର୍ଣ୍ଣିତ ?
ଉ : ସୁନ୍ଦରା କାଣ୍ଡ ।

୩୦ । ଛତ୍ରୁ ଓ ରାମତାଳିର ଜନ୍ମବୃତ୍ତାନ୍ତ କେଉଁ କାଣ୍ଡରେ ବର୍ଣ୍ଣିତ ?
ଉ : ଯୁଦ୍ଧକାଣ୍ଡ ।

୩୧ । ବାଳକାଣ୍ଡ ଓ ଯୁଦ୍ଧକାଣ୍ଡକୁ କେଉଁ କାଣ୍ଡ ରୂପେ ନାମିତ କରିଛନ୍ତି ?
ଉ : ଆଦିକାଣ୍ଡ ଓ ଲଙ୍କାକାଣ୍ଡ ।

୩୨ । ମୌଳିକତା ଦୃଷ୍ଟିରୁ ଉତ୍ତରାକାଣ୍ଡର ବଳରାମ ଦାସ କେଉଁ ପ୍ରସଙ୍ଗକୁ ବର୍ଣ୍ଣନା କରିଛନ୍ତି ?
ଉ : ବୈଶିଷ୍ଟ ଓ ନିମିଙ୍କ ପୁନର୍ଦ୍ଦେହ ପ୍ରାପ୍ତି ।

୩୩ । 'ବେଦାନ୍ତ ସାର ଗୁପ୍ତ ଗୀତା' ଗ୍ରନ୍ଥର ରଚୟିତା କିଏ ?
ଉ : ବଳରାମ ଦାସ ।

୩୪ । ବଳରାମ ଦାସ ବେଦକୁ ନେଇ କେଉଁ ଗ୍ରନ୍ଥ ରଚନା କରିଛନ୍ତି ?
ଉ : ବେଦାନ୍ତସାର ଗୁପ୍ତଗୀତା ।

୩୫ । ବାଲିରଥରେ ଶ୍ରୀଜଗନ୍ନାଥ ବିଜେ କରିବା ବଳରାମ ଦାସଙ୍କ କେଉଁ ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ?
ଉ : ଭାବସମୁଦ୍ର ।

୩୬ । ଭାବସମୁଦ୍ର ଗ୍ରନ୍ଥର ରଚୟିତା କିଏ ?
ଉ : ବଳରାମ ଦାସ ।

୩୭ । ବଳରାମ ଦାସଙ୍କର ଲଙ୍କା ଦର୍ଶନ କେଉଁ ଗ୍ରନ୍ଥରେ ବର୍ଣ୍ଣିତ ହୋଇଛି ?
ଉ : ବଟ ଅବକାଶ ।

୩୮ । 'ଶ୍ରୀମଦ୍‌ଭାଗବତ୍ ଗୀତା' କାହାର ରଚନା ?
ଉ : ବଳରାମ ଦାସ ।

୩୯ । 'ଶ୍ରୀମଦ୍ ଭାଗବତ ଗୀତା'ର ଶେଷରେ କବି କେଉଁ ଅଧ୍ୟାୟ ଯୋଗ କରିଛନ୍ତି ?
ଉ : ଗୀତାବକାଶ ।

୪୦ । 'ଲକ୍ଷ୍ମୀପୁରାଣ' ଗ୍ରନ୍ଥର ରଚୟିତା କିଏ ?
ଉ : ବଳରାମ ଦାସ ।

୪୧ । 'କାନ୍ତକୋଇଲି' ଗ୍ରନ୍ଥର ରଚୟିତା କିଏ ?
ଉ : ବଳରାମ ଦାସ ।

୪୨ । 'କାନ୍ତକୋଇଲି' କେଉଁ ଗୀତିକବିତା କ୍ରମରେ ରଚିତ ?
ଉ : ଚଉତିଶାକ୍ରମ ।

୪୩ । 'କାନ୍ତକୋଇଲି'କୁ ଆଉ କେଉଁ କାବ୍ୟ କୁହାଯାଏ ?
ଉ : ଦୂତକାବ୍ୟ ।

୪୪ । 'କାନ୍ତକୋଇଲି' କେଉଁ ରସରେ ରଚିତ ?
ଉ : କରୁଣ ରସ ।

୪୫ । 'କାନ୍ତକୋଇଲି'ରେ କିଏ କୋଇଲି ମାଧ୍ୟମରେ ସନ୍ଦେଶ ପଠାଇଛନ୍ତି ?
ଉ : ସୀତା ।

୪୬ । 'ବଉଳା ଅଧ୍ୟାୟ'ର ରଚୟିତା କିଏ ?
ଉ : ବଳରାମ ଦାସ ।

୪୭ । 'ମୃଗୁଣୀ ସ୍ତୁତି' ଓ 'ଅମରକୋଷ ଗୀତା'ର ରଚୟିତା କିଏ ?
ଉ : ବଳରାମ ଦାସ ।

୪୮ । 'ବ୍ରହ୍ମଗୀତା' ବା 'ଗୁପ୍ତଗୀତା', 'ଜ୍ଞାନ ଚୂଡ଼ାମଣି', 'କମଳଲୋଚନ ଚଉତିଶା', 'ପଣସ ଚୋରୀ' ଏସବୁ ଗ୍ରନ୍ଥର ରଚୟିତା କିଏ ?
ଉ : ବଳରାମ ଦାସ ।

୪୯ । ଜଗନ୍ନାଥ ଦାସ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
ଉ : ପୁରୀ କପିଳେଶ୍ୱରପୁର ।

୫୦ । ଜଗନ୍ନାଥ ଦାସଙ୍କ ମାତା ପିତାଙ୍କ ନାମ କ'ଣ ?
ଉ : ପଦ୍ମାବତୀ ଓ ଭଗବାନ ।

୫୧ । ଅଚ୍ୟୁତାନନ୍ଦଙ୍କ କେଉଁ ଗ୍ରନ୍ଥରେ ଜଗନ୍ନାଥ ଦାସଙ୍କ ଜନ୍ମ ବିବରଣୀ ମିଳେ ?
ଉ : ଉଦୟ କାହାଣୀ ।

୫୨ । ଶ୍ରୀମଦ୍‌ଭାଗବତର ରଚୟିତା କିଏ ?
ଉ : ଜଗନ୍ନାଥ ଦାସ ।

୫୩ । ଶ୍ରୀମଦ୍ ଭାଗବତ କେତେ ସ୍କନ୍ଧ ବିଶିଷ୍ଟ ରଚନା ?
ଉ : ତ୍ରୟୋଦଶ ସ୍କନ୍ଧ ।

Scanned with CamScanner

୫୪ । ଜଗନ୍ନାଥ ଦାସ 'ଶ୍ରୀମଦ୍‌ଭାଗବତ'ର କେତେ ସ୍କନ୍ଧ ରଚନା କରିଛନ୍ତି ?
ଉ : ଏକାଦଶ ।

୫୫ । ଶ୍ରୀମଦ୍‌ଭାଗବତର ଦ୍ୱାଦଶ ଓ ତ୍ରୟୋଦଶ ସ୍କନ୍ଧ କିଏ ରଚନା କରିଛନ୍ତି ?
ଉ : ମହାଦେବ ଦାସ ।

୫୬ । ଶ୍ରୀମଦ୍‌ଭାଗବତକୁ ବ୍ରାହ୍ମଣ ଗୋଷ୍ଠୀ କେଉଁ ନାମକରଣ କରିଥିଲେ ?
ଉ : ତେଲି ଭାଗବତ ।

୫୭ । ଏହା କେଉଁ ଛନ୍ଦରେ ରଚିତ ?
ଉ : ନାବକ୍ଷରୀ ।

୫୮ । ଭାଗବତରେ କେଉଁ ରାସ ବର୍ଣ୍ଣନା ହୋଇଛି ?
ଉ : ଶରତ ରାସ ।

୫୯ । 'ତୁଳାଭିଣା' ଗ୍ରନ୍ଥର ରଚୟିତା କିଏ ?
ଉ : ଜଗନ୍ନାଥ ଦାସ ।

୬୦ । 'ତୁଳାଭିଣା' କାହାର କଥୋପକଥନ ଶୈଳୀରେ ରଚିତ ?
ଉ : ଶିବ ପାର୍ବତୀ ।

୬୧ । କେଉଁ ଗ୍ରନ୍ଥଟି ତିନିଭାଗ ପଦ୍ୟ ଓ ଏକ ଭାଗ ଗଦ୍ୟରେ ରଚିତ ?
ଉ : ତୁଳାଭିଣା ।

୬୨ । ତୁଳାଭିଣା କେଉଁ ଛନ୍ଦରେ ରଚିତ ?
ଉ : ନବାକ୍ଷରୀ ।

୬୩ । 'ଅର୍ଥ କୋଇଲି' କାହାର ରଚନା ?
ଉ : ଜଗନ୍ନାଥ ଦାସ ।

୬୪ । 'ରାସକ୍ରୀଡ଼ା' ଓ 'ଦାରୁବ୍ରହ୍ମଗୀତା'ର ରଚୟିତା କିଏ ?
ଉ : ଜଗନ୍ନାଥ ଦାସ ।

୬୫ । 'ଶୂନ୍ୟ ଭାଗବତ' ଓ 'ଭବିଷ୍ୟମାଳିକା' ଗ୍ରନ୍ଥଦ୍ୱୟ କାହାର ରଚନା ?
ଉ : ଜଗନ୍ନାଥ ଦାସ ।

୬୬ । 'ଶ୍ରୀମଦ୍ ଭାଗବତ'ରେ ଗୋପଲୀଳା କେଉଁ ସ୍କନ୍ଧରେ ବର୍ଣ୍ଣିତ ?
ଉ : ୧୦ମ ସ୍କନ୍ଧ ।

୬୭ । ମୃଗୁଣୀ ସ୍ତୁତି ଓ ଗଜସ୍ତୁତି କାହାର ରଚନା ?
ଉ : ଜଗନ୍ନାଥ ଦାସ ।

୬୮ । ପଞ୍ଚସଖାଙ୍କ ମଧ୍ୟରେ ଶତାୟୁ ପୁରୁଷ ଭାବରେ କିଏ ପରିଚିତ ?
ଉ : ଅଚ୍ୟୁତାନନ୍ଦ ଦାସ ।

୬୯ । ଅଚ୍ୟୁତାନନ୍ଦ ଦାସ କେଉଁ ଗ୍ରନ୍ଥରେ ନିଜ ରଚନା ସମ୍ପର୍କରେ କହିଛନ୍ତି ?
ଉ : ଅଣାକାର ସଂହିତା ।

୭୦ । ଅଚ୍ୟୁତାନନ୍ଦ ଦାସ କେତେଖଣ୍ଡ ମାଳିକା ରଚନା କରିଥିବା ଜଣାଯାଏ ?
ଉ : ଏକଶତ ।

୭୧ । ହରିବଂଶର ରଚୟିତା କିଏ ?
ଉ : ଅଚ୍ୟୁତାନନ୍ଦ ଦାସ ।

୭୨ । ହରିବଂଶକୁ ଆଉ କେଉଁ ନାମରେ ନାମିତ କରାଯାଇଛି ?
ଉ : ସାତଖଣ୍ଡିଆ ହରିବଂଶ ।

୭୩ । ହରିବଂଶ କେଉଁ ବୃତ୍ତରେ ରଚିତ ?
ଉ : ଦାଣ୍ଡିବୃତ୍ତ ।

୭୪ । ଅଣାକାର ସଂହିତା ଓ ଶୂନ୍ୟ ସଂହିତା କାହାର ରଚନା ?
ଉ : ଅଚ୍ୟୁତାନନ୍ଦ ଦାସ ।

୭୫ । ବ୍ରହ୍ମଶାଙ୍କୁଳି ଗ୍ରନ୍ଥର ରଚୟିତା କିଏ ?
ଉ : ଅଚ୍ୟୁତାନନ୍ଦ ଦାସ ।

୭୬ । ବ୍ରହ୍ମଶାଙ୍କୁଳି କେଉଁ ବୃତ୍ତରେ ରଚିତ ?
ଉ : ନବାକ୍ଷରୀ ।

୭୭ । ଗୋପାଳ ଓଗାଳ ଗ୍ରନ୍ଥର ରଚୟିତା କିଏ ?
ଉ : ଅଚ୍ୟୁତାନନ୍ଦ ଦାସ ।

୭୮ । ପଞ୍ଚସଖାଙ୍କ ଜାତିସ୍ମରତ୍ୱ କେଉଁ ଗ୍ରନ୍ଥରେ ରଚିତ ?
ଉ : ଗୋପାଳ ଓଗାଳ ।

୭୯ । 'ଗରୁଡ଼ଗୀତା' ଓ 'ଗୁରୁଭକ୍ତି ଗୀତା' କାହାର ରଚନା ?
ଉ : ଅଚ୍ୟୁତାନନ୍ଦ ଦାସ ।

୮୦ । ଯଶୋବନ୍ତ ଦାସ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?
ଉ : ଜଗତସିଂହପୁର ଅଡ଼ଙ୍ଗଗଡ଼ ।

୮୧ । ଯଶୋବନ୍ତ ଦାସଙ୍କ ପିତାମାତାଙ୍କ ନାମ କ'ଣ ?
ଉ : ଜଗୁ ମଲ୍ଲିକ ଓ ରେଖା ଦେବୀ ।

୮୨ । ଶିବ ସ୍ୱରୋଦୟ ଗ୍ରନ୍ଥର ରଚୟିତା ?
ଉ : ଯଶୋବନ୍ତ ଦାସ ।

୮୩ । ଶିବ ସ୍ୱରୋଦୟ ସଂସ୍କୃତି କେଉଁ ଗ୍ରନ୍ଥର ଅବଲମ୍ବନରେ ରଚିତ ?
ଉ : ସ୍ୱରୋଦୟଲେଶ ।

Scanned with CamScanner

୮୪ । ଶିବ-ସ୍ୱରୋଦୟ ନାମକରଣ ହେବାରେ କାରଣ କ'ଣ?
ଉ : ଶିବଙ୍କ ମୁଖରେ ସ୍ୱରର ବୈଶିଷ୍ଟ୍ୟ ପ୍ରତିପାଦନ ହେବାରୁ ଏହାର ନାମ ଶିବସ୍ୱରୋଦୟ ।

୮୫ । ଗୋବିନ୍ଦ ଚନ୍ଦ୍ର ଓ ପ୍ରେମଭକ୍ତି ବ୍ରହ୍ମଗୀତା'ର ରଚୟିତା କିଏ?
ଉ : ଯଶୋବନ୍ତ ଦାସ ।

୮୬ । 'ଯନ୍ତ୍ରବୋଲି' ଓ 'ମନ୍ତ୍ରବୋଲି' କାହାର ରଚନା?
ଉ : ଯଶୋବନ୍ତ ଦାସ ।

୮୭ । ଅଡ଼ଙ୍ଗଗଡ଼ ମାଳିକାର ରଚୟିତା କିଏ?
ଉ : ଯଶୋବନ୍ତ ଦାସ ।

୮୮ । 'ଲୋଇଗୀତା' ଓ 'ଆଗତ ଭବିଷ୍ୟ'ର ରଚୟିତା କିଏ?
ଉ : ଯଶୋବନ୍ତ ଦାସ ।

୮୯ । 'ହେତୁ ଉଦୟ ଭାଗବତ' ଗ୍ରନ୍ଥର ରଚୟିତା କିଏ?
ଉ : ଅନନ୍ତ ଦାସ ।

୯୦ । 'ହେତୁ ଉଦୟ ଭାଗବତ' କାହାର କଥୋପକଥନରେ ସୃଷ୍ଟି?
ଉ : ମନ ଓ ଆତ୍ମା ।

୯୧ । 'ଚୁମ୍ବକମାଳିକା' ଓ 'ଅଣାକାର ଶବଦ' ଗ୍ରନ୍ଥର ରଚୟିତା କିଏ?
ଉ : ଅନନ୍ତ ଦାସ ।

୯୨ । 'ଅର୍ଥତାରିଣୀ' ଓ 'ଅର୍ଥତୋଷିଣୀ' ଗ୍ରନ୍ଥର ରଚୟିତା କିଏ?
ଉ : ଅନନ୍ତ ଦାସ ।

୯୩ । 'ଉଦେବାଖର' ଓ 'ଠୂଳଶୂନ୍ୟରାସ' ଗ୍ରନ୍ଥର ରଚୟିତା କିଏ?
ଉ : ଅନନ୍ତ ଦାସ ।

୯୪ । 'ହିନ୍ଦୁ ବୋଲି ଅଲେଖ ତୁରୁକ ଅଲେଫ୍ ଯେ ଏଣୁ ଅଲେଫ୍ ତେଜି ହି
ଅଲେଖ ହିଁ ଭଜେ' କେଉଁ ଗ୍ରନ୍ଥରୁ ଆସିଛି?
ଉ : ଶୂନ୍ୟସଂହିତା ।

୯୫ । ଜଗନ୍ନାଥ ଦାସଙ୍କୁ କିଏ ଅତିବଡ଼ି ଭାବରେ ଭୂଷିତ କରିଥିଲେ?
ଉ : ଶ୍ରୀଚୈତନ୍ୟ ।

୯୬ । ଶିଶୁ ଅନନ୍ତ ଦାସ ଶ୍ରୀଚୈତନ୍ୟଙ୍କଠାରୁ କେଉଁ ମନ୍ତ୍ର ପ୍ରାପ୍ତ ହୋଇଥିଲେ?
ଉ : ସୂର୍ଯ୍ୟ-ଏକାକ୍ଷର-ମନ୍ତ୍ର ।

୯୭ । ପଞ୍ଚସଖା ସାଧନା ପ୍ରଣାଳୀରେ କେଉଁ ଯୋଗର ପ୍ରାଧାନ୍ୟ ଦେଖାଯାଏ?
ଉ : ହଠଯୋଗ ।

୯୮ । ପଞ୍ଚସଖା ସାହିତ୍ୟ କେତେ ଭାଗରେ ବିଭକ୍ତ କରାଯାଇଛି?
ଉ : ୨ ।

୯୯ । ଜଗନ୍ନାଥ ଦାସଙ୍କ ଅର୍ଥକୋଇଲି କେଉଁ ଧରଣର ଚଉତିଶା?
ଉ : ବାର୍ତ୍ତାଧର୍ମୀ ଚଉତିଶା ।

୧୦୦ । ଅର୍ଥ କୋଇଲି ଗ୍ରନ୍ଥଟି କାହାର ଉକ୍ତି-ପ୍ରତ୍ୟୁକ୍ତି ଛଳରେ ରଚିତ?
ଉ : ଶ୍ରୀକୃଷ୍ଣ ଅର୍ଜୁନ ।

୧୦୧ । କେଉଁ ଗ୍ରନ୍ଥଟି ଶୁକ-ପରୀକ୍ଷିତ ସମ୍ବାଦ ଛଳରେ ରଚିତ?
ଉ : ଦାରୁବ୍ରହ୍ମଗୀତା ।

୧୦୨ । ଶ୍ରୀଚୈତନ୍ୟଠାରୁ କେଉଁ ମହାରାଜା ଦୀକ୍ଷା ଗ୍ରହଣ କରିଥିଲେ?
ଉ : ପ୍ରତାପରୁଦ୍ରଦେବ ।

୧୦୩ । ବଳରାମ ଦାସଙ୍କଠାରୁ ଦୀକ୍ଷା ଗ୍ରହଣ କରିବାକୁ ଶ୍ରୀଚୈତନ୍ୟ କାହାକୁ ଉପଦେଶ ଦେଇଥିଲେ?
ଉ : ଜଗନ୍ନାଥ ଦାସ ।

୧୦୪ । ସ୍ୱକୀୟା ପ୍ରେମ କେଉଁ କାବ୍ୟରେ ପରିଲକ୍ଷିତ ହୋଇଥାଏ?
ଉ : ରୁକ୍ମିଣୀ ବିଭା ।

୧୦୫ । କେଉଁଟି ଶ୍ରୀଚୈତନ୍ୟଙ୍କ ଜୀବନୀ ଓ ଧର୍ମାଚରଣମୂଳକ ଏକ ଉଲ୍ଲେଖଯୋଗ୍ୟ କାବ୍ୟଗ୍ରନ୍ଥ?
ଉ : ଚୈତନ୍ୟ ଭାଗବତ ।

୧୦୬ । ତିଳୋତ୍ତମାର ନୃତ୍ୟ କେଉଁ କାବ୍ୟରେ ପ୍ରକାଶ ପାଇଛି?
ଉ : ପରିମଳା ।

୧୦୭ । ଜଗନ୍ନାଥଙ୍କ ଦାସଙ୍କ ଅର୍ଥ କୋଇଲି କେଉଁ କୋଇଲି ଅନୁସରଣରେ ରଚିତ?
ଉ : କେଶବ କୋଇଲି ।

୧୦୮ । 'କ' ସ୍ତମ୍ଭର ପୁସ୍ତକ ସହିତ 'ଖ' ସ୍ତମ୍ଭର ଲେଖକଙ୍କ ସମ୍ପର୍କ ସୂଚିତ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ପଞ୍ଚସଖା ଏକ ପ୍ରବଞ୍ଚନା	ସଚ୍ଚିଦାନନ୍ଦ ମିଶ୍ର
ପଞ୍ଚସଖା ପ୍ରବଞ୍ଚନା ନୁହେଁ	କୃଷ୍ଣଚରଣ ସାହୁ
ସଖାହୀନ ପଞ୍ଚସଖା	ନଟବର ସାମନ୍ତରାୟ
ପଞ୍ଚସଖା ସତ୍ୟ ନା ମିଥ୍ୟା	ରତ୍ନାକର ସାହୁ

Scanned with CamScanner

୧୦୯ । 'କ' ସ୍ତମ୍ଭର ପୁସ୍ତକ ସହିତ 'ଖ' ସ୍ତମ୍ଭର ଲେଖକଙ୍କ ସମ୍ପର୍କ ସୂଚିତ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ପ୍ରଚ୍ଛନ୍ନ ବୌଦ୍ଧ	ନଗେନ୍ଦ୍ର ନାଥ ବସୁ
ବୌଦ୍ଧ ବୈଷ୍ଣବ	ଆର୍ତ୍ତବଲ୍ଲଭ ମହାନ୍ତି
ଯୋଗାଚାରୀ	ବିନାୟକ ମିଶ୍ର
ପଞ୍ଚସଖା ବିଶେଷାଙ୍କ	ନରେନ୍ଦ୍ର ନାଥ ମିଶ୍ର

୧୧୦ । ଓଡ଼ିଆ ସାହିତ୍ୟରେ ପଞ୍ଚସଖା ଯୁଗକୁ ଆଉ କେଉଁ ଯୁଗ ନାମରେ ନାମିତ କରାଯାଇଛି ?

ଉ : ପୁରାଣ ଯୁଗ ।

୧୧୧ । 'କ' ସ୍ତମ୍ଭର ପୁସ୍ତକ ସହିତ 'ଖ' ସ୍ତମ୍ଭର ଲେଖକଙ୍କ ସମ୍ପର୍କ ସୂଚିତ ।

କ ସ୍ତମ୍ଭ	ଖ ସ୍ତମ୍ଭ
ଅଚ୍ୟୁତାନନ୍ଦ ଓ ପଞ୍ଚସଖା ଧର୍ମ	ଚିତ୍ତରଞ୍ଜନ ଦାସ
ପଞ୍ଚସଖା ଓଡ଼ିଆ ସାହିତ୍ୟ	ଦେବେନ୍ଦ୍ର ମହାନ୍ତି
ପଞ୍ଚସଖା ଧର୍ମ ଓ ସାହିତ୍ୟ	ସୁରେନ୍ଦ୍ର ମହାରଣା
ଭାଷାବନ୍ଧ ଭାଗବତ	ବିପ୍ରସନାତନ ବିଦ୍ୟାବାଗୀଶ

୧୧୨ । 'କ' ସ୍ତମ୍ଭର ପୁସ୍ତକ ସହିତ 'ଖ' ସ୍ତମ୍ଭର ଛନ୍ଦଜନିତ ସମ୍ପର୍କ ।

କ ସ୍ତମ୍ଭ	ଖ ସ୍ତମ୍ଭ
ଅଣାକାର ସଂହିତା	ବଙ୍ଗଳାଶ୍ରୀ
ବେଦାନ୍ତ ସାର ଗୁପ୍ତଗୀତା	ନବାକ୍ଷରୀ
ଜଗମୋହନ ରାମାୟଣ	ଦାଣ୍ଡୀ

୧୧୩ । ବଳରାମ ଦାସଙ୍କ ଶ୍ରୀକ୍ଷେତ୍ରରେ ବାସ କରୁଥିବାର ସୂଚନା ତାଙ୍କର କେଉଁ ପୁସ୍ତକରୁ ମିଳେ ?

ଉ : ଭାବସମୁଦ୍ର ।

୧୧୪ । ବାଲିରଥ ପ୍ରସଙ୍ଗ କେଉଁ ପୁସ୍ତକରେ ବର୍ଣ୍ଣିତ ?

ଉ : ଦାର୍ଢ୍ୟତା ଭକ୍ତି ।

୧୧୫ । କେଉଁ ନଦୀ କୂଳରେ ବଳରାମ ଦାସଙ୍କ ସମାଧି ମନ୍ଦିର ନିର୍ମାଣ କରାଯାଇଛି ?

ଉ : କୁଶଭଦ୍ରା ।

୧୧୬ । 'ଭାବସମୁଦ୍ର' ଗ୍ରନ୍ଥରେ କବି ବଳରାମ ଦାସ କେଉଁ ବିଷୟରେ ବର୍ଣ୍ଣନା କରିଛନ୍ତି ?

ଉ : ରଥଯାତ୍ରା ।

୧୧୭ । ଗଣେଶ ବିଭୂତି ଟୀକାର କବି କିଏ ?

ଉ : ବଳରାମ ଦାସ ।

୧୧୮ । ଗଣେଶ ବିଭୂତି ଟୀକାର ଅନ୍ୟ ନାମ କ'ଣ ?

ଉ : ସିଦ୍ଧାନ୍ତ ଡମ୍ବରୁ ।

୧୧୯ । ବଳରାମ ଦାସଙ୍କ 'ଅମରକୋଷଗୀତା କେତେ ଅଧ୍ୟାୟ ?

ଉ : ୧୦ ।

୧୨୦ । ଓଡ଼ିଆ ଭାଗବତ ସଂସ୍କୃତ ଭାଗବତର କେଉଁ ପ୍ରକାର ଅନୁବାଦ ?

ଉ : ଭାବାନୁବାଦ ।

୧୨୧ । ନବାକ୍ଷରୀ ବୃତ୍ତ ବ୍ୟତୀତ ଭାଗବତରେ ଆଉ ଅନ୍ୟ କେଉଁ ରାଗ ବ୍ୟବହୃତ ?

ଉ : କଳସା ।

୧୨୨ । ଭାଗବତର ଚତୁର୍ଥ ସ୍କନ୍ଧରେ କେଉଁ କେଉଁ ଅଧ୍ୟାୟରେ କଳସା ରାଗ ବ୍ୟବହୃତ ?

ଉ : ୮-୯-୧୦ ମ ।

୧୨୩ । ତୁଳାଭିଣା ଏକ କେଉଁ ଜାତୀୟ କାବ୍ୟ ?

ଉ : ଗଦ୍ୟ ପଦ୍ୟାଶ୍ରିତ ।

୧୨୪ । ଶୂନ୍ୟ ଭାଗବତ କେଉଁ କ୍ରମରେ ଲିଖିତ ?

ଉ : ଖ ଠାରୁ କ୍ଷ ।

୧୨୫ । ଓଡ଼ିଆ ଭାଗବତ କେତେ ସ୍କନ୍ଧ ବିଶିଷ୍ଟ ?

ଉ : ତ୍ରୟୋଦଶ ।

୧୨୬ । ଭାଗବତର କେଉଁ ସ୍କନ୍ଧରେ ଜ୍ଞାନ ଭକ୍ତିର ଲକ୍ଷଣ ବର୍ଣ୍ଣିତ ?

ଉ : ୩ୟ ସ୍କନ୍ଧ (୧୯ ଅଧ୍ୟାୟ)

୧୨୭ । ଭାଗବତର କେଉଁ ସ୍କନ୍ଧରେ ଯୋଗର ଲକ୍ଷଣ ବର୍ଣ୍ଣିତ ?

ଉ : ୩ୟ ସ୍କନ୍ଧ (୨୭ ଅଧ୍ୟାୟ)

୧୨୮ । ଭାଗବତର କେଉଁ ସ୍କନ୍ଧରେ ମୋକ୍ଷ ମାର୍ଗର ସୂଚନା ରହିଛି ?

ଉ : ୨ୟ ସ୍କନ୍ଧରେ ।

୧୨୯ । ତୁଳାଭିଣା କେତେ ଅଧ୍ୟାୟ ବିଶିଷ୍ଟ ?

ଉ : ଦ୍ୱାଦଶ ଅଧ୍ୟାୟ ।

୧୩୦ । 'ଦାରୁବ୍ରହ୍ମ ଗୀତା' କେତେ ଅଧ୍ୟାୟ ?

ଉ : ତୃତୀୟ ଅଧ୍ୟାୟ ।

Scanned with CamScanner

୧୩୧। ଅବଧୂତଙ୍କର ୨୪ ଗୁରୁ ପ୍ରସଙ୍ଗ ଭାଗବତର କେଉଁ ସ୍କନ୍ଧରେ ରହିଛି ?
ଉ : ଏକାଦଶ ।

୧୩୨। ଭାଗବତର କେଉଁ ସ୍କନ୍ଧରେ ଶ୍ରୀକୃଷ୍ଣଙ୍କ ଗୋପଲୀଳା ବର୍ଣ୍ଣିତ ?
ଉ : ଦଶମ ।

୧୩୩। ସଂସ୍କୃତ ଭାଗବତର ଦଶମ ସ୍କନ୍ଧରେ କେତୋଟି ଅଧ୍ୟାୟ ?
ଉ : ୯୦ ।

୧୩୪। ଓଡ଼ିଆ ଭାଗବତର ଦଶମ ସ୍କନ୍ଧରେ କେତୋଟି ଅଧ୍ୟାୟ ଅଛି ?
ଉ : ୯୬ ।

୧୩୫। ଅଚ୍ୟୁତାନନ୍ଦ ଦାସ କେଉଁଠି ଜନ୍ମଗ୍ରହଣ କରିଥିଲେ ?
ଉ : ତିଳକଣା ।

୧୩୬। ଅଚ୍ୟୁତାନନ୍ଦଙ୍କ ପିତାଙ୍କ ନାମ କ'ଣ ?
ଉ : ଦୀନକୃଷ୍ଣ ଖୁଣ୍ଟିଆ ।

୧୩୭। ଅଚ୍ୟୁତାନନ୍ଦଙ୍କ ମାତାଙ୍କ ନାମ କ'ଣ ?
ଉ : ପଦ୍ମାବତୀ ।

୧୩୮। ଅଚ୍ୟୁତାନନ୍ଦଙ୍କ ବାଲ୍ୟନାମ କ'ଣ ?
ଉ : ଅଗଣି ।

୧୩୯। ଅଚ୍ୟୁତାନନ୍ଦ କାହାଠାରୁ ଦୀକ୍ଷା ଗ୍ରହଣ କରିଥିଲେ ?
ଉ : ସନାତନ ଗୋସ୍ୱାମୀ ।

୧୪୦। ବୁଦ୍ଧଙ୍କର ଜନ୍ମବୃତ୍ତାନ୍ତ ଅଚ୍ୟୁତାନନ୍ଦଙ୍କ କେଉଁଥିରେ ବର୍ଣ୍ଣନା କରିଛନ୍ତି ।
ଉ : ହରିବଂଶ ।

୧୪୧। ଚନ୍ଦ୍ରଙ୍କର କଳଙ୍କ ଧାରଣ ବୃତ୍ତାନ୍ତ ଅଚ୍ୟୁତାନନ୍ଦ କେଉଁଥିରେ ବର୍ଣ୍ଣନା କରିଛନ୍ତି ?
ଉ : ହରିବଂଶ ।

୧୪୨। ହରିବଂଶରେ ମୁଖ୍ୟତଃ କାହାର ଜୀବନଚରିତ ବର୍ଣ୍ଣିତ ?
ଉ : ଶ୍ରୀକୃଷ୍ଣ ।

୧୪୩। 'ଶୂନ୍ୟସଂହିତା' କେତେ ଭାବରେ ବିଭକ୍ତ ?
ଉ : ୨ ଭାଗରେ ।

୧୪୪। ବ୍ରହ୍ମଶଙ୍କୁଳିର ଅନ୍ୟ ନାମ କ'ଣ ?
ଉ : ଚନ୍ଦ୍ରକାନ୍ତି ବ୍ରହ୍ମଶଙ୍କୁଳି ।

୧୪୫। 'ଉପଦେଶ ଚକ୍ରଗୀତା'ର କବି କିଏ ?
ଉ : ଅଚ୍ୟୁତାନନ୍ଦ ଦାସ ।

୧୪୬। "ଉପଦେଶ ଚକ୍ରଗୀତା"ରେ କେଉଁମାନଙ୍କୁ ଉପଦେଶ ଦିଆଯାଇଛି ?
ଉ : ଶିଷ୍ୟମାନଙ୍କୁ ।

୧୪୭। ପଟଳ ଅର୍ଥ କ'ଣ ?
ଉ : ଅଧ୍ୟାୟ ।

୧୪୮। 'ମୋହକଳ୍ପ' ଏକ କେଉଁ ଜାତୀୟ ରଚନା ?
ଉ : ମାଳିକା ।

୧୪୯। 'ବଟ ସଂହିତା'ରେ କେଉଁ ବଟବୃକ୍ଷର ମାହାତ୍ମ୍ୟ ବର୍ଣ୍ଣିତ ?
ଉ : ନେମାଳ ।

୧୫୦। 'ଉଦୟ କାହାଣୀ'ର ଅଧ୍ୟାୟଗୁଡ଼ିକ କେଉଁ ନାମରେ ନାମିତ ?
ଉ : ସୁରସ ।

୧୫୧। କେଉଁ ଗ୍ରନ୍ଥକୁ ଭିତ୍ତି କରି ଯଶୋବନ୍ତ ଦାସଙ୍କ ଜନ୍ମଲଗ୍ନ ସ୍ଥିର କରାଯାଇଛି ?
ଉ : ଉଦୟ କାହାଣୀ ।

୧୫୨। ଯଶୋବନ୍ତ ଦାସଙ୍କ ପିତାଙ୍କ ନାମ କ'ଣ ?
ଉ : ଜଗନ୍ନାଥ ମଲ୍ଲିକ ।

୧୫୩। ଯଶୋବନ୍ତ ଦାସଙ୍କ ମାତାଙ୍କ ନାମ କ'ଣ ?
ଉ : ରେଖାଦେବୀ ।

୧୫୪। ଶିବ ସ୍ୱରୋଦୟ କେଉଁ ସଂସ୍କୃତ ଗ୍ରନ୍ଥକୁ ଭିତ୍ତି କରି ରଚିତ ?
ଉ : ସ୍ୱରଦୟୋଲେଶ

୧୫୫। 'ଅଡ଼ଙ୍ଗଗଡ଼ ମାଳିକା' କିଏ ସମ୍ପାଦନା କରିଥିଲେ ?
ଉ : ଅନନ୍ତ ଚରଣ ନାୟକ ।

୧୫୬। ଶିଶୁ ଅନନ୍ତଙ୍କ ମାତାଙ୍କ ନାମ କ'ଣ ?
ଉ : ଗୌରଦେବୀ ।

୧୫୭। ଶିଶୁ ଅନନ୍ତଙ୍କ ପିତାଙ୍କ ନାମ କ'ଣ ?
ଉ : କପିଳ ।

୧୫୮। ଶିଶୁ ଅନନ୍ତ କାହାଠାରୁ ଦୀକ୍ଷା ଗ୍ରହଣ କରିଥିଲେ ?
ଉ : ନିତ୍ୟାନନ୍ଦ ।

୧୫୯। ଶିଶୁ ଅନନ୍ତଙ୍କ ପ୍ରଥମ ନାମ କ'ଣ ଥିଲା ?
ଉ : ଅନନ୍ତ ଦାସ ।

୧୬୦। ଅନନ୍ତ ଦାସଙ୍କ ପ୍ରତିଷ୍ଠିତ ପରମ୍ପରାର ନାମ କ'ଣ ?
ଉ : ଶିଶୁ ସମ୍ପ୍ରଦାୟ ।

Scanned with CamScanner

୧୬୧ । ଶିଶୁ ଅନନ୍ତ କେଉଁଠାରେ ଜ୍ଞାନସାଧନ କରିଥିଲେ ?

ଉ : ଖଣ୍ଡଗିରି ।

୧୬୨ । ଶିଶୁ ଅନନ୍ତ ଦାସ କେଉଁଠାରେ ସମାଧିସ୍ଥ ହୋଇଥିଲେ ?

ଉ : ବାଲିପାଟଣା ।

୧୬୩ । 'ହେତୁ ଉଦୟ ଭାଗବତ' କେତେ ଅଧ୍ୟାୟ ବିଶିଷ୍ଟ ?

ଉ : ୧୦ ।

୧୬୪ । 'ଧାମଛତ୍ର'ର ରଚୟିତା କିଏ ?

ଉ : ଶିଶୁ ଅନନ୍ତ ।

୧୬୫ । 'ଚୈତନ୍ୟ ବିଳାସ'ର ଛାନ୍ଦସଂଖ୍ୟା କେତେ ?

ଉ : ୧୦ ।

୧୬୬ । 'ଅଜ ବିଳାପ ଚଉତିଶା'ରେ କେଉଁ ରସ ଆଶ୍ରିତ ?

ଉ : ଶୃଙ୍ଗାର ରସ ।

•

ପ୍ରାକ୍ ରୀତି

୧ । ପ୍ରଥମ ଛନ୍ଦୋବଦ୍ଧ କାବ୍ୟ କ'ଣ ଓ ଏହାର ରଚୟିତା କିଏ ?

ଉ : 'ରାମବିଭା', ଅର୍ଜୁନ ଦାସ ।

୨ । 'ରାମବିଭା' କେତେ ଛାନ୍ଦ ବିଶିଷ୍ଟ ?

ଉ : ୧୨ ।

୩ । କବି 'ରାମବିଭା' କାବ୍ୟରେ କାହାକୁ ବନ୍ଦନା କରି କାବ୍ୟ ଆରମ୍ଭ କରିଛନ୍ତି ?

ଉ : ଜଗନ୍ନାଥ ।

୪ । 'ରାମବିଭା' କାବ୍ୟର କଥାବସ୍ତୁ ସେ କେଉଁଥିରୁ ସଂଗ୍ରହ କରିଛନ୍ତି ?

ଉ : ସାରଳା ମହାଭାରତ ଓ ଦାଣ୍ଡୀ ରାମାୟଣରୁ ।

୫ । ସର୍ବପ୍ରଥମେ ବିଧିବଦ୍ଧ କାଳ୍ପନିକ ପ୍ରେମୋଖ୍ୟାନମୂଳକ ବା ଆଖ୍ୟାୟିକା କାବ୍ୟ କେଉଁଟି ?

ଉ : କଳ୍ପଲତା ।

୬ । 'ମିଳନ ଚଉତିଶା'ର ରଚୟିତା କିଏ ?

ଉ : ଅର୍ଜୁନ ଦାସ ।

୭ । 'ପରିମଳା' କାବ୍ୟର ରଚୟିତା କିଏ ?

ଉ : ନରସିଂହ ସେଣ ।

୮ । ଦେଶ ଭାଷାରେ ମୁଁ ଗୀତ ରଚିଲଇଁ ସବୁଙ୍କର ବୁଝିବା ପାଇଁ ?

ଉ : ନରସିଂହ ସେଣ ।

୯ । 'ପରିମଳା' କାହାଦ୍ୱାରା ସମ୍ପାଦିତ ହୋଇଥିଲା ?

ଉ : କେଦାରନାଥ ମହାପାତ୍ର ।

୧୦ । 'କଳ୍ପଲତା' କାହାଦ୍ୱାରା ସମ୍ପାଦିତ ହୋଇଥିଲା ?

ଉ : କେଦାରନାଥ ମହାପାତ୍ର ।

୧୧ । 'ରାମବିଭା' କାହାଦ୍ୱାରା ସମ୍ପାଦିତ ହୋଇଥିଲା ?

ଉ : ଆର୍ତ୍ତବଲ୍ଲଭ ମହାନ୍ତି ।

Scanned with CamScanner

୧୨ । 'ପରିମଳା' କାବ୍ୟ କେତେ ଛାନ୍ଦ ବିଶିଷ୍ଟ ?

ଉ : ୨୪ ଛାନ୍ଦ ।

୧୩ । 'ପରିମଳା' କାବ୍ୟଟି ସଂସ୍କୃତ କେଉଁ କାବ୍ୟଦ୍ୱାରା ପ୍ରଭାବିତ ?

ଉ : ଶ୍ରୀହର୍ଷଙ୍କ 'ନୈଷଧୀୟ ଚରିତ' ।

୧୪ । 'ଗୋପକେଳି' କାବ୍ୟର ରଚୟିତା କିଏ ?

ଉ : ନରସିଂହ ସେଣ ।

୧୫ । 'ଗୋପକେଳି'ରେ କେଉଁ ରାସର ବର୍ଣ୍ଣନା ରହିଛି ?

ଉ : ବସନ୍ତ ରାସ ।

୧୬ । 'ରସକୂଲ୍ୟା ଚଉତିଶା'ର ରଚୟିତା କିଏ ?

ଉ : ଦାମୋଦର ଦାସ ।

୧୭ । 'ଗୀତଗୋବିନ୍ଦ' କାବ୍ୟର ପ୍ରଥମ ଓଡ଼ିଆ ଅନୁବାଦକ କିଏ ?

ଉ : ବୃନ୍ଦାବନ ଦାସ ।

୧୮ । ତାଙ୍କ ଅନୂଦିତ ଗ୍ରନ୍ଥଟିର ନାମ କ'ଣ ?

ଉ : ରସବାରିଧି ।

୧୯ । 'କପଟ କେଳି'ର ରଚୟିତା କିଏ ?

ଉ : କପିଳେଶ୍ୱର ଦାସ ।

୨୦ । 'କଳାବତୀ' କାବ୍ୟର ରଚୟିତା କିଏ ?

ଉ : ପାର୍ଥ ଶ୍ରୀଚନ୍ଦନ ।

୨୧ । 'ପ୍ରେମଲୋଚନା' କାବ୍ୟର କବି କିଏ ?

ଉ : ବିଷ୍ଣୁ ଦାସ ।

୨୨ । 'ଉଷାଭିଳାଷ' କାବ୍ୟର କବି କିଏ ?

ଉ : ଶିଶୁଶଙ୍କର ଦାସ ।

୨୩ । 'ଉଷାଭିଳାଷ' କାବ୍ୟଟି କେତେ ଛନ୍ଦ ବିଶିଷ୍ଟ ?

ଉ : ୧୨ ।

୨୪ । 'ଶଶୀସେଣା' କାବ୍ୟର କବି କିଏ ?

ଉ : ପ୍ରତାପ ରାୟ ।

୨୫ । 'ଶଶୀରେଖା' କାବ୍ୟର କବି କିଏ ?

ଉ : ପଦ୍ମନାଭ ଶ୍ରୀଚନ୍ଦନ ।

୨୬ । ଲୀଳାବତୀ କାବ୍ୟର କବି କିଏ ?

ଉ : ରଘୁନାଥ ହରିଚନ୍ଦନ ।

୨୭ । 'ଚାଟ ଇଚ୍ଛାବତୀ' କାବ୍ୟର କବି କିଏ ?

ଉ : ବନମାଳୀ ଦାସ ।

୨୮ । 'ଚାଟ ଇଚ୍ଛାବତୀ' କେତୋଟି ଛାନ୍ଦର ସମଷ୍ଟି ?

ଉ : ୬ଟି ।

୨୯ । 'ଜଗନ୍ନାଥ ହୋ କିଛି ମାଗୁନାହିଁ ତତେ'ର କବି କି ଏ ?

ଉ : ବନମାଳୀ ଦାସ ।

୩୦ । 'ସୁଚିତ୍ର ରାମାୟଣ'ର ରଚୟିତା କିଏ ?

ଉ : ବନମାଳୀ ଦାସ ।

୩୧ । 'ରୁକ୍ମିଣୀ ବିଭା'ର ରଚୟିତା କିଏ ?

ଉ : କାର୍ତ୍ତିକ ଦାସ ।

୩ . । 'ନବାନୁରାଗ'ର କବି କିଏ ?

ଉ : କାର୍ତ୍ତିକ ଦାସ ।

୩୩ । 'ରହସ୍ୟ ମଞ୍ଜରୀ' କାବ୍ୟର କବି କିଏ ?

ଉ : ଦେବଦୁର୍ଲ୍ଲଭ ଦାସ ।

୩୪ । 'ରହସ୍ୟ ମଞ୍ଜରୀ' କେତେ ଛାନ୍ଦ ବିଶିଷ୍ଟ ?

ଉ : ୨୪ ।

୩୫ । 'ଗୋପୀଚନ୍ଦନ'ର ରଚୟିତା କିଏ ?

ଉ : ଚାନ୍ଦ ଦାସ ।

୩୬ । 'ଗୋପଜୀବନ ଚଉତିଶା'ର ରଚୟିତା କିଏ ?

ଉ : ଚାନ୍ଦ ଦାସ ।

୩୭ । 'ଆହେ ନୀଳ ଶଇଳ ପ୍ରବଳ ମତ୍ତ ବାରଣ'ର କବି କିଏ ?

ଉ : ସାଲବେଗ ।

୩୮ । 'ଜଗବନ୍ଧୁ ହେ ଗୋସାଇଁ'ର କବି କିଏ ?

ଉ : ସାଲବେଗ ।

୩୯ । 'କେଣେ ଘେନିଯାଉଛ ଜଗନ୍ନାଥଙ୍କୁ'ର କବି କିଏ ?

ଉ : ସାଲବେଗ ।

୪୦ । 'ଆହେ ନୀଳଗିରି, ତୁମ୍ଭ ଶ୍ରୀଭୁଜେ ଦୟଣା କେରି କେରିଁ'ର କବି କିଏ ?

ଉ : ସାଲବେଗ ।

୪୧ । 'ଜଗନ୍ନାଥ ଚରିତାମୃତ'ର ରଚୟିତା କିଏ ?

ଉ : ଦିବାକର ଦାସ ।

Scanned with CamScanner

୪୨ । 'ବୈଷ୍ଣବ ଲୀଳାମୃତ'ର ରଚୟିତା କିଏ ?
ଉ : ମାଧବ ପଟ୍ଟନାୟକ ।
୪୩ । 'ଖୁଦୁରୁକୁଣୀ ଓଷା'ର ରଚୟିତା କିଏ ?
ଉ : ଗୋପୀନାଥ ଦାସ ।
୪୪ । ତ୍ରିଲୋଚନ ଦାସ 'ଗୀତଗୋବିନ୍ଦ'ର ଅନୁବାଦ କରି କ'ଣ ନାମକରଣ କରିଥିଲେ ?
ଉ : ଗୋବିନ୍ଦ ଗୀତା ।
୪୫ । 'ଜ୍ଞାନ ଚୂଡ଼ାମଣି'ର ରଚୟିତା କିଏ ?
ଉ : ଭଉଁରୀ ଦାସ ।
୪୬ । 'ଲୋହୀ ଗୀତା'ର ରଚୟିତା କିଏ ?
ଉ : ଲୋହି ଦାସ ।
୪୭ । 'ବାରମାସୀ କୋଇଲି'ର ରଚୟିତା କିଏ ?
ଉ : ଶଙ୍କର ଦାସ ।
୪୮ । 'ମଦାଳସା'ର କବି କିଏ ?
ଉ : ହରିହର ନରେନ୍ଦ୍ର ।
୪୯ । 'କୃଷ୍ଣଭକ୍ତି ରସାମୃତ'ର ରଚୟିତା କିଏଏ ?
ଉ : ଗୋବିନ୍ଦ ଭଞ୍ଜ ।
୫୦ । 'ଚୈତନ୍ୟ ଚରିତାମୃତ' କବି କିଏ ?
ଉ : କୃଷ୍ଣ ଦାସ କବିରାଜ ।
୫୧ । ନୃସିଂହ ଚରିତର ରଚୟିତା କିଏ ?
ଉ : ଯୁଗ ଦାସ ।
୫୨ । 'ମୟୂର ଚନ୍ଦ୍ରିକା'ର ରଚୟିତା କିଏ ?
ଉ : ଶ୍ରୀହରି ଦାସ ।
୫୩ । 'ଭକ୍ତି ରତ୍ନାବଳୀ ଓ ହରିଭକ୍ତି ଚନ୍ଦ୍ରୋଦୟ' ଦ୍ୱୟର ରଚୟିତା କିଏ ?
ଉ : ଭୀମ ଦାସ ।
୫୪ । 'ଚନ୍ଦ୍ରାବଳୀ ବିଳାସ'ର ରଚୟିତା କିଏ ?
ଉ : ଶ୍ରୀହରି ମିଶ୍ର ।
୫୫ । 'ରାମ ରସାମୃତ' କାବ୍ୟର ରଚୟିତା କିଏ ?
ଉ : କାହ୍ନୁ ଦାସ ।

୫୬ । 'ରସଲହରୀ' କାବ୍ୟର ରଚୟିତା କିଏ ?
ଉ : ରଘୁନାଥ ଭଞ୍ଜ ।
୫୭ । 'କୃଷ୍ଣକେଳି ତରଙ୍ଗିଣୀ' କାବ୍ୟର କବି କିଏ ?
ଉ : ପୁରୁଷୋତ୍ତମ ଅନଙ୍ଗଭୀମ ଦେବ ।
୫୮ । 'ରାମକୃଷ୍ଣ କେଳି କଲ୍ଲୋଳ'ର ରଚୟିତା କିଏ ?
ଉ : ତ୍ରିପୁରାରୀ ଦାସ ।
୫୯ । "ସ୍ତିରିକୀ ବିଶ୍ୱାସ କରଇ ଯେବଣ ନର
ଜୀବନ ବିଫଳ ତା'ର ପଶୁ ହୁଁ ଗୁଆଁର" – ଏ ପଦ କେଉଁ କବିଙ୍କର ?
ଉ : ନରସିଂହ ସେଣ ।
୬୦ । 'ଉଷାଭିଳାଷ' କାବ୍ୟ ସୃଷ୍ଟିର ମୂଳଉତ୍ସ କେଉଁ ଗ୍ରନ୍ଥ ଅଟେ ?
ଉ : ଭାଗବତ ଓ ହରିବଂଶ ।
୬୧ । ଦେବଦୁର୍ଲ୍ଲଭ ଦାସଙ୍କ 'ରହସ୍ୟ ମଞ୍ଜରୀ' କାବ୍ୟ ସହ କେଉଁ କାବ୍ୟର ସାମଞ୍ଜସ୍ୟ ରହିଛି ?
ଉ : ଗୋପୀ ଚନ୍ଦନ ।
୬୨ । "ସତ୍ୟ ଥିଲେ, ଧର୍ମ ଅଛି ଧର୍ମ ଥିଲେ ଜୟ
ନାନା ପାପ କଳଙ୍କ ସତ୍ୟରେ ହୋଯେ କ୍ଷୟ" – ଏହା କେଉଁ କାବ୍ୟର ଅଂଶ ?
ଉ : ଶଶିସେଣା ।
୬୩ । ଗୋପୀଚନ୍ଦନ କାବ୍ୟଟି କେଉଁ ଧର୍ମ ଆଧାରିତ କାବ୍ୟ ?
ଉ : ଗୌଡ଼ୀୟବୈଷ୍ଣବ
୬୪ । ଚାରି ଭକ୍ତି ମଧ୍ୟେ ପ୍ରେମ ଭକ୍ତି ଅଟେ ସାର
ସେ ଭକ୍ତି ଅଟଇ କୋଠ ଗୋପୀମାନଙ୍କର ଗୋ" – ଏ ପଂକ୍ତିଟି କେଉଁ କବିଙ୍କର ?
ଉ : ଦେବ ଦୁର୍ଲ୍ଲଭ ଦାସ (ରହସ୍ୟ ମଞ୍ଜରୀ) ।
୬୫ । 'ଉଷାଭିଳାଷ' କାବ୍ୟ ଆରମ୍ଭରେ କେଉଁ ଦେବତାଙ୍କ ସ୍ତୁତିଗାନ କବି କରିଛନ୍ତି ?
ଉ : ଶ୍ରୀ ଜଗନ୍ନାଥ ।
୬୬ । 'ଢଗ ମୁକୁତାବଳୀ' କାବ୍ୟରେ କେଉଁ ବିଷୟ ଆଲୋଚନା କରାଯାଇଛି ?
ଉ : ଛାନ୍ଦ ।
୬୭ । କେଉଁ କାବ୍ୟଟି ଲୋକକଥା ଉପରେ ଆଧାରିତ ?
ଉ : ଶଶୀସେଣା ।

Scanned with CamScanner

୬୮ । କାବ୍ୟ ସହିତ ଚରିତ୍ରର ସଂପର୍କ-

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ପରିମଳା	ମକରକେତୁ
ପ୍ରେମାଲୋଚନା	ସୁଧାକର
କଳ୍ପଲତା	ଅମର ଶିଖର
ଉଷାଭିଳାଷ	ଅନିରୁଦ୍ଧ

୬୯ । 'କଳ୍ପଲତା'ର ପୂର୍ବଜନ୍ମ ନାମ କ'ଣ ଥିଲା ?
ଉ : ସୁରେଖା ।

୭୦ । ବିଷ୍ଣୁଦାସ କେଉଁ ରାଜାଙ୍କ ପୃଷ୍ଠପୋଷକତାରେ, କାବ୍ୟ ରଚନା କରିଥିଲେ ?
ଉ : ରଘୁନାଥ ରାଜା ହରିଚନ୍ଦନ ।

୭୧ । କାର୍ତ୍ତିକ ଦାସଙ୍କ 'ରୁକ୍ମିଣୀ ବିଭା' କେତେ ଛାନ୍ଦ ବିଶିଷ୍ଟ ?
ଉ : ୧୦ ।

୭୨ । ବିଷ୍ଣୁ ଗର୍ଭ ପୁରାଣରେ କେଉଁ କଥା ବର୍ଣ୍ଣନା ରହିଛି ?
ଉ : ପଞ୍ଚବୃନ୍ଦ ଉପାସନା ।

୭୩ । 'କୃଷ୍ଣ ଲୀଳାମୃତ' ଗ୍ରନ୍ଥର ରଚୟିତା କିଏ ?
ଉ : ଲକ୍ଷ୍ମଣ ଦ୍ୱିଜ ।

୭୪ । 'ପ୍ରେମଶୀଳା' କାବ୍ୟର ରଚୟିତା କିଏ ?
ଉ : ଭ୍ରମରବର ରାୟ ।

୭୫ । 'ରସ କଳ୍ପଲତା' କାବ୍ୟର ରଚନା ?
ଉ : ବ୍ରଜସୁନ୍ଦର ପଟ୍ଟନାୟକ ।

୭୬ । 'ରାଧାବିଳାପ' କାବ୍ୟର ରଚୟିତା କିଏ ?
ଉ : ଚନ୍ଦ୍ରଶେଖର ନୃପ ।

୭୭ । 'ରାମଚନ୍ଦ୍ର ବିହାର' କାବ୍ୟର ରଚୟିତା କିଏ ?
ଉ : ଗୋପୀନାଥ ପାତ୍ର ।

୭୮ । 'ସୁଲୋଚନା ପରିଣୟ' କାବ୍ୟର ରଚୟିତା କିଏ ?
ଉ : ଭରତ ସେଣ ।

୭୯ । 'ଗୋପ ବିଳାପ' କାହାର ରଚନା ?
ଉ : ମାଗୁଣି ପଟ୍ଟନାୟକ ।

୮୦ । 'ଲାବଣ୍ୟନିଧି' କାହାର ରଚନା ?
ଉ : ନଳନାକ୍ଷ ମର୍ଦ୍ଦରାଜ ।

ରୀତି ସାହିତ୍ୟ

୧ । ରୀତିଯୁଗର ସମୟ କେତେରୁ କେତେ ?
ଉ : ୧୬୫୦-୧୮୫୦ ।

୨ । ରୀତିର ପ୍ରବକ୍ତା ଭାବରେ କାହାକୁ ଗ୍ରହଣ କରାଯାଏ ?
ଉ : ବାମନ ।

୩ । ରୀତିକୁ ନେଇ ବାମନ ଦେଇଥିବା ମତବାଦଟି କ'ଣ ?
ଉ : ରୀତିରାତ୍ମା କାବ୍ୟସ୍ୟ ।

୪ । ରୀତି ଶବ୍ଦର ଅର୍ଥ କ'ଣ ?
ଉ : ପଦ ସଂଗଠନା ।

୫ । ରୀତିର ବ୍ୟୁତ୍ପତ୍ତିଗତ ଅର୍ଥ କ'ଣ ?
ଉ : ମାର୍ଗ ।

୬ । ରୀତିଯୁଗକୁ କେଉଁ ଯୁଗ ଭାବରେ ଗ୍ରହଣ କରାଯାଏ ?
ଉ : ଭଞ୍ଜ ଯୁଗ ।

୭ । କେଉଁ କବିଙ୍କ ନାମ ଅନୁସାରେ ରୀତିଯୁଗକୁ 'ଭଞ୍ଜଯୁଗ' ଭାବରେ ଗ୍ରହଣ କରାଯାଏ ?
ଉ : ଉପେନ୍ଦ୍ର ଭଞ୍ଜ ।

୮ । ରୀତିଯୁଗର ସର୍ବପ୍ରଥମ କବି ଭାବରେ କିଏ ପରିଚିତ ?
ଉ : ଧନଞ୍ଜୟ ଭଞ୍ଜ ।

୯ । ଧନଞ୍ଜୟ ଭଞ୍ଜଙ୍କ 'ରଘୁନାଥ ବିଳାସ' କେଉଁ ଧରଣର କାବ୍ୟ ?
ଉ : ପୌରାଣିକ ।

୧୦ । ଧନଞ୍ଜୟ ଭଞ୍ଜଙ୍କ 'ଇଚ୍ଛାବତୀ' ଓ 'ଅନଙ୍ଗରେଖା' କେଉଁ ପ୍ରକାରର କାବ୍ୟ ?
ଉ : କାଳ୍ପନିକ ।

୧୧ । 'କେଳି କଳ୍ପଦ୍ରୁମ ଚଉତିଶା' ଓ 'ଚଉପଦୀ ଭୂଷଣ' କାହାର ରଚନା ?
ଉ : ଧନଞ୍ଜୟ ଭଞ୍ଜ ।

Scanned with CamScanner

୧୨। ସଂସ୍କୃତ 'ଶାଳୀହୋତ୍ର' ଅଶ୍ୱଶାସ୍ତ୍ରର ଓଡ଼ିଆ ପଦ୍ୟାନୁବାଦକ କିଏ ?
ଉ : ଧନଞ୍ଜୟ ଭଞ୍ଜ ।

୧୩। 'ଆର୍ତ୍ତତ୍ରାଣ ଚଉତିଶା'ଓ 'ଜଗମୋହନ ଛାନ୍ଦ'ର ରଚୟିତା କିଏ ?
ଉ : ଦୀନକୃଷ୍ଣ ଦାସ ।

୧୪। 'ରସକଲ୍ଲୋଳ' କାବ୍ୟର ରଚୟିତା କିଏ ?
ଉ : ଦୀନକୃଷ୍ଣ ଦାସ ।

୧୫। 'ରସକଲ୍ଲୋଳ' କାବ୍ୟର ଆରମ୍ଭରେ କାହାର ବନ୍ଦନା କରାଯାଇଛି ?
ଉ : ଶ୍ରୀଜଗନ୍ନାଥ ।

୧୬। 'ରସକଲ୍ଲୋଳ' କାବ୍ୟର ଆଦ୍ୟ କେଉଁ ଅକ୍ଷର ନିୟମରେ ରଚିତ ?
ଉ : 'କ' ଅକ୍ଷର ।

୧୭। 'ରସକଲ୍ଲୋଳ' କାବ୍ୟରେ କାହାର ଲୀଳା ବର୍ଣ୍ଣନା କରାଯାଇଛି ?
ଉ : ରାଧାକୃଷ୍ଣ ଓ ଗୋପୀକୃଷ୍ଣ ।

୧୮। 'ରସକଲ୍ଲୋଳ' କାବ୍ୟର ଛାନ୍ଦସଂଖ୍ୟା କେତେ ?
ଉ : ୩୪ ।

୧୯। 'ରସକଲ୍ଲୋଳର କେଉଁ ଛାନ୍ଦରେ ଗ୍ରୀଷ୍ମଋତୁ ବର୍ଣ୍ଣିତ ?
ଉ : ପଞ୍ଚଦଶ ।

୨୦। 'ରସକଲ୍ଲୋଳର କେଉଁ ଛାନ୍ଦରେ ବର୍ଷାଋତୁ ବର୍ଣ୍ଣିତ ହୋଇଛି ?
ଉ : ଷୋଡ଼ଶ ।

୨୧। 'ରସକଲ୍ଲୋଳ'ରେ ପୁରୀକୁ କ'ଣ ଭାବରେ ବର୍ଣ୍ଣନା କରାଯାଇଛି ?
ଉ : କମ୍ବୁକଟକ (୧ମ ଛାନ୍ଦ)

୨୨। 'କବି ହୋଇ କରୁଥିବ ନିର୍ମଳ କବିତ୍ୱ' ରସକଲ୍ଲୋଳର କେଉଁ ଛାନ୍ଦରେ ବର୍ଣ୍ଣିତ ?
ଉ : ୭ମ ଛାନ୍ଦ ।

୨୩। "କୁନ୍ଦ କୁମୁଦ କର୍ପୂର ଗୋକ୍ଷୀର;
କମ୍ବୁ ଶମ୍ଭୁ ପର୍ବତ ଗଙ୍ଗା ନୀର ।" ଏଠାରେ କାହାର ରୂପ ବର୍ଣ୍ଣନା ହୋଇଛି ?
ଉ : ବଳଭଦ୍ର ।

୨୪। 'କର ସାଧୁମାନେ ମନକୁ ଏକ' କେଉଁ କାବ୍ୟର ଆରମ୍ଭରେ ବର୍ଣ୍ଣନା ହୋଇଛି ?
ଉ : ରସକଲ୍ଲୋଳ, ୧ମ ଛାନ୍ଦ ।

୨୫। 'କ' ଅକ୍ଷରେ ହୋଇଛି ନିୟମ
କଥା ନୋହେ ଦିବ୍ୟ ଅଦିବ୍ୟ ସମ ।" ରସକଲ୍ଲୋଳର କେଉଁ ଛାନ୍ଦରେ ବର୍ଣ୍ଣିତ ?
ଉ : ୩୩ ଛାନ୍ଦ ।

୨୬। 'କବିତା ବନିତା କବିତା ପିତା...' କେଉଁ ଛାନ୍ଦରେ ବର୍ଣ୍ଣିତ ?
ଉ : ୩୪ ଛାନ୍ଦ ।

୨୭। ଦୀନକୃଷ୍ଣ ଦାସ କେଉଁ ଗ୍ରନ୍ଥରେ ତାଙ୍କ ରଚିତ ସୃଷ୍ଟିର ତାଲିକା ପ୍ରଦାନ କରିଛନ୍ତି ?
ଉ : ରସବିନୋଦ ।

୨୮। 'ନୀଳାଦ୍ରି ମହୋତ୍ସବ'ର ରଚୟିତା କିଏ ?
ଉ : ଲୋକନାଥ ବିଦ୍ୟାଧର ।

୨୯। 'ନୀଳାଦ୍ରି ମହୋତ୍ସବ'ରେ କେଉଁ ବିଷୟ ବର୍ଣ୍ଣିତ ହୋଇଛି ?
ଉ : ଶ୍ରୀମନ୍ଦିରରେ ବନ୍ଦ ହୋଇଯାଇଥିବା କେତେକ ଯାନିଯାତ୍ରା ।

୩୦। 'ଚିତ୍ରକଳା'ର ରଚୟିତା କିଏ ?
ଉ : ଲୋକନାଥ ବିଦ୍ୟାଧର ।

୩୧। 'ସର୍ବାଙ୍ଗ ସୁନ୍ଦରୀ' ଓ 'ବା-ଚଉତିଶା'ର କବି କିଏ ?
ଉ : ଲୋକନାଥ ବିଦ୍ୟାଧର ।

୩୨। ରୀତିଯୁଗର ସର୍ବାଧିକ କାବ୍ୟ କବିତା ରଚନା କରିଥିବା କବି କିଏ ?
ଉ : ଉପେନ୍ଦ୍ର ଭଞ୍ଜ ।

୩୩। ଉପେନ୍ଦ୍ର ଭଞ୍ଜ କେଉଁ ବଂଶରେ ଜନ୍ମଗ୍ରହଣ କରିଥିଲେ ?
ଉ : ଘୁମୁସର ରାଜବଂଶ ।

୩୪। 'ରଘୁନାଥ ବିଳାସ'ର ପ୍ରଭାବରେ ଉପେନ୍ଦ୍ର ଭଞ୍ଜ କେଉଁ କାବ୍ୟ ରଚନା କରିଥିଲେ ?
ଉ : ବୈଦେହୀଶ ବିଳାସ ।

୩୫। ବୈଦେହୀଶ ବିଳାସ କେଉଁ ଅକ୍ଷର ନିୟମରେ ରଚିତ ଓ ଏହାର ଛାନ୍ଦ ସଂଖ୍ୟା କେତେ ?
ଉ : 'ବ'ଅକ୍ଷର ଓ ୫୨ ଛାନ୍ଦ ।

୩୬। 'ବୈଦେହୀଶ ବିଳାସ'ର ନାୟକ କିଏ ?
ଉ : ଶ୍ରୀରାମଚନ୍ଦ୍ର ।

୩୭। 'ସୁଭଦ୍ରା ପରିଣୟ' କେଉଁ ଧରଣର ରଚନା ?
ଉ : ପୌରାଣିକ ।

Scanned with CamScanner

୩୮ । 'ସୁଭଦ୍ରା ପରିଣୟ' କେଉଁ ଅକ୍ଷର ନିୟମରେ ରଚିତ ?
ଉ : 'ସ' ଆଦ୍ୟାନୁପ୍ରାସ ।

୩୯ । 'ସୁଭଦ୍ରା ପରିଣୟ'ରେ କେଉଁ ବିଷୟ ବର୍ଣ୍ଣନା କରାଯାଇଛି ?
ଉ : ଅର୍ଜୁନ ଓ ସୁଭଦ୍ରାଙ୍କ ବିବାହ ।

୪୦ । ଉପେନ୍ଦ୍ର ଭଞ୍ଜଙ୍କ କେଉଁ ପୌରାଣିକ କାବ୍ୟଟି ମାତ୍ରାବିହୀନ ଅଟେ ?
ଉ : ଅବନା ରସତରଙ୍ଗ ।

୪୧ । ଉପେନ୍ଦ୍ର ଭଞ୍ଜଙ୍କ କେଉଁ ରଚନାଟି ଆଦ୍ୟପ୍ରାନ୍ତ 'କ' ଅକ୍ଷର ନିୟମରେ ରଚିତ ?
ଉ : କଳାକଉତୁକ ।

୪୨ । 'କଳାକଉତୁକ' କେଉଁ ଧରଣର ରଚନା ?
ଉ : ପୌରାଣିକ ।

୪୩ । 'ବରଜଲୀଳା' ଓ 'ରାହାସଲୀଳା'ର ରଚୟିତା କିଏ ?
ଉ : ଉପେନ୍ଦ୍ର ଭଞ୍ଜ ।

୪୪ । 'କଳାବତୀ' ଓ 'କାମକଳା' କେଉଁ ଧରଣର ରଚନା ?
ଉ : କାଳ୍ପନିକ ।

୪୫ । 'ଚନ୍ଦ୍ରକଳା' ଓ 'ଚିତ୍ରଲେଖା'ର ରଚୟିତା କିଏ ?
ଉ : ଉପେନ୍ଦ୍ର ଭଞ୍ଜ

୪୬ । 'ତ୍ରୈଲୋକ୍ୟମୋହିନୀର'ର ରଚୟିତା କିଏ ?
ଉ : ଉପେନ୍ଦ୍ର ଭଞ୍ଜ ।

୪୭ । 'ଭାବବତୀ' କାହାର ରଚନା ?
ଉ : ଉପେନ୍ଦ୍ର ଭଞ୍ଜ ।

୪୮ । ଉପେନ୍ଦ୍ର ଭଞ୍ଜଙ୍କ 'ପ୍ରେମ ସୁଧାନିଧି' କେତେ ଛାନ୍ଦ ବିଶିଷ୍ଟ ?
ଉ : ୧୬ ।

୪୯ । 'ଭାବବତୀ' ଓ 'ଶୋଭାବତୀ'ର ରଚୟିତା କିଏ ?
ଉ : ଉପେନ୍ଦ୍ର ଭଞ୍ଜ ।

୫୦ । 'ରସଲେଖା' କେତେ ଛାନ୍ଦ ବିଶିଷ୍ଟ ?
ଉ : ୨୨ ।

୫୧ । 'ରସିକ ହାରାବଳୀ'ର ରଚୟିତା କିଏ ?
ଉ : ଉପେନ୍ଦ୍ର ଭଞ୍ଜ ।

୫୨ । ନାୟିକା ଲାବଣ୍ୟବତୀର ପୂର୍ବନାମ କ'ଣ ?
ଉ : ବାଞ୍ଛାବତୀ ।

୫୩ । ଉପେନ୍ଦ୍ର ଭଞ୍ଜଙ୍କ କାଳ୍ପନିକ ପ୍ରେମକାବ୍ୟ 'ଲାବଣ୍ୟବତୀ'ର ଛାନ୍ଦ ସଂଖ୍ୟା କେତେ ?
ଉ : ୪୮ ।

୫୪ । ବାଞ୍ଛାବତୀ କାହାର ମାନସକନ୍ୟା ।
ଉ : ପାର୍ବତୀ ।

୫୫ । ଲାବଣ୍ୟବତୀର ନାୟକ କିଏ ?
ଉ : ଚନ୍ଦ୍ରଭାନୁ ।

୫୬ । ଚନ୍ଦ୍ରଭାନୁର ପୂର୍ବ ନାମ କ'ଣ ?
ଉ : ପ୍ରଭାକର ।

୫୭ । ଲାବଣ୍ୟବତୀ କେଉଁ ଦେଶର ରାଜକନ୍ୟା ?
ଉ : ସିଂହଳ ।

୫୮ । ଚନ୍ଦ୍ରଭାନୁ କେଉଁ ଦେଶର ରାଜକୁମାର ?
ଉ : କର୍ଣ୍ଣାଟ ।

୫୯ । 'ଦେଖିନବ କାଳିକା ବକାଳିକା ମାଳିକା...' ଲାବଣ୍ୟବତୀର କେଉଁ ଛାନ୍ଦରେ ବର୍ଣ୍ଣିତ ?
ଉ : ୨୨ ଛାନ୍ଦ ।

୬୦ । 'ଲାବଣ୍ୟବତୀ' କାବ୍ୟର ଆରମ୍ଭରେ କାହାର ସ୍ତୁତିଗାନ କରାଯାଇଛି ?
ଉ : ଶ୍ରୀରାମଚନ୍ଦ୍ର ।

୬୧ । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' କେତେ ଛାନ୍ଦ ବିଶିଷ୍ଟ ରଚନା ?
ଉ : ୩୫ ।

୬୨ । 'ଛାନ୍ଦ କୋଟି ତାରା ଚନ୍ଦ୍ରମା ପରି, ଯା ନାମ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' ଏହା କେଉଁ ଗ୍ରନ୍ଥରୁ ଆସିଛି ?
ଉ : ଚିତ୍ରକାବ୍ୟ ବନ୍ଧୋଦୟ ।

୬୩ । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ର ଆରମ୍ଭରେ ଶ୍ରୀଜଗନ୍ନାଥଙ୍କ କେଉଁ ଯାତ୍ରା କଥା ବର୍ଣ୍ଣନା ହୋଇଛି ?
ଉ : ସ୍ନାନଯାତ୍ରା ।

୬୪ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କେଉଁ ରାଜାଙ୍କ ରାଜକୁମାରୀ ?
ଉ : ଚମ୍ପାନଗରୀ ରାଜା ବିଶ୍ୱାନନ୍ଦ ।

୬୫ । କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ନାୟକ କିଏ ?
ଉ : ପୁଷ୍ପକେତୁ ।

Scanned with CamScanner

୬୬ । ‘କୋଟିବ୍ରହ୍ମାଣ୍ଡ ସୁନ୍ଦରୀ’ର ନାୟକ କେଉଁ ରାଜ୍ୟର ରାଜକୁମାର ?

ଉ : ପାଟଳୀପୁତ୍ର ରାଜା ଦୀପ୍ତିସାରଙ୍କ ପୁତ୍ର ।

୬୭ । “ଅସାର ସଘନ କାଳ ହୋଇ ଉଦୟ

ଅସିତ ପରବଳରୁ ଦରସମୟ” କୋଟିବ୍ରହ୍ମାଣ୍ଡ ସୁନ୍ଦରୀରେ ବର୍ଣ୍ଣିତ ଏହି ପଦରେ କେତୋଟି ଋତୁର ବର୍ଣ୍ଣନା ରହିଛି ?

ଉ : ୩ଟି ଋତୁ ।

୬୮ । ଉପେନ୍ଦ୍ର ଭଞ୍ଜ “ଘେନ ନୈଷଧ ପରାଯେ” ବୋଲି କେଉଁ କାବ୍ୟକୁ କହିଛନ୍ତି ?

ଉ : କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।

୬୯ । ଉପେନ୍ଦ୍ର ଭଞ୍ଜ କେଉଁ କାବ୍ୟରେ ତାଙ୍କ ରଚନାର ସୂଚୀ ପ୍ରଦାନ କରିଛନ୍ତି ?

ଉ : ଚିତ୍ରକାବ୍ୟ ବନ୍ଧୋଦୟ ।

୭୦ । ‘ଛାନ୍ଦଭୂଷଣ’, ‘ରସପଞ୍ଚକ’ ଓ ‘ରସମଞ୍ଜରୀ’ ଉପେନ୍ଦ୍ର ଭଞ୍ଜଙ୍କ କେଉଁ ଧରଣର ରଚନା ?

ଉ : ଆଲଙ୍କାରିକ କାବ୍ୟ ।

୭୧ । ‘ଚଉପଦୀ ଭୂଷଣ’ ଓ ‘ଚଉପଦୀଚନ୍ଦ୍ର’ କାହାର ରଚନା ?

ଉ : ଉପେନ୍ଦ୍ର ଭଞ୍ଜ ।

୭୨ । ଉପେନ୍ଦ୍ର ଭଞ୍ଜଙ୍କଦ୍ୱାରା ରଚିତ ପୋଇ ସାହିତ୍ୟ କ’ଣ କ’ଣ ?

ଉ : ଦଶପୋଇ ଓ ଷୋଳ ପୋଇ ।

୭୩ । ଉପେନ୍ଦ୍ର ଭଞ୍ଜଙ୍କଦ୍ୱାରା ରଚିତ ଅଭିଧାନ ଗ୍ରନ୍ଥଟି କ’ଣ ?

ଉ : ଗୀତାଭିଧାନ ।

୭୪ । ‘ଛାନ୍ଦ ଭୂଷଣ’ କେଉଁ ନିୟମରେ ରଚିତ ?

ଉ : ଚଉତିଶା ।

୭୫ । ଉପେନ୍ଦ୍ର ଭଞ୍ଜଙ୍କ କେଉଁ ରଚନାଟି ‘କ’ ଅକ୍ଷର ଆଦ୍ୟ ଓ ପ୍ରାନ୍ତରେ ରଚିତ ?

ଉ : କଳାକଉତୁକ ।

୭୬ । ଉପେନ୍ଦ୍ର ଭଞ୍ଜ କେଉଁ କାବ୍ୟର ଆରମ୍ଭରେ ଉଭୟ ବିଷ୍ଣୁ ଓ ଶିବଙ୍କ ବନ୍ଦନା କରିଛନ୍ତି ?

ଉ : ରସଲେଖା ।

୭୭ । ନୀଳକଣ୍ଠ ଭଞ୍ଜଙ୍କୁ ରାଜା କରିବା ପାଇଁ କିଏ ଧନଞ୍ଜୟଙ୍କୁ ବିଷ ଦେଇଥିଲେ ?

ଉ : ମାଣ୍ଡାଦେବୀ

୭୮ । ଉପେନ୍ଦ୍ର ଭଞ୍ଜଙ୍କ ପୂର୍ବରୁ କିଏ ‘ଭାବବତୀ’ ରଚନା କରିଥିଲେ ?

ଉ : ବଳଭଦ୍ର ଭଞ୍ଜ ।

୭୯ । ‘କନକଲତା’ କାବ୍ୟର କବି କିଏ ?

ଉ : ତ୍ରିବିକ୍ରମ ଭଞ୍ଜ ।

୮୦ । ‘ବିଚିତ୍ର ରାମାୟଣ’ର ରଚୟିତା କିଏ ? ଏହା କେତେ ଛାନ୍ଦ ବିଶିଷ୍ଟ ?

ଉ : ବିଶ୍ୱନାଥ ଖୁଣ୍ଟିଆ, ୨୮୯ ।

୮୧ । ‘ନିର୍ଗୁଣ ମାହାତ୍ମ୍ୟ’ ଓ ‘ବିଷ୍ଣୁଗର୍ଭ ପୁରାଣର ରଚୟିତା କିଏ ?

ଉ : ଚୈତନ୍ୟ ଦାସ ।

୮୨ । ଭୂପତି ପଣ୍ଡିତ କେଉଁ ବୈଷ୍ଣବ ସମ୍ପ୍ରଦାୟର କବି ଥିଲେ ?

ଉ : ଗୌଡ଼ୀୟ ବୈଷ୍ଣବ ।

୮୩ । ଭୂପତି ପଣ୍ଡିତ କାହାଦ୍ୱାରା ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ ?

ଉ : ଚୈତନ୍ୟ ଦାସ ।

୮୪ । ‘ପ୍ରେମପଞ୍ଚାମୃତ’ ଗ୍ରନ୍ଥର ରଚୟିତା କିଏ ?

ଉ : ଭୂପତି ପଣ୍ଡିତ ।

୮୫ । ‘ଉଦ୍ଧବ ଚଉତିଶା’ ଓ ‘ଭୂପତି ଚଉତିଶା’ର ଲେଖକ କିଏ ?

ଉ : ଭୂପତି ପଣ୍ଡିତ ।

୮୬ । ‘ପରଚେ ଗୀତା’, ‘ଶିବପୁରାଣ’, ‘ଗୋବିନ୍ଦ ଗୀତା’ ଓ ‘ଜ୍ଞାନସାଗର ଗୀତା’ର ରଚୟିତା କିଏ ?

ଉ : ଦ୍ୱାରକା ଦାସ ।

୮୭ । ‘ବ୍ରହ୍ମ ମୁଦ୍‌ଗର’, ‘ମନସା ମଙ୍ଗଳ’, ‘ତେରପୋଇ’, ‘ଗୁଣ୍ଡିଚାକେଳି’ର ରଚୟିତା କିଏ ?

ଉ : ଦ୍ୱାରକା ଦାସ ।

୮୮ । ‘ପଦ୍ମପୁରାଣ’, ‘ଜୈମିନି ଭାରତ’ ଓ ‘ପୁରୁଷୋତ୍ତମ ଦେଉଳ ତୋଳା’ ଆଦି ଗ୍ରନ୍ଥର ରଚୟିତା କିଏ ?

ଉ : ନୀଳାମ୍ବର ଦାସ ।

୮୯ । ‘ଅଧ୍ୟାତ୍ମ ରାମାୟଣ’ର ରଚୟିତା କିଏ ?

ଉ : ହଳଧର ପଟ୍ଟନାୟକ ।

୯୦ । ଓଡ଼ିଶାର କେଉଁ ଜିଲ୍ଲାରେ ଅଧ୍ୟାତ୍ମ ରାମାୟଣର ଆଦର ରହିଛି ?

ଉ : ଗଞ୍ଜାମ ଜିଲ୍ଲା ।

Scanned with CamScanner

୯୧ । ହଳଧର ପଟ୍ଟନାୟକଙ୍କ ପରେ କିଏ ସଂସ୍କୃତ 'ଅଧ୍ୟାତ୍ମ ରାମାୟଣ'କୁ ଅନୁବାଦ କରିଥିଲେ ?

ଉ : ସୂର୍ଯ୍ୟମଣି ଟ୍ୟାଉ ପଟ୍ଟନାୟକ ଓ ଗୋପାଳ କୃଷ୍ଣ ।

୯୨ । 'କାଞ୍ଚିକାବେରୀ' କାବ୍ୟର ରଚୟିତା କିଏ ?

ଉ : ପୁରୁଷୋତ୍ତମ ଦାସ ।

୯୩ । 'କାଞ୍ଚିକାବେରୀ' କାବ୍ୟ କେଉଁ ବିଷୟକୁ ନେଇ ରଚିତ ?

ଉ : ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ ।

୯୪ । 'କାଞ୍ଚିକାବେରୀ' କାବ୍ୟ ପାଇଁ କବି କେଉଁ ଗ୍ରନ୍ଥଦ୍ୱାରା ପ୍ରଭାବିତ ହୋଇଛନ୍ତି ?

ଉ : ମାଦଳାପାଞ୍ଜି ।

୯୫ । 'କାଞ୍ଜିଓଳା ବ୍ରତ' ଗ୍ରନ୍ଥର ରଚୟିତା କିଏ ?

ଉ : ପୁରୁଷୋତ୍ତମ ଦାସ ।

୯୬ । ମହାଦେବ ଦାସ 'ଭାଗବତ'ର କେଉଁ କେଉଁ ସ୍କନ୍ଧ ଲେଖିଥିଲେ ?

ଉ : ଦ୍ୱାଦଶ ଓ ତ୍ରୟୋଦଶ ।

୯୭ । 'ମାର୍କଣ୍ଡେୟ ପୁରାଣ', 'ବିଷ୍ଣୁକେଶରୀ ପୁରାଣ' ଓ 'ନୀଳାଦ୍ରି ମହୋଦୟ'ର ରଚୟିତା କିଏ ?

ଉ : ମହାଦେବ ଦାସ ।

୯୮ । 'କାର୍ତ୍ତିକ ମାହାତ୍ମ୍ୟ', 'ଆଷାଢ଼ ମାହାତ୍ମ୍ୟ' କାହାର ରଚନା ?

ଉ : ମହାଦେବ ଦାସ ।

୯୯ । 'ଶ୍ରୀଚୈତନ୍ୟ ଭାଗବତ'ର ରଚୟିତା କିଏ ?

ଉ : ଈଶ୍ୱର ଦାସ ।

୧୦୦ । 'ଶ୍ରୀଚୈତନ୍ୟ ଭାଗବତ'ର ବିଷୟବସ୍ତୁ କାହାକୁ ନେଇ ରଚିତ ?

ଉ : ଶ୍ରୀଚୈତନ୍ୟ ।

୧୦୧ । 'ଶ୍ରୀଚୈତନ୍ୟ ଭାଗବତ'ରେ ଶ୍ରୀଜଗନ୍ନାଥଙ୍କୁ କେଉଁ ରୂପରେ ପରିକଳ୍ପନା କରାଯାଇଛି ?

ଉ : ବୁଦ୍ଧ ।

୧୦୨ । 'ଶ୍ରୀଚୈତନ୍ୟ ଭାଗବତ'ର ଛାନ୍ଦ ସଂଖ୍ୟା କେତେ ?

ଉ : ୬୫ ।

୧୦୩ । 'ନଳଚରିତ'ର ରଚୟିତା କିଏ ?

ଉ : ମଧୁସୂଦନ ।

୧୦୪ । 'ରାମରସାମୃତ'ର ରଚୟିତା କିଏ ?

ଉ : କାହ୍ନୁ ଦାସ ।

୧୦୫ । 'ରାମରସାମୃତ'ର ବିଷୟବସ୍ତୁ କେଉଁଥିରୁ ଆସିଛି ?

ଉ : ବଳରାମ ଦାସଙ୍କ 'ଜଗମୋହନ ରାମାୟଣ' ।

୧୦୬ । କେଉଁ କାବ୍ୟର ପ୍ରତ୍ୟେକ ଅଧ୍ୟାୟ ୧୦୮ ପଦ ବିଶିଷ୍ଟ ଓ ଅଧ୍ୟାୟ ସଂଖ୍ୟା ମଧ୍ୟ ୧୦୮ ?

ଉ : ରାମରସାମୃତ ।

୧୦୭ । 'କାଞ୍ଚନଲତା'ର ରଚୟିତା କିଏ ?

ଉ : ଶ୍ରୀଧର ଦ୍ୱିଜ ।

୧୦୮ । 'ଗୋପୀଭାଷା'ର ରଚୟିତା କିଏ ?

ଉ : ଦନାଇ ଦାସ ।

୧୦୯ । 'ପହଲି ଚଉତିଶା' ଓ ସାନକନଡ଼ା ଚଉତିଶା' କାହାର ରଚନା ?

ଉ : ଦନାଇ ଦାସ ।

୧୧୦ । 'ପ୍ରେମମଞ୍ଜରୀ କାବ୍ୟର ରଚୟିତା କିଏ ?

ଉ : ଚନ୍ଦ୍ରଶେଖର ଭଞ୍ଜ ।

୧୧୧ । 'ରସଲହରୀ' କାବ୍ୟର ପ୍ରଣେତା କିଏ ?

ଉ : ରଘୁନାଥ ଭଞ୍ଜ ।

୧୧୨ । 'ପୂର୍ଣ୍ଣତମ ଚନ୍ଦ୍ରୋଦୟ' କାବ୍ୟର ରଚୟିତା କିଏ ?

ଉ : ବୃନ୍ଦାବତୀ ଦାସୀ ।

୧୧୩ । 'ପୂର୍ଣ୍ଣତମ ଚନ୍ଦ୍ରୋଦୟ'ର ଛାନ୍ଦ ସଂଖ୍ୟା କେତେ ?

ଉ : ୨୦ ।

୧୧୪ । 'ପୂର୍ଣ୍ଣତମ ଚନ୍ଦ୍ରୋଦୟ'ର ବିଷୟବସ୍ତୁ କାହାକୁ ଉପଜୀବ୍ୟ କରି ରଚିତ ?

ଉ : ଶ୍ରୀକୃଷ୍ଣଙ୍କ ଲୀଳା, ଗୋପଲୀଳା ।

୧୧୫ । 'ଶ୍ରୀକୃଷ୍ଣତତ୍ତ୍ୱ ଚନ୍ଦ୍ରୋଦୟ'ର ରଚୟିତା କିଏ ?

ଉ : ଚନ୍ଦ୍ରଶେଖର ମହାପାତ୍ର ।

୧୧୬ । 'ହରିଭକ୍ତି ଚନ୍ଦ୍ରୋଦୟ'ର ରଚୟିତା କିଏ ?

ଉ : ଭୀମ ଦାସ ।

୧୧୭ । 'ଉପାସନା ଚନ୍ଦ୍ରୋଦୟ'ର ସ୍ରଷ୍ଟା କିଏ ?

ଉ : କୃପାସିନ୍ଧୁ ଦାସ ।

Scanned with CamScanner

୧୧୮। ‘କପଟପାଶା’ର ରଚୟିତା କିଏ ?
ଉ : ଭୀମା ଧୀବର ।

୧୧୯। ‘ବ୍ରଜବିହାର’ର ସ୍ରଷ୍ଟା କିଏ ?
ଉ : ଦାଶରଥି ଦାସ ।

୧୨୦। ‘ବ୍ରଜବିହାର’ର ପ୍ରତ୍ୟେକ ଛାନ୍ଦ କେଉଁ ନାମରେ ରଚିତ ?
ଉ : ବୋଲି ।

୧୨୧। କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କର ପିଲାଦିନ ନାମ କ’ଣ ?
ଉ : ସାଧୁଚରଣ ଓତା ।

୧୨୨। ସାଧୁଚରଣ ଓତା କାହାଠାରୁ ‘କବିସୂର୍ଯ୍ୟ ବ୍ରହ୍ମା’ ପଦବୀ ପ୍ରାପ୍ତ ହୋଇଥିଲେ?
ଉ : ଗଜପତି ବୀରକେଶରୀ ଦେବ ।

୧୨୩। କବିସୂର୍ଯ୍ୟ ସଦାନନ୍ଦଙ୍କ ଶିଷ୍ୟ କିଏ ?
ଉ : ଅଭିମନ୍ୟୁ ସାମନ୍ତସିଂହାର ।

୧୨୪। କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା କେଉଁ ଗ୍ରନ୍ଥରେ ନିଜ କୃତିର ସୂଚୀ ପ୍ରଦାନ କରିଛନ୍ତି?
ଉ : ମୋହନଲତା ।

୧୨୫। ‘ଯୁଗଳ ରସାମୃତ ଲହରୀ’ ଓ ‘ପ୍ରେମ ତରଙ୍ଗିଣୀ’ କାହାର ରଚନା?
ଉ : କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ।

୧୨୬। ‘ନିଷ୍ଠାନୀଳମଣି’, ‘ବିଶ୍ୱମ୍ଭର ବିହାର’ ଓ ‘ନାମଚିନ୍ତାମଣି’ କାହାର ରଚନା?
ଉ : କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ।

୧୨୭। ଭକ୍ତଚରଣ ଦାସଙ୍କ ଗ୍ରାର୍ହସ୍ଥ୍ୟ ଜୀବନର ନାମ କ’ଣ ଥିଲା ?
ଉ : ବୈରାଗୀ ଚରଣ ।

୧୨୮। ଭକ୍ତଚରଣ ଦାସ କେଉଁ ସମ୍ପ୍ରଦାୟର ଥିଲେ ?
ଉ : ମାଧ୍ୱାଚାର୍ଯ୍ୟ ବୈଷ୍ଣବ ।

୧୨୯। ଭକ୍ତଚରଣ ଦାସଙ୍କ ସର୍ବଶ୍ରେଷ୍ଠ କୃତିର ନାମ କ’ଣ ?
ଉ : ମଥୁରା ମଙ୍ଗଳ ।

୧୩୦। ‘ମଥୁରାମଙ୍ଗଳ’ କାବ୍ୟର ଛାନ୍ଦ ସଂଖ୍ୟା କେତେ ?
ଉ : ୩୦ ।

୧୩୧। ଗୋପମଙ୍ଗଳରେ କବି କୃଷ୍ଣଙ୍କର କେଉଁ ଲୀଳା ବର୍ଣ୍ଣନା କରିଛନ୍ତି ?
ଉ : ଗୋପଲୀଳା ଓ ବୃନ୍ଦାବନ ଲୀଳା ।

୧୩୨। ‘ମନଃଶିକ୍ଷା’ରେ କବି କୃଷ୍ଣଙ୍କର କେଉଁ ଲୀଳା ବର୍ଣ୍ଣନା କରିଛନ୍ତି ?
ଉ : ଭକ୍ତଚରଣ ଦାସ ।

୧୩୩। ‘ମନଃଶିକ୍ଷା’ରେ କବି ଶ୍ରୀକୃଷ୍ଣ ଓ ଚୈତନ୍ୟଙ୍କୁ କେଉଁ ରୂପେ ପରିକଳ୍ପନା କରିଛନ୍ତି ?
ଉ : ବୈଦ୍ୟ ।

୧୩୪। ‘କଳାକଳେବର ଚଉତିଶା’ ଓ ‘ମନବୋଧ ଚଉତିଶା’ କାହାର ରଚନା ?
ଉ : ଭକ୍ତଚରଣ ଦାସ ।

୧୩୫। ‘କହଇ ମନ ଆରେ ମୋ ବୋଲ କର...’ କେଉଁଥିରୁ ଆସିଛି ?
ଉ : ମନବୋଧ ଚଉତିଶା ।

୧୩୬। ‘ହାରାବତୀ’ ଓ ‘ଅନୁରାଗବତୀ’ର ରଚୟିତା କିଏ ?
ଉ : ରାମଚନ୍ଦ୍ର ପଟ୍ଟନାୟକ ।

୧୩୭। ରୀତିଯୁଗର ବ୍ୟତିକ୍ରମ ଭାବରେ ରାମଚନ୍ଦ୍ର ପଟ୍ଟନାୟକଙ୍କ କେଉଁ ଗ୍ରନ୍ଥକୁ ଗ୍ରହଣ କରାଯାଏ ?
ଉ : ହାରାବତୀ ଓ ଅନୁରାଗବତୀ ।

୧୩୮। ‘ହାରାବତୀ’ କେଉଁ ପରିବାରର ଅନ୍ତର୍ଭୁକ୍ତ ?
ଉ : ସାଧାରଣ ପରିବାର ।

୧୩୯। ବ୍ରଜନାଥଙ୍କ ରାଜଦତ୍ତ ଉପାଧିଟି କ’ଣ ?
ଉ : ବଡ଼ଜେନା ।

୧୪୦। ବ୍ରଜନାଥ ବଡ଼ଜେନାଙ୍କ ‘କେଳି-କଳାନିଧି’ କେଉଁ କାବ୍ୟର ଅନୁକରଣରେ ରଚିତ ?
ଉ : ଉପେନ୍ଦ୍ରଙ୍କ ପ୍ରେମସୁଧାନିଧି ।

୧୪୧। ବ୍ରଜନାଥ ବଡ଼ଜେନାଙ୍କ ‘ଶ୍ୟାମ ରାସୋତ୍ସବ’ କେଉଁ ବର୍ଣ୍ଣ ନିୟମରେ ରଚିତ ?
ଉ : ‘ଶ’ ଅକ୍ଷର ।

୧୪୨। ‘ଶ୍ରୀମଦ୍ ଭାଗବତ୍’ର ରାସପଞ୍ଚାଧ୍ୟାୟୀର କଥାବସ୍ତୁକୁ ଆଧାର କରି ବ୍ରଜନାଥ ବଡ଼ଜେନା କେଉଁ କାବ୍ୟ ରଚନା କରିଛନ୍ତି ?
ଉ : ଶ୍ୟାମ ରାସୋତ୍ସବ ।

୧୪୩। ‘ଅମ୍ବିକା ବିଳାସ’ କାବ୍ୟଟି କେଉଁ ବର୍ଣ୍ଣ ନିୟମରେ ରଚିତ ?
ଉ : ‘ଅ’ ଅକ୍ଷର ।

୧୪୪। ‘ସମରତରଙ୍ଗ’ର ରଚୟିତା କିଏ ?
ଉ : ବ୍ରଜନାଥ ବଡ଼ଜେନା ।

୧୪୫। ‘ସମରକାବ୍ୟ’ ଭାବରେ କାହାକୁ ଗ୍ରହଣ କରାଯାଏ ?
ଉ : ସମର ତରଙ୍ଗ ।

Scanned with CamScanner

୧୪୬। ସମର ତରଙ୍ଗ କାବ୍ୟର ରାଜା କିଏ ?
ଉ : ତ୍ରିଲୋଚନ ମହୀନ୍ଦ୍ର ବାହାଦୁର ।

୧୪୭। 'ବିଚକ୍ଷଣା' କାବ୍ୟର ରଚୟିତା କିଏ ଓ ଏହା କେଉଁ ଅକ୍ଷର ନିୟମରେ ରଚିତ ?
ଉ : ବ୍ରଜନାଥ ବଡ଼ଜେନା, 'ବ' ଅକ୍ଷର ।

୧୪୮। 'ଗୁଣ୍ଡିଚାବିଜେ' କାବ୍ୟିକ କେଉଁ ଭାଷାରେ ରଚିତ ?
ଉ : ହିନ୍ଦୀ ।

୧୪୯। 'ଚଣ୍ଡୀମାଳଶ୍ରୀ' କବିଙ୍କର କେଉଁ ଧରଣର ରଚନା ?
ଉ : କବିତାବଳୀ ।

୧୫୦। 'ଚତୁର ବିନୋଦ' ଗ୍ରନ୍ଥର ରଚୟିତା କିଏ ?
ଉ : ବ୍ରଜନାଥ ବଡ଼ଜେନା ।

୧୫୧। 'ଚତୁର ବିନୋଦ'ରେ କେତୋଟି ବିନୋଦ ବା ଗପ ରହିଛି ?
ଉ : ଚାରୋଟି (୪)

୧୫୨। ଚାରୋଟି ବିନୋଦକୁ ସଜାଇ ଲେଖ ?
ଉ : ହାସ, ରସ, ନୀତି, ପ୍ରୀତି ।

୧୫୩। ଚତୁର ବିନୋଦର ମୋଟ ଗଳ୍ପାଣ୍ଣୁ କେତୋଟି ?
ଉ : ୧୮ ।

୧୫୪। ଚତୁର ବିନୋଦରେ କେଉଁ ନଗର କଥା ବର୍ଣ୍ଣନା କରାଯାଇଛି ?
ଉ : ରସାଳ କାଞ୍ଚନ ।

୧୫୫। ଚତୁର ବିନୋଦର ନାୟକ ଓ ନାୟିକାଙ୍କ ନାମ କ'ଣ ?
ଉ : ମୋହନାଙ୍ଗ ଓ ଚଞ୍ଚଳାକ୍ଷୀ ।

୧୫୬। 'ଚଞ୍ଚଳାକ୍ଷୀ'ର ସଖୀ କିଏ ?
ଉ : ସୁହାଗୀ ।

୧୫୭। 'ଚତୁର ବିନୋଦ'ରେ କେଉଁ ନଦୀ କଥା ବର୍ଣ୍ଣନା କରାଯାଇଛି ?
ଉ : ସୁରେଖା ।

୧୫୮। 'ଚତୁର ବିନୋଦ'ର ବୈଶା କିଏ ?
ଉ : ନେତ୍ରାମୋଦ ।

୧୫୯। ହାସ ବିନୋଦର ପ୍ରଥମ ଉପଗଳ୍ପଟି କ'ଣ ?
ଉ : ଅତିହାସ ବିନୋଦ ।

୧୬୦। ମାର୍ଜାରମୁଖୀ ଓ ବିଳାପମୁଖୀ କେଉଁ ବିନୋଦର ଚରିତ୍ର ?
ଉ : ହାସ ବିନୋଦ ।

୧୬୧। ରସ ବିନୋଦରେ କେତୋଟି ଉପଗଳ୍ପ ରହିଛି ?
ଉ : ୪ଟି ।

୧୬୨। ତରୁଣକାନ୍ତ ଓ ହେମାଙ୍ଗୀ କେଉଁ ବିନୋଦର ଚରିତ୍ର ?
ଉ : ରସବିନୋଦ ।

୧୬୩। ନୀତି ବିନୋଦରେ କେତୋଟି ଉପଗଳ୍ପ ରହିଛି ?
ଉ : ୪ଟି ।

୧୬୪। ପୁଣ୍ଡରୀକ ପଣ୍ଡା ଓ କୁନ୍ଦରେଖା କେଉଁ ବିନୋଦର ଚରିତ୍ର ?
ଉ : ନୀତି ବିନୋଦ ।

୧୬୫। ଚତୁର ବିନୋଦରେ କେତେପ୍ରକାର 'ପ୍ରୀତି' କଥା ବର୍ଣ୍ଣିତ ?
ଉ : ୬ ପ୍ରକାର ।

୧୬୬। ଚତୁର ବିନୋଦରେ ବର୍ଣ୍ଣିତ 'ପ୍ରୀତି' ବିନୋଦକୁ ସଜାଇ ଲେଖ ?
ଉ : ଶଠପ୍ରୀତି, ଦୁଷ୍ଟ, ନୀଚ, ସହଜ, କାର୍ଯ୍ୟଘେନା, ପ୍ରବଳ ଶଠ ପ୍ରୀତି ।

୧୬୭। ରାଜହଂସ (ଚନ୍ଦ୍ରାଜ୍ୟୋତି) ଓ ବଗ (କୃଶପାଦ) କେଉଁ ପ୍ରୀତି କରିଥିଲେ ?
ଉ : ନୀଚ ।

୧୬୮। ୫ଟି ଭ୍ରମର କେଉଁ ପ୍ରୀତିରେ ଅଛନ୍ତି ?
ଉ : ସହଜ ପ୍ରୀତି ।

୧୬୯। 'ନୃସିଂହ ପୁରାଣ'ର ରଚୟିତା କିଏ ?
ଉ : ପୀତାମ୍ବର ଦାସ ।

୧୭୦। 'ନୃସିଂହ ପୁରାଣ'ର ପ୍ରତ୍ୟେକ ଭାଗକୁ କ'ଣ କୁହାଯାଏ ?
ଉ : ରତ୍ନାକର ।

୧୭୧। 'ଶଶିରେଖା' କାବ୍ୟର ରଚୟିତା କିଏ ?
ଉ : ପଦ୍ମନାଭ ଶ୍ରୀଚନ୍ଦନ ।

୧୭୨। 'ଦାର୍ଢ୍ୟତା ଭକ୍ତି ରସାମୃତ' କାହାର ରଚନା ?
ଉ : ରାମଦାସ ।

୧୭୩। ସଂସ୍କୃତ 'ମହାଭାରତ'ର ପ୍ରଥମ ଆକ୍ଷରିକ ଓଡ଼ିଆ ଅନୁବାଦକ ?
ଉ : କୃଷ୍ଣଚନ୍ଦ୍ର ସିଂହ ।

୧୭୪। 'ମହୀମଣ୍ଡଳ ଗୀତା'ର ରଚୟିତା କିଏ ?
ଉ : ଅରକ୍ଷିତ ଦାସ ।

Scanned with CamScanner

୧୭୫। 'ଭକ୍ତିଟୀକା'ର ରଚୟିତା କିଏ ?
ଉ : ଅରକ୍ଷିତ ଦାସ ।

୧୭୬। ଅରକ୍ଷିତ ଦାସଙ୍କ ଧର୍ମକୁ କେଉଁ ଧର୍ମ କୁହାଯାଏ ?
ଉ : ଆଜ୍ଞାଧର୍ମ ।

୧୭୭। ସୁଚିତ୍ର ରାମାୟଣ'ର ରଚୟିତା କିଏ ?
ଉ : ବନମାଳୀ ଦାସ ।

୧୭୮। 'ଦୀନବନ୍ଧୁ ଦଇତାରୀ ଦୁଃଖ ନ ଗଲା ମୋହରି'... ପଦାବଳୀଟି କାହାର?
ଉ : ବନମାଳୀ ଦାସ ।

୧୭୯। 'ଜଗନ୍ନାଥ ହୋ କିଛି ମାଗୁନାହିଁ ତୋତେ'... କାହାର ପଦାବଳୀ ?
ଉ : ବନମାଳୀ ଦାସ ।

୧୮୦। 'ଶ୍ୟାମ ନାଗର ହେ । ଏ ବେଶ ହୋଇବ ନାହିଁ...
ଏ ବେଶ ହୋଇଲେ ପାଷାଣ ତରଳେ ଯୁବତୀ ବଞ୍ଚିବେ କାହିଁ...' ଏ ପଦଟି କାହାର ରଚନା ?
ଉ : ବନମାଳୀ ଦାସ ।

୧୮୧। "ତୋ ଲାଗି ଗୋପଦାଣ୍ଡ ମନାରେ କାଳିଆ ସୁନା" କାହାର ରଚନା ?
ଉ : ବନମାଳୀ ଦାସ ।

୧୮୨। 'ଚାଟ ଇଚ୍ଛାବତୀ' କାହାର ରଚନା ?
ଉ : ବନମାଳୀ ଦାସ ।

୧୮୩। 'ସୁଚିତ୍ର ରାମାୟଣ' ଓ 'ଚାଟ ଇଚ୍ଛାବତୀ'ର ରଚୟିତା ଏକ କି ?
ଉ : ନାହିଁ ।

୧୮୪। 'ରାମକୃଷ୍ଣ କେଳି କଲ୍ଲୋଳ'ର ରଚୟିତା କିଏ ?
ଉ : ତ୍ରିପୁରାରୀ ଦାସ ।

୧୮୫। ଅଭିମନ୍ୟୁ ସାମନ୍ତସିଂହାରଙ୍କ ଗୁରୁ କିଏ ?
ଉ : କବିସୂର୍ଯ୍ୟ ସଦାନନ୍ଦ ।

୧୮୬। 'ବାଘଗୀତ' ଓ 'ଚଢ଼େଇଗୀତ'ଅଭିମନ୍ୟୁ କେଉଁ ସମୟରେ ରଚନା କରିଥିଲେ ?
ଉ : କିଶୋର ବୟସରେ ।

୧୮୭। ପ୍ରେମ ଚିନ୍ତାମଣି କାବ୍ୟର ରଚୟିତା କିଏ ଓ ଏହା କେତେ ଛାନ୍ଦ ବିଶିଷ୍ଟ ?
ଉ : ଅଭିମନ୍ୟୁ ସାମନ୍ତସିଂହାର, ୬୮ ।

୧୮୮। 'ପ୍ରେମକଳା' ଅଭିମନ୍ୟୁଙ୍କ କେଉଁ ଧରଣର ରଚନା ?
ଉ : କାଞ୍ଚନିକ ।

୧୮୯। 'ରସବତୀ' ଓ 'ସୁଲକ୍ଷଣା'ର ରଚୟିତା କିଏ ?
ଉ : ଅଭିମନ୍ୟୁ ସାମନ୍ତସିଂହାର ।

୧୯୦। ଅଭିମନ୍ୟୁ ସାମନ୍ତସିଂହାରଙ୍କର ସର୍ବଶ୍ରେଷ୍ଠ କୃତିଟି କ'ଣ ?
ଉ : ବିଦଗ୍ଧ ଚିନ୍ତାମଣି ।

୧୯୧। ବିଦଗ୍ଧ ଚିନ୍ତାମଣି କାବ୍ୟଟିକୁ କବି କେତେ ଛାନ୍ଦରେ ସମାପ୍ତ କରିବାକୁ ଚାହିଁଥିଲେ ?
ଉ : ୧୦୮ ।

୧୯୨। ବିଦଗ୍ଧ ଚିନ୍ତାମଣି କାବ୍ୟର ଛାନ୍ଦ ସଂଖ୍ୟା କେତେ ?
ଉ : ୯୬ ।

୧୯୩। 'ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧା ହରି' କେଉଁ କାବ୍ୟର ଆରମ୍ଭରେ ରଚିତ ?
ଉ : ବିଦଗ୍ଧ ଚିନ୍ତାମଣି ।

୧୯୪। ବିଦଗ୍ଧ ଚିନ୍ତାମଣିର ଆଦ୍ୟସ୍ତୁତି କ'ଣ ?
ଉ : ଅପ୍ରାକୃତ ପ୍ରେମମୂର୍ତ୍ତି ଜୟ ରାଧା-ହରି ।

୧୯୫। ବିଦଗ୍ଧ ଚିନ୍ତାମଣିର ନାୟକ ଓ ନାୟିକା କିଏ ?
ଉ : ଶ୍ରୀକୃଷ୍ଣ ଓ ଶ୍ରୀରାଧା ।

୧୯୬। ବିଦଗ୍ଧ ଚିନ୍ତାମଣି କାବ୍ୟର ପ୍ରତିନାୟିକା କିଏ ?
ଉ : ଚନ୍ଦ୍ରାବଳୀ ।

୧୯୭। ବିଦଗ୍ଧ ଚିନ୍ତାମଣି କାହାର ଅନୁସରଣରେ ରଚିତ ହୋଇଥିବା ଜଣାଯାଏ ?
ଉ : ରୂପ ଗୋସ୍ୱାମୀଙ୍କ ବିଦଗ୍ଧ ମାଧବ ନାଟକ ।

୧୯୮। ବିଦଗ୍ଧ ଚିନ୍ତାମଣିର କେଉଁ ଛାନ୍ଦରେ କୃଷ୍ଣ ଓ ଚନ୍ଦ୍ରାବଳୀ ସମ୍ଭୋଗ କଥା ବର୍ଣ୍ଣିତ ?
ଉ : ୨୧ ଛାନ୍ଦ ।

୧୯୯। ବିଦଗ୍ଧ ଚିନ୍ତାମଣିର ପ୍ରଥମ ଛାନ୍ଦ କେଉଁ ନିୟମରେ ରଚିତ ?
ଉ : ପଞ୍ଚାଶତ ବର୍ଣ୍ଣ ନିୟମ ।

୨୦୦। ବିଦଗ୍ଧ ଚିନ୍ତାମଣି'ର କେଉଁ ଛାନ୍ଦ କଚଟତପ ବର୍ଣ୍ଣ ନିୟମରେ ରଚିତ ?
ଉ : ୧୭ ଛାନ୍ଦ ।

୨୦୧। 'ଯମକାଦି ଚିତ୍ରକାବ୍ୟ ପ୍ରବନ୍ଧ ପ୍ରବନ୍ଧେ' କେଉଁ ଛାନ୍ଦରେ ରଚିତ ?
ଉ : ୧୨ ଛାନ୍ଦ ।

Scanned with CamScanner

୨୦୨ । ‘ଓଷ୍ଠଧ୍ୱଶାନନ ହେ ମାଗୁଛି ପଦ ଧରି
ଓ କରିବି ଆଲୋ ଦାସୀ, ଡାକିଲେ କିଶୋରୀ ଯେ” କେଉଁ ଛାନ୍ଦରେ ବର୍ଣ୍ଣିତ?
ଉ: ୧ମ ଛାନ୍ଦ ।

୨୦୩ । ‘ବିଦଗ୍ଧ ଚିନ୍ତାମଣି କାବ୍ୟ’ କେତୋଟି ପାଖରେ ରଚିତ ଓ କ’ଣ କ’ଣ?
ଉ : ୪ଟି । ଦ୍ରାକ୍ଷା ଓ ଗୁଡ଼, ଖର୍ଜୁର, ନାରିକେଳ ।

୨୦୪ । ‘ଅନଳ ନୁହଁଇ ଦେହ ଦହଇ’ କେଉଁ ଛାନ୍ଦରେ ରଚିତ ?
ଉ : ୩୯ ଛାନ୍ଦ ।

୨୦୫ । “ବଡ଼ କଠିଣ ସେ ପ୍ରୀତି ପାଳିବା
ତୀକ୍ଷ୍ଣ ଅସୀଧାରେ ବାଟ ଚାଲିବା” କେଉଁ ଛାନ୍ଦରେ ରଚିତ ?
ଉ : ୩୯ ।

୨୦୬ । ‘ଧୀର ଘେନ କାନନରେ କୃଷ୍ଣ ବିଳମ୍ବିତ’ କେଉଁ ଛାନ୍ଦରେ ରଚିତ?
ଉ : ୬୭ ।

୨୦୭ । “ରସିକ ଗ୍ରାହକ ବିନା ଜଗତେ
କବି ଶ୍ରମେକ ଜାଣିବ ଯୁକତେ
କୋଟି କବି ଆୟୁ ଘେନି ପ୍ରଶସ୍ତେ
ଗୋଟିଏ ଗ୍ରାହକ ଥିବେକି ସୁସ୍ଥେ’ କେଉଁ ଛାନ୍ଦରେ ବର୍ଣ୍ଣିତ ?
ଉ : ୬୮ ।

୨୦୮ । ବିଦଗ୍ଧ ଚିନ୍ତାମଣି କାବ୍ୟର ଶୁଦ୍ଧ ସଙ୍କଳନ କେବେ ଓ କିଏ କରିଥିଲେ?
ଉ : ୧୯୨୬, ଆର୍ତ୍ତବଲ୍ଲଭ ମହାନ୍ତି ।

୨୦୯ । ନୀଳାମ୍ବର ଦାସଙ୍କଦ୍ୱାରା ରଚିତ ‘ପ୍ରସ୍ତାବ ଚିନ୍ତାମଣି’ କେଉଁ ଧରଣର ରଚନା?
ଉ : ଗଦ୍ୟ ।

୨୧୦ । ‘ପଦ୍ମାବତୀ ଅଭିଳାଷ’ କାବ୍ୟର ରଚୟିତା କିଏ ?
ଉ : ନିଶଙ୍କ ରାୟରାଣୀ ।

୨୧୧ । ହାଡ଼ିଦାସଙ୍କ କୌଳିକ ସଂଜ୍ଞା କ’ଣ ?
ଉ : ଓଝା ।

୨୧୨ । ‘ଶଙ୍ଖନାଭି’, ‘ଅନନ୍ତ ଗୋଇ’, ‘ଭାବନାବର’ର ରଚୟିତା କିଏ ?
ଉ : ହାଡ଼ି ଦାସ ।

୨୧୩ । ‘କ୍ଷେତ୍ର ମାହାତ୍ମ୍ୟ’ର ରଚୟିତା କିଏ ?
ଉ : ହାଡ଼ିଦାସ ।

୨୧୪ । ଆଶୁକବି ଭାବରେ କିଏ ପରିଚିତ ?
ଉ : ଯଦୁମଣି ମହାପାତ୍ର ।

୨୧୫ । ଯଦୁମଣି ମହାପାତ୍ର କେଉଁ ମନ୍ତ୍ର ସାଧନ କରିଥିଲେ ?
ଉ : ହୟଗ୍ରୀବ ମନ୍ତ୍ର ।

୨୧୬ । ‘ରାଘବ ବିଳାସ’ ଓ ‘ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର’ କାହାର ରଚନା ?
ଉ : ଯଦୁମଣି ମହାପାତ୍ର ।

୨୧୭ । ‘ରାଘବ ବିଳାସ’ କେତେ ଛାନ୍ଦ ବିଶିଷ୍ଟ ରଚନା ?
ଉ : ୫୨ ।

୨୧୮ । ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ରରେ କାହାର ବିବାହ ବର୍ଣ୍ଣିତ ?
ଉ : ଶ୍ରୀକୃଷ୍ଣ-ରୁକ୍ମିଣୀ ।

୨୧୯ । ଯଦୁମଣି ଗ୍ରନ୍ଥାବଳୀର ରଚୟିତା କିଏ ?
ଉ : ଚକ୍ରଧର ମହାପାତ୍ର ।

୨୨୦ । କବି କଳହଂସ ଭାବରେ କେଉଁ କବି ପରିଚିତ ?
ଉ : ଗୋପାଳକୃଷ୍ଣ ପଟ୍ଟନାୟକ ।

୧୭୬ । 'ଉଚ୍ଚାଙ୍ଗ ମୂଲ୍ୟବୋଧ' କେଉଁ ବାଦର ବୈଶିଷ୍ଟ୍ୟ ?

ଉ : କ୍ଲାସିସିଜିମ୍ ।

୧୭୭ । ନିଓ କ୍ଲାସିସିଜିମ୍ର ଅର୍ଥ କ'ଣ ?

ଉ : କ୍ଲାସିକ୍ ଦୃଷ୍ଟିକୋଣ ସହିତ ନବଜାଗରଣର ପ୍ରଭାବକୁ ଆଧାର କରି ଯେଉଁ ପରିବର୍ତ୍ତିତ ସାହିତ୍ୟ ସୃଷ୍ଟି ହେଲା, ତାହାକୁ ନିଓ କ୍ଲାସିସିଜିମ୍ ସାହିତ୍ୟ କୁହାଯାଏ । ରୋମାନ୍ ଓ ଗ୍ରୀକ୍ କଳାଶୈଳୀ ସହିତ ଇଉରୋପର ନବଜାଗରଣର ପ୍ରଭାବର ସମନ୍ୱୟରେ ନୂତନ ସାହିତ୍ୟ ସୃଷ୍ଟି ହେଲା ।

Scanned with CamScanner

୧୭୮ । 'Art should be cerebel, not Sensual' – ଏହା କେଉଁ ବାଦ ପାଇଁ କୁହାଯାଇଛି ?
ଉ : Neo Classicism

୧୭୯ । Neo Classicismର ଦୁଇଟି ବୈଶିଷ୍ଟ୍ୟ ଲେଖ ?
ଉ : ବ୍ୟଙ୍ଗ ଓ ଅଲୌକିକତା ।

୧୮୦ । 'Lyrical ballads' କିଏ ଓ କେବେ ଲେଖିଛନ୍ତି ?
ଉ : ଉଇଲିୟମ୍ ୱାର୍ଡ୍‌ସ୍‌ୱାର୍ଥ । ୧୭୯୮

୧୮୧ । 'Return to Nature' କାହାର ଉକ୍ତି ?
ଉ : ରଷୋ ।

୧୮୨ । ଲାଟିନ୍ ଭାଷାରେ ରୋମାନ୍ସର ଅର୍ଥ କ'ଣ ?
ଉ : କଳ୍ପନା ପ୍ରସୂତ କାର୍ଯ୍ୟ ।

୧୮୩ । 'Reneaissance of Wonder' କିଏ, କାହାକୁ କହିଥିଲେ ?
ଉ : Watts Dantun, Romanticism ।

୧୮୪ । "Romnticism for me the most recent, the most upto date expression of the beautiful" କାହାର ଉକ୍ତି ?
ଉ : ବଦ୍‌ଲେୟାର ।

୧୮୫ । ରୋମାଣ୍ଟିସିଜିମ୍‌ର ତିନୋଟି ବୈଶିଷ୍ଟ୍ୟ ଲେଖ ?
ଉ : କଳ୍ପନାପ୍ରବଣତା, ପ୍ରକୃତି ଉପାସନା ଓ ଅତୀତ ପ୍ରତି ଆଗ୍ରହ ।

୧୮୬ । ସ୍ଥିତିବାଦୀ ଚେତନାର ଦୁଇ ଜଣ ଦାର୍ଶନିକଙ୍କର ନାମ ଲେଖ ?
ଉ : ସାର୍ତ୍ରେ, କାମ୍ୟୁ ।

୧୮୭ । "Human Life is Self Resignation" କିଏ କହିଥିଲେ ?
ଉ : କିର୍‌କେ ଗାର୍ଡ୍ ।

୧୮୮ । One must imagine sisyphus happy କିଏ କହିଛନ୍ତି ?
ଉ : ଆଲବର୍ଟ କାମ୍ୟୁ ।

୧୮୯ । ପାରାନେସିଆନ୍ ଆନ୍ଦୋଳନ କେଉଁଠି ହୋଇଥିଲା ?
ଉ : ଫ୍ରାନ୍ସ ।

୧୯୦ । କେଉଁ ଶବ୍ଦରୁ Symbolର ସୃଷ୍ଟି ?
ଉ : Symbolum

୧୯୧ । ପ୍ରତୀକ କେତେ ପ୍ରକାର ଓ କ'ଣ ?
ଉ : ୨ ପ୍ରକାର । ଲୋକାଚାରିକ ପ୍ରତୀକ ଓ ବ୍ୟକ୍ତିଗତ ପ୍ରତୀକ ।

୧୯୨ । 'Symbolist manifesto – କାହାର ରଚନା ?
ଉ : ଜାଁ ମୋରେସ୍ ।

୧୯୩ । ପ୍ରତୀକବାଦ କେଉଁ ରାଷ୍ଟ୍ରରୁ ସୃଷ୍ଟ ?
ଉ : ଫ୍ରାନ୍ସ ।

୧୯୪ । 'A Poem should not mean but be' – କିଏ କହିଥିଲେ ?
ଉ : I. A. Richards.

୧୯୫ । ମିଥ୍ ଶବ୍ଦର ଗଠନରୀତିଟି କ'ଣ ?
ଉ : Mythos ଓ Logous ଦୁଇଶବ୍ଦର ସମନ୍ୱୟରେ ଗଠିତ ।

୧୯୬ । 'ମଥୁରାରେ ପ୍ରାଣ ନାହିଁ, ଅନେକ ମୃତହୃଦୟ ତିନିବାଙ୍କ କୁଜାମନ ଅଶ୍ଳୀଳ ଦେହ ଓ ପ୍ରାଣ' – ଏହା କେଉଁପ୍ରକାର କବିତା ?
ଉ : ମିଥ୍‌ଧର୍ମୀ କବିତା ।

୧୯୭ । 'ଜିଇଁବାଟା ବୋଧହୁଏ ଜୀବନରେ ସବୁଠାରୁ ସତ
ତା'ଠାରୁ ବି ସତବୋଧେ ଆଦର୍ଶର ହତ୍ୟା
ଆଉ ବିବେକର ମୃତ୍ୟୁର କାହାଣୀ' – ଏହି କବିତାରେ କେଉଁ ଚେତନାର ପ୍ରୟୋଗ ଘଟିଛି ?
ଉ : ସ୍ଥିତିବାଦୀ ଚେତନା ।

୧୯୮ । 'ଚାଲ୍ ଚାଲ୍ ଆଗେ ଚାଲ୍,
ସର୍ବହରାର ଉଡ଼େ ନିଶାଣ୍' – ଏଥିରେ କେଉଁ ଚେତନାର ପ୍ରୟୋଗ ହୋଇଛି ?
ଉ : ସାମ୍ୟବାଦୀ ଚେତନା ।

●

Scanned with CamScanner

ଆଧୁନିକ ଗୀତିକବିତା

୧ । ଓଡ଼ିଆ ସାହିତ୍ୟରେ ପ୍ରଥମ ଶୋକକବିତା (Elegy) କିଏ ରଚନା କରିଛନ୍ତି?
ଉ : ମଧୁସୂଦନ ରାଓ ।

୨ । ମଧୁସୂଦନ ରାଓଙ୍କ ଶୋକଗୀତିକାଗୁଡ଼ିକର ନାମ ଲେଖ ।
ଉ : ପରଲୋକଗତା ସୁଲକ୍ଷଣା ଦେବୀ, ଶୋକଲହରୀ, ରାଧାନାଥ ବିୟୋଗେ, ଦେବାତ୍ମା ପ୍ୟାରିମୋହନ ଆଚାର୍ଯ୍ୟ ।

୩ । ସୁବ୍ରଳଦେବ ଓ ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ଶୋକରେ ରଚିତ ମଧୁସୂଦନ ରାଓଙ୍କ ଗୀତର ନାମ କ'ଣ?
ଉ : ଶୋକଲହରୀ, ଶୋକଶ୍ଳୋକ ।

୪ । 'ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ' କିଏ ଓ କାହା ପାଇଁ ଲେଖିଛନ୍ତି?
ଉ : ଫକୀର ମୋହନ ସେନାପତି, ପତ୍ନୀ କୃଷ୍ଣକୁମାରୀଙ୍କ ପାଇଁ ।

୫ । 'ମୃତ ଶିଶୁପୁତ୍ର ମନମୋହନ' କାହାର ରଚନା?
ଉ : ଫକୀର ମୋହନ ସେନାପତି ।

୬ । ଶୋକସପ୍ତକ, ବିଷାଦବଂଶୀ, ଶୋକସଙ୍ଗୀତ କାହାର ରଚନା?
ଉ : ଚିନ୍ତାମଣି ମହାନ୍ତି ।

୭ । 'ବିପତ୍ନୀକର ଅନୁଶୋଚନା' କାହାର ଶୋକକବିତା?
ଉ : ନନ୍ଦକିଶୋର ବଳ ।

୮ । ଗୋଦାବରୀଶ ମିଶ୍ରଙ୍କ ଶୋକକବିତାଗୁଡ଼ିକର ନାମ ଲେଖ ।
ଉ : ନିମିଷକ ଦେଖା, ହୋଇଥାନ୍ତ, ଥାଅବାବୁ, ଔଷଧଧାର, ଭଗ୍ନୀ ।

୯ । ପଲାସୀ ଅବସାନେ, ଚଷାଭାଇ ଶୋକର କବି କିଏ?
ଉ : ହରେକୃଷ୍ଣ ମହତାବ ।

୧୦ । ଗୋପବନ୍ଧୁଙ୍କ ମୃତ୍ୟୁରେ ମାୟାଧର ମାନସିଂହଙ୍କଦ୍ୱାରା ରଚିତ କବିତାର ନାମ କ'ଣ?
ଉ : ଗୋପପ୍ରୟାଣ ।

୧୧ । 'ପ୍ରାଣର ବାପୁଜୀ' କବିତା କି ପ୍ରକାର କବିତା?
ଉ : ଶୋକକବିତା, ମାୟାଧର ମାନସିଂହ ।

୧୨ । ଆଧୁନିକ ଗାଥା କବିତାର ସଫଳ ସ୍ରଷ୍ଟା କିଏ?
ଉ : ଫକୀର ମୋହନ ସେନାପତି ।

୧୩ । ଫକୀର ମୋହନଙ୍କ ଗାଥାକବିତାଗୁଡ଼ିକର ନାମ ଲେଖ ।
ଉ : ତାରାବାଈ, ଯୋଷେଫାଇନ୍, ବେଣୀସଂହାର, କ୍ଲିଓପେଟ୍ରା, ଜଗାଇ ମାଧୋଇ, ସତୀ ଲୁକ୍ରେସିଆ, ଚନ୍ଦ୍ରପ୍ରଭାର ନିର୍ଜଳା ଏକାଦଶୀ ।

୧୪ । ନନ୍ଦକିଶୋର ବଳଙ୍କ ଗାଥାକବିତାଗୁଡ଼ିକର ନାମ ଲେଖ ।
ଉ : ଏକଲବ୍ୟ, ଗୌତମ, କିସାଗୌତମୀ, ତଅପୋଇ, ସୀତାରାମ ।

୧୫ । କୁନ୍ତଳା କୁମାରୀ ସାବତଙ୍କ ଗାଥା କବିତାର ନାମ ଲେଖ ।
ଉ : ଓଡ଼ିଆଙ୍କ କାନ୍ଦଣା ।

୧୬ । ଓଡ଼ିଆ ସାହିତ୍ୟର ପ୍ରଥମ ଗୀତିକବିତା ସଙ୍କଳନ କ'ଣ?
ଉ : ଆଲେଖିକା, ଗୋଦାବରୀଶ ମିଶ୍ର ।

୧୭ । 'କିସ୍‌ସା ଗୌତମୀ' ଗାଥା କବିତା କିଏ ରଚନା କରିଛନ୍ତି?
ଉ : ବୈକୁଣ୍ଠନାଥ ପଟ୍ଟନାୟକ ।

୧୮ । ରାଧାମୋହନ ଗଡ଼ନାୟକଙ୍କ ଗାଥା କବିତା ସଙ୍କଳନର ନାମ କ'ଣ?
ଉ : ଉତ୍କଳିକା ।

୧୯ । ବୀରରାଣୀ ଶୁକଦେଈ, ବାଇମୁଣ୍ଡି ବଡ଼େଇପିଲା, ଚାଖିଖୁଣ୍ଟିଆ ଆଦି ଗାଥା କବିତାର କବି କିଏ ?
ଉ : ରାଧାମୋହନ ଗଡ଼ନାୟକ ।

୨୦ । ଓଡ଼ିଆ ସାହିତ୍ୟରେ ପ୍ରଥମ ସମ୍ବୋଧନଗୀତ କିଏ ରଚନା କରିଥିଲେ?
ଉ : ମଧୁସୂଦନ ରାଓ ।

୨୧ । ମଧୁରାଓଙ୍କ ସମ୍ବୋଧନଗୀତର ନାମ ଲେଖ?
ଉ : ନଦୀପ୍ରତି, ଆକାଶପ୍ରତି, ପୃଥିବୀପ୍ରତି, ପଦ୍ମ, ଉତ୍କଳ ଜନନୀପ୍ରତି, ଜୀବନଚିନ୍ତା, କୌଣସି ପରଲୋକବାସିନୀ ପ୍ରତି, କୌଣସି ମାନବୀୟ ବନ୍ଧୁ ପ୍ରତି ।

୨୨ । କାକ ବାରତା, କୋକିଳପ୍ରତି, ସିନ୍ଧୁପ୍ରତିର କବି କିଏ ?
ଉ : ନନ୍ଦକିଶୋର ବଳ ।

୨୩ । ଭାର୍ଗବୀ ପ୍ରତି କି ପ୍ରକାର କବିତା?
ଉ : ସମ୍ବୋଧନଗୀତିକା, ଗୋପବନ୍ଧୁ ଦାସ ।

Scanned with CamScanner

୨୪ । ‘ଧଉଳି ପାହାଡ଼’ ସମ୍ବୋଧନ କବିତାର କବି କିଏ ?
ଉ : ପଦ୍ମଚରଣ ପଟ୍ଟନାୟକ ।

୨୫ । ମାୟାଧର ମାନସିଂହଙ୍କ ଦୁଇଟି ସମ୍ବୋଧନଗୀତିକାର ନାମ ଲେଖ ?
ଉ : ଇରାନୀ କିଶୋରୀ, ଦକ୍ଷିଣାପ୍ରତି ।

୨୬ । ଯାତ୍ରାସଙ୍ଗୀତ, ବର୍ଷାବରଣ, ଜନନୀ, ବୁଦ୍ଧବନ୍ଦନାର କବି କିଏ ?
ଉ : ଏସବୁ ସମ୍ବୋଦନ କବିତାର କବି ବୈକୁଣ୍ଠନାଥ ପଟ୍ଟନାୟକ ।

୨୭ । କୁନ୍ତଳାକୁମାରୀଙ୍କ ସମ୍ବୋଧନଗୀତିକାଗୁଡ଼ିକର ନାମ ଲେଖ ।
ଉ : ଶେଫାଳୀ ପ୍ରତି, ଚନ୍ଦ୍ର ପ୍ରତି, କାମିନୀ ପ୍ରତି, କମଳ ପ୍ରତି, ତାରା ପ୍ରତି, ସହକାର ପ୍ରତି ।

୨୮ । ରାଧାମୋହନ ଗଡ଼ନାୟକଙ୍କ ସମ୍ବୋଧନଗୀତିକାର ନାମ ଲେଖ ।
ଉ : ଅୟୀପୃଥ୍ୱୀ, କୌଣସି ଜଳଚର ପକ୍ଷୀ ପ୍ରତି ।

୨୯ । କୁନ୍ତଳା କୁମାରୀଙ୍କ ସମ୍ବୋଧନଗୀତିକାଧର୍ମୀ ସଙ୍କଳନର ନାମ କ’ଣ ?
ଉ : ଉଚ୍ଛ୍ୱାସ ।

୩୦ । ଓଡ଼ିଆ ସାହିତ୍ୟର ପ୍ରଥମ ସମ୍ବୋଧନ କବିତାମୂଳକ ସଙ୍କଳନର ନାମ କ’ଣ ?
ଉ : ଉଚ୍ଛ୍ୱାସ ।

୩୧ । ଚତୁର୍ଦ୍ଦଶପଦୀ କବିତାର ପ୍ରଚଳନ କିଏ ଓଡ଼ିଆ ସାହିତ୍ୟରେ କରିଛନ୍ତି ?
ଉ : ମଧୁସୂଦନ ରାଓ ।

୩୨ । ‘ପତିତା ରମଣୀ’ କବିତା କେଉଁ ସଂକଳନରେ ରହିଛି ?
ଉ : ବସନ୍ତଗାଥା, ମଧୁରାଓ ।

୩୩ । ମାୟାଧର ମାନସିଂହଙ୍କ ସନେଟ୍ ସଙ୍କଳନଗୁଡ଼ିକ କ’ଣ ?
ଉ : ହେମପୁଷ୍ପ, ଅକ୍ଷତ, କୂଶ ।

୩୪ । କୁଞ୍ଜବିହାରୀ ଦାଶଙ୍କ ସନେଟ୍ ସଙ୍କଳନର ନାମ କ’ଣ ?
ଉ : ପ୍ରଭାତୀ ।

୩୫ । ଓଡ଼ିଆ ସାହିତ୍ୟର ପ୍ରତମ ବ୍ୟଙ୍ଗକାବ୍ୟର ନାମ ଲେଖ ?
ଉ : ଦରବାର, ରାଧାନାଥ ରାୟ, ୧୮୯୨ ।

୩୬ । ‘ଫିଉଚର ସାହେବ’ ବ୍ୟଙ୍ଗ କବିତା କିଏ ରଚନା କରିଥିଲେ ?
ଉ : ଗୋବିନ୍ଦ ରଥ ।

୩୭ । ସଚ୍ଚିଦାନନ୍ଦ ରାଉତରାୟଙ୍କ ‘ହସନ୍ତ’ କି ପ୍ରକାର କବିତା ?
ଉ : ବ୍ୟଙ୍ଗ ଓ ହାସ୍ୟାତ୍ମକ କବିତା ।

୩୮ । ‘ଭଣ୍ଡ ରସାୟନ କାବ୍ୟ’, ‘ସାବାସ ସାହିତ୍ୟଚର୍ଚ୍ଚା ସାବାସ ସାବାସ’ କିଏ ରଚନା କରିଥିଲେ ?
ଉ : ମଧୁରାଓ ।

୩୯ । ବ୍ୟଙ୍ଗ ସାହିତ୍ୟକୁ ପ୍ରୋତ୍ସାହିତ କରୁଥିବା ପତ୍ରିକାଗୁଡ଼ିକର ନାମ ଲେଖ ?
ଉ :
୧. ରସଚକ୍ର – ସଂ. ପ୍ରତାପସେନ, କଟକ-୧୯୩୩ ।
୨. ଡଗର – ସଂ. ଲକ୍ଷ୍ମୀକାନ୍ତ ମହାପାତ୍ର - ୧୯୩୭ ।
୩. ନିଆଁଖୁଣ୍ଟା – ସଂ. ଗୋଦାବରୀଶ ମହାପାତ୍ର ।

•

ପତ୍ରପତ୍ରିକା

୧ । ପ୍ରଥମ ହାତଲେଖା ଓଡ଼ିଆ ପତ୍ରିକାର ନାମ କ'ଣ ?
ଉ : କୁଜୀବର ।

୨ । 'କୁଜୀବର' ପତ୍ରିକାର ସମୟ କେତେ ଓ ସମ୍ପାଦକ କିଏ ?
ଉ : ୧୮୨୮, ସାଧୁସୁନ୍ଦର ଦାସ ।

୩ । କୁଜୀବର ପତ୍ରିକା କେଉଁଠାରୁ ପ୍ରକାଶ ପାଇଥିଲା ?
ଉ : ଚୌଦ୍ୱାରର କୁଜୀବର ମଠରୁ ।

୪ । ପ୍ରଥମ ଛପା ଓଡ଼ିଆ ପତ୍ରିକା କ'ଣ ? ଏହାର ସମୟ କେତେ ?
ଉ : ଜ୍ଞାନାରୁଣ, ୧୮୪୯ ।

୫ । ଜ୍ଞାନାରୁଣ ପତ୍ରିକାର ସମ୍ପାଦକ କିଏ ?
ଉ : W. C. Lacey

୬ । 'ଜ୍ଞାନାରୁଣ' ପ୍ରଥମେ କେଉଁ ଉଦ୍ଦେଶ୍ୟ ନେଇ ପ୍ରକାଶ ପାଇଥିଲା ?
ଉ : ଖ୍ରୀଷ୍ଟଧର୍ମ ପ୍ରଚାର ।

୭ । 'ପ୍ରବୋଧ ଚନ୍ଦ୍ରିକା'ର ସମ୍ପାଦକ ଓ ସମୟ କେତେ ?
ଉ : W.C. Lacey, ୧୮୫୬

୮ । 'ଭର୍ଣ୍ଣାକୁଲାର ଲିଟ୍ରେଚର ସୋସାଇଟି' ପକ୍ଷରୁ କେଉଁ ପତ୍ରିକା ପ୍ରକାଶ ପାଇଥିଲା ?
ଉ : ଅରୁଣୋଦୟ ।

୯ । 'ଜ୍ଞାନାରୁଣ', 'ପ୍ରବୋଧ ଚନ୍ଦ୍ରିକା' ଓ 'ଅରୁଣୋଦୟ' କେଉଁ ପ୍ରେସ୍‌ରୁ ପ୍ରକାଶିତ ?
ଉ : ମିଶନ ପ୍ରେସ୍ ।

୧୦ । ଓଡ଼ିଶାର ପ୍ରଥମ ସମ୍ବାଦପତ୍ରର ନାମ କ'ଣ ?
ଉ : ଉତ୍କଳ ଦୀପିକା ।

୧୧ । 'ଉତ୍କଳଦୀପିକା'ର ପ୍ରକାଶିତ ସମୟ କେତେ ?
ଉ : ୪ ଅଗଷ୍ଟ, ୧୮୬୬ ।

୧୨ । 'ଉତ୍କଳ ଦୀପିକା' ପ୍ରଥମେ କେଉଁ ପ୍ରଣାଳୀରେ ପ୍ରକାଶିତ ହୋଇଥିଲା ?
ଉ : ଲିଥୋ (ପଥରରେ କାଳି ବୋଳି)

୧୩ । 'ଉତ୍କଳଦୀପିକା' ପ୍ରଥମେ କେତେ ଦିନରେ ଥରେ ପ୍ରକାଶ ପାଉଥିଲା ?
ଉ : ୭ ଦିନରେ ।

୧୪ । 'ଉତ୍କଳଦୀପିକା'ର ସମ୍ପାଦକ କିଏ ?
ଉ : ଗୌରୀଶଙ୍କର ରାୟ ।

୧୫ । 'ଉତ୍କଳଦୀପିକା' କେତେ ମସିହାରେ କଟକ ପ୍ରିଣ୍ଟିଂ କମ୍ପାନୀରୁ ପ୍ରକାଶିତ ହେଲା ?
ଉ : ୧୮୬୭ ।

୧୬ । 'ବାଲେଶ୍ୱର ସମ୍ବାଦ ବାହିକା' ଓ 'ବୋଧଦାୟିନୀ' ପତ୍ରିକା କେତେ ମସିହାରେ ପ୍ରକାଶିତ ଓ ଏହାର ସମ୍ପାଦକ କିଏ ?
ଉ : ୧୮୬୮, ଗୋବିନ୍ଦ ଚନ୍ଦ୍ର ପଟ୍ଟନାୟକ ଓ ଫକୀର ମୋହନ ।

୧୭ । ଫକୀର ମୋହନଙ୍କ ଅପ୍ରକାଶିତ 'ଲଛମନିଆ' ଗଳ୍ପ କେଉଁ ପତ୍ରିକାରେ ପ୍ରକାଶ ପାଉଥିଲା ?
ଉ : ବୋଧଦାୟିନୀ (୧୮୬୮) ।

୧୮ । 'ଉତ୍କଳ ହିତୈଷିଣୀ'ର ପ୍ରକାଶକାଳ କେତେ ?
ଉ : ୧୮୬୯ ।

୧୯ । 'ଉତ୍କଳ ହିତୈଷିଣୀ' କେଉଁ ପ୍ରେସ୍‌ରୁ ପ୍ରକାଶିତ ?
ଉ : କଟକ ହିତୈଷିଣୀ ପ୍ରେସ୍ ।

୨୦ । 'ଉତ୍କଳ ହିତୈଷିଣୀ'ର ସମ୍ପାଦକ କିଏ ?
ଉ : କାଳୀପଦ ବନ୍ଦୋପାଧ୍ୟାୟ ।

୨୧ । 'ଉତ୍କଳ ପୁତ୍ର'ର ପ୍ରକାଶକାଳ ଓ ସମ୍ପାଦକ କିଏ ?
ଉ : ୧୮୭୩, ପ୍ୟାରୀମୋହନ ଆଚାର୍ଯ୍ୟ ।

୨୨ । ଓଡ଼ିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା କ'ଣ ?
ଉ : ଉତ୍କଳ ଦର୍ପଣ ।

୨୩ । 'ଉତ୍କଳ ଦର୍ପଣ' କେବେ ଓ କେଉଁଠାରୁ ପ୍ରକାଶିତ ?
ଉ : ୧୮୭୩, ବାଲେଶ୍ୱର ।

Scanned with CamScanner

୨୪ । 'ଉତ୍କଳ ଦର୍ପଣ' ପ୍ରଥମେ କେତେ ଦିନରେ ପ୍ରକାଶିତ ହେଉଥିଲା ?
ଉ : ଏକ ମାସରେ ।

୨୫ । 'ଉତ୍କଳ ଦର୍ପଣ' କେତେ ମସିହାରେ ମାସିକ ଓ ପାକ୍ଷିକ ହେଲା ?
ଉ : ୧୮୭୭, ୧୮୭୯ ।

୨୬ । 'ଉତ୍କଳ ଦର୍ପଣ'ର ବିଲୟ କେବେ ଘଟିଲା ?
ଉ : ୧୮୮୦ ।

୨୭ । 'ଉତ୍କଳ ଦର୍ପଣ' କେଉଁ ପ୍ରେସ୍‌ରୁ ପ୍ରକାଶିତ ?
ଉ : ଦେ ପ୍ରେସ୍ ।

୨୮ । 'ଉତ୍କଳ ଦର୍ପଣ'ରେ ପ୍ରଥମ ବର୍ଷ କେଉଁ ପ୍ରବନ୍ଧ ପ୍ରକାଶିତ ହେଲା ?
ଉ : ରାଧାନାଥ ରାୟଙ୍କ 'ବିବେକୀ' ।

୨୯ । 'ବିଦେଶୀ' ପତ୍ରିକାର ସମୟ ଓ ସମ୍ପାଦକ କିଏ ?
ଉ : ୧୮୭୩, ଦୀନନାଥ ବନ୍ଦୋପାଧ୍ୟାୟ ।

୩୦ । 'ଶିକ୍ଷା ଓ ଧର୍ମବୋଧିନୀ' ପତ୍ରିକାର ସମୟ ଓ ସମ୍ପାଦକ କିଏ ?
ଉ : ୧୮୭୩, ମଧୁସୂଦନ ରାଓ ।

୩୧ । ଓଡ଼ିଶାର ଦ୍ୱିତୀୟ ସାହିତ୍ୟ ପତ୍ରିକା କ'ଣ ?
ଉ : ଉତ୍କଳ ମଧୁପ ।

୩୨ । 'ଉତ୍କଳ ମଧୁପ' କେଉଁ ପ୍ରେସ୍‌ରୁ ଓ କେବେ ପ୍ରକାଶ ପାଇଲା ?
ଉ : ଉତ୍କଳ ପ୍ରିଣ୍ଟିଂ କମ୍ପାନୀ, କଟକ, ୧୮୭୮ ।

୩୩ । 'ଉତ୍କଳ ମଧୁପ'ର ସମ୍ପାଦକ କିଏ ?
ଉ : କୃଷ୍ଣମୋହନ ପଟ୍ଟନାୟକ ।

୩୪ । 'ଉତ୍କଳ ମଧୁପ'ରେ ରାମଶଙ୍କରଙ୍କ କେଉଁ ଉପନ୍ୟାସ ପ୍ରକାଶ ପାଇଥିଲା ?
ଉ : ସୌଦାମିନୀ ।

୩୫ । 'ଓଡ଼ିଶା ଗେଜେଟ'ର ପ୍ରକାଶକାଳ କେତେ ?
ଉ : ୧୮୭୯ ।

୩୬ । 'କୋହିନୂର' ପତ୍ରିକାର ପ୍ରକାଶକାଳ କେତେ ?
ଉ : ୧୮୮୦ ।

୩୭ । 'ଦୋଭାଷିକ' ପତ୍ରିକାର ପ୍ରକାଶକାଳ କେତେ ?
ଉ : ୧୮୮୧ ।

୩୮ । 'ପ୍ରଜାବନ୍ଧୁ'ର ପ୍ରକାଶକାଳ କେତେ ?
ଉ : ୧୮୮୨ ।

୩୯ । 'ସେବକ'ର ପ୍ରକାଶକାଳ କେତେ ?
ଉ : ୧୮୮୩ ।

୪୦ । 'ପ୍ରଦୀପ' ପତ୍ରିକାର ସମୟ ଓ ସମ୍ପାଦକ କିଏ ?
ଉ : ୧୮୮୫, ଶରତ ଚନ୍ଦ୍ର ମୁଖାର୍ଜୀ ।

୪୧ । 'ଆଶା' ପତ୍ରିକାର ପ୍ରଥମ ସମ୍ପାଦକ କିଏ ଓ ସମୟ କେତେ ?
ଉ : ଶଶୀଭୂଷଣ ରଥ, ୧୮୮୬ ।

୪୨ । 'ଶିକ୍ଷାବନ୍ଧୁ'ର ସମ୍ପାଦକ ଓ ସମୟ କେତେ ?
ଉ : ମଧୁସୂଦନ ରାଓ, ୧୮୮୬ ।

୪୩ । 'ସାମ୍ୟବାଦୀ' ପତ୍ରିକାର ସମ୍ପାଦକ କିଏ ?
ଉ : ଲଳିତ ମୋହନ ଚକ୍ରବର୍ତ୍ତୀ (୧୮୮୬)

୪୪ । ଓଡ଼ିଶାର ପ୍ରଥମ ଇଂରାଜୀ ପତ୍ରିକା କ'ଣ ?
ଉ : Odisha Student

୪୫ । "Odisha Student'ର ସମ୍ପାଦକ ଓ ସମୟ କେତେ ?
ଉ : ଲକ୍ଷ୍ମୀନାରାୟଣ ଦାସଗୁପ୍ତ, ୧୮୮୬ ।

୪୬ । 'ନବସମ୍ବାଦ'ର ସମ୍ପାଦକ ଓ ସମୟ କେତେ ?
ଉ : ଭୂପତିନାଥବସୁ, ୧୮୮୭, ସାଧୁଚରଣ ରାୟ ।

୪୭ । 'ନବସମ୍ବାଦ' କେଉଁ ଧର୍ମକୁ ପ୍ରଚାର କରୁଥିଲା ?
ଉ : ବ୍ରାହ୍ମଧର୍ମ ।

୪୮ । କେଉଁ ପତ୍ରିକାର ଶୀର୍ଷରେ 'ସତ୍ୟମେବ ଜୟତେ' ଲେଖାଯାଉଥିଲା ?
ଉ : ନବସମ୍ବାଦ ।

୪୯ । 'ଓଡ଼ିଶା ଓ ନବସମ୍ବାଦ'ର ପ୍ରକାଶକାଳ କେତେ ?
ଉ : ୧୮୮୮ ।

୫୦ । 'ସମ୍ବଲପୁର ହିତୈଷିଣୀ'ର ସମୟ ଓ ସମ୍ପାଦକ କିଏ ?
ଉ : ୧୮୮୯, ନୀଳମଣି ବିଦ୍ୟାରତ୍ନ ।

୫୧ । 'ସମ୍ବଲପୁର ହିତୈଷିଣୀ' କେଉଁ ପ୍ରେସରୁ ପ୍ରକାଶ ପାଇଥିଲା ?
ଉ : ଜଗନ୍ନାଥ ବଲ୍ଲଭ ପ୍ରେସ୍, ବାମଣ୍ଡା ।

୫୨ । 'ଉତ୍କଳ ପ୍ରଭା'ର ପ୍ରକାଶକାଳ କେତେ ?
ଉ : ୧୮୯୧ ।

୫୩ । 'ଉତ୍କଳ ପ୍ରଭା' କେଉଁ ପ୍ରେସ୍‌ରୁ ପ୍ରକାଶିତ ହେଉଥିଲା ?
ଉ : ରାଜପ୍ରେସ, ମୟୂରଭଞ୍ଜର ବାରିପଦା ।

Scanned with CamScanner

୫୪ । 'ଉତ୍କଳପ୍ରଭା'ର ସମ୍ପାଦକ କିଏ ?
ଉ : ଚୈତନ୍ୟ ପ୍ରସାଦ ରାୟ, ଗୋବିନ୍ଦ ଚନ୍ଦ୍ର ଓ ରାଜେଶ୍ୱର ମହାପାତ୍ର ।

୫୫ । 'ଓଡ଼ିଶା' ପତ୍ରିକାର ଅନ୍ୟ ନାମ କ'ଣ ?
ଉ : ଜଗନ୍ନାଥ ପତ୍ରିକା ।

୫୬ । 'ଭକ୍ତି ପ୍ରଦାୟିନୀ'ର ପ୍ରକାଶକାଳ କେତେ ?
ଉ : ୧୮୭୪ ।

୫୭ । 'ଇନ୍ଦ୍ରଧନୁ' ଓ 'ବିଜୁଳି' କେତେ ମସିହାରେ ପ୍ରକାଶିତ ?
ଉ : ୧୮୯୩ ।

୫୮ । 'ଇନ୍ଦ୍ରଧନୁ' କାହାର ପୃଷ୍ଠପୋଷକତା କରୁଥିଲା ?
ଉ : ଉପେନ୍ଦ୍ର ଭଞ୍ଜ ।

୫୯ । 'ବିଜୁଳି' କାହାର ପୃଷ୍ଠପୋଷକତା କରୁଥିଲା ?
ଉ : ରାଧାନାଥ ରାୟ ।

୬୦ । 'ଇନ୍ଦ୍ରଧନୁ'ର ସମ୍ପାଦକ କିଏ ?
ଉ : ଗୌରୀଶଙ୍କର ରାୟ ।

୬୧ । 'ବିଜୁଳି' ପତ୍ରିକାର ସମ୍ପାଦକ କିଏ ?
ଉ : ଦାଶରଥି ରାଉତ ।

୬୨ । 'ଇନ୍ଦ୍ରଧନୁ' କେଉଁଠାରୁ ପ୍ରକାଶିତ ?
ଉ : କଟକ ।

୬୩ । 'ବିଜୁଳି' କେଉଁଠାରୁ ପ୍ରକାଶିତ ?
ଉ : ବାମଣ୍ଡା ।

୬୪ । 'ଉତ୍କଳ ଚିକିତ୍ସକ' ପତ୍ରିକାର ସମୟ ଓ ସମ୍ପାଦକ କିଏ ?
ଉ : ୧୮୯୪, ରାମକୃଷ୍ଣ ସାହୁ ।

୬୫ । 'ଉତ୍କଳବନ୍ଧୁ' ପତ୍ରିକାର ସମ୍ପାଦକ କିଏ ?
ଉ : ବ୍ରଜବନ୍ଧୁ ମିଶ୍ର, ୧୮୯୬ ।

୬୬ । 'ଉତ୍କଳ ସାହିତ୍ୟ'ର ପ୍ରକାଶକାଳ କେତେ ?
ଉ : ୧୮୯୭ ।

୬୭ । 'ଉତ୍କଳ ସାହିତ୍ୟ'ର ସମ୍ପାଦକ କିଏ ?
ଉ : ବିଶ୍ୱନାଥ କର ।

୬୮ । 'ଉତ୍କଳ ସାହିତ୍ୟ' କେଉଁ ପ୍ରେସ୍‌ରୁ ପ୍ରକାଶିତ ?
ଉ : ରାୟ ପ୍ରେସ୍, କଟକ ।

୬୯ । 'ଉତ୍କଳ ସାହିତ୍ୟ'ରେ ଫକୀର ମୋହନଙ୍କ କେଉଁ ଉପନ୍ୟାସଟି ପ୍ରଥମେ ପ୍ରକାଶ ପାଇଥିଲା ?
ଉ : ଛ'ମାଣ ଆଠଗୁଣ୍ଠ ।

୭୦ । 'ରେବତୀର' କେଉଁ ପତ୍ରିକାରେ ପ୍ରକାଶିତ ?
ଉ : ଉତ୍କଳ ସାହିତ୍ୟ, ୨ୟ ବର୍ଷ ୧୦ମ ସଂଖ୍ୟା ।

୭୧ । 'ଆଲୋଚନା' ପତ୍ରିକାର ପ୍ରକାଶକାଳ କେତେ ?
ଉ : ୧୯୦୦ ।

୭୨ । 'ମୁକୁର' କେବେ ଓ କେଉଁଠାରୁ ପ୍ରକାଶିତ ?
ଉ : ୧୯୦୬, କଟକ ।

୭୩ । 'ମୁକୁର' ପତ୍ରିକାର ସମ୍ପାଦକ କିଏ ?
ଉ : ବ୍ରଜସୁନ୍ଦର ଦାସ ।

୭୪ । 'ମୋ ନିଶ' ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶିତ ?
ଉ : ମୁକୁର ।

୭୫ । 'ସତ୍ୟବାଦୀ' ପତ୍ରିକାର ସମ୍ପାଦକ ଓ ପ୍ରକାଶକାଳ କେତେ ?
ଉ : ଗୋପବନ୍ଧୁ ଦାସ, ୧୯୧୪/୧୫ ।

୭୬ । 'ସତ୍ୟବାଦୀ' ପତ୍ରିକା ପ୍ରଥମେ କେଉଁଠାରୁ ପ୍ରକାଶ ପାଇଥିଲା ?
ଉ : ଆଶାପ୍ରେସ୍, ବ୍ରହ୍ମପୁର, ୧୯୦୯ ।

୭୭ । 'ସମାଜ' କେବେ ପ୍ରକାଶିତ ଓ ଏହାର ସମ୍ପାଦକ କିଏ ?
ଉ : ୧୯୧୯, ଗୋପବନ୍ଧୁ ଦାସ ।

୭୮ । 'ସହକାର' ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ ?
ଉ : ୧୯୧୯, ଲକ୍ଷ୍ମୀନାରାୟଣ ସାହୁ ଓ ବାଳକୃଷ୍ଣ କର ।

୭୯ । 'ମାଟିର ମଣିଷ' ଉପନ୍ୟାସ କେଉଁ ପତ୍ରିକାରେ ପ୍ରକାଶିତ ?
ଉ : ସହକାର ।

୮୦ । 'ଅବକାଶ' ପତ୍ରିକାର ପ୍ରକାଶକାଳ କେତେ ?
ଉ : ୧୯୨୧ ।

୮୧ । 'ପ୍ରଜାତନ୍ତ୍ର' ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ ?
ଉ : ୧୯୨୩, ହରେକୃଷ୍ଣ ମହତାବ ।

୮୨ । 'ବାରୁଣୀ' ପତ୍ରିକାର ପ୍ରକାଶକାଳ କେତେ ?
ଉ : ୧୯୨୬ ।

Scanned with CamScanner

୮୩ । ‘ଆରତୀ’ ପତ୍ରିକାର ପ୍ରକାଶକାଳ କେତେ ? ସମ୍ପାଦକ କିଏ ?
ଉ : ୧୯୩୦, ସଚ୍ଚିରାଉତରାୟ ।

୮୪ । ‘ଯୁଗବୀଣା’ ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ ?
ଉ : ୧୯୩୩, ହରିହର ମହାପାତ୍ର ।

୮୫ । ‘ନବଭାରତ’ର ପ୍ରକାଶକାଳ ଓ ସମ୍ପାଦକ କିଏ ?
ଉ : ୧୯୩୪, ନୀଳକଣ୍ଠ ଦାସ ।

୮୬ । ‘ଓଡ଼ିଶାର ପତ୍ରିକା ରାଜ୍ୟରେ ଯୁଗାନ୍ତର ନବଯୁଗର ନବବାର୍ତ୍ତା ବହନ କରି ‘ଆସୁଅଛି ଆଧୁନିକ’– ଏହି ଉକ୍ତିଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?
ଉ : ନବଭାରତ ।

୮୭ । ‘ନବୀନ ଯୁଗର ତରୁଣ ଜାଗରେ, ଜାଗ ବନ୍ଧନ-ହରା’ ଏହାକୁ କେଉଁ ପତ୍ରିକାର ପ୍ରାରମ୍ଭିକ ଅଧିବେଶନରେ ଅନନ୍ତ ପଟ୍ଟନାୟକ ଗାନ କରିଥିଲେ ?
ଉ : ଆଧୁନିକ ।

୮୮ । ଆଧୁନିକ ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ ?
ଉ : ୧୯୩୬, ଭଗବତୀ ଚରଣ ପାଣିଗ୍ରାହୀ ।

୮୯ । ‘ଆଧୁନିକ’ ପତ୍ରିକାଟି କେଉଁ ସାହିତ୍ୟ ସଂସଦର ମୁଖପତ୍ର ?
ଉ : ନବଯୁଗ ସାହିତ୍ୟ ସଂସଦ ।

୯୦ । ‘ଡଗର’ ପତ୍ରିକାର ସମ୍ପାଦକ ଓ ସମୟ କେତେ ?
ଉ : ଲକ୍ଷ୍ମୀକାନ୍ତ ମହାପାତ୍ର, ୧୯୩୬ ।

୯୧ । ‘ଶଙ୍ଖ’ ପତ୍ରିକା କାହା ସମ୍ପାଦନାରେ ପ୍ରକାଶିତ ?
ଉ : ମାୟାଧର ମାନସିଂହ ।

୯୨ । ‘ଶଙ୍ଖ’ ପତ୍ରିକା କେଉଁଠାରୁ ପ୍ରକାଶିତ ?
ଉ : ବାମଣ୍ଡା ।

୯୩ । ‘କୋଶଳ କଳା ମଣ୍ଡଳ’ର ମୁଖପତ୍ର ରୂପେ କେଉଁ ପତ୍ରିକା ପ୍ରକାଶିତ ?
ଉ : ଚତୁରଙ୍ଗ ।

୯୪ । ‘ଚତୁରଙ୍ଗ’ର ପ୍ରକାଶକାଳ ଓ ସମ୍ପାଦକ କିଏ ?
ଉ : ୧୯୪୬, ରାଜେନ୍ଦ୍ର ନାରାୟଣ ସିଂହଦେବ ।

୯୫ । ‘ବୀଣା’ର ପ୍ରକାଶକାଳ କେତେ ?
ଉ : ୧୯୪୬ ।

୯୬ । ‘ଝଙ୍କାର’ ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ୧୯୪୯, ହରେକୃଷ୍ଣ ମହତାବ ।

୯୭ । ପ୍ରଥମ ପ୍ରବାସୀ ଓଡ଼ିଆ ପତ୍ରିକାର ନାମ କ’ଣ ?
ଉ : ଆସନ୍ତାକାଲି ।

୯୮ । ‘ଆସନ୍ତାକାଲି କେଉଁଠାରୁ ଓ କେବେ ପ୍ରକାଶିତ ?
ଉ : କଲିକତା, ୧୯୫୦ ।

୯୯ । ‘ଆସନ୍ତାକାଲି’ର ସମ୍ପାଦକ କିଏ ?
ଉ : ଯଦୁମଣି ପରିଜା ।

୧୦୦ । ‘ମାତୃଭୂମି’ ପତ୍ରିକାର ସମ୍ପାଦକ କିଏ ଓ ସମୟ କେତେ ?
ଉ : ବିଚିତ୍ରାନନ୍ଦ କର, ୧୯୫୧ ।

୧୦୧ । ଓଡ଼ିଆ ସାହିତ୍ୟ ଏକାଡେମୀ’ର ମୁଖପତ୍ର କ’ଣ ?
ଉ : କୋଣାର୍କ ।

୧୦୨ । ‘କୋଣାର୍କ’ ପତ୍ରିକାର ପ୍ରକାଶକାଳ କେତେ ?
ଉ : ୧୯୫୮ ।

୧୦୩ । ‘କୋଣାର୍କ କେତେ ମାସରେ ଥରେ ପ୍ରକାଶିତ ?
ଉ : ୩ ମାସରେ ।

୧୦୪ । ‘ସ୍ୱର୍ଣ୍ଣରେଣୁ’ ପତ୍ରିକାର ସମ୍ପାଦକ କିଏ ?
ଉ : ପଦ୍ମଚରଣ ପଟ୍ଟନାୟକ ।

୧୦୫ । ‘ନବରବି’ କେଉଁଠାରୁ ଓ କେବେ ପ୍ରକାଶିତ ?
ଉ : ୧୯୭୦, କଲିକତା ।

୧୦୬ । ‘ନବରବି’ର ସମ୍ପାଦକ କିଏ ?
ଉ : ରବୀନ୍ଦ୍ର ପରିଡ଼ା ।

୧୦୭ । ‘ପୌରୁଷ’ ପତ୍ରିକାର ସମୟ ଓ ସମ୍ପାଦକ କିଏ ?
ଉ : ୧୯୬୩, ଜାନକୀବଲ୍ଲଭ ପଟ୍ଟନାୟକ ।

୧୦୮ । ‘ମାନସ’ ପତ୍ରିକାର ସମୟ ଓ ସମ୍ପାଦକ କିଏ ?
ଉ : ୧୯୭୨, କୃଷ୍ଣପ୍ରସାଦ ମିଶ୍ର ।

୧୦୯ । ‘ସପ୍ତର୍ଷି’ ପତ୍ରିକାର ସମୟ ଓ ସମ୍ପାଦକ କିଏ ?
ଉ : ୧୯୭୨, ଭୁବନେଶ୍ୱର ବେହେରା ।

୧୧୦ । ‘ଦିଗନ୍ତ’ ପତ୍ରିକାର ସମୟ ଓ ସମ୍ପାଦକ କିଏ ?
ଉ : ୧୯୭୨, ମନୋଜ ଦାସ ।

୧୧୧ । ‘ଇସ୍ତାହାର’ ପତ୍ରିକାର ସମ୍ପାଦକ ଓ ସମୟ କେତେ ?
ଉ : ନିତ୍ୟାନନ୍ଦ ଶତପଥୀ, ୧୯୭୫ ।

Scanned with CamScanner

୧୧୨ । 'ସପ୍ତର୍ଷି' କେଉଁ ବିଶ୍ୱବିଦ୍ୟାଳୟରୁ ପ୍ରକାଶିତ ?
ଉ : ସମ୍ବଲପୁର ବିଶ୍ୱବିଦ୍ୟାଳୟ ।

୧୧୩ । 'ସମାବେଶ' ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ ?
ଉ : ୧୯୭୫, ଜଗଦୀଶ ପାଣି ।

୧୧୪ । 'କଳିଙ୍ଗ ମେଲ୍'ର ସମ୍ପାଦକ ଓ ସମୟ କେତେ ?
ଉ : ଶିବାନନ୍ଦ ରାୟ, ୧୯୭୫ ।

୧୧୫ । 'ଧରିତ୍ରୀ'ର ପ୍ରକାଶକାଳ ଓ ସମ୍ପାଦକ କିଏ ?
ଉ : ୧୯୭୫, ତଥାଗତ ଶତପଥୀ ।

୧୧୬ । 'ଅଧୁନା' ପତ୍ରିକାର ସମ୍ପାଦକ କିଏ ?
ଉ : ରଘୁନାଥ ମହାପାତ୍ର, ୧୯୭୯ ।

୧୧୭ । 'ଓଡ଼ିଆ ଗବେଷଣା ପରିଷଦ'ର ମୁଖପତ୍ର ରୂପେ କେଉଁ ପତ୍ରିକା ପ୍ରକାଶିତ ?
ଉ : ଏଷଣା ।

୧୧୮ । 'ଏଷଣା'ର ସମୟ ଓ ସମ୍ପାଦକ କିଏ ?
ଉ : ୧୯୮୦, ଲାବଣ୍ୟ ନାୟକ ।

୧୧୯ । 'ଗୋକର୍ଣ୍ଣିକା'ର ସମ୍ପାଦକ ଓ ସମୟ କେତେ ?
ଉ : ରମାକାନ୍ତ ଜେନା, ୧୯୮୨ ।

୧୨୦ । 'ନବଲିପି'ର ସମ୍ପାଦକ କିଏ ?
ଉ : ନୃସିଂହ ପ୍ରସାଦ ତ୍ରିପାଠୀ ।

୧୨୧ । 'ପ୍ରତିବେଶୀ' ପତ୍ରିକାର ସମ୍ପାଦକ କିଏ ?
ଉ : ଦୁର୍ଗାମାଧବ ମିଶ୍ର ।

୧୨୨ । 'ସମ୍ବାଦ'ର ସମ୍ପାଦକ ଓ କେବେଠୁ ପ୍ରକାଶ ପାଉଛି ?
ଉ : ସୌମ୍ୟରଂଜନ ପଟ୍ଟନାୟକ, ୧୯୮୪ ।

୧୨୩ । 'କଥା' ପତ୍ରିକାର ସମୟ ଓ ସମ୍ପାଦକ କିଏ ?
ଉ : ୧୯୮୭, ସୌମ୍ୟରଞ୍ଜନ ପଟ୍ଟନାୟକ ।

୧୨୪ । ପ୍ରଥମ ଦୈନିକ ସମ୍ବାଦପତ୍ରର ନାମ କ'ଣ ?
ଉ : ଦୈନିକ ଆଶା ।

୧୨୫ । 'ଦୈନିକ ଆଶା'ର ସମ୍ପାଦକ ଓ ପ୍ରକାଶକାଳ କେତେ ?
ଉ : ଶଶିଭୂଷଣ ରଥ, ୧୯୨୮ ।

୧୨୬ । ପ୍ରଥମ ନାରୀ ପତ୍ରିକା କ'ଣ ?
ଉ : ଆଶା ।

୧୨୭ । 'ଆଶା'ର ପ୍ରକାଶକାଳ ଓ ସମ୍ପାଦକ କିଏ ?
ଉ : ୧୮୯୨, ରେବା ରାୟ ।

୧୨୮ । ପ୍ରଥମ ଶିଶୁ ପତ୍ରିକାର ନାମ କ'ଣ ?
ଉ : ପ୍ରଭାତ ।

୧୨୯ । 'ପ୍ରଭାତ'ର ସମ୍ପାଦକ ଓ ସମୟ କେତେ ?
ଉ : ରେବା ରାୟ, ୧୯୦୯ ।

୧୩୦ । ପଞ୍ଚାମୃତ ଶିଶୁ ପତ୍ରିକାର ପ୍ରକାଶକାଳ କେତେ ?
ଉ : ୧୯୨୦ ।

୧୩୧ । ଜହ୍ନମାମୁ ଶିଶୁ ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ବାଳକୃଷ୍ଣ କର, ୧୯୩୨ ।

୧୩୨ । ସଂସାର ଶିଶୁ ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ୧୯୫୧, ରାମକୃଷ୍ଣ ନନ୍ଦ ।

୧୩୩ । ଶିଶୁ ସମ୍ପଦ ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ୧୯୫୪, ବିନୋଦ କାନୁନ୍‌ଗୋ ।

୧୩୪ । ମୀନାବଜାର ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ୧୯୫୬, ରାମପ୍ରସାଦ ମହାନ୍ତି ।

୧୩୫ । ଟୁଆଁଟୁଇଁ ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ୧୯୫୭, ଗୋଦାବରୀଶ ମହାପାତ୍ର ।

୧୩୬ । ଫୁଲ ଟାଙ୍ଗୁଡ଼ି ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ୧୯୫୮, ବିଚିତ୍ରାନନ୍ଦ କର ।

୧୩୭ । କିଶୋର ଶିଶୁ ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ୧୯୬୪, କାହ୍ନୁଚରଣ ପଟ୍ଟନାୟକ ।

୧୩୮ । ଶିଶୁଲେଖା ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ୧୯୭୧, ଅନନ୍ତ ପଟ୍ଟନାୟକ ।

୧୩୯ । ଟୁଉକୁମୁଷି ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ୧୯୭୨, ବୀରେନ୍ଦ୍ର କୁମାର ସାମନ୍ତରାୟ ।

୧୪୦ । ଆ ଜହ୍ନମାମୁ ସରଗଶଶୀ ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ବିଶ୍ୱଜିତ ସାହୁ, ୧୯୭୨ ।

୧୪୧ । ପାରିଜାତ ଶିଶୁ ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ ?
ଉ : ୧୯୭୩, ଗୁରୁପ୍ରସାଦ ମହାନ୍ତି ।

Scanned with CamScanner

୧୪୨ । 'ଟକା ଟକା ଭଉଁରୀ' ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ?

ଉ : ୧୯୭୭, ରାହାସ ରାୟ ।

୧୪୩ । 'ବିଜ୍ଞାନପ୍ରଭା' ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ?

ଉ : ୧୯୭୭, ଗୋକୁଳାନନ୍ଦ ମହାପାତ୍ର ।

୧୪୪ । 'ବାଘମାମୁଁ' ଶିଶୁ ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ?

ଉ : ୧୯୭୭, ଶଶୀଭୂଷଣ ରଥ ।

୧୪୫ । 'ମୋତିମାଣିକ' ଶିଶୁ ପତ୍ରିକାର ପ୍ରକାଶକାଳ କେତେ ଓ ସମ୍ପାଦକ କିଏ?

ଉ : ୧୯୭୮, ନିତ୍ୟାନନ୍ଦ ଶତପଥୀ ।

୧୪୬ । 'ଧୋରେ ବାୟା ଧୋ' ଶିଶୁ ପତ୍ରିକାର ପ୍ରକାଶକାଳ କେତେ ଏବଂ ଏହାର ସମ୍ପାଦକ କିଏ?

ଉ : ୧୯୭୮, ପ୍ରସନ୍ନ ମିଶ୍ର ।

୧୪୭ । 'ଇଟିକିଲି ମିଟିକିଲି' ଶିଶୁ ପତ୍ରିକାର ପ୍ରକାଶକାଳ କେତେ ଏବଂ ଏହାର ସମ୍ପାଦକ କିଏ?

ଉ : ୧୯୭୮, ଗିରୀଶ ଚନ୍ଦ୍ର ପଟ୍ଟନାୟକ ।

୧୪୮ । 'ଜହ୍ନରାଇଜ' ଶିଶୁ ପତ୍ରିକାର ପ୍ରକାଶକାଳ କେତେ ଓ ଏହାର ସମ୍ପାଦକ କିଏ?

ଉ : ୧୯୨୯, ବସନ୍ତ ପାଲ ।

୧୪୯ । 'ପରୀ ରାଇଜ' ଶିଶୁ ପତ୍ରିକାର ପ୍ରକାଶକାଳ କେତେ ଓ ଏହାର ସମ୍ପାଦକ କିଏ?

ଉ : ୧୯୭୯, ବ୍ରଜବିହାରୀ ପାଣିଗ୍ରାହୀ ।

୧୫୦ । 'କୋକମୀନା' ଶିଶୁ ପତ୍ରିକାର ପ୍ରକାଶକାଳ ଓ ଏହାର ସମ୍ପାଦକ କିଏ?

ଉ : ୧୯୮୦, ସାତକଡ଼ି ହୋତା ।

୧୫୧ । 'ନନ୍ଦକାନନ' ଶିଶୁ ପତ୍ରିକାର ପ୍ରକାଶକାଳ ଓ ଏହାର ସମ୍ପାଦକ କିଏ?

ଉ : ୧୯୮୧, ଶକୁନ୍ତଳା ପଣ୍ଡା ।

୧୫୨ । ଫୁଲଚନ୍ଦନ ଶିଶୁ ପତ୍ରିକାର ପ୍ରକାଶକାଳ ଓ ଏହାର ସମ୍ପାଦକ କିଏ?

ଉ : ୧୯୮୧, ନୃସିଂହ ପ୍ରସାଦ ମହାନ୍ତି ।

୧୫୩ । 'ଲୋଟଣି ପାରା' ଶିଶୁ ପତ୍ରିକାର ପ୍ରକାଶକାଳ ଓ ଏହାର ସମ୍ପାଦକ କିଏ?

ଉ : ୧୯୮୨, ବାସୁଦେବ ମହାପାତ୍ର ।

୧୫୪ । 'ପୁଷି ମାଉସୀ' ଶିଶୁ ପତ୍ରିକାର ପ୍ରକାଶ କାଳ ଓ ଏହାର ସମ୍ପାଦକ କିଏ?

ଉ : ୧୯୮୨, ବୀରେନ୍ଦ୍ର ନାଥ ମହାନ୍ତି ।

୧୫୫ । 'ଟିକିତାରା' ଶିଶୁ ପତ୍ରିକାର ପ୍ରକାଶକାଳ ଓ ଏହାର ସମ୍ପାଦକ କିଏ?

ଉ : ୧୯୮୬, ସଦାଶିବ ମିଶ୍ର ।

୧୫୬ । 'ଝୁମୁକା' ଶିଶୁ ପତ୍ରିକାର ପ୍ରକାଶକାଳ ଓ ଏହାର ସମ୍ପାଦକ କିଏ?

ଉ : ୧୯୮୭, ମାନସ ରଞ୍ଜନ ସାମଲ ।

୧୫୭ । 'ଶିଶୁରେଖା' ଶିଶୁ ପତ୍ରିକାର ପ୍ରକାଶକାଳ ଓ ଏହାର ସମ୍ପାଦକ କିଏ?

ଉ : ୧୯୯୦, ହରେକୃଷ୍ଣ ଦାସ ।

୧୫୮ । 'ଶିଶୁ ସାରଥୀ' ଶିଶୁ ପତ୍ରିକାର ପ୍ରକାଶକାଳ ଓ ଏହାର ସମ୍ପାଦକ କିଏ?

ଉ : ୨୦୦୯, ଭାସ୍କର ଚନ୍ଦ୍ର ଦାସ ।

୧୫୯ । 'ଜନସୁଧା' ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ?

ଉ : ୧୯୯୮, ଦିଲୀପ କୁମାର ବେଉରା ।

୧୬୦ । 'ଲେଖାଲେଖି' ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ?

ଉ : ୨୦୦୪, ପ୍ରଦୀପ୍ତ କୁମାର ବେଉରା ।

୧୬୧ । 'ସମୟର ଶଙ୍ଖନାଦ', 'କାବ୍ୟାଲୋକ' ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ?

ଉ : ୧୯୯୬, ଭିକାରୀ ଧଳ ।

୧୬୨ । 'କାଦମ୍ବିନୀ' ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ?

ଉ : ୧୯୯୬, ଇତି ସାମନ୍ତ ।

୧୬୩ । 'ନନ୍ଦିକା' ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ?

ଉ : ୨୦୧୮, କ୍ଷୀରୋଦ ପରିଡ଼ା

୧୬୪ । 'ଗୋପବନ୍ଧୁଙ୍କ ସତ୍ୟବାଦୀ'ର ପ୍ରକାଶକାଳ ଓ ସମ୍ପାଦକ କିଏ?

ଉ : ୨୦୧୬, ନିରଂଜନ ରଥ ।

୧୬୫ । 'ପ୍ରତିବେଶୀ' ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ?

ଉ : ୧୯୮୨, ପୀତାମ୍ବର ବାରିକ ।

୧୬୬ । 'ଗୌରବ' ପତ୍ରିକାର ପ୍ରକାଶକାଳ ଓ ସମ୍ପାଦକ କିଏ?

ଉ : ୧୯୯୦, ଶଙ୍କର୍ଷଣ ଦାଶ ।

Scanned with CamScanner

ରଙ୍ଗମଞ୍ଚ

୧ । ଜଗନ୍ମୋହନ ଲାଲା କେବେ ଏବଂ କେଉଁ ରଙ୍ଗମଞ୍ଚ ଗଠନ କରିଥିଲେ ?
ଉ : ୧୮୭୫- ରାଧାକାନ୍ତ ରଙ୍ଗମଞ୍ଚ ।

୨ । ରାଧାକାନ୍ତ ରଙ୍ଗମଞ୍ଚରେ କେଉଁ ନାଟକ ଅଭିନୀତ ହୋଇଥିଲା ?
ଉ : ବାବାଜୀ ।

୩ । ରାଧାକାନ୍ତ ରଙ୍ଗମଞ୍ଚ କେଉଁଠାରେ ଅବସ୍ଥିତ ?
ଉ : କଟକର ମାହାଙ୍ଗା ।

୪ । କିଏ ରାମଶଙ୍କର ରାୟଙ୍କ ପ୍ରରୋଚନାରେ ନିଜ ଗ୍ରାମରେ ରଙ୍ଗମଞ୍ଚ ପ୍ରତିଷ୍ଠା କରିଥିଲେ ?
ଉ : କୋଠପଦା ଗ୍ରାମର ମହନ୍ତ ଦୈତାରୀ ରଘୁନାଥ ପୁରୀ ।

୫ । କୋଠପଦା ରଙ୍ଗମଞ୍ଚର ସ୍ଥାପନ ସମୟ କେତେ ଥିଲା ?
ଉ : ୧୮୮୫ ।

୬ । କୋଠପଦା ରଙ୍ଗମଞ୍ଚରେ କେଉଁ ନାଟକ ପ୍ରଥମେ ଅଭିନୀତ ହୋଇଥିଲା ?
ଉ : କାଞ୍ଚିକାବେରୀ ନାଟକ ।

୭ । 'ମ୍ୟାଗ୍ନେଟିକ୍ ଥିଏଟର'ର ପ୍ରତିଷ୍ଠାତା କିଏ ?
ଉ : ସତୀନ୍ଦ୍ର ଚନ୍ଦ୍ର ସରକାର ।

୮ । କଟକରେ ପ୍ରତିଷ୍ଠା ପାଇଥିବା ମ୍ୟାଗ୍ନେଟିକ୍ ଥିଏଟର କେତେ ମସିହାରେ ଗଢ଼ି ଉଠିଥିଲା ?
ଉ : ୧୮୯୪ ।

୯ । ପଦ୍ମନାଭ ରଙ୍ଗାଳୟର ପ୍ରତିଷ୍ଠାତା କିଏ ଏବଂ କେତେ ମସିହା ଥିଲା ?
ଉ : ପାରଳାଖେମୁଣ୍ଡିର ରାଜା ପଦ୍ମନାଭ ନାରାୟଣ ଦେବ-୧୮୯୭ ।

୧୦ । ବାସନ୍ତୀ ରଙ୍ଗମଞ୍ଚ ପ୍ରତିଷ୍ଠାତା କିଏ ଥିଲେ ?
ଉ : କୁଞ୍ଜବିହାରୀ ବୋଷ ।

୧୧ । 'ବାସନ୍ତୀ ରଙ୍ଗମଞ୍ଚ' କିଭଳି ରଙ୍ଗମଞ୍ଚ ଥିଲା ଓ ସମୟ କେତେ ?
ଉ : ସ୍ଥାୟୀ ରଙ୍ଗମଞ୍ଚ- ୧୯୧୦-୧୧ ।

୧୨ । 'ଉଷାପେଣ୍ଡାଲ/ମଞ୍ଚ'ର ପ୍ରତିଷ୍ଠାତା କିଏ ଥିଲେ ?
ଉ : ରଜନୀକାନ୍ତ ବିଶ୍ୱାସ (୧୯୧୩) ।

୧୩ । 'ଉଷା ମଞ୍ଚରେ' ପ୍ରଥମେ କେଉଁ ନାଟକ ଅଭିନୀତ ହୋଇଥିଲା ?
ଉ : ଭିକାରିଚରଣଙ୍କ ନନ୍ଦିକେଶ୍ୱରୀ ନାଟକ ।

୧୪ । ବଳଙ୍ଗା ଗ୍ରାମର ବନମାଳୀ ପତି କେଉଁ ଥିଏଟର ପ୍ରତିଷ୍ଠା କରିଥିଲେ ?
ଉ : ରାଧାକୃଷ୍ଣ ଥିଏଟର (୧୯୦୮) ।

୧୫ । ରାଧାକୃଷ୍ଣ ଥିଏଟରରେ କେଉଁ ନାଟକ ଅଭିନୀତ ହୋଇଥିଲା ?
ଉ : ଭୀଷ୍ମ ଓ ସେଓଜି, କୋଣାର୍କ ।

୧୬ । 'ସାରଥୀ ଥିଏଟର' କେଉଁଠାରେ ପ୍ରତିଷ୍ଠିତ ହୋଇଥିଲା ?
ଉ : ବ୍ରହ୍ମପୁର ।

୧୭ । 'ସାରଥୀ ଥିଏଟର' କେବେ ଏବଂ କିଏ ପ୍ରତିଷ୍ଠା କରିଥିଲେ ?
ଉ : ୧୯୩୫-ସାରଥୀ ସାହୁ ।

୧୮ । 'ଓଡ଼ିଶା ଥିଏଟିର'ର ପ୍ରତିଷ୍ଠାତା କିଏ ?
ଉ : କାଳୀଚରଣ ପଟ୍ଟନାୟକ(୧୯୩୯) ।

୧୯ । 'ଓଡ଼ିଶା ଥିଏଟର'ରେ କେଉଁ ନାଟକ ଅଭିନୀତ ହୋଇଥିଲା ।
ଉ : ଗାର୍ଲସ୍କୁଲ ।

୨୦ । 'ରୂପଶ୍ରୀ ଥିଏଟର' ର ପରିଚାଳନା ଦାୟିତ୍ୱ କିଏ ଥିଲେ ?
ଉ : ପ୍ରଥମେ ବିଜୟ କେତନ ମଙ୍ଗରାଜ ପରେ ଲକ୍ଷ୍ମୀଧର ନାୟକ ।

୨୧ । 'ଉତ୍କଳ ଥିଏଟର' କେଉଁଠାରେ ଓ କେବେ ସ୍ଥାପିତ ହୋଇଥିଲା ?
ଉ : ପୁରୀର ମରିଚକୋଟ ଗଳିଠାରେ- ୧୯୫୯ ।

୨୨ । ଏହାର ପ୍ରତିଷ୍ଠାତା କିଏ ଥିଲେ ?
ଉ : ଗୌରୀସୁନ୍ଦର ଦେବ ଗୋସ୍ୱାମୀ ।

୨୩ । 'ଜଗନ୍ନାଥ ଥିଏଟର' କାହାର ନାମାନୁସାରେ ପ୍ରତିଷ୍ଠା ହୋଇଥିଲା ?
ଉ : ଜଗନ୍ନାଥ ମହାନ୍ତି (୧୯୪୬) ।

୨୪ । ଦୁର୍ଗାମଣି ଥିଏଟର'ର ପ୍ରତିଷ୍ଠାତା କିଏ ଥିଲେ ?
ଉ : ଯୋଗୀନ୍ଦ୍ର ନାଥ ପଣ୍ଡା ।

୨୫ । ୧୯୪୩ରେ କେଉଁଠାରେ 'ନିଉ ଓଡ଼ିଶା ଥିଏଟର' ପ୍ରତିଷ୍ଠା କରାଯାଇଥିଲା ?
ଉ : ବାରିପଦା ।

Scanned with CamScanner

୨୬ । 'ନିଉ ଓଡ଼ିଶା ଥିଏଟର' ପ୍ରତିଷ୍ଠାତାଙ୍କ ନାମ କ'ଣ ?
ଉ : ହରିଶ ଚନ୍ଦ୍ର ଦାସ ।

୨୭ । 'କଳାଶ୍ରୀ ରଙ୍ଗମଞ୍ଚ' କେବେ ଓ କିଏ ପ୍ରତିଷ୍ଠା କରିଥିଲେ ?
ଉ : ୧୯୬୬ ଅଭିନେତା ନଟବର ସେଣ ।

୨୮ । 'ଉତ୍କଳ ଥିଏଟର' କେବେ ଓ କେଉଁଠି ସ୍ଥାପନ କରାଯାଇଥିଲା ?
ଉ : ୧୯୭୨- ବ୍ରହ୍ମପୁର ଠାରେ ।

୨୯ । 'ଉତ୍କଳ ଥିଏଟର' ପରିଚାଳକ କିଏ ଥିଲେ ?
ଉ : ଶ୍ରୀ ବିଜୟ ମିଶ୍ର ।

୩୦ । ଭୁବନେଶ୍ୱର ଠାରେ କେଉଁ ଥିଏଟର ଗଢ଼ି ଉଠିଥିଲା ?
ଉ : ଏକାମ୍ର ଥିଏଟର୍ସ (୧୯୬୬)

୩୧ । 'ଏକାମ୍ର ଥିଏଟର୍ସ' କିଏ ପ୍ରତିଷ୍ଠା କରିଥିଲେ ?
ଉ : ନାଟ୍ୟକାର କମଳଲୋଚନ ମହାନ୍ତି ।

୩୨ । ୧୮୯୮ରେ କଟକର ବିନୋଦ ବିହାରୀ ଠାରେ କେଉଁ ଥିଏଟର ପ୍ରତିଷ୍ଠା ହୋଇଥିଲା ?
ଉ : ବୀଣାପାଣି ଥିଏଟର- ଶ୍ୟାମସୁନ୍ଦର ଷାଠିଆ ।

୩୩ । କାଳିଚରଣଙ୍କ ରାସଦଳର ନାମ କ'ଣ ?
ଉ : ସାକ୍ଷୀଗୋପାଳ ନାଟ୍ୟ ସଂଘ ।

୩୪ । ଉଭଟ ଥିଏଟର'ର ପ୍ରଧାନ ପ୍ରବକ୍ତା କିଏ ?
ଉ : ଆଲବର୍ଟ କାମ୍ୟୁ ।

୩୫ । 'କାଫେ ଥିଏଟର' ଜନ୍ମଦାତା କିଏ ?
ଉ : ଡେରେକ୍ ଉଡ୍‌ୱାଡ୍ ।

୩୬ । 'ଥାର୍ଡ଼ ଥିଏଟର'ର ପ୍ରବର୍ତ୍ତକ କିଏ ?
ଉ : ବାଦଲ ସରକାର ।

୩୭ । 'ଶାନ୍ତି ଥିଏଟର' କିଏ ଗଢ଼ିଥିଲେ ?
ଉ : ଦାଶରଥି ପଟ୍ଟନାୟକ ।

୩୮ । ଏପିକ୍ ଥିଏଟର୍ ନାଟ୍ୟ ରୀତିର ପ୍ରବର୍ତ୍ତକ କିଏ ?
ଉ : ବରଟୋଲଟ୍ ବ୍ରେଖଟ୍ ।

୩୯ । ନାଟ୍ୟଶାସ୍ତ୍ରରେ ତ୍ରିଭୁଜାକୃତ ମଞ୍ଚକୁ କେଉଁ ନାମରେ ଉଲ୍ଲେଖ କରାଯାଇଛି ?
ଉ : ତ୍ର୍ୟସ୍ର ।

୪୦ । ସୃଜନୀ ନାଟ୍ୟସଂସ୍ଥା କେବେ ପ୍ରତିଷ୍ଠା ପାଇଥିଲା ?
ଉ : ୧୯୬୪ ।

୪୧ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ରୂପଶ୍ରୀ ଥିଏଟର	୧୯୪୬-୪୭
ଜନତା ରଙ୍ଗମଞ୍ଚ	୧୯୫୩
ରାଧାଗୋବିନ୍ଦ ଥିଏଟର	୧୮୯୬
ପଦ୍ମନାଭ ରଙ୍ଗମଞ୍ଚ	୧୮୯୮

୪୨ । ପ୍ରଥମ କରି କେଉଁ ନାଟ୍ୟକାର ରଙ୍ଗମଞ୍ଚରେ ନାରୀ ଭୂମିକାରେ, ନାରୀମାନଙ୍କୁ ଅବତୀର୍ଣ୍ଣ କରାଇଥିଲେ ?
ଉ : କାଳୀଚରଣ ପଟ୍ଟନାୟକ ।

୪୩ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
କଟକ ସର୍ଭେସ୍କୁଲ	କଟକ ବିଜୟ
ଭାରତୀ କ୍ଲବ	ଯୌତୁକ
ଉମାକାନ୍ତ ସମିତି	ରାଜା ପୁରୁଷୋତ୍ତମ ଦେବ
ପି. ଡବ୍ଲ୍ୟୁ. ଡି କ୍ଲବ	ପଦ୍ମଲୋଚନା

୪୪ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
କଳାପାହାଡ଼	କଲିକତା ଷ୍ଟାର, ରଙ୍ଗମଞ୍ଚ
କୋଣାର୍କ	ରାଧାକୃଷ୍ଣ ରଙ୍ଗମଞ୍ଚ
ଚଣ୍ଡାଳୁଣୀ	ଅନ୍ନପୂର୍ଣ୍ଣା 'ଏ'
ବାବାଜୀ	ରାଧାକାନ୍ତ ରଙ୍ଗମଞ୍ଚ

୪୫ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଶାଳଗାଁ ଥିଏଟର	୧୯୧୬
ଆମେଚର ଥିଏଟର	ମଧୁସୂଦନ(୧୮୮୭)
ଅନ୍ନପୂର୍ଣ୍ଣା 'ଏ' ଗ୍ରୁପ୍	ସୋମନାଥ ଦାସ
ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍	ଲିଙ୍ଗରାଜ ନନ୍ଦ

୪୬ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଜନତା ରଙ୍ଗମଞ୍ଚ	୧୯୫୩
ଓଡ଼ିଶା ଥିଏଟର୍ସ	୧୯୩୯
ଶାନ୍ତି ଥିଏଟର୍ସ	୧୯୪୫
ଜଗନ୍ନାଥ ଥିଏଟର୍ସ	୧୯୪୬

Scanned with CamScanner

ନାଟକ

୧ । 'ନାଟକ' ଶବ୍ଦଟି 'ନଟ୍' ଧାତୁରୁ ନିଷ୍ପନ୍ନ ହୋଇଛି । 'ନଟ୍'ର ଅର୍ଥ କ'ଣ ?

ଉ : ନୃତ୍ୟ ବା ନାଚ ।

୨ । ନାଟକ ଅନ୍ୟ କେଉଁ ନାମରେ ପ୍ରସିଦ୍ଧି ଲାଭ କରିଛି ?

ଉ : ମିଶ୍ରକଳା ଓ ପଞ୍ଚମ ବେଦ ।

୩ । ଉଭୟ ଶ୍ରବ୍ୟ ଓ ଦୃଶ୍ୟ କାବ୍ୟ ରୂପେ କାହାକୁ ଗ୍ରହଣ କରାଯାଏ ?

ଉ : ନାଟକକୁ ।

୪ । 'ନାଟ୍ୟଶାସ୍ତ୍ର'ର ପ୍ରଣେତା କିଏ ?

ଉ : ଭରତମୁନି ।

୫ । ସଂସ୍କୃତ ସାହିତ୍ୟର ସର୍ବଶ୍ରେଷ୍ଠ ନାଟ୍ୟକାର କିଏ ?

ଉ : କାଳିଦାସ ।

୬ । ରାଜଶେଖରଙ୍କ ରଚିତ ନାଟକର ନାମ କ'ଣ ?

ଉ : କର୍ପୂର ମଞ୍ଜରୀ ।

୭ । ସୁନୀତି କୁମାର ଚାଟାର୍ଜୀଙ୍କ ଦ୍ୱାରା ସଂକଳିତ ପୁସ୍ତକଟି କ'ଣ ?

ଉ : ଇଣ୍ଡିଆନ ଡ୍ରାମା ।

୮ । ନାଟକରେ ମଙ୍ଗଳାଚରଣର ନାମ କ'ଣ ?

ଉ : ନାନ୍ଦୀ ।

୯ । ନାଟକ, ନାଟ୍ୟକାର ଏବଂ ବିଷୟ ବସ୍ତୁ ସଂପର୍କରେ ସୂଚନା ପ୍ରଦାନ କରିବାକୁ କ'ଣ କୁହାଯାଏ ?

ଉ : ପ୍ରସ୍ତାବନା ।

୧୦ । ଆରମ୍ଭ, ପ୍ରଯତ୍ନ, ପ୍ରାପ୍ତ୍ୟାଶା, ନିୟତାପ୍ତି ଏବଂ ଫଳାଗମ ଏଗୁଡ଼ିକ ନାଟକର କ'ଣ ?

ଉ : ପଞ୍ଚ ଅବସ୍ଥା

୧୧ । ନାଟକର ପ୍ରଧାନ ବିଷୟ କ'ଣ ?

ଉ : ଦ୍ୱନ୍ଦ୍ୱ

୧୨ । ନାଟକରେ ଐକ୍ୟନୀତି କାହାକୁ କୁହାଯାଏ ?

ଉ : ଘଟଣା, ସ୍ଥାନ ଓ କାଳ ।

୧୩ । 'ଥିଓରୀ ଅଫ୍ ଡ୍ରାମା ପୁସ୍ତକର ସ୍ରଷ୍ଟା କିଏ ?

ଉ : ନିକୋଲ

୧୪ । ନୀଚପାତ୍ର ଦ୍ୱାରା ଅତୀତ ଓ ଘଟଣାବଳୀର ସୂଚନା ପ୍ରଦାନ କରାଗଲେ, ତାଙ୍କୁ କ'ଣ କୁହାଯାଏ ?

ଉ : ପ୍ରବେଶକ

୧୫ । ନାଟ୍ୟକାରମାନେ ଦୃଶ୍ୟକାବ୍ୟକୁ କେତେ ରୂପକରେ ବିଭକ୍ତ କରିଛନ୍ତି ?

ଉ : ୧୦

୧୬ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ପ୍ରକାଶ୍ୟ	expression
ସ୍ୱଗତୋକ୍ତି	Soliloquy
ଅପବାରିତ	disclosure
ଜନାନ୍ତିକେ	asside

୧୭ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଆରଭଟୀ	ବୃତ୍ତି
ଗର୍ଭସନ୍ଧି	ପଞ୍ଚସନ୍ଧି
ପତାକା	ପଞ୍ଚଅର୍ଥ ପ୍ରକୃତି
ସଟ୍ଟକ	ଉପରୂପକ

୧୮ । ନାଟକରେ ହାସ୍ୟରସ, ପରିବେଷଣକାରୀ ଚରିତ୍ର କିଏ ?

ଉ : ବିଦୂଷକ

୧୯ । ଅନ୍ୟପାତ୍ର ଠାରୁ ଗୋପନୀୟ ଭାବରେ ଏକ ପାତ୍ର ସହିତ ଅପର ପାତ୍ରର ବାର୍ତ୍ତାଳାପର ନାମ କ'ଣ ?

ଉ : ଜନାନ୍ତିକେ

୨୦ । ଭରତମୁନି ଅଭିନୟକୁ କେତେ ଭାଗରେ ବିଭକ୍ତ କରିଛନ୍ତି, ସେଗୁଡ଼ିକ କ'ଣ କ'ଣ ?

ଉ : ୪ (ଆହାର୍ଯ୍ୟ, ବାଚିକ, ଆଙ୍ଗିକ, ସାତ୍ତ୍ୱିକ) ।

Scanned with CamScanner

୨୧ । କଞ୍ଚୁକୀ କାହାକୁ କୁହାଯାଏ ?

ଉ : ବୃଦ୍ଧ ବ୍ରାହ୍ମଣ ।

୨୨ । ନୃତ୍ୟ କେତେ ପ୍ରକାର ?

ଉ : ୨ ।

୨୩ । 'ନାଟ୍ୟତତ୍ତ୍ୱ ମୀମାଂସା' ପୁସ୍ତକର ରଚୟିତା କିଏ ?

ଉ : ସାଧନ କୁମାର ଭଟ୍ଟାଚାର୍ଯ୍ୟ ।

୨୪ । ଗୀତିମୟତାରେ ଭରପୂର ନାଟକକୁ କ'ଣ କୁହାଯାଏ ?

ଉ : ମେଲୋ ଡ୍ରାମା ।

୨୫ । କଥାଂଶର ସୂଚନା ଯବନିକା ଅନ୍ତରାଳରେ ଥିବା ପାତ୍ର ଦ୍ୱାରା ଦିଆଗଲେ ତାହାକୁ କ'ଣ କୁହାଯାଏ ?

ଉ : ଚୂଳିକା ।

୨୬ । ନାଟକ ସାଧାରଣତଃ କେତେ ପ୍ରକାର ?

ଉ : ୨ ପ୍ରକାର

୨୭ । 'Sankrit Drama' ପୁସ୍ତକର ଲେଖକ କିଏ ?

ଉ : A.B. Keith ।

୨୮ । 'ଯବନିକା' ର ଅର୍ଥ କ'ଣ ?

ଉ : ପର୍ଦ୍ଦା ।

୨୯ । 'Home of puppet plays' ଗ୍ରନ୍ଥର ସ୍ରଷ୍ଟା କିଏ ?

ଉ : Pischel

୩୦ । 'ନାୟିକା' କେତେ ପ୍ରକାରର ?

ଉ : ୩ ।

୩୧ । କଥାକୁ ସଂକ୍ଷିପ୍ତ ଭାବେ ପ୍ରକାଶ କରୁଥିବା ଅଙ୍କର ନାମ କ'ଣ ?

ଉ : ବିଷ୍କମ୍ଭକ ।

୩୨ । ନାଟକର ସର୍ବୋଚ୍ଚ ପ୍ରହର, ଯେତେବେଳେ ନିଷ୍ପତ୍ତିର ସୂଚନା ମିଳେ ତାହାକୁ କ'ଣ କୁହାଯାଏ ?

ଉ : Climax (ଚରମ ପରିଣତି)

୩୩ । ବରଟୋଲଟ ବ୍ରେଶଟ ବହୁ ପରୀକ୍ଷା ନିରୀକ୍ଷା ଭିତର ଦେଇ ତାଙ୍କର ନୂତନ ନାଟ୍ୟଚିନ୍ତାକୁ ପ୍ରକାଶ କରିଥିଲେ, ତାହାର ନାମ କ'ଣ ?

ଉ : ଏପିକ୍ ଥିଏଟର ।

୩୪ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
Trap	ଚୋରା ପରଦା
Green room	ବିଶ୍ରାମ କକ୍ଷ
Off stage	ବାହ୍ୟ ମଞ୍ଚ
Proscenium	ଚତୁଷ୍କୋଣ ମଞ୍ଚ

୩୫ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଆରମ୍ଭ+ବୀଜ	ମୁଖ୍ୟ ସନ୍ଧି
ପ୍ରଯତ୍ନ+ବିନ୍ଦୁ	ପ୍ରତିମୁଖ ସନ୍ଧି
ପ୍ରାପ୍ତ୍ୟାଶ+ପତାକା	ଗର୍ଭ ସନ୍ଧି
ନିୟତାପ୍ତି+ପ୍ରକରୀ	ବିମର୍ଶ ସନ୍ଧି

୩୬ । 'My life in Art' ଗ୍ରନ୍ଥର ଲେଖକ କିଏ ?

ଉ : ଷ୍ଟାନିସ୍ଲାଭସ୍କି

୩୭ । କୌଣସି ଏକ ଚରିତ୍ର ବା ଘଟଣା ମାଧ୍ୟମରେ ଆଉ ଏକ କଥା କହିବା କାହାର ଉଦ୍ଦେଶ୍ୟ ?

ଉ: Allegori

୩୮ । ଯେଉଁ ନାଟକରେ ପ୍ରଧାନ ଚରିତ୍ରର ବିପର୍ଯ୍ୟୟ ଘଟିଥାଏ ସେହି ନାଟକକୁ କ'ଣ କୁହାଯାଏ ?

ଉ : ବିୟୋଗାତ୍ମକ ନାଟକ ।

୩୯ । ନୋ-ନାଟକ (No-play) କେଉଁଠାରୁ ସୃଷ୍ଟି ହୋଇଛି ?

ଉ : ଜାପାନ

୪୦ । ଯବନିକାକୁ ଛାଡ଼ି କରି ଆଗରେ ଥିବା ମଞ୍ଚର ସାମ୍ନା ଭାଗକୁ କ'ଣ କୁହାଯାଏ ?

ଉ : Apron (ସମ୍ମୁଖ ମଞ୍ଚ)

୪୧ । 'ଶ୍ରୁତି ନାଟକ' କାହାକୁ କୁହାଯାଏ ?

ଉ : ବେତାର ନାଟକ

୪୨ । 'ଅଭିନୟାତ୍ମକଂ କାବ୍ୟଂ ନାଟକମ୍' କିଏ କହିଛନ୍ତି ?

ଉ : ବାମନାଚାର୍ଯ୍ୟ

୪୩ । କାହା ମତରେ 'ଲୋକବୃତ୍ତର ଅନୁକରଣ ହେଉଛି ନାଟକ ?

ଉ : ଭରତ ମୁନି ।

Scanned with CamScanner

୪୪ । ବେଳେବେଳେ ନାଟକରେ ଯଥାର୍ଥ ନାୟକ ନିରୂପଣରେ ଅସୁବିଧା ଦେଖାଯାଏ, ଏହି ନାଟକରେ ଏକାଧିକ ଚରିତ୍ର ସକ୍ରିୟ ହୋଇ ଉଠିଥାନ୍ତି, ଏଭଳି ବ୍ୟବସ୍ଥାକୁ କ'ଣ କୁହାଯାଇଥାଏ ?

ଉ : ଦ୍ୱୈତ ନାୟକ ବ୍ୟବସ୍ଥା ।

୪୫ । ଅନ୍ୟ ପାତ୍ରମାନଙ୍କର ଶ୍ରବଣର ଅଯୋଗ୍ୟ ରୂପେ କୌଣସି ପାତ୍ର ଦ୍ୱାରା ବ୍ୟବହୃତ ଉକ୍ତିର ନାମ କ'ଣ ?

ଉ : ସ୍ୱଗତୋକ୍ତି ।

୪୬ । 'Theater of the Absurd' ପୁସ୍ତକର ସ୍ରଷ୍ଟା ?

ଉ : Martin Esslin

୪୭ । 'ମଞ୍ଚ ଓ ନାଟକର କଳାକୌଶଳ' ପୁସ୍ତକର ସ୍ରଷ୍ଟା କିଏ ?

ଉ : ନାରାୟଣ ସାହୁ ।

୪୮ । ନାଟକର ପଞ୍ଚ ସନ୍ଧି କ'ଣ କ'ଣ ?

ଉ : ମୁଖ, ପ୍ରତିମୁଖ, ଗର୍ଭ, ବିମର୍ଷ, ନିର୍ବହଣ ।

୪୯ । ସଂସ୍କୃତରେ 'ଅନର୍ଘରାଘବ' ନାଟକର ନାଟ୍ୟକାର କିଏ ?

ଉ : ମୁରାରୀ ମିଶ୍ର ।

୫୦ । ଗଜପତି କପିଳେନ୍ଦ୍ରଙ୍କ ଦ୍ୱାରା କେଉଁ ନାଟକଟି ରଚିତ ହୋଇଥିଲା ?

ଉ : ପର୍ଶୁରାମ ବ୍ୟାଯୋଗ ।

୫୧ । ପୁରୁଷୋତ୍ତମ ଦେବଙ୍କ ଦ୍ୱାରା ରଚିତ ନାଟକର ନାମ କ'ଣ ?

ଉ : ଅଭିନବ ବେଣୀ ସଂହାର । ଓଡ଼ିଆନାଟ୍ୟ ସାହିତ୍ୟର ବିକାଶଧାର(ଡ. ହେମନ୍ତ କୁମାର ଦାସଙ୍କ ପୁସ୍ତକ ଅନୁଯାୟୀ)

୫୨ । ଓଡ଼ିଆ ନାଟକର ଆଦିପୁରୁଷ ରୂପେ ଗ୍ରହଣ କରାଯାଇଥିବା କାହ୍ନୁଚରଣ ମିଶ୍ରଙ୍କ ନାଟକ ଗୁଡ଼ିକ କ'ଣ କ'ଣ ?

ଉ : ପଦ୍ମାବତୀ ହରଣ ଓ ଗୌରୀ ହରଣ ।

୫୩ । 'ଗୋପୀନାଥ ବଲ୍ଲଭ' ନାଟକର ରଚୟିତା କିଏ ?

ଉ : ରଘୁନାଥ ପରିଚ୍ଛା ।

୫୪ । 'ପ୍ରହ୍ଲାଦ ନାଟକ'ର ରଚୟିତା କିଏ ?

ଉ : ଜଳନ୍ତର ରାଜା ରାମକୃଷ୍ଣ ଛୋଟରାୟ ।

୫୫ । 'ବିଦଗ୍ଧ ମାଧବ' ନାଟକର ରଚୟିତା କିଏ ?

ଉ : ରୂପ ଗୋସ୍ୱାମୀ ।

୫୬ । ଓଡ଼ିଆ ସାହିତ୍ୟରେ ପ୍ରଥମ ନାଟକର ନାମ କ'ଣ ?

ଉ : ବାବାଜୀ(୧୮୭୭) ।

୫୭ । 'ବାବାଜୀ' ନାଟକର ନାଟ୍ୟକାର କିଏ ?

ଉ : ଜଗନ୍ମୋହନ ଲାଲା । (ପ୍ରଥମ ନାଟ୍ୟକାର)

୫୮ । ଜଗନ୍ମୋହନ ଲାଲା ଆଉ କେଉଁ କେଉଁ ନାଟକ ରଚନା କରିଛନ୍ତି ?

ଉ : ସତୀ(୧୮୮୬), ପ୍ରୀତି, ବୃଦ୍ଧ ବିବାହ ।

୫୯ । ଜଗନ୍ମୋହନ ଲାଲା 'ରାଧାକାନ୍ତ ରଙ୍ଗମଞ୍ଚ' କେବେ ଓ କେଉଁଠାରେ ପ୍ରତିଷ୍ଠା କରିଥିଲେ ?

ଉ : ୧୮୭୫, କଟକର ମାହାଙ୍ଗାଠାରେ ।

୬୦ । 'ଓଡ଼ିଶା ବିଜୟ' ଐତିହାସିକ ଗ୍ରନ୍ଥର ରଚୟିତା ?

ଉ : ଜଗନ୍ମୋହନ ଲାଲା

୬୧ । ପ୍ରଥମ ଆଧୁନିକ ନାଟ୍ୟକାର କିଏ ?

ଉ : ଜଗନ୍ମୋହନ ଲାଲା

୬୨ । ଜଗନ୍ମୋହନ ଲାଲାଙ୍କ ଦ୍ୱାରା ରଚିତ 'ଭ୍ରମଭଞ୍ଜନ ୧୮୬୮) କାବ୍ୟ କାହାର ଅନୁସରଣରେ ରଚିତ ?

ଉ : ଥମାସ୍ ପର୍ଣ୍ଣେଲଙ୍କ 'ଦି ହରମିଟ୍' ।

୬୩ । 'ମହୀରାବଣ ବଧ', 'ଶ୍ରୀକୃଷ୍ଣ ଲୀଳା' ଆଦି ଲୀଳାର ରଚୟିତା କିଏ ?

ଉ : କୃଷ୍ଣକାନ୍ତ ଦାସ

୬୪ । 'ବଭ୍ରୁବାହନ', 'ହରିଶ୍ଚନ୍ଦ୍ର ଉପଖ୍ୟାନ' ଆଦି ଗୀତିନାଟ୍ୟର ରଚୟିତା କିଏ ?

ଉ : କୃଷ୍ଣକାନ୍ତ ଦାସ ।

୬୫ । ରାମଶଙ୍କର ରାୟଙ୍କର ଐତିହାସିକ ନାଟକର ନାମ କ'ଣ ?

ଉ : କାଞ୍ଚିକାବେରୀ(୧୮୮୦)

୬୬ । କାଞ୍ଚିକାବେରୀ ନାଟକଟି କେବେ ଅଭିନୀତ ହୋଇଥିଲା ?

ଉ : ୧୮୮୧

୬୭ । କାଞ୍ଚିକାବେରୀ ନାଟକର ନାୟକ ଓ ନାୟିକା ଭାବରେ କିଏ ଅବତୀର୍ଣ୍ଣ ହୋଇଛନ୍ତି ?

ଉ : ପୁରୀର ରାଜା-ପୁରୁଷୋତ୍ତମ ଦେବ ଓ କାଞ୍ଚିର ରାଜଜେମା ପଦ୍ମାବତୀ ।

୬୮ । କାଞ୍ଚିର ରାଜକନ୍ୟାଙ୍କର ପୂର୍ବ ନାମ କ'ଣ ଥିଲା ?

ଉ : ରୂପାମ୍ବିକା

Scanned with CamScanner

୬୯ । ରାମଶଙ୍କର, ରାୟଙ୍କର କାଳ୍ପନିକ ନାଟକଗୁଡ଼ିକର ନାମ କ'ଣ ?
ଉ : କଳିକାଳ(୧୮୮୩), ବୁଢ଼ାବର(୧୮୯୨), ବନମାଳା(୧୮୮୨), ବଡ଼ଲୋକ(୧୯୧୩), ବିଶ୍ୱଯଜ୍ଞ(୧୯୧୬) ।

୭୦ । ରାମଶଙ୍କର ରାୟଙ୍କ ସାମାଜିକ ନାଟକର ନାମ ଲେଖ ?
ଉ : ବିଷମୋଦକ(୧୯୦୦), ଯୁଗଧର୍ମ (୧୯୧୨), କାଞ୍ଚନମାଳୀ (୧୯୦୪), ଲୀଳାବତୀ (୧୯୧୨) ।

୭୧ । ରାମଶଙ୍କର ରାୟଙ୍କ ଧର୍ମମୂଳକ ରଚନାଗୁଡ଼ିକ କ'ଣ ?
ଉ : ରାମବନବାସ(୧୮୯୧), କଂସବଧ(୧୮୯୬), ଚୈତନ୍ୟ ଲୀଳା(୧୯୦୬), ରାମାଭିଷେକ(୧୯୧୭) ।

୭୨ । ସେକ୍‌ସପିୟରଙ୍କ ପ୍ରସିଦ୍ଧ ଲୋକପ୍ରିୟ Tempest ନାଟକର ଅନୁସରଣରେ ରାମଶଙ୍କର ରାୟଙ୍କ କେଉଁ ନାଟକ ରଚନା କରିଥିଲେ ?
ଉ : ବନମାଳା ।

୭୩ । 'କାଞ୍ଚିକାବେରୀ' ନାଟକଟି କେଉଁ ଗ୍ରନ୍ଥର ଅନୁସରଣରେ କଥାବସ୍ତୁ ରଚିତ ?
ଉ : ମାଦଳାପାଞ୍ଜି ।

୭୪ । ବାଲ୍ୟବିବାହ, ବୃଦ୍ଧ ବିବାହ, ଶୈଳବାଳା, ଅମ୍ବିକା ଦେବୀ, ହରିଶ୍ଚନ୍ଦ୍ର ଆଦି ନାଟକର ରଚୟିତା କିଏ ?
ଉ : ବୀର ବିକ୍ରମ ଦେବ ।

୭୫ । 'ଧ୍ରୁବ', 'ତାରକା ସଂହାର', 'ଦାନ ପରୀକ୍ଷା' ଆଦି ନାଟକର ରଚୟିତା କିଏ ?
ଉ : ପଦ୍ମନାଭ ନାରାୟଣ ଦେବ ।

୭୬ । 'ପ୍ରେମତରଙ୍ଗ' ନାଟକର ନାଟ୍ୟକାର କିଏ ?
ଉ : ରାଜକବି ରାଧାମୋହନ ରାଜେନ୍ଦ୍ର ଦେବ ।

୭୭ । ସୀତା ବନବାସ, ବିକ୍ରିମୋର୍ବଶୀୟ, ଜାନକୀ ପରିଣୟ ଆଦି ନାଟକର ରଚୟିତା କିଏ ?
ଉ : ଗୋପୀନାଥ ନନ୍ଦଶର୍ମା ।

୭୮ । କାମପାଳ ମିଶ୍ରଙ୍କ ରଚିତ ନାଟକଗୁଡ଼ିକ କ'ଣ ?
ଉ : ସୀତାବିବାହ(୧୮୯୯), ବସନ୍ତ ଲତିକା(୧୯୧୩), ହରିଶ୍ଚନ୍ଦ୍ର ନାଟକ(୧୯୦୨), ଦୁର୍ଗାଶବରୀ (ଅସଂପୂର୍ଣ୍ଣ) ।

୭୯ । ସର୍ବପ୍ରଥମ ଓଡ଼ିଆ ଚଳଚ୍ଚିତ୍ରର ନାମ କ'ଣ ?
ଉ : କାମପାଳ ମିଶ୍ରଙ୍କ 'ସୀତାବିବାହ' ।

୮୦ । ଭିକାରିଚରଣ ପଟ୍ଟନାୟକଙ୍କ ନାଟକଗୁଡ଼ିକ ଲେଖ ?
ଉ : କଟକ ବିଜୟ(୧୯୦୧), ସଂସାର ଚିତ୍ର(୧୯୧୫), ନନ୍ଦକେଶ୍ୱରୀ (୧୯୧୫), ରତ୍ନମାଳୀ(୧୯୧୫), ସୁଶୀଳା(୧୯୧୭), ପୁରୁଷୋତ୍ତମ ଦେବ(୧୯୨୫), ନିରୁପମା (୧୯୫୨) ।

୮୧ । ଭିକାରି ଚରଣଙ୍କ ସାମାଜିକ ନାଟକର ନାମ କ'ଣ ?
ଉ : 'ରତ୍ନମାଳୀ', 'ସଂସାର ଚିତ୍ର' ।

୮୨ । ସାକ୍ଷୀଗୋପାଳ, ଧ୍ରୁବ, ନରକାସୁର ବଧ, ସୁଦାମା ଆଦି ନାଟକର ରଚୟିତା କିଏ ?
ଉ : ଗୋବିନ୍ଦ ଶୂରଦେଓ ।

୮୩ । 'ପଦ୍ମମାଳୀ' 'ଲଚ୍ଛମା' ଉପନ୍ୟାସକୁ କିଏ ନାଟ୍ୟରୂପ ପ୍ରଦାନ କରିଥିଲେ ?
ଉ : ଗୋବିନ୍ଦ ଶୂରଦେଓ ।

୮୪ । ଦକ୍ଷଯଜ୍ଞ, ଧ୍ରୁବଚରିତ, ସୁଭଦ୍ରା ପରିଣୟ, ହାରାବତୀ ହରଣ, ଉଷାବତୀ ହରଣ ଆଦି ନାଟକର ସ୍ରଷ୍ଟା କିଏ ?
ଉ : ଜଗନ୍ନାଥ ପାଣି ।

୮୫ । 'ଶ୍ରୀ ରାଧା ମାଧବ ନାଟକ'ର ସ୍ରଷ୍ଟା ।
ଉ : ବିକ୍ରମ ଦେବ ବର୍ମା !

୮୬ । 'ଧ୍ରୁବ ତପସ୍ୟା', 'କନିକା ବିଜୟ' ନାଟକର ସ୍ରଷ୍ଟା କିଏ ?
ଉ : ଦାମୋଦର ମିଶ୍ର ।

୮୭ । ଶକୁନ୍ତଳା, ରାମଜନ୍ମ, ରାମନିର୍ବାସନ, ଆଦି ନାଟକର ସ୍ରଷ୍ଟା କିଏ ?
ଉ : ହରିହର ରଥ ।

୮୮ । ପର୍ଶୁରାମ ବିଜୟ, ବେଣୀ ସଂହାର, ମହାପ୍ରସ୍ଥାନ ନାଟକା ସ୍ରଷ୍ଟା ?
ଉ : ହରିହର ରଥ ।

୮୯ । ଗୋଦାବରୀଶ ମିଶ୍ରଙ୍କ ନାଟକର ନାମ କ'ଣ ?
ଉ : ପୁରୁଷୋତ୍ତମ ଦେବ ଓ ମୁକୁନ୍ଦଦେବ । (୧୯୧୭, ୧୯୨୦)

୯୦ । 'ମେଘନାଦ ବଧ' ଗୀତିନାଟ୍ୟର ରଚୟିତା କିଏ ?
ଉ : ବୈଷ୍ଣବ ପାଣି ।

୯୧ । 'କୀଚକବଧ'ର ନାଟ୍ୟରୂପ କିଏ କରିଛନ୍ତି ?
ଉ : ଗୋକୁଳାନନ୍ଦ ପଣ୍ଡା ।

୯୨ । ଅଶ୍ୱିନୀ କୁମାର ଘୋଷଙ୍କ ସାମାଜିକ ନାଟକଗୁଡ଼ିକ କ'ଣ କ'ଣ ?
ଉ : ଚଷାଝିଅ, ହିନ୍ଦୁରମଣୀ, ମାଷ୍ଟରବାବୁ, ଭାଇ, ଦୁଃଖେ ସୁଖେ, ଇତ୍ୟାଦି !!

Scanned with CamScanner

୯୩ । ବସନ୍ତ ବିଳାସ, କାଳୀୟ ଦଳନ, ଲକ୍ଷ୍ମୀ ଚଣ୍ଡାଲୁଣୀ, ବଂଶୀ ଶିକ୍ଷା ଆଦି ଗୀତିନାଟ୍ୟର ରଚୟିତା କିଏ ?
ଉ : କାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର !

୯୪ । ଅଶ୍ୱିନୀ କୁମାର ଘୋଷ'ଙ୍କର ପୌରାଣିକ ନାଟକର ନାମ ଲେଖ ?
ଉ : ଭୀଷ୍ମ, ସାବିତ୍ରୀ, ସାଲବେଗ, ଭକ୍ତ ହରିଜନ, ରଘୁ ଅରକ୍ଷିତ, ବନ୍ଧୁ ମହାନ୍ତି, ଶ୍ରୀମନ୍ଦିର, ଚଣ୍ଡାଲୁଣୀ, ସାକ୍ଷୀ ଗୋପାଳ ।

୯୫ । ଅଶ୍ୱିନୀ କୁମାର ଘୋଷଙ୍କ ଦ୍ୱାରା ରଚିତ ଐତିହାସିକ ନାଟକର ନାମ କ'ଣ ?
ଉ : ସେଓଜି, କଳାପାହାଡ଼, ଗୋବିନ୍ଦ ବିଦ୍ୟାଧର, ତାଜମହଲ, କୋଣାର୍କ, ଓଡ଼ିଆ ଝିଅ, ସମଲେଶ୍ୱରୀ, କପିଳେନ୍ଦ୍ର ଦେବ, ପାଇକ ପୁଅ ଆଦି ।

୯୬ । ଅଶ୍ୱିନୀ କୁମାରଙ୍କ ପ୍ରଥମ ନାଟକ କ'ଣ ?
ଉ : ଭୀଷ୍ମ ।

୯୭ । ବିଲ୍ୱମଙ୍ଗଳର ଦକ୍ଷଯଜ୍ଞ, ଅଛୁଆଁ ଝିଅ, ଯଯାତି କେଶରୀ ଆଦି ନାଟକ କାହାର ?
ଉ : କୃଷ୍ଣ ପ୍ରସାଦ ବସୁ ।

୯୮ । 'ଓଡ଼ିଶାର ନାଟ୍ୟକଳା' ପୁସ୍ତକଟି କାହାର ?
ଉ : ଗିରିଜାଶଙ୍କର ରାୟ ।

୯୯ । 'କାଳୀଚରଣ ପଟ୍ଟନାୟକ' ନାଟକଗୁଡ଼ିକ ଲେଖ ?
ଉ : ଆହୁତି(୧୯୩୭), ଗାର୍ଲସ୍କୁଲ (୧୯୪୧), ଚୁମ୍ବନ(୧୯୪୨), ପରିବର୍ତ୍ତନ, ଜୟଦେବ(୧୯୪୩), ଭାତ(୧୯୪୪), ଚକ୍ରୀ(୧୯୪୪), ରକ୍ତମାଟି(୧୯୪୭), ଦଶଭୂଜା(୧୯୪୭), ଫଟାଭୂଇଁ(୧୯୪୭), ରକ୍ତମନ୍ଦାର(୧୯୫୨) ।

୧୦୦ । କାଳୀଚରଣଙ୍କ ଶେଷ ନାଟକର ନାମ କ'ଣ ?
ଉ : ପଥର ଘର ।

୧୦୧ । 'ଭାତ' ନାଟକର ଚରିତ୍ର କିଏ ?
ଉ : ନାୟକ ଜୟୀ ଓ ନାୟିକା- ରମା ।

୧୦୨ । 'ଲାଲା ନଗେନ୍ଦ୍ର କୁମାର ରାୟ'ଙ୍କ ନାଟକଗୁଡ଼ିକ କ'ଣ କ'ଣ ?
ଉ : କଳିଙ୍ଗ ବିଜୟ, ଶେଷ ସ୍ୱାଧୀନତା, ରଘୁ ଅରକ୍ଷିତ, ଭକ୍ତାଧିନ (ଅପ୍ରକାଶିତ) ।

୧୦୩ । ହରେକୃଷ୍ଣ ମହତାବଙ୍କ ନାଟକ ଦ୍ୱୟର ନାମ କ'ଣ ?
ଉ : ଶେଷ ଅଶ୍ରୁ ଓ ଜୀବନ ସମସ୍ୟା ।

୧୦୪ । 'ମାମୁଁ' ଉପନ୍ୟାସର ନାଟ୍ୟରୂପ କିଏ କରିଛନ୍ତି ?
ଉ : ରାମଚନ୍ଦ୍ର ମହାପାତ୍ର ।

୧୦୫ । ରଘୁ ଅରକ୍ଷିତ, ସୁଦାମା ଓ ବିଲ୍ୱମଙ୍ଗଳ ନାଟକ ତ୍ରୟର ରଚୟିତା କିଏ ?
ଉ : ରାମଚନ୍ଦ୍ର ମହାପାତ୍ର ।

୧୦୬ । କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ନାଟକ ଦ୍ୱୟର ନାମ କ'ଣ ?
ଉ : ପଦ୍ମିନୀ(୧୯୩୨), ପ୍ରିୟଦର୍ଶୀ(୧୯୩୩) ।

୧୦୭ । 'ମୁକ୍ତିପଥେ' ନାଟକର ସ୍ରଷ୍ଟା କିଏ ?
ଉ : ବୈକୁଣ୍ଠ ନାଥ ପଟ୍ଟନାୟକ ।

୧୦୮ । ମାତୃପୂଜା, ମୀରକାଶୀମ୍, ଲକ୍ଷହୀରା, କାପୁରୁଷ, ବାରବଧୂ ଆଦି ନାଟକର ସ୍ରଷ୍ଟା କିଏ ?
ଉ : କାର୍ତ୍ତିକ କୁମାର ଘୋଷ ।

୧୦୯ । 'ଓଡ଼ିଶାର ରଙ୍ଗମଞ୍ଚ ଓ ମୋର ନାଟକ ଜୀବନ' ପୁସ୍ତକର ରଚୟିତା କିଏ ?
ଉ : କାର୍ତ୍ତିକ କୁମାର ଘୋଷ ।

୧୧୦ । ସତ୍ୟନାରାୟଣ ରାଜଗୁରୁଙ୍କ ଦ୍ୱାରା ରଚିତ ନାଟକଗୁଡ଼ିକ କ'ଣ କ'ଣ ?
ଉ : କଳିଙ୍ଗ ବିଜୟ, ଖାରବେଳ, କର୍ଣ୍ଣାଟ କୁମାରୀ, ଗଜପତି ।

୧୧୧ । ହରିଶ୍ଚନ୍ଦ୍ର ବଡ଼ାଳଙ୍କର ନାଟକର ନାମ କ'ଣ ?
ଉ : ଦେଶର ଡାକ ।

୧୧୨ । ମୋହନବୀଣା, ସୁଶୀଳା କୁମୁଦ, ଶାନ୍ତନୁ ଗଙ୍ଗା, ସାଧବ ଝିଅ ଆଦି ଯାତ୍ରା ନାଟକର ରଚୟିତା ?
ଉ : ରାମଚନ୍ଦ୍ର ସ୍ୱାଇଁ ।

୧୧୩ । ରମାରଞ୍ଜନ ମହାନ୍ତଙ୍କ ନାଟକଗୁଡ଼ିକୁ ଲେଖ ?
ଉ : ଗୌଡ଼ ବିଜେତା, ରାଜସିଂହାସନ, ବିକ୍ରମରାୟ ।

୧୧୪ । ରାଜକବି, ପୁଷ୍ପିତା, ପୂଜାରିଣୀ, ନଷ୍ଟନୀଡ଼, ବାରବାଟୀ, ବୁଦ୍ଧ, ଶାସନ ଚକ୍ର ଓ ଦୁର୍ଭିକ୍ଷ, କାହାର ଏ ସମସ୍ତ ନାଟକ ?
ଉ : ଡ. ମାୟାଧର ମାନସିଂହ ।

୧୧୫ । ସୀତାଦେବୀ ଖାଡ଼ଙ୍ଗାଙ୍କ ଲିଖିତ ନାଟକଗୁଡ଼ିକର ନାମ ଲେଖ ?
ଉ : 'ସହୋଦର', 'ନାରୀ' ଓ 'ମନ୍ଦିର ପ୍ରବେଶ' ।

୧୧୬ । 'ତାରାବାଈ' ଏବଂ 'ତୁଳସୀ' ନାଟକ ଦ୍ୱୟର ରଚୟିତା କିଏ ?
ଉ : ଅନନ୍ତ ପ୍ରସାଦ ପଣ୍ଡା ।

୧୧୭ । 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ', 'ଭକ୍ତ କବି ଗୋପାଳକୃଷ୍ଣ'' 'ମାୟା କୁରଙ୍ଗୀ', 'ଅଗ୍ନିସାକ୍ଷୀ' ଆଦି ନାଟକଗୁଡ଼ିକ କାହାର ?

ଉ : ଘନଶ୍ୟାମ ହୋତା ।

୧୧୮ । ରାମରାଜ୍ୟ, କଳାପାହାଡ଼, ଆଲ୍ଲାଉଦ୍ଦିନ୍ ଆଦି ଯାତ୍ରାନାଟକର ରଚୟିତା କିଏ ?

ଉ : ଦୟାନିଧି ସ୍ୱାଇଁ ।

୧୧୯ । 'ସୁଦାମା' ନାଟକର ରଚୟିତା ?

ଉ : ପର୍ଶୁରାମ ଦାସ ।

୧୨୦ । ସତ୍ୟ ନାରାୟଣ ପଣ୍ଡାଙ୍କ ଦ୍ୱାରା ରଚିତ ନାଟକର ନାମ ଲେଖ ?

ଉ : ବିଜୟ କୁମାର, ଉର୍ବଶୀ, ସତୀ ସାବିତ୍ରୀ ।

୧୨୧ । ଛିନ୍ନାଙ୍ଗୀ, ବିପ୍ଳବୀ କୃତ୍ତିବାସ, ଅଭିଶପ୍ତ ଦୁର୍ଗ, ନାଟକଗୁଡ଼ିକ କାହାର ?

ଉ : ପରଶୁରାମ ହରିଚନ୍ଦନ ।

୧୨୨ । ଅନନ୍ତ ପଟ୍ଟନାୟକଙ୍କ ଏକମାତ୍ର ନାଟକର ନାମ କ'ଣ ?

ଉ : ଚିର ଅନ୍ଧାର ରାତି ।

୧୨୩ । 'କବି ସୂର୍ଯ୍ୟ ବଳଦେବ' ନାଟକର ରଚୟିତା କିଏ ?

ଉ : ନୀଳକଣ୍ଠ ପଟ୍ଟନାୟକ

୧୨୪ । 'ମୁକ୍ତିପଥେ', 'ଦିନ ଦି'ପହରେ' ଓ 'ମହାପୁରୁଷ' ଆଦି ନାଟକର ସ୍ରଷ୍ଟା କିଏ ?

ଉ : ଗୋପୀନାଥ ମହାନ୍ତି ।

୧୨୫ । 'ପଞ୍ଚପଲ୍ଲବ' ନାଟକର ସ୍ରଷ୍ଟା କିଏ ?

ଉ : ରାଜକିଶୋର ରାୟ ।

୧୨୬ । ଶ୍ୱେତପଦ୍ମା, ଅଶାନ୍ତ, ସ୍ନାୟୁ ସଂହାର ଏବଂ ଦୁଃଖାବତରଣ ଆଦି ନାଟକର ସ୍ରଷ୍ଟା କିଏ ?

ଉ : ପ୍ରାଣବନ୍ଧୁ କର ।

୧୨୭ । ମାମୁ, ଛ'ମାଣ ଆଠଗୁଣ୍ଠ, ଲଛମା, ମାଟିର ମଣିଷ ଆଦି ଉପନ୍ୟାସଗୁଡ଼ିକୁ କିଏ ନାଟ୍ୟ ରୂପ ପ୍ରଦାନ କରିଛନ୍ତି ?

ଉ : ପ୍ରାଣବନ୍ଧୁ କର ।

୧୨୮ । ଜୟଦେବ, ଚିତ୍ରେଶ୍ୱରୀ, ଅମର ଗୌରବ , ନାଟକଗୁଡ଼ିକର ସ୍ରଷ୍ଟା କିଏ ?

ଉ : କାଳିପ୍ରସନ୍ନ ଶତପଥୀ ।

୧୨୯ । ମହେଶ ଚନ୍ଦ୍ର ମହାପାତ୍ରଙ୍କ ନାଟକଗୁଡ଼ିକ ଲେଖ ?

ଉ : ସବ୍ୟସାଚୀ, କ୍ଷୁଧା ଓ ଦୁଇ ପୁରୁଷ ।

୧୩୦ । ଫତୁରାନନ୍ଦ(ରାମଚନ୍ଦ୍ର ମିଶ୍ର) ନିଜର କେଉଁ ଗଳ୍ପକୁ ନାଟ୍ୟରୂପ ଦେଇଛନ୍ତି ?

ଉ : କଲିକତି ଚେଙ୍କ ।

୧୩୧ । ବର୍ଗୀ ଉତ୍କଳ, ମା', ମାଟି ମମତା, ଶ୍ରୀକୃଷ୍ଣଙ୍କ ହସ, ପତିତପାବନ, କଳାନାଗୁଣୀ ଆଦି ନାଟକଗୁଡ଼ିକ କାହାର ରଚନା ?

ଉ : ଯଦୁମଣି କାନୁନ୍‌ଗୋ ।

୧୩୨ । ଗୋପାଳ ଛୋଟରାୟଙ୍କ ପ୍ରଥମ ପୂର୍ଣ୍ଣାଙ୍ଗ ନାଟକଟି କ'ଣ ?

ଉ : ଫେରିଆ(୧୯୪୬)

୧୩୩ । 'ଫେରିଆ' ନାଟକର ନାୟକ ଓ ନାୟିକା କିଏ ?

ଉ : ସୁରେଶ ରାୟ ରେଖା ।

୧୩୪ । ଗୋପାଳ ଛୋଟରାୟଙ୍କ ଅନ୍ୟାନ୍ୟ ନାଟକଗୁଡ଼ିକ କ'ଣ ?

ଉ : ଭରସା(୧୯୫୩), ପରକଲମ(୧୯୫୪), ଶଙ୍ଖାସିନ୍ଦୂର, ପଥିକ ବନ୍ଧୁ, ନଷ୍ଟଉର୍ବଶୀ, ନୂଆବୋଉ, ଅର୍ଦ୍ଧାଙ୍ଗିନୀ, ପଦ୍ମାଳୟ(୧୯୫୫), ଅଭାଗିନୀର ସ୍ୱର୍ଗ, ଘଟକ, ଅଦିନ ମେଘ, ଇତ୍ୟାଦି ।

୧୩୫ । 'ଭରସା' ନାଟକର ନାୟକ ଓ ନାୟିକା କିଏ ?

ଉ : ମୋହନ ଓ ଲୀଳା ।

୧୩୬ । ଝଞ୍ଜା, ଅମଡ଼ାବାଟ, ମଲାଜହ୍ନ, ପ୍ରତିଭା, ବଧୂନିରୂପମା, ଆଦି ଉପନ୍ୟାସଗୁଡ଼ିକୁ କିଏ ନାଟ୍ୟରୂପ ପ୍ରଦାନ କରିଛନ୍ତି ?

ଉ : ଗୋପାଳ ଛୋଟାରାୟ ।

୧୩୭ । ସ୍ୱର୍ଗଯୁଗର ସନ୍ଧ୍ୟା, ଦୁଇଟି ସୂର୍ଯ୍ୟର ଜୀବନୀ, ଦ୍ୱାପରର ଅଭିଯାନ ଆଦି ନାଟକର ରଚୟିତା ?

ଉ : ଜ୍ଞାନୀନ୍ଦ୍ର ବର୍ମା !

୧୩୮ । ଜ୍ଞାନୀନ୍ଦ୍ର ବର୍ମା କେଉଁ ନାଟକ ପାଇଁ ଓ.ସା.ଏ. ଦ୍ୱାରା ପୁରସ୍କୃତ ?

ଉ : ସ୍ୱର୍ଣ୍ଣସନ୍ଧ୍ୟା ।

୧୩୯ । ତଅପୋଇ, ମାଣିକମାଳା, ଅସ୍ତରାଗ ନାଟକର ସ୍ରଷ୍ଟା କିଏ ?

ଉ : ରଘୁନାଥ ପଣ୍ଡା ।

୧୪୦ । ନାଟକ ବିଚାର, ଓଡ଼ିଆ ନାଟ୍ୟ ସାହିତ୍ୟ ଏବଂ ନାଟକ ଓ ନାଟ୍ୟକଳା ଆଦି ଗ୍ରନ୍ଥର ରଚୟିତା କିଏ ?

ଉ : ସର୍ବେଶ୍ୱର ଦାଶ ।

Scanned with CamScanner

୧୪୧ । ଅଛୁଆଁ, ମାଷ୍ଟ୍ରେ, ବୈତରଣୀ ପ୍ରେସ୍ ଆଦି ଶିଶୁ ନାଟକର ରଚୟିତା କିଏ ?

ଉ : ଦୁର୍ଗାପ୍ରସାଦ ପଟ୍ଟନାୟକ ।

୧୪୨ । ଅଦ୍ୱୈତ ଚନ୍ଦ୍ର ମହାନ୍ତିଙ୍କ ପ୍ରଥମ ନାଟକଟିର ନାମ କ'ଣ ?

ଉ : ରାଧିକା (୧୯୪୧)

୧୪୩ । ଅଦ୍ୱୈତ ଚନ୍ଦ୍ର ମହାନ୍ତିଙ୍କ ଅନ୍ୟ ନାଟକଗୁଡ଼ିକର ନାମ ଲେଖ ?

ଉ : ନରଦେବତା, ସାଧବଝିଅ, ପରିଚୟ (ସାମାଜିକ ନାଟକ)

୧୪୪ । 'ଜଉଘର', ନାଟକର ସ୍ରଷ୍ଟା କିଏ ?

ଉ : ରଘୁନାଥ ଦାସ ।

୧୪୫ । ଜଗନ୍ମୋହନ ଲାଲାଙ୍କ କେଉଁ ନାଟକଟି ଓଡ଼ିଆ ଆଧୁନିକ ନାଟକ ସାହିତ୍ୟର ସାର୍ଥକ ଟ୍ରାଜେଡ଼ି ନାଟକ ?

ଉ : ସତୀ ।

୧୪୬ । ରାମଶଙ୍କର ରାୟଙ୍କ ପ୍ରଥମ ନାଟକ କ'ଣ ?

ଉ : କାଞ୍ଚିକାବେରୀ ।

୧୪୭ । ରାମଶଙ୍କର ରାୟଙ୍କ କେଉଁ ନାଟକଟି 'କୃଷ୍ଣଶାଖା' ଅବଲମ୍ବନରେ ରଚିତ ?

ଉ : କଂସବଧ ।

୧୪୮ । କାମପାଳ ମିଶ୍ରଙ୍କ କେଉଁ ନାଟକରେ 'ଅଦୃଷ୍ଟ ବାଦ'ର ପ୍ରାଧାନ୍ୟ ଦର୍ଶାଯାଇଛି ?

ଉ : ବସନ୍ତ ଲତିକା ।

୧୪୯ । 'ମନରେ ନାହିଁ ତ ମାଳିରେ ନାହିଁ
ମାଳ ହଜି ହଜି ପାଇବୁ କାହିଁ ।' -ଉକ୍ତ ସଂଳାପଟି ଜଗନ୍ମୋହନ ଲାଲାଙ୍କ କେଉଁ ନାଟକରୁ ଆସିଅଛି ?

ଉ : ବାବାଜୀ ।

୧୫୦ । ହିନ୍ଦୀ ନାଟ୍ୟକାର ଭାରତେନ୍ଦୁ ହରିଶ୍ଚନ୍ଦ୍ରଙ୍କର 'ଭାରତ ଦୁର୍ଦ୍ଦଶା' ନାଟକକୁ ବୀରବିକ୍ରମ ଦେବ କେଉଁ ନାମକ ନାମରେ ଅନୁବାଦ କରିଛନ୍ତି ?

ଉ : ଉତ୍କଳ ଦୁର୍ଦ୍ଦଶା ।

୧୫୧ ।

କ' ସ୍ତମ୍ଭ	'ଖ' ସ୍ତମ୍ଭ
ପ୍ରେମଲତା	ସାମାଜିକ
ଶୈଳବାଳା	କାଳ୍ପନିକ
ଅମ୍ବିକାଦେବୀ	ଐତିହାସିକ
ହରିଶ୍ଚନ୍ଦ୍ର	ପୌରାଣିକ

୧୫୨ । ନାଟକଗୁଡ଼ିକୁ କ୍ରମାନୁସାରେ ସଜାଇ ଲେଖ ? (ସତୀ, କଳିକାଳ, କାଞ୍ଚିକାବେରୀ, ସୀତାବିବାହ)

ଉ : କାଞ୍ଚିକାବେରୀ, କଳିକାଳ, ସତୀ, ସୀତାବିବାହ ।

୧୫୩ । ରାମଶଙ୍କର ରାୟଙ୍କ ରଚିତ ପ୍ରହସନଟି କ'ଣ ?

ଉ : ବୁଢ଼ାବର ।

୧୫୪ । ଭିକାରୀଚରଣଙ୍କ କେଉଁ ନାଟକଟି ରାଧାନାଥ ରାୟଙ୍କ 'ନନ୍ଦିକେଶ୍ୱରୀ' କାବ୍ୟ ଅନୁସରଣରେ ରଚିତ ?

ଉ : ନନ୍ଦିକେଶ୍ୱରୀ ।

୧୫୫ । ଭିକାରୀଚରଣଙ୍କ 'ନନ୍ଦିକେଶ୍ୱରୀ' ନାଟକ କେଉଁଠାରେ ଅଭିନୟ ହୋଇଥିଲା ?

ଉ : ଉଷା ପେଣ୍ଡାଲ ।

୧୫୬ । ଭିକାରୀ ଚରଣ ପଟ୍ଟନାୟକଙ୍କ ପ୍ରଥମ ସାମାଜିକ ନାଟକଟି କ'ଣ ?

ଉ : ସଂସାର ଚିତ୍ର ।

୧୫୭ । ଭିକାରୀ ଚରଣଙ୍କ ପଟ୍ଟନାୟକଙ୍କ ଏକ ପ୍ରହସନ ନାମ କୁହ ?

ଉ : ଯୌତୁକ ।

୧୫୮ । ରାଧାମୋହନ ରାଜେନ୍ଦ୍ର ଦେବଙ୍କ ରଚିତ ପ୍ରଥମ ନାଟକ ?

ଉ : ପ୍ରେମ ତରଙ୍ଗ ।

୧୫୯ । ମାଦଳା ପାଞ୍ଜିରେ ବର୍ଣ୍ଣିତ ବିଷୟବସ୍ତୁକୁ ଆଧାର କରି ଗୋଦାବରୀଶ ମିଶ୍ରଙ୍କ କେଉଁ ନାଟକ ରଚିତ ?

ଉ : ପୁରୁଷୋତ୍ତମ ଦେବ ।

୧୬୦ । ଯୁବରାଜ ବୀରମିତ୍ରଦୟ ସିଂ କେଉଁ ସଂସ୍କୃତ ନାଟକର ଓଡ଼ିଆ ଅନୁବାଦ କରିଥିଲେ ?

ଉ : ଅଭିଜ୍ଞାନ ଶାକୁନ୍ତଳମ୍ ।

୧୬୧ । 'ବେଣୀ ସଂହାର', ନାଟକର ଓଡ଼ିଆ ଅନୁବାଦକ କିଏ ?

ଉ : ହରିହର ରଥ ।

୧୬୨ । ଗୋପୀନାଥ ନନ୍ଦ ଭବଭୂତୀଙ୍କ କେଉଁ ନାଟକର ମର୍ମାନୁବାଦ କରିଥିଲେ ?

ଉ : ଉତ୍ତର ରାମ ଚରିତ ।

୧୬୩ । ବିଶାଖା ଦତ୍ତଙ୍କ 'ମୁଦ୍ରାରାକ୍ଷସ' ନାଟକକୁ କିଏ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ ?

ଉ : ମୃତ୍ୟୁଞ୍ଜୟ ରଥ ।

Scanned with CamScanner

୧୬୪ । ଶ୍ୟାମସୁନ୍ଦର ଷାଠିୟାଙ୍କ ରଚିତ ପୌରାଣିକ ନାଟକର ନାମ କ'ଣ ?

ଉ : ମେଘନାଦ ବଧ ।

୧୬୫ । ଅଶ୍ୱିନୀ କମାର ଘୋଷଙ୍କ ପ୍ରଥମ ଐତିହାସିକ ନାଟକର ନାମ କ'ଣ ?

ଉ : ସେଓଜୀ ।

୧୬୬ । 'ଉତ୍କଳ ସାହିତ୍ୟ ସମାଜ' ତରଫରୁ ଅଶ୍ୱିନୀ କୁମାର ଘୋଷଙ୍କୁ କେଉଁ ଉପାଧି ପ୍ରଦାନ କରାଯାଇଥିଲା ?

ଉ : ନାଟ୍ୟ ରତ୍ନାକର ।

୧୬୭ । ଅଶ୍ୱିନୀ କୁମାର ଘୋଷ ଚକ୍ରଧର ମହାପାତ୍ରଙ୍କ 'ବଳାଙ୍ଗୀ' ଉପନ୍ୟାସକୁ କେଉଁ ନାମରେ ନାଟ୍ୟରୂପ ଦେଇଥିଲେ ?

ଉ : ଓଡ଼ିଆ ଝିଅ ।

୧୬୮ । ବଳରାମ ଦାସଙ୍କ 'ଲକ୍ଷ୍ମୀପୁରାଣ' ଆଧରରେ ରଚିତ ଅଶ୍ୱିନୀ କୁମାର ଘୋଷ ନାଟକଟିର ନାମ କ'ଣ ?

ଉ : ଚଣ୍ଡାଲୁଣୀ ।

୧୬୯ । ଆବାହନ, ପରିକଳ୍ପନା, ପରିଣତି ତଥା ବିକାଶ- ଏହି ୪ଟି ଭାଗ ଅଶ୍ୱିନୀ କୁମାର ଘୋଷଙ୍କ କେଉଁ ନାଟକରେ ଦେଖିବାକୁ ମିଳେ ?

ଉ : ଭୁବନେଶ୍ୱର ।

୧୭୦ । ଗୋବିନ୍ଦ ଶୂରଦେଓଙ୍କ ଲୀଳା ନାଟକ କ'ଣ ?

ଉ : କୃଷ୍ଣଲୀଳା ମାନଭଞ୍ଜନ ।

୧୭୧ । କାଳୀଚରଣ ପଟ୍ଟନାୟକଙ୍କ କେଉଁ ନାଟକଟି ବଙ୍ଗଳା 'ପାର୍ଥସାରଥି' ନାଟକର ଭାବାନୁବାଦ ?

ଉ : ଚକ୍ରୀ ।

୧୭୨ । 'ଉତ୍କଳ ସାହିତ୍ୟ ସମାଜ' କାଳୀଚରଣ ପଟ୍ଟନାୟକଙ୍କୁ କେଉଁ ଉପାଧି ପ୍ରଦାନ କରିଥିଲା ?

ଉ : ନାଟ୍ୟାଚାର୍ଯ୍ୟ ।

୧୭୩ । ପ୍ରଥମ କରି କେଉଁ ନାଟ୍ୟକାର ରଙ୍ଗମଞ୍ଚରେ ନାରୀ ଭୂମିକାରେ ନାରୀମାନଙ୍କୁ ଅବତୀର୍ଣ୍ଣ କରାଇଥିଲେ ?

ଉ : କାଳୀଚରଣ ପଟ୍ଟନାୟକ ।

୧୭୪ । କାଳୀଚରଣ ପଟ୍ଟନାୟକ କେଉଁ ନାଟକ ପାଇଁ କବିଚନ୍ଦ୍ର ଆଖ୍ୟା ପାଇଥିଲେ ?

ଉ : ଜୟଦେବ ।

୧୭୫ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ପ୍ରେମଲତା	ଚୁମ୍ବନ
ରମା	ଭାତ
ମଣି	ସନ୍ଧାନ
ବାସନ୍ତୀ	ହରଣଚାଳ

୧୭୬ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ବନ୍ଧୁ ମହାନ୍ତି	ପୌରାଣିକ ନାଟକ
କଳା ପାହାଡ଼	ଐତିହାସିକ ନାଟକ
ମାଷ୍ଟର ବାବୁ	ସାମାଜିକ ନାଟକ
ପ୍ରେମିକ ଛାତ୍ର	ପ୍ରହସନ

୧୭୭ । କାଳୀଚରଣ ପଟ୍ଟନାୟକଙ୍କ କେଉଁ ନାଟକରେ ମହାତ୍ମାଗାନ୍ଧିଙ୍କ ତିରୋଧାନର ଚିତ୍ର ପ୍ରଦତ୍ତ ହୋଇଛି ?

ଉ : ଫଟାଭୂଇଁ ।

୧୭୮ । କାଳୀଚରଣ ପଟ୍ଟନାୟକଙ୍କ କେଉଁ ନାଟକଟି ଦୁର୍ଭିକ୍ଷ ପଟ୍ଟଭୂମି ଉପରେ ରଚିତ ?

ଉ : ଭାତ ।

୧୭୯ । କ୍ରମାନୁସାରେ ନାଟକଗୁଡ଼ିକ ସଜାଅ ? (ରାଜା ପୁରୁଷୋତ୍ତମ, ଯୌତୁକ, ନିରୁପମା, ରତ୍ନମାଳୀ)

ଉ : ରତ୍ନମାଳୀ, ଯୌତୁକ, ରାଜା ପୁରୁଷୋତ୍ତମ, ନିରୁପମା ।

୧୮୦ । କ୍ରମାନୁସାରେ ନାଟକଗୁଡ଼ିକୁ ସଜାଅ ? (ରାମ ବନବାସ, ବିଷମୋଦକ, କାଞ୍ଚିକାବେରୀ, ବଡ଼ଲୋକ)

ଉ : କାଞ୍ଚିକାବେରୀ, ରାମ ବନବାସ, ବିଷମୋଦକ, ବଡ଼ଲୋକ ।

୧୮୧ । କ୍ରମ ଅନୁସାରେ ସଜାଇ ଲେଖ ? (ଭୁବନେଶ୍ୱର, କୋଣାର୍କ, ତାଜମହଲ, ସମଲେଶ୍ୱରୀ)

ଉ : ସମଲେଶ୍ୱରୀ, କୋଣାର୍କ, ତାଜମହଲ, ଭୁବନେଶ୍ୱର ।

୧୮୨ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଶ୍ରୀରାଧା	ଲୀଳାନାଟକ
ଧ୍ରୁବ	ପୌରାଣିକ ନାଟକ
ରକ୍ତମନ୍ଦାର	ଐତିହାସିକ ନାଟକ
ଫଟାଭୂଇଁ	ସାମାଜିକ ନାଟକ

Scanned with CamScanner

୧୮୩ ।

‘କ’ ସ୍ତମ୍ଭ	‘ଖ’ ସ୍ତମ୍ଭ
କମଳା	ମାଗୁଣି
ବନମାଳା	ଜଗଦୀଶ
ମାଳତୀ	ଭାନୁ ମଙ୍ଗରାଜ
ପରିବର୍ତ୍ତନ	ରାଜକିଶୋର

୧୮୪ । ଐତିହାସିକ କ୍ରମରେ ନାଟ୍ୟକାରଙ୍କୁ ସଜାଅ ? (ଅଶ୍ୱିନୀକୁମାର, ଭିକାରୀଚରଣ, ରାମଶଙ୍କର, କାଳୀଚରଣ ପଟ୍ଟନାୟକ)

ଉ : ରାମଶଙ୍କର, ଭକାରୀଚରଣ, ଅଶ୍ୱିନୀ କୁମାର, କାଳୀଚରଣ ପଟ୍ଟନାୟକ ।

୧୮୫ ।

‘କ’ ସ୍ତମ୍ଭ	‘ଖ’ ସ୍ତମ୍ଭ
ଏକାଙ୍କିକା	ଯୁଗପୁରୁଷ
ଚରିତ୍ର ମୂଳକ	ଜୟଦେବ
ରାସ ନାଟକ	ମିଳନ ମାଧୁରୀ
କିମ୍ବଦନ୍ତୀ ମୂଳକ ନାଟକ	ଅଭିଯାନ

୧୮୬ । ନାଟକଗୁଡ଼ିକର ଉପଯୁକ୍ତ କ୍ରମ ନିର୍ଦ୍ଧାରଣ କର ? (ବେକାର, କମଳ, ଗାର୍ଲସ୍କୁଲ, ଆହୂତି)

ଉ : ଆହୂତି, ଗାର୍ଲସ୍କୁଲ, ବେକାର, କମଳ ।

୧୮୭ । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ପ୍ରଥମ ଲୀଳା ନାଟକ ?

ଉ : ଶରଦ ରାସ ।

୧୮୮ । ବିଲ୍ୱମଙ୍ଗଳ ନାଟକର ସ୍ରଷ୍ଟା କିଏ ?

ଉ : ରାମଚନ୍ଦ୍ର ମହାପାତ୍ର ।

୧୮୯ । ବାଳକୃଷ୍ଣ କରଙ୍କ କେଉଁ ନାଟକ ସେକ୍ସପିଅରଙ୍କ ‘king lear’ ନାଟକ ଦ୍ୱାରା ପ୍ରଭାବିତ ?

ଉ : ଶିବ ଦାସ ।

୧୯୦ । ମାୟାଧର ମାନସିଂହଙ୍କ କେଉଁ ନାଟକଟି ଉଚ୍ଛ୍ୱାସଧର୍ମୀ ପ୍ରଣୟର ପୃଷ୍ଠଭୂମି ଉପରେ ରଚିତ ?

ଉ : ନଷ୍ଟନୀଡ଼ ।

୧୯୧ । ଓଡ଼ିଆ ନାଟ୍ୟ ସାହିତ୍ୟରେ ସର୍ବପ୍ରଥମ ଦୃଶ୍ୟପଟ୍ଟ ସମ୍ବଳିତ ନାଟକ କ’ଣ ?

ଉ : ହରିହର ମିଶ୍ରଙ୍କ (ଆଶୀର୍ବାଦ) ।

୧୯୨ । କାମପାଳ ମିଶ୍ରଙ୍କ ‘ବସନ୍ତ ଲତିକା’ ନାଟକରେ କେଉଁ ବାଦର ପ୍ରାଧାନ୍ୟ ରହିଛି ?

ଉ : ଅଦୃଷ୍ଟବାଦ ।

୧୯୩ । ଦେଶପ୍ରାଣ ମଧୁସୂଦନ କାହାକୁ ‘Father of Oriya drama’ ଆଖ୍ୟାରେ ଅଭିହିତ କରିଥିଲେ ?

ଉ : ରାମଶଙ୍କର ରାୟ ।

୧୯୪ । ଗୋପାଳ ଛୋଟରାୟ କେଉଁ ନାଟକ ପାଇଁ ଓ.ସା.ଏ ଦ୍ୱାରା ପୁରସ୍କୃତ ?

ଉ : ହାସ୍ୟ ରସାତ୍ମକ ନାଟକ ।

୧୯୫ । କାର୍ତ୍ତିକ କୁମାର ଘୋଷଙ୍କ ରଚିତ ପ୍ରଥମ ଐତିହାସିକ ନାଟକର ନାମ କ’ଣ ?

ଉ : ମୀର କାଶୀମ୍ ।

୧୯୬ । ‘ରକ୍ତର ଡାକ’ ନାଟକଟି କେଉଁ ଧରଣର ନାଟକ ?

ଉ : ମନସ୍ତାତ୍ତ୍ୱିକ ।

୧୯୭ । କାର୍ତ୍ତିକ ଚନ୍ଦ୍ର ଘୋଷଙ୍କ କେଉଁ ନାଟକଟି ଚାଇନା ଆକ୍ରମଣ ପଟ୍ଟଭୂମିରେ ରଚିତ ହୋଇଛି ?

ଉ : ଯଓ୍ୱାନ ।

୧୯୮ । କାର୍ତ୍ତିକ ଚନ୍ଦ୍ର ରଥ କେଉଁ ନାଟକ ପାଇଁ ଓ. ସା.ଏ. ଦ୍ୱାରା ପୁରସ୍କୃତ ହୋଇଛନ୍ତି ?

ଉ : ନିଃସଙ୍ଗ ବିସର୍ଗ ।

୧୯୯ । ବିବାହ, ଟ୍ରଷ୍ଟି, ନରକେ ବିପ୍ଳବ, ଅଶ୍ରୁତର୍ପଣ, ସମସ୍ୟା ସମାଧାନ, ଆଦର୍ଶ ପରିବାର, ସ୍ୱର୍ଗେ ଗଣତନ୍ତ୍ର ଆଦି ନାଟକର ସ୍ରଷ୍ଟା କିଏ ?

ଉ : ଉଦୟନାଥ ମିଶ୍ର ।

୨୦୦ । ଉପେନ୍ଦ୍ର ଭଞ୍ଜଙ୍କର ‘ଲାବଣ୍ୟବତୀ’ ଓ ‘ସୁଭଦ୍ରା ପରିଣୟ’କୁ କିଏ ନାଟ୍ୟ ରୂପ ପ୍ରଦାନ କରିଥିଲେ ?

ଉ : ଉଦୟ ନାଥ ମିଶ୍ର ।

୨୦୧ । ରାମଚନ୍ଦ୍ର ମିଶ୍ରଙ୍କ ନାଟକଗୁଡ଼ିକ କ’ଣ କ’ଣ ?

ଉ : ଅଭିମାନ, ମ୍ୟାନେଜର, ମୂଲିଆ, ଘରସଂସାର, ଭାଇଭାଉଜ, ଝାଇପଡ଼ିଶା, ଅର୍ଥ ଅନର୍ଥ, ସେବିକା, ପୁଆଣିଘର, ଗୋଧୂଳି ଲଗ୍ନ, କିସ ପୁଣି ଦେଖାନଯାଏ, ନାଟକ ରୀତିମତ ଓ ନରୋତ୍ତମ ଦାସ କହେ ।

୨୦୨ । ରାମଚନ୍ଦ୍ର ମିଶ୍ର କେଉଁ ନାଟକଟି ପାଇଁ ଓ.ସା.ଏ. ଦ୍ୱାରା ପୁରସ୍କୃତ ହୋଇଛନ୍ତି ?

ଉ : ନାଟକ ରୀତିମତ ।

Scanned with CamScanner

୨୦୩ । ପଦ୍ମଚରଣ ପଟ୍ଟନାୟକଙ୍କ ଦ୍ୱାରା ରଚିତ ନାଟକଗୁଡ଼ିକର ନାମ କ'ଣ ?
ଉ : ନେତା, ମାଂସ ବେପାରୀ, ରାମ ନାଟକ, ଦେବ ଦାନବ, ସାକ୍ଷୀଗୋପାଳ ଓ 'ପଦ୍ମପୂରବୀ' ଆଦି ।

୨୦୪ । ଓଡ଼ିଆ ସାହିତ୍ୟରେ ନବନାଟ୍ୟ ଆନ୍ଦୋଳନର ପ୍ରବକ୍ତା କିଏ ?
ଉ : ମନୋରଞ୍ଜନ ଦାସ ।

୨୦୫ । ମନୋରଞ୍ଜନ ଦାସଙ୍କ ପ୍ରଥମ ନାଟକ ନାମ କ'ଣ ?
ଉ : ରାତ୍ରି (ଅପ୍ରକାଶିତ) ।

୨୦୬ । ମନୋରଞ୍ଜନ ଦାସଙ୍କ କେଉଁ ନାଟକଗୁଡ଼ିକ ମଞ୍ଚସ୍ଥ ହୋଇ ସଫଳତା ଲାଭ କରିଛି ?
ଉ : ଯୌବନ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଅଗଷ୍ଟନ, ବକ୍‌ସି ଜଗବନ୍ଧୁ ଇତ୍ୟାଦି ।

୨୦୭ । ମନୋରଞ୍ଜନ ଦାସଙ୍କ କେଉଁ ନାଟକଗୁଡ଼ିକ ପରୀକ୍ଷାଧର୍ମୀ ଭିତ୍ତିକ ନାଟକ ?
ଉ : ଅବରୋଧ, ବନହଂସୀ, ଅରଣ୍ୟ ଫସଲ, ଅମୃତସ୍ୟ ପୁତ୍ରଃ, କାଠଘୋଡ଼ା, କ୍ଳାନ୍ତ ପ୍ରଜାପତି, ବିତର୍କିତ ଅପରାହ୍ନ, ନନ୍ଦିକାକେଶରୀ, ମହୋଦଧି, ବିଚିତ୍ର ମନର ନାଟକ ।

୨୦୮ । ମନୋରଞ୍ଜନ ଦାସଙ୍କ କେଉଁ ନାଟକଟି ଆଧୁନିକ ନାଟକର ମୋଡ଼ ବଦଳାଇ ଦେଇଥିଲା ?
ଉ : ଆଗାମୀ ।

୨୦୯ । ମନୋରଞ୍ଜନ ଦାସଙ୍କ କେଉଁ ନାଟକରେ ପ୍ରତୀକବାଦର ସ୍ୱର ଦେଖିବାକୁ ମିଳେ ?
ଉ : କ୍ଳାନ୍ତ ପ୍ରଜାପତି ।

୨୧୦ । ମନୋରଞ୍ଜନ ଦାସଙ୍କ କେଉଁ ରଚନାଟି ଯାତ୍ରା ନାଟକର ପରିସର ଭୁକ୍ତ ?
ଉ : କାଠଘୋଡ଼ା ।

୨୧୧ । କେଉଁ ନାଟକଟି ମନୋରଞ୍ଜନ ଦାସଙ୍କ ଐତିହାସିକ ନାଟକ ?
ଉ : କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ।

୨୧୨ । ଜେ.ବି. ପ୍ରିଷ୍ଟିଲଙ୍କ 'An Inspectors'ର ଅନୁସରଣରେ ମନୋରଞ୍ଜନ ଦାସ କେଉଁ ନାଟକ ରଚନା କରିଥିଲେ ?
ଉ : ସାଗର ମନ୍ଥନ ।

୨୧୩ । ମନୋରଞ୍ଜନ ଦାସଙ୍କ 'ଅରଣ୍ୟ ଫସଲ' କେଉଁ ଧରଣର ରଚନା ?
ଉ : ସ୍ଥିତିବାଦୀ ।

୨୧୪ । ଗୋପୀନାଥ ମହାନ୍ତି ମନୋରଞ୍ଜନ ଦାସଙ୍କ କେଉଁ ନାଟକ ସଂପର୍କରେ ମନ୍ତବ୍ୟ ଦେବାକୁ ଯାଇ କହିଛନ୍ତି ଯେ "ଏକ ଲକ୍ଷରେ ଓଡ଼ିଆ ନାଟକ ମଧ୍ୟ ଯୁଗରୁ ଯାଇ ଆଧୁନିକ ଯୁଗରେ ପହଞ୍ଚିଲା ।"
ଉ : ଆଗାମୀ (୧୯୫୦) ।

୨୧୫ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଗୋଟିଏ ସରଳରେଖାରେ ରଖି ମନୋରଞ୍ଜନ ଦାସ କେଉଁ ନାଟକ ସୃଷ୍ଟି କରିଛନ୍ତି ?
ଉ : ବନହଂସୀ ।

୨୧୬ । କେଉଁ ନାଟକରେ ଯୌନତାର ପ୍ରତୀକ ରୂପେ ଏକ ଛେଳି ବ୍ୟବହୃତ ହୋଇଛି ?
ଉ : ଅରଣ୍ୟ ଫସଲ ।

୨୧୭ । 'ଅରଣ୍ୟ ଫସଲ'ରେ ଚରିତ୍ରଗୁଡ଼ିକ କିଏ କିଏ ଥିଲେ ?
ଉ : ସୁବ୍ରତ, ବେବୀ, ଫରେଷ୍ଟ କଣ୍ଟ୍ରାକ୍ଟର ବର୍ମା, ଲିଲି ଓ ସଂଗ୍ରାମ ।

୨୧୮ । 'ଆଗାମୀ' ନାଟକର ଚରିତ୍ରଗୁଡ଼ିକର ନାମ ଲେଖ ?
ଉ : ପୁଞ୍ଜିପତି ସୂର୍ଯ୍ୟନାରାୟଣ, ଶ୍ରମିକନେତା ଶରତ, ସରସୀ ଓ କଲ୍ୟାଣୀ ।

୨୧୯ । 'ଆଗାମୀ' ନାଟକଟି କେଉଁ ନାଟ୍ୟ ସଂସ୍ଥା ଦ୍ୱାରା ଅଭିନୀତ ହୋଇଥିଲା ?
ଉ : ଇଉନାଇଟେଡ୍ ଆର୍ଟିଷ୍ଟ ନାମକ ଏକ ସୌଖୀନ ନାଟ୍ୟ ସଂସ୍ଥା ଦ୍ୱାରା ।

୨୨୦ । 'ଅରଣ୍ୟ ଫସଲ' କେଉଁ ରଙ୍ଗମଞ୍ଚରେ ଅଭିନୀତ ହୋଇଥିଲା ?
ଉ : ୧୯୬୯ କଳାଶ୍ରୀ ଥିଏଟର ।

୨୨୧ । 'ଅମୃତସ୍ୟ ପୁତ୍ର'ର ନାୟକ ଓ ନାୟିକାର ନାମ କ'ଣ ?
ଉ : ସନାତନ ଓ ସୁଚେତା ।

୨୨୨ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ବିତର୍କିତ ଅପରାହ୍ନ	ଜେନେରେସନ୍ ଗ୍ୟାପ
ଜନ୍ମମାଟି	ନଗର ସଭ୍ୟତା ଓ ପଲ୍ଲୀ ସଭ୍ୟତାର ସଂଘର୍ଷ
ଅବରୋଧ	ଶ୍ରମିକ, ମାଲିକର, ସଂଘର୍ଷ
ଶବ୍ଦଲିପି	ମଣିଷ ଅସମୟତାର ଏକ କରୁଣ ରୂପ

୨୨୩ । କେଉଁ ନାଟକଟି ମନୋରଞ୍ଜନଙ୍କ ଏକ ଅନୂଦିତ ନାଟକ ?
ଉ : ଭଦ୍ରଲୋକ ।

୨୨୪ । 'ବନହଂସୀ' କେଉଁ ଧରଣର ନାଟକ ?
ଉ : ଅଭିବ୍ୟକ୍ତି ବାଦ ।

Scanned with CamScanner

୨୨୫ । 'ବିତର୍କିତ ଅପରାହ୍ନ'ରେ କେଉଁ ପୁରୁଷଟି ବିତର୍କିତ ଭାବରେ ଚିତ୍ରିତ ହୋଇଛି ?
ଉ : ଦ୍ୱିତୀୟ ପୁରୁଷ ବା ମଧ୍ୟମ ପୁରୁଷ ।

୨୨୬ । କେଉଁ ନାଟ୍ୟକାର ଇବସେନ୍‌ଙ୍କ ଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି ?
ଉ : ମନୋରଞ୍ଜନ ଦାସ ।

୨୨୭ । 'ଆଗାମୀ' ନାଟକରେ କେଉଁ ଚିନ୍ତାଧାରା ବା ଦର୍ଶନ ଦେଖିବାକୁ ମିଳେ ?
ଉ : ସମସ୍ତ ବିକଳ୍ପ ।

୨୨୮ । 'ଅଗଷ୍ଟ ନଅ' ନାଟକର ମୂଳସ୍ୱର କ'ଣ ?
ଉ : ଦେଶପ୍ରେମ ।

୨୨୯ । 'ବନହଂସୀ' ନାଟକର ଚରିତ୍ର କ'ଣ କ'ଣ ?
ଉ : ମୃତ (ସନ୍ତୋଷ ଶର୍ମା– ବର୍ତ୍ତମାନ ପ୍ରବୀନ ଚୌଧୁରୀ ଓ ଉଷା ଶର୍ମା)

୨୩୦ । 'କାଠଘୋଡ଼ା' ନାଟକର ଚରିତ୍ର ଲେଖ ?
ଉ : ଦୀପା, ପୀତାମ୍ବର, ଶିଖା ଆଉ ଅରୁଣ ।

୨୩୧ । କେଉଁ ନାଟକଟି ମନୋରଞ୍ଜନ ଦାସଙ୍କ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଛି ?
ଉ : ଅରଣ୍ୟ ଫସଲ (୧୯୭୧)

୨୩୨ । ମନୋରଞ୍ଜନ ଦାସଙ୍କ କେଉଁ ନାଟକଟି ଶାରଳା ପୁରସ୍କାର ପାଇଛି ?
ଉ : ନନ୍ଦିକାକେଶରୀ(୧୯୯୦) ।

୨୩୩ । କମଳଲୋଚନ ମହାନ୍ତିଙ୍କ ନାଟକଗୁଡ଼ିକ ଲେଖ ?
ଉ : ସମାଧାନ, ଅଭ୍ୟୁଦୟ, ଗାଁ ମାଟି, କିରାଣୀ, ମାତୃମଙ୍ଗଳ କେନ୍ଦ୍ର, ଆମ ଗାଁ, ମଣିଷ ସନ୍ତାନ, ମଣିକାଞ୍ଚନ, ମିସ୍ ମଲ୍ଲିକ ଓ ସୁମିତ୍ରାର ହସ ।

୨୩୪ । କମଳଲୋଚନ ମହାନ୍ତିଙ୍କ କେଉଁ ନାଟକର ପରବର୍ତ୍ତୀ ନାମ 'ଆମ ଗାଁ' ରୂପରେ ପ୍ରକାଶ ପାଇଛି ?
ଉ : ସୁବର୍ଣ୍ଣପୁର ।

୨୩୫ । 'ରଘୁ ତୁ ତୋର କବଚ ତଳେ, ଖୁଦିରାମ, ଲକ୍ଷ୍ମଣ ନାୟକ, ବାଘାଯତୀନଙ୍କୁ ପଚାରିବୁ, ରକ୍ତ ନିଗାଡ଼ି ଯେଉଁ ସ୍ୱାଧୀନତା ଆଣିଛନ୍ତି ସେ କ'ଣ ଏଇ', ଉକ୍ତ ସଂଳାପଟି କେଉଁ ନାଟକର ?
ଉ : କମଳଲୋଚନ ମହାନ୍ତିଙ୍କ 'ଆଜାଦୀ' ନାଟକରୁ ।

୨୩୬ । ସୁରେନ୍ ମହାନ୍ତିଙ୍କ ମଞ୍ଚ ନାଟକଗୁଡ଼ିକର ନାମ କ'ଣ ?
ଉ : ବଜ୍ରକବାଟ, ବେଗମ କୋଠୀ, ଅନୁପ୍ରାସ, ନ କହିଲେ ଭଲ (ବେତାରନାଟକ) ।

୨୩୭ । ଭଞ୍ଜକିଶୋର ପଟ୍ଟନାୟକଙ୍କ ଚର୍ଚ୍ଚିତ ନାଟକର ନାମ କ'ଣ ?
ଉ : ଝଡ଼ରାତି, ଦାବୀ, ମୀମାଂସା, ଶିକାରି, ଜୀବନ ଯୁଆ, ଜୟମାଲ୍ୟ, ପ୍ରତିଶୋଧ, ଅଶୋକ ସ୍ତମ୍ଭ, ଅଗ୍ନିପରୀକ୍ଷା ଇତ୍ୟାଦି ।

୨୩୮ । ଭୁବନେଶ୍ୱର ମହାପାତ୍ରଙ୍କ ରଚିତ ନାଟକଗୁଡ଼ିକ କ'ଣ କ'ଣ ?
ଉ : ବିଦ୍ରୋହୀ, କିଏ କାହାର, ତୁଠପଥର, କାଚକାଞ୍ଚନ, ମୋତି ମତଲ, ବାଡୁଅ ଝିଅ, ଜମାନବନ୍ଦୀ, ଅସ୍ତ ଚନ୍ଦ୍ରମା ଆଦି (ସାମାଜିକ ନାଟକ) ଏବଂ ସେ ନାରୀ ବନ୍ଦନୀୟା, (ପୌରାଣିକ ନାଟକ), ରାଜ ମୁକୁଟ (ଐତିହାସିକ) ।

୨୩୯ । ଜାନକୀ ବଲ୍ଲଭ ମହାନ୍ତିଙ୍କ ନାଟକଗୁଡ଼ିକ କ'ଣ ?
ଉ : ଅସ୍ତରାଗ, ସଫଳଯାତ୍ରା, ହରିପୁରରୁ ବାରିବଦା

୨୪୦ । ଜାନକୀ ବଲ୍ଲଭ ମହାନ୍ତି କେଉଁ କେଉଁ ଉପନ୍ୟାସକୁ ନାଟ୍ୟରୂପ ଦେଇଛନ୍ତି ?
ଉ : ଶାସ୍ତି, ହିଡ଼ମାଟି, ପରଜା ।

୨୪୧ । ଜାନକୀ ବଲ୍ଲଭ ମହାନ୍ତି ନାଟ୍ୟରୂପ ପ୍ରଦାନ କରିଥିବା ଉପନ୍ୟାସଗୁଡ଼ିକ କେଉଁ ଥିଏଟର ଦ୍ୱାରା ଅଭିନୀତ ହୋଇଥିଲା ?
ଉ : କଳାଶ୍ରୀ ଥିଏଟର ।

୨୪୨ । ସୁରେନ୍ ମହାନ୍ତିଙ୍କ କେଉଁ ନାଟକଟି ସିପାହୀ ବିଦ୍ରୋହର ପୃଷ୍ଠଭୂମି ଉପରେ ରଚିତ ?
ଉ : ବେଗମ କୋଠୀ ।

୨୪୩ । ନରସିଂହ ମହାପାତ୍ରଙ୍କ କେଉଁ ନାଟକଟି ସର୍ବଶ୍ରେଷ୍ଠ କୃତି ?
ଉ : ବାଉଁଶରାଣୀ ।

୨୪୪ । ନରସିଂହ ମହାପାତ୍ରଙ୍କ ନାଟ୍ୟକୃତିଗୁଡ଼ିକୁ ବର୍ଣ୍ଣନା କର ?
ଉ : ବନ୍ଧନ, କବି ଗୋପାଳ କୃଷ୍ଣ, ବାଉଁଶରାଣୀ, ଅମାବାସ୍ୟାର ଚନ୍ଦ୍ର ଆଦି (ମଞ୍ଚନାଟକ) ଏବଂ ପୋଡ଼ାବେଦୀ ପୁଣି ଚହଟିଲା, କଲିକତିଆ ଜୋଇଁ, ହୋଲି, ମୂଳରୁ ପାହାଚ ପାହାଡ଼ ଆଦି (ବେତାର ନାଟକ) ।

୨୪୫ । ରଘୁନାଥ ମିଶ୍ର ନାଟ୍ୟଗୁଡ଼ିକ ଲେଖ ?
ଉ : ଜନତାର ପ୍ରତିନିଧି, ଲକ୍ଷ୍ୟ ଏକ ରାସ୍ତା ଅନେକ, ଅପବାଦ, ଶକୁନ୍ତଳା, ଶେଷପତ୍ରର ଶିଶିରସିକ୍ତ ଝଡ଼, ଶିଥିଳ ସନ୍ଧ୍ୟା ଇତ୍ୟାଦି ।

Scanned with CamScanner

୨୪୬ । ଚାଲିଯାତ୍ରା, ହୀରାହଂସର ସୁଆଙ୍ଗ ଆଦି ଲୋକନାଟକର ସ୍ରଷ୍ଟା କିଏ ?
ଉ : ଧୀରେନ ଦାସ ।

୨୪୭ । ପରିଶୋଧ, ଶଙ୍ଖାଳି, ପଦ୍ମାଲକ୍ଷ୍ମୀ, ଶ୍ରୀଗୁଣ୍ଡିଚା ଆଦି ନାଟକରେ ସ୍ରଷ୍ଟା କିଏ ?
ଉ : ଶାରଦା ପ୍ରସନ୍ନ ନାୟକ ।

୨୪୮ । ଧନେଶ୍ୱର ପଟ୍ଟନାୟକଙ୍କ ନାଟକଗୁଡ଼ିକ କ'ଣ କ'ଣ ?
ଉ : ଦେବଦତ୍ତ, ଗାନ୍ଧାରୀ, ବିଦଗ୍ଧ ବସୁଧା, ଉଠାପାଟେରୀ, ଆଦିବାସୀ, ଦାରୋଗାବାବୁ, ବିବର୍ଣ୍ଣ ବସୁଧା, ମାଣିକ ଇତ୍ୟାଦି ।

୨୪୯ । ବ୍ୟୋମକେଶ ତ୍ରିପାଠୀଙ୍କ ନାଟକଗୁଡ଼ିକ ଲେଖ ?
ଉ : ଏକ ଦୁଇ ତିନି, ରାଜମୁକୁଟ, କଂସା କବାଟ, ସିଂହଦ୍ୱାର, ତୋଳାକନିଆ, ସୁନାଫରୁଆ, ହେମହରିଣୀ, ସୀତା ପରୀକ୍ଷା, ଦାନବୀର ହରିଶ୍ଚନ୍ଦ୍ର, ଇତ୍ୟାଦି ।

୨୫୦ । ସୂର୍ଯ୍ୟମନ୍ଦିର, ଭୁଲି ହୁଏନା, ପରଶମଣି, ସେତୁବନ୍ଧ, ରାତ୍ରି ଗୋ ତୁମେ କଥା କୁହ, ଅଥବା ଅନ୍ଧାର, ଅଶାନ୍ତ, କଂସ ଆଦି ନାଟକର ରଚୟିତା କିଏ ?
ଉ : ଯଦୁନାଥ ଦାଶ ମହାପାତ୍ର ।

୨୫୧ । 'ଅଥବା ଅନ୍ଧାର' ଏକ କେଉଁ ନାଟକ ?
ଉ : ପ୍ରତୀକ ଧର୍ମୀ ।

୨୫୨ । ଯଦୁନାଥ ଦାଶ ମହାପାତ୍ର ତାଙ୍କର କେଉଁ ନାଟକ ପାଇଁ ପୁରସ୍କୃତ ହୋଇଛନ୍ତି ?
ଉ : ଅଥବା ଅନ୍ଧାର (୧୯୫୬- ଓ.ସା.ଏ.)

୨୫୩ । ଆନନ୍ଦଶଙ୍କର ଦାସଙ୍କ ନାଟ୍ୟକୃତିଗୁଡ଼ିକୁ ଦର୍ଶାଅ ?
ଉ : ସମାଧି, ଯୌତୁକ, ଚନ୍ଦ୍ରଭାନୁ, କପଟପାଶା, ଧର୍ମାର ଅଭିଶାପ, ଚକାଭଉଁରୀ, ସ୍ୱର୍ଗ ମର୍ତ୍ତ୍ୟ ପାତାଳ ଆଦି ନାଟକ ।

୨୫୪ । 'ମଣିକାଞ୍ଚନ' 'ବୁଲୁ ଓସ୍ତାଦ' ଆଦି କାହାର ଶିଶୁ ନାଟକ ?
ଉ : ଆନନ୍ଦଶଙ୍କର ଦାସ ।

୨୫୫ । ଆନନ୍ଦଶଙ୍କର ଦାସଙ୍କ କେଉଁ ନାଟକଗୁଡ଼ିକ ଚଳଚ୍ଚିତ୍ରରେ ରୂପାୟିତ ହୋଇଛି ?
ଉ : ଅଭିମାନ, ଫୁଲଚନ୍ଦନ ଓ ପରଦେଶୀ ଚଢ଼େଇ ।

୨୫୬ । ବଳରାମ ମିଶ୍ରଙ୍କ ନାଟ୍ୟକୃତିଗୁଡ଼ିକ କ'ଣ କ'ଣ ?
ଉ : ବନ୍ଦିତା, ଶଙ୍ଖମହୁରୀ, ବିଷଦୃଷ୍ଟି, ଜୀବନର ଝଡ଼, ବିଷପୀୟୂଷ, ଆଦି ।

୨୫୭ । କୃଷ୍ଣଚରଣ ପଟ୍ଟନାୟକ ନାଟକର ନାମ ଲେଖ ?
ଉ : ଗାଁ', ବ୍ରେକ୍ ଫେଲ୍, ପ୍ରଳାପ, ସେତୁବନ୍ଧ ।

୨୫୮ । ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋଙ୍କ ନାଟ୍ୟକୃତିଗୁଡ଼ିକ ଲେଖ ?
ଉ : ଅନ୍ଧଯମୁନା, କୃଷ୍ଣାଚୂଡ଼ାର ହସ, ଅଭିଶପ୍ତ ଘୁଙ୍ଗୁର, ମୁଁ ସୈତାନ କହୁଚି, ଜୀବନ ସଂଗ୍ରାମ, ରଙ୍ଗତରଙ୍ଗ, ମହାକାଳର ତୂର୍ଯ୍ୟନାଦ ।

୨୫୯ । ରାଜେନ୍ଦ୍ରନାରାୟଣ ଦାସଙ୍କ ରଚିତ ନାଟକ କ'ଣ ?
ଉ : କଳିଙ୍ଗଶିଳ୍ପୀ ଓ ସରଦେଇ ଚଟିଘର ।

୨୬୦ । 'ସମୁଦ୍ରମନ୍ଥନ' ନାଟକର ନାଟ୍ୟକାର କିଏ ?
ଉ : ଗୋପାଳଚନ୍ଦ୍ର ପଟ୍ଟନାୟକ ।

୨୬୧ । ଝରାବଉଳ, ଶେଷ ଶ୍ରାବଣ, ସୂର୍ଯ୍ୟସ୍ନାନ, ମୋନାଲିସାର ହସ, କାଚଘର, ଅନ୍ଧକାରର ପୂରବୀ, ବହ୍ନିକନ୍ୟା ଆଦି କାହାର ନାଟକ ?
ଉ : ବସନ୍ତ କୁମାର ମହାପାତ୍ର ।

୨୬୨ । ନ୍ୟୁଟହାମ୍‌ସନଙ୍କ ପ୍ରସିଦ୍ଧ ଉପନ୍ୟାସ Growth of the soilର କଥାବସ୍ତୁକୁ ନେଇ ବସନ୍ତ କୁମାର କେଉଁ ନାଟକ ଲେଖିଛନ୍ତି ?
ଉ : ମୁଠାଏ ମାଟି ।

୨୬୩ । ନୀଳକଣ୍ଠ ମିଶ୍ରଙ୍କ ନାଟକଗୁଡ଼ିକ କ'ଣ ?
ଉ : ଶପଥ, ଅମୃତଲଗ୍ନ, ପାଷାଣ ଲୁହ ଝରେ, ନିଶାନ୍ତର ଅନ୍ଧକାର, ମୁକୁଟ ମୁକ୍ତା, ଭୁଆଁ, ସେଇ ବଂଶୀ ସେଇ ସ୍ୱନ ଇତ୍ୟାଦି ।

୨୬୪ । ଆହୁତି, ଜୟୀ ରାଜଗୁରୁ, ସାଲବେଗ, ଶାନ୍ତି ସଂଗ୍ରାମ, ନିଃଶବ୍ଦ କୋଳାହଳ, ଆଦି ନାଟକଗୁଡ଼ିକର ସ୍ରଷ୍ଟା କିଏ ?
ଉ : ଅମୂଲ୍ୟକୃଷ୍ଣ ମିଶ୍ର ।

୨୬୫ । ନାରାୟଣ ଶତପଥୀ କେଉଁ ନାଟକଗୁଡ଼ିକର ସ୍ରଷ୍ଟା ?
ଉ : ସହସ୍ର ଶିଖା, ପାହାନ୍ତି ତାରା, ଫଲ୍‌ଗୁରେ ବନ୍ୟା, ଜଳତରଙ୍ଗ, ମୃଗନାଭି ଇତ୍ୟାଦି ।

୨୬୬ । ଉଜାଣି ଯମୁନା, ଛାଇ ଆଲୁଅ, ଜୀବନତୀର୍ଥ, ମରୁତୃଷ୍ଣା ଓ କ୍ଷୁଧିତ ପ୍ରାନ୍ତର ଆଦି ନାଟକର ନାଟ୍ୟକାର କିଏ ?
ଉ : ହିମାଂଶୁ ଭୂଷଣ ସାବତ ।

୨୬୭ । ବନ୍ଧନ, ପ୍ରତିଧ୍ୱନି, ଲଗ୍ନ, ନୀଡ଼, କ୍ଳାନ୍ତ ନରପତି, ରକ୍ତ କରବୀ, ଚୁପ୍ କୋର୍ଟ ଚାଲିଛି ଆଦି ସଫଳ ନାଟକର ନାଟ୍ୟକାର କିଏ ?
ଉ : ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ ।

୨୬୮ । ଜଗନ୍ନାଥ ଦାଶଙ୍କ ନାଟକଗୁଡ଼ିକର ନାମ କ'ଣ ?
ଉ : ଅସ୍ତସୂର୍ଯ୍ୟ, ଜୀବନନାଟକ, କବି, ରୁଟି ଓ ସାଥୀ, ମନ ମଗଜ ଇତ୍ୟାଦି ।

Scanned with CamScanner

୨୬୯ । ରଜତକୁମାର କର କେଉଁ କେଉଁ ନାଟକର ସ୍ରଷ୍ଟା ?
ଉ : ବିପ୍ଳବୀ ଚନ୍ଦନ ହଜୁରୀ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ବାଇଶି ପାହାଚ, ସଳିତା, ଚିତୋର ଅଭିଯାନ, କଦଳୀ ଓ ବଦଳୀ ଇତ୍ୟାଦି ।

୨୭୦ । ଅନ୍ତଃସଲିଳା, ଅଜଣା ନଈ, ତପ୍ତତୁଷାର, ଅଚିହ୍ନା ନାୟିକା ଆଦି ନାଟକର ସ୍ରଷ୍ଟା କିଏ ?
ଉ : ଏକାଦଶୀ ବୋଇତାଇ ।

୨୭୧ । ସୂର୍ଯ୍ୟାସ୍ତ ପୂର୍ବରୁ, ସବାଶେଷ ଲୋକ, ଅସଙ୍ଗତ ନାଟକ, ରଙ୍ଗ ଲିପି ଆଦି ନାଟକର ରଚୟିତା କିଏ ?
ଉ : ଜଗନ୍ନାଥ ପ୍ରସାଦ ଦାସ ।

୨୭୨ । ବିଜୟ ମିଶ୍ରଙ୍କ ପ୍ରଥମ ନାଟକର ନାମ କ'ଣ ?
ଉ : ଜନନୀ ।

୨୭୩ । 'ଜନନୀ' ନାଟକର ଚରିତ୍ର କିଏ ?
ଉ : ଅନୀତା ଓ ଅମିତା ଏବଂ କୁମାର ।

୨୭୪ । ବିଜୟ ମିଶ୍ରଙ୍କ ଚର୍ଚ୍ଚିତ ନାଟକଗୁଡ଼ିକ କ'ଣ ?
ଉ : ଅଶାନ୍ତ ଗ୍ରହ, ଅସତ୍ୟ ସହର, ଅମର କବି, ଅନ୍ୟଅରଣ୍ୟ, ଜନନୀ, ଯାଯାବର, ଜଣେ ରାଜା ଥିଲେ, ଯାଦୁକର, ଯନ୍ତା, ଅଶାନ୍ତଗ୍ରହ, ତିମିର ତୀର୍ଥ, ହେ ସ୍ୱର୍ଗ ବିଦାୟ, ଶବବାହକମାନେ, ତଟ ନିରଞ୍ଜନା, ଧର୍ମାବତାର, ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ, ବାନପ୍ରସ୍ଥ ଇତ୍ୟାଦି ।

୨୭୫ । ବିଜୟ ମିଶ୍ରଙ୍କ ପରୀକ୍ଷାଧର୍ମୀ ନାଟକ କେଉଁଠି ?
ଉ : ଶବବାହକମାନେ, ତଟନିରଞ୍ଜନା, ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ ।

୨୭୬ । 'ଷ୍ଟେଜଫ୍ରିଜ୍' ପରି ଏକ ମଞ୍ଚ କୌଶଳ ପ୍ରଥମେ କେଉଁ ଓଡ଼ିଆ ନାଟକରେ ପ୍ରବର୍ତ୍ତିତ ହୋଇଥିଲା ?
ଉ : ଶବବାହକମାନେ ।

୨୭୭ । ନିହାର ରଂଜନ ଗୁପ୍ତଙ୍କ 'ମାୟାମୃଗ' ଉପନ୍ୟାସ ପ୍ରଭାବରେ ବିଜୟ ମିଶ୍ର କେଉଁ ନାଟକ ରଚନା କରିଛନ୍ତି ?
ଉ : ଜନନୀ ।

୨୭୮ । "ଗୋଟିଏ ତୁଳସୀ ଚଉରା, ଗୋଟିଏ ସନ୍ଧ୍ୟାଦୀପ ଆଉ, ଟିକିଏ ସିନ୍ଦୂରର ସ୍ୱପ୍ନ ଦେଖୁ ଦେଖୁ ରୂପାବାଈର ନବୀନ ଶେଷ ହୋଇଯାଇଛି" ଏହା କେଉଁ ନାଟକରେ ବର୍ଣ୍ଣନା କରାଯାଇଛି ?
ଉ : ତିମିର ତୀର୍ଥ ।

୨୭୯ । 'ଥିଲାବାଲା ନ ଥିଲା ବାଲାର ସଂଘର୍ଷ ଏବଂ ଶ୍ରମିକ ପକ୍ଷର ବିଜୟ'କୁ ନେଇ ବିଜୟ ମିଶ୍ର କେଉଁ ନାଟକ ରଚନା କରିଛନ୍ତି ?
ଉ : ଆର୍ତ୍ତନାଦ ।

୨୮୦ । 'ଯାଯାବର' ନାଟକ ପ୍ରଥମେ କେଉଁ ମଞ୍ଚରେ ଅଭିନୀତ ହୋଇଥିଲା ?
ଉ : ଜନତା ରଙ୍ଗମଞ୍ଚ ।

୨୮୧ । ବିଜୟ ମିଶ୍ରଙ୍କ ପ୍ରଥମ ନାଟକ 'ଜନନୀ' କେଉଁ ମଞ୍ଚରେ ମଞ୍ଚସ୍ଥ ହୋଇଥିଲା ?
ଉ : ଅନ୍ନପୂର୍ଣ୍ଣା ବି ଗ୍ରୁପ୍ ।

୨୮୨ । 'ଜନନୀ' ନାଟକର ମା' କିଏ ?
ଉ : ଅନୀତା ଓ ଅମିତା ।

୨୮୩ । କେଉଁ ନାଟକରେ ଶବ ବ୍ୟବହାର ହୋଇନାହିଁ ?
ଉ : ସ୍ୱର୍ଗକୁ ଯାଅ ହେ ପାପୀମାନେ ।

୨୮୪ । 'ଅଶାନ୍ତ ଗ୍ରହ' ନାଟକରେ କେଉଁମାନେ ଉପେକ୍ଷିତା ?
ଉ : ହେମନ୍ତ ଓ ଚନ୍ଦ୍ରକାନ୍ତ ।

୨୮୫ । କେଉଁ ନାଟକଟି ଉପେକ୍ଷିତା ଭିକ୍ଷାଜୀବୀ ଗୋଷ୍ଠୀର ବାସ୍ତବ ସମସ୍ୟାକୁ ନେଇ ରଚିତ ?
ଉ : ବାଦ୍‌ଶା

୨୮୬ । ରାଜନୀତିର ଭଙ୍ଗାଗଢ଼ା ଖେଳକୁ ନେଇ କେଉଁ ନାଟକଟି ରଚିତ ?
ଉ : ଜଣେ ରାଜା ଥିଲେ ?

୨୮୭ । ବିଜୟ ମିଶ୍ର କେଉଁ ନାଟକ ପାଇଁ କେ.ସା.ଏ. ଦ୍ୱାରା ପୁରସ୍କୃତ ହୋଇଛନ୍ତି ?
ଉ : ବାନପ୍ରସ୍ଥ ।(୨୦୧୩)

୨୮୮ । 'ଯାଦୁକର' ନାଟକ ପାଇଁ କିଏ, କେଉଁ ପୁରସ୍କାର ପାଇଛନ୍ତି ?
ଉ : ବିଜୟ ମିଶ୍ର । (ଓ.ସା.ଏ)

୨୮୯ । ବିଶ୍ୱଜିତ୍ ଦାସଙ୍କ ନାଟ୍ୟକୃତିଗୁଡ଼ିକ ଲେଖ ?
ଉ : ବହ୍ନି, ନିଶିପଦ୍ମ, ନାଲିପାନ ରାଣୀ କଳାପାନ ଟୀକା, ପ୍ରତାପଗଡ଼ରେ ଦୁଇଦିନ, ମୃଗୟା, ଶୁଣ ସୁଜନେ, ମୁଖା, ପାପୀ, ମହାମାୟା ।

୨୯୦ । କ୍ଷୁଧା ନିକଟରେ ଆଭିଜାତ୍ୟ, ମାନ ସମ୍ମାନ, ପ୍ରତିପତ୍ତି କିଭଳି ପରାଜୟ, ବରଣ କରିଛି ତାହାର ସ୍ପଷ୍ଟ ରୂପ କେଉଁ ନାଟକରେ ଦେଖିବାକୁ ମିଳେ ?
ଉ : ନିଶିପଦ୍ମ ।

୨୯୧ । ଡକାୟତ ଦୁର୍ଜନ ସିଂ କେଉଁ ନାଟକର ଚରିତ୍ର ?
ଉ : ଶୁଣ ସୁଜନେ ।

Scanned with CamScanner

୨୯୨ । 'କ୍ୟାଲିଗୁଲା'ର ମର୍ମାନୁବାଦ କେଉଁ ନାଟକରେ ଦେଖାଯାଏ ?
ଉ : ସମ୍ରାଟ ।

୨୯୩ । ଧୋବଧାବଳିଆଙ୍କ ଦୁର୍ନୀତିର ନଗ୍ନରୂପ କେଉଁ ନାଟକରେ ଦେଖାଯାଏ ?
ଉ : ନିଜ ପ୍ରତିନିଧି ଠାରୁ ।

୨୯୪ । କେଉଁ ନାଟକଟିର ସାରମର୍ମ ହେଉଛି ଅନ୍ୱେଷଣ ?
ଉ : ମୃଗୟା ।

୨୯୫ । ପ୍ରଫୁଲ କୁମାର ରଥଙ୍କ ନାଟକଗୁଡ଼ିକ କ'ଣ ?
ଉ : ସିନ୍ଦୂର ଟୋପା, ସଙ୍ଘର୍ଷ, ସ୍ୱର୍ଣ୍ଣଚମ୍ପା, ଦି'ପଟ ଚୂଡ଼ି, ଶବ ପଡ଼ିଛି, ଚାରିଛକ, ସ୍ୱର୍ଗକୁ ଯାଅ ହେ ପାପୀମାନେ, ଶରଶଯ୍ୟା, ସ୍ୱର୍ଗରେ କ୍ଷମତା ଲଢ଼େଇ ଇତ୍ୟାଦି !

୨୯୬ । ପ୍ରଫୁଲ କୁମାର ରଥଙ୍କ କେଉଁ ନାଟକଗୁଡ଼ିକ ଚଳଚ୍ଚିତ୍ରରେ ରୂପାନ୍ତରିତ ହୋଇଛି ?
ଉ : ପଳାତକ, ଜନ୍ମଦାତା ।

୨୯୭ । 'ଶେଷ ରାତ୍ରିର କେତୋଟି ମୁହୂର୍ତ୍ତ' ଓ 'ବହୁ ଆଡ଼ମ୍ବର ଲଘୁକ୍ରିୟା' କାହାର ନାଟକ ?
ଉ : ଗିରୀଶ ଚନ୍ଦ୍ର ନାୟକ ।

୨୯୮ । 'ଓଡ଼ିଆ ନାଟ୍ୟ ସାହିତ୍ୟର ବିକାଶ ଧାରା' ପୁସ୍ତକର ରଚୟିତା କିଏ ?
ଉ : ହେମନ୍ତ କୁମାର ଦାସ ।

୨୯୯ । 'ଦୁନିଆ' ନାଟକ ପାଇଁ କିଏ ଏବଂ କେଉଁ ପୁରସ୍କାର ପାଇଛନ୍ତି ?
ଉ : ହେମନ୍ତ କୁମାର ଦାସ (ଓ.ସା.ଏ.)

୩୦୦ । ହେମନ୍ତ କୁମାର ଦାସଙ୍କ ନାଟ୍ୟକୃତିଗୁଡ଼ିକୁ ବର୍ଣ୍ଣନା କର ?
ଉ : ଆସ୍ତେ ଆସ୍ତେ ସୂର୍ଯ୍ୟାସ୍ତ, ରତୁର ନାମ ପ୍ରିୟମ୍ବଦା, ଆଷାଢ଼ର ଆତ୍ମକଥା, ଜୀବନ ଯେମିତି, ଯୋଗାଯୋଗ ଇତ୍ୟାଦି ।

୩୦୧ । 'ସୂର୍ଯ୍ୟତୃଷ୍ଣା', 'କୃଷ୍ଣଚୂଡ଼ା', 'ମୁଁ ଆଉ ବଞ୍ଚିବି ନାହିଁ', 'ପ୍ରତିଦ୍ୱନ୍ଦୀମାନେ' ଇତ୍ୟାଦି କାହାର ନାଟକ ?
ଉ : ଚିନ୍ତାମଣି ଜେନା ।

୩୦୨ । ବଂଶୀଧର ମିଶ୍ରଙ୍କ ଲୋକପ୍ରିୟ ନାଟକଗୁଡ଼ିକ କ'ଣ କ'ଣ ?
ଉ : ଭାଗ୍ୟବିଧାତା, ସୂର୍ଯ୍ୟାସ୍ତ ପରେ, ଦରବାର, ମହାସମର, ସମ୍ରାଟ ଚନ୍ଦ୍ରଗୁପ୍ତ ।

୩୦୩ । ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ନାଟକଗୁଡ଼ିକ କ'ଣ କ'ଣ ?
ଉ : ମଲା ଆକାଶ, କଳାଜହ୍ନ, ସରଗ ସନ୍ନ୍ୟାସୀ ।

୩୦୪ । ହରିହର ମିଶ୍ରଙ୍କ ନାଟକଗୁଡ଼ିକ କ'ଣ ?
ଉ : କାଗଜଡ଼ଙ୍ଗା, ରାତ୍ରିର ଦୁଇଟି ଡେଣା, ହେ ନିଶାଦ ନିବୃତ୍ତ ହୁଅ, ନିନ୍ଦିତ ଗଜପତି, ସମ୍ଭବ ଅସମ୍ଭବ, ଅଦୃଶ୍ୟ ନଟ, ଏବେ ନୁହଁ ତ କେବେ ନୁହେ ।

୩୦୫ । ହରିହର ମିଶ୍ରଙ୍କ କେଉଁ ନାଟକଟି ଓ.ସା.ଏ. ଦ୍ୱାରା ପୁରସ୍କୃତ ହୋଇଛି ?
ଉ : 'ରାତ୍ରିର ଦୁଇଟି ଡେଣା'(୧୯୭୭)

୩୦୬ । ଆଜିର ସମ୍ବାଦ, ଅଭିନୟ, କାହାଣୀ ଦୁଇଟି ଆଖିର, ସ୍ମୃତି ଗୋଟିଏ ଫୁଲ, ସୁନା କଇଁଚ, ଗେଷ୍ଟ ହାଉସ ଆଦି ନାଟକଗୁଡ଼ିକ କାହାର ?
ଉ : ବନବିହାରୀ ପଣ୍ଡା ।

୩୦୭ । ବନବିହାରୀ ପଣ୍ଡା କେଉଁ ନାଟକ ପାଇଁ ପୁରସ୍କାର ପ୍ରାପ୍ତ କରିଛନ୍ତି ?
ଉ : ଗେଷ୍ଟହାଉସ୍ (ଓ.ସା.ଏ.)

୩୦୮ । ଶୋଣିତର ସ୍ୱାକ୍ଷର, ଉପତ୍ୟକାର ହସ, ମରୁମନ୍ଥନ, ମହିଷାସୁରର ଆତ୍ମହତ୍ୟା, ଏକାନ୍ତ ନିଜସ୍ୱ, ଏମିତି ଚାଲିଛି ଆଦି ନାଟକର ସ୍ରଷ୍ଟା କିଏ ?
ଉ : ରାମଚନ୍ଦ୍ର ମିଶ୍ର (୧୯୪୦)

୩୦୯ । ରାମଚନ୍ଦ୍ର ମିଶ୍ରଙ୍କ କେଉଁ ନାଟକଟି ପୁରସ୍କୃତ ହୋଇଛି ?
ଉ : ଏକାନ୍ତ ନିଜସ୍ୱ (ଓ.ସା.ଏ.)

୩୧୦ । ପ୍ରେମଖେଳ, ଗୋଟିଏ ଛଣମୂର୍ତ୍ତିକୁ ନେଇ, ଜୀବନ ନାମକ, ଗଛରେ ଦୁଃଖ ନାମକ ଫୁଲ, ସୁବର୍ଣ୍ଣ ବସୁଧା, ଆଶାକାନନ, ଜନସେବକ ଆଦି ନାଟକର ସ୍ରଷ୍ଟା କିଏ ?
ଉ : ପ୍ରସନ୍ନ କୁମାର ମିଶ୍ର ।

୩୧୧ । ପ୍ରସନ୍ନ କୁମାର ମିଶ୍ର କେଉଁ ନାଟକଟି ଓ.ସା.ଏ. ଦ୍ୱାରା ପୁରସ୍କୃତ ?
ଉ : ଜନସେବକ (୧୯୮୮) ।

୩୧୨ । ସିପାହୀ ବିଦ୍ରୋହ, ବିଷତୃଷ୍ଣା, କାରୁବାକୀ, କଳିଙ୍ଗ କନ୍ୟା, ଜଳୁଛି ଜଉଘର ଆଦି ନାଟକର ସ୍ରଷ୍ଟା କିଏ ?
ଉ : କାର୍ତ୍ତିକେଶ୍ୱର ପାତ୍ର ।

୩୧୩ । ଅନ୍ତଃସଲିଳା (ସାମାଜିକ), ଅସଂଲଗ୍ନ(ମନସ୍ତାତ୍ତ୍ୱିକ), ଐତିହାସିକ ଏ ଦୁର୍ଗ ବାରବାଟୀ, କୃଷ୍ଣା, ସେମାନଙ୍କ ଆଖିରେ, ନିଆଁ ଇତ୍ୟାଦି ନାଟକର ରଚୟିତା କିଏ ?
ଉ : ଚନ୍ଦଶେଖର ନନ୍ଦ ।

Scanned with CamScanner

୩୧୪ । ଅପରାଜିତା, ଅଭିମାନ, ବ୍ରହ୍ମକମଳ, ଅନ୍ତଃସ୍ୱର ଆଦି ମଞ୍ଚନାଟକର ସ୍ରଷ୍ଟା କିଏ ?
ଉ : ଚନ୍ଦ୍ରଶେଖର ନନ୍ଦ ।

୩୧୫ । ଚନ୍ଦ୍ରଶେଖର ନନ୍ଦଙ୍କ ବ୍ୟକ୍ତି ନାଟକ କେଉଁଟି ?
ଉ : ନିଆଁ ।

୩୧୬ । କାର୍ତ୍ତିକ ଚନ୍ଦ୍ର ରଥଙ୍କ ନାଟ୍ୟକୃତିଗୁଡ଼ିକ କ'ଣ କ'ଣ ?
ଉ : ଦୁଇଟୋପା ଲୁହ, ଏ ସୃଷ୍ଟି ଅମୃତମୟ, କଳା ଓ କଳଙ୍କ, ରୀତିଦାସ, ସ୍ୱର୍ଗଦ୍ୱାର ସମୁଦ୍ରର ରଙ୍ଗ ଯନ୍ତ୍ରଣା, ତୃତୀୟ ପୃଥିବୀ, ଅସ୍ତ ସୂର୍ଯ୍ୟର ଶ୍ମଶାନ, ଚାରିକାନ୍ଥରନାଟକ, ନିଃସର୍ଗ ବିସର୍ଗ, ଜୀବନ ଯଜ୍ଞ, ମାଂସର ଫୁଲ, ଈଶ୍ୱର, ଜଣେ ଯୁବକ, ଚନ୍ଦ୍ରବିନ୍ଦୁ, ଶୃଙ୍ଖଳା ମାଟିର ଲୁହ ।

୩୧୭ । 'ସ୍ୱର୍ଗଦ୍ୱାର' ନାଟକର ଚରିତ୍ର କିଏ ?
ଉ : ଅୟସକାନ୍ତ ଓ ଅନୁରୂପା ।

୩୧୮ । କାର୍ତ୍ତିକ ଚନ୍ଦ୍ର ରଥଙ୍କ 'ତୃତୀୟ ପୃଥିବୀ' ନାଟକର ଚରିତ୍ରଗୁଡ଼ିକର ନାମ କ'ଣ ?
ଉ : ଶ୍ୱେତକେତୁ ମହାନ୍ତି, ମାନସ ଦାସ, ସ୍ୱପ୍ନମ ଚୌଧୁରୀ, ଶଶୀକାନ୍ତ ମହାପାତ୍ର, ମନୋଜ ପଟ୍ଟନାୟକ ଓ ଏକମାତ୍ର ନାରୀ ସ୍ୱାତୀ ଦେବୀ ।

୩୧୯ । କାର୍ତ୍ତିକ ରଥ 'ଗୁରୁ ଶିଷ୍ୟ ଓ କପୋତ ନିଧନ ବୃତ୍ତାନ୍ତ' କେଉଁ ନାଟକରେ ପ୍ରୟୋଗ କରିଛନ୍ତି ?
ଉ : ମୁଁ ଦୁହେଁ ।

୩୨୦ । 'ଚଇତି ଘୋଡ଼ା' ନାଟକର ବିଷୟବସ୍ତୁ କାହାକୁ ଆଧାର କରି ଚିତ୍ରିତ ?
ଉ : ପିତୃମାତୃହୀନ ସଂସାର ଦୟନୀୟ ଜୀବନ ।

୩୨୧ । କାର୍ତ୍ତିକ ଚନ୍ଦ୍ର ରଥ କେଉଁ ସୌଖୀନ ନାଟ୍ୟ ସଂସ୍ଥା ଗଠନ କରିଥିଲେ ?
ଉ : କଳାତୀର୍ଥ ଓ ଶ୍ରାବଣୀ ।

୩୨୨ । କାର୍ତ୍ତିକ ଚନ୍ଦ୍ର ରଥଙ୍କ ପ୍ରଥମ ନାଟକର ନାମ କ'ଣ ?
ଉ : ଏଇଦେଶ ଏଇମାଟି ଦୁଇଟୋପା ଲୁହ ।

୩୨୩ । 'ଜଉଘର' ନାଟକଟି କେଉଁ ସଂସ୍ଥା ଦ୍ୱାରା ପ୍ରଥମେ ଅଭିନୀତ ହୋଇଥିଲା ?
ଉ : କଳାତୀର୍ଥ ସାଂସ୍କୃତିକ ଅନୁଷ୍ଠାନ ।

୩୨୪ । 'ଝରି ଓ ମକରା' କେଉଁ ନାଟକର ଚରିତ୍ର ।
ଉ : ମାଂସର ଫୁଲ ।

୩୨୫ । କାର୍ତ୍ତିକ ଚନ୍ଦ୍ର ରଥଙ୍କ କେଉଁ ନାଟକଟି ରାଜନୈତିକ ନାଟକ ?
ଉ : ଆଜିର ରାଜା ।

୩୨୬ । କେଉଁ ନାଟକଟି ପାଇଁ କାର୍ତ୍ତିକ ଚନ୍ଦ୍ର ରଥ ଓ.ସା.ଏ. ପୁରସ୍କାର ପାଇଛନ୍ତି ?
ଉ : ନିଃସଙ୍ଗ ବିସର୍ଗ ।

୩୨୭ । କାର୍ତ୍ତିକ ଚନ୍ଦ୍ର ରଥଙ୍କ କେଉଁ ନାଟକର ଶେଷରେ କର୍ମଯୋଗର ବ୍ୟାଖ୍ୟା କରିଛନ୍ତି ?
ଉ : ଈଶ୍ୱର ଜଣେ ଯୁବକ ।

୩୨୮ । ଭଙ୍ଗା ବେହେଲା, ଅନିଷ୍ଟ ଅନିର୍ଦ୍ଦିଷ୍ଟ, ରାତ୍ରିର ରାଧା, ବିରୋଧାଭାସ, ସମ୍ବିତ୍ ଆଦି ନାଟକର ସ୍ରଷ୍ଟା କିଏ ?
ଉ : ଅକ୍ଷୟ କୁମାର ମହାନ୍ତି ?

୩୨୯ । ରବୀନ୍ଦ୍ର ନାଥ ଦାସଙ୍କ ନାଟକଗୁଡ଼ିକ କ'ଣ ?
ଉ : ବିଷଣ୍ଣ ପୃଥିବୀ, ଅନ୍ତିମ ପର୍ବ, ଯଯାତି ଯନ୍ତ୍ରଣା, ଦକ୍ଷିଣ ଦରଜା, କାହ୍ନୁ ଉମା, ଚରିତ୍ରହୀନ ଇତ୍ୟାଦି ।

୩୩୦ । ସେ କେଉଁ ନାଟକ ପାଇଁ ଓ.ସା.ଏ. ଦ୍ୱାରା ପୁରସ୍କୃତ ହୋଇଛନ୍ତି ?
ଉ : ବିଷଣ୍ଣ ପୃଥିବୀ(୧୯୭୯) ।

୩୩୧ । 'କବିତିଳକ' ଓଲଟହଂସ, ସୂର୍ଯ୍ୟ ଦ୍ୱୀପରେ ବନ୍ଦୀ, ଆଦି ନାଟକର ସ୍ରଷ୍ଟା କିଏ ?
ଉ : ବସନ୍ତ କୁମାର ସାମଲ ।

୩୩୨ । କମାର କବି ଅରକ୍ଷିତ ପ୍ରଧାନଙ୍କର ନାଟକଟି କ'ଣ ?
ଉ : ଝଡ଼ର ଶେଫାଳି ।

୩୩୩ । ପଞ୍ଚାନନ ପାତ୍ରଙ୍କର ରଚିତ ନାଟକଗୁଡ଼ିକ କ'ଣ ?
ଉ : ସ୍ୱର୍ଗ ଯୁଗର ସନ୍ଧ୍ୟା, ଆରଣ୍ୟକ, ନିକୁମ୍ଭିଳା, ଘୋଡ଼ାମୁହାଁ, ନରଃ ନରୌ ନରାଃ, ପ୍ରତିବିମ୍ବ ଇତ୍ୟାଦି ।

୩୩୪ । ପଞ୍ଚାନନ ପାତ୍ର କେଉଁ ନାଟକ ପାଇଁ ଓ.ସା.ଏ. ଦ୍ୱାରା ପୁରସ୍କୃତ ହୋଇଛନ୍ତି ?
ଉ : ପ୍ରତିବିମ୍ବ (୧୯୯୭) ।

୩୩୫ । ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ଲିଖିତ ନାଟ୍ୟକୃତିଗୁଡ଼ିକ ଲେଖ ?
ଉ : ମୁକ୍ତିମଣ୍ଡପ, ବିନ୍ଦୁ ଓ ବଳୟ, ମୁଁ ଆମ୍ଭେ, ଆମ୍ଭେମାନେ, ଜଣେ ମହାପୁରୁଷଙ୍କ ଜନ୍ମମୃତ୍ୟୁ ସଂପର୍କରେ, ଧୃତରାଷ୍ଟ୍ରର ଆଖି, ଆତ୍ମଲିପି, ଗୁଣ୍ଡା, ତିମିରିତୃଷା, ଶିଳାର ସ୍ୱପ୍ନ, ହେ ପୃଥିବୀ ବିଦାୟ, ମହାନାଟକ, ମଣ୍ଡୁକ୍ ଉପାଖ୍ୟାନମ୍, ନଷ୍ଟଚନ୍ଦ୍ରର ଉପତ୍ୟକା, ଗୋଧୂଳିର ରଙ୍ଗ, ପକାକମ୍ବଳ ପୋତ ଛତା ଇତ୍ୟାଦି ।

Scanned with CamScanner

୩୩୬ । ମୁଁ ଆମ୍ଭେ, ଆମ୍ଭେମାନେର ଚରିତ୍ର କିଏ ?

ଉ : ବନ୍ୟା ଓ ଦୋଳଗୋବିନ୍ଦ ।

୩୩୭ । ରମେଶ ପାଣିଗ୍ରାହୀଙ୍କ ପ୍ରଥମ ନାଟକ କ'ଣ ?

ଉ : ମୁକ୍ତି ମଣ୍ଡପ, ୧୯୬୨ ।

୩୩୮ । ନାଟ୍ୟକାର ରମେଶ ପାଣିଗ୍ରାହୀ କେଉଁ ନାଟକରେ ସୃଷ୍ଟି କରିଛନ୍ତି- 'ପଛଘର' ଆଉ 'ଆଗଘର' ।

ଉ : ଧୃତରାଷ୍ଟ୍ରର ଆଖି ।

୩୩୯ । 'ମହାନାଟକ' ନାଟକଟିକୁ ନାଟ୍ୟକାର କେଉଁ ଲୋକନାଟ୍ୟ ଶୈଳୀରେ ପରିବେଷଣ କରିଛନ୍ତି ?

ଉ : ଦାସ କାଠିଆ ।

୩୪୦ । ରମେଶ ପାଣିଗ୍ରାହୀ କେଉଁ ନାଟକରେ ସ୍ଥିତିବାଦୀ ଚିନ୍ତାଧାରାର ବଳିଷ୍ଠ ସ୍ୱର ଶୁଣାଇଛନ୍ତି ?

ଉ : 'ମୁଁ ଆମ୍ଭେ- ଆମ୍ଭେମାନେ' ।

୩୪୧ । 'ଆତ୍ମଲିପି' ନାଟକଟିରେ କେଉଁ ଚିନ୍ତାଧାରା ଦେଖିବାକୁ ମିଳେ ?

ଉ : ମନସ୍ତାତ୍ତ୍ୱିକ ।

୩୪୨ ।

'କ' ସ୍ତମ୍ଭ'	'ଖ' ସ୍ତମ୍ଭ
ଧୃତରାଷ୍ଟ୍ରର ଆଖି	ମିଥ୍ ଧର୍ମୀ ନାଟକ
ଗୁଣ୍ଡା	ବିଲେଇ ପାଗଳ ବିଚିତ୍ରାନନ୍ଦ ।
ବିନ୍ଦୁ ଓ ବଳୟ	କୁକୁର ପାଗଳ କୁଳମଣି
ମୁଁ ଆମ୍ଭେ ଆମ୍ଭେମାନେ	ମନସ୍ତାତ୍ତ୍ୱିକ ନାଟକ

୩୪୩ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ସାମାଜିକ ଅବକ୍ଷୟ ସ୍ୱରୂପ	ଦୁର୍ଘଟଣା ବଶତଃ
ଛୋଟ ବସ୍ତ୍ରାଣ୍ଡକୁ ନେଇ	ମୁଁ ଆମ୍ଭେ - ଆମ୍ଭେମାନେ
ବାବୁଲୁ ଗୁଣ୍ଡା	ଗୁଣ୍ଡା
ପଛଘର ସୀତାକାନ୍ତ କର	ଧୃତରାଷ୍ଟ୍ରର ଆଖି

୩୪୪ । ମଣିସନ୍ଧାନୀ ଅଧ୍ୟାପକ କୃଷ୍ଣମୋହନ କେଉଁ ନାଟକରେ ପ୍ରତିବର୍ଷ ବେଙ୍ଗ କାଟି ଚାଲିଛନ୍ତି ?

ଉ : ଜଣେ ମହାପୁରୁଷଙ୍କ ଜନ୍ମମୃତ୍ୟୁ ସଂପର୍କରେ ।

୩୪୫ । 'ଜଣେ ମହାପୁରୁଷଙ୍କ ଜନ୍ମମୃତ୍ୟୁ ସଂପର୍କରେ' ନାଟକଟି କେଉଁଠାରେ ଅଭିନୀତ ହୋଇଥିଲା ?

ଉ : ଗଞ୍ଜାମ କଳା ପରିଷଦ ।

୩୪୬ । ନର୍କରେ ତ୍ରୁଇଁତ୍ରୁମ୍ କେଉଁ ନାଟକରେ ପରିବେଷଣ କରିଛନ୍ତି ନାଟ୍ୟକାର ?

ଉ : ଦୁର୍ଘଟଣାବଶତଃ ।

୩୪୭ । ଓଡ଼ିଆ ନାଟକରେ ଲୋକନାଟ୍ୟ ରୀତିରେ ବ୍ୟବହାର କରିବାରେ ଆଦ୍ୟ ପ୍ରବର୍ତ୍ତକ କିଏ ?

ଉ : ରମେଶ ପାଣିଗ୍ରାହୀ ।

୩୪୮ । 'ମହାନାଟକ' ପାଇଁ ରମେଶ ପ୍ରସାଦ ପାଣିଗ୍ରାହୀ କେଉଁ ପୁରସ୍କାର ପାଇଛନ୍ତି ?

ଉ : ଓ.ସା.ଏ. (୧୯୮୪) ।

୩୪୯ । ମନ୍ମଥ କୁମାର ଶତପଥୀଙ୍କ ନାଟକଗୁଡ଼ିକର ନାମ କ'ଣ ?

ଉ : ସତ୍ୟମେବ ଜୟତେ, ଆଜିର ମଣିଷ, ଜୀଅନ୍ତା ଶବ, ଅନ୍ଧକାରର ସୂର୍ଯ୍ୟ, ବୁଭୁକ୍ଷିତଃ କିଂ ନ କରୋତି ପାପମ୍, ଚକ୍ରବ୍ୟୂହ, ଜଣେ ମନ୍ତ୍ରୀ ଥିଲେ, ଭଠ କଙ୍କାଳ, ମୁଁ ଚକରା କହୁଛି, ଅରଣ୍ୟ ବହ୍ନି- (ସାମାଜିକ ନାଟକ) ଇତ୍ୟାଦି ।

୩୫୦ । 'ମୁଁ ଚକରା କହୁଛି' କେଉଁ ପୁରସ୍କାର ଲାଭ କରିଛି ?

ଉ : ଓ.ସା.ଏ. (୨୦୦୦) ।

୩୫୧ । 'କଲ୍ଲୋଳେ କଲ୍ଲୋଳେ' ନାଟକର ରଚୟିତା କିଏ ?

ଉ : ଶୈଳେଶ୍ୱର ନନ୍ଦ (ଓ.ସା.ଏ.)

୩୫୨ । 'ଅଭିଶପ୍ତ କୋଣାର୍କ' ନାଟକର ନାଟ୍ୟକାର କିଏ ?

ଉ : ପ୍ରସନ୍ନ ମହାନ୍ତି ।

୩୫୩ । 'ମ୍ଳାନ ଶର୍ବରୀ', 'ଜୀବନ ଜଳିଯାଏ', 'ଶାନ୍ତି ପରୀକ୍ଷା', 'ଅଗ୍ନି ତପସ୍ୟା' ଆଦି ନାଟକର ରଚୟିତା କିଏ ?

ଉ : କାଳିନ୍ଦୀ ବେହେରା ।

୩୫୪ । ବୃନ୍ଦାବନ ଜେନାଙ୍କ ନାଟ୍ୟ ସାହିତ୍ୟ ଆଲୋଚନା କର ?

ଉ : ପୋଷା ବାଘ, ପରିଧି, ବ୍ୟୂହ, ଅର୍ଥ ବିବାହ ।

୩୫୫ । ଅସ୍ତରାଗର ଚନ୍ଦ୍ର, ଶେଷ ଅଶ୍ରୁ, ମଞ୍ଚ ନାୟିକା, ଅପଦେବତା, ପୁନଶ୍ଚ ପୃଥିବୀ, ରାଜହଂସ, ଶୂନ୍ୟତାର ସ୍ଥିତି, ଅଥଚ ଚାଣକ୍ୟ, ନାଗଫେଣୀ ରତ୍ନ, ଯକ୍ଷଚରିତ ଇତ୍ୟାଦି ନାଟକର ସ୍ରଷ୍ଟା କିଏ ?

ଉ : ରତ୍ନାକର ଚଇନି ।

Scanned with CamScanner

୩୫୬ । 'ଶୂନ୍ୟତାର ସିଦ୍ଧି'ର ଚରିତ୍ର କିଏ ?
ଉ : ଅସୀମା, ଅନାଦି ।

୩୫୭ । କେଉଁ ନାଟକଟି ରତ୍ନାକର ଚଇନିଙ୍କ ନାୟିକା ବିହୀନ ନାଟକ ?
ଉ : ମଞ୍ଚ ନାୟିକା ।

୩୫୮ । କେଉଁ ନାଟକଟି ମିଥ୍ ଧର୍ମୀ ନାଟକ ଅଟେ ?
ଉ : ପୁନଶ୍ଚ ପୃଥିବୀ ।

୩୫୯ । ରତ୍ନାକର ଚଇନିଙ୍କ ପ୍ରଥମ ନାଟକ କ'ଣ ?
ଉ : ଶେଷ ଅଶ୍ୱ ।

୩୬୦ । ଅଥଚ ଚାଣକ୍ୟ କେବେ ମଞ୍ଚସ୍ଥ ହୋଇଥିଲା ?
ଉ : ୧୯୮୨ ।

୩୬୧ । ରତ୍ନାକର ଚଇନିଙ୍କ 'ପୁନଶ୍ଚ ପୃଥିବୀ' କେଉଁ ଧରଣର ନାଟକ ?
ଉ : ସ୍ଥିତିବାଦୀ ।

୩୬୨ । 'ଅସ୍ତରାଗର ଚନ୍ଦ୍ର' ନାଟକରେ କେଉଁ ବିଷୟ ବର୍ଣ୍ଣନା ରହିଛି ?
ଉ : ଶ୍ରମିକ ସମସ୍ୟା କଥା ।

୩୬୩ । 'କଳଙ୍କିତ ସୂର୍ଯ୍ୟ' ପୁସ୍ତକଟି କେଉଁ ପୁରସ୍କାର ପାଇଛି ?
ଉ : ଓ.ସା.ଏ. ।

୩୬୪ । ନୂଆ କଲୋନୀ, ଧୂସର ପୃଥିବୀ, କୁହୁଡ଼ି ଓ ତୃଷ୍ଣା, ଶେଷ ପ୍ରଶ୍ନ, ଯନ୍ତ୍ର ଆଦି ନାଟକର ରଚୟିତା କିଏ ?
ଉ : ରାମଚନ୍ଦ୍ର ବେହେରା ।

୩୬୫ । ନିଷିଦ୍ଧ ଇଲାକାର କାବ୍ୟ, ନିଃଶବ୍ଦ ଇଲାକାର କବି, ଅଞ୍ଚଳ ଉଡ଼ାଇ ଦେ ଆଦି କାହାର ନାଟକ ?
ଉ : ରମେଶ ଦାସ ।

୩୬୬ । 'ନାୟକ ଚନ୍ଦ୍ରସେଣା' ଓ କାଳାନ୍ତର ନାଟକର ରଚୟିତା କିଏ ?
ଉ : କୁଞ୍ଜରାୟ ।

୩୬୭ । ସୁଧାକର ନନ୍ଦଙ୍କ ନାଟକଗୁଡ଼ିକ କ'ଣ ?
ଉ : ଅଶ୍ରୁନୁହେଁ ଅନଳ, ରାଜଦ୍ରୋହୀ, ଅଭିଶପ୍ତ ବଂଶୀ, ପ୍ରତିବିମ୍ବ, ସମ୍ଭବାମୀ ଯୁଗେ ଯୁଗେ ।

୩୬୮ । 'ସମ୍ଭବାମୀ ଯୁଗେ ଯୁଗେ' ନାଟକଟି କେଉଁ ପୁରସ୍କାର ପାଇଛି ?
ଉ : ଓ.ସା.ଏ. ।

୩୬୯ । 'ପ୍ରତୀକ୍ଷାରେ ପରୀକ୍ଷିତ' ନାଟକର ରଚୟିତା କିଏ ?
ଉ : ଆନନ୍ଦ ଚନ୍ଦ୍ର ପହି' (ଓ.ସା.ଏ.)

୩୭୦ । ସତ୍ୟ ସଂଶୟ ସାଲବେଗ, ପାହାଡ଼ର ଅନ୍ୟରୂପ, ସ୍ୱର୍ଗାରୋହଣ, ଜଟାୟୁର ଛିନ୍ନ ଡେଣା, ଆଦି ନାଟକର ସ୍ରଷ୍ଟା କିଏ ?
ଉ : ନୀଳାଦ୍ରି ଭୂଷଣ ହରିଚନ୍ଦନ ।

୩୭୧ । ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ତିନୋଟି ଛୋଟ ନାଟକର ସମାହାରରେ କେଉଁ ନାଟକ ରଚିତ ?
ଉ : ସ୍ୱର୍ଗାରୋହଣ ।

୩୭୨ । ଈଶ୍ୱର ଆଲ୍ଲା, ଶେଷ ଦୃଶ୍ୟ, ଜୀବନଯାତ୍ରା ଆଦି କାହାର ନାଟକ ?
ଉ : ରମେଶ ଚନ୍ଦ୍ର ବେହେରା ।

୩୭୩ । 'ଅନ୍ୟ ଏକ ପୃଥିବୀ' ଏବଂ 'ହୋ ଭକତେ' (ଓ.ସା.ଏ.) କାହାର ନାଟକ ?
ଉ : ସୁବୋଧ ପଟ୍ଟନାୟକ ।

୩୭୪ । 'ଉତ୍ତର ପୁରୁଷ', 'ବାର୍ତ୍ତା' କାହାର ନାଟକ ?
ଉ : ଦିଲ୍ଲୀଶ୍ୱର ମହାରଣା ।

୩୭୫ । 'କିମ୍ବଦନ୍ତୀ' ନାଟକର ସ୍ରଷ୍ଟା କିଏ ?
ଉ : ପ୍ରସନ୍ନ ଦାସ ।

୩୭୬ । 'ଅଜାତି' ନାଟକର ରଚୟିତା କିଏ ?
ଉ : ବିଜୟ ମହାନ୍ତି ।

୩୭୭ । 'ପଣତକାନି' ଓ 'ମଣିଷ ପରି ମାଙ୍କଡ଼' ଆଦି ନାଟକର ସ୍ରଷ୍ଟା କିଏ ?
ଉ : ରାମଚନ୍ଦ୍ର ସେଠୀ ।

୩୭୮ । ନିଃସଙ୍ଗ ଝଡ଼ର ଲିପି, ସିନ୍ଧୁରାଜ, ଅନେକ ଭଉଁରୀ ଆଦି ନାଟକର ସ୍ରଷ୍ଟା କିଏ ?
ଉ : ଉପେନ୍ଦ୍ର ପ୍ରସାଦ ନାୟକ ।

୩୭୯ । 'ଶକୁନ୍ତଳା' ନାଟକ କାହାର ରଚନା ?
ଉ : ମିହିର କୁମାର ମେହେର ।

୩୮୦ । 'ଆହତବଂଶୀ' ନାଟକ କାହାର ?
ଉ : ସୂର୍ଯ୍ୟମଣି ଖୁଣ୍ଟିଆ ।

୩୮୧ । ଔରଙ୍ଗଜେବ(ଓ.ସା.ଏ.) କାହାର ନାଟକ ଅଟେ ?
ଉ : ପ୍ରମୋଦ ଭୌମିକ ।

Scanned with CamScanner

୩୮୨ । ବିଜୟ କୁମାର ଶତପଥୀଙ୍କ ନାଟ୍ୟକୃତି କ'ଣ ?
ଉ : କଂସର ଆତ୍ମା, କ୍ଷୁଧିତ ସରୀସୃପ, ଏଇ ଯେ ସୂର୍ଯ୍ୟ ଉଏଁ, କର୍ଣ୍ଣ, ଶୋଣିତ ସ୍ୱାକ୍ଷର, କାରାଗାରର କାହାଣୀ, ପକା ପଇସା ଦେଖ ତାମସା ଇତ୍ୟାଦି ।

୩୮୩ । ଅସ୍ତଗାମୀ, ଅରୁଣ ରଙ୍ଗର ପକ୍ଷୀ, ମଧୁବାବୁଙ୍କ କାଳିଆ ଘୋଡ଼ା, ହଂସ, ଶିକାର, ଆସ୍ତେ ଆସ୍ତେ ଅମାବାସ୍ୟା ଇତ୍ୟାଦି ନାଟକର ରଚୟିତା କିଏ ?
ଉ : ରତିରଞ୍ଜନ ମିଶ୍ର ।

୩୮୪ । ଯୋଡ଼ି ମହୁରୀ, ଯୁଗ ଚରିତ ବୃତ୍ତାନ୍ତ (ଓ.ସା.ଏ.) କାହାର ରଚନା ?
ଉ : ହେମେନ୍ଦ୍ର ମହାପାତ୍ର ।

୩୮୫ । 'ବସୁଧାର, ପ୍ରତିବାଦ ଓ ଅନ୍ୟାନ୍ୟ ନାଟକ' ଓ.ସା.ଏ କାହାର ରଚନା ?
ଉ : ସଂଘମିତ୍ରା ମିଶ୍ର ।

୩୮୬ । ନାରାୟଣ ସାହୁଙ୍କ ପ୍ରସିଦ୍ଧ ନାଟ୍ୟଗୁଡ଼ିକ କ'ଣ ?
ଉ : ଆଶ୍ରାଖୋଜି ବୁଲୁଥିବା ଈଶ୍ୱର, କାହାଣୀ ସବାଶେଷ ଲୋକର, ସ୍ୱର୍ଣ୍ଣ ସକାଳ, ମୂକ, ଏକାନ୍ତ ଅନୁଭବ, ଅନ୍ୟ ଏକ ବାଲ୍ମୀକି ଇତ୍ୟାଦି ।

୩୮୭ । ନାରାୟଣ ସାହୁଙ୍କ କେଉଁ ନାଟକଟି ଓ.ସା.ଏ. ଦ୍ୱାରା ପୁରସ୍କୃତ ?
ଉ : ଆଶ୍ରାଖୋଜି ବୁଲୁଥିବା ଈଶ୍ୱର ! (ଓ.ସା.ଏ.)

୩୮୮ । ଶବାନ୍ତର, ବ୍ରହ୍ମରାକ୍ଷସ ଆଦି ନାଟକର ରଚୟିତା କିଏ ?
ଉ : ହୃଷୀକେଶ ପଣ୍ଡା ।

୩୮୯ । ସଂବାଲୁଆ, ଶୁଣ ପରୀକ୍ଷ ଦଣ୍ଡଧାରୀ, ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ, ନିଶାନ୍ତ ଆଦି ନାଟକର ନାଟ୍ୟକାର କିଏ ?
ଉ : ପ୍ରମୋଦ କୁମାର ତ୍ରିପାଠୀ ।

୩୯୦ । ପ୍ରମୋଦ କୁମାର ତ୍ରିପାଠୀଙ୍କ ଦ୍ୱାରା ରଚିତ କେଉଁ ନାଟକଟି ଓ.ସା.ଏ. ଦ୍ୱାରା ପୁରସ୍କୃତ ?
ଉ : ନିଶାନ୍ତ, ୧୯୯୯ ।

୩୯୧ । 'ତିନୋଟି ନାଟକ'ର ରଚୟିତା କିଏ ?
ଉ : ସରୋଜ ମିଶ୍ର ।

୩୯୨ । ଗୋଇଠା ବାବା, ଇଚ୍ଛା ବନାମ ପଦ୍ମନାଭ, ଗାଁ ଆଦି ନାଟକର ସ୍ରଷ୍ଟା କିଏ ?
ଉ : ରଣଜିତ ପଟ୍ଟନାୟକ ।

୩୯୩ । 'ଅବସନ୍ନ ଜାହ୍ନବୀ' ଓ 'ଗୋବିନ୍ଦଂ ଭଜ ମୂଢ଼ମତେ' ନାଟକର ନାଟ୍ୟକାର କିଏ ?
ଉ : ପ୍ରଦୀପ କୁମାର ରଥ ।

୩୯୪ । ପୃଥିବୀ ଶରଶଯ୍ୟା, କାବ୍ୟପୁରୁଷ, ଶୁଣିବା ହେଉ, ଏ କାହାଣୀ ଆଦି ନାଟକର ସ୍ରଷ୍ଟା କିଏ ?
ଉ : ଶଙ୍କର ପ୍ରସାଦ ତ୍ରିପାଠୀ ।

୩୯୫ । 'ଆସ ଆମେ ବଣକୁ ଯିବା' ନାଟକର ରଚୟିତା କିଏ ?
ଉ : ସୀମାନ୍ତ ମହାନ୍ତି ।

୩୯୬ । 'ଯୁଗେ ଯୁଗେ ନାଟ୍ୟ ସାହିତ୍ୟ' ଗ୍ରନ୍ଥର ରଚୟିତା କିଏ ?
ଉ : ବୀର କିଶୋର ଦାସ ।

୩୯୭ । 'ଓଡ଼ିଆ ନାଟକର ଉଦ୍ଭବ ଓ ବିକାଶ' ଗ୍ରନ୍ଥର ରଚୟିତା ?
ଉ : ରତ୍ନାକର ଚଇନି ।

୩୯୮ । ଐକ୍ୟତ୍ରୟୀ କ'ଣ ?
ଉ : ସ୍ଥାନ-କାଳ- ଘଟଣାଗତ ।

୩୯୯ । କ୍ଲାସିକାଲ୍ ନାଟ୍ୟଶୈଳୀ କ'ଣ ?
ଉ : କ୍ଲାସିକାଲ୍ ନାଟକର ଚରିତ୍ର ସାଧାରଣ ମଣିଷଠାରୁ ବହୁ ସ୍ୱତନ୍ତ୍ର ଗୁଣର ଅଧିକାରୀ ।

୪୦୦ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଓଡ଼ିଆ ନାଟ୍ୟକଳା	ଗିରିଜାଶଙ୍କର ରାୟ
ନାଟ୍ୟଧାରା	ହେମନ୍ତ କୁମାର ଦାସ
ନାଟ୍ୟଶାସ୍ତ୍ର	ଭରତମୁନି
ପୋଏଟିକ୍ସ	ଆରିଷ୍ଟଟଲ ।

୪୦୧ । କାମପାଳ ମିଶ୍ରଙ୍କ ଅସମାପ୍ତ ନାଟକଟି କ'ଣ ?
ଉ : ଦୁର୍ଗାଶର୍ବରୀ (ଶେଷ ନାଟକ)

୪୦୨ । 'ଧୂପ ଓ ଦୀପ' ନାଟକର ସ୍ରଷ୍ଟା କିଏ ?
ଉ : ପ୍ରଫୁଲ୍ଲ ଚନ୍ଦ୍ର ଦାସ ।

୪୦୩ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଅନ୍ଧକାରର ସୂର୍ଯ୍ୟମୁଖୀ	ଭଡ଼ାଟିଆ ସଂସାର ଯନ୍ତ୍ରଣା
ପୁନଶ୍ଚ ପୃଥିବୀ	ମହାଭାରତ
ରାଜହଂସ	ମାନସିକ ଚିକିତ୍ସା କେନ୍ଦ୍ର
ଶୂନ୍ୟତାର ସିଡ଼ି	ନାରୀର ଅତୃପ୍ତ ଯୌନକାମନା

୪୦୪ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଅଶାନ୍ତ ଗ୍ରହ	ହେମନ୍ତ
ତିମିର ତୀର୍ଥ	ରୂପାବାଈ, ବିଜୟ
ଶବବାହକମାନେ	ଅଜନ୍ତା
ଯାଯାବର	ଝିଲ୍ଲି
ଜଣେ ରାଜା ଥିଲେ	ବାଦ୍‌ଶା, ପରଶୁରାମ

•

ଏକାଙ୍କିକା

୧ । ଓଡ଼ିଆ ସାହିତ୍ୟର ପ୍ରଥମ ଏକାଙ୍କିକାର ନାମ କ'ଣ ?
ଉ : କାଳିଚରଣ ପଟ୍ଟନାୟକଙ୍କ 'ଜୀବିତ ତର୍ପଣ' ।

୨ । 'ଅଭିନୟ ମାଳା' ଏକାଙ୍କିକା ସଂକଳନ କାହାର ?
ଉ : ଚୂଡ଼ାମଣି ନାୟକ

୩ । ହରେକୃଷ୍ଣ ମହତାବଙ୍କ ଏକାଙ୍କିକାଗୁଡ଼ିକ କେଉଁଥିରେ ସ୍ଥାନିତ ହୋଇଛି ?
ଉ : ଯୁଗ ସଂକେତ

୪ । 'ଉପେକ୍ଷିତା' ଏକାଙ୍କିକାର ସ୍ରଷ୍ଟା କିଏ ?
ଉ : ବୈକୁଣ୍ଠନାଥ ପଟ୍ଟନାୟକ

୫ । ପରଶୁରାମ ହରିଚନ୍ଦନଙ୍କ ଏକମାତ୍ର ଏକାଙ୍କିକାର ନାମ କ'ଣ ?
ଉ : ଦିଗ୍‌ବିଜୟୀ କପିଳେନ୍ଦ୍ର

୬ । କାହାର ଏକାଙ୍କିକାଗୁଡ଼ିକ 'ଏକାଙ୍କିକା ଏକ' ଓ 'ଏକାଙ୍କିକା ଦୁଇ'ରେ ସ୍ଥାନିତ ହୋଇଛି ?
ଉ : ପ୍ରାଣବନ୍ଧୁ କର

୭ । 'କସ୍ତୁରୀ ମୃଗ' ଏକାଙ୍କିକା କାହାର ରଚନା ?
ଉ : ଶ୍ରଦ୍ଧାକର ସୂପକାର

୮ । 'ସହଧର୍ମିଣୀ' ଏକାଙ୍କିକା କାହାର ପ୍ରଥମ ରଚନା ?
ଉ : ଗୋପାଳ ଛୋଟରାୟ (୧୯୪୧)

୯ । 'ହାସ୍ୟରସର ନାଟକ' ଏକାଙ୍କିକା ପାଇଁ କିଏ, କେଉଁ ପୁରସ୍କାର ଲାଭ କରିଛନ୍ତି ?
ଉ : ଗୋପାଳ ଛୋଟରାୟ (କେନ୍ଦ୍ର ସାହିତ୍ୟ ଏକାଡ଼େମୀ)

୧୦ । 'ଅଳଙ୍କାର ସାହିତ୍ୟ କ୍ରମବିକାଶ' ପୁସ୍ତକର ରଚୟିତା କିଏ ?
ଉ : ଗୌରୀ କୁମାର ବ୍ରହ୍ମା

୧୧ । ଉଦୟନାଥ ମିଶ୍ରଙ୍କ ଏକାଙ୍କିକାଗୁଡ଼ିକ କ'ଣ ?
ଉ : 'ଦଳିତା ଦୂର୍ବା', 'ସ୍ୱର୍ଗଲାଭ'

Scanned with CamScanner

୧୨ । 'ଛୋଟ ନାଟକ' ଏକାଙ୍କିକା କାହାର ରଚନା ?
ଉ : ମନୋରଞ୍ଜନ ଦାସ (ଓ.ସା.ଏ.)

୧୩ । 'ଏକାଙ୍କିକା ତରଙ୍ଗ' ପୁସ୍ତକଟି କାହାର ଓ କେଉଁ ପୁରସ୍କାର ଲାଭ କରିଛି ?
ଉ : କମଳଲୋଚନ ମହାନ୍ତି (ଓ.ସା.ଏ.)

୧୪ । 'ସପ୍ତସ୍ୱରା' ଏକାଙ୍କିକା ଗୁଚ୍ଛର ରଚୟିତା କିଏ ?
ଉ : ସୁରେନ୍ ମହାନ୍ତି

୧୫ । ଭୁବନେଶ୍ୱର ମହାପାତ୍ରଙ୍କ ଏକାଙ୍କିକାଗୁଡ଼ିକ କ'ଣ ?
ଉ : ନା ତେବେ ଆପଣ, ଗୋଟିଏ ରାତି, ଅପବାଦ ଓ ଘରକରଣା

୧୬ । ଶାରଦା ପ୍ରସନ୍ନ ନାୟକଙ୍କ ଏକାଙ୍କିକା ସଂକଳନର ନାମ କ'ଣ ?
ଉ : ଏକାଙ୍କିକା ନ'ଟି

୧୭ । 'ମରୁଝରଣା' ଏକାଙ୍କିକାର ରଚୟିତା କିଏ ?
ଉ : ପୂର୍ଣ୍ଣଚନ୍ଦ୍ର କାନୁନ୍‌ଗୋ

୧୮ । 'କେତେକ ସ୍ୱପ୍ନ' ଏକାଙ୍କିକାର ରଚୟିତା କିଏ ?
ଉ : ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ

୧୯ । 'ପୂର୍ବରାଗ' ଏକାଙ୍କିକା ଗୁଚ୍ଛ କାହାର ?
ଉ : ଜଗନ୍ନାଥ ପ୍ରସାଦ ଦାସ

୨୦ । ବିଶ୍ୱଜିତ୍ ଦାସଙ୍କ ଏକାଙ୍କିକା ପୁସ୍ତକର ନାମ କ'ଣ ?
ଉ : ଗ୍ରୀନ୍‌ରୁମ୍, କଲେଜ କ୍ୟାଣ୍ଟିନ୍, ଶେଷ ଦୃଶ୍ୟ, ଗୋଟିଏ ଦୃଶ୍ୟ

୨୧ । 'ମତେ ଅନୁସରଣ କର' ଏକାଙ୍କିକା କାହାର ?
ଉ : ଅକ୍ଷୟ କୁମାର ମହାନ୍ତି

୨୨ । ରବୀନ୍ଦ୍ର ନାଥ ଦାସଙ୍କ ଏକାଙ୍କିକାର ନାମ କ'ଣ ?
ଉ : 'ନାଟକର ନାମ ଜୀବନ'

୨୩ । 'ଉଡ଼ନ୍ତା ପାହାଡ଼ର ଦର୍ଜା' ଏକାଙ୍କିକାର ରଚୟିତା କିଏ ?
ଉ : ରମେଶ ପ୍ରସାଦ ପାଣିଗ୍ରାହୀ

୨୪ । 'କଳଙ୍କିତ ସୂର୍ଯ୍ୟ' ଏବଂ 'ଅନେକ କାକ୍‌ଟସ୍'ର ରଚୟିତା କିଏ ?
ଉ : ରତ୍ନାକର ଚଇନି

୨୫ । 'କ୍ୟାକଟସ୍ ସଲିଲକି' ଏକାଙ୍କିକା କାହାର ରଚନା ?
ଉ : ଦାଶରଥି ମୁଣ୍ଡ

୨୬ । 'ବସୁଧାର ପ୍ରତିଦାନ ଓ ଅନ୍ୟାନ୍ୟ ନାଟକ' ଏକାଙ୍କିକା ରଚନା କାହାର ?
ଉ : ସଂଘମିତ୍ରା ମିଶ୍ର (ଓ.ସା.ଏ)

ଗଳ୍ପ

୧ । ଓଡ଼ିଆ ସାହିତ୍ୟର ପ୍ରଥମ ଅସମ୍ପୂର୍ଣ୍ଣ ଗଳ୍ପର ନାମ କ'ଣ ?
ଉ : ଲଛମନିଆ ।

୨ । 'ଲଛମନିଆ' କେଉଁ ପତ୍ରିକାରେ ପ୍ରକାଶିତ ହେଉଥିଲା ଓ କେବେ ?
ଉ : ବୋଧଦାୟିନୀ, ୧୮୬୮

୩ । 'ଲଛମନିଆ'ର ଲେଖକ କିଏ ?
ଉ : ଫକୀରମୋହନ ସେନାପତି ।

୪ । ଓଡ଼ିଆ ଗଳ୍ପ ସାହିତ୍ୟର ଜନକ କିଏ ?
ଉ : ଫକୀରମୋହନ ସେନାପତି ।

୫ । ଓଡ଼ିଆ ପ୍ରଥମ ପ୍ରକାଶିତ ଗଳ୍ପର ନାମ କ'ଣ ?
ଉ : ରେବତୀ, ଫକୀରମୋହନ ସେନାପତି ।

୬ । 'ରେବତୀ' କେଉଁ ପତ୍ରିକାରେ ପ୍ରକାଶିତ ଥିଲା ?
ଉ : ଉତ୍କଳ ସାହିତ୍ୟ, ୧୮୯୮ ।

୭ । 'ରେବତୀ' ଗଳ୍ପର ମୁଖ୍ୟ ସ୍ୱର କ'ଣ ?
ଉ : ସମାଜସଂସ୍କାର, ନାରୀଶିକ୍ଷାର ପ୍ରସାର ।

୮ । ବାସୁ ସାର୍ କେଉଁ ଗଳ୍ପର ଚରିତ୍ର ?
ଉ : ରେବତୀ ।

୯ । 'ରେବତୀ' ଗଳ୍ପରେ କେଉଁ ଗାଁର ଚିତ୍ର ରହିଛି ?
ଉ : ପାଟପୁର

୧୦ । 'ଲୋ ରେବ-ଲୋ ନିଆଁ- ଲୋ ଚୁଲି' କେଉଁ ଗଳ୍ପର ଏକ ସଂଳାପ ?
ଉ : ରେବତୀ ।

୧୧ । 'ରେବତୀ ରେବତୀ'ର ସଙ୍କଳକ କିଏ ?
ଉ : ଅସିତ ମହାନ୍ତି ।

୧୨ । 'ରେବତୀ' ଗଳ୍ପରେ ରେବତୀର ବାପା କିଏ ?
ଉ : ଶ୍ୟାମବନ୍ଧୁ ମହାନ୍ତି ।

୧୩ । 'ରେବତୀ' ଗଳ୍ପରେ କେଉଁ ମହାମାରୀର ଚିତ୍ର ରହିଛି ?
ଉ : ହଇଜା ।

୧୪ । 'ରେବତୀ' ଗଳ୍ପ କେଉଁ ଗ୍ରନ୍ଥରେ ପ୍ରକାଶିତ ?
ଉ : ଗଳ୍ପସ୍ୱଳ୍ପ ।

୧୫ । 'ଗଳ୍ପସ୍ୱଳ୍ପ' କେତୋଟି ଭାଗରେ ପ୍ରକାଶିତ ?
ଉ : ଦୁଇଭାଗରେ ।

୧୬ । 'ଗଳ୍ପସ୍ୱଳ୍ପ' କାହାର ଏକ ଗଳ୍ପ ସଂକଳନ ?
ଉ : ଫକୀରମୋହନ ସେନାପତି ।

୧୭ । 'ଗଳ୍ପ ସ୍ୱଳ୍ପ'ରେ କେତୋଟି ଗଳ୍ପ ପ୍ରକାଶିତ ?
ଉ : ୨୦ଟି

୧୮ । ଫକୀରମୋହନଙ୍କ ଶେଷ ଗଳ୍ପଟି କ'ଣ ?
ଉ : ଗାରୁଡ଼ିମନ୍ତ୍ର

୧୯ । 'ପାଠୋଇ ବୋହୂ' ଓ 'ସୁନାବୋହୂ'ର ରଚୟିତା କିଏ ?
ଉ : ଫକୀରମୋହନ ସେନାପତି

୨୦ । ଡାକମୁନ୍‌ସୀ ଓ ପେଟେଣ୍ଟ ମେଡ଼ିସିନ୍ ଗଳ୍ପ ଦ୍ୱୟର ସ୍ରଷ୍ଟା କିଏ ?
ଉ : ଫକୀରମୋହନ

୨୧ । ଅଜା ନାତି କଥା, ବଗଲାବଗୁଲି କଥା, କାଳିକା ପ୍ରସାଦ ଗୋରାପ, କମଳା ପ୍ରସାଦ ଗୋରାପ ଆଦି ଗଳ୍ପର ରଚୟିତା କିଏ ?
ଉ : ଫକୀରମୋହନ

୨୨ । ରାଣ୍ଡିପୁଅ ଅନନ୍ତା, ପୁନଃ ମୂଷିକୋଭବ' କାହାର ରଚନା ?
ଉ : ଫକୀରମୋହନ

୨୩ । 'ଅଧର୍ମବିତ୍ତ' ଓ 'ସଭ୍ୟ ଜମିଦାର' କାହାର ରଚନା ?
ଉ : ଫକୀରମୋହନ

୨୪ । 'ମାଧମହାନ୍ତିଙ୍କ କନ୍ୟା ସୁନା' ଓ 'ବିରେଇ ବିଶ୍ୱାଳ' କାହାର ରଚନା ?
ଉ : ଫକୀରମୋହନ

୨୫ । 'ମୌନାମୌନୀ' ଗଳ୍ପର ସ୍ରଷ୍ଟା କିଏ ?
ଉ : ଫକୀରମୋହନ ସେନାପତି

୨୬ । ପ୍ରଥମ ଗଳ୍ପ ସଂକଳନ ନାମ କ'ଣ ?
ଉ : ଚିତ୍ର

୨୭ । 'ଚିତ୍ର' ଗଳ୍ପ ସଂକଳନ କେତୋଟି ଗଳ୍ପକୁ ନେଇ ପ୍ରକାଶ ପାଇଥିଲା ଓ କେବେ ?
ଉ : ୬ଟି, ୧୯୦୬

୨୮ । 'ଚିତ୍ର' ଗଳ୍ପ ସଂକଳନର ସ୍ରଷ୍ଟା କିଏ ?
ଉ : ଚନ୍ଦ୍ରଶେଖର ନନ୍ଦ ।

୨୯ । 'ଗଦା ଡକାଏତ' କାହାର ରଚନା ?
ଉ : ଚନ୍ଦ୍ରଶେଖର ନନ୍ଦ ।

୩୦ । ପ୍ରଥମ ନାରୀ ରଚିତ କ୍ଷୁଦ୍ରଗଳ୍ପର ନାମ କ'ଣ ?
ଉ : ଶକୁନ୍ତଳା ।

୩୧ । ଶୁକନ୍ତଳା ଗଳ୍ପର ରଚୟିତା କିଏ ?
ଉ : ରେବା ରାୟ ।

୩୨ । ଫକୀରମୋହନଙ୍କ 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପକୁ କିଏ ଏକ ପ୍ରହସନରେ ପରିଣତ କରିଥିଲେ ?
ଉ : ଗୋବିନ୍ଦ ଚନ୍ଦ୍ର ଶୂରଦେଓ ।

୩୩ । 'ପଞ୍ଚବୀର' ଓ 'ପୁଆଣିଘର' ଗଳ୍ପ ଦ୍ୱୟ କାହାର ରଚନା ?
ଉ : ଗୋଦାବରୀଶ ମିଶ୍ର ।

୩୪ । 'ବୁଢ଼ାଶଙ୍ଖାରୀ' ଗଳ୍ପର ରଚୟିତା କିଏ ?
ଉ : ଲକ୍ଷ୍ମୀକାନ୍ତ ମହାପାତ୍ର ।

୩୫ । 'ଲଛମନଜୀ' ଓ 'ମୋହର ଚୋରି' ଗଳ୍ପ ଦ୍ୱୟର ରଚୟିତା କିଏ ?
ଉ : ବାଙ୍କନିଧି ପଟ୍ଟନାୟକ

୩୬ । 'କଥା କଦମ୍ବ' ଗଳ୍ପ ସଙ୍କଳନ କାହାର ରଚନା ?
ଉ : ଦୟାନିଧି ମିଶ୍ର ।

୩୭ । ଜନାଥନ ମହାନ୍ତିଙ୍କ ଗଳ୍ପ ସଂକଳନର ନାମ କ'ଣ ?
ଉ : ସାମୟିକ ।

୩୮ । 'ବନଫୁଲ' ଓ 'କବିତା ସଂଗ୍ରହ' ଗଳ୍ପ ଦୁଇଟି କାହାର ?
ଉ : କାଳୀଚରଣ ପଟ୍ଟନାୟକ ।

୩୯ । ମଞ୍ଜଧାରା, କାବ୍ୟନାଟକ, ଏକକ ନାଟକ ଗଳ୍ପ କାହାର ସୃଷ୍ଟି ?
ଉ : କାଳୀଚରଣ ପଟ୍ଟନାୟକ ।

Scanned with CamScanner

୪୦ । 'ଏବେ ମଧ୍ୟ ବଞ୍ଚିଛି', 'ନୀଳମାଷ୍ଟ୍ରାଣୀ', 'ଈଶ୍ୱରଙ୍କ ପାଖକୁ ଚିଠି' କାହାର ରଚନା ?

ଉ : ଗୋଦାବରୀଶ ମହାପାତ୍ର ।

୪୧ । 'ମାଟିର ମାୟା', 'ଗରିବର ଭଗବାନ', 'ମୁଁ ଦିନେ ମନ୍ତ୍ରୀ ଥିଲି', 'ହଠାତ ଭାର୍ଯ୍ୟାଲାଭ', 'ତୀର୍ଥଯାତ୍ରା' ଗଳ୍ପଗୁଡ଼ିକର ସ୍ରଷ୍ଟା କିଏ ?

ଉ : ଗୋଦାବରୀଶ ମହାପାତ୍ର ।

୪୨ । 'ଦଶକୁମାର ଚରିତ' ଗଳ୍ପ କାହାର ରଚନା ?

ଉ : ଅପର୍ଣ୍ଣା ଦେବୀ

୪୩ । 'ସ୍ୱର୍ଗରେ ଇମରଜେନ୍‌ସି' ଗଳ୍ପ କାହାର ସୃଷ୍ଟି ?

ଉ : ହରେକୃଷ୍ଣ ମହତାବ ।

୪୪ । 'ମାଷ୍ଟରାଣୀ' ଗଳ୍ପର ସ୍ରଷ୍ଟା କିଏ ?

ଉ : ବୈଷ୍ଣବ ଚରଣ ଦାସ ।

୪୫ । 'ବିଜୟ ଉତ୍ସବ' ଓ 'ମାଂସର ବିଳାପ' ଗଳ୍ପ ଦୁଇଟି କାହାର ରଚନା ?

ଉ : କାଳିନ୍ଦୀଚରଣ ପାଣିଗ୍ରାହୀ ।

୪୬ । 'ସାଗରିକା' ଓ 'ଶେଷରଶ୍ମି' ଗଳ୍ପର ରଚୟିତା କିଏ ?

ଉ : କାଳିନ୍ଦୀ ଚରଣ ପାଣିଗ୍ରାହୀ ।

୪୭ । 'ଦ୍ୱାଦଶୀ', 'ରାଶିଫଳ' ଓ 'ମୋ କଥାଟି ସରିନାହିଁ' କାହାର ସୃଷ୍ଟି ?

ଉ : କାଳିନ୍ଦୀ ଚରଣ ପାଣିଗ୍ରାହୀ ।

୪୮ । 'ପଞ୍ଚପ୍ରଦୀପ ଗଳ୍ପ' କାହାର ରଚନା ?

ଉ : ସରଳା ଦେବୀ ।

୪୯ । 'ଶିକାର' ଓ 'ହାତୁଡ଼ି ଓ ଦା' ଗଳ୍ପର ସ୍ରଷ୍ଟା କିଏ ?

ଉ : ଭଗବତୀ ଚରଣ ପାଣିଗ୍ରାହୀ ।

୫୦ । 'ଜଙ୍ଗଲି', 'ଝଡ଼', 'ମୀମାଂସା' ଆଦିର ରଚୟିତା କିଏ ?

ଉ : ଭଗବତୀ ଚରଣ ପାଣିଗ୍ରାହୀ ।

୫୧ । 'ଜୀବନର ସମାଧି', 'ମୃତ୍ୟୁର ବିବେଚନା', 'ଆରମ୍ଭ ଓ ଶେଷ' ଗଳ୍ପର ସ୍ରଷ୍ଟା କିଏ ?

ଉ : ଭଗବତୀ ଚରଣ ପାଣିଗ୍ରାହୀ ।

୫୨ । ଭଗବତୀ ଚରଣ ପାଣିଗ୍ରାହୀଙ୍କ ଗଳ୍ପଗୁଡ଼ିକରେ କେଉଁ ଚେତନା ଦେଖିବାକୁ ମିଳେ ?

ଉ : ସାମ୍ୟବାଦ (ପ୍ରଗତିବାଦୀ ଚେତନା)

୫୩ । 'ଶେଷରାତି' ଗଳ୍ପର ସ୍ରଷ୍ଟା କିଏ ?

ଉ : ରାମ ପ୍ରସାଦ ସିଂହ

୫୪ । 'ଚଢ଼ାଉତରା' ଗଳ୍ପର ସ୍ରଷ୍ଟା କିଏ ?

ଉ : ଅନନ୍ତ ପଟ୍ଟନାୟକ

୫୫ । 'ଏଗାରଟା, କ୍ଷଣିକା', 'ଆଖି ନାହିଁ କାନ ନାହିଁ', 'ଧଳାଗାର କଳାଗାର', 'ରାଜକନ୍ୟା' ଗଳ୍ପର ରଚୟିତା କିଏ ?

ଉ : ନିତ୍ୟାନନ୍ଦ ମହାପାତ୍ର ।

୫୬ । 'ଚଇତାଳି' ଗଳ୍ପ କାହାର ରଚନା ?

ଉ : ନୀଳକଣ୍ଠ ପଟ୍ଟନାୟକ

୫୭ । ଆଣ୍ଟିରୋମାଣ୍ଟିକ, ଗୋଟିଏ ଆଳୁ, ହାଇଦରାବାଦ ଅଙ୍ଗୁର, କାହାର ରଚନା ?

ଉ : ବସନ୍ତ କୁମାର ଶତପଥୀ ।

୫୮ । 'ଅଜାଗା ଘା', 'ନୀଡ଼ାଶ୍ରୟୀ' କାହାର ଗଳ୍ପ ଅଟେ ?

ଉ : ବସନ୍ତ କୁମାରୀ ପଟ୍ଟନାୟକ ।

୫୯ । 'ଲୋକଗଳ୍ପ ସଂଚୟନ' ଓ 'ଲୋକବାଣୀ ସଂଚୟନ' କାହାର ରଚନା ?

ଉ : କୁଞ୍ଜବିହାରୀ ଦାଶ ।

୬୦ । 'ଲୋକଗଳ୍ପ' କେତେ ଭାଗରେ ପ୍ରକାଶିତ ?

ଉ : ୩ ଭାଗରେ ।

୬୧ । 'ହସ କାନ୍ଦର ଗଳ୍ପ' କାହାର ରଚନା ?

ଉ : କୁଞ୍ଜବିହାରୀ ଦାଶ ।

୬୨ । 'ଘାସର ଫୁଲ', 'ପୋଡ଼ା କପାଳ', 'ନବବଧୂ', 'ଛାଇ ଆଲୁଅ', 'ଗୁପ୍ତଗଙ୍ଗା' ଆଦି ଗଳ୍ପର ରଚୟିତା କିଏ ?

ଉ : ଗୋପୀନାଥ ମହାନ୍ତି ।

୬୩ । ନାଁ ମନେ ନାହିଁ, ଉଡ଼ନ୍ତା ଖଇ, ବଘେଇ, ଶରଶଯ୍ୟା କାହାର ରଚନା ?

ଉ : ଗୋପୀନାଥ ମହାନ୍ତି ।

୬୪ । ନୀଳ ଲହରୀ, ବିକଚ ଶତଦଳ, ଜୟଶ୍ରୀ, ଅଶୋକ ଚକ୍ର, ବନଜ୍ୟୋତ୍ସ୍ନା, ଆଦି କାହାର ରଚନା ?

ଉ : ରାଜକିଶୋର ରାୟ ।

୬୫ । ଜୟଶଙ୍ଖ, ଶୋଣିତ କାବ୍ୟ, ମନର ମୃଣାଳ, ଜୀବନ ସଙ୍ଗୀତ ଆଦି କାହାର ଗଳ୍ପ ?

ଉ : ରାଜକିଶୋର ରାୟ ।

Scanned with CamScanner

୬୬ । ଜୀବନ ସଙ୍ଗୀତ, ଏହିକି ଦେବାୟତନ, ପଙ୍କ ଚନ୍ଦନ, ଆଦି ଗଳ୍ପର ରଚୟିତା କିଏ ?

ଉ : ରାଜକିଶୋର ରାୟ

୬୭ । 'ମନ୍ୱନ୍ତର ମାନବ' 'ଦୃଶ୍ୟ ଦୃଶ୍ୟାନ୍ତର, 'ମ୍ଲେଚ୍ଛ ନିଧନ' କାହାର ରଚନା ?

ଉ : ରାଜକିଶୋର ରାୟ ।

୬୮ । 'ମନ୍ୱନ୍ତର ମାନବ' କେଉଁ ପୁରସ୍କାର ପ୍ରାପ୍ତ ?

ଉ : ଓଡ଼ିଶା ସାହିତ୍ୟ ଏକାଡେମୀ ।

୬୯ । 'ଶ୍ୱେତପଦ୍ମା' କ୍ଷୁଦ୍ରଗଳ୍ପର ରଚୟିତା କିଏ ?

ଉ : ପ୍ରାଣବନ୍ଧୁ କର ।

୭୦ । ସୁଅ ମୁହଁର ପତର, ନିଶୀର ପ୍ରେତାତ୍ମା' କାହାର ରଚନା ?

ଉ : ପ୍ରାଣବନ୍ଧୁ କର ।

୭୧ । ଗଳ୍ପାଞ୍ଜଳି, ବିଷକନ୍ୟା ଗଳ୍ପଦ୍ୱୟ କାହାର ସୃଷ୍ଟି ?

ଉ : ଶ୍ରଦ୍ଧାକର ସୁପକାର ।

୭୨ । ମଶାଣିର ଫୁଲ, ମଲାକଇଁ, ଆଙ୍ଗୁଠି, ମାଟିର ତାଜ, ଅନ୍ଧାରୁଆ ମାଙ୍କଡ଼ ଓ ଅନ୍ୟାନ୍ୟ ଗଳ୍ପ କାହାର ରଚନା ?

ଉ : ସଚ୍ଚିଦାନନ୍ଦ ରାଉତରାୟ ।

୭୩ । କୀର୍ତିଯଶସ୍ୟ, ନରଛଞ୍ଚାଣ, ବଟ ମହାପୁରୁଷ, ମିତ୍ରଗଳ୍ପ କାହାର ରଚନା ?

ଉ : ବାମାଚରଣ ମିତ୍ର ।

୭୪ । ସାହିତ୍ୟ ଚାଷ, ବୃହତ ଭାଣ୍ଡ, ଅମୃତ ବେହିୟା, କଲିକତି ଚେଙ୍ଗ ଆଦି ଗଳ୍ପର ରଚୟିତା କିଏ ?

ଉ : ଫତୁରା ନନ୍ଦ ।

୭୫ । ଫତୁରାନନ୍ଦଙ୍କ ମୂଳ ନାମଟି କ'ଣ ?

ଉ : ରାମଚନ୍ଦ୍ର ମିଶ୍ର ।

୭୬ । କିଏ ଫକୀରମୋହନଙ୍କ ପେଟେଣ୍ଟ୍ ମେଡ଼ିସିନ୍‌କୁ 'ଶ୍ରୀମତୀଙ୍କ ସମାର୍ଜନୀ' ନାମରେ ନାଟ୍ୟରୂପ ପ୍ରଦାନ କରିଥିଲେ ?

ଉ : ଗୋପାଳ ଛୋଟରାୟ ।

୭୭ । ସେଇଫୁଲ, ଚନ୍ଦ୍ରମୁଖୀ ଓ ଅନ୍ୟାନ୍ୟ ଗଳ୍ପ' କାହାର ରଚନା ?

ଉ : ଗୋପାଳ ଛୋଟରାୟ ।

୭୮ । ଅରଣ୍ୟର କୁଜ୍‌ଝଟିକା କାହାର ରଚନା ?

ଉ : ଜ୍ଞାନୀନ୍ଦ୍ର ବର୍ମା ।

୭୯ । ତୁଠପଥର, ଶାଳଗ୍ରାମ, ହାଟବାହୁଡ଼ା କାହାର ସୃଷ୍ଟି ?

ଉ : ରାଜକିଶୋର ପଟ୍ଟନାୟକ ।

୮୦ । 'ମରମ ତଳର ଢେଉ' କାହାର ରଚନା ?

ଉ : ହେମଲତା ମାନସିଂହ

୮୧ । 'ଛାଇ କଥା କହେ' କାହାର ରଚନା ?

ଉ : ରାଧାନାଥ ରଥ ।

୮୨ । ସେତୁ, ନିଶାନ୍ତ, ଗଳ୍ପ ଦ୍ୱୟର ରଚୟିତା କିଏ ?

ଉ : ବିଭୂତି ଭୂଷଣ ତ୍ରିପାଠୀ ।

୮୩ । 'ଦିନାନ୍ତେ' ଗଳ୍ପଗ୍ରନ୍ଥ କାହାର ରଚନା ?

ଉ : କମଳଲୋଚନ ମହାନ୍ତି ।

୮୪ । ସୁରେନ୍ଦ୍ର ମହାନ୍ତିଙ୍କ ପ୍ରଥମ ଗଳ୍ପ ସଂକଳନର ନାମ କ'ଣ ?

ଉ : ମହାନଗରୀର ରାତି ।

୮୫ । କୃଷ୍ଣଚୂଡ଼ା, ରୁଟି ଓ ଚନ୍ଦ୍ର, ଶେଷ କବିତା, ଦୁଇ ସୀମାନ୍ତ ଗଳ୍ପ କାହାର ରଚନା ?

ଉ : ସୁରେନ୍ଦ୍ର ମହାନ୍ତି ।

୮୬ । ସବୁଜପତ୍ର ଓ ଧୂସର ଗୋଲାପ, ମରାଳର ମୃତ୍ୟୁ ଆଦିର ରଚୟିତା କିଏ ?

ଉ : ସୁରେନ୍ଦ୍ର ମହାନ୍ତି ।

୮୭ । ମହାନିର୍ବାଣ, ଓ ! କାଲକଟା, କବି ଓ ନର୍ତ୍ତକୀ, ମାଂସର କୋଣାର୍କ ଆଦି ଗଳ୍ପର ସ୍ରଷ୍ଟା କିଏ ?

ଉ : ସୁରେନ୍ଦ୍ର ମହାନ୍ତି ।

୮୮ । 'ବନ୍ୟା' ଗଳ୍ପ ସଂକଳନର ରଚୟିତା କିଏ ?

ଉ : ଚକ୍ରଧର ସାମଲ ।

୮୯ । ସଭ୍ୟତାର ସାଜ, ପାଲଟା ଢେଉ ଓ ଜୀବନ ଚିହ୍ନର ରଚୟିତା କିଏ ?

ଉ : ବସନ୍ତ କୁମାରୀ ପଟ୍ଟନାୟକ ।

୯୦ । ଉଡ଼ନ୍ତା ଥାଳିଆ, ଚତୁର୍ଥ ପରିସର, ମୃତ୍ୟୁ ରଶ୍ମିର ରଚୟିତା କିଏ ?

ଉ : ଗୋକୁଳାନନ୍ଦ ମହାପାତ୍ର ।

୯୧ । ଭଙ୍ଗାଖେଳନା, ଘରବାହୁଡ଼ା, ଠାକୁରଘର, ଭିନ୍ନ ପାଉଁଶ ଆଦିର ରଚୟିତା କିଏ ?

ଉ : କିଶୋରୀ ଚରଣ ଦାସ ।

୯୨ । ପ୍ରାଣ ଓ ପିପାସା, ମର୍ତ୍ତ୍ୟ-ନିର୍ବାଣ ଗଳ୍ପର ରଚୟିତା କିଏ ?

ଉ : ଲକ୍ଷ୍ମୀଧର ମହାନ୍ତି ।

Scanned with CamScanner

୯୩ । ପ୍ରେମ ଓ ତ୍ରିଭୁଜ, ମିଛବାଘ, ଅନ୍ଧରାତିର ସୂର୍ଯ୍ୟ, ପିଙ୍ଗଳା ସେ ଅନ୍ୟଜଣେ ଆଦି ଗଳ୍ପର ରଚୟିତା କିଏ ?

ଉ : ମହାପାତ୍ର ନୀଳମଣି ସାହୁ ।

୯୪ । ଅଭିଶପ୍ତ ଗନ୍ଧର୍ବ, ଯା'ଦେବୀ ମମଗୃହେଷୁ, ଶେଷଧୂପ, ପାପ ଓ ମୁକ୍ତି ଗଳ୍ପଗୁଡ଼ିର ରଚୟିତା କିଏ ?

ଉ: ମହାପାତ୍ର ନୀଳମଣି ସାହୁ ।

୯୫ । 'ଅଶୁଭ ପୁତ୍ରର କାହାଣୀ', 'ସ୍ନାୟୁ ଓ ସନ୍ନ୍ୟାସୀ' କାହାର ରଚନା ?

ଉ : ଅଚ୍ୟୁତାନନ୍ଦ ପତି ।

୯୬ । ଚାରି ସଙ୍ଗାତ କଥା, 'ଚା'ରୁ ଚୈତନ୍ୟ ପର୍ଯ୍ୟନ୍ତ କାହାର ଗଳ୍ପ ଅଟେ ?

ଉ : ଅଚ୍ୟୁତାନନ୍ଦ ପତି ।

୯୭ । ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର ଓ ଅନ୍ଧଗଳି ଗଳ୍ପର ସ୍ରଷ୍ଟା କିଏ ?

ଉ : ଅଖିଳମୋହନ ପଟ୍ଟନାୟକ ।

୯୮ । 'ପ୍ରଥମ ଓ ଶେଷ' ଗଳ୍ପସଂକଳନ କାହାର ?

ଉ : ଅଖିଳ ମୋହନ ପଟ୍ଟନାୟକ ।

୯୯ । ବିଜୟକୃଷ୍ଣ ମହାନ୍ତିଙ୍କ କେଉଁ ଗଳ୍ପଗ୍ରନ୍ଥ ଓଡ଼ିଶା ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ?

ଉ : ପ୍ରଚକ୍ଷୁ ।

୧୦୦ । 'ସେଇନାରୀ' କାହାର ରଚନା ?

ଉ : ରମାଦେବୀ ।

୧୦୧ । 'ସବୁଯାକ ସ୍ୱପ୍ନ', 'ସବୁଠାରୁ ଦୀର୍ଘ ରାତି' ଗଳ୍ପ ସଂକଳନର ରଚୟିତା କିଏ ?

ଉ : ଚନ୍ଦ୍ରଶେଖର ରଥ ।

୧୦୨ । 'ରଥସପ୍ତକ', 'ନାଗାନ୍ତକ ବିଦ୍ୟା' ଗଳ୍ପ ସଂକଳନର ରଚୟିତା କିଏ ?

ଉ : ଚନ୍ଦ୍ରଶେଖର ରଥ ।

୧୦୩ । 'ନିଶାଦର ନିଃଶବ୍ଦ ବାରତା' କାହାର ସୃଷ୍ଟି ?

ଉ : ଦୁର୍ଗାମାଧବ ମିଶ୍ର ।

୧୦୪ । କିରିବୁରୁର କନ୍ୟା, ଜଗନ୍ନାଥଙ୍କ ହସ, ବେଗମ ସାହେବା ଗଳ୍ପଗୁଡ଼ିକର ରଚୟିତା କିଏ ?

ଉ : ସାତକଡ଼ି ହୋତା ।

୧୦୫ । 'କହିଲେ କୁଳକୁଟୁମ୍ବକୁ ଲାଜ' କାହାର ଗଳ୍ପ ରଚନା ?

ଉ : ଦିବାକର ବିଶ୍ୱାଳ ।

୧୦୬ । 'ମଇଳା କୁଣ୍ଡ' ଓ 'ବେଦୀ' ଗଳ୍ପର ରଚୟିତା କିଏ ?

ଉ : କୃଷ୍ଣଚରଣ ବେହେରା ।

୧୦୭ । 'ଧୂସର ଧରିତ୍ରୀ' ଗଳ୍ପଟି କାହାର ରଚନା ?

ଉ : ପ୍ରିୟବ୍ରତ ଦାସ ।

୧୦୮ । 'ମନମର୍ମର', 'ଅଦିନ ବଉଳ', 'କରଞ୍ଜିଆ ଡାଏରୀ', 'ଚଳନ୍ତି ଠାକୁର', 'ଦୃଶ୍ୟ ଅଦୃଶ୍ୟ', 'ତୃତୀୟ ନେତ୍ର' ଆଦି ଗଳ୍ପଗୁଡ଼ିକ କାହାର ?

ଉ : ଶାନ୍ତନୁ କୁମାର ଆଚାର୍ଯ୍ୟ ।

୧୦୯ । 'ପିଠି' ଗଳ୍ପ କାହାର ରଚନା ?

ଉ : ଶାନ୍ତନୁ କୁମାର ଆଚାର୍ଯ୍ୟ ।

୧୧୦ । ନାଏଗ୍ରା ଓ ଦେବଯାନୀ, ଭୃଗୁ ସଂହିତା, ପଣ୍ଟିମା, ସନାତନ ଓଝା ଗଲେ କୁଆଡ଼େ, ଚିତ୍ରିତ ଚାଦର ଆଦି ଗଳ୍ପଗୁଡ଼ିକ କାହାର ରଚନା ?

ଉ : କୃଷ୍ଣପ୍ରସାଦ ମିଶ୍ର ।

୧୧୧ । 'ଚୋରା ଚଇତାଳି' କାହାର ରଚନା ?

ଉ : ରାଜେଶ୍ୱରୀ ଦଳବେହେରା ।

୧୧୨ । 'ସୂର୍ଯ୍ୟାବର୍ତ୍ତ', 'ଛିନ୍ନରାଗ' ଗଳ୍ପ କାହାର ରଚନା ?

ଉ : ବାସୁଦେବ ସାହୁ ।

୧୧୩ । 'ମାଂସ କଣ୍ଢେଇ' ଗଳ୍ପର ସ୍ରଷ୍ଟା କିଏ ?

ଉ : ପରମାନନ୍ଦ ଅଧିକାରୀ ।

୧୧୪ । ଧୂମ୍ରାଭ ଦିଗନ୍ତ, ଆବୁପୁରୁଷ, ଲକ୍ଷ୍ମୀର ଅଭିସାର, ଶେଷ ବସନ୍ତର ଚିଠି ଗଳ୍ପର ରଚୟିତା କିଏ ?

ଉ : ମନୋଜ ଦାସ ।

୧୧୫ । 'ମେଘ' ଗପ କାହାର ସୃଷ୍ଟି ?

ଉ : ରମାକାନ୍ତ ରଥ ।

୧୧୬ । ଅସାମାଜିକ ଡାଏରୀ, ରାଗତୋଡ଼ି, ହିରଣ୍ୟଗର୍ଭ, ବନ୍ଧ୍ୟାଗାନ୍ଧାରୀ, ବିଚିତ୍ରବର୍ଣ୍ଣା, ଛାୟାପୁତ୍ରର କାଳ ଆଦିର ରଚୟିତା କିଏ ?

ଉ : ରବି ପଟ୍ଟନାୟକ ।

୧୧୭ । ଆରଣ୍ୟକ, କଥା ଓ କାହାଣୀ କାହାର ଗଳ୍ପ ଦ୍ୱୟ ଅଟେ ?

ଉ : ମନୋଜ ଦାସ ।

୧୧୮ । ଦିନଚର୍ଯ୍ୟା, ସାକ୍ଷାତକାର, ପ୍ରିୟ ବିଦୂଷକ, କାହାର ଗଳ୍ପ ରଚନା ?

ଉ : ଜଗନ୍ନାଥ ପ୍ରସାଦ ଦାସ ।

Scanned with CamScanner

୧୧୯ । ଭୂପେନ୍ ମହାପାତ୍ର 'ଭାରତ ଭାଗ୍ୟ ବିଧାତା' ଓ 'ଚନ୍ଦ୍ରାଲୋକ' କେଉଁ ଧରଣର ରଚନା ?

ଉ : ବ୍ୟଙ୍ଗାତ୍ମକ ଗପ ।

୧୨୦ । ନବରଙ୍ଗ, ପାନ୍ଥଶାଳା ଓ ରକ୍ତ କରବୀ, କସ୍ତୁରୀ ମୃଗ ଓ ସବୁଜ ଅରଣ୍ୟ, ତଟିନୀର ତୃଷା, ସାୟାହ୍ନର ସ୍ୱର କାହାର ଗଳ୍ପ ରଚନା ?

ଉ : ବୀଣାପାଣି ମହାନ୍ତି

୧୨୧ । ଖେଳନା, କାଳାନ୍ତର, ପାଟଦେଈ, ଅପହଞ୍ଚ ଆକାଶ, ଆଦି ଗଳ୍ପର ରଚୟିତା କିଏ ?

ଉ : ବୀଣାପାଣି ମହାନ୍ତି ।

୧୨୨ । ମନ ନିର୍ଜନ, କେତେ ଯେ ବସନ୍ତ ସତେ, ଅନେକ ତାରାର ରାତ୍ରି ଆଦି ଗଳ୍ପ ରଚନା କାହାର ସୃଷ୍ଟି ?

ଉ : ବିଭୂତି ପଟ୍ଟନାୟକ ।

୧୨୩ । ତ୍ରିଶଙ୍କୁ, ଓଲଟ ବୃକ୍ଷ, ବୋହୂ ବୋହୂକାର ସ୍ରଷ୍ଟା କିଏ ?

ଉ : ଉମାଶଙ୍କର ମିଶ୍ର ।

୧୨୪ । ପୁରୀର ଗଳ୍ପ, ଅନ୍ୟ ସ୍ରୋତର ଗଳ୍ପ କାହାର ରଚନା ?

ଉ : ବିଜୟ ପ୍ରସାଦ ମହାପାତ୍ର ।

୧୨୫ । ସାଲବେଗର ଅଶ୍ରୁ, ବିଧ୍ୱସ୍ତ କଳିକା କାହାର ଗଳ୍ପ ରଚନା ?

ଉ : ଗୁରୁପ୍ରସାଦ ମହାନ୍ତି ।

୧୨୬ । ଗାଁ ଗାଁ ଆହା ଆହା ଗଳ୍ପର ସ୍ରଷ୍ଟା କିଏ ?

ଉ : ଦେବ୍ରାଜ ଲେଙ୍କା ।

୧୨୭ । 'ଗାୟତ୍ରୀର ପୁଅ' ଗଳ୍ପଗୁଚ୍ଛ କାହାର ରଚନା ?

ଉ : ବନଜ ଦେବୀ ।

୧୨୮ । 'ମୃତ୍ୟୁ କାହା ପାଇଁ କେମିତି' କାହାର ରଚନା ?

ଉ : ସାବିତ୍ରୀ ପାତ୍ର ।

୧୨୯ । 'ନିଶା' ଗଳ୍ପସଂକଳନ କାହାର ରଚନା ?

ଉ : ପୂର୍ଣ୍ଣାନନ୍ଦ ଦାନୀ ।

୧୩୦ । ଐକତାନ, ଗଙ୍ଗଶିଉଳୀ, ଅନାବନା, ଘାସ ଓ ଆକାଶ, ମୋକ୍ଷ, କାହାର ରଚନା ?

ଉ : ପ୍ରତିଭା ରାୟ ।

୧୩୧ । 'କାଳସର୍ପ' ଗଳ୍ପ କାହାର ରଚନା ?

ଉ : ଫନୀ ମହାନ୍ତି ।

୧୩୨ । 'ରକ୍ତର ନାମ ପିପାସା', 'ନିରବ କୋଳାହଳ' କାହାର ସୃଷ୍ଟି ?

ଉ : ରତ୍ନାକର ଚଇନି ।

୧୩୩ । ଦ୍ୱିତୀୟ ଶ୍ମଶାନ, ଅଚିହ୍ନା ପୃଥିବୀ, ଓଁ କାର ଧ୍ୱନି, ଭଗ୍ନାଂଶର ସ୍ୱପ୍ନ, ଫଟାକାନ୍ଥର ଗଛ କାହାର ରଚନା ?

ଉ : ରାମଚନ୍ଦ୍ର ବେହେରା ।

୧୩୪ । ମହାକାବ୍ୟର ମୁହଁ, ଗୋପପୁର କାହାର ଗଳ୍ପ ରଚନା ?

ଉ : ରାମଚନ୍ଦ୍ର ବେହେରା ।

୧୩୫ । ତୀର୍ଯ୍ୟକ ଦୃଷ୍ଟି, ଦାରାଗୋ ସାହିତ୍ୟିକ, ଗୋମତୀର ଶେଷ ହସ, ମୃତ୍ୟୁ ଶଯ୍ୟାର ମାନଚିତ୍ର ଆଦି ଗଳ୍ପ ରଚନା କାହାର ?

ଉ : ବିପିନ ବିହାରୀ ମିଶ୍ର ।

୧୩୬ । 'ନିଜ ସିଂହାସନ' କାହାର ଗଳ୍ପ ଅଟେ ?

ଉ : ପ୍ରଫୁଲ୍ଲ କୁମାର ତ୍ରିପାଠୀ ।

୧୩୭ । 'ମିଛ ମଣିଷ', 'ପ୍ରତିନାୟକ', 'ଏକା ଏକା ବନବାସ' କାହାର ରଚନା ?

ଉ : ରାଧାବିନୋଦ ନାୟକ ।

୧୩୮ । ନଚିକେତାର ହାତ, କଳାହାଣ୍ଡିର କଥାକାର କାହାର ରଚନା ?

ଉ : ଉତ୍ତମ କୁମାର ପ୍ରଧାନ ।

୧୩୯ । 'ମହାନଗରୀର ପ୍ରେମିକ' କାହାର ରଚନା ?

ଉ : ଗୋପୀନାଥ ମହାନ୍ତି ।

୧୪୦ । ଆବର୍ତ୍ତର ଦୁଇଟି ସ୍ୱର, ବୀତଂସ, ଆକାଶ ସେତୁ, କାହାର ରଚନା ?

ଉ : ତରୁଣକାନ୍ତ ମିଶ୍ର ।

୧୪୧ । 'ଦୀପ', ଜହ୍ନରାତି ଗଳ୍ପ କାହାର ରଚନା ?

ଉ : ଯଶୋଧାରା ମିଶ୍ର ।

୧୪୨ । ଏକାକୀ ଅଶ୍ୱାରୋହୀ, ସୁନା ଇଲିଶି କାହାର ଗଳ୍ପ ଅଟେ ?

ଉ : ଜଗଦୀଶ ମହାନ୍ତି ।

୧୪୩ । ଆଲୋକିତ ଅନ୍ଧାର, ନିଜସ୍ୱ ବସନ୍ତ, ଇଟା ଭାଟୀର ଶିଳ୍ପୀ କାହାର ଗଳ୍ପ ରଚନା ?

ଉ : ଗାୟତ୍ରୀ ସରାଫ୍ ।

Scanned with CamScanner

୧୪୪ । ଷଠିଘର, ଝିପିଝିପି ଅନ୍ଧାର କାହାର ରଚନା ?
ଉ : ରଜନୀକାନ୍ତ ମହାନ୍ତି ।
୧୪୫ । ତିନୋଟି ନିଃଶ୍ୱାସର ପୃଥିବୀ, ଦେହର ନଉକା, ରକ୍ତର ଗଙ୍ଗା କାହାର ଗଳ୍ପ ରଚନା ?
ଉ : ହୃଷୀକେଶ ପଣ୍ଡା ।
୧୪୬ । ସ୍ୱାଧୀନତା ପରବର୍ତ୍ତୀ ସମୟରେ କେଉଁ କବି 'ରେବତୀ' କବିତା ସଂକଳନ ପ୍ରକାଶ କରିଛନ୍ତି ?
ଉ : ହୃଷୀକେଶ ମଲ୍ଲିକ ।
୧୪୭ । ପ୍ରୌଢ଼ଭାବନା, ମିଛଖୁସି ସତ ଦୁଃଖ କାହାର ଗଳ୍ପ ଅଟେ ?
ଉ : ହୃଷୀକେଶ ପଣ୍ଡା ।
୧୪୮ । 'ସତୀ' ଗଳ୍ପର ସ୍ରଷ୍ଟା କିଏ ?
ଉ : ସଦାନନ୍ଦ ତ୍ରିପାଠୀ ।
୧୪୯ । ଅମୃତ ପ୍ରତୀକ୍ଷା, ଚୌକାଠ, ଦେଶାନ୍ତରୀ କାହାର ଗଳ୍ପ ଅଟେ ?
ଉ : ସରୋଜିନୀ ସାହୁ
୧୫୦ । ସରୋଜିନୀ ସାହୁଙ୍କ ଗଳ୍ପଗୁଡ଼ିକ ମୁଖ୍ୟତଃ କେଉଁ ଚେତନାର ଅଧିକାରୀ ?
ଉ : ନାରୀବାଦ ।
୧୫୧ । ସହଯାତ୍ରୀ ଗଳ୍ପସଂକଳନ କାହାର ରଚନା ?
ଉ : ଦେବବ୍ରତ ମଦନରାୟ ।
୧୫୨ । 'ପଦ୍ମ ଗୁଞ୍ଜି ଗୁଞ୍ଜି ଯାଏ' ଗଳ୍ପର ରଚୟିତା କିଏ
ଉ : ଶ୍ରୀକାନ୍ତ ଦାସ ।
୧୫୩ । 'ପଞ୍ଜୁରି' ଗଳ୍ପର ସ୍ରଷ୍ଟା କିଏ ?
ଉ : ସୁରେନ୍ଦ୍ର ମିଶ୍ର ।
୧୫୪ । ଆଖଡ଼ା ଘର, କାଗଜ ଡଙ୍ଗା କାହାର ଗଳ୍ପ ଅଟେ ?
ଉ : ଗୌରହରି ଦାସ ।
୧୫୫ । 'ଆକାଶ ଯେଉଁଠି କଥା କହେ' କାହାର ରଚନା ?
ଉ : ସସ୍ମିତା ବାଗ୍‌ଚୀ ।
୧୫୬ । 'ଶବ୍ଦଖେଳ' କାହାର ଗଳ୍ପ ରଚନା ?
ଉ : ଜୟନ୍ତୀ ରଥ ।
୧୫୭ । 'ଘୁମ୍ ପାହାଡ଼ର ନଈ'ର ରଚୟିତା କିଏ ?
ଉ : ପ୍ରଦୀପ ଦାଶ ।

୧୫୮ । 'ନିର୍ବାକ ପାହାଡ଼' ଓ 'କୁହୁଡ଼ି ଘର' କାହାର ଗଳ୍ପଗ୍ରନ୍ଥ ଅଟେ ?
ଉ : ପାରମିତା ଶତପଥୀ ।
୧୫୯ । 'ତଥାକଥିତ' ଗଳ୍ପଗୁଚ୍ଛ କାହାର ସୃଷ୍ଟି ?
ଉ : ଦେବାଶିଷ ପାଣିଗ୍ରାହୀ ।
୧୬୦ । 'ବୃହତ କଥା'ର ରଚୟିତା କିଏ ?
ଉ : ଗୁଣାଢ୍ୟ
୧୬୧ । 'ବୃହତ୍ କଥା ମଞ୍ଜରୀ' କାହାର ରଚନା ?
ଉ : କ୍ଷେମେନ୍ଦ୍ର
୧୬୨ । 'କଥା ସରିତ ସାଗର' କାହାର ସୃଷ୍ଟି ?
ଉ : ସୋମନାଥ
୧୬୩ । 'ଗାଥା ସପ୍ତଶତୀ'ର ସ୍ରଷ୍ଟା କିଏ ?
ଉ : ହାଳ ।
୧୬୪ । 'ପଞ୍ଚତନ୍ତ୍ର'ର ଲେଖକ କିଏ ?
ଉ : ବିଷ୍ଣୁଶର୍ମା ।
୧୬୫ । ବୌଦ୍ଧମାନେ 'ଗଳ୍ପ'କୁ କେଉଁ ନାମରେ ନାମିତ କରିଥିଲେ ?
ଉ : ଜାତକ ।
୧୬୬ । ଚନ୍ଦ୍ରଶେଖର ନନ୍ଦଙ୍କ 'ଗଦା ଡକାଏତ' ଗଳ୍ପରେ କେଉଁ ବାଦର ପ୍ରଭାବ ଅନୁସୃତ ହୋଇଥାଏ ?
ଉ : ପ୍ରଗତିବାଦ ।
୧୬୭ । ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ଅଧିକାର' ଗଳ୍ପରେ କେଉଁ ଚେତନା ଦେଖାଯାଏ ?
ଉ : ପ୍ରଗତିବାଦ
୧୬୮ । 'ନବଯୁଗ ସାହିତ୍ୟ ସଂସଦ' କେଉଁ ଚେତନାକୁ ପ୍ରକାଶ କରିବା ପାଇଁ ସୃଷ୍ଟି ହୋଇଥିଲା ?
ଉ : ପ୍ରଗତିବାଦୀ ।
୧୬୯ । ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଗଳ୍ପର ମୁଖ୍ୟ ଚେତନା କ'ଣ ?
ଉ : ପ୍ରଗତିବାଦ ।
୧୭୦ । 'ଶିକାର' ଗଳ୍ପର ମୁଖ୍ୟ ନାୟକ କିଏ ?
ଉ : ଘିନୁଆ ।
୧୭୧ । ରାମପ୍ରସାଦ ସିଂହଙ୍କ 'ଶେଷରାତି' ଗଳ୍ପର ମୁଖ୍ୟ ଚେତନା କ'ଣ ?
ଉ : ପ୍ରଗତିବାଦ ।

Scanned with CamScanner

୧୭୨ । 'ଶେଷରାତି' ଗଳ୍ପର ନାୟକ କିଏ ?
ଉ : ଜଗା ପଧାନ ।

୧୭୩ । ସୁରେନ୍ଦ୍ର ମହାନ୍ତିଙ୍କ 'ବନ୍ଦୀ' ଗପଟି କେଉଁ ଚେତନାକୁ କେନ୍ଦ୍ର କରି ରଚିତ ?
ଉ : ପ୍ରଗତିବାଦ ।

୧୭୪ । ଅଚ୍ୟୁତାନନ୍ଦ ପତିଙ୍କର 'ଅଶୁଭ ପୁତ୍ରର କାହାଣୀ' କେଉଁ ଚେତନା ଭିତ୍ତିକ ରଚନା ?
ଉ : ପ୍ରଗତିବାଦ ।

୧୭୫ । 'ଗୋତି' ଗଳ୍ପର ରଚୟିତା କିଏ ?
ଉ : ଦେବେନ୍ଦ୍ର ନାଥ ମାନସିଂହ ।

୧୭୬ । 'ବିଷକନ୍ୟା' ଗଳ୍ପର ରଚୟିତା କିଏ ?
ଉ : ଅମୀୟ ବସୁ

୧୭୭ । ବ୍ରହ୍ମାନନ୍ଦ ପଣ୍ଡାଙ୍କ 'କଳା ଓ କଳ୍ପନା' ଗଳ୍ପ ସଙ୍କଳନ କେଉଁ ଧରଣର ଗଳ୍ପ ଅଟେ ?
ଉ : ଆଭାସଧର୍ମୀ ଗଳ୍ପ ।

୧୭୮ । ବୀଣାପାଣି ମହାନ୍ତିଙ୍କ 'ଅବାନ୍ତର' ଗଳ୍ପଟି କେଉଁ ଧରଣର ରଚନା ?
ଉ : ଅଣୁଗଳ୍ପ ।

୧୭୯ । ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର', 'ଜଙ୍ଗଲି' ଗଳ୍ପରେ କେଉଁ ଲୋକଙ୍କ ଜୀବନ ଚିତ୍ର ରହିଛି ?
ଉ : ଆଦିବାସୀ ।

୧୮୦ । ସଚ୍ଚି ରାଉତରାୟଙ୍କ 'ଜାଗିରି', ଗଳ୍ପରେ କେଉଁ ଲୋକଙ୍କ ଜୀବନ ଶୈଳୀ ରହିଛି ?
ଉ : ଆଦିବାସୀ କନ୍ଧ ।

୧୮୧ । ଗୋପୀନାଥ ମହାନ୍ତିଙ୍କ 'ପାଳଭୂତ', 'ପିମ୍ପୁଡ଼ି', 'ବିସ୍ମୃତି', ଯଜ୍ଞ ଆହୁତି, ଆଦି ଗଳ୍ପରେ କେଉଁ ଲୋକଙ୍କ ଜୀବନଚିତ୍ର ପ୍ରତିଫଳିତ ?
ଉ : ଆଦିବାସୀ ।

୧୮୨ । 'ଚମ୍ପାଫୁଲ' ଓ 'ଅବିଶ୍ରାନ୍ତ' ଗଳ୍ପର ରଚୟିତା କିଏ ?
ଉ : ବିପିନ୍ ବିହାରୀ ମିଶ୍ର (ଆଦିବାସୀ)

୧୮୩ । ସୁରେନ୍ଦ୍ର ମହାନ୍ତିଙ୍କ 'ଖାଦାନ' ଗଳ୍ପରେ କାହାର ଜୀବନ ଚିତ୍ର ପ୍ରତିଫଳିତ ?
ଉ : ଆଦିବାସୀ ସଂପ୍ରଦାୟ ।

୧୮୪ । ଗୁରୁପ୍ରସାଦ ମହାନ୍ତିଙ୍କର 'ରକ୍ତମନ୍ଦାର' ଗଳ୍ପରେ କେଉଁ ଲୋକଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଛି ?
ଉ : ଆଦିବାସୀ ।

୧୮୫ । ଉତ୍ତମ କୁମାର ପ୍ରଧାନଙ୍କ, 'ଠେଲ୍‌କୋ' ଓ 'ଘଟାନ୍ତର' ଗଳ୍ପରେ କେଉଁ ଲୋକଙ୍କ ଜୀବନଧାରା ପ୍ରବାହିତ ?
ଉ : ଆଦିବାସୀ ।

୧୮୬ । ବିଭୂତି ପଟ୍ଟନାୟକଙ୍କ ଆଖି ଗଳ୍ପଟି କେଉଁ ଲୋକଙ୍କ ଜୀବନଶୈଳୀକୁ ପ୍ରଭାବିତ କରିଛି ?
ଉ : ଆଦିବାସୀ ।

୧୮୭ । ଭଗବତୀ ଚରଣଙ୍କ ପରେ ଆଦିବାସୀ ଜୀବନକୁ ନେଇ ଆଉ କେଉଁ ଲେଖକ 'ଶିକାର' ଗଳ୍ପ ରଚନା କରିଛନ୍ତି ?
ଉ : ରାମଚନ୍ଦ୍ର ବେହେରା ।

୧୮୮ । ଶାନ୍ତି ମହାପାତ୍ରଙ୍କ 'ଶିଳା ଓ ଶିରୀଷ' ଗଳ୍ପଟି କେଉଁ ଧରଣର ରଚନା ?
ଉ : ଐତିହାସିକ ।

୧୮୯ । 'ଦଳେଇ ବୁଢ଼ା' ଗଳ୍ପର ରଚୟିତା କିଏ ?
ଉ : କେଶ ଦାସ ।

୧୯୦ । ରଘୁନାଥ ଦାସଙ୍କ 'ସ୍ୱରାଜ' ଗଳ୍ପ କେଉଁ ଆନ୍ଦୋଳନକୁ ନେଇ ରଚିତ ?
ଉ : ସ୍ୱାଧୀନତା ଆନ୍ଦୋଳନ ।

୧୯୧ । ହରେକୃଷ୍ଣ ମହତାବଙ୍କ 'ସ୍ୱର୍ଗରେ ଇମରଜେନ୍‌ସି' କେଉଁ ଘଟଣାକୁ କେନ୍ଦ୍ର କରି ରଚିତ ?
ଉ : ଜରୁରୀ କାଳୀନ ପରିସ୍ଥିତି ।

୧୯୨ । ସ୍ୱାଧୀନତା ଦିବସର ସ୍ମୃତିକୁ ସୂଚାଇବା ପାଇଁ ସୁରେନ୍ଦ୍ର ମହାନ୍ତି କେଉଁ ଗଳ୍ପ ରଚନା କରିଥିଲେ ?
ଉ : ପତାକା ଉତ୍ତୋଳନ ।

୧୯୩ । 'ମାଗୁଣିର ଶଗଡ଼' ଗଳ୍ପରେ କାହାର ପ୍ରଭାବ ଦେଖିବାକୁ ମିଳେ ?
ଉ : ଗାନ୍ଧିବାଦ ।

୧୯୪ । 'ମାଂସର ବିଳାପ' ଗପରେ କେଉଁ ବାଦ ଦେଖାଯାଏ ?
ଉ : ଗାନ୍ଧିବାଦ ।

୧୯୫ । 'ପାଳଭୂତ' ଗଳ୍ପରେ କେଉଁ ଚେତନା ରୂପପାଇଛି ?
ଉ : ଗାନ୍ଧିବାଦ ଚେତନା ।

Scanned with CamScanner

୧୯୬ । 'ଗାନ୍ଧିବାଦ ଓ ଅନ୍ୟାନ୍ୟ ଗଳ୍ପ' ଗପର ରଚୟିତା କିଏ ?
ଉ : ତରୁଣ କୁମାର ସାହୁ ।

୧୯୭ । ଫନୀ ମହାନ୍ତିଙ୍କ 'କାଳସର୍ପ' କେଉଁ ଚେତନା ମୂଳକ ରଚନା ?
ଉ : ଅତିବାସ୍ତବବାଦ ।

୧୯୮ । କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ମାନବେତର ଗଳ୍ପ'ର ନାମ କ'ଣ ?
ଉ : ମାଂସର ବିଳାପ ।

୧୯୯ । 'ଅରୁଣା ଗଳ୍ପ'ର ସ୍ରଷ୍ଟା କିଏ ?
ଉ : ଦୟାନିଧି ମିଶ୍ର ।

୨୦୦ । ଏଣ୍ଟିରୋମାଣ୍ଟିକ କାହାର ରଚନା ?
ଉ : ବସନ୍ତ ଶତପଥୀ ।

୨୦୧ । 'ଝରକା'ର ରଚୟିତା କିଏ ?
ଉ : ବିଜୟିନୀ ଦାସ ।

୨୦୨ । 'ଲକ୍ଷ୍ମୀ' ଗଳ୍ପର ରଚୟିତା କିଏ ?
ଉ : ନନ୍ଦକିଶୋର ବଳ ।

୨୦୩ । ସୁରେନ୍ଦ୍ର ମହାନ୍ତିଙ୍କ 'କବି ଓ ନର୍ତ୍ତକୀ' କେଉଁ ଧରଣର ରଚନା ?
ଉ : ଐତିହାସିକ ।

୨୦୪ । ମହାପାତ୍ର ନୀଳମଣି ସାହୁଙ୍କ 'ଅନ୍ଧରାତିର ସୂର୍ଯ୍ୟ' କେଉଁ ଧରଣର ରଚନା ?
ଉ : ଦାର୍ଶନିକ

୨୦୫ । 'ସୀତା ଅଭିଶାପ'ର ରଚୟିତା କିଏ ?
ଉ : ଯଦୁନାଥ ଦାଶ ମହାପାତ୍ର ।

୨୦୬ । ଓଡ଼ିଆରେ ପ୍ରଥମ ଗପ ଲେଖିବା ପାଇଁ କିଏ ପ୍ରୟାସ କରିଥିଲେ ?
ଉ : ବ୍ରଜନାଥ ବଡ଼ଜେନା ।

୨୦୭ । 'କ୍ୟାଣ୍ଟରବେରୀ କାହାଣୀ' କେଉଁ ଭାଷାରେ ରଚିତ ?
ଉ : ଇଂରାଜୀ ।

୨୦୮ । 'The clock' ର ରଚୟିତା କିଏ ?
ଉ : ଗୋ ଗଲ ।

୨୦୯ । କ୍ଷୁଦ୍ରଗଳ୍ପର ସଂଜ୍ଞା ପ୍ରଦାନ ଅବକାଶରେ 'ଛୋଟ ପ୍ରାନ ଛୋଟ ବ୍ୟଥା, ଛୋଟ ଛୋଟ ଦୁଃଖ କଥା' କିଏ କହିଛନ୍ତି ?
ଉ : ରବୀନ୍ଦ୍ର ନାଥ ଠାକୁର ।

୨୧୦ । 'ଆସ୍‌ମାନ୍ ତାରା ଶଙ୍ଖା' କେଉଁ ଗଳ୍ପରେ ରହିଛି ?
ଉ : ବୁଢ଼ାଶଙ୍ଖାରି ।

୨୧୧ । "ମୁଠାଏ ଭାତ, ଖଣ୍ଡିଏ କନା, ଗୋଟିଏ ବାସଗୃହ, ଟିକିଏ ସୁଖ ପାଇଁ ମଣିଷ ଲଢ଼େଇ କରୁଛି ପ୍ରାଣମୂର୍ଚ୍ଛା- ବିଶ୍ୱବ୍ୟାପୀ ଅନବରତ ଚାଲିଛି ଏକ ଦୌଡ଼- ଜୀବନ ସହିତ ମରଣର' ଏହା କେଉଁ ଗଳ୍ପର ସଂଳାପ ?
ଉ : ମୃତ ଅରୁଣିମା(ରବୀନ୍ଦ୍ର ନାଥ ସିଂହ)

୨୧୨ । 'ଡାହାଣୀ ଆଲୁଅ' ଗଳ୍ପର ସ୍ରଷ୍ଟା କିଏ ?
ଉ : ଉପେନ୍ଦ୍ର କିଶୋର ଦାସ ।

୨୧୩ । 'ମୁଖା' ଗଳ୍ପର ସ୍ରଷ୍ଟା କିଏ ?
ଉ : କୃଷ୍ଣ ପ୍ରସାଦ ମିଶ୍ର ।

୨୧୪ । 'ପିଠି' ଗଳ୍ପର ରଚୟିତା କିଏ ?
ଉ : ଶାନ୍ତନୁ କୁମାର ଆଚାର୍ଯ୍ୟ ।

୨୧୫ । 'ବାଉଁଶରାଣୀ' ଗଳ୍ପର ରଚୟିତା କିଏ ?
ଉ : ଅବନୀ କୁମାର ବରାଳ ।

୨୧୬ । 'ସମୁଦ୍ର' ଗଳ୍ପର ରଚୟିତା କିଏ ?
ଉ : ଗଣେଶ୍ୱର ମିଶ୍ର ।

୨୧୭ । 'ଯଖ' ଗପର ସ୍ରଷ୍ଟା କିଏ ?
ଉ : ହରିଶ୍ଚନ୍ଦ୍ର ବଡ଼ାଳ ।

୨୧୮ । 'ପେଚା'କୁ ଚରିତ୍ର କରି ରଚିତ ଗଳ୍ପର ନାମ କ'ଣ?
ଉ : ଅଶୁଭ ପୁତ୍ରର କାହାଣୀ, ଅଚ୍ୟୁତାନନ୍ଦ ପତି ।

୨୧୯ । 'ଇଗଲ ଓ କୃଷ୍ଣସାର'କୁ ନେଇ ରଚିତ ଗଳ୍ପର ନାମ କ'ଣ?
ଉ : ଝଡ଼ର ଇଗଲ ଓ ଧରଣୀର କୃଷ୍ଣସାର, ଅଖିଳମୋହନ ପଟ୍ଟନାୟକ ।

୨୨୦ । 'ଲକ୍ଷ୍ମୀ' କେଉଁ ଗଳ୍ପର ଚରିତ୍ର?
ଉ : ଲକ୍ଷ୍ମୀର ଅଭିସାର, ମନୋଜ ଦାସ ।

୨୨୧ । 'ପାଟ' କେଉଁ ଗଳ୍ପର ଚରିତ୍ର?
ଉ : ପାଟଦେଈ, ବୀଣାପାଣି ମହାନ୍ତି ।

୨୨୨ । 'ମୂଷା'କୁ ଚରିତ୍ର କରି ରଚିତ ଗଳ୍ପର ନାମ କ'ଣ?
ଉ : ଦୁର୍ବାର, ଶାନ୍ତନୁ କୁମାର ଆଚାର୍ଯ୍ୟ ।

୨୨୩ । 'ଶତାବ୍ଦୀ ପୁରୁଷ' ଗଳ୍ପ ସଙ୍କଳନର ଗାଳ୍ପିକ କିଏ?
ଉ : ରଜନୀକାନ୍ତ ମହାନ୍ତି ।

Scanned with CamScanner

୨୨୪ । ‘ଓଟ’କୁ ପ୍ରତୀକ ଭାବରେ କିଏ ଗଳ୍ପରେ ପ୍ରୟୋଗ କରିଛନ୍ତି ?
ଉ : ମନୋଜ ଦାସ, ଓଟ ।

୨୨୫ । ‘ଛଞ୍ଚାଣ’କୁ କେନ୍ଦ୍ର କରି କିଏ ଗଳ୍ପ ରଚନା କରିଛନ୍ତି ?
ଉ : ହୃଷୀକେଶ ପଣ୍ଡା, ଛଞ୍ଚାଣ ।

୨୨୬ । ‘ଦକ୍ଷିଣ ଦୁଆରୀ ଘର’ର ଗାଳ୍ପିକ କିଏ ?
ଉ : ଜଗଦୀଶ ମହାନ୍ତି ।

୨୨୭ । ‘ଗୋପପୁର’ – କାହାର ରଚନା ?
ଉ : ରାମଚନ୍ଦ୍ର ବେହେରା ।

୨୨୮ । ‘ନିରାକାର’ କେଉଁ ଗଳ୍ପର ନାୟକ ?
ଉ : ଗୋପପୁର ।

୨୨୯ । ‘ନନ୍ଦିନୀ’, ‘ବିଶଲ୍ୟକରଣୀ’, ‘ଅହଲ୍ୟା’ ଗଳ୍ପ କାହାର ?
ଉ : ବିଭୂତି ଭୂଷଣ ତ୍ରିପାଠୀ ।

୨୩୦ । ‘ଚିହ୍ନିଲା ପରି ମୁହଁ’ ଗଳ୍ପ କାହାର ?
ଉ : ନରସିଂହ ଦାସ ।

୨୩୧ । ‘ସାତ ତିରିକି ସତର’, ‘ଅଖଇରିଆ କଡ଼ା’ ଗଳ୍ପ କାହାର ?
ଉ : ବିକ୍ରମ ଦାସ ।

୨୩୨ । ‘ସାଧାରଣ ସତ୍ୟ’, ‘ମହକ’, ‘ଆତ୍ମ ପରିଚୟ’, ‘କଳା ଓ କଳ୍ପନା’, ‘ଫଲ୍‌ଗୁର ତରଙ୍ଗ’, ‘ପ୍ରାନ୍ତ ଯମକ’ ଗଳ୍ପ କାହାର ?
ଉ : ବ୍ରହ୍ମାନନ୍ଦ ପଣ୍ଡା ।

୨୩୩ । ‘ଲକ୍ଷ୍ୟ ବିହଙ୍ଗ’, ‘ମଣିହରା’, ‘ଶୀତ ଲହରୀ’, ‘ତ୍ରୟୋବିଂଶ ମୃତ୍ୟୁ’, ‘ଲେଉଟାଣି’, ‘ନିଜ ସଂଜ୍ଞ’, ‘ଧବଳ ଆକାଶ’, ‘ଥରୁଟିଏ’, ‘ତରଙ୍ଗ’, ‘ଶେଷଗଳ୍ପ’, ‘ପରଦା ତଳେ ଓ ଅନ୍ୟାନ୍ୟ ଗଳ୍ପ’, ‘ଶାନ୍ତ ଅପରାହ୍ନ’, ‘ନିଆଁ’ ଇତ୍ୟାଦି ଗଳ୍ପ କାହାର ?
ଉ : କିଶୋରୀ ଚରଣ ଦାସ ।

୨୩୪ । ‘ସୃଷ୍ଟି ଓ ସଂଗ୍ରାମ’, ‘କ୍ୟାପ୍‌ଟେନ୍ ସାହେବ’, ‘ଆମ ପ୍ରତିବେଶୀ କଥା’ ଗଳ୍ପ କାହାର ?
ଉ : ଶୁକଦେବ ବ୍ରହ୍ମା ।

୨୩୫ । ‘ଅବର୍ତ୍ତ’ ଗଳ୍ପ କାହାର ?
ଉ : ନିମାଇଁ ଚରଣ ପାଣି ।

୨୩୬ । ‘ନରେବା ବାନରେବା’, ‘ବ୍ୟଙ୍ଗୋକ୍ତି’, ‘ତେଲକଢ଼େଇ’, ‘ନୁଖୁରାର କେନ୍ଦେରା’, ‘ଆଦର୍ଶ ବିବାହ ଇସ୍ତାହାର ଗଳ୍ପ କାହାର ?
ଉ : ଚୂଳାମଣି ମହାପାତ୍ର ।

୨୩୭ । ‘ଉଗ୍ରସେନ ଉବାଚ’, ‘ନିଆଁ ଜଳୁଛି’, ‘ଅବାଧ ପ୍ରଜାପତି’, ‘ଅନ୍ୟ ଶିକାର’ ଗଳ୍ପ କାହାର ?
ଉ : ଅଚ୍ୟୁତାନନ୍ଦ ପତି ।

୨୩୮ । ‘ଶିଖଣ୍ଡିର ଆତ୍ମଲିପି’, ‘ଆତ୍ମଦହନ’, ‘ଗଳ୍ପ ମାନସ’ କାହାର ?
ଉ : ରବିନାରାୟଣ ବରାଳ ।

୨୩୯ । ‘କେତେ ଆଶା କେତେ ସ୍ୱପ୍ନ’, ‘ପଳାଶର କ୍ରନ୍ଦନ’ ଗଳ୍ପ କାହାର ?
ଉ : ରାଜକିଶୋର ମହାନ୍ତି ।

୨୪୦ । ‘ବର୍ଣ୍ଣାଳୀ’ ଗଳ୍ପ ସଙ୍କଳନ କାହାର ?
ଉ : ଶୁକଦେବ ସାହୁ ।

୨୪୧ । ‘ହେ ପୃଥିବୀର ନାଗରିକ’ ଓ ‘ଜନ୍ମର ଇତିହାସ’ କାହାର ?
ଉ : ଯତୀନ୍ଦ୍ର କୁମାର ଦାଶ ।

୨୪୨ । ‘ସଂଗ୍ରାମ’ ଗଳ୍ପ ସଙ୍କଳନ କାହାର ?
ଉ : ସୁନନ୍ଦ କର ।

୨୪୩ । ‘ଅମୃତ’, ‘ନୀଳକଇଁ’, ‘ରକ୍ତକଇଁ’ ଗଳ୍ପ କାହାର ?
ଉ : ବନମାଳୀ ସେନାପତି ।

୨୪୪ । ‘କଥନିକା’, ‘ନୀଳ ଆକାଶ’, ‘ସବୁଜ ଧରଣୀ’ ଗଳ୍ପ କାହାର ?
ଉ : ଅନ୍ନଦା ପ୍ରସାଦ ରକ୍ଷିତ ।

୨୪୫ । ‘ତଥାପି’, ‘ମ୍ଳାନଜ୍ୟୋତ୍ସ୍ନା’, ‘ସ୍ୱରଭଙ୍ଗ’, ‘ନିଭୃତ ସଂଳାପ’, ‘ପାଗଳା ସାହେବ’, ‘ଫାନୁସ୍’, ‘ଦିଗ୍‌ବଳୟ’, ‘ନିଘଞ୍ଚ’, ‘ତିର୍ଯ୍ୟକ୍’, ‘ଜତୁଗୃହ’, ‘ଅନ୍ୟପାଖ’, ‘ନୀଳରକ୍ତ ଓ ଅନ୍ୟାନ୍ୟ ଗଳ୍ପ’, ‘ଆକାଶ’, ‘ତୃତୀୟ ନୟନ’ ଗଳ୍ପ କାହାର ?
ଉ : ବିଜୟକୃଷ୍ଣ ମହାନ୍ତି ।

୨୪୬ । ପର ପଦାର୍ଥ, ସୁନା ପାନିଆଁ ଗଳ୍ପ କାହାର ?
ଉ : ରମା ଦେବୀ ।

୨୪୭ । ‘ଅଶ୍ୱାରୋହୀର ଗଳ୍ପ’, ‘କ୍ରମଶଃ ଗଭୀର ନଈ’, ‘ଅନ୍ୟ ଏକ ସକାଳ’, ‘ଅନେକ ବନ୍ୟା ପରେ’, ‘ବିକ୍ରି ପାଇଁ ଫୁଲମାଳ’, ‘ଶିଖର ଲଙ୍ଘନ’, ‘ସନ୍ଧିକାଳ’ ଇତ୍ୟାଦି ଗଳ୍ପ କାହାର ?
ଉ : ଚନ୍ଦ୍ରଶେଖର ରଥ ।

Scanned with CamScanner

୨୪୮। 'ସୀତାର ଅଭିଶାପ', 'ଗଳ୍ପ ଓ କବିତା', 'ମୁଖ ଦର୍ପଣ', 'ନିହତ ଚନ୍ଦ୍ରମା', 'ନିଷିଦ୍ଧ ଚୌଦ୍ଦବୀ' ଗଳ୍ପ କାହାର ?

ଉ : ଯଦୁନାଥ ଦାଶମହାପାତ୍ର ।

୨୪୯। 'ମିଶ୍ରରାଗ' ଗଳ୍ପ ସଙ୍କଳନ କାହାର ?

ଉ : ଗୋବିନ୍ଦ ଦାସ ।

୨୫୦। 'ଜଉତିନେ କହିଛନ୍ତି', 'ମହାକ୍ରାନ୍ତ', 'ତାରା ଓ ତିମିର', 'ଫଲ୍ଗୁରେ ବନ୍ୟା', 'ଦୂରକୁ ଦୂରକୁ', 'ଅପରାହ୍ଣର ଗଳ୍ପ' କାହାର ?

ଉ : ଦୁର୍ଗାମାଧବ ମିଶ୍ର ।

୨୫୧। 'ଶୁମ୍ଭ ନିଶୁମ୍ଭ', 'ଷ୍ଟୁଆର୍ଟ ସାହେବ', 'ଦୀପ ଜାଳିଲେ ଆଲୁଅ', 'କଥା ଅନେକ', 'ରାଜଧାନୀର ସକାଳ', 'ଆକାଶର ତାରା', 'ଭବ୍ୟତୋଷରେ ଶେଷ ସମ୍ବଳ', 'ମହାସ୍ନାନ', 'ମଧୁଲଗ୍ନ', 'ନୀଳାଚଳକୁ ରାସ୍ତା', 'ଅସତର୍କ ମୁହୂର୍ତ୍ତ' ଗଳ୍ପ କାହାର ?

ଉ : ସାତକୋଡ଼ି ହୋତା ।

୨୫୨। 'ମହାପ୍ରଭୁ ଜଗନ୍ନାଥ', 'ମହାବାହୁ ଜଗନ୍ନାଥ', 'ଲୀଳାମୟ ଜଗନ୍ନାଥ', 'ଜଗନ୍ନାଥ ସ୍ୱାମୀ', 'ଜଗାକାଳିଆ', 'ଶାରଳା କାହାଣୀ' କାହାର ?

ଉ : ଗଣେଶ ପ୍ରସାଦ ପରିଜା ।

୨୫୩। 'ଆରତି', 'ମନର ଉପତ୍ୟକାରେ', 'ଅରଣ୍ୟ ସାମ୍ରାଜ୍ୟ' ଗଳ୍ପ କାହାର ?

ଉ : ସୁରେନ୍ଦ୍ର ନାୟକ ।

୨୫୪। 'କେତୋଟି କଥା', 'ସପ୍ତଦର୍ଶୀ' ଗଳ୍ପ କାହାର ?

ଉ : ନନ୍ଦିନୀ ଶତପଥୀ ।

୨୫୫। 'ସୃଷ୍ଟିର ସ୍ୱପ୍ନ', 'ଗୋପନ ପତ୍ର', 'ଉଭା ଓ ପୋତା', 'ନାରୀ ଏକ ନଦୀର ନାମ', 'ଐତେରୀୟ ଓ ଅନ୍ୟାନ୍ୟ ଗଳ୍ପ' କାହାର ?

ଉ : କୃଷ୍ଣଚରଣ ବେହେରା ।

୨୫୬। 'ଦିହୁଡ଼ି', 'କୁହୁଡ଼ି', 'ପଞ୍ଜୁରି ପକ୍ଷୀ', 'ସଫା ହାତର ବାସ୍ନା' ଗଳ୍ପର ରଚୟିତା କିଏ ?

ଉ : ଗୋପାଳଚନ୍ଦ୍ର ପଟ୍ଟନାୟକ ।

୨୫୭। 'ହିସାବ ଖାତା', 'ନୀଳ ଅନଳ', 'ସ୍ମୃତି ବିସ୍ମୃତି', 'ଏକାନ୍ତ ଆପଣାର' ଗଳ୍ପ କାହାର ?

ଉ : କୁନ୍ତଳା କୁମାରୀ ଆଚାର୍ଯ୍ୟ ।

୨୫୮। 'ବିବସ୍ତ୍ର ବିଶ୍ୱକର୍ମା', 'ପ୍ରତିମୂର୍ତ୍ତି', 'କେତୋଟି ପ୍ରେମକଥା' ଗଳ୍ପ କାହାର ?

ଉ : ବାସୁଦେବ ସାହୁ ।

୨୫୯। ନିମ୍ନଲିଖିତ ପୁସ୍ତକକୁ ପ୍ରକାଶକାଳ ଅନୁସାରେ ଲେଖ ।
(ଦ୍ୱିତୀୟ ଶ୍ମଶାନ, ଠାକୁରଘର, ଅଦିନ ବଉଳ, ସମ୍ରାଟ ଓ ଅନ୍ୟମାନେ)

ଉ : ଠାକୁର ଘର (୧୯୭୫), ଦ୍ୱିତୀୟ ଶ୍ମଶାନ(୧୯୭୬), ଅଦିନ ବଉଳ (୧୯୭୮), ସମ୍ରାଟ ଓ ଅନ୍ୟମାନେ (୧୯୮୦)।

୨୬୦। କେତୋଟି ଗଳ୍ପ ସଂଗ୍ରହର ପ୍ରକାଶକାଳ ।

ମନୋଜ ଦାସ – ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ,୧୯୭୫ ।
ସୁରେନ୍ଦ୍ର ମହାନ୍ତି – କବି ଓ ନର୍ତ୍ତକୀ, ୧୯୭୫ ।
ଅଖିଳ ମୋହନ ପଟ୍ଟନାୟକ – ଓ ଅନ୍ଧଗଳି, ୧୯୭୯ ।
ରାମଚନ୍ଦ୍ର ବେହେରା – ଅଚିହ୍ନା ପୃଥିବୀ, ୧୯୭୯ ।
ଜଗଦୀଶ ମହାନ୍ତି – ଏକାକୀ ଅଶ୍ୱାରୋହୀ, ୧୯୭୯ ।
ପ୍ରତିଭା ରାୟ – ଗଙ୍ଗଶିଉଳି, ୧୯୭୯ ।
ତରୁଣକାନ୍ତି ମିଶ୍ର – ନିଃସଙ୍ଗତାର ସ୍ୱର, ୧୯୮୦ ।
ମହାପାତ୍ର ନୀଳମଣି ସାହୁ – ଅଭିଶପ୍ତ ଗନ୍ଧର୍ବ, ୧୯୮୧ ।
ଶାନ୍ତନୁ କୁମାର ଆଚାର୍ଯ୍ୟ – କରଞ୍ଜିଆ ଡାଇରୀ, ୧୯୮୪ ।
ସୁରେନ୍ଦ୍ର ମହାନ୍ତି – ରାଜଧାନୀ ଓ ଅନ୍ୟାନ୍ୟ ଗଳ୍ପ, ୧୯୮୬ ।
ରାମଚନ୍ଦ୍ର ବେହେରା – ଓଁକାର ଧ୍ୱନି, ୧୯୮୭ ।
ମହାପାତ୍ର ନୀଳମଣି ସାହୁ – ସୁମିତ୍ରାର ହସ, ୧୯୯୦ ।
ପଦ୍ମଜ ପାଳ – ସବୁଠୁ ସୁନ୍ଦର ପକ୍ଷୀ, ୧୯୯୦ ।
ଶାନ୍ତନୁ କୁମାର ଆଚାର୍ଯ୍ୟ – ଚଳନ୍ତି ଠାକୁର, ୧୯୯୧ ।
ମନୋଜ ଦାସ – ଅବଲୋକରା କାହାଣୀ,୧୯୯୧ ।
ମନୋଜ ଦାସ – ଶେଷ ବସନ୍ତର ଚିଠି, ୧୯୯୬ ।
ତରୁଣକାନ୍ତି ମିଶ୍ର – ପ୍ରଜାପତିର ଡେଣା ନାହିଁ, ୧୯୯୭ ।
ରାମଚନ୍ଦ୍ର ବେହେରା – ମହାକାବ୍ୟର ମୁହଁ, ୧୯୯୮ ।
ପ୍ରତିଭା ରାୟ – ଉଲ୍ଲଙ୍ଘନ, ୧୯୯୮ ।
ହୃଷିକେଶ ପଣ୍ଡା – ମିଛ ଖୁସି ସତ ଦୁଃଖ, ୨୦୦୫ ।

Scanned with CamScanner

ଉପନ୍ୟାସ

୧ । ନଭେଲ୍ (Novel) ଶବ୍ଦଟି କେଉଁ ଭାଷାରୁ ଆସିଅଛି ?

ଉ : ଫରାସୀ

୨ । କେଉଁ ସାହିତ୍ୟରେ ସାର୍ବପ୍ରଥମେ 'ଉପନ୍ୟାସ'ର ସ୍ଫୁରଣ ଘଟିଥିଲା ?

ଉ : ଇଂରାଜୀ ସାହିତ୍ୟ (୧୮ଶ ଶତାବ୍ଦୀ) (୧୮୦୦)

୩ । ଇଂରାଜୀ ସାହିତ୍ୟର ପ୍ରଥମ ଉପନ୍ୟାସର ନାମ କ'ଣ ?

ଉ : 'ପାମେଲା'(ରିଚାର୍ଡ୍‌ସନ)

୪ । କେଉଁ ଶତାବ୍ଦୀରେ ଭାରତୀୟ ସାହିତ୍ୟରେ ଉପନ୍ୟାସର ଜନ୍ମ ହୋଇଥିଲା ?

ଉ : ଊନବିଂଶ

୫ । ଓଡ଼ିଆ ସାହିତ୍ୟର ପ୍ରଥମ ଅସମ୍ପୂର୍ଣ୍ଣ ଉପନ୍ୟାସର ନାମ କ'ଣ ଏବଂ ଏହା କେଉଁ ପତ୍ରିକାରେ ପ୍ରକାଶ ପାଉଥିଲା ?

ଉ : 'ସୌଦାମିନୀ' (ରାମଶଙ୍କର ରାୟ), ଉତ୍କଳ ମଧୁପ

୬ । ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ଉପନ୍ୟାସର ନାମ କ'ଣ ଏବଂ ଏହାର ରଚୟିତା କିଏ ?

ଉ : 'ପଦ୍ମମାଳୀ'(୧୮୮୮)- ଉମେଶଚନ୍ଦ୍ର ସରକାର

୭ । ଆଧୁନିକ ଉପନ୍ୟାସକୁ ଅନ୍ୟ କେଉଁ ନାମରେ ଆଖ୍ୟା ପ୍ରଦାନ କରାଯାଇଛି ?

ଉ : ଏପିକ୍

୮ । ଓଡ଼ିଆ ସାହିତ୍ୟର ପ୍ରଥମ ଚରିତ ଉପନ୍ୟାସର ନାମ କ'ଣ ?

ଉ : 'ଶତାବ୍ଦୀର ସୂର୍ଯ୍ୟ' (ସୁରେନ୍ଦ୍ର ମହାନ୍ତି) (୧୯୭୦)

୯ । ଓଡ଼ିଆ ସାହିତ୍ୟର ପ୍ରଥମ ବୈଜ୍ଞାନିକ ଉପନ୍ୟାସର ନାମ କ'ଣ ?

ଉ : ପୃଥିବୀ ବାହାରେ ମଣିଷ'(ଗୋକୁଳାନନ୍ଦ ମହାପାତ୍ର)

୧୦ । କେଉଁଟି ଓଡ଼ିଆ ସାହିତ୍ୟର ପ୍ରଥମ ପତ୍ରୋପନ୍ୟାସ ?

ଉ : 'ପ୍ରେମ ପଥେ' (ଗୋଦାବରୀଶ ମହାପାତ୍ର)

୧୧ । ଓଡ଼ିଆ ସାହିତ୍ୟର ପ୍ରଥମ ହାସ୍ୟରସାତ୍ମକ ଉପନ୍ୟାସର ନାମ କ'ଣ ?

ଉ : 'ରସ ଗଳିତଂ ଥଫ ଥଫ' (ଜଗବନ୍ଧୁ ମହାପାତ୍ର) ।

୧୨ । କେଉଁଟି ଓଡ଼ିଆ ସାହିତ୍ୟର ପ୍ରଥମ ଚିତ୍ରୋପନ୍ୟାସ ?

ଉ : 'ସାୟୋନାରା' (ଦୀନନାଥ ପାଠୀ)

୧୩ । ଓଡ଼ିଆ ସାହିତ୍ୟର ପ୍ରଥମ ରାଜନୈତିକ ଉପନ୍ୟାସର ନାମ କ'ଣ ?

ଉ : 'ପୂଜାର ବଳି' (ରାମ ପ୍ରସାଦ ସିଂହ)

୧୪ । କେଉଁଟି ଓଡ଼ିଆ ସାହିତ୍ୟର ପ୍ରଥମ ଡିଟେକ୍‌ଟିଭ ଉପନ୍ୟାସ ?

ଉ : 'ନରବଳି'(ଚନ୍ଦ୍ରମଣି ଦାସ)

୧୫ । ଓଡ଼ିଆ ସାହିତ୍ୟର ପ୍ରଥମ ଅଣୁଗଳ୍ପ ଉପନ୍ୟାସ ନାମ କ'ଣ ?

ଉ : 'ଦେଶ-କାଳ-ପାତ୍ର'(ଜଗନ୍ନାଥ ପ୍ରସାଦ ଦାସ)

୧୬ । ଓଡ଼ିଆ ସାହିତ୍ୟର ପ୍ରଥମ ନାରୀ ଔପନ୍ୟାସିକାଙ୍କ ନାମ କ'ଣ ?

ଉ : କୁନ୍ତଳା କୁମାରୀ ସାବତ ।

୧୭ । ରାମିୟା ମା' ଓ ଲକ୍ଷ୍ମଣ କେଉଁ ଉପନ୍ୟାସର ଚରିତ୍ର ?

ଉ : ପଦ୍ମମାଳୀ

୧୮ । 'କେନ୍ଦୁଝର ବିଦ୍ରୋହ'(୧୯୦୭) ଉପନ୍ୟାସ ମୁକୁର ପତ୍ରିକାରେ କେଉଁ ନାମରେ ପ୍ରକାଶିତ ହୋଇଥିଲା ?

ଉ : ଉଦାସୀ ଚନ୍ଦ୍ର

୧୯ । "ଛ'ମାଣ ଆଠଗୁଣ୍ଠ" ଉପନ୍ୟାସ କେଉଁ ଧରଣର ଉପନ୍ୟାସ ଏବଂ ଏହା କେତେ ମସିହାରେ ରଚିତ ?

ଉ : ସାମାଜିକ ଉପନ୍ୟାସ, ୧୮୯୭ ।

୨୦ । ରାମଚନ୍ଦ୍ର ମଙ୍ଗରାଜ, ଚମ୍ପା, ଗୋବିନ୍ଦ, ସାରିଆ ଓ ଭଗିଆ କେଉଁ ଉପନ୍ୟାସର ଚରିତ୍ର ?

ଉ : "ଛ' ମାଣ ଆଠଗୁଣ୍ଠ" ।

୨୧ । ଦୁଃର୍ଭିକ୍ଷର ପଟ୍ଟଭୂମି ଉପରେ ରଚିତ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଉପନ୍ୟାସଟିର ନାମ କ'ଣ ?

ଉ : ମୁକ୍ତାଗଡ଼ର କ୍ଷୁଧା ।

୨୨ । ସୁରେନ୍ଦ୍ର ମହାନ୍ତିଙ୍କ 'କଲେଜ ବୟ' ଉପନ୍ୟାସର ପରବର୍ତ୍ତୀ ନାମ କ'ଣ ଥିଲା ?

ଉ : ପ୍ରଜାପତି ।

Scanned with CamScanner

୨୩ । ଅସମ୍ପୂର୍ଣ୍ଣ ଉପନ୍ୟାସ, ଅନାଥିନୀ ଓ ମଠର ସମ୍ବାଦ କେବେ କେଉଁ ପତ୍ରିକାରେ ପ୍ରକାଶିତ ହେଉଥିଲା ଏବଂ କେଉଁ ନାମଧାରୀ ବ୍ୟକ୍ତି ଏହାର ଲେଖକ ଥିଲେ ?

ଉ : ୧୮୮୫(ପ୍ରଦୀପ), 'ଶ୍ରୀ' ନାମଧାରୀ ଅଜ୍ଞାତ ବ୍ୟକ୍ତି ।

୨୪ । 'ମୋହନବଂଶୀ' ଏକ କେଉଁ ଧରଣର ଉପନ୍ୟାସ ଏବଂ ଏହାର ରଚୟିତା କିଏ ?

ଉ : ବୈଷ୍ଣବୀୟ ଚେତନାଧର୍ମୀ ଉପନ୍ୟାସ, ଗୁରୁପ୍ରସାଦ ମହାନ୍ତି ।

୨୫ । ରାମଚନ୍ଦ୍ର ଆଚାର୍ଯ୍ୟଙ୍କ କେଉଁ ଉପନ୍ୟାସଟି ଔପନ୍ୟାସିକ ଭିକ୍ଟୋର ହ୍ୟୁଗୋଙ୍କ 'ଲା ମିଜରେବଲ' ଛାୟାରେ ରଚିତ ?

ଉ : ପୀୟୂଷ ପ୍ରବାହ ।

୨୬ । ନୀଳଗିରି ଆନ୍ଦୋଳନକୁ କେନ୍ଦ୍ରକରି କେଉଁ ଉପନ୍ୟାସଟି ରଚିତ ହୋଇଅଛି ?

ଉ : ପଦ୍ମମାଳୀ ।

୨୭ । ପ୍ରେମ୍‌ଚାନ୍ଦଙ୍କ 'ଗୋଦାନ' ପୁସ୍ତକକୁ କିଏ ଓଡ଼ିଆ ଉପନ୍ୟାସ ରୂପେ ଅନୁବାଦ କରିଥିଲେ ଏବଂ ଏହା କେଉଁ ପୁରସ୍କାର ଲାଭ କରିଥିଲା ?

ଉ : ଗୋଲକ ବିହାରୀ ଧଳ, କେନ୍ଦ୍ର ସାହିତ୍ୟ ଏକାଡେମୀ ।

୨୮ । ଟଲଷ୍ଟୟଙ୍କ 'ୱାର ଏଣ୍ଡ ପିସ୍' ଉପନ୍ୟାସର ଓଡ଼ିଆ ଅନୁବାଦକ କିଏ ?

ଉ : ଗୋପୀନାଥ ମହାନ୍ତି ।

୨୯ । ପ୍ରତିଭାରାୟଙ୍କ 'ଶିଳାପଦ୍ମ' ଉପନ୍ୟାସଟି ହିନ୍ଦୀ ଭାଷାରେ କେଉଁ ନାମରେ ଅନୁଦିତ ହୋଇଥିଲା ?

ଉ : କୋଣାର୍କ ।

୩୦ । ବୈଷ୍ଣବଚରଣ ଦାସଙ୍କ 'ମନେ ମନେ' ଉପନ୍ୟାସଟି କେତେଗୋଟି ପର୍ଯ୍ୟାୟରେ ବିଭକ୍ତ ?

ଉ : ୪ ।

୩୧ । ଗୋଦାବରୀଶ ମିଶ୍ରଙ୍କ କେଉଁ ଉପନ୍ୟାସଟି ଖୋର୍ଦ୍ଧାର ପ୍ରସିଦ୍ଧ ପାଇକ ବିଦ୍ରୋହ ପୃଷ୍ଠଭୂମି ଉପରେ ରଚିତ ?

ଉ : ୧୮୧୭ ।

୩୨ । ବ୍ରଜମୋହନ ମହାନ୍ତିଙ୍କ କେଉଁ ଉପନ୍ୟାସଟି ଜୟଦେବଙ୍କ ଜୀବନ ଚରିତକୁ ନେଇ ରଚିତ ?

ଉ : ଲଳିତ ଲବଙ୍ଗଲତା ।

୩୩ । ଫତୁରାନନ୍ଦଙ୍କ 'ନାକଟା ଚିତ୍ରକର' ଉପନ୍ୟାସର ନାୟକ କିଏ ?

ଉ : ରମେଶ ।

୩୪ । ନର କିନ୍ନର କେଉଁ ଧରଣର ଉପନ୍ୟାସ ?

ଉ : ମେଟାଫିଜିକାଲ ।

୩୫ । 'ସୁଦାମ' ଉପନ୍ୟାସ କାହାର ଲେଖା ?

ଉ : କନକଲତା ମହାନ୍ତି ।

୩୬ । 'ହରିଣ ପିଠିରେ ଅଜଣା ସୂର୍ଯ୍ୟାସ୍ତ' ଉପନ୍ୟାସର ସ୍ରଷ୍ଟା କିଏ ?

ଉ : ହୃଷୀକେଶ ପଣ୍ଡା ।

୩୭ । 'ମୁଣ୍ଡମେଖଳା' ଉପନ୍ୟାସର ସ୍ରଷ୍ଟା କିଏ ?

ଉ : ଅନାଦି ସାହୁ ।

୩୮ । 'ତାମସୀ ରାଧା' ଉପନ୍ୟାସର ସ୍ରଷ୍ଟା କିଏ ?

ଉ : ମହାପାତ୍ର ନୀଳମଣି ସାହୁ ।

୩୯ । 'ବୁଲାଫକୀର' ଉପନ୍ୟାସର ସ୍ରଷ୍ଟା କିଏ ?

ଉ : ଚିନ୍ତାମଣି ମହାନ୍ତି ।

୪୦ । 'ଶତାବ୍ଦୀର ଶୋଷ' ଉପନ୍ୟାସ କାହାର ରଚନା ?

ଉ : ସାତକୋଡ଼ି ହୋତା

୪୧ । 'ଶେଷ ରାତ୍ରି, ପ୍ରଥମ ସକାଳ' ଉପନ୍ୟାସର ସ୍ରଷ୍ଟା କିଏ ?

ଉ : ଶ୍ରୀନିବାସ ଉଦ୍‌ଗାତା ।

୪୨ । 'ତେଣୁ ମୁଁ ବେଶ୍ୟା ହେଲି' କାହାର ଉପନ୍ୟାସ ?

ଉ : କାଶୀନାଥ ସାହୁ ।

୪୩ । ଗୋପାଳ ବଲ୍ଲଭ ଦାସଙ୍କ 'ଭୀମାଭୂୟାଁ' ଏକ କେଉଁ ଧରଣର ଉପନ୍ୟାସ ଏବଂ ଏହା କେତେ ମସିହାରେ ରଚିତ ?

ଉ : ୧୯୦୮, ଆଦିବାସୀ ।

୪୪ । ଭୀମା, ଚୀନାମାଳୀ କେଉଁ ଉପନ୍ୟାସର ଚରିତ୍ର ?

ଉ : ଭୀମାଭୂୟାଁ ।

୪୫ । ବଙ୍ଗଳା 'ବାରୋୟାରୀ' ଉପନ୍ୟାସର ଅନୁକରଣରେ ନଅଜଣ ଲେଖକଙ୍କ ସମ୍ମିଳିତ ସୃଷ୍ଟିର ନାଁ କ'ଣ ?

ଉ : ବାସନ୍ତୀ (୧୯୩୧) ।

୪୬ । ଧୋବୀ ଓ ସନିଆ କେଉଁ ଉପନ୍ୟାସର ଚରିତ୍ର ଅଟନ୍ତି ?

ଉ : ଶାସ୍ତି ।

Scanned with CamScanner

୪୭ । କାଜଲ ଓ ମନୀଷା କେଉଁ ଉପନ୍ୟାସର ଚରିତ୍ର ?
ଉ : ଅମାବାସ୍ୟାର ଚନ୍ଦ୍ର ।

୪୮ । ବିମାନ ଓ ହୈମବତୀ କେଉଁ ଉପନ୍ୟାସର ଚରିତ୍ର ?
ଉ : ଲୟ ବିଲୟ ।

୪୯ । ମାୟା କେଉଁ ଉପନ୍ୟାସର ଚରିତ୍ର ?
ଉ : ଅମଡ଼ାବାଟ +ଚୋରାବାଲି ।

୫୦ । ଧନଞ୍ଜୟ, କନକଲତା, ରାଜେନ୍ଦ୍ର ଏବଂ ଉମା କେଉଁ ଉପନ୍ୟାସର ଚରିତ୍ର ?
ଉ : କନକଲତା ।

୫୧ । ଶୁଭକାନ୍ତ କେଉଁ ଉପନ୍ୟାସର ଚରିତ୍ର ?
ଉ : ମୁକ୍ତାଗଡ଼ର କ୍ଷୁଧା ।

୫୨ । ଅଭିରାମ କେଉଁ ଉପନ୍ୟାସର ଚରିତ୍ର ?
ଉ : ଅମରଚିତା ।

୫୩ । 'ଟଙ୍କାଗଛ' ଉପନ୍ୟାସର ସ୍ରଷ୍ଟା କିଏ ?
ଉ : ଚିନ୍ତାମଣି ମହାନ୍ତି ।

୫୪ । 'ମଲାଜହ୍ନ' ଉପନ୍ୟାସର ସ୍ରଷ୍ଟା କିଏ ଏବଂ ଏହା କେତେ ମସିହାରେ ରଚିତ ?
ଉ : ଉପେନ୍ଦ୍ର କିଶୋର ଦାସ, ୧୯୨୨ ।

୫୫ । ସତୀ ଓ ନାଥନନା କେଉଁ ଉପ୍ୟାସନର ଚରିତ୍ର ?
ଉ : ମଲାଜହ୍ନ ।

୫୬ । କନକ ଓ ନୀଲୁ କେଉଁ ଉପନ୍ୟାସର ଚରିତ୍ର ?
ଉ : ମନେ ମନେ (୧୯୨୩)

୫୭ । କୁନ୍ତଳା କୁମାରୀ ସାବତଙ୍କର ପ୍ରଥମ ଉପନ୍ୟାସର ନାମ କ'ଣ ଏବଂ ଏହା କେତେ ମସିହାରେ ରଚିତ ?
ଉ : ଭ୍ରାନ୍ତି (୧୯୨୩)

୫୮ । ଶେଫାଳିକା ଏବଂ ଅନଙ୍ଗମୋହନ କେଉଁ ଉପନ୍ୟାସର ଚରିତ୍ର ?
ଉ : ଭ୍ରାନ୍ତି ।

୫୯ । ଛ'ମାଣ ଆଠଗୁଣ୍ଠ ଉପନ୍ୟାସ ରଚନା କଲାବେଳେ ଔପନ୍ୟାସିକଙ୍କ ଛଦ୍ମନାମ କ'ଣ ଥିଲା ।?
ଉ : ଧୂର୍ଜଟୀ

୬୦ । କାହ୍ନୁଚରଣ ମହାନ୍ତିଙ୍କ ପ୍ରଥମ ଉପନ୍ୟାସର ନାମ କ'ଣ ?
ଉ : ନିଷ୍କୃତି (୧୯୩୨)

୬୧ । କ୍ଷଣପ୍ରଭା, ଦୁଷ୍ମନ୍ତ, ତୁଷାରକାନ୍ତ କେଉଁ ଉପନ୍ୟାସର ଚରିତ୍ର ଅଟନ୍ତି ?
ଉ : ଝଞ୍ଜା (୧୯୩୫ ।

୬୨ । ମନଗହୀରରେ ଚାଷ (୧୯୪୦), ଦାଦିବୁଢ଼ା(୧୯୪୪), ପରଜା(୧୯୪୫), ହରିଜନ (୧୯୪୮) ଓ ଅମୃତର ସନ୍ତାନ (୧୯୪୯) ଆଦି ଉପନ୍ୟାସଗୁଡ଼ିକର ସ୍ରଷ୍ଟା କିଏ ?
ଉ : ଗୋପୀନାଥ ମହାନ୍ତି ।

୬୩ । ସଚ୍ଚି ରାଉତରାୟଙ୍କ ନାରୀବିହୀନ ଉପନ୍ୟାସର ନାମ କ'ଣ ଏବଂ ଏହା କେତେ ମସିହାରେ ରଚିତ ?
ଉ : ଚିତ୍ରଗ୍ରୀବ(୧୯୩୩), ସୌରୀ, ଗଗନ, ମୃଗାଙ୍କ ଓ ଗଣେଶ ଚରିତ୍ର ।

୬୪ । ନିତ୍ୟାନନ୍ଦ ମହାପାତ୍ର କେଉଁ ଉପନ୍ୟାସ ଲାଗି ୧୯୮୭ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ ?
ଉ : ଘରଡ଼ିହ

୬୫ । କାହ୍ନୁଚରଣ ମହାନ୍ତି କେଉଁ ଉପନ୍ୟାସ ଲାଗି ୧୯୫୮ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ହୋଇଥିଲେ ?
ଉ : 'କା'

୬୬ । ଗୋପୀନାଥ ମହାନ୍ତି କେଉଁ ଉପନ୍ୟାସ ଲାଗି ୧୯୭୩ରେ ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ହୋଇଥିଲେ ।
ଉ : ମାଟିମଟାଳ(୧୯୬୪)

୬୭ । ରବି ଓ ଛବି କେଉଁ ଉପନ୍ୟାସର ଚରିତ୍ର ?
ଉ : ମାଟିମଟାଳ ।

୬୮ । ପିୟୁ, ଗୋପୀନାଥ ମହାନ୍ତିଙ୍କର କେଉଁ ଉପନ୍ୟାସର ଚରିତ୍ର ?
ଉ : ଅମୃତର ସନ୍ତାନ ।

୬୯ । ସୁରେନ୍ଦ୍ର ମହାନ୍ତିଙ୍କ ଉପନ୍ୟାସଗୁଡ଼ିକୁ କ୍ରମନୁଯାୟୀ ସଜାଇ ଲେଖ ।
ଉ : କଲେଜ ବୟ(୧୯୪୭), ବଧୂ ଓ ପ୍ରିୟା(୧୯୪୮), ନୀଳଶୈଳ(୧୯୬୮), ହଂସଗୀତି(୧୯୭୫), ନୀଳାଦ୍ରି ବିଜୟ(୧୯୮୦), ଆଜୀବଜର ଅଟ୍ଟହାସ(୧୯୮୩), କୃଷ୍ଣାବେଣୀ ସନ୍ଧ୍ୟା(୧୯୮୫) ଇତ୍ୟାଦି ।

Scanned with CamScanner

୭୦ । ସୁରେନ୍ଦ୍ର ମହାନ୍ତିଙ୍କ କେଉଁ ଦୁଇଟି ଉପନ୍ୟାସ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀକୁ ନେଇ ରଚିତ ?
୩୦୧ । 'ଉପେକ୍ଷିତା', 'ନିକ୍ୱଣ', 'ଶୁଭଦୃଷ୍ଟି', 'ସାଧବଝିଅ, 'ଜେମା', କମଳାୟକ', ମାୟାଧର ମାନସିଂହଙ୍କ କେଉଁ ଶ୍ରେଣୀୟ ରଚନା ?
ଉ : କାବ୍ୟ ।

୩୦୨ । 'ବିଲ୍ୱମଙ୍ଗଳ' ଓ 'ଖଣ୍ଡାଧାର' କାବ୍ୟ କାହାର ରଚନା ?
ଉ : କୃଷ୍ଣଚନ୍ଦ୍ର କର ।

Scanned with CamScanner

୩୦୩ । 'ଆହେ ଦୟାମୟ ବିଶ୍ୱବିହାରୀ' ପ୍ରାର୍ଥନା କାହାର ସୃଷ୍ଟି ?
ଉ : ରାମକୃଷ୍ଣ ନନ୍ଦ ।

୩୦୪ । 'ନୀହାରିକା' କବିତାସଂଗ୍ରହ କାହାର ?
ଉ : ଅନନ୍ତ ପ୍ରସାଦ ପଣ୍ଡା ।

୩୦୫ । ଗଡ଼ଜାତ କୃଷକ, ଓଡ଼ିଆଙ୍କ କାନ୍ଦଣାର କବି କିଏ ?
ଉ : କୁନ୍ତଳା କୁମାରୀ ସାବତ ।

୩୦୬ । 'ସୀମାନ୍ତେ' ଓ 'ବର୍ଣ୍ଣରାଗ', ଦିନାନ୍ତେ କାହାର ସୃଷ୍ଟି ?
ଉ : ନିର୍ମଳା ଦେବୀ ।

୩୦୭ । 'ପାଷାଣୀ' କାବ୍ୟର ରଚୟିତା କିଏ ?
ଉ : ମହେଶ୍ୱର ନାୟକ ।

୩୦୮ । ରାଧାମୋହନ ଗଡ଼ନାୟକଙ୍କ କବିତା ସଙ୍କଳନଗୁଡ଼ିକର ନାମ ଲେଖ?
ଉ : କାବ୍ୟନାୟିକା (୧୯୪୫), ଉତ୍କଳିକା (୧୯୪୫), ମୌସୁମୀ (୧୯୫୧), ପଶୁପକ୍ଷୀର କାବ୍ୟ (୧୯୫୯), ଶାମୁକାର ସ୍ୱପ୍ନ (୧୯୬୧), ଧୂସର ଭୂମିକା (୧୯୭୦), ସୂର୍ଯ୍ୟ ଓ ଅନ୍ଧକାର (୧୯୭୪), ହୀରାଖଣ୍ଡର ଗାଥା (୧୯୮୩) ।

୩୦୯ । 'ଅଗ୍ନିମିତ୍ର' ଓ 'ଉପଗୁପ୍ତ' ଦୁଇଟି ଛଦ୍ମନାମ କାହାର ?
ଉ : ରାଧାମୋହନ ଗଡ଼ନାୟକ ।

୩୧୦ । ଆହୁତି, ଅଗ୍ନିଶଙ୍ଖ, ମାଟିଦୀପ, ଉଷ୍ମ, ରୂପାୟନ, ସାଧକର ସ୍ୱପ୍ନ, ବେଳା ଓ ବାଟି, ସଙ୍କେତ, ଆମ୍ରଲିପି, ପଥରେଣୁ, ମରୁମାଟିର ସ୍ୱପ୍ନ, ପାଇକ ମାଟିର ଗାଥା, ଗୋଧୂଳି, ନିଶବ୍ଦର ଡାକ, କୁଟୀର ବଂଶୀ, ପଲ୍ଲୀ ପଥିକ, ତରୁ ଓ ତୃଣ ଇତ୍ୟାଦି କବିତାଗ୍ରନ୍ଥ କାହାର ?
ଉ : କୃଷ୍ଣଚନ୍ଦ୍ର ତ୍ରିପାଠୀ ।

୩୧୧ । 'ଅରତୁ ରତୁ', 'ରକ୍ତଶିଖା', ଅଲୋଡ଼ା ଲୋଡ଼ା', 'ଛାଇର ଛିଟା' ଓ 'ଅବାନ୍ତର' ଇତ୍ୟାଦି କବିତା ଗ୍ରନ୍ଥର ରଚୟିତା କିଏ ?
ଉ : ଅନନ୍ତ ପଟ୍ଟନାୟକ ।

୩୧୨ । କେଉଁ କବିତା ସଙ୍କଳନ ପାଇଁ ଅନନ୍ତ ପଟ୍ଟନାୟକ ୧୯୮୦ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଛନ୍ତି ?
ଉ : ଅବାନ୍ତର ।

୩୧୩ । 'ପଞ୍ଚଜନ୍ୟ' ଓ 'କାଳରଡ଼ି' କେଉଁ ଧରଣର ରଚନା ?
ଉ : କବିତା ସଙ୍କଳନ ।

୩୧୪ । 'ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନ ହରା
ବକ୍ଷ ଶୋଣିତେ ଲକ୍ଷ୍ୟ ଜୀବନେ ଖେଳାଅ ଆଲୋକଧାରା ।" ଏହି ପ୍ରଗତିଶୀଳ ଚେତନାଭାବ ସମ୍ୱଳିତ ସଙ୍ଗୀତଟି କାହାର ?
ଉ : ଅନନ୍ତ ପଟ୍ଟନାୟକ ।

୩୧୫ । "ସାହିତ୍ୟ ନୁହଇ ଖାଲିଫୁର୍ତ୍ତି ଆଉ ବିଳାସର ଫୁଲ
ଜାତିକୁ ଦେବ ସେ ମୁକ୍ତି ତେବେ ଯାଇ ଚରମ ତା' ମୂଲ୍ୟ ।" ଏହି ଉଦ୍ଧୃତାଂଶଟି କାହାର ?
ଉ : ସଚ୍ଚିଦାନନ୍ଦ ରାଉତରାୟ ।

୩୧୬ । 'ମରମ' କବିତାଗୁଚ୍ଛ କାହାର ରଚନା ?
ଉ : ନିତ୍ୟାନନ୍ଦ ମହାପାତ୍ର ।

୩୧୭ । 'ଭିନ୍ନଦୃଷ୍ଟି' କବିତା ସଙ୍କଳନର ରଚୟିତା କିଏ ?
ଉ : ପ୍ରାଣକୃଷ୍ଣ ସାମଲ ।

୩୧୮ । "ଧଳା ମଣିଷର ଭଗବାନ ଯେହୁ
କଳାର ସେ ସଇତାନ
ଇଟାଲି ଦେଶର ଭଗବାନ ଖାଏ ଆବିସିନିଆର ପ୍ରାଣ ।"ର ରଚୟିତା କିଏ ?
ଉ : କାଳିନ୍ଦୀ ଚରଣ ପାଣିଗ୍ରାହୀ ।

୩୧୯ । କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ 'ଛୁରୀଟିଏ ଲୋଡ଼ା' କବିତାରେ କେଉଁ ଚିନ୍ତାଧାରା ଦେଖିବାକୁ ମିଳେ ?
ଉ : ସାମ୍ୟବାଦୀ ଚେତନା ।

୩୨୦ । 'ଦୀପାଳି' କବିତା ସଙ୍କଳନ କାହାର ରଚନା ?
ଉ : ରାଜକିଶୋର ରାୟ ।

୩୨୧ । 'ପ୍ରେମର ଅନେକ ରଙ୍ଗ' କବିତା ଗ୍ରନ୍ଥର ରଚୟିତା କିଏ ?
ଉ : ଶ୍ରଦ୍ଧାକର ସୂପକାର ।

୩୨୨ । ସଚ୍ଚିଦାନନ୍ଦ ରାଉତରାୟଙ୍କ କବିତା ସଙ୍କଳନଗୁଡ଼ିକ ଲେଖ ?
ଉ : ପାଥେୟ, ପୂର୍ଣ୍ଣିମା, ଅଭିଯାନ, ରକ୍ତଶିଖା, ବାଜିରାଉତ, ପଲ୍ଲିଶ୍ରୀ, ପାଣ୍ଡୁଲିପି, ଭାନୁମତୀର ଦେଶ, ସ୍ୱଗତ, କବିତା -୧୯୬୨, କବିତା-୧୯୬୮ ।

୩୨୩ । ବାଜିରାଉତ ଓ ଅନ୍ୟାନ୍ୟ ଚାଳିଶଟି କବିତା ପ୍ରଖ୍ୟାତ ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କଦ୍ୱାରା ଇଂରାଜୀ ଅନୁବାଦର ନାମ କ'ଣ ?
ଉ : The Boatman Boy and Forty Poem.

Scanned with CamScanner

୩୨୪ । ୧୯୬୩ରେ କେଉଁ କବିତା ସଙ୍କଳନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ?
ଉ : କବିତା -୧୯୬୨ ।

୩୨୫ । 'ଟା କପ୍‌ରେ ଝଡ଼' କବିତାର ରଚୟିତା କିଏ ?
ଉ : କୃଷ୍ଣଚରଣ ବେହେରା ।

୩୨୬ । 'ସାତତାରାର ଦ୍ୱୀପ' ଓ 'ପୋହଳା ଦ୍ୱୀପର ଉପକଥା'ର ରଚୟିତା କିଏ ?
ଉ : ବିନୋଦ ଚନ୍ଦ୍ର ନାୟକ ।

୩୨୭ । 'ସରୀସୃପ' କବିତାର ରଚୟିତା କିଏ ?
ଉ : ବିନୋଦ ଚନ୍ଦ୍ର ନାୟକ ।

୩୨୮ । 'ଅତନୁ' ଛଦ୍ମନାମରେ କାହାର କବିତା ପ୍ରକାଶ ପାଇଥିଲା ?
ଉ : ଅନନ୍ତ ପଟ୍ଟନାୟକ ।

୩୨୯ । ସଚ୍ଚିଦାନନ୍ଦ ରାଉତରାୟଙ୍କ 'ଅଭିଯାନ' କବିତାରେ କେଉଁ ଚେତନା ଦେଖିବାକୁ ମିଳେ ?
ଉ : ସାମ୍ୟବାଦୀ ଚେତନା ।

୩୩୦ । 'ଉତ୍କଳ କମ୍ୟୁନିଷ୍ଟ ପାର୍ଟି' କିଏ ଗଢ଼ିଥିଲେ ?
ଉ : ଭଗବତୀ ଚରଣ ପାଣିଗ୍ରାହୀ ।

୩୩୧ । 'କୃଷକ ସଭା' କେବେ ଅନୁଷ୍ଠିତ ହୋଇଥିଲା ?
ଉ : ୧୯୩୫ ମସିହା ।

୩୩୨ । 'ଉତ୍କଳ କମ୍ୟୁନିଷ୍ଟ ପାର୍ଟି' କେବେ ଗଠିତ ହୋଇଥିଲା ?
ଉ : ୧୯୩୮ ମସିହା ।

୩୩୩ । ଅନନ୍ତ ପଟ୍ଟନାୟକଙ୍କ ସାମ୍ୟବାଦ ସ୍ୱର ନ ଥିବା ବହିର ନାମ କ'ଣ ?
ଉ : ଶାନ୍ତି ଶିଖା ।

୩୩୪ । "ମୃତ୍ୟୁର ଜଳେ ପହଁରି ପହଁରି
ତୋଳେ ଯେ ତୋ ଲାଗି ରକ୍ତକଇଁ
କୃଷ୍ଣ ନାଗର ଦଂଶନେ ସେକି
ପଡ଼ିବ ନଇଁରେ ପଡ଼ିବ ନଇଁ" ଏହାର ରଚୟିତା କିଏ ? (ଝରରେ ରୁଧିର)
ଉ : ଅନନ୍ତ ପଟ୍ଟନାୟକ ।

୩୩୫ । 'ନିଜ ବନ୍ଦନା ପଢ଼େ' କବିତାଟିରେ କେଉଁ ଆଭିମୁଖ୍ୟ ଦେଖିବାକୁ ମିଳେ ?
ଉ : ସାମ୍ୟବାଦୀ ଆଭିମୁଖ୍ୟ ।

୩୩୬ । 'ଚାଷୀଭାଇ' କବିତାର କବି କିଏ ?
ଉ : ଗୋଦାବରୀଶ ମହାପାତ୍ର ।

୩୩୭ । "ପେସାଦାର ଗାୟକ ମୁଁ ନୁହେଁ
ତୁମେ ମୋର ଛାପାବହି ଯେତେବେଳେ ଛୁଅଁ
ଛୁଅଁ ନୂଆ ମଣିଷର ଛାତି
ଏଇ ପୃଥିବୀର ସବୁ ମଣିଷ ଜାତି
ତା'ର ପ୍ରତିଟି ଖବର, ରୂପ ପାଏ କବିତାରେ ମୋର" – ଉକ୍ତ ଉଦ୍ଧୃତାଂଶଟି କାହାର ରଚନା ?
ଉ : ସଚ୍ଚିଦାନନ୍ଦ ରାଉତରାୟ ।

୩୩୮ । ରଘୁନାଥ ଦାସ କେଉଁ ଛଦ୍ମ ନାରେ କବିତା ଲେଖୁଥିଲେ ?
ଉ : ଜଟାୟୁ ।

୩୩୯ । "କିଏ ଡକାୟତ କାହା ପାଇଁ ଫାଶ ।
କିଏ ସମାଜରେ ରୋଗ
କାହା ପିଠି ଲୋଡ଼େ ଜୋତା ବା ଚାବୁକ ।
କାହା ପାଇଁ ଜେଲ୍ ଭୋଗ ।
ବିଲେଇ କୁକୁର ଶୁଣାଅଛି ଦିନେ ।
ବୁଝେ ମାନ ଅପମାନ
ମଣିଷ କି ଦିନେ ନ ପାରିବ ବୁଝି ।
କିଏ ଶଳା ସଇତାନ ।" ଉକ୍ତ ଉଦ୍ଧୃତାଂଶଟି କାହାର ?
ଉ : କାଳିନ୍ଦୀଚରଣ ପାଣିଗ୍ରାହୀ ।

୩୪୦ । ପ୍ରୟୋଗବାଦୀ ନାଟ୍ୟଧାରାର କେତେ ବର୍ଷ ବୋଲି ବିବେଚନା କରାଯାଏ ?
ଉ : ୧୯୪୭-୮୦ ମସିହା ।

୩୪୧ । 'ଜୀବନ ପଥେ' କବିତା ଗ୍ରନ୍ଥର ରଚୟିତା କିଏ ?
ଉ : ଜୀବନାନନ୍ଦ ଆଚାର୍ଯ୍ୟ ।

୩୪୨ । 'ମଣି ରାମାୟଣ'ର ରଚୟିତା କିଏ ?
ଉ : ସୁନ୍ଦରମଣି ପଟ୍ଟନାୟକ ।

୩୪୩ । 'ତ୍ରିଧାରା' କବିତାର ରଚୟିତା କିଏ ?
ଉ : ଅନ୍ନପୂର୍ଣ୍ଣା ଦାସ ।

୩୪୪ । 'ପଲ୍ଲୀଛବି', 'ଜୟଭେରୀ', 'ଏଇ ଆମ ମାଟି ମାଆ'ର ରଚୟିତା କିଏ ?
ଉ : ବାଞ୍ଛାନିଧି ଦାସ ।

Scanned with CamScanner

୩୪୫ । 'ସମୁଦ୍ର ସ୍ନାନ', 'ଆଶ୍ଚର୍ଯ୍ୟ ଅଭିସାର'ର ରଚୟିତା କିଏ ?
ଉ : ଗୁରୁପ୍ରସାଦ ମହାନ୍ତି ।

୩୪୬ । ତାର୍ଯ୍ୟକ୍, ଛାୟାପଥ, ବିଚିତ୍ରବର୍ଣ୍ଣ, ଶେଷାବତରଣର ରଚୟିତା କିଏ ?
ଉ : ଜାନକୀ ବଲ୍ଲଭ ମହାନ୍ତି ।

୩୪୭ । 'ପିଙ୍ଗଳାର ସୂର୍ଯ୍ୟ', 'ଏକ ତାରା ଦୁଇତାରା'ର ରଚୟିତା କିଏ ?
ଉ : ବେଣୁଧର ରାଉତ ।

୩୪୮ । 'ଚିତାନଳ', 'ତରଙ୍ଗ'ର ରଚୟିତା କିଏ ?
ଉ : ବସନ୍ତ କୁମାରୀ ପଟ୍ଟନାୟକ ।

୩୪୯ । 'ବିଷାଦ ଏକ ଋତୁ', 'ନଈ ଆରପାରି', 'ଦର୍ପଣ ସାମ୍ନାରେ', 'ଚନ୍ଦନ ବନରେ ଏକା'ର ରଚୟିତା କିଏ ?
ଉ : ଭାନୁଜୀ ରାଓ ।

୩୫୦ । 'ସବିତା', 'ଝରାଶିଉଳି', 'ସଂଚୟନ'ର ରଚୟିତା କିଏ ?
ଉ : ବିଦ୍ୟୁତ୍‌ପ୍ରଭା ଦେବୀ ।

୩୫୧ । 'ସିନ୍ଧୁ ଉପତ୍ୟକା'ର ରଚୟିତା କିଏ ?
ଉ : ଜାନକୀ ବଲ୍ଲଭ ପଟ୍ଟନାୟକ ।

୩୫୨ । 'ଅର୍ଘ୍ୟ', 'ଝଡ଼ର ଝଙ୍କାର', 'ପୂଜାଫୁଲ'ର ରଚୟିତା କିଏ ?
ଉ : ତୁଳସୀ ଦାସ ।

୩୫୩ । 'ଶ୍ୱେତପଦ୍ମା', 'ତୃତୀୟ ଚକ୍ଷୁ', 'ନିର୍ବାସିତ କବିତା'ର ରଚୟିତା କିଏ?
ଉ : ଚିନ୍ତାମଣି ବେହେରା ।

୩୫୪ । 'ବଳି'ର ରଚୟିତା କିଏ ?
ଉ : ଜୟନ୍ତ ମହାପାତ୍ର ।

୩୫୫ । 'ମୁଠାଏ ମାଟି ଚେନାଏ ଆକାଶ', 'ବୃତ୍ତ ଓ ଆବର୍ତ୍ତ'ର ରଚୟିତା କିଏ?
ଉ : ଦୁର୍ଗାମାଧବ ମିଶ୍ର ।

୩୫୬ । 'ସାର୍ଥକ କବିତା', 'ଯନ୍ତ୍ରଣାର ଅନ୍ୟ ନାମ', 'ହେ ଜୀବନ ହେ ଦୁରନ୍ତ ବନ୍ଧୁ'ର ରଚୟିତା କିଏ ?
ଉ : ଯଦୁନାଥ ଦାସ ମହାପାତ୍ର ।

୩୫୭ । 'କବି ମୁଁ ରଙ୍ଗାଜୀବ'ର ରଚୟିତା କିଏ ?
ଉ : ବିନୋଦ ରାଉତରାୟ ।

୩୫୮ । 'ନଦୀର ନାମ ଅଳସକନ୍ୟା'ର ରଚୟିତା କିଏ ?
ଉ : ଶିବବ୍ରତ ଦାସ ।

୩୫୯ । 'କାଳର ଭୂମିଷ୍ଠ ଶବ୍ଦ', 'ଇତି ରତି ଋତୁପର୍ଣ୍ଣା'ର ରଚୟିତା କିଏ ?
ଉ : ଉମାଶଙ୍କର ପଣ୍ଡା ।

୩୬୦ । 'ଚା' କପ୍‌ରେ ଝଡ଼', '୫୪ ଭାନୁବାଇ ଲେନ୍'ର ରଚୟିତା କିଏ ?
ଉ : କୃଷ୍ଣଚରଣ ବେହେରା ।

୩୬୧ । 'ରକ୍ତ ମାଂସର କବିତା', 'ଏକା ଏବଂ ଏକା ଏକା', 'ହଳଦୀ ପତ୍ରର ବାସ୍ନା', 'ଜହ୍ନର ରକ୍ତ ଧଳା'ର ରଚୟିତା କିଏ ?
ଉ : ଭାନୁଜୀ ରାଓ ।

୩୬୨ । 'ଉତ୍ତର ପୁରୁଷ' କବିତା ରଚୟିତା କିଏ ?
ଉ : ନନ୍ଦିନୀ ଶତପଥୀ ।

୩୬୩ । 'ଚରମପତ୍ର', 'ପଥପ୍ରାନ୍ତର', କବିତା 'ଲାଲ୍ ପାଗୋଡ଼ାର ପ୍ରେତ', 'ଭ୍ରୂକୁଟି', 'ବିଦୀର୍ଣ୍ଣ', 'ସର୍ବହରା'ର ରଚୟିତା କିଏ ?
ଉ : ରବି ସିଂ ।

୩୬୪ । 'ପକ୍ଷହୀନ କପୋତ', 'ସଞ୍ଜ ସକାଳ', 'କବିତା ମୋ ପାଇଁ'ର ରଚୟିତା କିଏ ?
ଉ : ସୁଧାଂଶୁ ମୋହନ ରାଉତରାୟ ।

୩୬୫ । 'ଦୀପଂ ଜ୍ୟୋତି'ର ରଚୟିତା କିଏ ?
ଉ : ସୁରେନ୍ଦ୍ରନାଥ ଶତପଥୀ ।

୩୬୬ । 'ଶୂନ୍ୟତା'ର ବଂଶୀ', 'ମାଗୁଛି ମୁଁ ବନ୍ଧୁ ହୃଦୟଟିଏ', 'ଅନେକ ସ୍ୱପ୍ନ'ର ରଚୟିତା କିଏ ?
ଉ : ପ୍ରଫୁଲ୍ଲ କୁମାର ମିଶ୍ର ।

୩୬୭ । 'ରସରାଜ ଗୀତି ବିଚିତ୍ରା'ର ରଚୟିତା କିଏ ?
ଉ : ନାରାୟଣ ପ୍ରସାଦ ସିଂହ ।

୩୬୮ । 'କେତେଦିନର', 'ଅନେକ କୋଠରୀ', 'ସନ୍ଦିଗ୍ଧ ମୃଗୟା', 'ସପ୍ତମ ଋତୁ', 'ସଚିତ୍ର ଅନ୍ଧାର', 'ଶ୍ରୀରାଧା', 'ଶ୍ରୀପଳାତକ', 'ସୀମାନ୍ତ ବାସ', 'ଫେରିଚାହିଁଲେ'ର ରଚୟିତା କିଏ ?
ଉ : ରମାକାନ୍ତ ରଥ ।

୩୬୯ । 'ଅବତରଣ', 'ଦୃଷ୍ଟିର ଦ୍ୟୁତି', 'ସ୍ତବକ'ର ରଚୟିତା କିଏ ?
ଉ : ବ୍ରହ୍ମୋତ୍ରୀ ମହାନ୍ତି ।

୩୭୦ । 'ନନ୍ଦବତୀର ମାଝୀ'ର ରଚୟିତା କିଏ ?
ଉ : ମନୋଜ ଦାସ ।

Scanned with CamScanner

୩୭୧ । 'ନଈ ଆଉ ମାଛ ହଂସ ଓ ସାରସ', 'ଉଚ୍ଚୈଶ୍ରବା', 'ଯଯାତି'ର ରଚୟିତା କିଏ ?

ଉ : ଶରତ ଚନ୍ଦ୍ର ପ୍ରଧାନ ।

୩୭୨ । ଅର୍ଦ୍ଧ ନାରୀଶ୍ୱର', 'ଶକ୍ତି ରୂପେଣ ସଂସ୍ଥିତା'ର ରଚୟିତା କିଏ ?

ଉ : ମନୋରମା ମହାପାତ୍ର ।

୩୭୩ । 'ଭଗବାନ ମୁଁ ତୁମକୁ ଠିଆ ଫାଡ଼ିଦେବି', 'ଖରା ଓ ଛାଇ'ର ରଚୟିତା କିଏ ?

ଉ : ମୁରାରୀ ମୋହନ ଜେନା ।

୩୭୪ । 'ଚମ୍ପକ ବରଣୀ ଗୋ'ର ରଚୟିତା କିଏ ?

ଉ : ଗୁରୁକୃଷ୍ଣ ଗୋସ୍ୱାମୀ ।

୩୭୫ । ସୁନାର ଫସଲ, ପ୍ରୀତି ଓ ପ୍ରତୀତି, ନିଜ ସହ ଗୋଟେ ସାକ୍ଷାତ୍କାର, ଦୁଃଖ ସହ କଥାବାର୍ତ୍ତା, ଡାଏରୀ କବିତାର ରଚୟିତା କିଏ ?

ଉ : କମଳାକାନ୍ତ ଲେଙ୍କା ।

୩୭୬ । 'ରତମ', 'ସମୟର ଧୂସର ବାଲିରେ'ର ରଚୟିତା କିଏ ?

ଉ : ଶ୍ରୀନିବାସ ଉଦ୍‌ଗାତା ।

୩୭୭ । 'ପ୍ରଥମ ପୁରୁଷ', 'ଯାତ୍ରାର ପ୍ରଥମ ପାଦ', 'ଆହ୍ନିକ', 'ପୂର୍ବାପର', 'ପରିକ୍ରମା'ର ରଚୟିତା କିଏ ?

ଉ : ଜଗନ୍ନାଥ ପ୍ରସାଦ ଦାସ ।

୩୭୮ । 'ମରୁଗୋଲାପ','ମନର ମାନଚିତ୍ର' ହେ ମହାଜୀବନ, ଲଘୁଶତକର ରଚୟିତା କିଏ ?

ଉ : ବ୍ରଜନାଥ ରଥ ।

୩୭୯ । "ଚରମପତ୍ର ଦେଲି ଭଗବାନ'
ଚରମପତ୍ର ଘେନ
ଆଗାମୀକାଲିର ଏଇ ପ୍ରଭାତରେ
ଖାଲିକର ତୁମେ ଗୋଲକ-ସିଂହାସନ ।"ର ରଚୟିତା କିଏ ?

ଉ : ରବି ସିଂ ।

୩୮୦ । "ଏ ସଭ୍ୟତା ଦେଇଛି ଆମକୁ / ଶୋଷଣ ଓ ଚାବୁକର ମାଡ଼
ଆମରି ବୁକୁର ହାଡେ / ସେ ଗଢ଼ିଛି ତୁଙ୍ଗ ପିରାମିଡ଼"ର ରଚୟିତା କିଏ ?

ଉ : ବ୍ରଜନାଥ ରଥ ।

୩୮୧ । 'ଦୀପ୍ତି ଓ ଦ୍ୟୁତି', 'ଅଷ୍ଟପଦୀ', 'ଶବ୍ଦର ଆକାଶ', 'ସମୁଦ୍ର', 'ଚିତ୍ରନଦୀ', 'ଆରଦୃଶ୍ୟ', 'ସମୟର ଶେଷନାମ', 'କାହାକୁ ପୁଛିବା କହ', 'ଫେରି ଆସିବାର ବେଳ', 'ବର୍ଷା ସକାଳ', 'ପଦଚିହ୍ନ ପ୍ରଭୃତିର ରଚୟିତା କିଏ ?

ଉ : ସୀତାକାନ୍ତ ମହାପାତ୍ର ।

୩୮୨ । 'ଟିକି ଟିକି ନାଲି କାଇଁଚ'ର ରଚୟିତା କିଏ ?

ଉ : ବିନୋଦିନୀ ଦେବୀ ।

୩୮୩ । 'ମଧୁଶାଳା', 'ଚେନାଏ ଆକାଶ'ର ରଚୟିତା କିଏ ?

ଉ : ଅକ୍ଷୟ ମହାନ୍ତି ।

୩୮୪ । 'ପବନର ଘର' କିଏ ଲେଖିଛନ୍ତି ?

ଉ : ବିବେକ ଜେନା ।

୩୮୫ । 'ସାମାନ୍ୟ କଥନ', 'ଅନୁ ଭାରତ, ଉପ ଭାରତ', 'ଆକାଶ ପରି ନିବିଡ଼' ରଚୟିତା କିଏ ?

ଉ : ସୌରୀନ୍ଦ୍ର ବାରିକ ।

୩୮୬ । ଅସମାପିକା, ଅନୁଷ୍ଟୁପ, ନିଷିଦ୍ଧ ହ୍ରଦ, ନିର୍ଜନ ନକ୍ଷତ୍ର, ବୃତ୍ତ, ସପ୍ତମ ପୃଥିବୀ, ଅରଣା ମଇଁଷି, ଶୂନ୍ୟତାର ଶୋଷ, 'କପଟ ସୂର୍ଯ୍ୟାସ୍ତ', 'ନିଦାଘ ଯାତ୍ରା', ରକ୍ତ, 'ସୁଖ ସଂହିତା'ର ରଚୟିତା କିଏ ?

ଉ : ଦୀପକ ମିଶ୍ର ।

୩୮୭ । ଶଙ୍ଖନାଭି, ଅକ୍ଷମ ଦେବତା, ଚାହାଣି ମଣ୍ଡପ, ଭିତିରି ଚନ୍ଦନ, ସନ୍ଧ୍ୟା ଦର୍ଶନର ରଚୟିତା କିଏ ?

ଉ : ହରିହର ମିଶ୍ର ।

୩୮୮ । 'ଶବରୀଚର୍ଯ୍ୟା', 'ସ୍ୱରୋଦୟ'ର ରଚୟିତା କିଏ ?

ଉ : ବଂଶୀଧର ଷଡ଼ଙ୍ଗୀ ।

୩୮୯ । 'ମୁଖା'ର ରଚୟିତା କିଏ ?

ଉ : ଶାନ୍ତିଲତା ଧଳ ।

୩୯୦ । 'ଆତ୍ମନେପଦୀ', 'ମଧପଦଲୋପୀ', 'ନଈପହଁରା', 'ଅନ୍ଧ ମହୁମାଛି', 'ବଜ୍ରଯାନ', 'ଦ୍ୱାସୁପର୍ଣ୍ଣା', 'ମଣିକର୍ଣ୍ଣିକା'ର ରଚୟିତା କିଏ ?

ଉ : ସୌଭାଗ୍ୟ କୁମାର ମିଶ୍ର ।

୩୯୧ । 'ଭୋର ଆକାଶ କନ୍ୟାକୁମାରୀ', 'ବିବର୍ଣ୍ଣ ମରାଳ'ର ରଚୟିତା କିଏ ?

ଉ : ନିତ୍ୟାନନ୍ଦ ନାୟକ ।

୩୯୨ । ରତ୍ନଦ୍ୱୀପର ମାଝି, ବସନ୍ତର ସ୍କେଚ୍, ଟ୍ରକ୍‌ଡାଲାରେ ସନାତନ, ଖରାରେ ବାଙ୍ଗରା ଲୋକ, ମନିକାର ପ୍ରିୟ, ଷଷ୍ଠ ମହଲାର ସ୍ତ୍ରୀଲୋକ, ନିଜ୍ଜ ତରଫରୁ ଶୋକ ସନ୍ତପ୍ତର ଜନପଥ ଆଦିର ରଚୟିତା କିଏ ?

ଉ : ପ୍ରସନ୍ନ କୁମାର ମିଶ୍ର ।

୩୯୩ । 'ନନ୍ଦକିଶୋର ବିଚିତ୍ରା'ର ରଚୟିତା କିଏ ?

ଉ : ନନ୍ଦକିଶୋର ସିଂହ ।

୩୯୪ । 'ସୁଦୂରରୁ ଅନେକ ଦୂର', 'ନୀଳମାଧବ', 'ବିଲୁପ୍ତ ସାମ୍ରାଜ୍ୟ'ର ରଚୟିତା କିଏ ?

ଉ : ଦିଲୀପ ଦାସ ।

୩୯୫ । 'ମିଛୁଆ ଗାଈଆଳ ଟୋକା ମଲାପୂର୍ବରୁ ଗାଇଥିବା ଗୀତ', 'ନିର୍ବାଚିତ' କବିତାର ରଚୟିତା କିଏ ?

ଉ : ଶୈଳଜ ରବି ।

୩୯୬ । 'ରୂପ ମନ୍ଦିର ଚିଲିକା', 'ପୁଷ୍ପାଞ୍ଜଳି', 'ଅତୃପ୍ତ ଆତ୍ମା'ର ରଚୟିତା କିଏ ?

ଉ : ଅରକ୍ଷିତ ପ୍ରଧାନ ।

୩୯୭ । 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ'ର ରଚୟିତା କିଏ ?

ଉ : ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ।

୩୯୮ । 'ଅସରନ୍ତି ଅଣସର'ର ରଚୟିତା କିଏ ?

ଉ : ପ୍ରମୋଦ କୁମାର ମହାନ୍ତି ।

୩୯୯ । 'ମୁଁ ଯଦି ହଜିଯାଏ', 'କହରେ ଜୀବନ କହ', ମାଟି ମଧୁମୟ ଧୂଳି ବିଭୂତି'ର ରଚୟିତା କିଏ ?

ଉ : ନିରଞ୍ଜନ ପାଢ଼ୀ ।

୪୦୦ । 'ଗୌଣଦେବତା', 'ଶତଦ୍ରୁ ଅନେକ', 'ଘୁଣାକ୍ଷର', 'ଅନବତାର ଓ ଅନ୍ୟ ଅନ୍ୟ' 'ନିଜ ପାଇଁ ନାନାବାୟା', ଚୌକାଠରେ ଚିରକାଳ', 'ଶୈଳକଳ୍ପ', 'ଅନ୍ୟା', 'ବହୁବ୍ରୀହି', 'ଈଶଖେଳ'ର ରଚୟିତା କିଏ ?

ଉ : ରାଜେନ୍ଦ୍ର କିଶୋର ପଣ୍ଡା ।

୪୦୧ । 'ମାନଚିତ୍ର', 'ସ୍ୱୟମ୍ବର', 'ବିଷାଦ ଯୋଗ', 'ଅହଲ୍ୟା', ଦ୍ୱିତୀୟ ଈଶ୍ୱର', 'ମୃଗୟା'ର ରଚୟିତା କିଏ ?

ଉ : ଫନୀ ମହାନ୍ତି ।

୪୦୨ । 'ସ୍ମୃତିରୁ ସାଉଁଟି କିଛି', 'ମନପକ୍ଷୀ ଝୁରେ'ର ରଚୟିତା କିଏ ?

ଉ : ବୃନ୍ଦାବନ ଜେନା ।

୪୦୩ । 'ଠିକଣା ନ ଥିବା ଚିଠି'ର ରଚୟିତା କିଏ ?

ଉ : ଗୌର ପଟ୍ଟନାୟକ ।

୪୦୪ । 'ଅସ୍ତଜହ୍ନର ଏଲିଜି', 'ଗ୍ରସ୍ତ ସମୟ', 'ସାହାଡ଼ା ସୁନ୍ଦରୀ', 'ନିୟତ ବସୁଧା', 'ନିମିଷେ ଅକ୍ଷର', 'ଶବରୀ', 'ତନ୍ମୟ ଧୂଳି'ର ରଚୟିତା କିଏ ?

ଉ : ପ୍ରତିଭା ଶତପଥୀ ।

୪୦୫ । 'ଆଲୋକିତ ବନବାସ', 'ମନ୍ତ୍ରପାଠ', 'ଗର୍ଭଗୃହ', 'ହାରମୋନିୟମ୍‌ରେ ତୋଡ଼ି', 'ବଂଶ'ର ରଚୟିତା କିଏ ?

ଉ : ହରପ୍ରସାଦ ଦାସ ।

୪୦୬ । 'ଏକଲା ମଣିଷ', 'କୁନିପୁଅ ଓ ନିଷ୍ପାପ ସକାଳ'ର ରଚୟିତା କିଏ ?

ଉ : ଗୋପାଳକୃଷ୍ଣ ରଥ ।

୪୦୭ । 'ଈପ୍‌ସିତ କ୍ରୋଧ', 'ଚଣ୍ଡାଳ', 'ରକ୍ତବର୍ଣ୍ଣ ବାଲି', 'ଅଙ୍ଗାର ଗାର' ଆଦିର ରଚୟିତା କିଏ ?

ଉ : ଆଶୁତୋଷ ପରିଡ଼ା ।

୪୦୮ । 'କାଦୁଆ ନଈ'ର ରଚୟିତା କିଏ ?

ଉ : ସୁବାସ କର ।

୪୦୯ । 'ଆକାର କବିତା, 'ଲେନିନ', 'ବାଘ ଆଁରେ ପିକ୍‌ନିକ୍', 'ସାପଗାତରେ ସକାଳ', 'ଦେଖାହେଲେ କହିବି ସେ କଥା'ର ରଚୟିତା କିଏ ?

ଉ : ପ୍ରସନ୍ନ କୁମାର ପାଟ୍ଟଶାଣୀ ।

୪୧୦ । 'ନୈମିଷ୍ୟାରଣ୍ୟ', 'ଏକତ୍ର ଚନ୍ଦ୍ର ସୂର୍ଯ୍ୟ'ର ରଚୟିତା କିଏ ?

ଉ : ମମତା ଦାଶ ।

୪୧୧ । 'ଆକାଶି ମଣିଷ'ର ରଚୟିତା କିଏ ?

ଉ : ଅମରେଶ ପଟ୍ଟନାୟକ ।

୪୧୨ । 'ସ୍ୱାତୀଲଗ୍ନ', 'ଫାଲ୍‌ଗୁନି ତିଥିର ଝିଅ'ର ରଚୟିକା କିଏ ?

ଉ : ମନୋରମା ବିଶ୍ୱାଳ ମହାପାତ୍ର ।

୪୧୩ । 'କ୍ରୌଞ୍ଚମିଥୁନ' 'ଭାରତବର୍ଷ'ର ରଚୟିତା କିଏ ?

ଉ : ଗିରିଜା କୁମାର ବଳୀୟାରସିଂହ ।

୪୧୪ । 'ଧାନ ସାଉଁଟା ଝିଅ', 'ଜେଜେ ଦେଖି ନ ଥିବା ଭାରତ', 'ବକ୍ଷୁସେଣ', 'ଧର୍ମପତ୍ନୀ' ଆଦିର ରଚୟିତା କିଏ ?

ଉ : ହୃଷୀକେଶ ମଲ୍ଲିକ ।

Scanned with CamScanner

୪୧୫ । 'ସାବରମତୀ', 'ପଦ୍ମ ପାଲିଙ୍କି', 'ମିଶ୍ର ଧୂପଦ', 'ପାଣି ଓ ଅନ୍ୟାନ୍ୟ କବିତା'ର ରଚୟିତା କିଏ ?
ଉ : ଶତ୍ରୁଘ୍ନ ପାଣ୍ଡବ ।

୪୧୬ । 'ଝଡ଼ର ଆକାଶ'ର ରଚୟିତା କିଏ ?
ଉ : ରଞ୍ଜିତା ନାୟକ ।

୪୧୭ । 'ଇତର'ର କବି କିଏ ?
ଉ : ପୀତାମ୍ବର ତରାଇ ।

୪୧୮ । 'ବିଂଶରୁ ଏକବିଂଶ'ର ରଚୟିତା କିଏ ?
ଉ : ହୁସେନ ରବି ଗାନ୍ଧୀ ।

୪୧୯ । "ଯାଦୁଆ ବିକୁଛି ଯାଦୁର ମଲମ ଦେଖି
ମଦୁଆ ଧରିଛି ନିଶା ନିବାରଣ ବାନା
ଗଣିକା ସାଜିଛି ବେଶ୍ୟାବୃତ୍ତି ନିରୋଧ ନେତ୍ରୀ
ଉତ୍କଟ ଗଣତନ୍ତ୍ର ଅନାରେ ଅନା ।" ଉକ୍ତ ଉଦ୍ଧୃତାଂଶଟିର କବି କିଏ ?
ଉ : ରବି ସିଂ ।

●

ଚରିତ ଓ ଜୀବନୀ ସାହିତ୍ୟ

୧। ଓଡ଼ିଆ ସାହିତ୍ୟର ପ୍ରଥମ ଚରିତଗ୍ରନ୍ଥର ନାମ କ'ଣ ?
ଉ : ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ' ।

୨। 'ବୈଷ୍ଣବ ଲୀଳାମୃତ'ର ରଚୟିତା କିଏ ?
ଉ : ମାଧବ ପଟ୍ଟନାୟକ

୩। ଈଶ୍ୱର ଦାସଙ୍କ ଚରିତ ଗ୍ରନ୍ଥଟିର ନାମ କ'ଣ ?
ଉ : 'ଚୈତନ୍ୟ ଭାଗବତ' ।

୪। 'ବିଶ୍ୱମ୍ଭର ବିହାର'ର ରଚୟିତା କିଏ ?
ଉ : ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ।

୫। ରାମଦାସଙ୍କ ଚରିତ ସାହିତ୍ୟର ନାମ ?
ଉ : ଦାର୍ଢ୍ୟତା ଭକ୍ତି ରସାମୃତ ।

୬। ଫକୀର ମୋହନ ସେନାପତିଙ୍କ ଜୀବନୀ ସାହିତ୍ୟର ନାମ କ'ଣ ଅଟେ ?
ଉ : ବୌଦ୍ଧବତାର କାବ୍ୟ ।

୭। ଫକୀର ମୋହନ ସେନାପତିଙ୍କ ଆତ୍ମଜୀବନୀର ନାମ କ'ଣ ଅଟେ ?
ଉ : ଆତ୍ମ ଜୀବନଚରିତ ।

୮। 'ଆତ୍ମକଥାର କିୟଦଂଶ' ରଚୟିତା କିଏ ?
ଉ : ଗଙ୍ଗାଧର ମେହେର ।

୯। ବାସୁଦେବ ସୁଢ଼ଳ ଦେବଙ୍କ ଜୀବନୀକୁ ନେଇ ରାମକୃଷ୍ଣ ସାହୁ କେଉଁ ଜୀବନୀ ଗ୍ରନ୍ଥ ରଚନା କରିଥିଲେ ?
ଉ : ଭାରତା-ଦର୍ଶ

୧୦। ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଜୀବନୀ ଗ୍ରନ୍ଥର ନାମ ଲେଖ ?
ଉ : ଶ୍ରୀ କୃପାମୟ ଚରିତ ।

୧୧। କବିଶେଖର ଚିନ୍ତାମଣି ମହାନ୍ତିଙ୍କ ଚରିତ ସାହିତ୍ୟର ନାମ କ'ଣ ଥିଲା ?
ଉ : ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ।

Scanned with CamScanner

୧୨ । ବୁକାର ଉଆଶିଂଟନ୍‌ର ରଚୟିତା କିଏ ?
ଉ : ଜଗବନ୍ଧୁ ସିଂହ ।

୧୩ । 'ଶାରଳା ଚରିତ', କର୍ମଯୋଗୀ ଗୌରୀଶଙ୍କର ଆଦି ଜୀବନୀ ଗ୍ରନ୍ଥ କାହାର ?
ଉ : ମୃତ୍ୟୁଞ୍ଜୟ ରଥ ।

୧୪ । 'କବିସୂର୍ଯ୍ୟ ବଳଦେବ ରଥ' ଓ 'ମହାତ୍ମା ରାଜା ରାମମୋହନ ରାୟ'ଙ୍କ ଜୀବନୀ ଗ୍ରନ୍ଥର ରଚୟିତା କିଏ ?
ଉ : କୁଳମଣି ଦାଶ ।

୧୫ । ପଦ୍ମଚରଣ ପଟ୍ଟନାୟକଙ୍କ ଚରିତ ସାହିତ୍ୟଗୁଡ଼ିକ କ'ଣ କ'ଣ ?
ଉ : ମହାତ୍ମାଗାନ୍ଧି, ମାର୍ଟିନ୍ ଲୁଥର, ନେପୋଲିୟନ ଓ ଫକୀର ମୋହନ ସେନାପତି ।

୧୬ । 'ଜାତୀୟ ଜୀବନର ଆତ୍ମ ବିକାଶ' ଆତ୍ମଜୀବନୀ କାହାର ଓ ଏହା କେତେ ଖଣ୍ଡରେ ବିଭକ୍ତ ?
ଉ : ଗୋବିନ୍ଦ ଚନ୍ଦ୍ର ମିଶ୍ର (୩ ଖଣ୍ଡ)

୧୭ । ଗୋଦାବରୀଶ ମହାପାତ୍ରଙ୍କ ଜୀବନୀ ଗ୍ରନ୍ଥର ନାମ କ'ଣ ?
ଉ : ଉତ୍କଳବୀର ଚରିତମାଳା ।

୧୮ । 'ନାରୀକବି ଅନ୍ନପୂର୍ଣ୍ଣା ଦେବୀ' ଏବଂ ପଣ୍ଡିତ ଗୋପୀନାଥ ନନ୍ଦଙ୍କର ଜୀବନୀ ଗ୍ରନ୍ଥର ରଚୟିତା କିଏ ?
ଉ : ରାଧାଚରଣ ପଣ୍ଡା ।

୧୯ । 'ସାମନ୍ତ ଚନ୍ଦ୍ରଶେଖର'ଙ୍କ ଜୀବନୀକୁ ନେଇ କିଏ ଓ କ'ଣ ଲେଖିଛନ୍ତି ?
ଉ : ଚନ୍ଦ୍ରଶେଖର ମିଶ୍ରଙ୍କ 'ସାମନ୍ତ ଚନ୍ଦ୍ରଶେଖର' ।

୨୦ । କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୀବନୀ ଗ୍ରନ୍ଥର ନାମ କ'ଣ ?
ଉ : ଭକ୍ତକବି ମଧୁସୂଦନ ।

୨୧ । ଲକ୍ଷ୍ମୀ ନାରାୟଣ ସାହୁଙ୍କ ଜୀବନୀ ଗ୍ରନ୍ଥଟିର ନାମ କ'ଣ ?
ଉ : 'କର୍ମବୀର ଗୋଖ୍‌ଲେ' ଓ 'ମୋ ବାର ବୁଲା ଜୀବନ' (ଆତ୍ମଜୀବନୀ)

୨୨ । 'ଆମ ମଧୁବାବୁ' ଜୀବନୀ ଗ୍ରନ୍ଥର ରଚୟିତା କିଏ ?
ଉ : ନବକିଶୋର ଦାସ ।

୨୩ । 'ପଣ୍ଡିତ ଗୋପବନ୍ଧୁ' ଜୀବନୀ ଗ୍ରନ୍ଥର ରଚୟିତା କିଏ ?
ଉ : ଲିଙ୍ଗରାଜ ମିଶ୍ର ।

୨୪ । ଶ୍ରୀବତ୍ସ ପଣ୍ଡାଙ୍କ ଆତ୍ମଜୀବନୀର ନାମ କ'ଣ ?
ଉ : 'ଶ୍ରୀବତ୍ସ ପଣ୍ଡା ଆତ୍ମଚରିତ'

୨୫ । 'ଜୀବନ ପଞ୍ଜିକା' ଆତ୍ମଜୀବନୀ କାହାର ?
ଉ : ଚିନ୍ତାମଣି ମହାନ୍ତି ।

୨୬ । 'ପାଣି କବିର ଆତ୍ମଜୀବନୀ'ର ରଚୟିତା କିଏ ?
ଉ : ବୈଷ୍ଣବ ପାଣି ।

୨୭ । ନୀଳକଣ୍ଠ ଦାସଙ୍କ ଆତ୍ମଜୀବନୀର ନାମ କ'ଣ ?
ଉ : ଆତ୍ମଜୀବନୀ ।

୨୮ । ନୀଳକଣ୍ଠ ଦାସଙ୍କ 'ଆତ୍ମଜୀବନୀ'ଟି କେଉଁ ପୁରସ୍କାର ପ୍ରାପ୍ତ ?
ଉ : କେନ୍ଦ୍ର ସାହିତ୍ୟ(୧୯୬୪) ।

୨୯ । 'ମୋ ବାରବୁଲା ଜୀବନ' ର ରଚୟିତା କିଏ ?
ଉ : ଲକ୍ଷ୍ମୀ ନାରାୟଣ ସାହୁ ।

୩୦ । 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଆତ୍ମଜୀବନୀର ରଚୟିତା କିଏ ?
ଉ : ଗୋଦାବରୀଶ ମିଶ୍ର ।

୩୧ । 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଗ୍ରନ୍ଥଟି କେଉଁ ପୁରସ୍କାର ପ୍ରାପ୍ତ ?
ଉ : କେନ୍ଦ୍ର ସାହିତ୍ୟ ଏକାଡେମୀ ।

୩୨ । ଭରତଚନ୍ଦ୍ର ନାୟକଙ୍କ ଆତ୍ମଜୀବନୀର ନାମ କ'ଣ ?
ଉ : ମୋ ପୂର୍ବସ୍ମୃତି କଥା ।

୩୩ । 'ମୋ ପୂର୍ବସ୍ମୃତି କଥା' ଗ୍ରନ୍ଥଟି କେଉଁ ପୁରସ୍କାର ଲାଭ କରିଛି ଏବଂ କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?
ଉ : ଓ.ସା.ଏ., ନବଜୀବନ ପତ୍ରିକା ।

୩୪ । 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ଜୀବନୀ ଗ୍ରନ୍ଥ କାହାର ?
ଉ : ଅନନ୍ତ ପଦ୍ମନାଭ ପଟ୍ଟନାୟକ ।

୩୫ । 'ମୋ ଜୀବନ ଓ ଜଞ୍ଜାଳ କାହାଣୀ' ଆତ୍ମଚରିତର ରଚୟିତା କିଏ ?
ଉ : ନନ୍ଦକିଶୋର ଦାସ ।

୩୬ । କାଳିଚରଣ ପଟ୍ଟନାୟକଙ୍କ ଆତ୍ମଜୀବନୀର ନାମ କ'ଣ ?
ଉ : କୁମ୍ଭାର ଚକ । (କେ.ସା.ଏ)

୩୭ । 'ସାଧନାର ପଥେ' ଆତ୍ମଜୀବନୀ କାହାର ?
ଉ : ହରେକୃଷ୍ଣ ମହତାବ ।

Scanned with CamScanner

୩୮ । 'ଜୀବନପଥେ'ର ରଚୟିତା କିଏ ?
ଉ : ରମାଦେବୀ ଚୌଧୁରୀ ।

୩୯ । କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଆତ୍ମଜୀବନୀର ନାମ କ'ଣ ?
ଉ : ଅଙ୍କେ ଯାହା ନିଭାଇଛି ।

୪୦ । 'ଗୋଟାଏ କଲମ ଟୋପାଏ କାଳି' କାହାର ରଚନା ?
ଉ : ଉପେନ୍ଦ୍ର ତ୍ରିପାଠୀ ।

୪୧ । ସତ୍ୟନାରାୟଣ ରାଜଗୁରୁଙ୍କ ଆତ୍ମ କାହାଣୀର ନାମ ?
ଉ : ମୋ ଜୀବନ ସଂଗ୍ରାମ । (୧୯୯୬- କେ. ସା) ।

୪୨ । 'ବିଶ୍ୱବିପ୍ଳବିଣୀ ଓ ରାୟ ରାମାନନ୍ଦ' ଜୀବନୀ ସାହିତ୍ୟର ରଚୟିତା କିଏ ?
ଉ : ସରଳା ଦେବୀ ।

୪୩ । 'ଜଣେ ଶିକ୍ଷକର ନିଜ କଥା' କାହାର ରଚନା ?
ଉ : ବନମାଳୀ ବ୍ରହ୍ମଚାରୀ ।

୪୪ । 'ସରସ୍ୱତୀ ଫକୀର ମୋହନ' ଗ୍ରନ୍ଥର ରଚୟିତା ?
ଉ : ମାୟାଧର ମାନସିଂହ ।

୪୫ । 'ଆଦର୍ଶ ଜୀବନମାଳା' କାହାର ଜୀବନୀ ଗ୍ରନ୍ଥ ଅଟେ ?
ଉ : ମାୟାଧର ମାନସିଂହ ।

୪୬ । 'ଗାନ୍ଧି ମହାରାଜଙ୍କ ଶିଷ୍ୟ' ଆତ୍ମଜୀବନୀଟି କାହାର ରଚନା ?
ଉ : ଉଦୟନାଥ ଷଡ଼ଙ୍ଗୀ । (ଓ.ସା.ଏ.)

୪୭ । 'ମୋ ଜୀବନ ସ୍ମୃତି' କାହାର ରଚନା ?
ଉ : ଅନନ୍ତ ପ୍ରସାଦ ପଣ୍ଡା ।

୪୮ । 'ଜୀବନ ତରଙ୍ଗ' ର ରଚୟିତା କିଏ ?
ଉ : ରାମକୃଷ୍ଣ ନନ୍ଦ ।

୪୯ । 'ସଂସାର ପଥେ' ଆତ୍ମଜୀବନୀ କାହାର ରଚନା ?
ଉ : ଉଦୟନାଥ ରଥ ।

୫୦ । 'ବିଚ୍ଛନ୍ଦ ଆତ୍ମଚରିତ'ର ରଚୟିତା କିଏ ?
ଉ : ବିଚ୍ଛନ୍ଦ ଚରଣ ପଟ୍ଟନାୟକ ।

୫୧ । 'କୁନ୍ତଳା କୁମାରୀ ଜୀବନୀ ଚରିତ' ଗ୍ରନ୍ଥର ରଚୟିତା କିଏ ?
ଉ : ଚକ୍ରଧର ମହାପାତ୍ର ।

୫୨ । 'ଦିବ୍ୟ ଜୀବନ ପଥେ' ଆତ୍ମଚରିତ କାହାର ରଚନା ?
ଉ : ଜଗନ୍ନାଥ ଦାସ ।

୫୩ । ପବିତ୍ର ମୋହନ ପ୍ରଧାନଙ୍କ ଆତ୍ମକାହାଣୀର ନାମ କ'ଣ ?
ଉ : ମୁକ୍ତିପଥେ ସୈନିକ ।

୫୪ । 'ଦେଶପ୍ରାଣ ମଧୁସୂଦନ' ଓ 'ଉତ୍କଳମଣି ଗୋପବନ୍ଧୁ' ଆଦି ଜୀବନୀର ରଚୟିତା କିଏ ?
ଉ : ସୂର୍ଯ୍ୟନାରାୟଣ ଦାଶ ।

୫୫ । 'ମୋ ସମୟର ଓଡ଼ିଶା' ଆତ୍ମଜୀବନୀ କାହାର ?
ଉ : କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ।

୫୬ । 'ମୋ ପ୍ରତିବେଶୀ ବୃନ୍ଦ' କେଉଁ ଆତ୍ମଜୀବନୀର ଅଂଶ ବିଶେଷ ?
ଉ : 'ମୋ ସମୟର ଓଡ଼ିଶା' ।

୫୭ । ନବକିଶୋର ଦାସଙ୍କ ଜୀବନୀ ଗ୍ରନ୍ଥର ନାମ କ'ଣ ?
ଉ : ଉତ୍କଳଗୌରବ ମଧୁସୂଦନ ।

୫୮ । 'ଭାରତ-ଭାଗ୍ୟବିଧାତା' ଏବଂ 'ନାହଂ ତିଷ୍ଠାମି ବୈକୁଣ୍ଠେ' କାହାର ରଚନା ?
ଉ : ନିତ୍ୟାନନ୍ଦ ମହାପାତ୍ର ।

୫୯ । ବିନୋଦ କାନୁନ୍‌ଗୋଙ୍କ ଆତ୍ମଚରିତର ନାମ ?
ଉ : ଋଣ ପରିଶୋଧ ।

୬୦ । ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ ଆତ୍ମଜୀବନଟିର ନାମ କ'ଣ ?
ଉ : କାରାଗାରର କାହାଣୀ ।

୬୧ । 'ଜଣେ ରାଜ୍ୟପାଳର ଅନୁଭୂତି' ଓ 'କାରା ଅନୁଭୂତି' କାହା ଆତ୍ମଜୀବନୀର ଅଂଶ ବିଶେଷ ?
ଉ : ସୁରେନ୍ଦ୍ର ନାଥ ଦ୍ୱିବେଦୀ ।

୬୨ । 'ଧୂଳିମାଟିର ସନ୍ଥ' ଜୀବନୀ ଗ୍ରନ୍ଥଟି କାହାର ?
ଉ : ଗୋପୀନାଥ ମହାନ୍ତି ।

୬୩ । ଗୋପୀନାଥ ମହାନ୍ତି କାହାର ଜୀବନକୁ ନେଇ 'ଧୂଳିମାଟିର ସନ୍ଥ' ଗ୍ରନ୍ଥଟି ରଚନା କରିଥିଲେ ?
ଉ : ଗୋପବନ୍ଧୁ ଚୌଧୁରୀ ।

୬୪ । ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀର ନାମ କ'ଣ ?
ଉ : ସ୍ରୋତସ୍ୱତୀ ।

୬୫ । 'ସ୍ରୋତସ୍ୱତୀ' ଗ୍ରନ୍ଥଟି କେତେ ଭାଗରେ ବିଭକ୍ତ ହୋଇଛି ?
ଉ : ୩ ଭାଗରେ ।

Scanned with CamScanner

୬୬ । 'ମୋ କାହାଣୀ', 'କବି କାହାଣୀ' ଓ ଜୀବନାୟନ ଆଦି ଚରିତ ସାହିତ୍ୟର ସ୍ରଷ୍ଟା କିଏ ?

ଉ : କୁଞ୍ଜବିହାରୀ ଦାଶ ।

୬୭ । ଶ୍ରଦ୍ଧାକର ସୂପକାରଙ୍କ ଆତ୍ମଚରିତର ନାମ କୁହ ?

ଉ : ମଧ୍ୟମପୁରୁଷ ଓ ଅସ୍ତରାଗ ।

୬୮ । 'ଗାଁର ଡାକ' ଆତ୍ମଚରିତର ରଚୟିତା କିଏ ?

ଉ : ଭୁବନେଶ୍ୱର ବେହେରା ।

୬୯ । ମନମୋହନ ମିଶ୍ରଙ୍କ ଆତ୍ମଜୀବନୀ ପୁସ୍ତକର ନାମ ?

ଉ : କସ୍ତୁରୀମୃଗ ସମ ।

୭୦ । ବୈକୁଣ୍ଠନାଥ ମହାନ୍ତିଙ୍କ ଆତ୍ମକାହାଣୀର ନାମ ?

ଉ : ସ୍ମୃତିର ସୁରଭି ।

୭୧ । 'ବିଂଶ ଶତାବ୍ଦୀର ଓଡ଼ିଶା : ମୋ ଅନୁଭୂତି' ଆତ୍ମଜୀବନୀଟି କାହାର ?

ଉ : ବିଦ୍ୟାଧର ମିଶ୍ର ।

୭୨ । ବିଦ୍ୟାଧର ମିଶ୍ରଙ୍କ ଜୀବନୀ ଗ୍ରନ୍ଥର ନାମ କ'ଣ ?

ଉ : ଜାତି ନିର୍ମାତାଙ୍କ ଜୀବନ ଆଲେଖ୍ୟ ।

୭୩ । 'ସ୍ମୃତି ଅଶୀବର୍ଷର' ଆତ୍ମଚରିତ ଗ୍ରନ୍ଥର ରଚୟିତା କିଏ ?

ଉ : ବେଣୀମାଧବ ପାଢ଼ୀ ।

୭୪ । 'ଓଡ଼ିଆ ବଜାରର ଅଗ୍ନିଶିଖା' ଜୀବନୀ ଗ୍ରନ୍ଥର ରଚୟିତା ?

ଉ : ବିକ୍ରମ ଦାସ ।

୭୫ । 'ବିକ୍ରମ ଦାସ'ଙ୍କ ଆତ୍ମଜୀବନୀର ନାମ ?

ଉ : ଜୀବନର ଛାପ ।

୭୬ । ରାଧାନାଥ ରଥଙ୍କ ଆତ୍ମଜୀବନୀ ଗ୍ରନ୍ଥର ନାମ କ'ଣ ?

ଉ : 'ମୋ ସ୍ୱପ୍ନ ମୋ ଜୀବନୀ' ।

୭୭ । 'ସ୍ମୃତି ଓ ଅନୁଭୂତି' ଆତ୍ମଚରିତ କାହାର ?

ଉ : ନୀଳମଣି ରାଉତରାୟ ।

୭୮ । 'ପଥ ଓ ପୃଥିବୀ' କାହାର ଆତ୍ମଚରିତ ?

ଉ : ସୁରେନ୍ଦ୍ର ମହାନ୍ତି ।

୭୯ । 'ସଂଗ୍ରାମର ଶେଷ ନାହିଁ' ଆତ୍ମଜୀବନୀ କାହାର ?

ଉ : ବାଙ୍କ ବିହାରୀ ଦାସ ।

୮୦ । 'କଳାକାରର କାହାଣୀ' ଗ୍ରନ୍ଥର ରଚୟିତା କିଏ ?

ଉ : ଦୀନବନ୍ଧୁ ଦାସ ।

୮୧ । 'ଭିନ୍ନ ଜଣେ ବିବେକାନନ୍ଦ' ଜୀବନୀ ଗ୍ରନ୍ଥର ରଚୟିତା କିଏ ?

ଉ : ଚିତ୍ତରଂଜନ ଦାସ ।

୮୨ । ଚିତ୍ତରଂଜନ ଦାସଙ୍କ ଆତ୍ମଜୀବନୀ ଗ୍ରନ୍ଥର ନାମ କ'ଣ ?

ଉ : ମିତ୍ରସ୍ୟ ଚକ୍ଷୁସା । (୩ ଖଣ୍ଡ)

୮୩ । ଫକୀର ହରିଚନ୍ଦନଙ୍କ ଆତ୍ମକଥାର ନାମ କ'ଣ ?

ଉ : ଗାଁରୁ ସହର ଯାଏ ।

୮୪ । 'କଥା ଓ ବ୍ୟଥା' କାହାର ଆତ୍ମଜୀବନୀ ଅଟେ ?

ଉ : ରାମଚନ୍ଦ୍ର ମହାନ୍ତି ।

୮୫ । 'ଏକାକୀ ପଥିକ' ଆତ୍ମଚରିତ କାହାର ?

ଉ : ଜାନକୀ ବଲ୍ଲଭ ମହାନ୍ତି ।

୮୬ । ଅନିର୍ବାଣ' ଚରିତ୍ର ଗ୍ରନ୍ଥର ରଚୟିତା କିଏ ?

ଉ : ପଦ୍ମଚରଣ ନାୟକ ।

୮୭ । ମନ୍ମଥନାଥ ଦାସଙ୍କ ଆତ୍ମଚରିତର ନାମ ?

ଉ : ଜୀବନର ପଥପ୍ରାନ୍ତେ ଦିଗନ୍ତର ଦୃଶ୍ୟ ।

୮୮ । 'ଫାଶୀ ମଞ୍ଚରେ ବିପ୍ଳବୀ' କାହାର ଜୀବନୀ ଗ୍ରନ୍ଥ ?

ଉ : ପ୍ରଫୁଲ୍ଲ ଦାସ ।

୮୯ । 'ବହ୍ନିମାନ' ଜୀବନୀ ଗ୍ରନ୍ଥଟିରେ କାହାର ଜୀବନୀ ବର୍ଣ୍ଣିତ ?

ଉ : ମାଳତୀ ଦେବୀ ଚୌଧୁରୀ ।

୯୦ । 'ଜୀବନର ଚଲାପଥେ' ଆତ୍ମଜୀବନୀ ଗ୍ରନ୍ଥଟି କାହାର ?

ଉ : ପଠାଣି ପଟ୍ଟନାୟକ ।

୯୧ । 'ଏବେବି ସତେଜ ଅତୀତ' ଆତ୍ମକଥନ କାହାର ?

ଉ : ଦୀନକୃଷ୍ଣ ମହାନ୍ତି ।

୯୨ । 'ସାନ ଗୋଟିଏ ଜୀବନ' କାହାର ପ୍ରତିଲିପି ?

ଉ : ଗୋବିନ୍ଦ ଦାସ ।

୯୩ । 'ଅଙ୍ଗେ ନିଭା କଥା' ଆତ୍ମକାହାଣୀ କାହାର ?

ଉ : ହୃଷିକେଶ ପରିଡ଼ା ।

୯୪ । ସାତକୋଡ଼ି ହୋତାଙ୍କ ଆତ୍ମଜୀବନୀ ଗ୍ରନ୍ଥଟିର ନାମ କ'ଣ ?

ଉ : 'ମୋ ସମୟ' ଓ ସ୍ମୃତିଲିପି ।

Scanned with CamScanner

୯୫ । 'ଜଣେ ଅନୁଭବୀ ଅନୁଭବରେ' ଆତ୍ମଜୀବନୀଟିର ଲେଖକ କିଏ ?
ଉ : ହୃଦାନନ୍ଦ ରାୟ ।

୯୬ । 'ଜୀବନର ବାଟେ ଘାଟେ' ଚରିତ ଗ୍ରନ୍ଥଟି କାହାର ?
ଉ : ଗିରିଜା ଭୂଷଣ ପଟ୍ଟନାୟକ ।

୯୭ । 'ମୋ ଗାଁ ମୋ ମାଟି' ଆତ୍ମଚରିତ କାହାର ରଚନା ଅଟେ ?
ଉ : ବାସୁଦେବ ସାହୁ ।

୯୮ । 'ଜୀବନର ଯାତ୍ରାପଥେ' କାହାର ଗ୍ରନ୍ଥ ଅଟେ ?
ଉ : ବାସୁଦେବ ସାହୁ ।

୯୯ । ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ଆତ୍ମଜୀବନୀଟିର ନାମ କ'ଣ ?
ଉ : 'ଅନେକ ଜୀବନ' ।

୧୦୦ । 'ନିଃସଙ୍ଗ ପଦାତିକ' କାହାର ରଚନା ?
ଉ : ରବି ସିଂ ।

୧୦୧ । 'ମୋ ଜୀବନ : ଅନ୍ୟ ଏକ ଉପନ୍ୟାସ' କାହାର ଆତ୍ମଲିପି ?
ଉ : ଶାନ୍ତନୁ କୁମାର ଆଚାର୍ଯ୍ୟ ।

୧୦୨ । 'ଆର୍ଯ୍ୟଦାସର ଆତ୍ମଲିପି' ଓ 'ଆର୍ଯ୍ୟଦାସର ଶେଷ ଲିପି' ପୁସ୍ତକଟି କାହାର ?
ଉ : ଅକ୍ଷୟ ମହାନ୍ତି ।

୧୦୩ । ନିତ୍ୟାନନ୍ଦ ଶତପଥୀଙ୍କ ଜୀବନୀ ଗ୍ରନ୍ଥଟି କାହାର ?
ଉ : ହେ ସାଥୀ ହେ ସାରଥୀ ।

୧୦୪ । 'କହି ବସିଲେ ବହୁତ କଥା' ଆତ୍ମଜୀବନୀଟି କାହାର ?
ଉ : ରାଜେନ୍ଦ୍ର ନାରାୟଣ ଦାସ ।

୧୦୫ । 'ଦିଗ ପହଣ୍ଡିର ତ୍ରଇଂ ମାଷ୍ଟ୍ରେ' କାହାର ଆତ୍ମଚରିତ ?
ଉ : ଦିନନାଥ ପାଠୀ ।

୧୦୬ । 'ଇତିହାସର ହଜିଲା ଝିଅ' କାହାର ଜୀବନୀ ଗ୍ରନ୍ଥ ?
ଉ : ସଂଘମିତ୍ରା ମିଶ୍ର ।

୧୦୭ । ବୈଷ୍ଣବ ଚରଣ ମହାନ୍ତିଙ୍କ ଜୀବନୀ ଗ୍ରନ୍ଥଟିର ନାମ କ'ଣ ?
ଉ : 'ଜୀବନ ନୁହେଁ ସେ ଜୀବନ୍ତ ଦଲିଲ' ।

୧୦୮ । 'ମନସ୍ୱୀ ସାଧକ ପଣ୍ଡିତ ବିନାୟକ ମିଶ୍ର' ପୁସ୍ତକଟି କାହାର ?
ଉ : ପ୍ରେମାନନ୍ଦ ମହାପାତ୍ର ।

୧୦୯ । କାର୍ତ୍ତିକ କୁମାର ଘୋଷଙ୍କ ପୁସ୍ତକଟିର ନାମ ?
ଉ : ଓଡ଼ିଶାର ରଙ୍ଗମଞ୍ଚ ଓ ମୋର ନଟ ଜୀବନ ।

୧୧୦ । 'ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା'ଙ୍କ ରଚିତ ଜୀବନୀ ଗ୍ରନ୍ଥର ନାମ କ'ଣ ?
ଉ : କବି ଗଙ୍ଗାଧର ମେହେର ।

୧୧୧ । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ରଚିତ ଜୀବନୀ ଗ୍ରନ୍ଥର ନାମ ?
ଉ : ଗୌତମ ବୁଦ୍ଧ ।

୧୧୨ । ଦୀନକୃଷ୍ଣ ମହାନ୍ତିଙ୍କ ଆତ୍ମଚରିତର ନାମ ?
ଉ : ଏବେବି ସତେଜ ଅତୀତ ।

୧୧୩ । 'ମୋ ଫୁଟାଡଙ୍ଗାର କାହାଣୀ' କାହାର ଆତ୍ମଜୀବନୀ ?
ଉ : ଫତୁରାନନ୍ଦ ।

୧୧୪ । ବାଉରୀବନ୍ଧୁ କରଙ୍କ ଜୀବନୀ ସାହିତ୍ୟର ନାମ ?
ଉ : ସାହିତ୍ୟ ସାଧକ ମାୟାଧର ମାନସିଂହ ।

୧୧୫ । 'ବିଶ୍ୱସାହିତ୍ୟ ବିଶ୍ୱକର୍ମା' କାହାର ଗ୍ରନ୍ଥ ?
ଉ : ବିଭୂତି ପଟ୍ଟନାୟକ ।

୧୧୬ । 'ଆଦ୍ୟପ୍ରାଣ ଚିନ୍ମୟ' କାହାର ରଚନା ?
ଉ : ରାଜକିଶୋର ରାୟ ।

୧୧୭ । ସଚ୍ଚିଦାନନ୍ଦ ରାଉତରାୟଙ୍କ ଆତ୍ମଜୀବନୀର ନାମ କ'ଣ ?
ଉ : ଉତ୍ତରକକ୍ଷ ।

୧୧୮ । 'ମୋ ସମୟ' ଆତ୍ମଜୀବନୀ କାହାର ?
ଉ : ସାତକୋଡ଼ି ହୋତା ।

୧୧୯ । 'ଜୀବନ କମାରଶାଳ' ଆତ୍ମଜୀବନୀ କାହାର ?
ଉ : ରତ୍ନାକର ଚଇନି ।

୧୨୦ । 'ଶିକ୍ଷାବିତ୍‌ର ଆତ୍ମଲିପି' ଆତ୍ମଜୀବନୀ କାହାର ?
ଉ : ଗଙ୍ଗାଧର ବଳ ।

୧୨୧ । 'ଜଣେ ଓଡ଼ିଆର ଆତ୍ମକଥା' ଆତ୍ମଜୀବନୀ କାହାର ?
ଉ : ଗୁରୁପ୍ରସାଦ ମହାନ୍ତି ।

୧୨୨ । 'ପାହିନି ରାତି' ଆତ୍ମଜୀବନୀ କାହାର ?
ଉ : ଜୟନ୍ତ ମହାପାତ୍ର ।

୧୨୩ । 'ଅନେକ ବାଙ୍କର ଜୀବନ' ଆତ୍ମଜୀବନୀ କାହାର ?
ଉ : ଲକ୍ଷ୍ମୀଧର ଦାସ ।

୧୨୪ । 'ଜଣେ ବଣାବାଟୋଇର କାହାଣୀ' ଆତ୍ମଜୀବନୀ କାହାର ?
ଉ : ବୈଷ୍ଣବ ଚରଣ ସାମଲ ।

Scanned with CamScanner

୧୨୫ । 'ଧୂଳିମାଟିର ଜୀବନ' ଆତ୍ମଜୀବନୀ କାହାର ରଚନା ?
ଉ : ଉମେଶ ପତ୍ରୀ ।

୧୨୬ । 'ସାହିତ୍ୟର ସେବାୟତ' ଆତ୍ମଜୀବନୀ କାହାର ?
ଉ : ଶରତ ଚନ୍ଦ୍ର ପ୍ରଧାନ ।

୧୨୭ । 'ଶୈଶବରୁ ଅବସର' ଆତ୍ମଜୀବନୀ କାହାର ?
ଉ : ନିତ୍ୟାନନ୍ଦ ଶତପଥୀ ।

୧୨୮ । ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ଆତ୍ମଜୀବନୀର ନାମ କ'ଣ ?
ଉ : ନଚିକେତାର ଚୈତ୍ୟ ।

୧୨୯ । 'ଉଠାପକା ଜୀବନ' ଆତ୍ମଜୀବନୀ କାହାର ?
ଉ : ହୃଦୟନାଥ ଦାସ ।

୧୩୦ । 'ଚିହ୍ନା ଚିହ୍ନା ଚେନାଏ ଚିତ୍ର' ଆତ୍ମଜୀବନୀ କାହାର ?
ଉ : ଶରତ କୁମାରୀ ଆଚାର୍ଯ୍ୟ ।

୧୩୧ । 'ସ୍ମୃତିର ଚିତ୍ର ଓ ଚରିତ୍ର' ଆତ୍ମଜୀବନୀ କାହାର ?
ଉ : ଡଃ ଗୋପାଳକୃଷ୍ଣ ବେହେରା ।

୧୩୨ । 'ଦେଶପ୍ରାଣ ମଧୁସୂଦନ ଓ ଦେଶପ୍ରାଣ ଗୋପବନ୍ଧୁ' କାହାର ଦୁଇଟି ଜୀବନୀ ଗ୍ରନ୍ଥ ?
ଉ : ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ ।

୧୩୩ । 'ସ୍ମୃତିଲିପି ଓ ମୁକ୍ତିମନ୍ତ୍ର' ଆତ୍ମଜୀବନୀ କୈନ୍ଦ୍ରିକ ଉପନ୍ୟାସ ରଚୟିତା କିଏ ?
ଉ : ସାତକୋଡ଼ି ହୋତା ।

୧୩୪ । 'ସ୍ମୃତି ସଂଳାପ' ଆତ୍ମଚରିତର ରଚୟିତା ?
ଉ : ମନୋରଞ୍ଜନ ଦାସ ।

୧୩୫ । 'ପଦ୍ମପତ୍ରରେ ଜୀବନ' ଆତ୍ମଚରିତର ରଚୟିତା ?
ଉ : ପ୍ରତିଭା ରାୟ ।

୧୩୬ । 'ଚିଲିକା ପାଣିର ଛାଇ' ରଚୟିତା କିଏ ?
ଉ : ଦୀନନାଥ ପାଠୀ ।

୧୩୭ । 'ଅରଣ୍ୟ ଯାତ୍ରୀ'ର ରଚୟିତା କିଏ ?
ଉ : ବିଜୟ କେତନ ପଟ୍ଟନାୟକ ।

୧୩୮ । 'ଶତାବ୍ଦୀର ସାଧକ' ଜୀବନ ଗ୍ରନ୍ଥର ରଚୟିତା କିଏ ?
ଉ : ପ୍ରମୋଦ କୁମାର ମହାପାତ୍ର ।

୧୩୯ । 'ସେଇ ଗୁରୁଙ୍କୁ ନମସ୍କାର' ଗ୍ରନ୍ଥର ରଚୟିତା କିଏ ?
ଉ : ପ୍ରକାଶ କୁମାର ପରିଡ଼ା ।

୧୪୦ । 'ଗୋଦାବରୀଶ ମିଶ୍ର' ଗ୍ରନ୍ଥର ରଚୟିତା କିଏ ?
ଉ : ମନୋରଞ୍ଜନ ପ୍ରଧାନ ।

୧୪୧ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଜୀବନ ପଥେ	ରମାଦେବୀ ଚୌଧୁରୀ
ଜୀବନ ଓ ଜୀବିକା	ହରିହର ମହାପାତ୍ର
ଜୀବନ ତରଙ୍ଗ	ରାମକୃଷ୍ଣ ନନ୍ଦ
ଜୀବନ ପଞ୍ଜିକା	ଚିନ୍ତାମଣି ମହାନ୍ତି

୧୪୨ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଉତ୍କଳମଣି	ଗୋପୀନାଥ ମହାନ୍ତି
ବାଗ୍ମୀ ବିଶ୍ୱନାଥ	କୃଷ୍ଣଚନ୍ଦ୍ର କର
ତୁଳସୀ ଦାସ	ରାମକୃଷ୍ଣ ନନ୍ଦ
ନେତାଜୀ ସୁଭାଷ	ରାମଚନ୍ଦ୍ର ମିଶ୍ର

୧୪୩ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଗୋଲୋକ ବିହାରୀ ଧଳ	ବନ୍ଦୀ ନେହେରୁ
ସୂର୍ଯ୍ୟ ନାରାୟଣ ଦାଶ	ଦେଶ ପ୍ରାଣ ମଧୁସୂଦନ
ଚିତ୍ତରଂଜନ ଦାସ	ଭିନ୍ନ ଜଣେ ବିବେକାନନ୍ଦ
ନିତ୍ୟାନନ୍ଦ ମହାପାତ୍ର	ଭାରତ ଭାଗ୍ୟ ବିଧାତା

୧୪୪ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ପଥିକ	ଗୋପାଳ ଛୋଟରାୟ
ଉତ୍ତରକକ୍ଷ	ସଚ୍ଚି ରାଉତରାୟ
ଆଦ୍ୟପ୍ରାଣ ଚିନ୍ମୟ	ରାଜକିଶୋର ରାୟ
ମୋ ସମୟ	ସାତକୋଡ଼ି ହୋତା

୧୪୫ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ନିରବ କବିଟିଏ	କୃଷ୍ଣଚନ୍ଦ୍ର ତ୍ରିପାଠୀ
ନିଃସଙ୍ଗ ପଦାତିକ	ରବିସିଂ
ସ୍ମୃତି ଅଶୀ ବର୍ଷର	ବୈଣୀମାଧବ ପାଢ଼ୀ
ସୁଅ ମୁହଁର ପତର	ଶ୍ରୀଧର ଦାସ

Scanned with CamScanner

ସ୍ମୃତି ଚିତ୍ର

୧ । ଶଶିଭୂଷଣ ରାୟ ନିଜ ପିତା ରାଧାନାଥଙ୍କ ସ୍ମୃତିରେ କ'ଣ ରଚନା କରିଥିଲେ ?
ଉ : ସ୍ମୃତି ଚିତ୍ର ।

୨ । କବି ଲକ୍ଷ୍ମୀକାନ୍ତ ନିଜ ଜୀବନର ସ୍ମୃତିକୁ ନେଇ ରଚନା କରିଥିବା କୃତିଟି କ'ଣ ?
ଉ : କାନ୍ତ- ସାହିତ୍ୟ ମାଳା ।

୩ । ଚନ୍ଦ୍ରଶେଖର ମିଶ୍ରଙ୍କ ସ୍ମୃତିଚିତ୍ରର ନାମ ?
ଉ : ସତ୍ୟବାଦୀରେ ସାତବର୍ଷ ।

୪ । ମାୟାଧର ମାନସିଂହ ସ୍ମୃତିକୁ ନେଇ ଲେଖିଥିବା ଗ୍ରନ୍ଥଗୁଡ଼ିକ କ'ଣ କ'ଣ ?
ଉ : 'ମୁଁ ଯେତେବେଳେ ମିଲିଟାରୀରେ ଥିଲି' ଓ 'ଶିକ୍ଷାବିତ୍‌ର ଗାଥା' ।

୫ । 'ମୋ ଜୀବନର ଏକ ଅଧ୍ୟାୟ' ସ୍ମୃତିଚିତ୍ର କାହାର ?
ଉ : ସୁରେନ୍ଦ୍ର ନାଥ ଦ୍ୱିବେଦୀ ।

୬ । ଭଗବାନ୍ ମେହେର ନିଜ ପିତାଙ୍କୁ ସ୍ମରଣ କରି ଲେଖିଥିବା ଗ୍ରନ୍ଥଟି କ'ଣ ?
ଉ : ପିତୃପ୍ରସଙ୍ଗ ।

୭ । 'ସତ୍ୟବାଦୀ ବିହାରର ସ୍ମୃତି' କାହାର ରଚନା ?
ଉ : ଉଦୟନାଥ ଷଡ଼ଙ୍ଗୀ ।

●

ଭ୍ରମଣ ସାହିତ୍ୟ

୧ । ଭ୍ରମଣ ସାହିତ୍ୟର ଅନ୍ୟନାମ କ'ଣ ?
ଉ : ପର୍ଯ୍ୟଟନ ସାହିତ୍ୟ ।

୨ । ଫକୀର ମୋହନଙ୍କ କେଉଁ ଗ୍ରନ୍ଥରେ ପ୍ରଥମ କରି ଭ୍ରମଣ ଜନିତ ଅନୁଭୂତି କବିତା ଆକାରରେ ପ୍ରକାଶିତ ହୋଇଥିଲା ?
ଉ : ଉତ୍କଳ ଭ୍ରମଣଂ (୧୮୯୨)

୩ । ପ୍ରକାଶ କାଳ ଅନୁଯାୟୀ ଗୋବିନ୍ଦ ରଥଙ୍କ ଭ୍ରମଣ କାହାଣୀଗୁଡ଼ିକୁ ନିର୍ଦ୍ଧାରଣ କ୍ରମେ ସଜାଇ ଲେଖ ?
ଉ : କଲିକତା ବର୍ଣ୍ଣନ (୧୮୭୫), ମହାମେଳା ଦର୍ଶନ (୧୮୮୪) ଓ ଲାଟ-ଦର୍ଶନ(୧୮୮୫) ।

୪ । ୧୮୮୫ରେ ଦାମୋଦର ପଟ୍ଟନାୟକଙ୍କ ରଚିତ ଭ୍ରମଣ ବୃତ୍ତାନ୍ତର ନାମ କ'ଣ ?
ଉ : କପିଳାସ ଯାତ୍ରା

୫ । ରାଧାନାଥ ରାୟଙ୍କର ଦୁଇଟି ଭ୍ରମଣ ସାହିତ୍ୟର ନାମ ଉଲ୍ଲେଖ କର ?
ଉ : ଭ୍ରମଣକାରୀର ପତ୍ର (୧୯୮୭) ଓ ବାମଣ୍ଡା (୧୮୮୭)

୬ । ୧୮୯୬ ମସିହାରେ ରଚିତ ଶଶିଭୂଷଣ ରାୟଙ୍କ ରଚିତ ଭ୍ରମଣ କାହାଣୀର ନାମ କ'ଣ ?
ଉ : ଦାକ୍ଷିଣାତ୍ୟ ଭ୍ରମଣ ।

୭ । ଶଶିଭୂଷଣ ରାୟଙ୍କ ଭ୍ରମଣ କାହାଣୀଗୁଡ଼ିକ କାଳକ୍ରମେ ଅନୁଯାୟୀ ସଜାଇ ଲେଖ ?
ଉ : ଆର୍ଯ୍ୟାବର୍ତ୍ତ ଦର୍ଶନ (୧୯୧୧), ଉତ୍କଳ ପ୍ରକୃତି(୧୯୧୧), ଉତ୍କଳୀୟ ଋତୁଚିତ୍ର(୧୯୧୩) ଓ ବଡ଼ମ୍ବା ପ୍ରକୃତି (୧୯୪୭) ।

୮ । ଫକୀରମୋହନ ସେନାପତିଙ୍କ ଭ୍ରମଣବୃତ୍ତାନ୍ତଧର୍ମୀ ପ୍ରବନ୍ଧର ନାମ କ'ଣ ?
ଉ : ଓୟାଲଟେୟାର ଦର୍ଶନ ।

Scanned with CamScanner

୯ । ଚିତ୍ରୋତ୍ପଳା(୧୮୯୨) ଭ୍ରମଣ କାହାଣୀ କାହାର ?
ଉ : ବସୁଦେବ ସୁଢ଼ଳ ଦେବ ।

୧୦ । ପଞ୍ଚଧାର, ଧରାକୋଟ, କଟକଠାରେ ୪ ଦିନ, ଲାଞ୍ଜିଗଡ଼ ଭ୍ରମଣ ଇତ୍ୟାଦି କାହାର ରଚନା ?
ଉ : କବିଶେଖର ଚିନ୍ତାମଣି ମହାନ୍ତି ।

୧୧ । 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭର ସମ୍ପର୍କ ନିରୂପଣ କର ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ବାରଣାସୀ ଯାତ୍ରା	ଚିନ୍ତାମଣି ଆଚାର୍ଯ୍ୟ
କପିଳାସ ଦର୍ଶନ	ନୀଳମଣି ଚାନ୍ଦ
ନରାଜ	ମୃତ୍ୟୁଞ୍ଜୟ ରଥ
କୁଲାଡ଼ ଦର୍ଶନ	ତାରିଣୀ ଚରଣ ରଥ
କୋଣାର୍କ ଦର୍ଶନ	ଗୋଦାବରୀଶ ମିଶ୍ର

୧୨ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ଟୋକିଓରୁ କଲିକତା (୧୯୦୭)	ମହେଶ ପ୍ରସାଦ ରାୟ
ଡାଏରୀର କିୟଦଂଶ(୧୯୫୧-୫୨)	ଜଳନ୍ଧର ଦେବ
କେମ୍ବ୍ରିଜ୍ ଅଧିବାସ(୧୯୨୭)	ପ୍ରାଣକୃଷ୍ଣ ପରିଜା
ପାଶ୍ଚାତ୍ୟ ଭ୍ରମଣ (୧୯୨୭)	ହରିଚନ୍ଦନ ଦେବ
ଶିମଳା ଯାତ୍ରା(୧୯୧୪)	ଶ୍ରୀପତି ମିଶ୍ର

୧୩ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ବିଲାତର ପତ୍ର(୧୯୧୪)	ଭୁବନାନନ୍ଦ ଦାସ
ବିଲାତ ଚିଠି(୧୯୩୭)	ଅନ୍ନଦା ଶଙ୍କର ରାୟ
ବିଲାତ କଥା(୧୯୩୯)	ନୃସିଂହ ଚରଣ ମହାନ୍ତି
ବିଲାତ ପ୍ରବାସ(୧୯୦୮)	ଶୈଳବାଳା ଦାସ
ବିଲାତ ଡାଏରୀ()	ରାଧାନାଥ ରଥ

୧୪ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ତୀର୍ଥଯାତ୍ରା	ଶ୍ରୀବତ୍ସ ପଣ୍ଡା
ଜାପାନ ଯାତ୍ରା	କୈଳାସଚନ୍ଦ୍ର ଭରତ କର
ମେସୋପଟାମିଆ ଯାତ୍ରା	ରାମକୃଷ୍ଣ ତ୍ରିପାଠୀ
ଲଙ୍କାଯାତ୍ରୀ	କୁଞ୍ଜବିହାରୀ ଦାସ

୧୫ ।

'କ' ସ୍ତମ୍ଭ	'ଖ' ସ୍ତମ୍ଭ
ପଶ୍ଚିମ ପଥିକ	ମାୟାଧର ମାନସିଂହ
ପାଶ୍ଚାତ୍ୟ ଅନୁଭୂତି	ଅନନ୍ତ ପ୍ରସାଦ ପଣ୍ଡା
ପଶ୍ଚିମ ଦିଗନ୍ତ	ଶ୍ରୀହର୍ଷ ମିଶ୍ର
ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଢେଙ୍କି	ଭୁବନେଶ୍ୱର ବେହେରା
ପାଶ୍ଚାତ୍ୟ ସ୍ମୃତି	ଗୋକୁଳାନନ୍ଦ ମହାପାତ୍ର

୧୬ । 'ହିମାଳୟ ପଥେ' କାହାର ସୃଷ୍ଟି ?
ଉ : କୁନ୍ତଳମଣି ଦାଶ ।

୧୭ । 'ଦିଲ୍ଲୀଚିଠି' ଭ୍ରମଣ କାହାଣୀଟି କାହାର ?
ଉ : କୁନ୍ତଳା କୁମାରୀ ସାବତ ।

୧୮ । ପରମାନନ୍ଦ ମହାନ୍ତିଙ୍କ ଭ୍ରମଣ କାହାଣୀଟି କ'ଣ ?
ଉ : ଭାରତ ପର୍ଯ୍ୟଟନ ।

୧୯ । 'ଗଲି ଅଇଲି ରଷ୍ ଜର୍ମାନୀ' ଭ୍ରମଣ କାହାଣୀର ରଚୟିତା କିଏ ?
ଉ : କାଳନ୍ଦୀଚରଣ ପାଣିଗ୍ରାହୀ ।

୨୦ । ସଦାଶିବ ମିଶ୍ରଙ୍କ ଭ୍ରମଣ କାହାଣୀ 'ମାର୍କିନ ପରିକ୍ରମା' କେବେ ପ୍ରକାଶିତ ?
ଉ : ୧୯୫୮ ମସିହା ।

୨୧ । 'ପାତାଳ ପୁରର ହାଲଚାଲ୍' ଭ୍ରମଣ କାହାଣୀଟି କାହାର ?
ଉ : ଗୁରୁପ୍ରସାଦ ମହାନ୍ତି

୨୨ । 'ଗଞ୍ଜାମ ମାଳରେ ସାତଦିନ' 'ଏରେତଜ୍ଇସାଏଲ', 'ଡେନମାର୍କ ଚିଠି' ନେପାଳ ପଥେ', 'ଭାରତରୁ ଚିନ୍' ଓ 'ଆମେରିକାରୁ ଆସିଲି' କାହାର ଭ୍ରମଣ କାହାଣୀ ଅଟେ ।
ଉ : ଚିତ୍ତରଞ୍ଜନ ଦାସ ।

୨୩ । 'ତାଜମହଲର ଦେଶେ', 'ଆମେରିକା ଅନୁଭୂତି', 'ଲଣ୍ଡନ ଚିଠି' ଓ 'ଗଙ୍ଗାରୁ ଗୋଦାବରୀ' ଆଦି ଭ୍ରମଣ କାହାଣୀଗୁଡ଼ିକର ରଚୟିତା କିଏ ?
ଉ : ଗୋଲକ ବିହାରୀ ଧଳ ।

୨୪ । 'ଲଙ୍କାଯାତ୍ରୀ', 'ମୋ ସ୍ୱପ୍ନର କାଶ୍ମୀର', 'ପଥ ଓ ପଥିକ', 'ଆମେରିକାରୁ ଇଉରୋପ ଆଫ୍ରିକା', 'ଦୁଇ ଦିଗନ୍ତର ଆକାଶ' ଓ 'ଆମେରିକା ପୁନଶ୍ଚ' କାହାର ଭ୍ରମଣ କାହାଣୀ ?
ଉ : କୁଞ୍ଜବିହାରୀ ଦାଶ ।

Scanned with CamScanner

୨୫ । 'ବିଲାତରେ ବାପୁ ଓ ପାପୁ' କାହାର ଭ୍ରମଣ କାହାଣୀ ଅଟେ ?
ଉ : ଗଣେଶ୍ବର ମିଶ୍ର ।

୨୬ । ସୂର୍ଯ୍ୟକାନ୍ତ ଦାସଙ୍କ ଭ୍ରମଣ କାହାଣୀର ନାମ କ'ଣ ?
ଉ : ଅଳକାପୁରୀ ଆମେରିକା (ଆମେରିକା), ମସ୍କୋ ଦର୍ଶନ(ଋଷିଆ)

୨୭ । 'ଇଣ୍ଡରେ ଯାହା ଦେଖିଲି' କାହାର ଭ୍ରମଣ କାହାଣୀ ଅଟେ ?
ଉ : ଗୁରୁଚରଣ ପଟ୍ଟନାୟକ ।

୨୮ । 'ମୈତ୍ରୀ ପାଦପର ଶାଖା ପ୍ରଶାଖା' ଭ୍ରମଣ କାହାଣୀର ସ୍ରଷ୍ଟା କିଏ ?
ଉ : ପ୍ରତିଭା ରାୟ ।

୨୯ । ସୁରେନ୍ଦ୍ର ମହାନ୍ତିଙ୍କ ଭ୍ରମଣ କାହାଣୀର ନାମ କ'ଣ ?
ଉ : ପେକିଂ ଡାଏରୀ ।

୩୦ ।' ନୀଳଚକ୍ରବାଳ ସେପାରେ' ଭ୍ରମଣ କାହାଣୀଟି କାହାର ?
ଉ : ଗୋକୁଳାନନ୍ଦ ମହାପାତ୍ର ।

୩୧ । କାନାଡ଼ା ଅବସ୍ଥାନ କାଳରେ ବହୁବିଧ ଅନୁଭୂତିକୁ ନେଇ କିଶୋରୀଚରଣ ଦାସ ଲିପିବଦ୍ଧ କରିଥିବା ଭ୍ରମଣ କାହାଣୀଟିର ନାମ କ'ଣ ?
ଉ : ଚେନାଏ ପୃଥିବୀ ଚିରୁଡ଼ାଏ ଘର ।

୩୨ । କୃଷ୍ଣଚନ୍ଦ୍ର ମହାରଣାଙ୍କ ରଚିତ ଭ୍ରମଣ କାହାଣୀର ନାମ କ'ଣ ?
ଉ : ମୋ ତୀର୍ଥଯାତ୍ରା ।

୩୩ । ଅଖିଳ ମୋହନ ପଟ୍ଟନାୟକ- ପ୍ୟାରିସ୍ ଭ୍ରମଣର ଅନୁଭୂତିକୁ ନେଇ ନବରବି ପତ୍ରିକାରେ ପ୍ରକାଶ କରିଥିବା ଭ୍ରମଣ କାହାଣୀଟିର ନାମ କ'ଣ ?
ଉ : ଅନ୍ୟଦେଶ (୧୯୪୮) ।

୩୪ । 'ଲଣ୍ଡ଼୍ ଦେଖି ଆସିଲି' କାହାର ଭ୍ରମଣ କାହାଣୀ ଅଟେ ?
ଉ : ଶୁକଦେବ ସାହୁ ।

୩୫ । ଗୋବିନ୍ଦ ଦାସଙ୍କ ଭ୍ରମଣ କାହାଣୀଟିର ନାମ କ'ଣ ?
ଉ : ଦେଶେ ଦେଶେ ।

୩୬ । 'ଯେତିକି ଦେଖିଛି ଆମେରିକା ଯେତିକି ବୁଝିଛି' କାହାର ଭ୍ରମଣ କାହାଣୀ ?
ଉ: ହୃଦାନନ୍ଦ ରାୟ ।

୩୭ । 'କାଶ୍ମୀରରୁ କନ୍ୟାକୁମାରୀ' ଏବଂ 'ଦିବ୍ୟଭୂମି ଭାରତ' କାହାର ଭ୍ରମଣ କାହାଣୀ ଅଟେ ?
ଉ : ସାତକୋଡ଼ି ହୋତା ।

୩୮ । 'ଆମେରିକାର ଘର ଓ ଘରଣୀ' କାହାର ଭ୍ରମଣ କାହାଣୀ ଅଟେ ?
ଉ : କୁମୁଦିନୀ ମହାପାତ୍ର

୩୯ । ଗୋରାଚାନ୍ଦ ମିଶ୍ରଙ୍କ ରଚିତ ଭ୍ରମଣ କାହାଣୀଟିର ନାମ କ'ଣ ?
ଉ : ଶିରିଡ଼ିରୁ ପୁଟପର୍ତ୍ତି

୪୦ । 'ବମ୍ବେରୁ ନାଇରୋବି', ଆମେରିକାରେ କିଛି ଦିନ (ଓ.ସା.ଏ. ୨୦୦୬) ଏବଂ 'ଭିନ୍ନ ମାଟିର ବାସ୍ନା' ଆଦି କାହାର ଭ୍ରମଣ କାହାଣୀ ଅଟେ ?
ଉ : ବାସୁଦେବ ସାହୁ ।

୪୧ । 'ଅନେକ ଶରତ' ଏବଂ 'ୟୁରୋପ: ସଂସ୍କୃତିର ସିମ୍ଫୋନି' ଦ୍ୱୟ କାହାର ଭ୍ରମଣ କାହାଣୀ ଅଟେ ?
ଉ : ସୀତାକାନ୍ତ ମହାପାତ୍ର ।

୪୨ । 'ସୂର୍ଯ୍ୟୋଦୟର ଦେଶେ' କାହାର ଭ୍ରମଣ କାହାଣୀ ଅଟେ ?
ଉ : ଶରତ ଚନ୍ଦ୍ର ପ୍ରଧାନ ।

୪୩ । 'ସ୍ମୃତି ଅନୁଭୂତିରେ ଆମେରିକା' କାହାର ଭ୍ରମଣ କାହାଣୀ ଅଟେ ?
ଉ : ଶାନ୍ତି ମହାପାତ୍ର (ବଳ) ।

୪୪ । 'ତୀରେ ତୀରେ ତୀର୍ଥ ଓ 'ଦ୍ୱାରିକା ଦର୍ଶନ' କାହାର ଭ୍ରମଣ କାହାଣୀ ଅଟେ ?
ଉ : ବିଭୂତି ପଟ୍ଟନାୟକ ।

୪୫ । ଅକ୍ଷୟ ମହାନ୍ତିଙ୍କ ରଚିତ ଭ୍ରମଣ କାହାଣୀଟିର ନାମ କ'ଣ ?
ଉ : ବାହା ବାହାରେ ଆମେରିକା ।

୪୬ । ଗୁରୁପ୍ରସାଦ ମହାନ୍ତିଙ୍କ ରଚିତ ଭ୍ରମଣ କାହାଣୀ 'ପାତାଳପୁରୀର ହାଲଚାଲ'କୁ କେତେ ଖଣ୍ଡରେ ବିଭକ୍ତ କରାଯାଇଛି ଏବଂ କ'ଣ କ'ଣ ?
ଉ : ୨ଖଣ୍ଡ, 'ଦୂର ସାଗର ପାରେ' ଓ 'ଯେ ଦେଶ ଯାଇ' ।

୪୭ । 'ଯେ ଦେଶ ଯାଇ ସେ ଫଳ ଖାଇ' (ଓ.ସା.ଏ.-୨୦୧୦) କାହାର ଭ୍ରମଣ କାହାଣୀ ଅଟେ ?
ଉ : ବସନ୍ତ ଦାସ ।

୪୮ । 'ଭାତ ଓ ବିଲାତ' କାହାର ଭ୍ରମଣ କାହାଣୀ ଅଟେ ?
ଉ : ଉଦୟନାଥ ମିଶ୍ର ।

୪୯ । 'ସାତ ସମୁଦ୍ର ତେର ନଈ' କାହାର ଭ୍ରମଣ କାହାଣୀ ଅଟେ ?
ଉ : ମନୋରମା ବିଶ୍ୱାଳ ମହାପାତ୍ର ।

Scanned with CamScanner

୫୦ । 'ଲଣ୍ଡନ ଟିପାଖାତା' କାହାର ଭ୍ରମଣ କାହାଣୀ ଅଟେ ?
ଉ : ବିଜୟ ବେହୁରା ।

୫୧ । ଗୀତାଞ୍ଜଳି ନାୟକଙ୍କ ରଚିତ ଭ୍ରମଣ କାହାଣୀଟିର ନାମ କ'ଣ ?
ଉ : ଅଲକାନନ୍ଦାର ତୀରେ ।

୫୨ । 'ମୋ ଙ୍କର୍ଜାର ପୃଥିବୀ' କାହାର ଭ୍ରମଣ କାହାଣୀ ଅଟେ ?
ଉ : ସସ୍ମିତା ବାଗଚୀ ।

୫୩ । ଆମେରିକାର ସ୍ମୃତିକୁ ନେଇ ଶ୍ରୀହର୍ଷ ମିଶ୍ରଙ୍କ ଭ୍ରମଣ କାହାଣୀର ନାମ କ'ଣ ?
ଉ : ବିପୁଳାଚ ପୃଥ୍ୱୀ ।

୫୪ । ଇଂଲଣ୍ଡ ପରିଭ୍ରମଣରେ ଯାଇ ଶ୍ରୀହର୍ଷ କେଉଁ ଭ୍ରମଣ କାହାଣୀ ଲେଖିଥିଲେ ?
ଉ : ପଶ୍ଚିମ ଦିଗନ୍ତ ।

୫୫ । 'ବର୍ଲିନ ବର୍ଲିନ୍' ଭ୍ରମଣ କାହାଣୀ କାହାର ରଚନା ଅଟେ ?
ଉ : ନଚିକେତା ଦାସ ।

୫୬ । 'ପ୍ରାଚୀ ଓ ପ୍ରତୀଚୀ' କାହାର ଭ୍ରମଣ କାହାଣୀ ?
ଉ : ଆଶୁତୋଷ ପ୍ରସାଦ ପଟ୍ଟନାୟକ ।

୫୭ । 'ଇଣ୍ଡୋନେସିଆ ଅନୁଭୂତି' ଓ 'ଦୂରଦୂରାନ୍ତ' କାହାର ଭ୍ରମଣ କାହାଣୀ ?
ଉ : ମନୋଜ ଦାସ ।

୫୮ । 'ପଥପ୍ରାନ୍ତେ' କାହାର ସୃଷ୍ଟି ?
ଉ : ଉମେଶ ଚନ୍ଦ୍ର ପାଣିଗ୍ରାହୀ ।

୫୯ । ଶ୍ରଦ୍ଧାକାର ସୂପକାରଙ୍କ ଭ୍ରମଣ କାହାଣୀଗୁଡ଼ିକର ନାମ ଲେଖ ?
ଉ : 'ତୀର୍ଥପଥେ', 'ଋଷିଆ ଭ୍ରମଣ' ଓ 'ଆମେରିକା ଅନୁଭୂତି' ।

୬୦ । ଆଦରମଣୀ ଦାସଙ୍କ ୧୯୮୩ରେ ପ୍ରକାଶିତ ଭ୍ରମଣ କାହାଣୀ କ'ଣ ?
ଉ : ମୋ ବିଲାତ ଅନୁଭୂତି ।

୬୧ । 'ବିଦେଶ କଥା' କାହାର ଭ୍ରମଣ କାହାଣୀ ଅଟେ ?
ଉ : ବିଶ୍ୱକେଶ ତ୍ରିପାଠୀ ।

୬୨ । 'କରଞ୍ଜିଆ ଡାଏରୀ' କାହାର ଭ୍ରମଣ କାହାଣୀ ?
ଉ : ଶାନ୍ତନୁ କୁମାର ଆଚାର୍ଯ୍ୟ ।

୬୩ । 'ଦୁଇଟି ଯାତ୍ରା : ଆଣ୍ଡାମାନ ଓ ସିକିମ୍' କାହାର ସୃଷ୍ଟି ଅଟେ ?
ଉ : ଶକୁନ୍ତଳା ପଣ୍ଡା ।

୬୪ । 'ସୁନାମାଛ', 'ନୀଳହ୍ରଦର' ଚିତ୍ର' କାହାର ଭ୍ରମଣ କାହାଣୀ ?
ଉ : ଦିନନାଥ ପାଠୀ ।

୭୫ । 'ସୁନାମାଛ', 'ନୀଳହ୍ରଦର' ଚିତ୍ର' କାହାର ଭ୍ରମଣ କାହାଣୀ ?
ଉ : ଦିନନାଥ ପାଠୀ ।

୭୬ । 'ଆଫ୍ରିକା ନାୟିକା ନୀଳନଦୀ' କାହାର ରଚନା ?
ଉ : ପ୍ରତିଭା ରାୟ ।

୭୭ । 'ଯୀଶୁଙ୍କ ଦେଶରେ ଜଣେ ହିନ୍ଦୁ ତୀର୍ଥଯାତ୍ରୀ ଏବଂ 'ପ୍ରାଚ୍ୟ ଦୃଷ୍ଟିରେ ପାଶ୍ଚାତ୍ୟ' କାହାର ରଚନା ?
ଉ : ଉମେଶ ପତ୍ରୀ ।

ଅନୁବାଦ ସାହିତ୍ୟ

୧ । ଅନୁବାଦ କେତେ ଭାଗରେ ବିଭକ୍ତ ଓ କ'ଣ କ'ଣ ?
ଉ : ୩ ଭାଗରେ । (୧) ଆକ୍ଷରିକ (୨) ଭାବାନୁବାଦ (୩) ଛାୟାନୁବାଦ ।

୨ । ବିଶ୍ୱପ୍ରସିଦ୍ଧ ଅନୁବାଦ ଗ୍ରନ୍ଥ କ'ଣ ?
ଉ : ଗୀତାଞ୍ଜଳି ।

୩ । 'ମହାଭାରତ'ର ସଫଳ ଅନୁବାଦକ କିଏ ?
ଉ : ଫକୀରମୋହନ ସେନାପତି ।

୪ । ରାମାୟଣ ଗ୍ରନ୍ଥର ଅନୁବାଦକ କିଏ ?
ଉ : ଲିଙ୍ଗରାଜ ପାଣିଗ୍ରାହୀ ।

୫ । 'ହାମଲେଟ୍'ର ଅନୁବାଦକ କିଏ ?
ଉ : ଅକ୍ଷୟ କୁମାର ଘୋଷ ।

୬ । 'ଅଥେଲୋ' ଅନୁବାଦ ଗ୍ରନ୍ଥଟି କାହାର ?
ଉ : ମାୟାଧର ମାନସିଂହ

୭ । ଭିକ୍ଟୋର ହ୍ୟୁଗୋଙ୍କ 'ହିଗୋ ମିଜ୍‌ରେବଲ୍'ର ଛାୟାରେ ରାମଚନ୍ଦ୍ର ଆଚାର୍ଯ୍ୟ କେଉଁ ଗ୍ରନ୍ଥଟି ରଚନା କରିଥିଲେ ?
ଉ : ପୀୟୁଷ ପ୍ରବାହ ।

୮ । 'ଗୋଲଡ୍ ସ୍ମିଥ୍‌ଙ୍କ ଡେଜାର୍ଟେଡ୍ ଭିଲେଜ୍'ର ଅନୁବାଦ କରି 'ବିଜନ ପଲ୍ଲୀ' ନାମରେ କେଉଁ କବି ଗ୍ରନ୍ଥ ରଚନା କରିଥିଲେ ?
ଉ : ଚନ୍ଦ୍ରମଣି ଦାସ ।

୯ । ରାଧାମୋହନ ଗଡ଼ନାୟକଙ୍କ ଅନୂଦିତ କବିତା ସଂକଳନ 'ଛାୟା' ରେ କେତୋଟି କବିତା ସ୍ଥାନିତ ହୋଇଛି ?
ଉ : ୨୦ଟି

୧୦ । ସଂସ୍କୃତ କାବ୍ୟ 'ଶ୍ରୀଗୀତଗୋବିନ୍ଦ' ଓ 'ମେଘଦୂତ'ର ଅନୁବାଦକ କିଏ ?
ଉ : ରାଧାମୋହନ ଗଡ଼ନାୟକ ।

୧୧ । ଉଦୟନାଥ ଷଡ଼ଙ୍ଗୀଙ୍କ ଅନୂଦିତ ପୁସ୍ତକଟି କ'ଣ ଅଟେ ?
ଉ : ଟମକକାଙ୍କ କୁଟୀର ।

୧୨ । ଅନନ୍ତ ପଟ୍ଟନାୟକଙ୍କ ଅନୂଦିତ ଉପନ୍ୟାସର ନାମ ଲେଖ ?
ଉ : ଗର୍କିଙ୍କ ଉପନ୍ୟାସ ମଦରକୁ 'ମା' ଓ ଲୋଲୋକୋଭେଙ୍କ ଉପନ୍ୟାସ Mam's Lot କୁ 'ଭାଗ୍ୟରୁ ଖିଏ' ନାମରେ ଅନୁବାଦ କରିଛନ୍ତି ।

୧୩ । ଗୋପୀନାଥ ମହାନ୍ତିଙ୍କ 'ଯୁଦ୍ଧ ଓ ଶାନ୍ତି' କେଉଁ କବିଙ୍କ କାବ୍ୟର ଅନୂଦିତ ରୂପ ?
ଉ : ଟଲଷ୍ଟୟଙ୍କ 'War and Peace'

୧୪ । 'ପୃଥିବୀର ନାରୀ' ଅନୁବାଦ କୃତିର ଲେଖକ କିଏ ?
ଉ : ଗୋଲକ ବିହାରୀ ଧଳ ।

୧୫ । ବିଶ୍ୱବିଖ୍ୟାତ ଗ୍ରନ୍ଥ 'ଗୀତାଞ୍ଜଳି'ର ସଫଳ ଅନୁବାଦକ କିଏ ?
ଉ : ନରସିଂହ ମିଶ୍ର ।

୧୬ । 'ଗୀତଗୋବିନ୍ଦ'ର ସଫଳ ଅନୁବାଦକ କିଏ ?
ଉ : ଧରଣୀ ଦାସ ।

୧୭ । 'ଦୂର ଗବାକ୍ଷ' ଅନୁବାଦ ଗ୍ରନ୍ଥଟି କାହାର ସୃଷ୍ଟି ?
ଉ : ରଘୁନାଥ ମହାପାତ୍ର ।

୧୮ । 'ସୁରଦାସ ପଦାବଳୀ' ଅନୁବାଦ ଗ୍ରନ୍ଥର ସ୍ରଷ୍ଟା କିଏ ?
ଉ : ଶ୍ରୀନିବାସ ଉଦ୍‌ଗାତା ।

୧୯ । ଜ୍ଞାନୀନ୍ଦ୍ର ବର୍ମାଙ୍କ ଅନୂଦିତ ପୁସ୍ତକଗୁଡ଼ିକର ନାମ ଲେଖ ?
ଉ : ଏମିଲୋ ଜୋଲାଙ୍କ 'ନାନା', ଟେନିସନ୍‌ଙ୍କ 'ଏନୋକ୍ ଆର୍ଡେନ', ଇଲିଅଟ୍‌ଙ୍କ 'ୱେଷ୍ଟଲ୍ୟାଣ୍ଡ' (ପୋଡ଼ାଭୂଇଁ), ୱାଲ୍ଟ ହୁଇଟ୍‌ମ୍ୟାନଙ୍କ 'ଲିଭସ ଅଫ ଗ୍ରାସ୍'(ଦୁର୍ବାଦଳ), 'ଏଜରା ପାଉଣ୍ଡ' (ଓ.ସା.ଏ.)

୨୦ । ପ୍ରଭାସ ଚନ୍ଦ୍ର ଶତପଥୀ ଦେଷ୍ଟୋଭସ୍କିଙ୍କ 'କ୍ରାଇମ୍ ଆଣ୍ଡ ପନିସ୍‌ମେଣ୍ଟ'କୁ ଅନୁବାଦ କରି କେଉଁ ନାମ ରଖିଥିଲେ ?
ଉ : ପାପ ଓ ପ୍ରାୟଶ୍ଚିତ୍ତ ।

୨୧ । ଗୋଲକ ବିହାରୀ ଧଳଙ୍କ ଅନୂଦିତ କେଉଁ ଗ୍ରନ୍ଥଟି (ଓ.ସା.ଏ.) ଦ୍ୱାରା ପୁରସ୍କୃତ ହୋଇଛି ?
ଉ : ଗୋଦାନ ।

Scanned with CamScanner

୨୨ । 'ଔଷଧୀୟ ବୃକ୍ଷଲତା' ଓ 'ଉଦ୍ୟାନ ପୁଷ୍ପରାଜି' ଦୁଇଟି ଅନୂଦିତ କୃତି କାହାର ?
ଉ : ଗଦାଧର ମିଶ୍ର ।

୨୩ । ନୋବେଲ ପୁରସ୍କାର ପ୍ରାପ୍ତ ବିଶ୍ୱବିଖ୍ୟାତ ପୁସ୍ତକଗୁଡ଼ିକର ଅନୁବାଦ କାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦାସ କେଉଁ ନାମରେ ନାମିତ କରିଅଛନ୍ତି ?
ଉ : ସୁଭଦ୍ରାନନ୍ଦନ ।

୨୪ । ବିଷ୍ଣୁ ପ୍ରଭାକରଙ୍କ 'ଆୱାର ମସିହା'କୁ ଚୌଧୁରୀ ହେମାକାନ୍ତ ମିଶ୍ର ଓଡ଼ିଆରେ ଅନୁବାଦ କରି କେଉଁ ନାମରେ ନାମିତ କରିଅଛନ୍ତି ?
ଉ : ବାଉଲା ଦେବଦୂତ (କେ.ସା.ଏ.-୨୦୦୪)

୨୫ । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କେଉଁ ଅନୂଦିତ ପୁସ୍ତକ ଓ.ସା.ଏ. ପୁରସ୍କାର ପ୍ରାପ୍ତ ?
ଉ : ବୈରାଗ୍ୟଶତକ(୧୯୮୬) ।

୨୬ । ବଙ୍କିମ୍ ଉପନ୍ୟାସ ମାଳାର ସଫଳ ଅନୁବାଦ ପାଇଁ କିଏ ୨୦୦୧ ବର୍ଷର କେ.ସା.ଏ. ପୁରସ୍କାର ପ୍ରାପ୍ତ ?
ଉ : ଜାନକୀ ବଲ୍ଲଭ ପଟ୍ଟନାୟକ ।

୨୭ । 'କେଲୁ ଗଉଡ଼ର ଗଳି' ଅନୂଦିତ ଗ୍ରନ୍ଥ କାହାର ଅଟେ ?
ଉ : ଚିନ୍ତାମଣି ବେହେରା ।

୨୮ । 'ଜନଗଣମନ' ଶ୍ରେଷ୍ଠ ଅନୂଦିତ କୃତି ଭାବରେ କିଏ ୧୯୯୩ ବର୍ଷ ପାଇଁ (ଓ.ସା.ଏ.) ପୁରସ୍କାର ଲାଭ କରିଛି ?
ଉ : ଯୁଗଳ କିଶୋର ଦତ୍ତ

୨୯ । ନୀଳମଣି ମିଶ୍ରଙ୍କ କେଉଁ ଅନୂଦିତ କୃତି ୧୯୯୧ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ?
ଉ : କେତେ ନଚାଇବ ଗୋପାଳ ।

୩୦ । ସତ୍ୟନାରାୟଣ ମହାନ୍ତିଙ୍କ କେଉଁ ଅନୂଦିତ ଗ୍ରନ୍ଥ (ଓ.ସା.ଏ.) ପୁରସ୍କାର ପ୍ରାପ୍ତ ?
ଉ : ରାମଚରିତ ମାନସ(୧୯୯୫) ।

୩୧ । ବସନ୍ତ କୁମାରୀ ଦେବୀ କେଉଁ ଅନୂଦିତ ଗ୍ରନ୍ଥ ପାଇଁ (କେ.ସା.ଏ.) ପୁରସ୍କାର ପ୍ରାପ୍ତ ?
ଉ : ପଞ୍ଚଗ୍ରାମ

୩୨ । 'ବକୁଳ କଥା' ଅନୂଦିତ ଗ୍ରନ୍ଥ ପାଇଁ ୧୯୯୯ ବର୍ଷର (ଓ.ସା.ଏ.) ପୁରସ୍କାର ପ୍ରାପ୍ତ ବିଜେତା କିଏ ?
ଉ : ବସନ୍ତକୁମାରୀ ଦେବୀ

୩୩ । ସେ.ଭି.ଆର କ୍ରିଷ୍ଣା ଆୟାରଙ୍କ Death and after' କୁ ଅର୍ଥନୀତିଜ୍ଞ ଧରଣୀଧର ପାଣିଗ୍ରାହୀ କେଉଁ ନାମରେ ନାମିତ କରିଅଛନ୍ତି ?
ଉ : ମୃତ୍ୟୁପରେ ।

୩୪ । ପଲବ୍ରୁଣ୍ଟନଙ୍କର 'A search in secret India' କୁ ଅନୁବାଦ କରି 'ଅଦୃଷ୍ଟ ଭାରତ ସନ୍ଧାନେ' ଏବଂ ଦଲାଇଲାମାଙ୍କ ଆତ୍ମଜୀବନୀ 'Freedom in Exile' କୁ ଅନୁବାଦ କରି 'ନିର୍ବାସିତର ଆତ୍ମକଥା' ନାମରେ କିଏ ନାମିତ କରିଅଛନ୍ତି ?
ଉ : ଧରଣୀଧର ପାଣିଗ୍ରାହୀ ।

୩୫ । ଧରଣୀଧର ପାଣିଗ୍ରାହୀ 'ଡ. କରଣ ସିଂହଙ୍କର ଆତ୍ମଜୀବନୀ'କୁ ଅନୁବାଦ କରି କେଉଁ ପୁରସ୍କାର ଲାଭ କରିଅଛନ୍ତି ?
ଉ : (କେ.ସା.ଏ)-୨୦୦୯ ।

୩୬ । ନନ୍ଦିନୀ ଶତପଥୀ କ୍ରିଷ୍ଣା କୃପାଳିନୀଙ୍କ ଦ୍ୱାରା ରଚିତ 'All men are Brothers' ର ଅନୁବାଦ କରି କେଉଁ ଗ୍ରନ୍ଥଟି ରଚନା କରିଥିଲେ ଓ ସେହି ଗ୍ରନ୍ଥଟି କେଉଁ ପୁରସ୍କାର ପ୍ରାପ୍ତ ?
ଉ : ଗାନ୍ଧିକଥାମୃତ (କେ.ସା.ଏ.)

୩୭ । 'ଲୌହ କବାଟ' ଅନୂଦିତ ଗ୍ରନ୍ଥଟି କାହାର ଓ କେଉଁ ପୁରସ୍କାର ପ୍ରାପ୍ତ କରିଥିଲେ ?
ଉ : ରଘୁନାଥ ମହାପାତ୍ର (ଓ.ସା.ଏ.)- ୨୦୦୧ ।

୩୮ । 'ପୃଥିବୀର ଆଦିବାସୀ ଲୋକ କବିତା' ଅନୂଦିତ ଗ୍ରନ୍ଥ ପାଇଁ ୧୯୯୭ରେ (ଓ.ସା.ଏ.) ପୁରସ୍କାର ପ୍ରାପ୍ତ ବିଜେତା କିଏ ?
ଉ : ବ୍ରହ୍ମାନନ୍ଦ ଦାସ ।

୩୯ । ଧନେଶ୍ୱର ମହାପାତ୍ର ଟଲଷ୍ଟୟଙ୍କ ଉପନ୍ୟାସ 'Resurrection'ର ଓଡ଼ିଆ ରୂପାନ୍ତର କରି କେଉଁ ନାମରେ ନାମିତ କରିଛନ୍ତି ଏବଂ ଏଥିପାଇଁ ସେ କେଉଁ ପୁରସ୍କାର ଲାଭ କରିଛନ୍ତି ?
ଉ : ପୁନର୍ଜୀବନ, ସୋଭିଏତ ଦେଶ ନେହେରୁ ପୁରସ୍କାର (୧୯୬୭)

୪୦ । ରାମକୃଷ୍ଣ ମହାନ୍ତି, ଡକ୍ଟର ରତନ ଦାସଙ୍କର ଆତ୍ମଜୀବନୀ ମୂଳକ ଇଂରାଜୀ ଗ୍ରନ୍ଥ 'The unending quest' ର ସଫଳ ଅନୁବାଦ କରି କ'ଣ ନାମକରଣ କରିଅଛନ୍ତି ?
ଉ : ଅନ୍ତହୀନ ଅନ୍ୱେଷଣ ।

Scanned with CamScanner

୨୨ । 'ଔଷଧୀୟ ବୃକ୍ଷଲତା' ଓ 'ଉଦ୍ୟାନ ପୁଷ୍ପରାଜି' ଦୁଇଟି ଅନୂଦିତ କୃତି କାହାର ?
ଉ : ଗଦାଧର ମିଶ୍ର ।

୨୩ । ନୋବେଲ ପୁରସ୍କାର ପ୍ରାପ୍ତ ବିଶ୍ୱବିଖ୍ୟାତ ପୁସ୍ତକଗୁଡ଼ିକର ଅନୁବାଦ କାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦାସ କେଉଁ ନାମରେ ନାମିତ କରିଅଛନ୍ତି ?
ଉ : ସୁଭଦ୍ରାନନ୍ଦନ ।

୨୪ । ବିଷ୍ଣୁ ପ୍ରଭାକରଙ୍କ 'ଆୱାର ମସିହା'କୁ ଚୌଧୁରୀ ହେମାକାନ୍ତ ମିଶ୍ର ଓଡ଼ିଆରେ ଅନୁବାଦ କରି କେଉଁ ନାମରେ ନାମିତ କରିଅଛନ୍ତି ?
ଉ : ବାଉଳା ଦେବଦୂତ (କେ.ସା.ଏ.-୨୦୦୪)

୨୫ । ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ କେଉଁ ଅନୂଦିତ ପୁସ୍ତକ ଓ.ସା.ଏ. ପୁରସ୍କାର ପ୍ରାପ୍ତ ?
ଉ : ବୈରାଗ୍ୟଶତକ(୧୯୮୬) ।

୨୬ । ବଙ୍କିମ୍ ଉପନ୍ୟାସ ମାଳାର ସଫଳ ଅନୁବାଦ ପାଇଁ କିଏ ୨୦୦୧ ବର୍ଷର କେ.ସା.ଏ. ପୁରସ୍କାର ପ୍ରାପ୍ତ ?
ଉ : ଜାନକୀ ବଲ୍ଲଭ ପଟ୍ଟନାୟକ ।

୨୭ । 'କେଲୁ ଗଉଡ଼ର ଗଳି' ଅନୂଦିତ ଗ୍ରନ୍ଥ କାହାର ଅଟେ ?
ଉ : ଚିନ୍ତାମଣି ବେହେରା ।

୨୮ । 'ଜନଗଣମନ' ଶ୍ରେଷ୍ଠ ଅନୂଦିନ କୃତି ଭାବରେ କିଏ ୧୯୯୩ ବର୍ଷ ପାଇଁ (ଓ.ସା.ଏ.) ପୁରସ୍କାର ଲାଭ କରିଛି ?
ଉ : ଯୁଗଳ କିଶୋର ଦତ୍ତ

୨୯ । ନୀଳମଣି ମିଶ୍ରଙ୍କ କେଉଁ ଅନୂଦିତ କୃତି ୧୯୯୧ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ?
ଉ : କେତେ ନଚାଇବ ଗୋପାଳ ।

୩୦ । ସତ୍ୟନାରାୟଣ ମହାନ୍ତିଙ୍କ କେଉଁ ଅନୂଦିତ ଗ୍ରନ୍ଥ (ଓ.ସା.ଏ.) ପୁରସ୍କାର ପ୍ରାପ୍ତ ?
ଉ : ରାମଚରିତ ମାନସ(୧୯୯୫) ।

୩୧ । ବସନ୍ତ କୁମାରୀ ଦେବୀ କେଉଁ ଅନୂଦିତ ଗ୍ରନ୍ଥ ପାଇଁ (କେ.ସା.ଏ.) ପୁରସ୍କାର ପ୍ରାପ୍ତ ?
ଉ : ପଞ୍ଚଗ୍ରାମ

୩୨ । 'ବକୁଳ କଥା' ଅନୂଦିତ ଗ୍ରନ୍ଥ ପାଇଁ ୧୯୯୯ ବର୍ଷର (ଓ.ସା.ଏ.) ପୁରସ୍କାର ପ୍ରାପ୍ତ ବିଜେତା କିଏ ?
ଉ : ବସନ୍ତକୁମାରୀ ଦେବୀ

୩୩ । ସେ.ଭି.ଆର କ୍ରିଷ୍ଣା ଆୟାରଙ୍କ Death and after' କୁ ଅର୍ଥନୀତିଜ୍ଞ ଧରଣୀଧର ପାଣିଗ୍ରାହୀ କେଉଁ ନାମରେ ନାମିତ କରିଅଛନ୍ତି ?
ଉ : ମୃତ୍ୟୁପରେ ।

୩୪ । ପଲବ୍ରୁଣ୍ଟନଙ୍କର 'A search in secret India' କୁ ଅନୁବାଦ କରି 'ଅଦୃଷ୍ଟ ଭାରତ ସନ୍ଧାନେ' ଏବଂ ଦଲାଇଲାମାଙ୍କ ଆତ୍ମଜୀବନୀ 'Freedom in Exile' କୁ ଅନୁବାଦ କରି 'ନିର୍ବାସିତର ଆତ୍ମକଥା' ନାମରେ କିଏ ନାମିତ କରି ଅଛନ୍ତି ?
ଉ : ଧରଣୀଧର ପାଣିଗ୍ରାହୀ ।

୩୫ । ଧରଣୀଧର ପାଣିଗ୍ରାହୀ 'ଡ. କରଣ ସିଂହଙ୍କର ଆତ୍ମଜୀବନୀ'କୁ ଅନୁବାଦ କରି କେଉଁ ପୁରସ୍କାର ଲାଭ କରିଅଛନ୍ତି ?
ଉ : (କେ.ସା.ଏ)-୨୦୦୯ ।

୩୬ । ନନ୍ଦିନୀ ଶତପଥୀ କ୍ରିଷ୍ଣା କୃପାଳିନୀଙ୍କ ଦ୍ୱାରା ରଚିତ 'All men are Brothers' ର ଅନୁବାଦ କରି କେଉଁ ଗ୍ରନ୍ଥଟି ରଚନା କରିଥିଲେ ଓ ସେହି ଗ୍ରନ୍ଥଟି କେଉଁ ପୁରସ୍କାର ପ୍ରାପ୍ତ ?
ଉ : ଗାନ୍ଧିକଥାମୃତ (କେ.ସା.ଏ.)

୩୭ । 'ଲୌହ କବାଟ' ଅନୂଦିତ ଗ୍ରନ୍ଥଟି କାହାର ଓ କେଉଁ ପୁରସ୍କାର ପ୍ରାପ୍ତ କରିଥିଲେ ?
ଉ : ରଘୁନାଥ ମହାପାତ୍ର (ଓ.ସା.ଏ.)- ୨୦୦୧ ।

୩୮ । 'ପୃଥିବୀର ଆଦିବାସୀ ଲୋକ କବିତା' ଅନୂଦିତ ଗ୍ରନ୍ଥ ପାଇଁ ୧୯୯୭ରେ (ଓ.ସା.ଏ.) ପୁରସ୍କାର ପ୍ରାପ୍ତ ବିଜେତା କିଏ ?
ଉ : ବ୍ରହ୍ମାନନ୍ଦ ଦାସ ।

୩୯ । ଧନେଶ୍ୱର ମହାପାତ୍ର ଟଲଷ୍ଟୟଙ୍କ ଉପନ୍ୟାସ 'Resurrection'ର ଓଡ଼ିଆ ରୂପାନ୍ତର କରି କେଉଁ ନାମରେ ନାମିତ କରିଛନ୍ତି ଏବଂ ଏଥିପାଇଁ ସେ କେଉଁ ପୁରସ୍କାର ଲାଭ କରିଛନ୍ତି ?
ଉ : ପୁନର୍ଜୀବନ, ସୋଭିଏତ ଦେଶ ନେହେରୁ ପୁରସ୍କାର (୧୯୬୭)

୪୦ । ରାମକୃଷ୍ଣ ମହାନ୍ତି, ଡକ୍ଟର ରତନ ଦାସଙ୍କର ଆତ୍ମଜୀବନୀ ମୂଳକ ଇଂରାଜୀ ଗ୍ରନ୍ଥ 'The unending quest' ର ସଫଳ ଅନୁବାଦ କରି କ'ଣ ନାମକରଣ କରିଅଛନ୍ତି ?
ଉ : ଅନ୍ତହୀନ ଅନ୍ୱେଷଣ ।

Scanned with CamScanner

୪୧ । ବ୍ଲାଇଣ୍ଡ ମ୍ୟୁଜିସିଆନ୍ (ଅନ୍ଧକାରର ସଙ୍ଗୀତ), ଏ ହିରୋ ଅଫ୍ ଆୱାର ଟାଇମ୍ (ନାୟକ ଆମ ସମୟର) ଆଦି କାହାର ଗ୍ରନ୍ଥ ଅଟେ ?

ଉ : ରବି ସିଂ ।

୪୨ । ସୌଦାମିନୀ ଉଦ୍‌ଗାତାଙ୍କ କେଉଁ ପୁସ୍ତକଟି ୨୦୦୫ରେ ଓ.ସା.ଏ. ପୁରସ୍କାର ପାଇଥିଲା ?

ଉ : ସମାଧି ହେବନି ଆଉ ।

୪୩ । କବିପ୍ରସାଦ ମିଶ୍ର ମୂଳ ଇଂରାଜୀ ଗ୍ରନ୍ଥ 'Face to face with Sri Raman Maharshi' ର ୧୬୦ଟି ଲେଖାର ଓଡ଼ିଆ ରୂପାନ୍ତର ତିନି ଭାଗରେ ପ୍ରକାଶ କରି କେଉଁ ନାମରେ ନାମିତ କରିଅଛନ୍ତି ?

ଉ : ଭଗବାନ ଶ୍ରୀରମଣ ମହର୍ଷି ।

୪୪ । କବିପ୍ରସାଦ ମିଶ୍ର, ରମଣ ମହର୍ଷିଙ୍କର 'Who am I' ଗ୍ରନ୍ଥଟିର ଓଡ଼ିଆ ଅନୁବାଦ କରି କେଉଁ ନାମରେ ନାମିତ କରିଅଛନ୍ତି ?

ଉ : ମୁଁ କିଏ ।

୪୫ । କିଏ ଆରିଷ୍ଟଟଲଙ୍କ 'Poetics'କୁ 'ଆରିଷ୍ଟଲ କାବ୍ୟତତ୍ତ୍ୱ' ନାମରେ ଅନୁବାଦ କରି ଅଛନ୍ତି ?

ଉ : ଅନନ୍ତ ଚରଣ ଶୁକ୍ଳ ।

୪୬ । ଗୋବିନ୍ଦ ସାହୁଙ୍କ କେଉଁ ଅନୁଦିତ କୃତିଟି ୨୦୦୧ରେ ଓ.ସା.ଏ. ପୁରସ୍କାର ପ୍ରାପ୍ତ ?

ଉ : ହଜାରେ ଚଉରାଶୀର ମାଆ ।

୪୭ । ନାରାୟଣ ପୁଷ୍ଟେଙ୍କ କେଉଁ ପୁସ୍ତକ ଶ୍ରେଷ୍ଠ ଅନୁବାଦ ଭାବରେ ୧୯୯୮ ମସିହାରେ ଓ.ସା.ଏ. ପୁରସ୍କାର ପ୍ରାପ୍ତ ?

ଉ : ଜୟକାନ୍ତଙ୍କ କଥା ଓ କାହାଣୀ ।

୪୮ । 'ମାନବଭୂମି' ପାଇଁ କିଏ ୨୦୦୨ ବର୍ଷର ଶ୍ରେଷ୍ଠ ଅନୁବାଦିକା ଭାବରେ ଓ.ସା.ଏ. ପୁରସ୍କାର ଲାଭ କରିଛନ୍ତି ?

ଉ : ଅଳକାଚାନ୍ଦ ।

୪୯ । ଶକୁନ୍ତଳା ବଳିଆର ସିଂହ କେଉଁ ପୁସ୍ତକ ପାଇଁ ୨୦୦୯ରେ ଓ.ସା.ଏ ପୁରସ୍କାର ପ୍ରାପ୍ତ ?

ଉ : ସେ ପୁଣି ଫେରିନି ।

୫୦ । 'ରେଣୁ ରଚନା ସଞ୍ଚୟନ' କାହାର ଅନୁଦିତ ପୁସ୍ତକ ଓ କେଉଁ ପୁରସ୍କାର ପ୍ରାପ୍ତ ?

ଉ : ଅମିୟବାଳା ପଟ୍ଟନାୟକ (୨୦୧୦- କେ.ସା.ଏ.) ।

୫୧ । ମହେଶ୍ୱର ଦାସ ବିଶ୍ୱାସ ପାଟିଲ୍‌ଙ୍କର ମରାଠୀ ଉପନ୍ୟାସ 'ମହାନାୟକ' (ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଆଧାରିତ) ଓ ହିଟଲର୍‌ଙ୍କ 'ମେନ୍‌କେଫ୍'କୁ ଓଡ଼ିଆରେ ଅନୁବାଦ କରି କେଉଁ ନାମରେ ନାମିତ କରିଅଛନ୍ତି ?

ଉ : ମୋ ସଂଘର୍ଷ ।

୫୨ । ଯୋଗୀ ଅରବିନ୍ଦଙ୍କ ବିଶ୍ୱପ୍ରସିଦ୍ଧ ଗ୍ରନ୍ଥ 'The Mother'କୁ ଓଡ଼ିଆରେ ଅନୁବାଦ କରି 'ମା' ନାମରେ କିଏ ନାମିତ କରିଅଛନ୍ତି ?

ଉ : ରବିନାରାୟଣ ସେନାପତି ।

୫୩ । 'ନିର୍ମଳ ବର୍ମାଙ୍କ ଶ୍ରେଷ୍ଠ ଗଳ୍ପ' ପାଇଁ କିଏ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କାର ପ୍ରାପ୍ତ ?

ଉ : ପ୍ରଭାକର ସ୍ୱାଇଁ ।

୫୪ । ସୁନୀଲ ଗଙ୍ଗୋପାଧ୍ୟାୟଙ୍କ 'ନିର୍ବାଚନ ଶ୍ରେଷ୍ଠଗଳ୍ପ' ଗ୍ରନ୍ଥର ଓଡ଼ିଆ ରୂପାନ୍ତର ଲାଗି କିଏ ୨୦୧୦ ବର୍ଷର ଓ.ସା.ଏ. ପୁରସ୍କାର ଲାଭ କରିଛନ୍ତି ?

ଉ : କ୍ଷୀରୋଦ ପରିଡ଼ା ।

୫୫ । ଅସିତ୍ ମହାନ୍ତିଙ୍କ କେଉଁ ଗ୍ରନ୍ଥଟି କେନ୍ଦ୍ର ସାହିତ୍ୟ ଏକାଡେମୀ ଓ କେଉଁ ଗ୍ରନ୍ଥଟି ଓ.ସା.ଏ. ପୁରସ୍କାର ଲାଭ କରିଛି ?

ଉ : ଏକବିଂଶ ଅଧ୍ୟାୟ- କେ.ସା.ଏ. (୧୯୯୮) । ମୋ ମାଆ- ୨୦୦୮ (ଓ.ସା.ଏ.)

୫୬ । ପ୍ରଶାନ୍ତ କୁମାର ମହାନ୍ତି, ହିନ୍ଦୀ ଲେଖକ ପଙ୍କଜ ବିଷ୍ଟ୍‌ଙ୍କ ଉପନ୍ୟାସ 'ଉସ୍ ଚିଡ଼ିଆକା ନାମ' ର ଓଡ଼ିଆ ରୂପାନ୍ତର କରି କେଉଁ ନାମରେ ନାମିତ କରିଅଛନ୍ତି ଏବଂ ଏହି ପୁସ୍ତକ କେତେ ମସିହାରେ କେ.ସା.ଏ. ପୁରସ୍କାର ଲାଭ କରିଛି ?

ଉ : ସେଇ ପକ୍ଷୀଟିର ନାଆଁ, ୨୦୧୨-କେ.ସା.ଏ. ।

୫୭ । କୃଷ୍ଣ ଦାସ କବିରାଜଙ୍କ 'ଚୈତନ୍ୟ ଚରିତାମୃତ' ଓ ରୂପଗୋସ୍ୱାମୀଙ୍କ 'ବିଦ୍‌ଗଧ-ମାଧବର ଓଡ଼ିଆ ଅନୁବାଦକ କିଏ ?

ଉ : ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା ।

Scanned with CamScanner

୫୮ । ରାଧାନାଥ ରାୟଙ୍କ ଅନୁଦିତ ପୁସ୍ତକର ନାମ ଲେଖ ?

ଉ : ମେଘଦୂତ, ତୁଳସୀ ସ୍ତବକ, ଇଟାଲୀୟ ଯୁବା ଇତ୍ୟାଦି ।

୫୯ । 'ରଘୁବଂଶ'ର ତ୍ରୟୋଦଶ ସର୍ଗର ଅନୁବାଦ କରି 'ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ' ନାମରେ କିଏ ନାମିତ କରିଥିଲେ ?

ଉ : ଭକ୍ତକବି ମଧୁସୂଦନ ରାଓ ।

୬୦ । 'ସୀତା ବନବାସ', 'ଉତ୍ତର ରାମଚରିତ ମାନସ', ପ୍ରଣୟର ଅଦ୍ଭୁତ ପରିଣାମ ଏବଂ 'ପ୍ରବନ୍ଧମାଳା' ଆଦି ଅନୁଦିତ ପୁସ୍ତକର ରଚୟିତା କିଏ ?

ଉ : ଭକ୍ତକବି ମଧୁସୂଦନ ରାଓ ।

୬୧ । ଗୋଦାବରୀଶ ମିଶ୍ରଙ୍କ ଅନୁଦିତ ପୁସ୍ତକଗୁଡ଼ିକର ନାମ ଲେଖ ?

ଉ : 'ନିର୍ବାସିତ', '୧୮୧୭', 'ଘଟାନ୍ତର', 'ଅଭାଗିନୀ' ଓ 'ଦାସତ୍ୱମୋଚନ' ।

୬୨ । ନୀଳକଣ୍ଠ ଦାସଙ୍କ ଦୁଇଟି ଅନୁଦିତ କାବ୍ୟର ନାମ ଲେଖ ?

ଉ : 'ଦାସନାୟକ' ଓ 'ପ୍ରଣୟିନୀ' ।

୬୩ । ଅଜୟ ପଟ୍ଟନାୟକ ୨୦୧୯ରେ କେଉଁ ଅନୁବାଦ ଗ୍ରନ୍ଥ ପାଇଁ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇଛନ୍ତି ?

ଉ : 'ଶ୍ରେଷ୍ଠ ହିନ୍ଦୀ ଗଳ୍ପ' ।

ଶିଶୁସାହିତ୍ୟ

୧ । ଶିଶୁ ସାହିତ୍ୟର ଜନକ ଭାବରେ କାହାକୁ ଗ୍ରହଣ କରାଯାଏ ?

ଉ : ମଧୁସୂଦନ ରାଓ ।

୨ । ରାଧାନାଥ ଓ ମଧୁସୂଦନଙ୍କ ମିଳିତ ଉଦ୍ୟମରେ କ'ଣ ପ୍ରକାଶ ପାଇଥିଲା ?

ଉ : କବିତାବଳୀ (୧ମ, ୨ୟ)

୩ । ମଧୁସୂଦନ ରାଓ ଶିଶୁମାନଙ୍କ ପାଇଁ କେଉଁ କେଉଁ ପୁସ୍ତକ ରଚନା କରିଛନ୍ତି ?

ଉ : ବର୍ଣ୍ଣବୋଧ (ପ୍ରଥମ ଶିଶୁ ସାହିତ୍ୟ), ବାଳବୋଧ, ଶିଶୁବୋଧ, ସାହିତ୍ୟ କୁସୁମ, ସାହିତ୍ୟ ପ୍ରସଙ୍ଗ ।

୪ । 'ବର୍ଣ୍ଣବୋଧକ' ଶିଶୁସାହିତ୍ୟର ରଚୟିତା କିଏ ?

ଉ : ଗୋବିନ୍ଦ ରଥ ।

୫ । ଫକୀର ମୋହନ ସେନାପତି ଶିଶୁମାନଙ୍କ ପାଇଁ କେଉଁ ଶିଶୁ ସାହିତ୍ୟ ରଚନା କରିଥିଲେ ?

ଉ : 'ପୁଷ୍ପମାଳା' ଏବଂ 'ଅବସର ବାସରେ' ।

୬ । 'ଧୋ ରେ ବାୟା ଧୋ' କାହାର ସୃଷ୍ଟି ?

ଉ : ଗୋପାଳ ଚନ୍ଦ୍ର ପ୍ରହରାଜ ।

୭ । ଉକ୍ତ ଗ୍ରନ୍ଥଟିରେ ମୋଟ କେତୋଟି କବିତା ସ୍ଥାନ ପାଇଛି ?

ଉ : ୧୩ ।

୮ । 'ନାନା ବାୟାଗୀତ' ଶିଶୁ ଗୀତର ରଚୟିତା କିଏ ?

ଉ : ନନ୍ଦକିଶୋର ବଳ ।

୯ । ନନ୍ଦକିଶୋରଙ୍କ ଆଉ କେଉଁ ଶିଶୁଗୀତ ରହିଛି ?

ଉ : ପଲ୍ଲୀଚିତ୍ର, ନିର୍ମାଳିଆ ଓ ବାଲୁଚିତ୍ର ।

୧୦ । 'ନୀତିକୁସୁମ', 'ନୀତିଶିକ୍ଷା', 'ଶିଶୁ ଧର୍ମ' ଓ 'ଶିଶୁ ପାଠନ' ଆଦି କାହାର ଶିଶୁ ଉପଯୋଗୀ ପୁସ୍ତକ ଅଟେ ?

ଉ : କବିଶେଖର ଚିନ୍ତାମଣି ମହାନ୍ତି ।

Scanned with CamScanner

୧୧ । ପଣ୍ଡିତ ନୀଳକଣ୍ଠ ପିଲାଙ୍କ ପାଇଁ ଲିଖିତ ପୁସ୍ତକଗୁଡ଼ିକ କ'ଣ ?
ଉ : ପିଲାଙ୍କ ରାମାୟଣ, ପିଲାଙ୍କ ଭାଗବତ, ପିଲାଙ୍କ ମହାଭାରତ ଏବଂ ଋଷି ଜୀବନୀ ।

୧୨ । 'ଶିଶୁ ରାମାୟଣ' ଓ 'ଫୁଲ ଚାଙ୍ଗୁଡ଼ି' ଆଦି ଗ୍ରନ୍ଥର ରଚୟିତା କିଏ ?
ଉ : ବାଳକୃଷ୍ଣ କର ।

୧୩ । 'ସତୀ ଚରିତ ମାଳା', 'ବୀର ଚରିତମାଳା' ଓ 'ନୀତିମଞ୍ଜରୀ' କାହାର ରଚନା ?
ଉ : ବାଳକୃଷ୍ଣ କର ।

୧୪ । 'ଘଣ୍ଟି ଘାଘୁଡ଼ି', 'ପିଲାଙ୍କ ପଶୁପକ୍ଷୀ ପୁରାଣ' ପାଇଁ କିଏ ଭାରତ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି ?
ଉ : ଉପେନ୍ଦ୍ର ତ୍ରିପାଠୀ ।

୧୫ । 'ପୁରାଣ କଥା' ଓ 'ଚଟଣି' କାହାର ସୁଖପାଠ୍ୟ ରଚନା ?
ଉ : ପଣ୍ଡିତ ଗୋଦାବରୀଶ ମିଶ୍ର ।

୧୬ । 'ଶିଶୁଜ୍ଞାନ କୋଷ' ପାଇଁ କିଏ ଚରିସ୍ମରଣୀୟ ?
ଉ : ବାଳକୃଷ୍ଣ କର ।

୧୭ । 'କଳାହାଣ୍ଡିଆ ମେଘ', 'ବଉଳବେଣୀ' ଆଦି କାହାର ରଚନା ?
ଉ : କାଳିଚରଣ ପଟ୍ଟନାୟକ ।

୧୮ । ଉଦୟନାଥ ଷଡ଼ଙ୍ଗୀଙ୍କ ଶିଶୁ ରଚନାଗୁଡ଼ିକ କ'ଣ କ'ଣ ଥିଲା ?
ଉ : ଭାରତର ଇତିକଥା, ଓଡ଼ିଶାର ଇତିକଥା, ସର୍ପରାଇଜ, ପରୀରାଇଜ, ଟୁଉକୁ ମୂଷି ଇତ୍ୟାଦି ।

୧୯ । 'ହରଭାଇଙ୍କ ଘରବାହୁଡ଼ା' ପାଇଁ କିଏ ଏବଂ କେଉଁ ପୁରସ୍କାର ପାଇଛନ୍ତି ?
ଉ : 'ଉଦୟନାଥ ଷଡ଼ଙ୍ଗୀ' (ଓ.ସା.ଏ.) ।

୨୦ । ରାମକୃଷ୍ଣ ନନ୍ଦଙ୍କ ଶିଶୁ ସାହିତ୍ୟଗୁଡ଼ିକ କ'ଣ ?
ଉ : ପାଠସୋପାନ, ସାହିତ୍ୟ ସୋପାନ, ସାହିତ୍ୟ ବୋଧ, ପଞ୍ଚତନ୍ତ୍ର କାହାଣୀ ଓ ଆହେ ଦୟାମୟ ବିଶ୍ୱବିହାରୀ ।

୨୧ । 'ଝୁମୁକା' କବିତା ଗ୍ରନ୍ଥ କାହାର ?
ଉ : ରାମକୃଷ୍ଣ ନନ୍ଦ । (ଓ.ସା.ଏ.)

୨୨ । 'ଜ୍ଞାନମଣ୍ଡଳ' ଶିଶୁ ସାହିତ୍ୟର ରଚୟିତା କିଏ ?
ଉ : ବିନୋଦ କାନୁନ୍‌ଗୋ ।

୨୩ । 'ଛାତିକି ପଥର କରି' ପୁସ୍ତକ ପାଇଁ କିଏ ଏବଂ କେଉଁ ପୁରସ୍କାର ପାଇଛନ୍ତି ?
ଉ : ବିନୋଦ କାନୁନ୍‌ଗୋ (ଓ.ସା.ଏ.)

୨୪ । ଓଡ଼ିଆ ଭାଷାର ପ୍ରଥମ ଶିଶୁ ପତ୍ରିକାର ନାମ କ'ଣ ?
ଉ : ରେବାରାୟଙ୍କ ସଂପାଦିତ 'ପ୍ରଭାତ' ।

୨୫ । ଦ୍ୱିତୀୟ ଶିଶୁ ପତ୍ରିକାର ନାମ କ'ଣ ?
ଉ : ପଞ୍ଚାମୃତ ।

୨୬ । 'ଜହ୍ନମାମୁ'ର ଲେଖକ କିଏ ?
ଉ : ଉଦୟନାଥ ଷଡ଼ଙ୍ଗୀ ।

୨୭ । 'ଜହ୍ନମାମୁ' ପତ୍ରିକାର ସଂପାଦକ କିଏ ଥିଲେ ?
ଉ : ବାଳକୃଷ୍ଣ କର ।

୨୮ । 'ଭୂଇଁ ତଳେ ତଳେ' ଶିଶୁଗଳ୍ପ ସଂକଳନଟି କାହାର ?
ଉ : ଦୁର୍ଗାପ୍ରସାଦ ପଟ୍ଟନାୟକ । (ଓ.ସା.ଏ.)

୨୯ । ଟୁଆଁ ଟୁଇଙ୍କ ଘର, ତାଙ୍କ ନୂଆ ଘର, ତପନର ସପନ, ବାଘର ଚିଠି, ସିଂହର ଘର ଆଦି କାହାର ପୁସ୍ତକ ଅଟେ ?
ଉ : ଦୁର୍ଗାପ୍ରସାଦ ପଟ୍ଟନାୟକ ।

୩୦ । 'ମାର୍କପୋଲୋ' ଓ ଏପସ୍ କାଥା' କାହାର ଶିଶୁ ସାହିତ୍ୟ ?
ଉ : ଚିତ୍ତରଂଜନ ଦାସ ।

୩୧ । 'ମୋ ପେଁକାଳୀ ବଜାଇ ଦେ' ଶିଶୁ ପୁସ୍ତକଟି କାହାର ?
ଉ : ବିଦ୍ୟୁତ୍‌ପ୍ରଭା ଦେବୀ ।

୩୨ । 'ପଡୁଆ ହସି ହସି ଗଡୁଆ' ପୁସ୍ତକର ରଚୟିତା କିଏ ?
ଉ : ବିଦ୍ୟୁତ୍‌ପ୍ରଭା ଦେବୀ ।

୩୩ । 'ମୋତେ ଯେତେବେଳେ ଦଶବରଷ'
ଉ : ନନ୍ଦକିଶୋର ସାମଲ । (ଓ.ସା.ଏ.)

୩୪ । 'ବଜାରେ ବାଜା' ଶିଶୁ ଗଳ୍ପ ସଂକଳଟି କାହାର ?
ଉ : ରାମପ୍ରସାଦ ମହାନ୍ତି ।

୩୫ । 'କଳିଙ୍ଗ କାହାଣୀ' ଶିଶୁ ସାହିତ୍ୟିକ ଭାବେ କିଏ ଓ.ସା.ଏ. ଦ୍ୱାରା ପୁରସ୍କୃତ ?
ଉ : କନକ ମଞ୍ଜରୀ ମହାପାତ୍ର ।

୩୬ । 'ପିଲାଙ୍କ ସ୍ୱାସ୍ଥ୍ୟନୀତି' ଏବଂ 'ଶରୀର ବିଜ୍ଞାନ' ଆଦି ଶିଶୁ ପୁସ୍ତକ କାହାର ?
ଉ : ବିକ୍ରମ ଦାସ ।

Scanned with CamScanner

୩୭ । 'ମନଲାଖି ଗୀତ ଓ ଗପ' ପୁସ୍ତକଟି କାହାର ?
ଉ : ଗୋବିନ୍ଦ ଚରଣ ପାତ୍ର ।

୩୮ । କୃଷ୍ଣଚରଣ ପଟ୍ଟନାୟକଙ୍କ ଶିଶୁ ନାଟକଗୁଡ଼ିକ କ'ଣ ?
ଉ : ବାଘମାମୁ, ସ୍ୱର୍ଗପୁରରେ ଦିନେ, ଯମପୁରରେ ଦିନେ, ପିଲାଙ୍କନାଟକ ଇତ୍ୟାଦି ।

୩୯ । ପିଲାଙ୍କ ସଂକଳନସ୍ଥ 'ବଣଭୋଜି' ପାଇଁ କିଏ ଓ.ସା.ଏ. ପୁରସ୍କାର ଲାଭ କରିଛନ୍ତି ?
ଉ : କୃଷ୍ଣଚରଣ ପଟ୍ଟନାୟକ ।

୪୦ । 'ବଣରାଇଜର କଥା' କାହାର ପୁସ୍ତକ ?
ଉ : ନରସିଂହ ପ୍ରସାଦ ।

୪୧ । 'ଠେକୁ ମହାରାଜା', 'ସପନ ଗୁଡ଼ି' ଆଦି କାହାର ଶିଶୁ ସାହିତ୍ୟ ଅଟେ ?
ଉ : ନଦୀୟା ବିହାରୀ ମହାନ୍ତି ।

୪୨ । 'ଗପୁଡ଼ି ଓ ପକୁଡ଼ି' ଶିଶୁ ଉପନ୍ୟାସ ପାଇଁ କିଏ ଓ.ସା.ଏ. ଦ୍ୱାରା ପୁରସ୍କୃତ ହୋଇଛନ୍ତି ?
ଉ : ନଦୀୟା ବିହାରୀ ମହାନ୍ତି ।

୪୩ । 'ଆମଖେଳନା'(ଓ.ସା.ଏ.) ପୁସ୍ତକର ରଚୟିତା ?
ଉ : ନିକୁଞ୍ଜ କିଶୋର କାନୁନ୍‌ଗୋ ।

୪୪ । 'ଟିକିପରୀ' ଶିଶୁରଚନା ପାଇଁ କିଏ ଓ.ସା.ଏ. ଦ୍ୱାରା ପୁରସ୍କାର ଲାଭ କରିଛନ୍ତି ?
ଉ : ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂହ ।

୪୫ । 'ବଣ ରାଇଜର କଥା' ପୁସ୍ତକର ରଚୟିତା କିଏ ?
ଉ : ମନୋରମା ମହାପାତ୍ର ।

୪୬ । ମନୋଜ ଦାସଙ୍କ ଶିଶୁ ପୁସ୍ତକର ନାମ କ'ଣ ?
ଉ : 'ଦୂରଦେଶର କାହାଣୀ', 'କନକ ଉପତ୍ୟକାର କାହାଣୀ' ।

୪୭ । ବୀରକିଶୋର ପାଢ଼ୀଙ୍କ ଶିଶୁରଚନାର ନାମ କ'ଣ ?
ଉ : 'ମୋ ମିତ ମୋ ଗୀତ' (ଓଡ଼ିଶା ସାହିତ୍ୟ ଏକାଡେମୀ)

୪୮ । 'ଝୁଲରେ ହାତୀ ଝୁଲ' କାହାର ରଚନା ?
ଉ : ସ୍ନେହଲତା ମହାନ୍ତି ।

୪୯ । 'ମୋ କୁନି କବିତା ପାଇଁ' କିଏ ଓ.ସା.ଏ ଦ୍ୱାରା ପୁରସ୍କୃତ ହୋଇଛନ୍ତି ?
ଉ : ବଟକୃଷ୍ଣ ଓଝା ।

୫୦ । 'ଆଲୋ ନିଦ ମାଉସୀ ଆ' ଏବଂ 'ଦେଖ କଇଁଛ କାଢ଼ିଚି ବେକ' ଆଦି ଶିଶୁ ଗ୍ରନ୍ଥର ରଚୟିତା ?
ଉ : ମଙ୍ଗୁଳୁଚରଣ ବିଶ୍ୱାଳ ।

୫୧ । କିଏ 'ଆଲୁଅର କୁହୁକ ଓ ଶବଦର ଲୁଚକାଳି' ପୁସ୍ତକ ପାଇଁ ଓ.ସା.ଏ. ପୁରସ୍କାର ଲାଭ କରିଛନ୍ତି ?
ଉ : ଜଗନ୍ନାଥ ମହାନ୍ତି ।

୫୨ । ବସି ଖାଇଲେ ନଈ ବାଲି ସରେ, ଦେଶ ରହିଲେ ଆମେ ରହିବା, ବୈକୁଣ୍ଠ ସମାନ ଆହା ଏହି ଘର, ଆଦି ଶିଶୁ ସାହିତ୍ୟର ରଚୟିତା କିଏ ?
ଉ : ବୈଷ୍ଣବ ଚରଣ ସାମଲ ।

୫୩ । ପୁଣ୍ୟପ୍ରଭା ଦେବୀଙ୍କର ଶିଶୁ ରଚନାଗୁଡ଼ିକ କ'ଣ ?
ଉ : କାଳିଆ ବଳଦଗଲା, କୁନି ଗୁଇନ୍ଦା, ଶିଶୁ ସୈନିକ ।

୫୪ । 'କୁନି ଗୋଇନ୍ଦା' ପାଇଁ ପୁଣ୍ୟପ୍ରଭା ଦେବୀ କେଉଁ ପୁରସ୍କାର ଲାଭ କରିଛନ୍ତି ?
ଉ : କେନ୍ଦ୍ର ସାହିତ୍ୟ ଏକାଡେମୀ ଶିଶୁ ସାହିତ୍ୟ ପୁରସ୍କାର ।

୫୫ । 'ମନ ହୁଏ ମୋର ହେବାକୁ ମୀନା' ପୁସ୍ତକର ରଚୟିତା କିଏ ?
ଉ : କ୍ଷୀରେଦ ଚନ୍ଦ୍ର ପୋଥାଳ ।

୫୬ । ପ୍ରମିଳା ନାୟକଙ୍କ ଶିଶୁ ସାହିତ୍ୟର ନାମ ?
ଉ : ନାଲି ସୂରୁଯ ବୁଣେ ମୁରୁଜ (ଓ.ସା.ଏ.) ।

୫୭ । 'ଚୁନି ଚୁନି ସୁନା ଫୁଲ' ପୁସ୍ତକ ପାଇଁ କିଏ କେଉଁ ପୁରସ୍କାର ପାଇଛନ୍ତି ?
